


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-60 ◆SUNDAY ◆24 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୬୦ ◆ରବିବାର ◆୨୪ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ଜବାବୀ ଶୁଳ୍କକୁ ନେଇ ବଢ଼ୁଛି ଦ୍ୱନ୍ଦ୍ୱ

# ଆମେରିକାକୁ ଡାକ ସେବା ବନ୍ଦ




### ଭାରତ ସମେତ ଅନେକ ୟୁରୋପୀୟ ଦେଶ ବନ୍ଦ କଲେ ସେବା

### ସାମିଲ ହେବାକୁ ଧମକ ଦେଲେ ୫୧ ୟୁରୋପୀୟ ସଂସ୍ଥା

### ଗୁରୁତର ଭାବେ ପ୍ରଭାବିତ ହେବ କୋରିୟର ସେବା

■ **ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି):** ଜବାବୀ ଶୁଳ୍କକୁ ନେଇ ଆମେରିକା ଏବଂ ଭାରତ ମଧ୍ୟରେ ତିକ୍ତତା ଦେଖାଦେଇଛି । ଆସନ୍ତା ୨୯ ତାରିଖରୁ ଭାରତ ସମେତ ଅନ୍ୟ କେତେକ ଦେଶରୁ ଆମେରିକା ଯାଉଥିବା ସାମଗ୍ରୀ ଉପରେ ଅଧିକ ଶୁଳ୍କ ଲାଗୁ ହେବ । ଏଥିରେ ଡାକ ସେବା ଏବଂ କୋରିୟର ସେବାକୁ ସାମିଲ କରାଯାଇଛି । ତେବେ କେଉଁ ସାମଗ୍ରୀ ଉପରେ କେତେ ଶୁଳ୍କ ଲାଗୁହେବ, ତାହାକୁ ନେଇ ଦ୍ୱନ୍ଦ୍ୱ ବଢ଼ିବାରେ ଲାଗିଛି । ଆମେରିକା ପ୍ରଶାସନ ଏହାକୁ ନେଇ ଚୁପ୍ ରହିଥିବାରୁ ପରିସ୍ଥିତି ଜଟିଳ ହେବାରେ ଲାଗିଛି । ଫଳରେ ଆସନ୍ତା ୨୫ ତାରିଖରୁ ଆମେରିକାକୁ ଡାକ ସେବା ବନ୍ଦ କରିବା ପାଇଁ ଭାରତ ସରକାର ଘୋଷଣା କରିଛନ୍ତି । କେବଳ ଭାରତ ନୁହେଁ; ବ୍ରିଟେନ, ବେଲଜିୟମ, ଇଟାଲି, ଜର୍ମାନୀ, ଫ୍ରାନ୍ସ ଭଳି ୟୁରୋପୀୟ ରାଷ୍ଟ୍ର ମଧ୍ୟ ଆମେରିକାକୁ ଡାକ ସେବା ବନ୍ଦ କରୁଥିବା ନେଇ ସୂଚନା ଦେଇଛନ୍ତି । ଫଳରେ ପରିସ୍ଥିତି ସ୍ପଷ୍ଟ ନହେବା ପର୍ଯ୍ୟନ୍ତ ଆମେରିକୁ ଡାକ ସେବା ଗୁରୁତର ଭାବେ ପ୍ରଭାବିତ ହେବାକୁ ଯାଉଛି । ଏଭଳି ଅବସ୍ଥା ଆଗରୁ କେବେ ଦେଖିବାକୁ ମିଳିନଥିଲା ।

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପକ୍ଷରୁ ନୂଆ ନିୟମ ଘୋଷଣା ହେବା ପରେ ଭାରତ ସରକାର ଆମେରିକାକୁ ଅସ୍ଥାୟୀ ଭାବେ ଡାକ ସେବା ବନ୍ଦ କରିଦେଇଛନ୍ତି । ୨୫ ତାରିଖରୁ ଡାକ ମାଧ୍ୟମରେ ଆମେରିକାକୁ ଯାଉଥିବା ସାମଗ୍ରୀ ବୁକିଂ ଉପରେ କଟକଣା ଲଗାଇଛି ଡାକ ବିଭାଗ । ତେବେ ଚିଠି, ପୁସ୍ତକ, ଛୋଟ ପାର୍ସଲ ଓ ଶହେ ଡଲାର ପର୍ଯ୍ୟନ୍ତ ମୂଲ୍ୟର ଉପହାରକୁ ଏଥିରୁ ବାଦ୍ ଦିଆଯାଇଛି । ଡାକ ବିଭାଗ ପକ୍ଷରୁ ଜାରି ବିବୃତି ଅନୁଯାୟୀ ଅନ୍ତର୍ଜାତୀୟ ଡାକ ନେଟୱର୍କ ଦ୍ୱାରା ମାଲ୍ ପହଞ୍ଚାଉ ଥିବା ଗାଡ଼ି କିମ୍ବା ଆମେରିକା ସୀମା ଶୁଳ୍କ ଏବଂ ସୀମା ସୁରକ୍ଷା (ସିବିପି) ଦ୍ୱାରା ଅନୁମୋଦନ ହୋଇଥିବା ଅନ୍ୟ 'ଯୋଗ୍ୟ ପକ୍ଷ'ଙ୍କୁ ଡାକ ସିପ୍‌ମେଣ୍ଟ ଉପରେ ଶୁଳ୍କ ଆଦାୟ କରାଯିବ । ତେବେ ଏ ପର୍ଯ୍ୟନ୍ତ ଯୋଗ୍ୟ ପକ୍ଷ କିଏ ହେବ ତାହାକୁ ନେଇ ସ୍ଥିତି ସ୍ପଷ୍ଟ ହୋଇନାହିଁ । ଭାରତୀୟ ଡାକ ବିଭାଗ ପରିସ୍ଥିତି ଉପରେ ତୀକ୍ଷଣ ନଜର ରଖିଛି । ଯଥାଶୀଘ୍ର ସେବାକୁ ସ୍ୱାଭାବିକ କରିବା ପାଇଁ ପ୍ରୟାସ କରାଯାଉଥିବା କୁହାଯାଇଛି । ଯେଉଁ ଗ୍ରାହକ ପୂର୍ବରୁ ଏଭଳି ସାମଗ୍ରୀ ବୁକ୍ କରି ସାରିଛନ୍ତି କିମ୍ବା ଆମେରିକା ପଠାଇ ପାରିନାହାନ୍ତି, ସେମାନେ ଶୁଳ୍କ ଫେରାଇ ନେଇପାରିବେ ବୋଲି କୁହାଯାଇଛି ।

ଏବେ ଶହେ ଡଲାର ଅର୍ଥାତ୍ ପ୍ରାୟ ୮,୭୦୦ ଟଙ୍କା ମୂଲ୍ୟ ଉପହାର ଉପରେ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ । ପୂର୍ବରୁ ଏହି ସୀମା ୮୦୦ ଡଲାର ଅର୍ଥାତ୍ ୭୦ ହଜାର ଟଙ୍କା ଥିଲା । ଡାକ ବିଭାଗ ଏହା ଉପରେ ଅସ୍ଥାୟୀ କଟକଣା ଲଗାଇ ଥିଲେ ବି ଏହା କେତେ ଦିନ ପର୍ଯ୍ୟନ୍ତ ଜାରି ରହିବ ତାହା ସ୍ପଷ୍ଟ କରିନାହିଁ । ସିବିପି ଏବଂ ୟୁନାଇଟେଡ ଷ୍ଟେଟସ୍ ପୋର୍ଟାଲ ସର୍ଭିସେସ (ୟୁଏସପିଏସ) ସହ ମିଶି ଏହି ସମସ୍ୟାର ସମାଧାନ କରିବାକୁ ପ୍ରୟାସ କରାଯାଉଛି ବୋଲି ଡାକ ବିଭାଗ ପକ୍ଷରୁ କୁହାଯାଇଛି ।

ଅନ୍ୟପକ୍ଷରେ ଭାରତ ଭଳି ଅନେକ ଦେଶ ମଧ୍ୟ ସମାନ ପଦକ୍ଷେପ ନେଉଛନ୍ତି । ଏଥିରେ ପ୍ରାୟ ସମସ୍ତ ୟୁରୋପୀୟ ଦେଶ ରହିଛନ୍ତି । ସେମାନଙ୍କ ମଧ୍ୟରେ ରହିଛନ୍ତି ବ୍ରିଟେନ, ଜର୍ମାନୀ, ଫ୍ରାନ୍ସ, ଅଷ୍ଟ୍ରିଆ, ବେଲଜିୟମ, ଇଟାଲୀ, ଡେନମାର୍କ ଓ ସୁଇଡେନ । ଏହାସହିତ ୫୧ଟି ୟୁରୋପୀୟ ଡାକସେବା ସଂସ୍ଥାକୁ ନେଇ ଗଠିତ ପୋଷ୍ଟୟୁରୋପ ମଧ୍ୟ ଧମକ ଦେଇଛି ଯେ ଆସନ୍ତା ୨୮ ତାରିଖ ସୁଦ୍ଧା ସମସ୍ୟାର ସମାଧାନ କରାନଗଲେ ଏହା ମଧ୍ୟ ଆମେରିକାକୁ ସମସ୍ତ ଡାକ ସେବା ବନ୍ଦ କରିଦେବ । ▸ପୃଷ୍ଠା-୭

# ନବୀନ ନିବାସରେ ମୋହନ

## ନବୀନଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ମୁଖ୍ୟମନ୍ତ୍ରୀ



### ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା

■ **ଭୁବନେଶ୍ୱର, ୨୩।୮ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନଙ୍କ ସୁସ୍ଥତା କାମନା କରିବା ସହିତ 'ଆପଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା କିପରି ଅଛି' ବୋଲି ପଚାରିଥିଲେ । ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ଉତ୍ତରରେ 'ମୁଁ ସୁସ୍ଥ ଅନୁଭବ କରୁଛି' ବୋଲି କହିଥିଲେ । ଉଭୟ ନେତାଙ୍କ ମଧ୍ୟରେ ପ୍ରାୟ ୧୦ ମିନିଟ ଧରି ଆଲୋଚନା ହୋଇଥିଲା । ମୁଖ୍ୟମନ୍ତ୍ରୀ ମହାପ୍ରଭୁଙ୍କ ନିକଟରେ ନବୀନଙ୍କ ନିରାମୟ ଜୀବନ କାମନା କରିବା ସହ ଆଗାମୀ ବିଧାନସଭା ଅଧିବେଶନ ଯେପରି ସୁରୁଖୁରୁରେ ପରିଚାଳିତ ହେବ, ସେଥିନେଇ ସହଯୋଗ ଲୋଡ଼ିଥିଲେ । ସୂଚନାଯୋଗ୍ୟ ଯେ ଗତ ୧୭ ତାରିଖରେ ଅତ୍ୟଧିକ 'ଡିହାଇଡ୍ରେସନ' କାରଣରୁ ବିରୋଧୀ ଦଳ ନେତା ▸ପୃଷ୍ଠା-୭

**ଅନଲାଇନ୍ ବେଟିଂ**

## କର୍ଣ୍ଣାଟକ ବିଧାୟକ ଗିରଫ



### ୧୨ କୋଟି ନଗଦ ଟଙ୍କା, ୬ କୋଟିର ଗହଣା ଜବତ

■ **ବେଙ୍ଗାଲୁରୁ, ୨୩।୮ (ଏଜେନ୍ସି):** ଅନ୍‌ଲାଇନ୍ ବେଟିଂ ତଥା ଜୁଆକୁ ବ୍ୟାନ୍ କରାଯିବାର ୨୪ ଘଣ୍ଟା ଭିତ।ରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) । ଏହାର ପ୍ରଥମ ଶିକାର ହୋଇଛନ୍ତି କର୍ଣ୍ଣାଟକର କଂଗ୍ରେସ ବିଧାୟକ କେସି ବୀରେନ୍ଦ୍ର । ତାଙ୍କୁ ସିକ୍କିମରୁ ଗିରଫ କରାଯାଇଛି । ବୀରେନ୍ଦ୍ରଙ୍କ ବିଭିନ୍ନ ଠିକଣା ଉପରେ ଚଢ଼ଉ କରିଛି ଇଡି । ଚଢ଼ଉ ବେଳେ ନଗଦ ୧୨ କୋଟି ଟଙ୍କା, ୬ କୋଟି ଟଙ୍କାର ସୁନା ଗହଣା ଜବତ କରାଯାଇଛି । କେବଳ ସେତିକି ନୁହେଁ; ଏକ କୋଟି ଟଙ୍କାର ବିଦେଶୀ ମୁଦ୍ରା ଓ ୪ଟି ଗାଡି ମଧ୍ୟ ଜବତ କରିଛି ।

ବୀରେନ୍ଦ୍ରଙ୍କ ଗ୍ୟାଙ୍ଗଟକ, ଚିତ୍ରଦୁର୍ଗ, ବେଙ୍ଗାଲୁରୁ, ହୁବଲି, ଯୋଧପୁର, ମୁମ୍ବଇ ଓ ଗୋଆର ଠିକଣା ଉପରେ ଚଢଉ କରାଯାଇଛି । ତାଙ୍କର ୫ଟି କାସିନୋ ଉପରେ ମଧ୍ୟ ଚଢ଼ଉ କରାଯାଇଥିବା ଜଣାପଡ଼ିଛି । ବୀରେନ୍ଦ୍ର କର୍ଣ୍ଣାଟକର ଚିତ୍ରଦୁର୍ଗରୁ ବିଧାୟକ ରହିଛନ୍ତି । ଗୋଆରେ ତାଙ୍କର କ୍ୟାସିନୋ କାରବାର ମଧ୍ୟ ରହିଛି ବୋଲି କୁହାଯାଉଛି । ତାଙ୍କର ୧୭ଟି ବ୍ୟାଙ୍କ ଖାତା ଓ ଦୁଇଟି ବ୍ୟାଙ୍କ ଲକରକୁ ସିଜ୍ କରିଦିଆଯାଇଛି । ଏଥିସହ ତାଙ୍କ ଭାଇଙ୍କ ବାସଭବନରୁ ବହୁ କାଗଜପତ୍ର ମଧ୍ୟ ଜବତ କରାଯାଇଛି । ତାଙ୍କ ଭାଇ କେସି ଥିପ୍ପେସ୍ୱାମୀ ଦୁବାଇରେ ଡାଇମଣ୍ଡ ସଫ୍ଟଟେକ, ଟିଆରଏସ୍ ଟେକ୍ନୋଲୋଜିସ, ପ୍ରାଇମ୯ ଟେକ୍ନୋଲୋଜିସ ଭଳି କମ୍ପାନୀ ▸ପୃଷ୍ଠା-୭

### ୩,୦୭୩ କୋଟିର ଋଣ ଠକେଇ

## ଅନିଲ ଅମ୍ବାନୀଙ୍କ ଘରେ ସିବିଆଇ ଚଢ଼ଉ

■ **ମୁମ୍ବଇ, ୨୩।୮ (ଏଜେନ୍ସି):** ଶିଳ୍ପପତି ଅନିଲ ଅମ୍ବାନୀଙ୍କ ସମସ୍ୟା ବଢ଼ିବାରେ ଲାଗିଛି । ୩,୦୭୩ କୋଟି ଟଙ୍କାର ବ୍ୟାଙ୍କ ଠକେଇ ମାମଲାରେ ସିବିଆଇ ଶନିବାର ସକାଳେ ଅନିଲଙ୍କ ମୁମ୍ବଇର ସିଁଓ୍ୱଣ୍ଡ ସ୍ଥିତ ବାସଭବନରେ ଚଢ଼ଉ କରିଛି । ସୂଚନା ଅନୁଯାୟୀ ସକାଳ ୭ଟାରେ ସିବିଆଇର ୭ରୁ ୮ ଅଧିକାରୀ ଶିଳ୍ପପତିଙ୍କ ଘରେ ପହଞ୍ଚିଥିଲେ । ଅନିଲ ଏବଂ ଅନ୍ୟ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଅଧିକାରୀ ଘରର ତଲାସୀ ନେଇଥିଲେ । ବ୍ୟାଙ୍କ ଜାଲିଆତି ନେଇ ଦିଲ୍ଲୀରେ ଏସ୍‌ବିଆଇ ପକ୍ଷରୁ ଅମ୍ବାନୀ ଏବଂ ତାଙ୍କର ରିଲାଏନ୍ସ ଇନଫୋକମ୍ ▸ପୃଷ୍ଠା-୭

**ଲଘୁଚାପ ସକ୍ରିୟ**

# ବର୍ଷାରେ ଭିଜିବ ପହିଲି ପାର୍ବଣ

### ୨୭ ଯାଏଁ ରାଜ୍ୟବ୍ୟାପୀ ବର୍ଷା

### ଆଜି ୪ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି

■ **ଭୁବନେଶ୍ୱର, ୨୩।୮ (ସମିସ):** ରାଜ୍ୟର ବିଭିନ୍ନ ଭାଗରେ ଗତ କିଛିଦିନ ଧରି ଲଗାଣ ବର୍ଷା ଜାରି ରହିଥିବା ବେଳେ ଏହା ପହିଲି ପାର୍ବଣକୁ ଫିକା କରିପାରେ । ଆଗାମୀ ୪ ଦିନ ଧରି ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ପହିଲି ପାର୍ବଣ ଗଣେଶ ପୂଜା ଫିକା ପଡ଼ିବା ନେଇ ଆଶଙ୍କା ଦେଖାଦେଇଛି । ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଓ ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସକ୍ରିୟ ରହିବା କାରଣରୁ ଆଗାମୀ ୨୭ ତାରିଖ ଯାଏଁ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ପ୍ରଦାନ କରାଯାଇଛି ।

ଏହି ଲଘୁଚାପ କ୍ଷେତ୍ର ଆଗାମୀ ୨୪ ଘଣ୍ଟାରେ ଉତ୍ତର ପଶ୍ଚିମ ଦିଗ ସହ ଝାଡଖଣ୍ଡ ଦେଇ ଗତି କରିବାର ସମ୍ଭାବନା ରହିଛି । ଫଳସ୍ୱରୂପ ରବିବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ ଓ ଝାରସୁଗୁଡାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଉପରୋକ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣି ଜାରି କରାଯାଇଛି । ଏହାବ୍ୟତୀତ ▸ପୃଷ୍ଠା-୭

# ସୁବର୍ଣ୍ଣରେଖାରେ ପୁଣି ବନ୍ୟା ଆଶଙ୍କା

### ଝାଡ଼ଖଣ୍ଡର ଗାଲୁଡିହି ବ୍ୟାରେଜ ଖୋଲିଲା ୧୩ ଫାଟକ

■ **ବାଲେଶ୍ୱର, ୨୩।୮ (ସମିସ):** ଲଘୁଚାପ ଯୋଗୁଁ ସୁବର୍ଣ୍ଣରେଖାର ଉପରମୁଣ୍ଡ ତଥା ଝାଡ଼ଖଣ୍ଡର ଛୋଟନାଗପୁର ମାଳଭୂମିରେ ପ୍ରବଳ ବର୍ଷା ଜାରି ରହିଛି । ଏହାକୁ ଦୃଷ୍ଟିରେ ରଖି ଗାଲୁଡିହି ବ୍ୟାରେଜ୍‌ର ୧୩ଟି ଫାଟକ ଖୋଲି ଦିଆଯାଇଛି । ଫଳରେ ଉପରମୁଣ୍ଡରୁ ଘଣ୍ଟାପ୍ରତି ୫୪୨୮.୫୬ କ୍ୟୁସେକ୍ ପାଣି ମାଡ଼ି ଆସୁଛି । ଏହାଦ୍ୱାରା ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ଥିବା ବିଭିନ୍ନ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇଛି । ବିଶେଷକରି ସୁବର୍ଣ୍ଣରେଖାରେ ଜଳସ୍ତର ବଢ଼ି ଚଳିତବର୍ଷ ଷଷ୍ଠଥର ପାଇଁ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି । ଅପରପକ୍ଷେ, ବାଲେଶ୍ୱର ଜିଲ୍ଲାରେ ତିନିଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ଜାରି ରହିଛି । ଫଳରେ ଜିଲ୍ଲାରେ ଥିବା ତିନୋଟି ପ୍ରମୁଖ ନଦୀ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଏବଂ ଜଳକା ନଦୀର ଜଳସ୍ତର ବୃଦ୍ଧି ▸ପୃଷ୍ଠା-୭

# ପୁଣି ୮ ଫାଟକ ଖୋଲିଲା ହୀରାକୁଦ

### ପ୍ରବେଶ କରୁଛି ୨,୧୩,୧୩୫ ଘନଫୁଟ ଜଳ

■ **ସମ୍ବଲପୁର, ୨୩।୮ (ସମିସ):** ହୀରାକୁଦ ଜଳଭଣ୍ଡାରର ଉପର ଓ ତଳମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଜଳଭଣ୍ଡାରକୁ ପ୍ରବେଶ କରୁଥିବା ବନ୍ୟାଜଳ ପରିମାଣ ବୃଦ୍ଧି ପାଇଛି । ହୀରାକୁଦର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ । ଜଳ ପରିଚାଳନା ସକାଶେ ଆଜି ପୂର୍ବାହ୍ଣ ପ୍ରାୟ ୧୦ଟା ସମୟରେ ପୁଣିଥରେ ଜଳଭଣ୍ଡାରର ବାମ ପାଶ୍ୱର୍ର ୩ଟି ଓ ଡାହାଣ ପାଶ୍ୱର୍ର ଗୋଟିଏ ଏହିପରି ମୋଟ ୪ଟି ସ୍ଲୁଇସ୍ ଗେଟ୍ ଖୋଲି ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଛି । ଏହି ସମୟରେ ହୀରାକୁଦ ଜଳସ୍ତର ୬୨୦.୪୦ ଫୁଟ୍ ରହିଥିଲା । ଉଲ୍ଲେଖଯୋଗ୍ୟ ଯେ ଗତ ଜୁଲାଇ ୬ ତାରିଖ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ କରାଯାଇଥିବା ▸ପୃଷ୍ଠା-୭

## ମାରିଜୁଆନା ପାଇଁ ଭୁବନେଶ୍ୱର ନିରାପଦ!

### ବିମାନବନ୍ଦରରୁ ଆଉ ୪ କୋଟିର ମାରିଜୁଆନା ଜବତ

### ପ୍ରେମୀ ଯୁଗଳ ଗିରଫ, ବ୍ୟାଙ୍କକ୍‌ରୁ ଆସିଥିଲେ

### ଧରାପଡିଲାଣି ୫୦ କୋଟିର ବିଦେଶୀ ଡ୍ରଗ୍ସ



■ **ଭୁବନେଶ୍ୱର, ୨୩।୮ (ସମିସ):** ପୁଣି ଭୁବନେଶ୍ୱର ବିମାନବନ୍ଦରରୁ ଜବତ ହେଲା ୪କୋଟିର ମାରିଜୁଆନା । ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଆସିଲା ବେଳେ ଧରିଲା କଷ୍ଟମ ବିଭାଗ । ମାରିଜୁଆନା ଚାଲାଣ କରୁଥିବା ବେଳେ ଧରାପଡ଼ିଛନ୍ତି ପଞ୍ଜାବର ପ୍ରେମୀ ଯୁଗଳ । ସେମାନଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି । ଏହାପୂର୍ବରୁ ସେମାନେ ଏକାଧିକ ଥର ଏୟାରପୋର୍ଟ ଦେଇ ମାରିଜୁଆନା ଭୁବନେଶ୍ୱରକୁ ଆଣିଥିବା କହିଛନ୍ତି । ଭୁବନେଶ୍ୱର ବିମାନବନ୍ଦରରେ କଡ଼ା ଯାଞ୍ଚ ▸ପୃଷ୍ଠା-୭






**୭ ଲକ୍ଷର ଫସଲ ବୀମା**

# ୩୦ ହଜାର ପ୍ରିମିୟମ; ଚାଷୀ ପାଇଲେ ୧୨୭୪

■ **ଭୋପାଳ, ୨୩।୮ (ଏଜେନ୍ସି):** ଫସଲ କ୍ଷତିରୁ ଚାଷୀଙ୍କୁ ସୁରକ୍ଷା ଦେବା ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଣାଯାଇଥିବା ସରକାର ଦାବି କରୁଛନ୍ତି । ମାତ୍ର ଏହାର ପ୍ରକୃତ ଲାଭ ଚାଷୀଙ୍କୁ ମିଳିପାରୁନାହିଁ । କିନ୍ତୁ ଚାଷୀ ଯେଉଁ ଅର୍ଥ ଦେଇ ଫସଲ ବୀମା କରାଉଛନ୍ତି ସେଥିରେ ବୀମା କମ୍ପାନୀ ଲାଭାନ୍ୱିତ ହେଉଛନ୍ତି । ଧର୍ମକୁ ଆଖିଠାରୁ ଭଳି ଫସଲ କ୍ଷତିର କ୍ଷତିପୂରଣ ନାମରେ ଠକି ଦିଆଯାଇଛି ବୋଲି ଖୋଦ୍ ଚାଷୀ ଅଭିଯୋଗ କହୁଛନ୍ତି ।

ମଧ୍ୟପ୍ରଦେଶ ଖଣ୍ଡୱାରୁ ଏଭଳି ଏକ ମାମଲା ସାମ୍ନାକୁ ଆସିଛି । ଗତ ବର୍ଷ ଚାଷୀ ରାଜେନ୍ଦ୍ର ପ୍ରଜାପତି ୨୧ ଏକରରେ ସୋୟାବିନ ଚାଷ କରିଥିଲେ । ମାତ୍ର ଏହି ଫସଲ ଖରାପ ହୋଇ ଯାଇଥିଲା । ମରୁଡି ଯୋଗୁଁ ଗୋଟିଏ ଦାନା ବି ତାଙ୍କୁ ମିଳିପାରି ନ ଥିଲା । ଫସଲ ବୀମା କରିବାକୁ ସେ ନିଜ ହାତରୁ ୬ ହଜାର ଟଙ୍କାର ପ୍ରିମିୟମ ଦେଇଥିଲେ । କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଅଂଶକୁ ମିଶାଇ ପ୍ରିମିୟମ ମୋଟ ୩୦ ହଜାର ଟଙ୍କା ହୋଇ ଯାଇଥିଲା । ୭ ଲକ୍ଷରୁ ଅଧିକ ଟଙ୍କାର ଫସଲ ବରବାଦ ହେବା ପରେ ବୀମା ପାଇଁ ଦାବି କରାଯାଇଥିଲା । ମାତ୍ର ଏବେ ସରକାର କ୍ଲେମ କରାଇବାରୁ ବୀମା କମ୍ପାନୀ କେବଳ ୧୨୭୪ ଟଙ୍କା ପ୍ରଦାନ କରିଛି । ବୀମା କମ୍ପାନୀ ଘା'ରେ ମଲମ ଲଗାଇବା ପରିବର୍ତ୍ତେ ଅଧିକ ଦୁଃଖ ଦେଇଛି । ତେଣୁ ବୀମାରାଶିକୁ ଡିଡି କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପଠାଇବି ବୋଲି ଚାଷୀ କହିଛନ୍ତି ।

ରାଜେନ୍ଦ୍ରଙ୍କ ସୂଚନା ଅନୁଯାୟୀ ସରକାର ଏବଂ ବୀମା କମ୍ପାନୀ କ୍ଲେମ ବାବଦ ଅର୍ଥ ଦେଇ



ଖରିଫ ଋତୁରେ ଫସଲ କ୍ଷତି ହୋଇଛି ବୋଲି ସ୍ୱୀକାର କରିଛନ୍ତି । କ୍ଲେମ ବାବଦକୁ ୧୨୭୪ ଟଙ୍କା କେମିତି ହେଲା ତାହାର ଗଣିତ ବୁଝା ପଡୁନାହିଁ । ପ୍ରିମିୟମ ବାବଦକୁ ଏହାର ୫ ଗୁଣା ରାଶି ପ୍ରଦାନ କରିଛି । ଅଂଶଧନ ବାବଦକୁ କେନ୍ଦ୍ର ଏବଂ ରାଜ୍ୟ ସରକାର ଚାରି ଗୁଣା ଲେଖାଏଁ ରାଶି ପ୍ରଦାନ କରିଛନ୍ତି । ରାଜେନ୍ଦ୍ର କହିଛନ୍ତି ଯେ ସହରଠୁ ୧୫ କିମି ଦୂର ମୋରଦଡ଼ରେ ତାଙ୍କ ୨୫ ଏକର ପୈତୃକ ଜମି ରହିଛି । ସେ ଏଥିରୁ ୨୧ ଏକରରେ ସୋୟାବିନ ଲଗାଇଥିଲେ । କିନ୍ତୁ ବର୍ଷା ନ ହେବାରୁ ଫସଲ ନଷ୍ଟ ହୋଇଥିଲା । ବୀମା କମ୍ପାନୀର ସର୍ଭେୟର ମଧ୍ୟ ଖେତକୁ ବୁଲି ଦେଖିଥିଲେ । ଏକର ପିଛା ୭ କ୍ୱିଣ୍ଟାଲ ହିସାବରେ ମୋଟ ୧୪୦ କ୍ୱିଣ୍ଟାଲ ସୋୟାବିନ ହେବ ବୋଲି ଆକଳନ କରିଥିଲେ । ସେ ସମୟରେ ବଜାରରେ ଏହାର ମୂଲ୍ୟ କ୍ୱିଣ୍ଟାଲ ପିଛା ୫ ହଜାର ଟଙ୍କା ଥିଲା । ଏହି ହିସାବରେ ଫସଲ ମୂଲ୍ୟ ୭ ଲକ୍ଷ ଟଙ୍କା ▸ପୃଷ୍ଠା-୭

ସକାଳ THE SAKALA



www.sakalaepaper.com

### କେବେ ଦୂର ହେବ ପାଣି ନିଷ୍କାସନ ସମସ୍ୟା

# ସାମାନ୍ୟ ବର୍ଷାରେ ଉବୁଟୁବୁ ହେଉଛି ପଟ୍ଟାମୁଣ୍ଡାଇ ସହର

ପଟ୍ଟାମୁଣ୍ଡାଇ,୨୩।୮ (ସମିସ)



କେବେ ଦୂର ହେବ ପଟ୍ଟାମୁଣ୍ଡାଇ ସହରର ପାଣି ନିଷ୍କାସନ ସମସ୍ୟା। ସାମାନ୍ୟ ବର୍ଷାରେ ସହର ଉବୁଟୁବୁ ହେଉଥିବାବେଳେ ସାଧାରଣ ଜୀବନ ଯାତ୍ରା ବ୍ୟାହତ ହେଉଛି। ସାମାନ୍ୟ ବର୍ଷାରେ ବିଭିନ୍ନ ସାହି ବସ୍ତିରେ ବର୍ଷାପାଣି ଲହଡି ଭାଙ୍ଗୁଥିବାବେଳେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଗତ ଚାରିଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ପରିସ୍ଥିତିକୁ ବେହାଲ କରିଛି। ପଟ୍ଟାମୁଣ୍ଡାଇକୁ ସହରାଞ୍ଚଳ ଘୋଷଣା ହେବାର ୩୬ ବର୍ଷ ଅତିକ୍ରାନ୍ତ ହେବା ପରେ ମଧ୍ୟ ସହରର ମୁଖ୍ୟ ପାଣି ନିଷ୍କାସନ ସମସ୍ୟା ସମାଧାନ ହୋଇପାରିନାହିଁ। ସହରରୁ ଉଦବୃତ୍ତ ବର୍ଷାଜଳ ନିଷ୍କାସନ ହେବା ବ୍ୟବସ୍ଥା କରାଯାଇପାରି ନ ଥିବାରୁ ପରିସ୍ଥିତି ସଙ୍ଗିନ ହୋଇଛି। ସହରରୁ ପାଣି ନିଷ୍କାସନ ସମସ୍ୟାର ସମାଧାନ କେବେ ହେବ, ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସାମାନ୍ୟ ବର୍ଷାରେ ମୁଖ୍ୟ ସହର ସମେତ ବିଭିନ୍ନ ୱାର୍ଡର ସାହି ବସ୍ତି ପାଣି ଘେରରେ ରହି ଉବୁଟୁବୁ ହେଉଥିବାବେଳେ ଦୋକାନ ବଜାରରେ ପାଣି ପଶୁଛି। ସେହିପରି ଲୋକଙ୍କ ଘରେ ପାଣି ପଶୁଥିବାବେଳେ ଲୋକମାନେ ଜଳବନ୍ଦୀ ହୋଇପଡୁଥିବା ଦେଖାଯାଉଛି।

ଅନ୍ୟପକ୍ଷରେ ଉଦବୃତ୍ତ ବର୍ଷା ପାଣି ନିଷ୍କାସନ ହୋଇ ନ ପାରି ଖାଲୁଆ ସ୍ଥାନରେ ଜମି ରହି ପୂତି ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଏହାଦ୍ୱାରା ସହରରେ ମଶା ମାଛିଙ୍କ ଉପଦ୍ରବ ବୃଦ୍ଧି ପାଉଥିବାବେଳେ ଡେଙ୍ଗୁ, ମେଲେରିଆ ଆଦି ରୋଗ ବ୍ୟାପିବା ସମ୍ଭାବନା ସୃଷ୍ଟି ହେଉଛି। ପାଣି ନିଷ୍କାସନ ସମସ୍ୟା ଗୁରୁତର ହୋଇପଡିଥିବାବେଳେ ଏହା ସହରବାସୀଙ୍କ ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ଲୋକମାନେ ସହରୀ ସୁବିଧାରୁ ଏକପ୍ରକାର ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ବର୍ଷାଦିନ ଆସିଲେ ସତେ ଯେମିତି ଏହା ସହରବାସୀଙ୍କ ପାଇଁ ଅଭିଶାପ ନେଇଆସୁଛି। ଆଣ୍ଠୁଏ ପାଣିରେ ପଶି ଲୋକମାନେ ଯା'ଆସ କରିବାକୁ ବାଧ ହେଉଥିବାବେଳେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସରକାରୀ ଅଫିସ, ଦପ୍ତର ପାଣି ଘେରରେ ରହୁଛି। ସହରରେ ଥିବା ଶିକ୍ଷାନୁଷ୍ଠାନ ମଧ୍ୟ ପାଣି ଘେରରେ ରହିବା ଫଳରେ ଶିକ୍ଷାଦାନ କ୍ଷେତ୍ରରେ ବାଧା ଉପୁଜୁଛି। ଦୀର୍ଘ ୩୬ ବର୍ଷ ଅତିକ୍ରାନ୍ତ କରି ୩୭ ବର୍ଷରେ ପଦାର୍ପଣ କରିଥିବା ପୌର ପରିଷଦ ସହରରୁ ଉଦବୃତ୍ତ ବର୍ଷା ଜଳ ନିଷ୍କାସନ ପାଇଁ କୌଣସି ସ୍ୱତନ୍ତ୍ର ମାଷ୍ଟର ପ୍ଲାନ ପ୍ରସ୍ତୁତ କରି ନ ଥିବା ସରକାରୀ ଯୋଜନା ସହରବାସୀଙ୍କ ପାଇଁ ଉପହାସ ପାଲଟିଛି। ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ କରାଯାଇ ଗୋବରୀ ନଦୀକୁ ଛଡ଼ାଯିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିବା ପୌର ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଗୋବରୀ ନଦୀର ମଧ୍ୟ ପୁନରୁଦ୍ଧାର କରାଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ସରକାରୀ ସୂତ୍ରରୁ ଜଣାଯାଇଛି। ଏଥିପାଇଁ ଜଳ ସମ୍ପଦ ଅଧୀନରେ ଥିବା ଡ୍ରେନେଜକଟ ବିଭାଗର ବରିଷ୍ଠ ଅଧିକାରୀ ପଟ୍ଟାମୁଣ୍ଡାଇ ସହର ସମେତ ଗୋବରୀ ନଦୀ ପରିଦର୍ଶନ କରି ଡିପିଆର ପ୍ରସ୍ତୁତି କରିଛନ୍ତି। ଡ୍ରେନେଜକଟ ବିଭାଗର ମୁଖ୍ୟଯନ୍ତ୍ରୀ ଅବିନାଶ ରାଉଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଚିତ୍ତରଞ୍ଜନ ଭୂୟାଁ, ଅଧୀକ୍ଷଣ ଯନ୍ତ୍ରୀ ଶଶାଙ୍କ ଶେଖର, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଧିରେନ୍ଦ୍ର ଜେଠୀ, କନିଷ୍ଠ ଯନ୍ତ୍ରୀ ନିହାର ରଞ୍ଜନ ରାଉତରାୟଙ୍କୁ ନେଇ ଗଠିତ ଟିମ ପଟ୍ଟାମୁଣ୍ଡାଇ ସହର ଓ ପୌରାଞ୍ଚଳର ଜଳବନ୍ଦୀ ଅଞ୍ଚଳ ଓ ଗୋବରୀ ନଦୀ ପରିଦର୍ଶନ କରିଯାଇଛନ୍ତି। କିନ୍ତୁ ପାଣି ନିଷ୍କାସନର ସ୍ଥାୟୀ ସମାଧାନ ପାଇଁ କାର୍ଯ୍ୟ ଆରମ୍ଭ ହୋଇନାହିଁ। ସ୍ଥିତି ଦିନକୁ ଦିନ ବିଗୁଡୁଥିବାରୁ ଜନଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ଜଳ ନିଷ୍କାସନ ବାଟ ପୋତି ଲୋକମାନେ ଘର କରିବା ଯୋଗୁଁ ଏପରି ସଂକଟଜନକ ପରିସ୍ଥିତି ସୃଷ୍ଟି ହୋଇଛି। ସହରର ମୁଖ୍ୟ ରାସ୍ତାରେ ଥିବା ଏକମାତ୍ର ଡ୍ରେନରେ ବର୍ଷା ପାଣି ଗୋବରୀ ନଦୀକୁ ଯାଉଛି। ମାତ୍ର ଗୋବରୀ ନଦୀ ପଠା ଅବରୋଧ ହେବା ଯୋଗୁଁ ତାହା ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଗତ ୧୯୮୮ ଡିସେମ୍ବର ୬ ତାରିଖରେ ପଟ୍ଟାମୁଣ୍ଡାଇକୁ ଏନଏସିର ମାନ୍ୟତା ଦିଆଯାଇଥିଲା। ଆଖପାଖ ପାଞ୍ଚଟି ପଞ୍ଚାୟତର କେତେକ ଅଞ୍ଚଳକୁ ନେଇ ତତ୍କାଳୀନ କଂଗ୍ରେସ ସରକାର ଏନଏସି ଘୋଷଣା କରି ଲୋକଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଥିଲେ। ପଟ୍ଟାମୁଣ୍ଡାଇ, କଷଣଅଣ୍ଟା, ମାଟିଆ, ବାଲିପାଟଣା ପଞ୍ଚାୟତ (ଆଂଶିକ), ନୀଳକଣ୍ଠପୁର ପଞ୍ଚାୟତ (ଆଂଶିକ) ଅଞ୍ଚଳର ବିଭିନ୍ନ ଗ୍ରାମକୁ ନେଇ ଏନଏସି ଘୋଷଣା କରାଯାଇଥିବାବେଳେ ୨୦୧୪ ଫେବୃଆରୀ ୨୪ ତାରିଖରେ ପଟ୍ଟାମୁଣ୍ଡାଇ ଏନଏସିକୁ ମ୍ୟୁନିସିପାଲିଟି ମାନ୍ୟତା ପ୍ରଦାନ କରାଯାଇଥିଲା। ଏହାର ୱାର୍ଡ ସଂଖ୍ୟା ୨୦ ରହିଥିବାବେଳେ ୨୦୧୧ ଜନଗଣନା ଅନୁଯାୟୀ ଜନସଂଖ୍ୟା ୪୪,୫୨୮ ରହିଛି। ପଟ୍ଟାମୁଣ୍ଡାଇ ପଞ୍ଚାୟତ ଥିବା ସମୟରେ ବଜାରରୁ ପାଣି ନିଷ୍କାସନ ପାଇଁ ଯେଉଁ ପୁରୁଣା ଡ୍ରେନେଜ ସିଷ୍ଟମ ଥିଲା, ସେଥିରେ ବିଶେଷ ପରିବର୍ତ୍ତନ ଅଣାଯାଇପାରୁନାହିଁ। ସେତେବେଳେ ପଟ୍ଟାମୁଣ୍ଡାଇ ବଜାରର ଉଦବୃତ୍ତ ବର୍ଷା ପାଣି ନିଷ୍କାସନ ପାଇଁ ଶ୍ରୀରାମମନ୍ଦିର ସଲଗ୍ନ ଡ୍ରେନଟି ସବରେଜିଷ୍ଟ୍ରାରଙ୍କ ଅଫିସ ପାଶ୍ୱର୍ରେ ତତ୍କାଳୀନ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଓ ଅଧୁନା ପଟ୍ଟାମୁଣ୍ଡାଇ ସବଡିଭିଜନ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ପୁରାତନ କଟକ-ଚାନ୍ଦବାଲି ରାସ୍ତା ନିମ୍ନଭାଗରେ ମାଟି ତଳେ ନିର୍ମାଣ କରାଯାଇଥିବା ଏକ ଡ୍ରେନ ଯାହାକି ନିତ୍ୟାନନ୍ଦ ଦାସଙ୍କ କୋଠାର ନିମ୍ନଭାଗ ଦେଇ ପଟ୍ଟାମୁଣ୍ଡାଇ ଗୋବରୀ ପୋତା ନଦୀରେ ପଡିଥିଲା। ଏହି ମାଟିତଳ ଡ୍ରେନ ଦେଇ ପଟ୍ଟାମୁଣ୍ଡାଇ ତହସିଲ ଅଫିସ, ଶ୍ରୀରାମମନ୍ଦିର ପଡ଼ିଆ (ଡେଲି ମାର୍କେଟ), ସବରେଜିଷ୍ଟ୍ରର ଅଫିସ ପରିସରରୁ ପାଣି ନିଷ୍କାସନ ହେଉଥିବାବେଳେ ପଟ୍ଟାମୁଣ୍ଡାଇ ମେଡିକାଲ, ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଅଞ୍ଚଳରୁ ଶ୍ରୀରାମମନ୍ଦିର ସମ୍ମୁଖ ମୁଖ୍ୟ ରାସ୍ତା ନିମ୍ନରେ ଯାଇଥିବା ଡ୍ରେନ ଦେଇ ଶ୍ରୀରାମମନ୍ଦିର ସଂଲଗ୍ନ ଡ୍ରେନରେ ମିଶିଥିଲା। ପରବର୍ତ୍ତୀ ସମୟରେ ପୂର୍ତ୍ତ ବିଭାଗ ପକ୍ଷରୁ ତତ୍କାଳୀନ ଡାକ ବଙ୍ଗଳା ଛକଠାରୁ ପଟ୍ଟାମୁଣ୍ଡାଇ କେନାଲ ପୋଲ ପର୍ଯ୍ୟନ୍ତ ମୁଖ୍ୟ ସହରର ଡାହାଣ ପାଶ୍ୱର୍ରେ ଏକ ଡ୍ରେନ ନିର୍ମାଣ କରାଯାଇଥିଲା। ଏହି ଡ୍ରେନରେ ଅଳିଆ ନିଷ୍କାସନ ପଥ ନିର୍ମାଣ କରାଯାଇ ନ ଥିବାରୁ ବର୍ଷ ସାରା ଏଥିରେ ପାଣି ଓ ଅଳିଆ ଆବର୍ଜନା ଜମି ରହିବା ଫଳରେ ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଏହା ମଶା ମାଛିଙ୍କ ଉତ୍ପତ୍ତି ସ୍ଥଳ ପାଲଟିଛି। ଗତ ଏକବର୍ଷ ତଳେ ଏହି ଡ୍ରେନ ରାସ୍ତାଠାରୁ ଉଚ୍ଚତାରେ ଥିବା ଉଭୟ ପାଶ୍ୱର୍ର କାନ୍ଥକୁ ଭାଙ୍ଗିଦିଆଯାଇ ରାସ୍ତା ସହିତ ସମତୁଲ କରି ଦିଆଯାଇ ଢାଙ୍କୁଣୀ ପକାଯାଇଛି। କିନ୍ତୁ ଏହି ମୁଖ୍ୟ ଡ୍ରେନ ମଧ୍ୟଦେଇ ପାଣି ନିଷ୍କାସନ ହେବାର କୌଣସି ସୁବନ୍ଦୋବସ୍ତ ହୋଇନାହିଁ। ସାମନ୍ୟ ବର୍ଷା ହେଲେ ୧୧ନଂ ୱାର୍ଡ ମୁସଲମାନ ବସ୍ତି ସମ୍ପୂର୍ଣ୍ଣ ଜଳବନ୍ଦୀ ହେଉଯାଉଥିବାବେଳେ ଅଣ୍ଟାଏ ଆଣ୍ଠୁଏ ପାଣିରେ ପଶି ଲୋକମାନେ ଯା'ଆସ କରୁଛନ୍ତି।

ସେହିପରି ପଟ୍ଟାମୁଣ୍ଡାଇ ଡାକ୍ତରଖାନା ମୁଖ୍ୟ ଫାଟକର ସମ୍ମୁଖ ରାସ୍ତା ପାଣିରେ ବୁଡ଼ି ରହୁଛି। ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ପରିସରରେ ବର୍ଷା ପାଣି ଲହଡ଼ି ଭାଙ୍ଗୁଛି। ସବରେଜିଷ୍ଟ୍ରାରଙ୍କ ଅଫିସ ପରିସରରେ ବର୍ଷା ପାଣି କୃତ୍ରିମ ବନ୍ୟା ଭ୍ରମ ସୃଷ୍ଟି କରୁଛି। ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟ ପରିସରରେ ପାଣି ଜମି ରହୁଥିବାବେଳେ ଦୂରସଂଚାର କାର୍ଯ୍ୟାଳୟ, ସବଟ୍ରେଜେରୀ ଅଫିସ, ରାଧାରମଣ ସରସ୍ୱତୀ ଶିଶୁ ଶିକ୍ଷାମନ୍ଦିର ପରିସର ପାଣିରେ ବୁଡୁଛି। ପ୍ରାଣୀ ଚିକିତ୍ସାଳୟ ପରିସରରେ ବର୍ଷା ପାଣି ଜମା ହୋଇ ରହିବା ଫଳରେ ପ୍ରାଣୀ ମୁଖ୍ୟ ଚିକିତ୍ସାଧିକାରୀଙ୍କ କ୍ୱାଟର ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇରହୁଛି। ପଟ୍ଟାମୁଣ୍ଡାଇ ସହରର ଗୁରୁତ୍ୱପୂର୍ଣ୍ଣ ବାଇପାସ-କଲେଜ ରୋଡର ଡା. ବାସୁ ପାତ୍ର ଗଳି ସମ୍ମୁଖ ମୁଖ୍ୟ ରାସ୍ତାରେ ପାଣିର ସୁଅ ଛୁଟୁଛି। ଭୋଳିବାବା ମଠ ସମ୍ମୁଖ ରାସ୍ତା, ବେଲତଳ, ୧୯ନଂ ମା' ମଙ୍ଗଳା ସ୍କୁଲ ମୁଖ୍ୟ ରାସ୍ତା, ଦକ୍ଷିଣଦିଆ ହନୁମାନ ଛକ ରାସ୍ତା ପାଣିରେ ବୁଡିରହି ଯାତାୟାତରେ ବାଧା ସୃଷ୍ଟି କରିବା ସହିତ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ତେବେ ସହରରୁ ଉଦବୃତ୍ତ ବର୍ଷାଜଳ ନିଷ୍କାସନ ପାଇଁ ଗତ ୩ ବର୍ଷ ତଳୁ ଭୁବନେଶ୍ୱର ଥ୍ରୀଡି ଭିଜନ ନାମକ ସଂସ୍ଥାକୁ ଡ୍ରେନେଜ ସିଷ୍ଟମ ପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବାକୁ ପୌରପରିଷଦ ପକ୍ଷରୁ ଦାୟିତ୍ୱ ଦିଆଯାଇଥିବା ପୌର ପରିଷଦ ପକ୍ଷରୁ କୁହାଯାଇଛି।

## ମହିଳାଙ୍କୁ ପ୍ରେମ ନିବେଦନ କରି ଅଡୁଆରେ କନଷ୍ଟେବଲ

କେନ୍ଦ୍ରାପଡ଼ା,୨୩।୮ (ସମିସ): ଜଣେ ମହିଳାଙ୍କୁ ପ୍ରେମ ନିବେଦନ କରି କୁଦାନଗରୀ ଥାନାର ଜଣେ କନଷ୍ଟେବଲ ଅଡୁଆରେ ପଡିଛନ୍ତି। ଏହି ପ୍ରେମ ନିବେଦନର ଅଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଏଥିସହ ମହିଳା ଜଣକ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମହିଳା ଜଣକ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଯେ, ମୁଁ ଜଣେ ଅସହାୟ ମହିଳା। ଏହାର ସୁଯୋଗ ନେଇ କୁଦାନଗରୀ ଥାନାରେ ନିଯୁକ୍ତ ଜଣେ କନଷ୍ଟେବଲ ମୋତେ ବାରମ୍ବାର ଫୋନରେ ପ୍ରେମ ନିବେଦନ କରୁଛନ୍ତି। ଏଥିରେ ମୁଁ ଅରାଜି ହେଲେ ମୋତେ ଜୀବନରେ ମାରି ଦେବାକୁ ଧମକ ଦେଉଛନ୍ତି। ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ମାର୍ଶଘାଇ ଛକ ନିକଟରେ କନଷ୍ଟେବଲ ଜଣକ ତାଙ୍କୁ ଦେଖା କରିବା ପାଇଁ ଡାକିଥିଲେ। ମୁଁ ଲକ୍ଷେ ଟଙ୍କା ଦରମା ପାଉଛି। ତୁ ଯାହା ଚାହିଁବୁ ତୋତେ ଦେବି ବୋଲି ମହିଳାଙ୍କୁ କନଷ୍ଟେବଲ ଜଣକ କହିଥିଲେ। କନଷ୍ଟେବଲଙ୍କୁ ଧରାପକାଇବା ପାଇଁ ମହିଳା ଜଣକ ମାର୍ଶାଘାଇର ଜଣେ ସମ୍ପର୍କୀୟଙ୍କ ଘରକୁ ଡାକିଥିଲେ। କନଷ୍ଟେବଲ ସେଠାରେ ପହଞ୍ଚି ତାଙ୍କ ଚରିତ୍ରକୁ ନେଇ ଗାଳିଗୁଲଜ କରିଥିଲେ। ଏହାପରେ ତାଙ୍କୁ ଆଲିଙ୍ଗନ କରିଥିଲେ। ଏଥିରେ ସେ ଅରାଜି ହେବାରୁ ତାଙ୍କ ତଣ୍ଟିକୁ ଚିପି ଦେଇଥିଲେ। ଏଥିସହ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ ବୋଲି ମହିଳା ଜଣକ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

## ବଳଦେବ ଉଚ୍ଚବିଦ୍ୟାଳୟ ପଞ୍ଚସଖା ଶିକ୍ଷା ସେତୁ ବୈଠକ



କେନ୍ଦ୍ରାପଡ଼ା,୨୩।୮ (ସମିସ): କେନ୍ଦ୍ରାପଡ଼ା ସହରସ୍ଥ ବଳଦେବ ଉଚ୍ଚବିଦ୍ୟାଳୟ ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ସଭାପତି ପ୍ରାଧ୍ୟାପକ ଅଜୟ କୁମାର ସାମଲଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ରୁବିନା ପ୍ରଧାନ ବିଦ୍ୟାଳୟରେ ସୁରକ୍ଷା କର୍ମୀ ଓ ବିଦ୍ୟାଳୟର ରକ୍ଷଣାବେକ୍ଷଣ ଓ ସଫେଇ କର୍ମୀଙ୍କ ନିଯୁକ୍ତି ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଆଦେଶନାମା ପତ୍ରକୁ ଉପସ୍ଥାପନ କରି ଅବଗତ କରିଥିଲେ। ବିଦ୍ୟାଳୟ ପାଇଁ ପଞ୍ଚମୁଖୀ ହନୁମାନ ମହିଳା ସ୍ୱୟଂସହାୟକ ଗ୍ରୁପକୁ ଚୟନ କରାଯାଇ ତାଙ୍କ ଦ୍ୱାରା ରାତ୍ରଜଗୁଆଳ ଓ ସଫେଇ କର୍ମଚାରୀ ଦୁଇଜଣ କାମ କରିବା ପାଇଁ ଦାୟିତ୍ୱ ଦେବାକୁ ସ୍ଥିର କରାଯାଇ ଆଦେଶ ସମ୍ପର୍କରେ ଆଲୋଚନା କରାଗଲା। ବିଦ୍ୟାଳୟରେ ଖାଲିଥିବା ଶିକ୍ଷକ ପଦବୀ ପୂରଣ ନିମନ୍ତେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଭେଟିବା ପାଇଁ ଆଲୋଚନା କରାଯାଇଥିଲା। ଏହି ପୁରାତନ ବିଦ୍ୟାଳୟର ପଶ୍ଚିମ ପାଶ୍ୱର୍ରେ ତିନୋଟି ପୁରୁଣା ଆଜବେଷ୍ଟ ସ୍ଥଗିତ ଥିବା ଶ୍ରେଣୀ ଗୃହର ଆବଶ୍ୟକ ନବୀକରଣ କାର୍ଯ୍ୟ ଓ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରି କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ଡିଭିଜନଙ୍କ-୧କୁ ତୁରନ୍ତ ସମ୍ପାଦନ ନିମନ୍ତେ ଅନୁରୋଧ କରାଯାଇ ପତ୍ର ଦେବାକୁ ସ୍ଥିର କରାଯାଇଛି। ଉକ୍ତ ବୈଠକରେ ପୁରାତନ ଛାତ୍ର ଅଦ୍ୱୈତ କୁମାର ଦାସ, ପୂର୍ବତନ ନଗରପାଳ ଧୀରେନ ସାହୁ, ବ୍ରଜସୁନ୍ଦର ଦାସ, ସୁନୀଲ ମହାଲିକ, ପୌରସଭ୍ୟ ପ୍ରଦୀପ୍ତ ଜେନା, ପୌର ସଭ୍ୟ ଉମେଶ ନାୟକ, କ୍ଷୀରୋଦ ସାହୁ ଓ ସହକାରୀ ଶିକ୍ଷକ ତପନ ଦାସ ଓ ମହିଳା ଏସ୍‌ଏଚ୍‌ଜି ଗ୍ରୁପର ମାନିନୀ ସ୍ୱାଇଁ ଓ ନିରୋଦ ନଳିନୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ।

## କଂଗ୍ରେସର କାର୍ଯ୍ୟକାରିଣୀ କମିଟି ବୈଠକ




କେନ୍ଦ୍ରାପଡ଼ା,୨୩।୮ (ସମିସ): କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ କଂଗ୍ରେସର କାର୍ଯ୍ୟକାରିଣୀ କମିଟି ବୈଠକ ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକଙ୍କ ପୌରୋହିତ୍ୟରେ କଜଳାସ୍ଥ କଂଗ୍ରେସ ଭବନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ କଂଗ୍ରେସର ସଂଗଠନକୁ ଅଧିକ କ୍ରିୟାଶୀଳ ଓ ମଜବୁତ୍ କରିବା ପାଇଁ କାର୍ଯ୍ୟକାରିଣୀ ବୈଠକରେ ଆଲୋଚନା କରାଯାଇଥିଲା। ଜିଲ୍ଲା କଂଗ୍ରେସ୍ ଭବନରେ ଏକ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ଖୋଲିବାକୁ ପ୍ରଥମେ ଆଲୋଚନା କରାଯାଇ ସ୍ଥିର କରାଯାଇଥିଲା। ଅଖିଳ ଭାରତ କଂଗ୍ରେସ ନେତା ରାହୁଲ୍ ଗାନ୍ଧୀଙ୍କ "ଭୋଟ ଚୋରି' ପ୍ରସଙ୍ଗକୁ ସଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଉଦ୍ୟମ କରିବା ପ୍ରସଙ୍ଗରେ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ୧୩୦ତମ ସମ୍ବିଧାନ ସଂଶୋଧନକୁ ବିରୋଧ କରାଯିବା ସହ ରାହୁଲ୍ ଗାନ୍ଧୀଙ୍କ ଗଣତନ୍ତ୍ର ସୁରକ୍ଷା କାର୍ଯ୍ୟକ୍ରମକୁ ସ୍ୱାଗତ କରାଯାଇଥିଲା। ଏଥିସହିତ କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟାକୁ ନେଇ ନିର୍ବାଚନମଣ୍ଡଳୀ ସ୍ତରରେ କିପରି ଜନଆନ୍ଦୋଳନକୁ ସକ୍ରିୟ କରାଯିବ ସେ ସମ୍ପର୍କରେ ବିଶେଷ ଆଲୋଚନା କରାଯାଇଥିଲା। ବୈଠକରେ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ସଂଯୋଜକ ପ୍ରଫୁଲ୍ଲ ଦାସ, ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ପୂର୍ବତନ ପୌରାଧ୍ୟକ୍ଷ ମହମ୍ମଦ ଆକବର ଅଲ୍ଲୀ, ପ୍ରଦେଶ କଂଗ୍ରେସ କମିଟି ସଦସ୍ୟା ସସ୍ମିତା ପଣ୍ଡା, ବରିଷ୍ଠ କଂଗ୍ରେସ ନେତା ବସନ୍ତ ସେଠୀ, ବରିଷ୍ଠ ଆଇନଜୀବୀ ବିଧୁଭୂଷଣ ମହାପାତ୍ର, ଯୁବନେତା ରଶ୍ମିରଞ୍ଜନ ଚୌଧୁରୀ, ବିପ୍ଳବ ମହାନ୍ତି, ନିଲୋ ଖାଁ, ହିମାଂଶୁ ନନ୍ଦ, ସେଖ ଆନସ, ଶେଖ କାଲା, ଶେଖ ଜଲାଲଉଦ୍ଦିନ, ଉମେଶ ପାଢୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କଳସପୁର ଗ୍ରାମରେ ଚୋରି

ଆଳି, ୨୩।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅଞ୍ଚଳରେ କିଛିଦିନ ଅନ୍ତରରେ ଲୁଟେରା ପୁଣି ସକ୍ରିୟ ହୋଇଛନ୍ତି। ଗତକାଲି ବିଳମ୍ବିତ ରାତିରେ ଆଳି ଥାନା ଅନ୍ତର୍ଗତ କଳସପୁର ପଞ୍ଚାୟତର କଳସପୁର ଗ୍ରାମରୁ ଚୋରି ହୋଇଥିବା ଜଣାପଡ଼ିଛି। ସ୍ୱର୍ଗତ ଆକୁଳି ରାଉତଙ୍କ ପୁଅ ପ୍ରକାଶଙ୍କ ଥାନାରେ ଅଭିଯୋଗ ଅନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତ ଗ୍ରାମ ଛକ ନିକଟରେ ଥିବା ତାଙ୍କ ରନ୍ଧନ ଗ୍ୟାସ ସବସେଣ୍ଟର ଦୋକାନ ତାଲା ଓ ଆଜବେଷ୍ଟ ତାଡ଼ି ୨୫ ହଜାର ଟଙ୍କା ସହ ୬ଟି ଗ୍ୟାସ ସିଲିଣ୍ଡର, ଅନ୍ୟ ଆସବାବପତ୍ର ଲୁଟି ନେଇଛନ୍ତି। ସେ ଆଜି ସକାଳେ ଘରୋଇ କାର୍ଯ୍ୟ ସହ କୁକୁରକୁ ବୁଲାଇବାକୁ ନେବା ସମୟରେ ଦୋକାନ ନିକଟକୁ ଯାଇ ଦେଖନ୍ତି ତ ତାଙ୍କ ଦୋକାନ ତାଲା ଭଙ୍ଗାଯାଇ ତଳେ ପଡ଼ିଛି। ଏହା ଦେଖି ସେ ସନ୍ଦେହ କରିବା ସହ ପରିବାର ଲୋକଙ୍କୁ ଡାକି ଦେଖାଇଥିଲେ। ପରେ ସେ ଚୋରି ହୋଇଥିବା ଜାଣି ଫୋନ ଯୋଗେ ପୁଲିସକୁ ଖବର ଦେଇଥିଲେ ଓ ପରେ ଥାନାରେ ଏତଲା ଦେଇଥିଲେ। ଏତଲା ପାଇ ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିବା ଆଳି ଥାନାଧିକାରୀ ଧୀରଜ ଲେଙ୍କା ସୂଚନା ଦେଇଛନ୍ତି।

## ବିଜେପିର ମିଶ୍ରଣ ପର୍ବ

ଆଳି, ୨୩।୮ (ସମିସ): ଆଜି ୪ନଂ ଜୋନ ବିଜେପି ସଭାପତି ତପନ ପରିଡ଼ାଙ୍କ ସଂଯୋଜନା ଓ ବିଚିତ୍ରାନନ୍ଦ ବିଳାସଙ୍କ ନେତୃତ୍ୱରେ ବିଜେପିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କୋଳିଡିହ ପଞ୍ଚାୟତସ୍ଥ ମା' ଖଜୁରାଇ ପୀଠରେ ଆୟୋଜିତ ମିଶ୍ରଣ ପର୍ବରେ ଆଳି ବିଧାନସଭା ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ସଭାରେ ୨୦ରୁ ଊର୍ଦ୍ଧ୍ୱ ପରିବାର ବିଜେପିରେ ସାମିଲ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଶରତ ଧଳ ଓ ଦୁର୍ଯ୍ୟୋଧନ ସାହୁ ପରିଚାଳନା କରିଥିଲେ। ବିଜେପି ଜିଲ୍ଲା ଯୁବ ମୋର୍ଚ୍ଚା ସମ୍ପାଦକ ବରାହ ପଣ୍ଡା, ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଅନନ୍ତ ରଥ, ୪ନଂ ଜୋନ୍‌ର ପୂର୍ବତନ ମଣ୍ଡଳ ସଭାପତି ଅକ୍ଷୟ ବେହେରା, ବିଜେପି ଆଳି ଆଇଟି ସେଲ୍ ସଭାପତି ଅଯୋଧ୍ୟା ମହାନ୍ତି, ବୈଦ୍ୟନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବଳଭଦ୍ରପୁର ଶିଳ୍ପାଞ୍ଚଳ ପୁନରୁଦ୍ଧାର ଯୋଜନା



ଡେରାବିଶ,୨୩।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ତଥା ପାଟକୁରା ନିର୍ବାଚନମଣ୍ଡଳୀର ଏକମାତ୍ର ଶିଳ୍ପାଞ୍ଚଳ ବଳଭଦ୍ରପୁର ଶିଳ୍ପାଞ୍ଚଳର ପୁନରୁଦ୍ଧାର କରିବା ପାଇଁ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ସହ ଆଲୋଚନା କରିଛନ୍ତି। ଶିଳ୍ପବିହୀନ କେନ୍ଦ୍ରାପଡ଼ା ଜିଲ୍ଲାର ଏକମାତ୍ର ବଳଭଦ୍ରପୁର ଶିଳ୍ପାଞ୍ଚଳରେ ୨୦୧୩ରୁ କରତକଳ କ୍ଲଷ୍ଟର ସ୍ଥାପିତ ହୋଇଥିଲା। ସେତେବେଳେ ଇଡ୍‌କୋ ପକ୍ଷରୁ ୧୫ ଏକର ଜମି ଅଧିଗ୍ରହଣ କରାଯାଇ ୨୩ଟି କରତକଳ ପ୍ରତିଷ୍ଠା କରାଯାଇଥିଲା। ଯେଉଁଥିପାଇଁ ଏଠାରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ରାଜ୍ୟର ପ୍ରାୟ ୨୦୦୦ରୁ ଅଧିକ କର୍ମଚାରୀ, ଶ୍ରମିକ ଓ ଅନ୍ୟାନ୍ୟ କାର୍ଯ୍ୟ କରି ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। ଏବେ ପୁଣି ଇଡ୍‌କୋ ଆଉ ୫ ଏକର ଜମି ଏହି ଶିଳ୍ପାଞ୍ଚଳ ପାଇଁ ଅଧିଗ୍ରହଣ କରିଛି। ବିଡ଼ମ୍ବନାର ବିଷୟ ଏହି ଶିଳ୍ପାଞ୍ଚଳ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ କଡ଼ରେ ରହିଥିଲେ ମଧ୍ୟ ଏହି ଶିଳ୍ପାଞ୍ଚଳ ମଧ୍ୟରେ ଥିବା ୩ କିଲୋମିଟର ରାସ୍ତା ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଛି। ଏହି ଶିଳ୍ପାଞ୍ଚଳରେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ହେଉଥିବାବେଳେ କର୍ମଚାରୀ, ଶ୍ରମିକ ଓ ଏଠାକୁ ଆସୁଥିବା ବ୍ୟକ୍ତିବିଶେଷଙ୍କ ନିମନ୍ତେ ପାନୀୟଜଳର ଘୋର ଅଭାବ ରହିଛି। ଏଥିସହିତ ଏହି ଶିଳ୍ପାଞ୍ଚଳରୁ ବର୍ଷାଜଳ ନିଷ୍କାସନ, ଷ୍ଟ୍ରିଟଲାଇଟ୍ ଇତ୍ୟାଦି ସମସ୍ୟା ସେବେଠାରୁ ରହିଆସିଛି। ଏ ସମ୍ପର୍କରେ ଖବର ପାଇ ପାଟକୁରା ବିଜେପି ନେତା ତେଜେଶ୍ୱର ପରିଡ଼ା ଆଜି ଏହି ଶିଳ୍ପାଞ୍ଚଳରେ ଏହାର କର୍ମକର୍ତ୍ତାଙ୍କଠାରୁ ଏହାର ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ପରେ ଶ୍ରୀ ପରିଡ଼ା ଶିଳ୍ପାଞ୍ଚଳର ଏହି ସମସ୍ୟା ସମାଧାନ କରିବା ପାଇଁ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ, ଇଡ୍‌କୋ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ସୁରେଶ ଦଳାଇ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟାର, ଇଡ୍‌କୋ ଡିଭିଜନ୍ ମୁଖ୍ୟ, ଜିଲ୍ଲା ଶିଳ୍ପକେନ୍ଦ୍ରର ଜିଏମ୍ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଆଲେଚନା ମଧ୍ୟରେ ଶ୍ରୀ ପରିଡ଼ା ଏହି ଶିଳ୍ପାଞ୍ଚଳର ପାଖାପାଖି ୩ କିଲୋମିଟର ରାସ୍ତାକୁ ପଞ୍ଚାୟତିରାଜ ଓ ଅନ୍ୟାନ୍ୟ ବିଭାଗରୁ ଇଡ୍‌କୋ ହସ୍ତାନ୍ତର କରି ଚଉଡ଼ା ପକ୍କା ରାସ୍ତା ନିର୍ମାଣ କରିବା, ଜଳ ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥା କରିବା, ପାନୀୟଜଳ ଯୋଗାଇ ଦେବାକୁ ପାନୀୟଜଳ ପ୍ରକଳ୍ପ ନିର୍ମାଣ କରିବା, ବିଦ୍ୟୁତ୍ ସେବାକୁ ସୁଗମ କରିବା ପାଇଁ ସ୍ୱତନ୍ତ୍ର ଭାବେ ବିଦ୍ୟୁତ୍ ସବ୍‌ଷ୍ଟେସନ୍ ସ୍ଥାପନ କରିବା ଓ ଏଥିସହ କାଷ୍ଠଶିଳ୍ପ ଆଧାରିତ ଅନ୍ୟାନ୍ୟ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପ୍ରସ୍ତାବକୁ ଶିଳ୍ପମନ୍ତ୍ରୀ ଗ୍ରହଣ କରିବା ସହ ଖୁବ୍‌ଶୀଘ୍ର ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ପରିଡ଼ା ପ୍ରକାଶ କରିଛନ୍ତି।

## ବିଶ୍ୱହିନ୍ଦୁ ପରିଷଦ ସ୍ଥାପନା ଓ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ

ପଟ୍ଟାମୁଣ୍ଡାଇ,୨୩।୮ (ସମିସ): ପଟ୍ଟାମୁଣ୍ଡାଇ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ବିଶ୍ୱହିନ୍ଦୁ ପରିଷଦ ସ୍ଥାପନା ଦିବସ, ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ଓ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପୁରୀ ଗୋବର୍ଦ୍ଧନ ପୀଠ ସନ୍ଥ ସଂରକ୍ଷକ ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସ ଉଦ୍‌ଘାଟନ କରିଥିଲେ। ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦ ସଭାପତି ଗୋପୀନାଥ ତ୍ରିପାଠୀ, ବଜରଙ୍ଗ ଦଳ ଜିଲ୍ଲା ସଂଯୋଜକ ନିରଞ୍ଜନ ସୁଆର, ବଜରଙ୍ଗ ଦଳ ଜିଲ୍ଲା ସୁରକ୍ଷା ପ୍ରମୁଖ ଲୋକନାଥ ଦାସ, ପଟ୍ଟାମୁଣ୍ଡାଇ ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦ ସଭାପତି ଦେବାଶିଷ ପଣ୍ଡା, ପଟ୍ଟାମୁଣ୍ଡାଇ ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦ କାର୍ଯ୍ୟକାରୀ ସଭାପତି ଅମ୍ବୁଜ ଭୂଷଣ ନାୟକ, ବିଶେଷ ସମ୍ପର୍କ ପ୍ରମୁଖ ପ୍ରଦୀପ କିଶୋର ନାୟକ, ଆର୍‌ଏସ୍‌ଏସ୍ ଜିଲ୍ଲା କାର୍ଯ୍ୟବାହ ବିନୋଦ ବିହାରୀ ଦାସ ପ୍ରମୁଖ ଯୋଗ ଦେଇ



ବିଶ୍ୱହିନ୍ଦୁ ପରିଷଦ ସ୍ଥାପନା ଲକ୍ଷ୍ୟ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ତ୍ୟାଗ, ବଳିଦାନ ଓ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀର ମହତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

• ସ୍କୁଟି ଡିକିରୁ ବନ୍ଧୁକ ଜବତ

## ସନ୍ଦେହରେ ଜଣେ ଅଟକ

ପଟ୍ଟାମୁଣ୍ଡାଇ,୨୩।୮ (ସମିସ): ଆଜି ଅପରାହ୍ନରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ନିକଟରେ ଥିବା ଡି' ବଜାର ପଛପଟେ ଥୁଆ ହୋଇଥିବା ଏକ ସ୍କୁଟି ଡିକିରୁ ସ୍ୱତନ୍ତ୍ର ପୁଲିସ ସ୍କ୍ୱାର୍ଡ ଏକ ବନ୍ଧୁକ ଜବତ କରିବା ସହିତ ସ୍କୁଟି ମାଲିକ ସ୍ଥାନୀୟ ବଜାରର ଜଣେ ବ୍ୟବସାୟୀଙ୍କୁ ଥାନାରେ ଅଟକ ରଖି ପଚାରଉଚରା କରୁଛି। ବ୍ୟବସାୟୀଙ୍କ ସ୍କୁଟି ଡିକିକୁ କିପରି ବନ୍ଧୁକ ଆସିଲା ତାକୁ ନେଇ ପୁଲିସ ଖୋଳତାଡ଼ ଆରମ୍ଭ କରିଛି। ସମ୍ପୃକ୍ତ ବ୍ୟବସାୟଙ୍କ ସାଇକଲ ଦୋକାନରେ କାର୍ଯ୍ୟ କରୁଥିବା ଜଣେ ଯୁବକ ଏହି ସ୍କୁଟି ଚଳାଉଥିବାଓ ପୁଲିସ ସ୍ପେଶାଲ ସ୍କ୍ୱାର୍ଡ ସ୍କୁଟି ଡିକିରୁ ବନ୍ଧୁକ ଜବତ କରିବା ପରେ ସମ୍ପୃକ୍ତ ଯୁବକ ବ୍ୟବସାୟୀଙ୍କ ଦୋକାନରୁ କୁଆଡେ ପଳାଇଯାଇଥିବା ଘଟଣାକୁ ନେଇ ବିଭିନ୍ନ ଆଲୋଚନା ହେଉଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ଘଟଣାର ଖୋଳତାଡ଼ ଆରମ୍ଭ କରିଛନ୍ତି। ସମ୍ପୃକ୍ତ ବ୍ୟବସାୟୀଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯିବା ସହିତ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ ଦାବି କରାଯାଇଛି।

### ମନ୍ତ୍ରୀଙ୍କ ତାଗିଦ୍ ମାନୁନି ପ୍ରଶାସନ

# କାଦୁଅରେ ପଶି ଅଙ୍ଗନବାଡ଼ି କେନ୍ଦ୍ର ଯାଉଛନ୍ତି ଶିଶୁ

ଡେରାବିଶ,୨୩।୮ (ସମସ)

ଓଡ଼ିଶା ସରକାର ମହିଳା ଓ ଶିଶୁ ବିକାଶକୁ ଅଗ୍ରାଧିକାର ଦେଉଥିବାବେଳେ ରାଜ୍ୟର ସମସ୍ତ ଅଙ୍ଗନବାଡ଼ିର ସୁପରିଚାଳନା ପାଇଁ "ଆସ ବୁଲିଯିବା ଅଙ୍ଗନବାଡି' କାର୍ଯ୍ୟକ୍ରମ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ଆରମ୍ଭ କରାଯାଇଛି। ତେବେ ଏହାର ପ୍ରଭାବ କେନ୍ଦ୍ରାପଡ଼ା ଜିଲ୍ଲାରେ ଦେଖିବାକୁ ମିଳୁନାହିଁ । ଏମିତିକି ଗତ ୨୦ ତାରିଖରେ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକଙ୍କୁ ଏହି ଅଙ୍ଗନଓବାଡ଼ି କେନ୍ଦ୍ରର ଅବସ୍ଥା ସମ୍ପର୍କରେ ଅବଗତ କରାଯିବା ପରେ ସମସ୍ୟାରେ ସୁଧାର ଆଣିବାକୁ ସେ ଜିଲ୍ଲା ପ୍ରଶାସନକୁ ତାଗିଦ୍ କରିଥିବା ଜଣାପଡିଛି। ଏଥିପ୍ରତି ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଫଳରେ ଛୋଟ ପିଲା କାଦୁଅରେ ପଶି ଯିବାକୁ ବାଧ ହେଉଛନ୍ତି। ବ୍ଲକ୍ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ମନ୍ତ୍ରୀଙ୍କ ତାଗିଦ୍‌କୁ ଖାତିର କରୁ ନ ଥିବା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

ଗତ ଏପ୍ରିଲ ମାସରେ ଡେରାବିଶ ବ୍ଲକ୍ ଅଧୀନସ୍ଥ ବସୁପୁର ପଞ୍ଚାୟତ ଭାଣ୍ଡିଲୋ ଗ୍ରାମର ଏକ ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁଙ୍କ ପାଇଁ ବ୍ୟାପକ ଅବ୍ୟବସ୍ଥା ଥିବା ସରପଞ୍ଚ, ସିଡିପିଓ, ବିଡିଓ, ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବାବେଳେ ଆଜି ପର୍ଯ୍ୟନ୍ତ ବ୍ୟବସ୍ଥା ନ ସୁଧୁରିବା କେଉଁଠି ନା କେଉଁଠି ସରକାରଙ୍କ "ଆସ ବୁଲିଯିବା ଅଙ୍ଗନବାଡି' କାର୍ଯ୍ୟକ୍ରମକୁ କୁଠାରଘାତ ସଦୃଶ ମନେ ହେଉଛି। ଉପମୁଖ୍ୟମନ୍ତ୍ରୀ ସମସ୍ତ ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଘର ରହିବା ଦରକାର କହୁଥିବାବେଳେ ଏଠାରେ କିନ୍ତୁ ବର୍ଷ ବର୍ଷ ଧରି ଅଙ୍ଗନବାଡି କେନ୍ଦ୍ରର ଘର ଅସମ୍ପୂର୍ଣ୍ଣ ପଡିରହିଥିବା ସରକାର ଓ ପ୍ରଶାସନ କେମିତି ଗ୍ରହଣ କରିଛନ୍ତି ବୋଲି ଶିଶୁଙ୍କ ଅଭିଭାବକ ପ୍ରଶ୍ନ କରିଛନ୍ତି। ଗତ ଚାରିଦିନ ଧରି ଲଘୁଚାପଜନିତ ବର୍ଷା ପାଇଁ ଦୈନିକ



ଶିଶୁମାନେ ଆଣ୍ଠୁଏ କାଦୁଅରେ ପଶି ଅଙ୍ଗନବାଡି କେନ୍ଦ୍ରକୁ ଯିବା ଭଳି କଷ୍ଟଦାୟକ ଦୃଶ୍ୟ ଦେଖିବାକୁ ମିଳିଛି। ଫଳରେ ସରକାରଙ୍କ "ଆସ ବୁଲିଯିବା ଅଙ୍ଗନବାଡି" କେଉଁ ଉଦ୍ଦେଶ୍ୟରେ ବୋଲି ପ୍ରଶ୍ନ ସୃଷ୍ଟି ହୋଇଛି। ବାରମ୍ବାର ଅଭିଭାବକଙ୍କ ଅଭିଯୋଗ ଓ ଶିଶୁଙ୍କ ଦୁର୍ଦ୍ଦଶା ବିଷୟରେ ଖବରକାଗଜରେ ପ୍ରକାଶ ପାଉଥିଲେ ହେଁ ବ୍ଲକ୍ ପ୍ରଶାସନଠାରୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଭାବକ ପ୍ରଶ୍ନ କରିଛନ୍ତି। କେନ୍ଦ୍ରାପଡ଼ା ଗସ୍ତରେ ଆସିଥିବା ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ଗଣମାଧ୍ୟମକୁ ଦେଇଥିବା ପ୍ରତିକ୍ରିୟା ଅନୁସାରେ ୩-୪ ମାସ ମଧ୍ୟରେ ଅର୍ଦ୍ଧନିର୍ମିତ ପ୍ରକଳ୍ପ ପୂରଣ କରାଯିବ ଓ ଲୋକଙ୍କ ସମସ୍ୟା ଉପରେ ଧ୍ୟାନ ଦେଉ ନ ଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଭଳି ଶକ୍ତ ପ୍ରତିକ୍ରିୟା କିପରି ପାଳନ କରାଯାଉଛି, ତାହା ଏବେ ଦେଖିବାକୁ ବାକି ରହିଲା।

## ରାହାମାକୁ ଅଣଦେଖା ଅଭିଯୋଗ

# ପାର୍ବତୀ ଲୁଗାକଳର ପୁନରୁଦ୍ଧାର କେବେ

ପାରାଦୀପ, ୨୩।୮ (ସମିସ)



ପାରାଦୀପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ସ୍ୱାଇଁ ଏବେ ତିର୍ତ୍ତୋଲ ଲୋକଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଅଣ୍ଟା ଭିଡିଥିବାବେଳେ ନିଜ ନିର୍ବାଚନମଣ୍ଡଳୀ ରାହାମା ଲୋକଙ୍କ ଉନ୍ନତି ପାଇଁ ଆଖିବୁଜି ଦେଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତିର୍ତ୍ତୋଲସ୍ଥ ଶାରଳା ସୂତାକଳର ପୁନରୁଦ୍ଧାର ପାଇଁ ମନ୍ତ୍ରୀ ଦୃଷ୍ଟି ଦେଇଥିବାବେଳେ ରାହାମାର ପାର୍ବତୀ ଲୁଗାକଳ ପ୍ରତି ଅଣଦେଖା କରୁଥିବା ଅଭିଯୋଗ ହେଉଛି। ପାର୍ବତୀ ଲୁଗାକଳର ପୁନରୁଦ୍ଧାର କରାଯାଇ କର୍ମଚାରୀଙ୍କ ଦୁର୍ଦ୍ଦିନ ଅନ୍ତ ଘଟାଇବାକୁ ଦାବି କରାଯାଉଛି।

ସୂଚନା ମୁତାବକ, ପାରାଦୀପ ନିର୍ବାଚନମଣ୍ଡଳୀର କୁଜଙ୍ଗ ପଞ୍ଚାୟତ ସମିତି ଅଧୀନରେ ଥିବା ଜିଲ୍ଲାର ପ୍ରମୁଖ ବଣିଜ୍ୟିକ ପେଣ୍ଠସ୍ଥଳ କୁହାଯାଉଥିବା ରାହାମାରେ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗ ଦ୍ୱାରା ୧୯୮୬-୮୭ରେ ବସନ୍ତ ବିଶ୍ୱାଳଙ୍କ ପ୍ରଚେଷ୍ଟାରେ ନିର୍ମିତ ହୋଇଥିଲା ପାର୍ବତୀ ଲୁଗାକଳ। ବସନ୍ତ ବାବୁଙ୍କ ସ୍ୱପ୍ନ ଥିଲା ରାହାମାର ସାମଗ୍ରିକ ବିକାଶ, ଖଟିଖିଆ ଜନସାଧାରଣଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି। ଏହି ପାର୍ବତୀ ଲୁଗାକଳ ୧୯୮୯ରେ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ତିନୋଟି ସିଫ୍ଟରେ ୩୬୫ରୁ ଊର୍ଦ୍ଧ୍ୱ ଲୋକଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏଠାରେ ଉତ୍ପାଦିତ ଦ୍ରବ୍ୟ ରାଜ୍ୟ ଓ ରାଜ୍ୟ ବାହାରକୁ ପଠାଯାଉଥିଲା। ୧୯୯୯ ମହାବାତ୍ୟା ପରେ କାରଖାନା ଚଳାଇବା ପାଇଁ ଉପଯୁକ୍ତ କଞ୍ଚାମାଲର ଅଭାବ ଓ ପରିଚାଳନାଗତ ସମସ୍ୟା ରହିଥିଲା। ୨୦୦୧ରେ ଏହି କାରଖାନାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦିଆଯାଇଥିଲା। ଏପରିକି ରକ୍ଷଣାବେକ୍ଷଣ ଅଭାବରୁ ଲୁଗା କାରଖାନାର ଅନେକ ମୂଲ୍ୟବାନ ଯନ୍ତ୍ରାଂଶ, ଆସବାବପତ୍ର ଚୋରି ହେବା ସଙ୍ଗେ ସଙ୍ଗେ ନଷ୍ଟ ହୋଇଗଲା। ତେବେ ସ୍ଥାନୀୟ ଜନପ୍ରତିନିଧିଙ୍କ ବୈମାତୃକ ମନୋଭାବ ପାଇଁ ରାହାମାର ଏହି ବିରାଟ ଶିଳ୍ପ ଏବେ ମାଟିରେ ମିଶିଯାଇଛି। ଏବେ ରାଜନୈତିକ ପାଣିପାଗ ବଦଳିଛି। ଏ ଅଞ୍ଚଳର ରାଜନୈତିକ ପାଣିପାଗରେ ଅନେକ ପରିବର୍ତ୍ତନ ମଧ୍ୟ ଆସିଛି। ରାହାମା ପୂର୍ବରୁ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ରହିଥିବାବେଳେ ଏବେ ପାରାଦୀପ ନିର୍ବାଚନମଣ୍ଡଳୀ ଅନ୍ତର୍ଭୁକ୍ତ ହୋଇଛି। ଗତ ନିର୍ବାଚନରେ ପାରାଦୀପର ବିଧାୟକ ଭାବେ ସମ୍ପଦ ଚନ୍ଦ୍ର ସ୍ୱାଇଁ ଜିତିବା ପରେ ତାଙ୍କୁ ଶିଳ୍ପ ବିଭାଗର ମନ୍ତ୍ରୀ ପଦ ମିଳିଛି। ମନ୍ତ୍ରୀ ହେବା ପରେ ଶ୍ରୀ ସ୍ୱାଇଁ ଏବେ ରାହାମାକୁ ଅଣଦେଖା କରି ତିର୍ତ୍ତୋଲକୁ ଗୁରୁତ୍ୱ ଦେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ମନ୍ତ୍ରୀଙ୍କ ନିଜ ନିର୍ବାଚନମଣ୍ଡଳୀ ରାହାମାର ପାର୍ବତୀ ଲୁଗା କଳର ଭାଗ୍ୟ ସେହି ଅନ୍ଧାରରେ ରହିଯାଇଛି।

**କର୍ମଚାରୀଙ୍କ ଦୁଃଖର କେବେ ହେବ ଅନ୍ତ**

ସେ ଏବେ ତିର୍ତ୍ତୋଲ ଶାରଳା ସୂତାକଳର ପୁନରୁଦ୍ଧାର ପାଇଁ ଅଣ୍ଟା ଭିଡ଼ିଛନ୍ତି। ଫଳରେ ରାହାମା ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ମନ୍ତ୍ରୀ ପାର୍ବତୀ ଲୁଗାକଳର ପୁନଃକାର୍ଯ୍ୟକ୍ଷମ କରିବାରେ ତାଙ୍କର ସମସ୍ତ ଶକ୍ତି ଲଗାଇ ଦେବାକୁ ଏ ଅଞ୍ଚଳବାସୀ ଅନୁରୋଧ କରିବା ସହ ରାହାମା ଅଞ୍ଚଳର ବିଶିଷ୍ଟ ସମାଜସେବୀ ଡକ୍ଟର ସୁନାକର ବେହେରା ଦାବି କରିଛନ୍ତି।

# ବଜାର ପାଖ ରାସ୍ତାରେ ପାଣି

**କୁଜଙ୍ଗ, ୨୩।୮ (ସମିସ):** କୁଜଙ୍ଗ ବଜାର ଜୁମା କଳ ଘର ପାଖରୁ କୁଜଙ୍ଗ ଗୋପବନ୍ଧୁ ବଜାର କମିଟି (୧)ର ସମ୍ପାଦକ ମହେଶ୍ୱର ମହାନ୍ତିଙ୍କ ଘର ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଙ୍କ୍ରିଟ ହୋଇଥିଲେ ମଧ୍ୟ ରାସ୍ତାରୁ ପାଣି ନିଷ୍କାସନ ହୋଇପାରୁନାହିଁ। ଏହି ସମସ୍ୟା ନେଇ ମହେଶ୍ୱର ମହାନ୍ତିଙ୍କ ସହ ସ୍ଥାନୀୟ କେତେକ ବାସିନ୍ଦା ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ଏହି ରାସ୍ତାରେ ଲୋକେ ପଚା ପାଣିରେ ଯାତାୟାତ କରିବା ସହ ବିଭିନ୍ନ ରୋଗରେ ପଡୁଛନ୍ତି। ଏଥିସହ ଡେଙ୍ଗୁ ଓ ମ୍ୟାଲେରିଆର ଏହା ପ୍ରଜନନ କେନ୍ଦ୍ର ପାଲଟିଛି। ଅନ୍ୟପକ୍ଷରେ ଏହି ରାସ୍ତା ପାର୍ଶ୍ୱରେ ଏକ ଦୁଇଚକିଆ ଯାନ ଶୋ'ରୁମ୍ ଅନ୍ୟତ୍ର ସ୍ଥାନାନ୍ତର ହୋଇଛି। ଏଥିସହ ଜୁମା କଳକୁ ଆସୁଥିବା ଗ୍ରାହକ ମଧ୍ୟ ଅସୁବିଧା ଭୋଗୁଛନ୍ତି। ଏହାର ସ୍ଥାୟୀ ପ୍ରତିକାର ପାଇଁ କୁଜଙ୍ଗ ବିଡିଓ, ଜନପ୍ରତିନିଧି ଓ ପ୍ରଶାସନ ନିକଟରେ ବରିଷ୍ଠ ବ୍ୟବସାୟୀ ମହେଶ୍ୱର ମହାନ୍ତି ଅନୁରୋଧ କରିଛନ୍ତି।



ସେହିପରି ତାଳଦଣ୍ଡା କେନାଲରେ ଅଧିକ ପାଣି ଆସିଲେ ଏହି ରାସ୍ତାର ସମସ୍ୟା ବଢ଼ି ଯାଉଥିବାବେଳେ କେନାଲକୁ ଲାଗି ଏକ କଲଭର୍ଟ କାମ କରୁ ନ ଥିବାରୁ ଏହି ସମସ୍ୟାକୁ ଏବେ ଦ୍ୱିଗୁଣି କରିଛି। ଯଦି ସଦର ମହକୁମାର ଅବସ୍ଥା ଏଭଳି, ତେବେ ଉପାନ୍ତ ଅଞ୍ଚଳରେ ସ୍ଥିତି କ'ଣ ଥିବ ଅନୁମେୟ। ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ମହେଶ୍ୱର ମାହାନ୍ତି, ବିକ୍ରମ ମହାନ୍ତି, ପ୍ରସନ୍ନ ମହାନ୍ତି, ପିଣ୍ଟୁ ମହାନ୍ତି, ସେକ୍ ୱାସକ ଉଲ, ଟନିଆ ପଟ୍ଟନାୟକ ପ୍ରମୁଖ ଶିଳ୍ପମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପାଣି ନିଷ୍କାସନ ପଥକୁ ଜଣେ ବ୍ୟକ୍ତି ବନ୍ଦ କରି ରଖିବା ଯୋଗୁଁ ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ରାସ୍ତାରେ ପାଣି ଜମି ରହିବା ଯୋଗୁଁ ବ୍ୟବସାୟ ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି।

## ଗୋଲଡେନ୍ ସ୍ପାରେ ଚଢ଼ଉ

# ୯ ଯୁବତୀ ଉଦ୍ଧାର; ୪ ଗ୍ରାହକ ଅଟକ

**ପାରାଦୀପ, ୨୩।୮ (ସମିସ):** ପାରାଦୀପରେ ବିଭିନ୍ନ ମସାଜ ସେଣ୍ଟର ଓ ସ୍ପା ସେଣ୍ଟର ଆଳରେ ଦେହ ବ୍ୟବସାୟ ଚାଲିଥିବା ନେଇ ପୁଲିସ ପାଖରେ ଅନେକ ଦିନରୁ ଖବର ଥିଲା। ଏ ନେଇ ସ୍ଥାନୀୟ ଲୋକେ ମଧ୍ୟ ବାରମ୍ବାର ଥାନାରେ ଅଭିଯୋଗ କରିଥିଲେ। ବିଶେଷ ସୂତ୍ରରୁ ଖବର ପାଇ ଆଜି ସନ୍ଧ୍ୟାରେ ତାରିଣୀଗଡ଼ାରେ ଥିବା ଗୋଲଡେନ ସ୍ପାରେ ପାରାଦୀପ ଆଦର୍ଶ ଥାନାର ଏକ ଟିମ ଅଚାନକ ଚଢ଼ଉ କରିଥିଲା। ସେଠାରୁ ୯ ଜଣ ଯୁବତୀଙ୍କୁ ଉଦ୍ଧାର କରିବା ସହିତ ୪ ଜଣ ଗ୍ରାହକଙ୍କୁ ଥାନାକୁ ଆଣିଛି। ଗ୍ରାହକଙ୍କ ପରିଚୟ ଖୋଜିବା ସହ ସେମାନେ ପାରାଦୀପର ନାଁ ପାରାଦୀପ ବାହାରର ଯୁବକ ତାକୁ ନେଇ ପୁଲିସ ତଦନ୍ତ କରୁଛି। ତେବେ ଯୁବକମାନେ ପାରାଦୀପର ଏକ କେନ୍ଦ୍ରୀୟ ସଂସ୍ଥାର କର୍ମଚାରୀ ବୋଲି ଶୁଣିବାକୁ ମିଳୁଥିବାବେଳେ ଜାହାଜର କ୍ରୟୁ ମେମ୍ବର ବୋଲି ମଧ୍ୟ ଚର୍ଚ୍ଚା ହେଉଛି।

କିଛିମାସ ପୂର୍ବେ ଆଦର୍ଶ ଥାନା ପୁଲିସ ଏହି ସ୍ପା ଉପରେ ଚଢ଼ଉ କରି କିଛି ଯୁବତୀ ଓ ଗ୍ରାହକଙ୍କୁ ଧରିଥିଲା ଓ ପରେ ଛାଡ଼ିଦେଇଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା। ତେବେ ଏହି ସ୍ପା ସେଣ୍ଟରରେ ଏଭଳି ବେପାର ରୀତିମତ ଚାଲୁଥିବାରୁ ସ୍ଥାନୀୟ ଲୋକେ ମଧ୍ୟ ଅତିଷ୍ଠ ହୋଇପଡ଼ିଛନ୍ତି। ପାରାଦୀପ ଅଞ୍ଚଳର କିଛି ଦଲାଲ ସ୍ପା ମାଲିକଙ୍କୁ ହାତ କରି ବେଶ କିଛି ମୋଟା ଅଙ୍କର ଟଙ୍କା ରୋଜଗାର କରିବାକୁ ଯୋଜନା ଚଳାଇଛନ୍ତି। ପଶ୍ଚିମବଙ୍ଗରୁ ସୁନ୍ଦରୀ ଝିଅଙ୍କୁ ଆଣି ସ୍ପା ସେଣ୍ଟରରେ ନିୟୋଜିତ କରି ପ୍ରଚୁର ଟଙ୍କା ରୋଜଗାର ଚାଲିଥିଲା। ଏ ସମ୍ପର୍କରେ ଅଧିକ ତଥ୍ୟ ପାଇଁ ଆଦର୍ଶ ଥାନା ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବପର ହୋଇପାରି ନ ଥିଲା।

# ୧୩୫ ଗ୍ରାମ ବ୍ରାଉନସୁଗର ଜବତ, ଜଣେ ଗିରଫ

**ଜଗତସିଂହପୁର, ୨୩।୮ (ସମିସ):** ଜଗତସିଂହପୁର ଅବକାରୀ ବିଭାଗ ପକ୍ଷରୁ ସଦର ଥାନା ଅନ୍ତର୍ଗତ ଓହଳ (ପୁରୁଣା କୋର୍ଟ ଛକ)ରେ ଚଢ଼ଉ କରାଯାଇ ୧୩୫ ଗ୍ରାମ ବ୍ରାଉନସୁଗର ଜବତ କରାଯାଇଛି। ଏଥିସହିତ ଏହି ନିଶା ବ୍ୟବସାୟ କରୁଥିବା ଓହଳ ଗ୍ରାମର ମିର୍ଜା ଅକ୍ତାର ବେଗ୍‌କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏହି ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୧୧ ଲକ୍ଷ ୫୦ ହଜାର ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅବକାରୀ ନିରୀକ୍ଷକ ପ୍ରଭାସ ଚୌଧୁରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଚଢ଼ଉରେ ଏଏସ୍ଆଇ ପିନାକୀ ରଞ୍ଜନ ରାଉତରାୟ, କନେଷ୍ଟବଳ ଜୟଦେବ ପାତ୍ର, ସବିତା ନାୟକ, ସୁକାନ୍ତ ମାଝି ଓ ବିଶ୍ୱରଞ୍ଜନ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।



# ଲାଟିନ୍ ଭିତରୁ ନାଗସାପ ଉଦ୍ଧାର

**ପାରାଦୀପ, ୨୩।୮ (ସମିସ):** ପାରାଦୀପ ଉପକଣ୍ଠ ଝିମାଣି ବେହେରା ସାହିର ଅନୁରାଧା ସେଠୀଙ୍କ ବାଡ଼ିରେ ଥିବା ଏକ ଲାଟିନ ଭିତରୁ ୬ ଫୁଟର ନାଗସାପ ଉଦ୍ଧାର କରାଯାଇଛି। ଅନୁରାଧା ଲାଟିନ ଯିବା ସମୟରେ ସାପଟି ଗର୍ଜନ କରୁଥିବା ଶୁଣିଥିଲେ। ସଙ୍ଗେ ସଙ୍ଗେ ସାପଟି ଅନୁରାଧାଙ୍କୁ ଗୋଡ଼ାଇ ଆସିଥିଲା। ସେ ଭୟରେ ଘର ଲୋକଙ୍କୁ ଡାକ ପକାଇବା ସହିତ କୁଜଙ୍ଗର ସାପ ଧରାଳି ପ୍ରଭାତ ବେହେରାଙ୍କୁ ଫୋନ୍ କରିଥିଲେ। ଶ୍ରୀ ବେହେରା ସହଯୋଗୀ ମଣିଶଙ୍କର ପରିଡ଼ା, ଜ୍ୟୋତିରଞ୍ଜନ ମହାପାତ୍ର, ରାଜା ପରିଡ଼ା, ସୂର୍ଯ୍ୟକାନ୍ତ ସେଣ, ଗୋପୀ ସାହୁ ଓ ପଙ୍କଜ ତରାଇଙ୍କୁ ସାଙ୍ଗରେ ଧରି ପହଞ୍ଚି ସାପକୁ ଉଦ୍ଧାର କରିଥିଲେ।



# ବୃନ୍ଦାବନ ବିହାରୀ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ

**ଜଗତସିଂହପୁର, ୨୩।୮ (ସମିସ):** ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ ଅନ୍ତର୍ଗତ ଗୋଡ଼ାସ୍ଥ ବୃନ୍ଦବନ ବିହାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ +୨ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀକାନ୍ତ ନାୟକ ଏଥିରେ ସଭାପତିତ୍ୱ କରି ପାଠପଢ଼ିବା ସହିତ ଛାତ୍ରଛାତ୍ରୀ ଉତ୍ତମ ଚରିତ୍ର ଗଠନ ପାଇଁ ମାର୍ଗଦର୍ଶନ କରିଥିଲେ। ଅଧ୍ୟାପକ ତୁଷାର ଶିଖର ସ୍ୱାଇଁ, ସୁକାନ୍ତ ଜେନା, ନୃସିଂହ ଚରଣ ରଥ, ଅଜୟ କୁମାର ଦେବାଶିଷ, ଅଧ୍ୟାପିକା ସୁଜାତା ମୁଦୁଲି, ଅଧ୍ୟାପିକା ଅନସୂୟା ବେହେରା ପ୍ରମୁଖ ଯୋଗଦେଇ ଶିକ୍ଷା ଗ୍ରହଣ ସହିତ ନିଜକୁ ଜଣେ ଜଣେ ସୁନାଗରିକ ଭାବେ ଗଢି ତୋଳିବାକୁ ଉପସ୍ଥିତ ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ସାମାଜିକ କର୍ମୀ ଉମେଶ ଲେଙ୍କା ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମାଧ୍ୟମିକ ବିଦ୍ୟାଳୟର କର୍ମଚାରୀ ଚକ୍ରଧର ଦାସ, ନିରଞ୍ଜନ ରାଉତ, ସୁଶାନ୍ତ ହାତି, ଇନ୍ଦ୍ରମଣି ସାହୁଙ୍କ ସହିତ ସ୍ଥାନୀୟ ଗୋଡ଼ା ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ସୌଭାଗ୍ୟ ନାୟକ ସହଯୋଗ କରିଥିଲେ।



# ରେଡିଓ ଆଉଟ୍‌ରିଚ୍‌କୁ ୟୁନିସେଫ୍ ପୁରସ୍କାର




**ଏରସମା, ୨୩।୮ (ସମିସ):** ରାଜ୍ୟର ଅନ୍ୟତମ ଅଗ୍ରଣୀ ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ଆଉଟରିଚ୍‌କୁ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ 'ନିପୁଣ ଓଡ଼ିଶା'ର ପ୍ରସାରଣ ପାଇଁ ୟଙ୍ଗ ଇଣ୍ଡିଆ ଓ ୟୁନିସେଫ ପକ୍ଷରୁ ପୁରସ୍କୃତ କରାଯାଇଛି। ରାଜ୍ୟର ୨୦ଟି କମ୍ୟୁନିଟି ରେଡିଓରୁ ଏହି କାର୍ଯ୍ୟକ୍ରମ ପ୍ରସାରଣ ହୋଇଥିବାବେଳେ ରେଡିଓ ଆଉଟରିଚ୍‌କୁ ବେଷ୍ଟ ପରଫର୍ମର ଆୱାର୍ଡ ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା ପରିସରରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ଏହି ଆୱାର୍ଡ ପ୍ରଦାନ କରାଯାଇଥିଲା। ରେଡିଓ ଆଉଟରିଚ ପକ୍ଷରୁ ପ୍ରୋଗ୍ରାମ ଏକଜିକ୍ୟୁଟିଭ ସ୍ମୃତି ପ୍ରିୟଦର୍ଶିନୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସମ୍ମାନ ଗ୍ରହଣ କରିଥିଲେ। ୟୁନିସେଫର ଶିକ୍ଷା ବିଶେଷଜ୍ଞ ଲଳିତା ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ସତ୍ୟପ୍ରକାଶ ନାୟକ, ୟଙ୍ଗ ଇଣ୍ଡିଆର ପ୍ରତିଷ୍ଠାତା ଏନ୍.ଏ. ଶାହ ଅନସାରୀ ଯୋଗଦେଇଥିଲେ। ରେଡିଓ ଆଉଟରିଚ ପକ୍ଷରୁ ଦୀର୍ଘ ଦୁଇମାସ ଧରି ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ପ୍ରସାରଣ ହୋଇଥିଲା। ଶିଶୁଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନର ଗୁରୁତ୍ୱ ସମ୍ପର୍କରେ ଏହି କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା।

ରେଡିଓ ଆଉଟରିଚ ପକ୍ଷରୁ ପ୍ରଚାରିତ ହୋଇଥିବା ନିପୁଣ ଓଡ଼ିଶା ଧାରାବାହିକ କାର୍ଯ୍ୟକ୍ରମରେ ନାଟକ, ଲୋକଗୀତ ଓ ସାକ୍ଷାତକାର ଆଦି ଦ୍ୱାରା ଅଭିଭାବକଙ୍କୁ ସଚେତନ କରାଯିବାର ପ୍ରୟାସ ହୋଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ନିପୁଣ ଭାରତ ଓ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ନିଆଯାଇଥିବା ସ୍ୱତନ୍ତ୍ର ପଦକ୍ଷେପ ସମ୍ପର୍କରେ ମଧ୍ୟ ସୂଚନା ଦିଆଯାଇଥିଲା। ଛାତ୍ରଛାତ୍ରୀ, ଶିକ୍ଷକ, ଅଙ୍ଗନବାଡି କର୍ମୀ, ଅଭିଭାବକ, ଶିକ୍ଷା ଅଧିକାରୀ, ସରପଞ୍ଚ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜ ମତ ଦେଇଥିଲେ। ରେଡିଓ ଆଉଟରିଚକୁ ଏହି ସମ୍ମାନ ପ୍ରଦାନ କରାଯିବା ପରେ ଖୁସିବ୍ୟକ୍ତ କରିଛନ୍ତି କେନ୍ଦ୍ର ନିର୍ଦ୍ଦେଶକ ସୁବ୍ରତ କୁମାର ପତି। ମାତୃଭାଷାରେ ଶିକ୍ଷାଦାନର ଆବଶ୍ୟକତା ଓ ଉପଯୁକ୍ତ ଶୈକ୍ଷିକ ବାତାବରଣ ସୃଷ୍ଟିର ଉଦ୍ଦେଶ୍ୟରେ ଧାରାବାହିକ ଭାବେ ପ୍ରଚାରିତ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକଙ୍କ ଉପରେ ବେଶ ପ୍ରଭାବ ପକାଇଥିବା ଶ୍ରୀ ପତି କହିଛନ୍ତି।

# ଇଫ୍‌କୋ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



**ପାରାଦୀପ, ୨୩।୮ (ସମିସ):** ଇଫ୍‌କୋ ପାରାଦୀପ କର୍ମଚାରୀ, ଠିକାଦାର, ଶ୍ରମିକ ଓ ସ୍ଥାନୀୟ ଗ୍ରାମରେ ଜନସାଧାରଣଙ୍କୁ ଶିକ୍ଷିତ କରିବା ପାଇଁ ସଚେତନ କରିଥାଏ। ଇଫକୋ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ବିପଦ ଓ ବିଶେଷକରି ଜରୁରିକାଳୀନ ସମୟରେ ସତର୍କତା ଯଥା ନିକଟବର୍ତ୍ତୀ ଗ୍ରାମକରେ ଆମୋନିଆ ଗ୍ୟାସ୍ ଲିକେଜ୍ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଓ ଜଗତସିଂହପୁରର କଲେକ୍ଟୋରେଟଠାରେ ଜିଲ୍ଲା ସଙ୍କଟ ଗୋଷ୍ଠୀ (ଡିସିଜି) ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଇଫକୋ ପାରାଦୀପ ୟୁନିଟ୍ ଦ୍ୱାରା ଶୁକ୍ରବାର କୁଜଙ୍ଗ ବ୍ଲକର ଜଗତି ଗ୍ରାମ ଜଗନ୍ନାଥ ମନ୍ଦିର ପରିସରରେ ଆମୋନିଆ ଲିକେଜ୍ କ୍ଷେତ୍ରରେ ବିପର୍ଯ୍ୟୟ ପରିଚାଳନା, ଗୃହ ସୁରକ୍ଷା, ଅଗ୍ନି ନିରାପତ୍ତା ଓ ସଡ଼କ ସୁରକ୍ଷା ସଚେତନତା ଉପରେ ସାମୂହିକ ସଚେତନତା କାର୍ଯ୍ୟକ୍ରମ ସରପଞ୍ଚ, କୃଷକ ସାଥୀ, ଗ୍ରାମବାସୀ, ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା, ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡି କର୍ମୀ ଓ ଅନ୍ୟମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୩୦୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଅତ୍ୟନ୍ତ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଆମୋନିଆ ଲିକେଜ୍ ସମୟରେ କ'ଣ କରିବେ ଓ କ'ଣ କରିବେ ନାହିଁ, ତାହାର ଲିଫଲେଟ୍ ସେମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ଗ୍ରାମବାସୀଙ୍କୁ ନିଜକୁ ଓ ନିଜ ସାଥୀମାନଙ୍କୁ ସୁରକ୍ଷା ଦେବା ପାଇଁ ସଚେତନ କରିବା ପାଇଁ କରାଯାଇଥିଲା। ଗ୍ରାମବାସୀ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କୁଳମଣି ମାଝୀ, ଏମ.ଆର. ନାୟକ, ପି.ସି. ବିଶ୍ୱାଳ, ଆର.କେ. ରଞ୍ଜନ, ଏ.କେ. ଜେନା ଓ ଜେ.କେ. ଜେନା ପ୍ରମୁଖ ଉପସ୍ଥିତ ଲୋକଙ୍କୁ ଜରୁରିକାଳୀନ ପରିସ୍ଥିତି ସମୟରେ ଗ୍ରହଣ କରିବାକୁ ଥିବା ସତର୍କତା ବିଷୟରେ ବୁଝାଇଥିଲେ। ବିଷାକ୍ତ ଗ୍ୟାସ ଲିକେଜ୍ ସମୟରେ କ'ଣ କରିବେ ଓ କ'ଣ କରିବେ ନାହିଁ ସେ ବିଷୟରେ ଓଡ଼ିଆ ଭାଷାରେ ବିଭିନ୍ନ ଉପଦେଶ ପ୍ରଦାନ କରିଥିଲେ।

## ମହିଳା ଆୟୋଗର ଶିବିର ଅଦାଲତ

# ୨୨ ମାମଲାର ଶୁଣାଣି, ୫ଟିର ଆପୋସ ସମାଧାନ




**ଜଗତସିଂହପୁର, ୨୩।୮ (ସମିସ):** ଜଗତସିଂହପୁର ସହରର ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ରାଜ୍ୟ ମହିଳା ଆୟୋଗ ପକ୍ଷରୁ ଏକ ଶିବିର ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ଆୟୋଗ ଅଧ୍ୟକ୍ଷା ଶୋଭନା ମହାନ୍ତି ଓ ସଦସ୍ୟା ଉର୍ମିଳା ମହାପାତ୍ର ଯୋଗଦେଇ ମାମଲାଗୁଡିକର ଶୁଣାଣି କରିଥିଲେ। ସେହିପରି ଆୟୋଗର କାଉନସିଲର ବନ୍ଦନା ମହାନ୍ତି ଓ ପ୍ରିୟଦର୍ଶିନୀ ଆଚାର୍ଯ୍ୟ ଏଥିରେ ଯୋଗଦେଇ ଶୁଣାଣିରେ ସହଯୋଗ କରିଥିଲେ। ଏହି ଶିବିର ଅଦାଲତରେ ୩୩ଟି ମାମଲାର ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଥିବାବେଳେ ସେଥିରୁ ୨୨ଟିର ଶୁଣାଣି ହୋଇଥିଲା। ଏଥିରୁ ୫ଟି ମାମଲାର ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ କରାଯାଇଥିବାବେଳେ ୩ଟି ମାମଲାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ପୁଲିସ ପ୍ରଶାସନକୁ ପଠାଯାଇଥିଲା। ସେହିପରି ଅନ୍ୟ ୩ଟି ମାମଲାରେ ଆଇନଗତ ସହାୟତା ପ୍ରଦାନ ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଅନୁରୋଧ କରାଯାଇଛି। ବାକି ମାମଲାରେ ପୁନର୍ବାର ନୋଟିସ କରାଯିବା ପାଇଁ ଶିବିର ଅଦାଲତରେ ଆଦେଶ ଦିଆଯାଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ଜିଲ୍ଲା ସାମାଜ କଲ୍ୟାଣ ଅଧିକାରିଣୀ ବିଷ୍ଣୁପ୍ରିୟା ସେଠୀ, ସୁରକ୍ଷା ଅଧିକାରୀ ରମଣି ଲାକ୍ରା ଓ ପୋଲିସ ମୁଖ୍ୟାଳୟର ଡିଏସ୍‌ପି ରଶ୍ମିରଞ୍ଜନ ଦାସ ପ୍ରମୁଖ ଏହି ଶିବର ଅଦାଲତରେ ଉପସ୍ଥିତ ରହି ମାମଲା ପରିଚାଳନାରେ ସହଯୋଗ କରିଥିଲେ।

## ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଜମୁଛି ବର୍ଷାପାଣି

# ନିଷ୍କାସନ ବ୍ୟବସ୍ଥା ନ ହେଲେ ୩୦ରେ ଆନ୍ଦୋଳନ

**ଜଗତସିଂହପୁର, ୨୩।୮ (ସମିସ):** ଜଗତସିଂହପୁର ସହରର କେନ୍ଦ୍ରସ୍ଥଳ ସାନବଜାର ବସ୍‌ଷ୍ଟାଣ୍ଡ ନିକଟରେ ରହିଛି ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ। ତେବେ ଏହି କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା ମଝିରେ ବିରାଟ ଗର୍ତ୍ତ ହୋଇଥିବାରୁ ସାମାନ୍ୟ ଅସରାଏ ବର୍ଷାରେ ପାଣି ଜମି କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରୁଛି। ପ୍ରତିଦିନ ବିଦ୍ୟୁତ୍ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଙ୍କ ସମେତ ଶତାଧିକ ଲୋକ ଏହି ରାସ୍ତାରେ ଅତ୍ୟନ୍ତ ଦୟନୀୟ ଭାବେ ଯାତାୟାତ କରୁଛନ୍ତି। ପୂର୍ବରୁ ଏହି ରାସ୍ତା ମରାମତି ପାଇଁ ଜଗତସିଂହପୁର ପୌର ପରିଷଦ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପାରିଷଦଙ୍କୁ ଅବଗତ କରାଯାଇଛି। ତେବେ ଅଦ୍ୟାବଧି ଏହି ସମସ୍ୟାର ସମାଧାନ ହୋଇପାରିଲା ନାହିଁ। ତେଣୁ ଏହାର ପ୍ରତିବାଦରେ ଆସନ୍ତା ୩୦ ତାରିଖରେ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ସହିତ ରାସ୍ତାରେ ଶୋଇ ପ୍ରତିବାଦ କରାଯିବା ବୋଲି ଆଇନଜୀବୀ ବାସୁଦେବ ସୂଚନା ଦେଇଛନ୍ତି।



## ଅମାନିଆ ଡ୍ରାଇଭରଙ୍କୁ ବନ୍ଦର କର୍ତ୍ତୃପକ୍ଷଙ୍କ ଛାଟ

# ବେଆଇନ ଭାବେ ଟ୍ରକ୍ ପାର୍କିଂ କଲେ ୧୦ ହଜାର ଜରିମାନା

ପାରାଦୀପ, ୨୩।୮ (ସମିସ)

ବେଆଇନ୍ ଗାଡ଼ି ପାର୍କିଂ କଲେ ଦେବାକୁ ପଡ଼ିବ ୧୦ ହଜାର ଟଙ୍କାର ଜରିମାନା। ଏ ନେଇ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଏକ ବିଜ୍ଞପ୍ତି ଜାରି କରିଛନ୍ତି। ବନ୍ଦରର ସୂଚନା ମୁତାବକ ଭାରିଯାନ ଡ୍ରାଇଭର ମନଇଚ୍ଛା ପାରାଦୀପ ବନ୍ଦରର ବିଭିନ୍ନ ସ୍ଥାନରେ ବେପରୁଆ ଭାବେ ପାର୍କିଂ କରୁଛନ୍ତି। ଯଦ୍ୱାରା ରାସ୍ତା ସଂକୁଚିତ ହେବା ସହିତ ଦୁର୍ଘଟଣା ଘଟୁଛି। ଏହାକୁ ଦୃଷ୍ଟିରେ ରଖି ପାରାଦୀପ ବନ୍ଦର ପକ୍ଷରୁ ବେଆଇନ୍ ପାର୍କିଂ ଉପରେ ରୋକ ଲଗାଯାଇଛି। ଏ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ବନ୍ଦର କର୍ତ୍ତୃପକ୍ଷ। ଯଦି କେହି ଡ୍ରାଇଭର ଭାରୀଯାନକୁ ଅଠରବାଙ୍କୀ ଗେଟ ନିକଟରୁ ରେଲୱେ ଷ୍ଟେସନ ରାସ୍ତା, ଅଠରବାଙ୍କୀ ଗେଟ ନିକଟରୁ ବନ୍ଦର ୧ ନମ୍ବର ଗେଟ ପର୍ଯ୍ୟନ୍ତ ଭୟା ମାଛଧରା ବନ୍ଦର ରାସ୍ତା ଓ ବନ୍ଦରର ୫ ନମ୍ବର ଗେଟରୁ ମେରାଇନ ରାସ୍ତା କଡ଼ରେ ବେଆଇନ ଭାବେ ପାର୍କିଂ କରନ୍ତି, ତେବେ ସେମାନଙ୍କଠାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯିବା ନେଇ ବନ୍ଦରର ସଚିବ ସୂଚନା ଦେଇଛନ୍ତି।

ଏ ସମ୍ପର୍କରେ ଏକ ଚିଠି ପାରାଦୀପରେ ଥିବା ପାରାଦୀପ ଟ୍ରକ ମାଲିକ ସଙ୍ଘ, ଜଗତସିଂହପୁର ଜିଲ୍ଲା ଟ୍ରକ ମାଲିକ ସଙ୍ଘ ଓ ଜଗନ୍ନାଥ ଟ୍ରକ ମାଲିକ ସଙ୍ଘ, ଡମ୍ଫର ମାଲିକ ସଙ୍ଘ, ପାରାଦୀପ ଅତିରିକ୍ତ ଏସ୍‌ପି ଓ ପାରାଦୀପ ଆଦର୍ଶ ଥାନା ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି। ଯେହେତୁ ପାରାଦୀପ ବନ୍ଦର ଏକ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ବନ୍ଦର ଏଠାକୁ ରାଜ୍ୟ ଓ ରାଜ୍ୟ ବାହାରୁ ପର୍ଯ୍ୟଟକ ଓ ବହୁ ସରକାରୀ ଅଧିକାରୀ ପାରାଦୀପକୁ ଆସୁଛନ୍ତି। ସେମାନେ ଏହି ବେଆଇନ୍ ପାର୍କିଂ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ସ୍କୁଲକୁ ଯାଉଥିବା ଛାତ୍ରଛାତ୍ରୀ, ସାଧାରଣ ଲୋକେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ତା' ସହିତ ଆଉ ମାତ୍ର ଦିନ କେଇଟା ପରେ ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହେବ। ତେବେ ରାସ୍ତାରେ ଏଭଳି ବେଆଇନ ପାର୍କିଂ କଲେ ଦୁର୍ଘଟଣା ହେବ ହିଁ ହେବ। ଏହାକୁ ଆଖିରେ ଆଗରେ ରଖି ବନ୍ଦର ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ସବୁ ମହଲରେ ସ୍ୱାଗତ କରାଯାଇଛି।

# ନାବାଳିକା ଦୁଷ୍କର୍ମ ଅଭିଯୋଗରେ ଜଣେ ଗିରଫ

**ଜଗତସିଂହପୁର, ୨୩।୮ (ସମିସ):** ଜଗତସିଂହପୁର ସଦର ଥାନା ଅଞ୍ଚଳର ଜଣେ ୧୬ ବର୍ଷର ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଜଣେ ଯୁବକ ଗିରଫ ହୋଇଛି। ଯୁବକର ନାମ ଲୋକନାଥ ଭୋଇ ଓ ତା'ର ଘର ବିରିଡି ଥାନା ଅନ୍ତର୍ଗତ ଦୋଗଛିଆ ଅଞ୍ଚଳରେ ବୋଲି ସଦର ଥାନା ସୂତ୍ରରୁ ସୂଚନା ମିଳିଛି। ଅଭିଯୁକ୍ତ ଲୋକନାଥକୁ ଆଜି କୋର୍ଟ ଚାଲାଣ କରାଯାଇଛି।

# ବୃଦ୍ଧି ପାଉଛି ମଶା; ଲୋକେ ଅତିଷ୍ଠ

## ମଶାରି ଯୋଗାଇଦେବାକୁ ଦାବି



ରାଇରଙ୍ଗପୁର, ୨୩।୮ (ସମିସ): ରାତି ହେଉ କି ଦିନ ହେଉ ସବୁଆଡ଼େ ମଶାଙ୍କ ପାଦୁର୍ଭାବ। ମଶାଙ୍କ ଉତ୍ପାତରେ କଲବଲ ଲୋକ। ଜାମଦା ବ୍ଲକର ପ୍ରତି ଗ୍ରାମ ପଞ୍ଚାୟତର ଗାଁଗୁଡ଼ିକରେ ମଶା ଯୋଗୁଁ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ମଶାଙ୍କ ଦାଉରୁ ବର୍ତ୍ତିବାକୁ ଘରେ ବ୍ୟବହାର ହେଉଥିବା ମଶାଧୂପ, ଲିକ୍ୱିଡ୍, ଝୁଣା ଧୂଆଁ କିଛି କାମ କରୁନି। ସ୍ଥିତି ଏପରି ହେଲାଣି ଯେ, ପିଲାମାନେ ମଶାରି ଭିତରେ ବସି ପାଠ ପଢ଼ିବାକୁ ବାଧ ହେଉଛନ୍ତି। ବିଭିନ୍ନ ପଞ୍ଚାୟତର ନାଳନର୍ଦ୍ଦମା ଖୋଲା ରହିଥିବାରୁ ନିୟମିତ ସଫା କରାଯାଉନାହିଁ। ଫଳରେ ନର୍ଦ୍ଦମା ପାଣିରେ ମଶାବଂଶ ବୃଦ୍ଧି ପାଇଚାଲିଛି। ସୂଚନା ଯୋଗ୍ୟ ଯେ, ସ୍ୱାସ୍ଥ୍ୟ ବିଭାଗ ତରଫରୁ ଯେଉଁ ମଶାରୀ ବଣ୍ଟନ କରାଯାଉଛି ତାହା ଜାମଦା ବ୍ଲକରେ ସମସ୍ତଙ୍କୁ ମିଳୁନାହିଁ। କିଛି ଦିନ ପୂର୍ବରୁ ତାଳଗାଁ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ମଶାରୀ ବଣ୍ଟନ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ମଶାରୀ ବଣ୍ଟନକୁ ବନ୍ଦ ରଖିଥିଲେ କର୍ତ୍ତୃପକ୍ଷ। ତେଣୁ ଆବଶ୍ୟକ ଅନୁସାରେ ମଶାରୀ ଯୋଗାଇ ଦେବାକୁ ୟୁଏସ୍ଆଇ ସଂଗଠନର ରାଜ୍ୟ ସଂଯୋଜକ ପ୍ରଶ୍ନକୁମାର ଶତପଥୀ, ଜାମଦ ଅଞ୍ଚଳର ବିକାଶ ନାୟକ ପ୍ରମୁଖ ଦାବି କରିଛନ୍ତି।

# ରେଳ ସମ୍ପ୍ରସାରଣ ନିମନ୍ତେ ଜମି ଅଧିଗ୍ରହଣକୁ ନେଇ ଗ୍ରାମସଭା

ରାଇରଙ୍ଗପୁର/ବିଶୋଇ, ୨୩।୮ (ସମିସ): ବାଙ୍ଗିରିପୋଷି ଠାରୁ ଗୋରୁମହିଷାଣି ପର୍ଯ୍ୟନ୍ତ ରେଳ ସମ୍ପ୍ରସାରଣରେ ଜମି ଅଧିଗ୍ରହଣକୁ ନେଇ ବିଶୋଇ ତହସିଲ ଅଧୀନସ୍ଥ ଲୁହାକାନୀ ଗ୍ରାମରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସଲମା ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗ୍ରାମସଭାରେ ରେଳବାଇ ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ଜେନା, ଯନ୍ତ୍ରୀ ସ୍ୱନ୍ଦନ କୁମାର ସେଠୀ ଯୋଗ ଦେଇଥିଲେ। କୌଣସି ବ୍ୟକ୍ତିଙ୍କ ଘର, କମ୍ବା ଜମି ଏହି ରେଳପଥ ନିର୍ମାଣ ପାଇଁ ବିନିଯୋଗ ହେଲେ ସରକାରଙ୍କର ନିୟମ ଅନୁଯାୟୀ ଜମିର ଅନୁକମ୍ପା ରାଶି ପ୍ରଦାନ କରାଯିବ ବୋଲି କହିଥିଲେ। ତତ୍‌ସହିତ ରେଳବିଭାଗ ଜମି ଅକ୍ତିଆର କରିବା ପର୍ଯ୍ୟନ୍ତ ଉକ୍ତ ଅର୍ଥରାଶିର ସୁଧ ପ୍ରଦାନ କରାଯିବ। ଯଦି କୌଣସି ବ୍ୟକ୍ତିଙ୍କ ସମସ୍ତ ଜମି ରେଳ ବିଭାଗ ନେଇଯାଏ ତାହାଲେ ସେହି ବ୍ୟକ୍ତିଙ୍କୁ ଘର ତିଆରି କରିବା ପାଇଁ ସରକାରଙ୍କ ପକ୍ଷରୁ ଜମି ଯୋଗାଇ ଦିଆଯିବ ବୋଲି ସୂଚନା ପ୍ରଦାନ କରିଥିଲେ। ସୂଚନା ଥାଉକି ଏହି ନୂତନ ରେଳପଥ ନିର୍ମାଣ ପାଇଁ ବିଶୋଇ ତହସିଲର ୨୧ଗ୍ରାମର ଜନସାଧାରଣଙ୍କ ଜମି ଅଧିଗ୍ରହଣ କରାଯିବ ବୋଲି ଜାଣିବାକୁ ମିଳିଛି। ବୈଠକରେ ଜମି ଅଧିଗ୍ରହଣକୁ ନେଇ ବିଷଦ ଭାବେ ଆଲୋଚନା ପରେ ଗ୍ରାମବାସୀ ନୂତନ ରେଳପଥ ପ୍ରକଳ୍ପକୁ ସର୍ବସମ୍ମତି କ୍ରମେ ଅନୁମୋଦନ କରିଥିଲେ। ତେବେ ବିଶୋଇ ପାଟପୁର ପରିସୀମା ଭିତରେ ମଧ ସ୍ଥଳୀରେ ରେଳ ଷ୍ଟେସନ ନିର୍ମାଣ କରିବାକୁ ଲୁହାକାନୀ ପଞ୍ଚାୟତର ଗ୍ରାମର ଗ୍ରାମବାସୀ ଦାବି ଉପସ୍ଥାପନ କରିଥିଲେ। ଉକ୍ତ ବୈଠକରେ ବ୍ଲକ ନୋଡାଲ ଅଧିକାରୀ କିର୍ଷ୍ଣା କଚ୍ଛପ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରବୀନ୍ଦ୍ର ନାଥ ସିଂ, ନାଏବ ସରପଞ୍ଚ ଜଗମୋହନ ନାଏକ, ୱାର୍ଡମେମ୍ବର ଭୁବନ ବେହେରା, ଅନୁରାଧା ମଣ୍ଡଳ ଓ ଗ୍ରାମ ମୁଖ୍ୟଙ୍କ ସମେତ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ।



## ବିଶୋଇ ପାଟପୁର ମଧ୍ୟସ୍ଥଳୀରେ ରେଳ ଷ୍ଟେସନ ଦାବି

# ଲିଜ୍ ଅର୍ଥ ଭାଗବାଣ୍ଟକୁ ନେଇ ମାରପିଟ୍; ଥାନାରେ ମାମଲା

କୁଆମରା, ୨୩।୮ (ସମିସ): ଅର୍ଥ ଦେଣନେଣ ଓ ଭାଗବଣ୍ଟାକୁ ନେଇ ଦୁଇ ଜଣଙ୍କ ମଧ୍ୟରେ ମାରପିଟ୍ ହେବା ଯୋଗୁଁ ଥାନାରେ ପୃଥକ ମାମଲା ରୁଜୁ ହୋଇଛି। ସୂଚନା ଅନୁସାରେ, ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ମାଙ୍କଡ଼କେନ୍ଦା ଗ୍ରାମର ବଳରାମ ସିଂ ଓ ପରମାନନ୍ଦ ସିଂ ଚାଷ କାମ ପୂର୍ବରୁ ବ୍ୟବସାୟ ଉଦ୍ଦେଶ୍ୟରେ ଏକ ଟ୍ରାକ୍ଟର ଲିଜରେ ଆଣିଥିଲେ। ଟ୍ରାକ୍ଟର ଆଣିବା ପରେ ଉଭୟ ବିଭିନ୍ନ ଜମିରେ ହଳ କରିବା ପାଇଁ ଭଡା ଆଦାୟ କରୁଥିଲେ। ଚାଷ ସରିଯିବା ପରେ ସପ୍ତାହ ତଳେ ଟ୍ରାକ୍ଟର ମାଲିକ ଲିଜରେ ଦେଇଥିବା ଅର୍ଥ ମାଗିବାକୁ ଆସିଥିଲେ; ମାତ୍ର ଉଭୟଙ୍କ ମଧ୍ୟରେ ହିସାବ କିତାବକୁ ନେଇ ପାଟିତୁଣ୍ଡ ଆରମ୍ଭ ହୋଇଥିଲା। ପରେ ପାଟିତୁଣ୍ଡ ଉଗ୍ରରୂପ ନେଇ ଉଭୟ ମାରପିଟ ହୋଇଥିଲେ। ଶେଷରେ ଆଦାୟ କରିଥିବା ଅର୍ଥ ଉଭୟଙ୍କ ମଧ୍ୟରେ ତାଳମେଳ ନ ଖାଇବା ଯୋଗୁଁ ଦୁଇ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଅଭିଯୋଗ ପାଇ ପୃଥକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି କହିଛନ୍ତି।

● ରାଜ୍ୟସ୍ତରୀୟ ପାରା ଖେଳକୁଦ ପ୍ରତିଯୋଗିତା

# ଦୃଷ୍ଟିବାଧିତ ଦିବ୍ୟାଙ୍ଗ ରଞ୍ଜନ ଓ ରଜଙ୍କୁ ସ୍ୱର୍ଣ୍ଣ



ବାରିପଦା, ୨୩।୮ (ସମିସ): ଓଡ଼ିଶା ପାରା ସ୍ପୋର୍ଟସ ଆସୋସିଏସନ ଆନୁକୂଲ୍ୟରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାର ଦୁଇ ତାରକା ରଞ୍ଜନ ହାଁସଦା ଓ ରଜ ମାର୍ଣ୍ଡି ସ୍ୱର୍ଣ୍ଣ ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିବାସହ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ରଞ୍ଜନ ୧୦୦ ମିଟର, ୨୦୦ ମିଟର ଦୌଡ଼ ସହ ଲମ୍ବଡିଆଁରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରିଥିବା ବେଳେ ରଜ ମାର୍ଣ୍ଡି ସଟପୁଟ ଓ ଡିସକାସ ଥ୍ରୋରେ ପ୍ରଥମ ସ୍ଥାନ କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଉଭୟ ଖେଳାଳି ଜାତୀୟସ୍ତରୀୟ ପାରା ଆଥଲେଟକ ମିଟରେ ଭାଗନେବା ପାଇଁ ମନୋନୀତ ହୋଇଛନ୍ତି। ଖବର ପାଇ ଜିଲ୍ଲାପାଳ ହେମକାନ୍ତ ସଏ ଓ ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ ଉଭୟଙ୍କୁ ଅଭିନନ୍ଦନ ଜଣାଇବା ସହ ପରବର୍ତ୍ତୀ ଖେଳ ପାଇଁ ଶୁଭକାମନା ଜଣାଇଛନ୍ତି। ତତସହିତ ବିଭିନ୍ନ ମହଲରୁ ଉଭୟଙ୍କ ପାଇଁ ଅଭିନନ୍ଦନର ସୁଅ ଛୁଟିଛି। ପ୍ରକାଶ ଥାଉକି ବାରିପଦାର ରଞ୍ଜନ ଓ ଉଦଳାର ରଜ ଉଭୟେ ଦୃଷ୍ଟିବାଧିତ ଦିବ୍ୟାଙ୍ଗ ହୋଇ ମଧ ନିଜର ପ୍ରତିଭା ବଳରେ ଜାତୀୟ ସ୍ତର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୌଭାଗ୍ୟ ଅର୍ଜନ କରିପାରିଛନ୍ତି।

# ସାକରାଙ୍କୁ କେବେ ମିଳିବ ଭତ୍ତା



ରାଇରଙ୍ଗପୁର, ୨୩।୮ (ସମିସ): ଗରିବଙ୍କ କଲ୍ୟାଣ ପାଇଁ ସରକାର ବିଭିନ୍ନ କାର୍ଯ୍ୟକ୍ରମମାନ ହାତକୁ ନେଇଛନ୍ତି। କିନ୍ତୁ ବିଭିନ୍ନ ସମୟରେ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ଅବହେଳା ଏବଂ ସଚେତନତା ଅଭାବରୁ ସରକାରୀ ଯୋଜନା ହିତାଧିକାରୀଙ୍କ ନିକଟରେ ଠିକ୍ ସମୟରେ ପହଞ୍ଚି ପାରୁନାହିଁ। ଫଳରେ ହିତାଧିକାରୀ ସରକାରୀ ଯୋଜନାର ସୁଫଳ ପାଉନାହାନ୍ତି। ଏପରିକି ସରକାରୀ ଯୋଜନା ବାଟବଣା ହେଉଛି ବୋଲି ଅଭିଯୋଗ ହେଉଛି। ବିଜାତଳା ବ୍ଲକ ମୁଣ୍ଡାଠାକୁରା ପଞ୍ଚାୟତ ମୁଣ୍ଡକ୍ଷକାଟି ଗ୍ରାମର ସାକର ହେମ୍ବ୍ରମ ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ତାଙ୍କୁ ବୟସ ହୋଇଥିଲେ ମଧ ଏଯାଏ ତାଙ୍କୁ ଭତ୍ତା ମିଳିନି। ଏନେଇ ପଡୋଶୀ ଏବଂ ଗ୍ରାମବାସୀ ପ୍ରଶାସନିକ ଅବହେଳାକୁ ଦାୟୀ କରିଛନ୍ତି। ତୁରନ୍ତ ପ୍ରଶାସନ ପକ୍ଷରୁ ତାଙ୍କୁ ଭତ୍ତା ପ୍ରଦାନ କରିବାର ସୁବ୍ୟବସ୍ଥା କରିବାକୁ ଦାବି ହୋଇଛି।

## ଲଗାଣ ବର୍ଷାରେ ଭୁଶୁଡ଼ିଲା କାନ୍ଥ

# କକା ଗୁରୁତର, ପୁତୁରା ଆହତ



ଠାକୁରମୁଣ୍ଡା/ମହୁଲଡିହା, ୨୩।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଚମ୍ପାଝର ପଞ୍ଚାୟତ ଅନ୍ତର୍ଗତ ସୁଦର୍ଶନପୁର ଗ୍ରାମରେ ଶନିବାର ସକାଳେ ନିଜ ଘର ପିଣ୍ଡାରେ କକା ଓ ପୁତୁରା ବସିଥିବା ସମୟରେ କାନ୍ଥ ଭୁଶୁଡି ପଡ଼ି ଅଘଟଣ ଘଟିଛି। ଏହି ଘଟଣାରେ କକା ଛୁଟୁରାମ ହୋ (୫୦) ଗୁରୁତର ଥିବା ବେଳେ ପୁତୁରା ପାଇକରାୟ ହୋ (୩୦) ଆହତ ହୋଇଛନ୍ତି। ଘଟଣାସ୍ଥଳରୁ ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ କକା ଛୁଟୁରାମଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଉପଖଣ୍ଡ ଚିକିତ୍ସାଳୟ କରଞ୍ଜିଆକୁ ସ୍ଥାନାନ୍ତର କରାଯାଇଛି। ଦୁଇଦିନ ଧରି ଲଗାଣ ବର୍ଷା ଲାଗି ରହିଥିବାରୁ ନଡା ଛାଉଣୀ, ଇଟା କାନ୍ଥ ବର୍ଷା ପାଣି ପଡ଼ି ଦୁର୍ବଳ ହୋଇଯାଇଥିଲା। ବର୍ଷା ଲାଗି ରହିଥିବାରୁ ସକାଳ ପ୍ରାୟ ୮ଟା ୩୦ ସମୟରେ କକା ଓ ପୁତୁରା ଘର ବାରଣ୍ଡାରେ ବସିଥିବା ବେଳେ କାନ୍ଥ ତାଙ୍କ ଉପରେ ପଡ଼ି ଯାଇଥିଲା। କାନ୍ଥ ପଡ଼ି ଛୁଟୁରାମଙ୍କ ବାମ ଗୋଡ଼ ଭାଙ୍ଗିବା ସହିତ ପିଠିରେ ଆଘାତ ଲାଗିଛି।

## ସରକାରୀ ମହିଳା ମହାବିଦ୍ୟାଳୟ

# ରେଡ୍‌କ୍ରସର ନବାଗତଙ୍କ ପରିଚୟ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ବାରିପଦା, ୨୩।୮ (ସମିସ): ସରକାରୀ ମହିଳା ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସ ତରଫରୁ ନବାଗତ ସ୍ୱେଚ୍ଛାସେବୀମାନଙ୍କ ପାଇଁ ଏକ ପରିଚୟ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଯୁବ ରେଡ୍‌କ୍ରସର ପରାମର୍ଶଦାତା ତଥା ବାଣିଜ୍ୟ ବିଭାଗର ଅଧ୍ୟାପିକା ତପସ୍ୱିନୀ ନାଏକ ଯୁବ ରେଡ୍‌କ୍ରର ଭୂମିକା ଓ ବିଗତ ଦିନରେ ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସ ୟୁନିଟର ବିଭିନ୍ନ ସଫଳତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ସାଗରିକା ସିଂହ ଛାତ୍ରୀମାନଙ୍କୁ ଉଦବୋଧନ ଦେଇ କହିଥିଲେ ଯେ, ଛାତ୍ରୀମାନେ ସ୍ୱେଚ୍ଛାକୃତ ଭାବେ ଯୁବ ରେଡ୍‌କ୍ରସରେ ଯୋଗ ଦେବା ଏବଂ ସ୍ୱତଃ ଅନ୍ୟକୁ ସାହାଯ୍ୟ କରିବା ଉଚିତ। ତତସହିତ ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସର ବିଭିନ୍ନ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ତଥା ପ୍ରଶିକ୍ଷକ ଭାବେ କେସି ଉଚ୍ଚ ବିଦ୍ୟାଳୟର ସେବାନିବୃତ୍ତ ପ୍ରଧାନଶିକ୍ଷକ ବାମନ ଚନ୍ଦ୍ର ମହାନ୍ତି ଯୋଗଦେଇ ରେଡ୍‌କ୍ରସର ସୃଷ୍ଟି ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପଦାର୍ଥ ବିଜ୍ଞାନର ସହକାରୀ ପ୍ରଫେସର ଡ. ଅନୁପମା ଭୋଳ ଛାତ୍ରୀମାନେ ପ୍ରଶିକ୍ଷିତ ହେବା ଏବଂ ଏହାକୁ ଜୀବନର କାମରେ ଲଗାଇ ଅନ୍ୟକୁ ସାହାଯ୍ୟ ତଥା ସେବା ଯୋଗାଇପାରିଲେ ଆଜିର କାର୍ଯ୍ୟକ୍ରମ ସଫଳ ହେବ ବୋଲି କହିଥିଲେ। ସ୍ୱେଚ୍ଛାସେବୀ ସୁଶ୍ରୀ ଶୁଭସ୍ମିତା ମହାନ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଇଂରାଜୀ ବିଭାଗର ସହକାରୀ ପ୍ରଫେସର ରଜନୀକାନ୍ତ ଶଙ୍ଖୁଆ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସୁଶ୍ରୀ ପାର୍ବତୀ ମୁଣ୍ଡାଲୋହାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରୀମାନଙ୍କ ଦ୍ୱାରା ଏଡସ ଓ ରାସ୍ତା ଦୁର୍ଘଟଣା ସମ୍ପର୍କିତ ସଚେତନୀତିମକ ନାଟକ ପରିବେଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମକର୍ତ୍ତା ଓ ଛାତ୍ରୀଗଣ ଅଂଶଗ୍ରହଣ କରିଥିଲେ।

# ମୁଗୁଦି ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବଣ୍ଟନ



ରାଇରଙ୍ଗପୁର, ୨୩।୮ (ସମିସ): ଜାମଦା ବ୍ଲକ କାଣ୍ଡସର କ୍ଲଷ୍ଟର ଅନ୍ତର୍ଗତ ମୁଗୁଦି ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଶାନ୍ତ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟ ଅଧ୍ୟକ୍ଷ ସିଦ ଚରଣ ହେମ୍ବ୍ରମ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପୋଷାକ, ଟୋପି, ଜୋତା, ମୋଜା ଓ ପରିଚୟପତ୍ର ବିତରଣ କରିଥିଲେ। ପ୍ରତି ବୁଧବାର ଓ ଶନିବାର ହାଉସ ଡ୍ରେସ ପୋଷାକ ପିନ୍ଧିବା, ଅନ୍ୟ ଦିନଗୁଡିକରେ ବିଦ୍ୟାଳୟ ଗଣବେଶ ପିନ୍ଧିବା, ଜୋତା ମୋଜା ନିଶ୍ଚୟ ପିନ୍ଧି ବିଦ୍ୟାଳୟକୁ ଆସିବାକୁ ଉତ୍ସାହିତ କରିଥିଲେ। ସିଆରସିସି ହରିପଦ ମୁଣ୍ଡା, ୟୁଏସ୍ଆଇ ସଂଗଠନର ପିକେ ଶତପଥୀ ଏବଂ ବିଦ୍ୟାଳୟର ମେମ୍ବର ସମୂହ ଯୋଗଦେଇ ପ୍ରତିଦିନ ସଫାସୁତୁରା ହୋଇ ସ୍ୱଚ୍ଛ ପୋଷାକ ପିନ୍ଧିବା ଉତ୍ତମ ଛାତ୍ରର କର୍ତ୍ତବ୍ୟ ବୋଲି କହିଥିଲେ।

# ହୋ' ଲାଙ୍ଗୁଏଜ୍ ଆକ୍ସନ କମିଟି କେନ୍ଦ୍ରୀୟ ସଭାପତି ଦୌଡ଼ରେ ମନୋରଞ୍ଜନ



ରାଇରଙ୍ଗପୁର, ୨୩।୮ (ସମିସ): ଅଲ୍ ଇଣ୍ଡିଆ ହୋ' ଲାଙ୍ଗୁଆଜ୍ କମିଟି ଜାତୀୟସ୍ତରରେ ଆଦିବାସୀ ହୋ ଭାଷା ଆନ୍ଦୋଳନର ନେତୃତ୍ୱ ନେଉଛି। ହୋ ଲାଙ୍ଗୁଆଜ୍ ଆକ୍ସନ କମିଟି ୨୦୧୧ ମସିହାରେ ଏହି ସଂଗଠନ ରାଇରଙ୍ଗପୁରଠାରେ ବିଭିନ୍ନ ସାମାଜିକ ସଂଗଠନଗୁଡିକର ସମ୍ମିଶ୍ରଣରେ ଗଠିତ ହୋଇଥିଲା। ଏହାପରେ ୨୦୨୨ ମସିହାରୁ ଆଜି ଯାଏ ରାମରାୟ ମୁନ୍ଦୁୟାଙ୍କୁ ସଭାପତି ନିର୍ବାଚିତ କରାଯାଇଥିଲା। କିଛି ମାସ ତଳେ ହୋ ଲାଙ୍ଗୁଆଜ୍ ଆକ୍ସନ କମିଟିର ପୁନର୍ଗଠନ ଦାବିରେ କେନ୍ଦ୍ରୀୟ ଉପସଭାପତି ଗିରୀଶଚନ୍ଦ୍ର ହେମ୍ବ୍ରମ ଇସ୍ତଫା ଦେବା ପରେ ନୂତନ ପଦାଧିକାରୀ ନିର୍ବାଚନ ନିମନ୍ତେ ପଥ ପରିଷ୍କାର ହୋଇଥିଲା। ଆସନ୍ତା ୨୪ ତାରିଖରେ ନୂତନ କେନ୍ଦ୍ରୀୟ ସଭାପତି ଏବଂ କେନ୍ଦ୍ରୀୟ ସାଧାରଣ ସମ୍ପାଦକ ଚୟନ ନିମନ୍ତେ ରାଇରଙ୍ଗପୁର କଲ୍ୟାଣ ମଣ୍ଡପରେ ଆକ୍ସନ କମିଟିର ନିର୍ବାଚନ ହେବାକୁ ଯାଉଛି। ଏଥିରେ ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆସାମ ରାଜ୍ୟର ପ୍ରତିନିଧିମାନେ ଯୋଗଦେବେ। ସାମାଜିକ କର୍ମୀ ତଥା ବରିଷ୍ଠ ହୋ ଭାଷା ଆନ୍ଦୋଳନକାରୀ ମନୋରଞ୍ଜନ ତିରିଆ କେନ୍ଦ୍ରୀୟ ସଭାପତି ପଦବୀ ନିମନ୍ତେ ଦୌଡରେ ରହିଛନ୍ତି। ଶ୍ରୀ ତିରିଆଙ୍କ ଓଡ଼ିଶାରେ ଆଗ ଧାଡ଼ିର ହୋ ଭାଷା ଆନ୍ଦୋଳନକାରୀ ରୂପେ ସ୍ୱତନ୍ତ୍ର ପରିଚୟ ରହିଛି। ରାଜ୍ୟ ସରକାରଙ୍କ ହୋ ଭାଷାର ମାନ୍ୟତା ପାଇଁ କେନ୍ଦ୍ର ସରକାରକୁ ସୁପାରିସ ପୂର୍ବରୁ ଗଠିତ ବିଶେଷଜ୍ଞ କମିଟିରେ ସେ ସଦସ୍ୟ ରୂପେ କାର୍ଯ୍ୟ କରିବାର ସୁଯୋଗ ପାଇଛନ୍ତି। ଏଥିସହିତ ହୋ ଭାଷାରେ ବିଶେଷ ଅବଦାନ ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ୨୦୧୩ ମସିହାରେ ଆଦିବାସୀ ପ୍ରତିଭା ସମ୍ମାନ ପାଇଛନ୍ତି।

# ଅଙ୍ଗନବାଡ଼ି ରୋଷେଇ ବେଳେ ଗ୍ୟାସ୍ ପାଇପ୍‌ରୁ ନିଆଁ

● ଅଳ୍ପକେ ବର୍ତ୍ତିଲେ କୁନି ପିଲା



ଖୁଣ୍ଟା, ୨୩।୮ (ସମିସ): ଖୁଣ୍ଟା ବ୍ଲକ କୁସୁମଘାଟି ଗ୍ରାମ ନିକଟ ଡାହିସାହି ଅଙ୍ଗନବାଡ଼ିର ରୋଷେଇ ବେଳେ ଗ୍ୟାସ ପାଇପ୍‌ରେ ଶୁକ୍ରବାର କୌଣସି କାରଣରୁ ନିଆଁ ଲାଗିଯାଇଥିବା ବେଳେ ଅଗ୍ନିଶମ ବିଭାଗ ପକ୍ଷରୁ ଆୟତ କରାଯାଇଛି। ଘଟଣା ସମୟରେ ରୋଷେଇ ଶାଳରେ ପାଚିକା ଓ ସହାୟିକା ଉପସ୍ଥିତ ଥିବା ବେଳେ ଶ୍ରେଣୀ କକ୍ଷରେ ୯ ଜଣ ପିଲା ଉପସ୍ଥିତ ଥିଲେ। ସେହିପରି ଡାହିସାହି ଅଙ୍ଗନବାଡି ନିକଟରେ ଗୋଟିଏ ପ୍ରାଥମିକ ସ୍କୁଲ ଓ ଆଉଏକ ଅଙ୍ଗନବାଡି ରହିଛି। ସୌଭାଗ୍ୟ କ୍ରମେ କୌଣସି ଅଘଟଣ ପୂର୍ବରୁ ନିଆଁ ଲିଭାଇ ଦିଆଯାଇଥିଲା। ତରକାରୀ ପ୍ରସ୍ତୁତି ବେଳେ ଗ୍ୟାସ ଚୁଲିର ନିଆଁ ପାଇପକୁ ସଞ୍ଚରିତ ହେବାରୁ ଖୁବ ଜୋରରେ ଜଳିଥିଲା। ଖୁଣ୍ଟା ଦମକଳ ଗାଡି ଅନ୍ୟତ୍ର ଯାଇଥିବାରୁ ପୁରୁଣା ବାରିପଦା ଅଗ୍ନିଶମ କେନ୍ଦ୍ରରୁ ଦମକଳ ପହଞ୍ଚି ନିଆଁକୁ ଆୟତ କରିଥିଲା। ଅଙ୍ଗନବାଡି ଅଗ୍ନିକାଣ୍ଡ ବାବଦରେ ଖୁଣ୍ଟା ଅଗ୍ନିଶମ ବିଭଗ ଓଆଇସି ସୀତାକାନ୍ତ ମହାନ୍ତଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ରନ୍ଧନ ଗ୍ୟାସ ଟାଙ୍କିର ନିଆଁକୁ ନିୟନ୍ତ୍ରଣ କରିବା କୌଶଳ ସମସ୍ତେ ଜାଣିବା ଆବଶ୍ୟକ ବୋଲି କହିଥିଲେ। ସଚେତନତା ବାବଦରେ ଖୁଣ୍ଟା ବିଡିଓ ସତ୍ୟଜିତ ରାଉତଙ୍କ ମତାମତ ନେବାରୁ ତାହା ଜରୁରୀ ବୋଲି କହିଥିଲେ। ଶିକ୍ଷା ବିଭାଗ, ମାହିଳା ଶିଶୁ ସୁରକ୍ଷା ବିଭାଗ ଓ ଅଗ୍ନିଶମ ବିଭାଗ ମଧ୍ୟରେ ସମନ୍ୱୟ ସ୍ଥାପନ କରାଯାଇ ସେ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବିଡିଓ କହିଥିଲେ।




# ଏମ୍‌ପିସି କଲେଜରେ ଦ୍ୱି ଦିବସୀୟ ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ

## ୮୦ ଜଣ ଗବେଷକଙ୍କ ଗବେଷଣାପତ୍ର ଉପସ୍ଥାପନ




ବାରିପଦା, ୨୩।୮ (ସମିସ): ସ୍ଥାନୀୟ ଏମ୍‌ପିସି କଲେଜର ରାଜନୀତି ବିଜ୍ଞାନ ପକ୍ଷରୁ ଆୟୋଜିତ ଦ୍ୱି ଦିବସୀୟ ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ ହୋଇଯାଇଛି। 'ଡିଜିଟାଲ ଯୁଗରେ ଭାରତୀୟ ଗଣତନ୍ତ୍ର: ସମ୍ଭାବନା ଓ ଆହ୍ୱାନ' ଶୀର୍ଷକ ଆଲୋଚନାଚକ୍ରଟି ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ପୃଷ୍ଠପୋଷକତାରେ ଅୟୋଜିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ କୋଲକାତା ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରାଜକୁମାର କୋଠାରୀ ଯୋଗଦେଇ ଡିଜିଟାଲ ଗଣତନ୍ତ୍ର ବିକଶିତ ଭାରତର ନୂଆ ସମ୍ଭାବନା ଓ ନାଗରିକଙ୍କୁ ସଶକ୍ତ କରିବାରେ ମୁଖ୍ୟ ଅସ୍ତ୍ର ହେବ ବୋଲି ମତପୋଷଣ କରିଥିଲେ। ଆବାହକ ତଥା କଲେଜର ଅଧ୍ୟକ୍ଷା ଡ. ଆଲବର୍ଟିନା ତିର୍କୀ ଦ୍ୱି ଦିବସୀୟ ଆଲୋଚନାଚକ୍ରର ସମ୍ପୂର୍ଣ୍ଣ ବିବରଣୀ ପାଠ କରିଥିଲେ। ଅନ୍ୟତମ ମଞ୍ଚାସୀନ ଅତିଥି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଝାଡ଼ଖଣ୍ଡର ଡିନ ପ୍ରଫେସର ଆଲୋକ କୁମାର ଗୁପ୍ତା, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗୌହାଟୀର ଡ. ଭାସ୍ୱତୀ ଶର୍ମା ଆଲୋଚନାଚକ୍ରର ସଫଳ ଆୟୋଜନକୁ ଭୂୟସୀ ପ୍ରଶଂସା କରିଥିଲେ। ଇଂରାଜୀ ବିଭାଗର ଅଧ୍ୟାପକ ଡ. ସଦାନନ୍ଦ ମେହେର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ତଥା ଆୟୋଜକ ସମ୍ପାଦକ ଡ. ଅରୁଣ ରାୟ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। ଦିବସ ବ୍ୟାପୀ ବିଭିନ୍ନ ଅଧିବେଶନରେ ବିଷୟ ବିଶାରଦ ଭାବରେ ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟ, ଭୋପାଳର ପ୍ରଫେସର ତପନ ରଞ୍ଜନ ମହାନ୍ତି, ବାବା ସାହେବ ଆମ୍ବେଦକର ବିଶ୍ୱବିଦ୍ୟାଳୟ ଲକ୍ଷ୍ନୌର ପ୍ରଫେସର ବିଭୂତି ଭୂଷଣ ମଲିକ, ଏମ୍‌ପିସି କଲେଜର ପୂର୍ବତନ ଅଧ୍ୟକ୍ଷା ପ୍ରଫେସର ଝରଣା ବେହେରା, ସମ୍ବଲପୁର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ହିମାଂଶୁ ମିଶ୍ର ଯୋଗଦେଇ ପ୍ରସଙ୍ଗର ବିଭିନ୍ନ ଦିଗ ସମ୍ପର୍କରେ ବିସ୍ତୃତ ଚର୍ଚ୍ଚା କରିଥିଲେ। ଆଲୋଚନାଚକ୍ରରେ ମୋଟ ୮୦ ଜଣ ଗବେଷକ ସେମାନଙ୍କର ଗବେଷଣା ପତ୍ର ଉପସ୍ଥାପନ କରିଥିଲେ। ଅବସରରେ ଆଲୋଚନାଚକ୍ରର ସ୍ମାରକୀପତ୍ର ଅତିଥିମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମର ସଫଳ ରୂପାୟନରେ ରାଜନୀତି ବିଜ୍ଞାନ ବିଭାଗର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଶେଷରେ ଜାତୀୟ ସଙ୍ଗୀତ ଗାନ କରାଯାଇ ଉତ୍ସବକୁ ସମାପନ କରାଯାଇଥିଲା।

# ସିଲ୍ ହେଲା ଶିମିଳିପାଳ ଆକ୍ୱାଫ୍ରେଶ୍



**ବାରିପଦା, ୨୩।୮ (ସମିସ):** ବାରିପଦାରେ ମତ୍ସ୍ୟ ବିଭାଗରେ ଅଧୀନରେ ଥିବା 'ଶିମିଳିପାଳ ଆକ୍ୱାଫ୍ରେଶ'ଟିକୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ନିର୍ବାହୀ ମାଜିଷ୍ଟ୍ରେଟଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ମତ୍ସ୍ୟ ଅଧିକାରୀ, ଅତିରିକ୍ତ ମତ୍ସ୍ୟ ଅଧିକାରୀ ତଥା ପୁଲିସଙ୍କ ଉପସ୍ଥିରେ ପ୍ରଶାସନ ପକ୍ଷରୁ ସିଲ କରାଯାଇଛି। ସୂଚନାରୁ ଜଣାପଡ଼ିଛି ଜିଲ୍ଲା ସଦର ମହକୁମାରେ ତାଜା ମଧୁର ଜଳ ଓ ଲୁଣିପାଣି ଚିଙ୍ଗୁଡ଼ି, ମାଛ ଓ କଙ୍କଡା ଆଦି ସୁଲଭ ମୂଲ୍ୟରେ ବିକ୍ରୟ ଉଦ୍ଦେଶ୍ୟରେ ଉକ୍ତ ଆକ୍ୱାଫ୍ରେଶଟିକୁ ଲିଜ୍ ସୂତ୍ରରେ ଲକ୍ଷ୍ମୀପୋଷୀର ରାମକୃଷ୍ଣ ଏଜୁକେସନାଲ ଟ୍ରଷ୍ଟ ନାମକ ସଂସ୍ଥାକୁ ଲିଜ୍ ସୂତ୍ରରେ ଦିଆଯାଇଥିଲା। ମାତ୍ର ଚୁକ୍ତି ଖିଲାପ ଓ ମାସିକ ବକେୟା ଦେୟ ପୈଠ କରି ନ ଥିବାରୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ସିଲ୍ କରି ନିଜ ହାତକୁ ନେଇଛନ୍ତି।

# ଅନୁଦାନ ଦାବିରେ କଲମ ଛାଡ଼ ଆନ୍ଦୋଳନ



ଶୁଳିଆପଦା, ୨୩।୮ (ସମିସ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀମାନଙ୍କ ଆନ୍ଦୋଳନ ପଞ୍ଚମ ଦିନରେ ପହଞ୍ଚିଛି।୨୦୦୮ ରୁ ୨୦୧୮ ମସିହା ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀମାନେ ସ୍ୱଳ୍ପ ପାରିଶ୍ରମିକରେ ଶିକ୍ଷାଦାନ ସହିତ ମହାବିଦ୍ୟାଳୟର ଅନ୍ୟାନ୍ୟ କାର୍ଯ୍ୟକରି ଆସୁଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ସରକାର ସେମାନଙ୍କ ଦାବି ଶୁଣୁ ନାହାଁନ୍ତି। ସରକାର ଏ ସମ୍ପର୍କିତ କୌଣସି ନିଷ୍ପତ୍ତି ନେଇ ନଥିବାରୁ ଗତ ୧୬ ତାରିଖରେ ୪ ହଜାରରୁ ଅଧିକ ଅଧ୍ୟାପକ ଓ କର୍ମଚାରୀ ଭୁବନେଶ୍ୱର ସ୍ଥିତ ଗାନ୍ଧୀ ମାର୍ଗରେ ଆନ୍ଦୋଳନ କରିଥିଲେ। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା ହୋଇପାରିଲା ନାହିଁ। ତେଣୁ ଅଗଷ୍ଟ ୧୮ ତାରିଖରୁ ପୂର୍ବ ଚେତାବନୀ ଅନୁଯାୟୀ ୪୮୮ ଓ ୬୬୨ ବର୍ଗର ଅଧ୍ୟାପକ ଓ କର୍ମଚାରୀମାନେ କଲମ ଛାଡ ଆନ୍ଦୋଳନ କରି ନିଜ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣାରେ ବସିଛନ୍ତି। ସରକାର ଯେ ପର୍ଯ୍ୟନ୍ତ ନୂତନ ଅନୁଦାନ ନୀତି ପାଇଁ କୌଣସି ନିଷ୍ପତ୍ତି ନ ନେଇଛନ୍ତି ସେ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ସମସ୍ତ ଅଧ୍ୟାପକ ଓ କର୍ମଚାରୀ ପ୍ରକାଶ କରିଛନ୍ତି। ଆନ୍ଦୋଳନ ଯୋଗୁଁ ମହାବିଦ୍ୟାଳୟର ବିଭିନ୍ନ କାର୍ଯ୍ୟ ସହିତ ଛାତ୍ରଛାତ୍ରୀଙ୍କର ପାଠପଢ଼ା ବାଧାପ୍ରାପ୍ତ ହେଉଛି।

# ତ୍ରି-ଦିବସୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ



**ରାଇରଙ୍ଗପୁର, ୨୩।୮ (ସମିସ):** ରାଇରଙ୍ଗପୁର କଚେରୀ ପଡ଼ିଆରେ ରାଇରଙ୍ଗପୁର ଫୁଟବଲ ଆସୋସିଏସନ୍ ପକ୍ଷରୁ ତ୍ରିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅୟୋଜିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟ ଆଜିଠାରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ କ୍ରୀଡ଼ା ଅନୁଷ୍ଠିତ ହେବ। ପ୍ରତ୍ୟକ ଦିନ ୧୬ଟି ଟିମ୍ ଅଂଶଗ୍ରହଣ କରିଥିବା ବେଳେ ତିନି ଦିନରେ ୪୮ ଟିମ୍ ଅଂଶଗ୍ରହଣ କରିଛନ୍ତି। ତେବେ ବର୍ଷା ସତ୍ତ୍ୱେ ବି ଖେଳାଳିମାନେ ନିଜର ଦକ୍ଷତା ସହ ଖେଳ ପ୍ରଦର୍ଶନ କରିଥିଲେ। ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଉପସ୍ଥିତ ରହି ଖେଳାଳିମାନଙ୍କର ଉତ୍ସାହ କରିଥିଲେ। ଦ୍ୱିତୀୟ ଦିବସରେ ମହିଳା ଖେଳାଳିମାନଙ୍କ ଦ୍ୱାରା ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଖେଳପଡ଼ିଆରେ ବର୍ଷା ସତ୍ତ୍ୱେ ଦର୍ଶକମାନେ ଭରପୁର ଖେଳକୁ ଉପଭୋଗ କରିବାର ପ୍ରତିଛବି ଦେଖିବାକୁ ମିଳିଥିଲା।

# ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

**ବାରିପଦା, ୨୩।୮ (ସମିସ):** ବାରିପଦା ନିକଟ କରଞ୍ଜିଆ ସରସ୍ୱତୀ ଶିଶୁମନ୍ଦିରଠାରେ ଶିଶୁ ବାଟିକା ବିଭାଗର ମାତୃ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଭଞ୍ଜକିଶୋର ମହାନ୍ତ ଉଦ୍‌ଘାଟନ ଓ ପ୍ରଧାନଆଚାର୍ଯ୍ୟ ସନତା ମହାନ୍ତ ସ୍ୱାଗତ ଭାଷଣ ତଥା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବ୍ୟକ୍ତା ଭାବେ ବାରିପଦା ସରସ୍ୱତୀ ଶିଶୁମନ୍ଦିରର ପୂର୍ବତନ ଆଚାର୍ଯ୍ୟ ବିଷ୍ଣୁଚରଣ ମହାନ୍ତ ଯୋଗଦେଇ ଶିଶୁ ବାଟିକାରେ ଶିଶୁମାନଙ୍କର ବିକାଶରେ ପରିବାର ଓ ମାତାମାନଙ୍କ ଭୂମିକା ବିଷୟରେ ଆଲୋଚନା କରିଥିଲେ। ଏଥିରେ ଶିଶୁ ମନ୍ଦିରର ଗୁରୁମା ଚମ୍ପାବତୀ ମହାନ୍ତ, କନକ ଲତା ମହାନ୍ତ, ରଙ୍ଗଲତା ମହାନ୍ତ, ଅଞ୍ଜୁଲତା ମହାନ୍ତ, ପାୟଲ ମିଶ୍ର, ପାଏଲ ମହାନ୍ତ, ହେମଲତା ସିଂ ଓ ଗୁରୁଜୀ ସୁବଳ ଗୋଛାୟତ ଉପସ୍ଥିତ ରହିଥିଲେ। ଏଥିରେ ଶିଶୁ ବାଟିକା ଶ୍ରେଣୀର ମାଆମାନେ ଉପସ୍ଥିତ ଥିଲେ।

## ହାତୀପଲ ଦ୍ୱାରା କ୍ଷତିକୁ ପୂରିଲାଣି ବର୍ଷେ

# ଗୋଷ୍ଠୀକେନ୍ଦ୍ର ଓ ମମତାଗୃହରେ ଚାଲିଛି ବିଦ୍ୟାଳୟ

**ବାରିପଦା/ରାସଗୋବିନ୍ଦପୁର, ୨୩।୮ (ସମିସ)**





ଗୋଷ୍ଠୀକେନ୍ଦ୍ର ଓ ମମତା ଗୃହରେ ପାଠପଢ଼ା ଚାଲିଥିବା ବେଳେ ବାରଣ୍ଡାରେ ଭବିଷ୍ୟତ ଗଢା ହେଉଛି। ଶିକ୍ଷାର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି। ସରକାରଙ୍କ ତହବିଲରୁ କୋଟି କୋଟି ଟଙ୍କା ଖର୍ଚ୍ଚ ମଧ୍ୟ ହେଉଛି; କିନ୍ତୁ ହାତୀ ଉପଦ୍ରବ ଜନିତ ବିଦ୍ୟାଳୟ ଗୃହ ଭାଙ୍ଗିବା ଠାରୁ ପ୍ରାୟ ଏକ ବର୍ଷ ହେଲା ଗୋଷ୍ଠୀ କେନ୍ଦ୍ର ଓ ମମତା ଗୃହରେ ଚାଲିଛି ବିଦ୍ୟାଳୟ। ଏକ ଜରିପାଲ ତଳେ ଗୁହାଳ ଘରେ ମଧ୍ୟାହ୍ନ ଭୋଜନ ରୋଷେଇ ବି ହେଉଛି। ଏଭଳି ଘଟଣା ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ଅଞ୍ଚଳରେ ଦେଖାଯାଇଛି। ରାସଗୋବିନ୍ଦପୁର ବ୍ଲକରେ ବର୍ଷ ତମାମ ହାତୀପଲ ପାଇଁ ବିଭିନ୍ନ ସମୟରେ ଧନଜୀବନ କ୍ଷତି ହେଉଛି। ପ୍ରାୟ ଏକ ବର୍ଷ ପୂର୍ବେ ଜଙ୍ଗଲକୁ ଲାଗିଥିବା ବିଦ୍ୟାଳୟକୁ ହାତୀପଲ ସମ୍ପୂର୍ଣ୍ଣ ଭାଙ୍ଗି ନଷ୍ଟ କରିଦେଇଛନ୍ତି। କପ୍ତିପଦା ଓ ଘାସମାରୀ ଦୁଇଟି ଗ୍ରାମକୁ ନେଇ ଘାସମାରୀରେ ୧୯୮୯ ମସିହାରୁ ସ୍ଥାପିତ ପ୍ରାଥମିକ ବିଦ୍ୟାଳୟରେ ୨୯ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ୨ଜଣ ଶିକ୍ଷକ ଅଛନ୍ତି। ତେବେ ବଣୁଆ ହାତୀପଲ ସ୍କୁଲ ଘରକୁ ସମ୍ପୂର୍ଣ୍ଣ ଭାଙ୍ଗି ମଧ୍ୟାହ୍ନ ଭୋଜନ ପାଇଁ ଉଦ୍ଦିଷ୍ଟ ଚାଉଳ ଖାଇବାସହିତ ଆସବାବପତ୍ର ସବୁ ନଷ୍ଟ କରିଦେଇଥିଲେ। କିଛିଦିନ ବିଦ୍ୟାଳୟ ବନ୍ଦ ରହିବା ପରେ ଗ୍ରାମବାସୀ ଆଲୋଚନା କରି ଗ୍ରାମରେ ଥିବା ଏକ ମମତା ଗୃହ ଓ ଗୋଷ୍ଠୀ କେନ୍ଦ୍ର (କମ୍ୟୁନିଟି ସେଣ୍ଟର)ରେ ବିଦ୍ୟାଳୟ ଚଳାଇବା ପାଇ ଅନୁମତି ଦେଇଥିଲେ। ସେବେଠାରୁ ଆଜି ପର୍ଯ୍ୟନ୍ତ ସେଇଠାରେ ଚାଲିଛି ସ୍କୁଲ। ଛୋଟ ଛୋଟ କୋଠରୀରେ ପିଲାଙ୍କୁ ବସାଇ ପାଠ ପଢ଼ାଇବା ବହୁ କଷ୍ଟକର ହେଉଥିବା ବେଳେ ବିଦ୍ୟୁତ୍ ସଂଯୋଗ, ରୋଷେଇ ଘର ଓ ଶୌଚାଳୟ ନାହିଁ। ଛୋଟ କୋଠରୀରେ ସ୍କୁଲର ଆସବାବପତ୍ର ସାଙ୍ଗକୁ ପିଲା ବସି ପଢ଼ିବା କଷ୍ଟକର ହେଇପଡୁଛି। ଅତିରିକ୍ତ ଗରମ ହେଲେ ଘଣ୍ଟେ ଅନ୍ତରରେ ପିଲାମାନଙ୍କୁ ବାହାରକୁ ଛଡ଼ା ଯାଇଥାଏ। ସେହିପରି ରୋଷେଇ ଘର ନ ଥିବାରୁ ମଧ୍ୟାହ୍ନଭୋଜନ ରୋଷେଇ ହେଉଛି ଜରିପାଲ ତଳ ଛେଳିଗୁହାଳରେ। ଏଭଳି ଅସ୍ୱାସ୍ଥ୍ୟକର ପରିସ୍ଥିତିରେ ପିଲାଙ୍କ ପାଇଁ ରୋଷେଇ ହେଉଛି। କାନ୍ଥ ନଥିବାରୁ ପତ୍ର ଧୂଳି ଉଡ଼ିବା ଯୋଗୁଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ରୋଷେୟା। ତେବେ ପିଇବା, ରୋଷେଇ ପାଇଁ ପାଣି ଦୂରରୁ ଜଣଙ୍କ ଘରୁ ଆଣି ବ୍ୟବହାର ହେଉଛି ବୋଲି କହିଛନ୍ତି ଭାରପ୍ରାପ୍ତ ପ୍ରଧାନଶିକ୍ଷକ କୁସାଲ ହେମ୍ବ୍ରମ ଓ ରୋଷେୟା ଫୁଲମଣୀ ମୁର୍ମୁ। ତେବେ ଦୁଇ ଗ୍ରାମର ସହମତି ବିଦ୍ୟାଳୟ ନୂତନ ଗୃହ ନିର୍ମାଣ ପାଇଁ ଜାଗା ଚିହ୍ନଟ କରାଯାଇ ରାସଗୋବିନ୍ଦପୁର ବିଇଓ, ବିଡିଓ ଓ ମୋରଡା ବିଧାୟକ ତଥା ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ ଦିଆଯାଇଛି ବୋଲି ୱାର୍ଡ ମେମ୍ବର ଗାଜୁ ହେମ୍ବ୍ରମ ଓ ପୂର୍ବତନ ୱାର୍ଡ ମେମ୍ବର ସାକିଲା କିସ୍କୁ କହିଥିବା ବେଳେ ଏପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟର ଖୋଜ ଖବର ନାହିଁ। ତେବେ ଜଙ୍ଗଲ ଜମି ହୋଇଥିବାରୁ ସରକାରୀ ସ୍କୁଲ ଗୃହ ନିର୍ମାଣରେ ବିଳମ୍ବ ହେଉଥିବା ବେଳେ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ଯଥାଶୀଘ୍ର କିପରି ଗୃହ ନିର୍ମାଣ ହେବ ସେନେଇ ଚେଷ୍ଟା କରାଯାଉଛି। ଅପରପକ୍ଷରେ ରାସଗୋବିନ୍ଦପୁର ବିଇଓ ଦାୟିତ୍ୱରେ ଥିବା ମୋରଡା ବିଇଓ ବିଜୟ କୁମାର ପାଣିଗ୍ରାହୀ କହିଛନ୍ତି ଯେ, ବିଡିଓଙ୍କ ସହିତ ଆଲୋଚନା ହେଇଛି। ଯଥାଶୀଘ୍ର ସ୍କୁଲ ଗୃହ, ରୋଷେଇ ଘର ସହିତ ଶୌଚାଳୟ ନିର୍ମାଣ ହେବ ବୋଲି ବିଡିଓ କହିଥିବା କଥା କହିଛନ୍ତି।

- ଛେଳି ଗୃହରେ ମଧ୍ୟାହ୍ନ ଭୋଜନ ରୋଷେଇ
- ନୂତନ ବିଦ୍ୟାଳୟ କେବେ

## ଟିଙ୍ଗିରିଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟ

# ମଧ୍ୟାହ୍ନ ଭୋଜନ ପ୍ରସ୍ତୁତିରେ ଅବ୍ୟବସ୍ଥା





**ଶୁକୁଳି/ରରୁଆଁ, ୨୩।୮ (ସମିସ):** ରରୁଆଁ ବ୍ଲକ ଅଧୀନ ଟିଙ୍ଗିରିଆସ୍ଥ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ପ୍ରଗତି ଏବଂ ସାମଗ୍ରିକ ବିକାଶ ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ଚଳିତ ଶିକ୍ଷାବର୍ଷରେ ଅଭିଭାବକ-ଶିକ୍ଷକଙ୍କ ୨ୟ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଯାତ୍ରାରେ ନିରନ୍ତର ସମର୍ଥନ ଏବଂ ମାର୍ଗଦର୍ଶନ ସୁନିଶ୍ଚିତ କରିବା ପାଇଁ ବହୁ ଅଭିଭାବକ ଉପସ୍ଥିତ ରହି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ପଦ ପୂରଣ କରିବା ସହ ଆବଶ୍ୟକ ନିୟମିତ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି କରିବାକୁ ଅଭିଭାବକ ମତ ଦେଇଥିଲେ। ଏଥିସହ ଅପରାହ୍ଣ ୨ଟାରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯିବା ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜଣେ ପାଚିକା ଅଧ୍ୟୟନରତ ୪ଶହ ପିଲାଙ୍କ ନିମନ୍ତେ ଖାଦ୍ୟ ପ୍ରସ୍ତୁତ କରିବା କଷ୍ଟକର ବ୍ୟାପାର ହୋଇଥିବାରୁ ତୁରନ୍ତ ଅଧିକ ସଂଖ୍ୟକ ପାଚିକା, ସହାୟିକା ନିଯୁକ୍ତ କରିବା ଦାବି କରିଛନ୍ତି। ଖାଦ୍ୟରେ ଆଳୁ, ପାଣିଆ ଡାଲି ଓ ସିଝା ଅଣ୍ଡା ଦିଆଯାଇଥିବା ବେଳେ ନିରାମିଷ ଭୋଜନରେ ଅଣ୍ଡା ବଦଳରେ କଦଳୀ ପ୍ରଦାନ କରୁଥିବା ଦେଖିବାକୁ ମିଳିଥିଲା। ବିଦ୍ୟାଳୟରେ ବିଭିନ୍ନ ଅବ୍ୟବସ୍ଥା ସମ୍ପର୍କରେ ଯଶିପୁର ବିଧାୟକ ତଥା ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆଙ୍କୁ ମଣ୍ଡଳ ସଭାପତି ରଞ୍ଜନ ଦଳେଇ ଅବଗତ କରାଇଥିଲେ। ଆଗାମୀ ଦିନରେ ଜିଲ୍ଲାପାଳ ଟିଙ୍ଗିରିଆ ଗସ୍ତକରି ହଷ୍ଟେଲ ଓ ବିଦ୍ୟାଳୟ ପରିଚାଳନା ସମ୍ପର୍କରେ ତଦାରଖ କରିବାକୁ ଅଭିଭାବକ ନିବେଦନ କରିଛନ୍ତି।

**୪ଶହ ଛାତ୍ରଛାତ୍ରୀଙ୍କ ପାଇଁ ନିୟୋଜିତ ଜଣେ ପାଚିକା**

# ବିଜେଡିର ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସଭା



**ସାରସକଣା, ୨୩।୮ (ସମିସ):** ସାରସକଣା ବ୍ଲକ ବାଲିଆ ସାହିସ୍ଥିତ ଶିବପାର୍ବତୀ ମଣ୍ଡପରେ ବିଜୁ ଜନତା ଦଳ ତରଫରୁ ସମ୍ବର୍ଦ୍ଧନା ସଭା ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାରେ ଜିଲ୍ଲା ସଭାପତି ଦେବାଶିଷ ମାରାଣ୍ଡି, ପୂର୍ବତନ ଜିଲ୍ଲା ସଭାପତି ଦେବାଶିଷ ମହାନ୍ତି, ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ଜିଲ୍ଲା ଉପସଭାପତି ଅମରେନ୍ଦ୍ର କରଙ୍କ ସଭାପତିତ୍ୱରେ ନୂତନ ଜିଲ୍ଲା ସଭାପତି ଦେବାଶିଷ ମାରାଣ୍ଡି ଓ ବ୍ଲକ ସଭାପତି ମଣି ଶଙ୍କର ବାରିକ୍‌ଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଦେବାଶିଷ ମାରାଣ୍ଡି କହିଥିଲେ ଯେ, ବିଜେଡି ଏବେ ବି ଲୋକଙ୍କ ହୃଦୟରେ ଅଛି ଏବଂ ଶେଷ ନିଶ୍ୱାସ ଥିବା ଯାଏଁ ସାରସକଣା ବାସୀଙ୍କ ସେବା କରିବି। ସାରସକଣା ଓ ଝାରପୋଖରୀଆକୁ ଏନଏସିରେ ଅନ୍ତର୍ଭୁକ୍ତ କରିବା ପାଇଁ ସରକାରକୁ ଦାବି ଜଣେଇବା। ନହେଲେ ଆଗାମୀ ଦିନରେ ବିରୋଧ କରିବା ପାଇଁ ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି ଆହ୍ୱାନ ଦେଇଥିଲେ। ଦେବାଶିଷ ମାହାନ୍ତି କହିଥିଲେ ଲୋକମାନଙ୍କ ହକ୍ ପାଇଁ ଆମେ ଲଢେଇ ଜାରିରଖିବୁ। ବହୁତ ସଂଖ୍ୟାରେ ମହିଳା, ଯୁବ ଓ ଛାତ୍ର ବିଜୁ ପ୍ରେମୀ ଯୋଗଦେଇଥିଲେ। ଆଗକୁ ପଞ୍ଚାୟତ ନିର୍ବାଚନ ତେଣୁ ସମସ୍ତେ ଏକାଠି ହୋଇ ଗଠନକୁ ସୁଦୃଢ କରିବାକୁ ଆହ୍ୱାନ ଦେଇଥିଲେ।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର

## ପକ୍ଷକେ ବର୍ତ୍ତିଲେ ଦୁଇ ପରିବାର

**ବୈଶିଙ୍ଗା, ୨୩।୮ (ସମିସ):** ଲଗାଣ ବର୍ଷା ଲାଗି ରହିବା ଫଳରେ ବେତନଟୀ ବ୍ଲକ ଅଧୀନ ଗଡ଼ଦେଉଳିଆ ପଞ୍ଚାୟତ ଅଧୀନ ଶ୍ରୀବସ୍ତପୁର ଗ୍ରାମର ସନ୍ତୋଷ ମହାନ୍ତି ଓ ଚାଞ୍ଚିପଦା ପଞ୍ଚାୟତର ମଗୁଶୁରିଆ ଗାଁ ମହେନ୍ଦ୍ର ମହାନ୍ତିଙ୍କର ଘର ଭାଙ୍ଗିଥିବା ନେଇ ସୂଚନା ମିଳିଛି। ଭଙ୍ଗା ଦଦରା ନୁଆଁଣିଆ ଆଜବେଷ୍ଟସ ଓ ଟାଇଲ ଘରେ କଟୁଥିଲା ଦିନ; ହେଲ ବର୍ଷା କରିଦେଲା ବେସାହାରା। ଦିନବେଳା ଘର ଲୋକେ ବାହାରେ ଥିବାରୁ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି। ଗାଁର ସେହି ଭଙ୍ଗାରୁଜା ଘରେ ତାଙ୍କ ଜୀବନ ବିତୁଥିବା ବେଳେ ଲଗାଣ ବର୍ଷା ଯୋଗୁଁ ଚାଳ ଘର ଏବେ ମାଟିରେ ମିଶିଯିବାକୁ ବସିଛି। ଯାହାଫଳରେ ଆଗାମୀ ଦିନରେ ନିଜ ପରିବାର ସହ ଅନ୍ୟ ଘରେ ମୁଣ୍ଡ ଗୁଞ୍ଜିବାକୁ ବାଧ ହେବେ ଉଭୟ ପରିବାର। ପ୍ରଶାସନ ପକ୍ଷରୁ ସାହାଯ୍ୟ କରିବାକୁ ତଥା ଆବାସ ଖଣ୍ଡିଏ ପାଇଁ ସନ୍ତୋଷ ଓ ମହେନ୍ଦ୍ରଙ୍କ ପରିବାର ବର୍ଗ ନିବେଦନ କରିଛନ୍ତି।



# ସରକାରୀ ମହିଳା ମହାବିଦ୍ୟାଳୟରେ 'ଆଣ୍ଟି ରାଗିଂ' ସଚେତନତା

ବାରିପଦା, ୨୩।୮ (ସମିସ): ସରକାରୀ ମହିଳା ମହାବିଦ୍ୟାଳୟରେ ଆଣ୍ଟି ରାଗିଂ ସେଲ ଏବଂ ଆଇକ୍ୟୁଏସି ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ସଂଯୋଜିକା ଡ. ଅଞ୍ଜନା ପୃଷ୍ଟି ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିଲେ ଏବଂ ଜଗତର ନାଥ ଜଗନ୍ନାଥଙ୍କ ଠାରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ଅନୁଷ୍ଠାନର ଅଧ୍ୟକ୍ଷା ଡ. ସାଗରିକା ସିଂହ ରାଗିଙ୍ଗର ଅପକାରିତା ଏବଂ ଏଥିରେ ସଂଶ୍ଳିଷ୍ଟ ଛାତ୍ରୀ ଆଇନଗତ ଦଣ୍ଡବିଧାନ ଭୋଗିପାରେ ବୋଲି ସୂଚାଇଥିଲେ। ମହାବିଦ୍ୟାଳର ପ୍ରଶାସନିକ ଅଧିକାରୀ ଡ. ଚନ୍ଦ୍ର କାନ୍ତ ଦାସ କହିଲେ ରାଗିଂ ବିକୃତ ମାନସିକତାର ପ୍ରତିଫଳନ। କେବଳ ଅନୁଷ୍ଠାନ ନୁହେଁ ସମାଜର ପ୍ରତିଟି କ୍ଷେତ୍ରରେ ଶାରୀରିକ ଓ ମାନସିକ ନିର୍ଯାତନା କାୟାବିସ୍ତାର କରିଛି ବୋଲି ଜଣାଇଥିଲେ। ପଦାର୍ଥ ବିଜ୍ଞାନର ମୁଖ୍ୟା ଡ. ଅନୁପମା ଭୋଳ ନିଜ ଅଙ୍ଗେ ନିଭା ଅନୁଭୂତି ବିଷୟରେ ବଖାଣିଥିଲେ। ରସାୟନ ବିଜ୍ଞାନର ମୁଖ୍ୟ ଡ. ବିଘ୍ନାଂଶୁ କୁମାର ଜେନା ରାଗିଂ ଓ ତାର ଆଇଗତ କାର୍ଯ୍ୟାନୁଷ୍ଠାନ ଉପରେ ବିଶଦ ଆଲୋଚନା କରିଥିଲେ। ଶେଷରେ ପଦାର୍ଥ ବିଜ୍ଞାନର ସହକାରୀ ପ୍ରଫେସର ଡ. ଶାନ୍ତନୁ କୁମାର ପରିଡ଼ା ଧନ୍ୟବାଦ ଜ୍ଞାପନ କରିଥିଲେ। ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରୀଗଣ ଉପସ୍ଥିତ ରହିଥିଲେ।




# ଅଗଷ୍ଟ ୧୫ ପରେ ମଧ୍ୟ ପିଲାଙ୍କୁ ମିଳିନି ପୋଷାକ

**ବହସାହି, ୨୩।୮ (ସମିସ)**



ପୂର୍ବରୁ ପ୍ରତି ବର୍ଷ ଅଗଷ୍ଟ ୧୫ସୁଦ୍ଧା ବିଦ୍ୟାଳୟର ପ୍ରାୟ ପିଲାମାନଙ୍କୁ ପୋଷାକ ବଣ୍ଟନ କରାଯାଇଥାଏ। ଗତବର୍ଷ କୌଣସି କାରଣରୁ ପୋଷାକ ଯୋଗାଣ ବିଳମ୍ବ ହେବା ସହିତ ବହୁ ଯୋଗାଣକାରୀ ଗ୍ରୁପ୍ ଓ ସଂସ୍ଥା କ୍ଷତିଗ୍ରସ୍ତ ହୋଇଥିବାର ଜଣାଯାଇଛି। ଏପରିକି କେତେକ ବିଦ୍ୟାଳୟର ଛାତ୍ରଛାତ୍ରୀ ପୋଷାକ ପାଇ ନ ଥିବାର ମଧ୍ୟ ଅଭିଯୋଗ ଉଠିଥିଲା।

ମାତ୍ର ବର୍ତ୍ତମାନର ସରକାର ଗଙ୍ଗାଧର ମେହେର ଶିକ୍ଷାମାନକ ବୃଦ୍ଧି ଯୋଜନା ଓ ଛାତ୍ରଛାତ୍ରୀ ପରିଧାନ ଯୋଜନାରେ ପୋଷାକ ଯୋଗାଉଥିବା ବେଳେ ବିଭାଗର ଦିଶାହୀନ ବ୍ୟବସ୍ଥା ପାଇଁ ଚଳିତ ବର୍ଷ ମଧ୍ୟ ପିଲାମାନେ ଅଗଷ୍ଟ ୧୫ସୁଦ୍ଧା ପୋଷାକ ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି ଅଭିଯୋଗ ହେଉଛି। ବିଭାଗ ସୂତ୍ରରୁ ଜଣାଯାଇଛି, ବିଏଲସି(ବ୍ଲକ ଲେବେଲ କମିଟି) ପୋଷାକ ଯୋଗାଣକାରୀ ଗ୍ରୁପ ଓ ସଂସ୍ଥାର ଆବେଦନକୁ ବିଚାରକରି ତଦନ୍ତ ପୂର୍ବକ ୧୪ ଅଗଷ୍ଟ ସୁଦ୍ଧା ଡିଏଲସିକୁ ପଠାଇବା କଥା। ମାତ୍ର ଏଥିରେ ବିଳମ୍ବ ପାଇଁ ପୁଣି ଧାର୍ଯ୍ୟ ତାରିଖକୁ ୨୨ ଅଗଷ୍ଟକୁ ଘୁଞ୍ଚାଯାଇଥିଲା ଏବଂ ସେପ୍ଟେମ୍ବର ୧୦ ସୁଦ୍ଧା ପୋଷାକ ବଣ୍ଟନ ପାଇଁ ନିର୍ଦ୍ଦେଶ ରହିଛି। ବ୍ଲକରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ୨୩୩ଟି ବିଦ୍ୟାଳୟର ୧୫, ୮୭୪ ଜଣ ପିଲାଙ୍କୁ (୫ଶହ ଟଙ୍କା ଦରରେ) ପୋଷାକ ଯୋଗାଣ ପାଇଁ ଏସ୍‌ଏଚ୍‌ଜି ଗ୍ରୁପ ଓ ଯୋଗାଣକାରୀ ସଂସ୍ଥା ମିଶି ୧୨୦ଟି ଆବେଦନ ହୋଇଥିଲା। ଯେଉଁ ଗ୍ରୁପମାନେ ବର୍ଷ ବର୍ଷ ଧରି ପୋଷାକ ଯୋଗାଇ ଆସୁଥିଲେ ବିଭିନ୍ନ ଆଳ କରି ସେମାନଙ୍କୁ ଉଦ୍ଦେଶ୍ୟମୂଳକ ଭାବେ କଟାଯାଇଥିବାର ଅଭିଯୋଗ ହେଉଛି। ଯୋଗ୍ୟତାଭିତ୍ତିକ ତଦନ୍ତରେ ଏହାକୁ ୩୨ରେ ସୀମିତ ରଖାଯାଇଛି। ପୁଣି ଏସଏଚଜିକୁ ଉପେକ୍ଷା କରି ଏମଏସଇକୁ ଅନୁକମ୍ପା ଦେଖାଇ ଏହାକୁ ୨୦ରେ ସୀମିତ ରଖିବାକୁ ବିଧିବଦ୍ଧ ଯୋଜନା ପ୍ରସ୍ତୁତ ହୋଇଥିବାର ଅଭିଯୋଗ ଉଠିଛି। ବିଏଲସିରେ ନ ଥିବା ଅନ୍ୟ ବିଭାଗର ଜଣେ କର୍ମଚାରୀ ଏଥିରେ ଡିଲ କରୁଥିବାର ଜଣାଯାଇଛି। ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ନବମ ଓ ଦଶମ ଶ୍ରେଣୀ ପିଲାମାନଙ୍କୁ ପୋଷାକ ଯୋଗାଇବା ପାଇଁ ୪୩ଟି ଗ୍ରୁପ ଓ ଯୋଗାଣକାରୀ ସଂସ୍ଥା ଆବେଦନ କରିଥିଲେ ହେଁ ଅଦ୍ୟାବଧି ସେମାନଙ୍କ ସମ୍ପର୍କରେ ବିଏଲସି ମିଟିଂ ହୋଇ ନ ଥିବାର ବିଇଓ ମଧୁସ୍ମିତା ଗିରି କହିଛନ୍ତି। ପ୍ରଥମରୁ ଅଷ୍ଟମ ଶ୍ରେଣୀର ପିଲାଙ୍କ କାମ ପାଇଁ ବିଡିଓଙ୍କ ନିକଟକୁ ଫାଇଲ ଯାଇଛି। ଏହିସବୁ ଅନିୟମିତତା ପାଇଁ ଏସଏଚଜି ମହିଳା ମାନେ ପ୍ରତିବାଦ କରିବା ପାଇଁ ସଜବାଜ ହେଉଥିବାର ଜଣାଯାଇଛି। ସେହିପରି ସମସ୍ତ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ହଳେ ଜୋତା, ୨ହଳ ମୋଜା, ଗୋଟିଏ ଟି-ସାର୍ଟ, ଗୋଟିଏ ଟ୍ରାକ୍ ପ୍ୟାଣ୍ଟ, ଗୋଟିଏ ଟୋପି ଏବଂ ଆଇ-କାର୍ଡ ଦେବାର ବ୍ୟବସ୍ଥା ଥିଲେ ହେଁ ତାହା ମଧ୍ୟ ପ୍ରଦାନ କରାଯାଇ ନ ଥିବାର ଅଭିଯୋଗ ହେଉଛି। ବିଏଲସିରେ ବିଡିଓ ଚେୟାରପର୍ସନ ହୋଇଥିବା ବେଳେ ବିଇଓ କନଭେନର ଓ ସିଡିପିଓ, ଆଇପିଓ, ବିପିସି ଓ ମିଶନଶକ୍ତି ସଭାପତି ସଦସ୍ୟ ଥିବାର ଜଣାଯାଇଛ। ଏସମ୍ପର୍କରେ ବିଡିଓ ବନଜା ଦାସଙ୍କୁ ପଚାରିବାରୁ ସେ ଅନିୟମିତତାକୁ ଅସ୍ୱୀକାର କରିଥିବା ବେଳେ ଖୁବଶୀଘ୍ର ସବୁ କାମ ସରିବ ବୋଲି କହିଛନ୍ତି।

**ଏସ୍‌ଏଚ୍‌ଜିକୁ ଉପେକ୍ଷା, ଏମ୍‌ଏସ୍‌ଇକୁ ଅନୁକମ୍ପା ଅଭିଯୋଗ**



# ଭୁବନେଶ୍ୱର ସିଟି



# ଗିରଫରେ ମାହିର; ଚାର୍ଜସିଟ୍ ଦାଖଲରେ କୁଣ୍ଠକୁଣ୍ଠ

ଭୁବନେଶ୍ୱର, ୨୩।୮ (ସମିସ)

ଅନେକ ଅପରାଧିକ ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରୁଛି ପୁଲିସ। କିନ୍ତୁ ଅଭିଯୁକ୍ତକୁ କୋର୍ଟରେ ଦୋଷୀ ସାବ୍ୟସ୍ତ କରିବା ପାଇଁ ପୁଲିସ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତଦନ୍ତ ଶେଷ କରି ଚାର୍ଜସିଟ୍ ଦେଇ ପାରୁନି। ଯେଉଁଥିପାଇଁ କୋର୍ଟରୁ ଜାମିନ୍ ପାଇ

- ଚାର୍ଜସିଟ୍ ବିଳମ୍ବ ପାଇଁ ଖସିଯାଉଛନ୍ତି ଅପରାଧୀ
- ଜାମିନ୍‌ରେ ଆସି ପ୍ରମାଣନଷ୍ଟ କରୁଛନ୍ତି ଅଭିଯୁକ୍ତ
- କୋର୍ଟଙ୍କ ତାଗିଦ୍ ସତ୍ତ୍ୱେ ସୁଧୁରୁନି ପୁଲିସ ବ୍ୟବସ୍ଥା




ଅଭିଯୁକ୍ତମାନେ ସହଜରେ ଖସି ଯାଉଛନ୍ତି। ଗତ କିଛିବର୍ଷ ହେବ ଭୁବନେଶ୍ୱର କୋର୍ଟରେ ଏଭଳି ଘଟଣା ଦେଖିବାକୁ ମିଳୁଛି। କୋର୍ଟ ପକ୍ଷରୁ ମଧ୍ୟ ପୁଲିସକୁ ବାରମ୍ବାର ତାଗିଦ କରିବାସହ ନୋଟିସ୍ କଲେ ମଧ୍ୟ ପୁଲିସ ସୁଧୁରୁନି। ତଦନ୍ତ ଆଳରେ ପୁଲିସ କେବଳ ଦିନ ଗଡ଼ାଇ ଚାଲୁଛି। ସେପଟରେ ଅଭିଯୁକ୍ତ କୋର୍ଟରୁ ଜାମିନ ପାଇ ବାହାରେ ପୁଲିସ। ଯାହାର ଉଦାହରଣ ଗତ ଦୁଇଦିନ ତଳେ ଦେଖିବାକୁ ମିଳିଥିଲା। ୬୦ ଦିନ ଭିତରେ ଚାର୍ଜସିଟ୍ ଦାଖଲ କରିବାର ନିୟମ ରହିଛି। କିନ୍ତୁ ପୁଲିସ ଏହା ଭିତରେ ଚାର୍ଜସିଟ୍ ଦାଖଲ କରିପାରୁନି। ଆହୁରି ମଧ୍ୟ ତଦନ୍ତ ଅଧିକାରୀ ବଦଳି ହେବା ପରେ ଚାର୍ଜସିଟ୍ ବଦମ୍ବ ହେଉଛି। ଯେଉଁଥି ପାଇଁ ଅଭିଯୁକ୍ତକୁ କୋର୍ଟରୁ ଜାମିନ୍ ମିଳିଯାଉଛି।

କେବଳ ଏହି ଗୋଟିଏ ଘଟଣା ନୁହେଁ କମିସନରେଟ୍ ପୁଲିସରେ ମଧ୍ୟ ଏଭଳି ମାଳମାଳ ମାମଲା ଦେଖିବାକୁ ମିଳୁଛି। ୨୦୨୦ ମସିହା ଅକ୍ଟୋବର ୨୬ ତାରିଖରେ ତମାଣ୍ଡୋ ଥାନା ପୁଲିସ ୬ ଜଣ ନକଲି ସାମ୍ବାଦିକଙ୍କୁ ଗିରଫ କରିଥିଲା। ସେମାନେ ଲକ୍ଷ୍ମୀଫୁଡ୍ ପ୍ରଡକ୍ଟ ସଂସ୍ଥାରୁ ସେମାନେ ଦାଦାବଟି ମାଗିବା ସହ ଧମକଚମକ ଦେଇ ଟଙ୍କା ହଡ଼ପ କରିଥିଲେ। ଏପରିକି ଜବରଦସ୍ତି କ୍ୟାସ୍ କାଉଣ୍ଟରରୁ ଟଙ୍କା ଲୁଟି ନେଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁକରି ୬ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। କିନ୍ତୁ ପୁଲିସ ଠିକ୍ ସମୟରେ ଚାର୍ଜସିଟ୍ ଦାଖଲ କରିପାରି ନ ଥିଲା। କୋର୍ଟ ପୁଲିସକୁ ବାରମ୍ବାର ନୋଟିସ୍ କରିଥିଲେ ମଧ୍ୟ ପୁଲିସ ଶୁଣି ନ ଥିଲା। ଶେଷରେ ବିଚାରପତି ୬ ଅଭିଯୁକ୍ତଙ୍କୁ ଜାମିନ୍ ମଞ୍ଜୁର କରିଥିଲେ। ଏହିଭଳି ସମାନ ଘଟଣା ୨୦୨୦ ମସିହାରେ ଚନ୍ଦକା ଥାନାରେ ଦେଖିବାକୁ ମିଳିଥିଲା। ଚନ୍ଦକାରେ ଥିବା ନକଲି ପାଣି କମ୍ପାନୀରେ ପୁଲିସ ଚଢ଼ଉ କରି ନକଲି ସାମଗ୍ରୀ ମଧ୍ୟ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଥିଲା। ହେଲେ ୬୦ ଦିନ ଭିତରେ ଅଭିଯୁକ୍ତଙ୍କ ବିରୋଧରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିପାରିଲା ନାହିଁ। ଯେଉଁଥିପାଇଁ ଅଭିଯୁକ୍ତ କୋର୍ଟରୁ ଜାମିନ୍ ପାଇଗଲେ। ଏହିଭଳି ୨୦୧୯ ନଭେମ୍ବର ୧ରେ ଏୟାରଫିଲ୍ଡ ଥାନା ପୁଲିସ ଅମରେଶ ନାୟକ ହତ୍ୟା ମାମଲାରେ ମଧ୍ୟ ଦେଖିବାକୁ ମିଳିଥିଲା। ପୁଲିସ ଅଭିଯୁକ୍ତ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କଲା। କିନ୍ତୁ ସେମାନଙ୍କ ବିରୋଧରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିପାରିଲା ନାହିଁ। ଯେଉଁଥି ପାଇଁ ଅଭିଯୁକ୍ତ ହାଇକୋର୍ଟ ଯିବା ପରେ ୩ଜଣ ଜାମିନ୍ ପାଇଗଲେ।

ପୁଲିସକୁ କେତେ ଦିନ ମଧ୍ୟରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିବେ ତାହାର ଏକ ସମୟସୀମା ରହିଛି। ମୁଖ୍ୟତଃ ଅପରାଧର ଗୁରୁତ୍ୱକୁ ଦେଖି ଚାର୍ଜସିଟ୍ ନିର୍ଭର କରେ। ୧୦ ବର୍ଷରୁ ସଜା ଦଣ୍ଡ ପାଇଁ ପୁଲିସ ୧୨୦ ଦିନରେ ତଦନ୍ତ ସାରି ଚାର୍ଜସିଟ୍ ଦାଖଲ କରିପାରିବ। ଯଦି ସଜା ୧୦ ବର୍ଷରୁ କମ୍ ଥିବ ତେବେ ପୁଲିସ ୬୦ ଦିନ ଭିତରେ ଚାର୍ଜସିଟ୍ ଦାଖଲ କରିବ। ଯଦି ଏହି ସମୟ ମଧ୍ୟରେ ପୁଲିସ ଦେଇପାରିବ ନାହିଁ ତେବେ କୋର୍ଟ ସିଆରପିସି ୧୬୭ (୨) ଅନୁସାରେ ଅଭିଯୁକ୍ତକୁ ଜାମିନ୍ ଦେବ।

ବଡ଼ ମାମଲାରେ ପୁଲିସ ଅଭିଯୁକ୍ତ ବିରୋଧରେ ଚାର୍ଜସିଟ୍ ଦାଲଖ ନ କରିପାରିବାରୁ ସେ ଜାମିନ୍ ପାଇ ଜେଲରୁ ମୁକୁଳି ଗଲା। କିନ୍ତୁ କୋର୍ଟରେ ସେହି ମାମଲା ଚାଲିବ। କିନ୍ତୁ ଅଭିଯୁକ୍ତ ବାହାରକୁ ଆସିବା ପରେ ସାକ୍ଷୀମାନଙ୍କୁ ପ୍ରଭାବିତ କରିବା ସହ ପ୍ରମାଣ ନଷ୍ଟ କରିବାରେ ଲାଗିପଡ଼ିବ। ଯାହଫଳରେ ଶୁଣାଣି ସମୟରେ ବିନା ପ୍ରମାଣରେ ଅଭିଯୁକ୍ତ ନିର୍ଦ୍ଦେଶ ବୋଲି ପ୍ରମାଣିତ ହେବ।

କମିଶନରେଟ୍ ପୁଲିସର ଏକାଧିକ ଥାନା ଅଧିକାରୀ ମାମଲା ନେବାକୁ କୁଣ୍ଠୁ କୁଣ୍ଠୁ ହେଉଛନ୍ତି। ଯଦି ମାମଲା ନେଉଛନ୍ତି ସେମାନେ ସଠିକ ସମୟରେ ଚାର୍ଜସିଟ୍ ଦାଖଲ କରୁନାହାନ୍ତି। ବରଂ ଏହା ପୂର୍ବରୁ ଥାନାରୁ ବିଦା ହେଉଛନ୍ତି। ଯେଉଁ ଅଧିକାରୀ ଆସୁଛନ୍ତି ସେମାନେ ମାମଲା ସମ୍ପର୍କରେ ଜାଣି ପାରୁନାହାନ୍ତି। ଯେଉଁଥି ପାଇଁ କୋର୍ଟରେ ସଠିକ୍ ସମୟରେ ଚାର୍ଜସିଟ୍ ଦାଖଲ ହୋଇ ପାରୁନି। କୋର୍ଟରେ ଥିବା ଏକାଧିକ ମାମଲାରେ ଚାର୍ଜସିଟ୍ ବିଳମ୍ବ ହେଉଛି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ



ଭୁବନେଶ୍ୱର, ୨୩।୮ (ସମିସ): ବିଭିନ୍ନ ସମସ୍ୟା ନେଇ ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ସଭାପତି ଅନିରୁଦ୍ଧ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଆଲୋଚନା କରିଥିଲେ। ଦୀର୍ଘ ୨୦ ବର୍ଷ ଧରି ସ୍ୱଳ୍ପ ଦରମାରେ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଡାକ୍ତରଖାନାରେ କାର୍ଯ୍ୟ କରୁଛନ୍ତି ବୋଲି ଅବଗତ କରାଇଥିଲେ। ରାଜ୍ୟ ସରକାର ଏନଏଚଏମ୍ କର୍ମଚାରୀଙ୍କ ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ବ୍ୟବସ୍ଥା କରିବା ସହ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗରେ ଥିବା ସମସ୍ୟାକୁ ସରକାର ଗୁରୁତ୍ୱର ସହିତ ସମାଧାନ କରିବାକୁ ଯାଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏଥିରେ ଓଡ଼ିଶା ସ୍ୱାସ୍ଥ୍ୟ ମିଶନ କର୍ମଚାରୀ ସଂଘର ସଭାପତି ଅନିରୁଦ୍ଧ ପଣ୍ଡାଙ୍କ ସମେତ ସାଧାରଣ ସମ୍ପାଦକ ଗୋପବନ୍ଧୁ କର, କୋଷାଧ୍ୟକ୍ଷ ଆଶୁତୋଷ ମିଶ୍ର, ସହ ସମ୍ପାଦକ ପ୍ରଦୀପ୍ତ ମଲ୍ଲ ଓ ଅନ୍ୟ ସଦସ୍ୟମାନେ ପ୍ରତିନିଧି ମଣ୍ଡଳୀରେ ସାମିଲ୍ ଥିଲେ।

● ବିବାହ ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ

## ଗୁଜରାଟୀ ବ୍ୟବସାୟୀ ଗିରଫ



ଭୁବନେଶ୍ୱର, ୨୩।୮ (ସମିସ): ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିଥିବା ଅଭିଯୋଗରେ ଜଣେ ଗୁଜରାଟୀ ବ୍ୟବସାୟୀକୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ୟୁନିଟ୍ ୩ ଲେବର କଲୋନୀରେ ରହୁଥିବା ଗୁଜରାଟ ସୁନ୍ଦରିୟାନା ଅଞ୍ଚଳର ରାହୁଲ ଖାୱଡ଼ିଆ (୨୪)। ପୁଲିସ ସୂଚନା ଅନୁସାରେ, ଅଭିଯୋଗକାରିଣୀ ଓ ରାହୁଲ ଉଭୟ ଗୁଜୁରାଟ ବାସିନ୍ଦା ହୋଇଥିବା ବେଳେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ରହୁଥିଲେ। ଉଭୟ ରାଜଧାନୀରେ ବ୍ୟବସାୟ କରୁଥିବା ବେଳେ ସେମାନଙ୍କ ମଧ୍ୟରେ ଉତ୍ତମ ବନ୍ଧୁତା ରହିଥିଲା। ରାହୁଲ ପରିବାର ସହମତିରେ ବିବାହ କରିବାର ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ଇଚ୍ଛା ବିରୋଧରେ ତାଙ୍କ ଅନୈତିକ ସମ୍ପର୍କ ରଖି ଆସିଥିଲା। କିନ୍ତୁ ଯୁବତୀ ତାଙ୍କୁ ବିବାହ ଲାଗି କହିବାରୁ ରାହୁଲ ନିଜ ପ୍ରତିଶ୍ରୁତିରୁ ଓହରି ଯାଇ ବିବାହ କରିବ ନାହିଁ ବୋଲି ମନା କରିଦେଇଥିଲା। ଏନେଇ ପୀଡ଼ିତା ଖାରବେଳ ନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ରାହୁଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଚିକେନ ଦୋକାନୀଙ୍କୁ ଖଣ୍ଡା ଚୋଟ; ଆଉଜଣେ ଗିରଫ



ଭୁବନେଶ୍ୱର, ୨୩।୮ (ସମିସ): ଚିକେନ ଦୋକାନୀଙ୍କୁ ଖଣ୍ଡାରେ ଆକ୍ରମଣ ଘଟଣାରେ ଆଉ ଜଣଙ୍କୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପଟିଆର ନିର୍ମଳ ମହାରଣା ଓରଫ୍ ସାଧୁଆ (୩୭)। ପୁଲିସ ସୂଚନା ଅନୁସାରେ, ମନୋଜ ସାହୁ ଡମଣା ଛକସ୍ଥିତ ଭି-ମାର୍ଟ ସଫି ମଲ୍ ନିକଟରେ 'ମନୋଜ ବ୍ରଏଲର୍ ଦୋକାନ' ନାମରେ ଏକ କୁକୁଡ଼ା ଦୋକାନ କରିଛନ୍ତି। ଘଟଣା ଦିନ ନିର୍ମଳ, ଆକାଶ, ଆଲୋକ, କୁନାଲ ଓ ତାଙ୍କ ସହଯୋଗୀମାନେ ଉକ୍ତ ଦୋକାନକୁ ଯାଇ ମନୋଜଙ୍କ ବଡ଼ଭାଇ ଓ ଦୋକାନ କର୍ମଚାରୀମାନଙ୍କୁ ମାଡ ମାରିବା ସହ ଦୋକାନ ଖାଲି କରିବାକୁ ଧମକ ଦେଇଥିଲେ। ଦୋକାନ ଖାଲି ନକଲେ ସେମାନେ ତାଙ୍କୁ ଜୀବନରୁ ମାରିଦେବେ ବୋଲି ଧମକ ମଧ୍ୟ ଦେଇଥିଲେ। ସେହିଦିନ ରାତିରେ ମନୋଜଙ୍କ ବଡ଼ଭାଇ ଓ ଅନ୍ୟମାନେ ଦୋକାନ ନିକଟସ୍ଥ ପାର୍କିଂରେ କାର ଭିତରେ ଶୋଇଥିଲେ। ସେହି ସମୟରେ ଅଭିଯୁକ୍ତମାନେ ସେଠାରେ ପହଞ୍ଚି ସେମାନଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଖବରପାଇ ପିସିଆର ଭ୍ୟାନ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ମନୋଜଙ୍କ ପତ୍ନୀ ମନ୍ଦାକିନୀ ସାହୁଙ୍କ ଅଭିଯୋଗ କ୍ରମେ ଚନ୍ଦ୍ରଶେଖରପୁର ଥାନା ପୁଲିସ ମାମଲା ରୁଜୁ କରିଥିଲା। ପୂର୍ବରୁ ଆକାଶ, ଆଲୋକ, କୁନାଲଙ୍କୁ ଗିରଫ କରିଥିବା ବେଳେ ଆଜି ସାଧୁଆକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବୋମାମାଡ଼ରେ ଥରିଲା ଫୁଲେଶ୍ୱରୀ ବସ୍ତି



ଭୁବନେଶ୍ୱର, ୨୩।୮ (ସମିସ): ପାର୍ବଣ ପୂର୍ବରୁ ଅଶାନ୍ତ ହୋଇଛି ରାଜଧାନୀ। ପତିଆରା ଲଢେଇ ପାଇଁ ଚାଲିଥିବା ଗୋଷ୍ଠୀ ବିବାଦ ଉଗ୍ରରୂପ ନେଇଛି। ପୂର୍ବ ବିବାଦକୁ ନେଇ ଆତଙ୍କ ଖେଳାଇଛନ୍ତି ଜେଲ୍ ଫେରନ୍ତା। ଗତକାଲି ରାତିରେ ଫୁଲେଶ୍ୱରୀ ବସ୍ତିରେ ବୋମାମାଡ଼ ହୋଇଛି। ବୋମାମାଡ଼ ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି।

ଅଭିଯୋଗ ଅନୁଯାୟୀ, କିଛିମାସ ହେବ ଫୁଲେଶ୍ୱରୀ ବସ୍ତିରେ ପତିଆରା ଲଢେଇ ପାଇଁ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଛି। ଏହାକୁ ନେଇ ଗତ ଜୁଲାଇ ୨୯ ତାରିଖ ରାତିରେ ଫୁଲେଶ୍ୱରୀ ବସ୍ତିର ଅମରେଶଙ୍କୁ ସୂର୍ଯ୍ୟ, ଚନ୍ଦନ, ରାହୁଲ, ହାପି, ବିକାଶ, ଆଲୋକ ଓ ସହଯୋଗୀମାନେ ଖଣ୍ଡାରେ ହାଣିଥିଲେ। ଅମରେଶ ଗୁରୁତର ହୋଇଥିବା ବେଳ ୩ ଜଣଙ୍କୁ ଗିରଫ କରିଥିଲା ଭରତପୁର ଥାନା ପୁଲିସ। ଜେଲ୍ ଯାଇଥିବା ଅଭିଯୁକ୍ତମାନେ କିଛିଦିନ ପୂର୍ବେ ମାନେ ଜାମିନରେ ମୁକୁଳିଥିଲେ। ପତିଆରା ଜାହିର ପାଇଁ ଗତକାଲି ରାତି ଗୋଟାଏ ବେଳେ ବିପକ୍ଷ ଗୋଷ୍ଠୀର କ୍ଲବ ଘରକୁ ବୋମାମାଡ଼ କରିଥିଲେ। ଘନ ଘନ ବୋମାମାଡ଼ ଫଳରେ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ବିଳମ୍ବିତ ରାତିରେ ଶବ୍ଦ ଶୁଣି ଲୋକମାନେ ଭୟଭୀତ ହୋଇ ପଡ଼ିଥିଲେ। ଲୋକମାନେ ଏକାଠି ହେବା ବେଳକୁ ଦୁର୍ବୃତ୍ତ ମାନେ ଖସି ପଳାଇଥିଲେ। ଖବରପାଇ ଭରତପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଆଜି ସକାଳେ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ସୁତୁଲି, ବାରୁଦ ଓ ଅନ୍ୟାନ୍ୟ ନମୁନା ସଂଗ୍ରହ କରିଥିଲା। ଏଥିସହିତ ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରି ଘଟଣାର ତଦନ୍ତ ଚଳାଇଛି।

## ମଦ କାଉଣ୍ଟର୍ ନିକଟରୁ ଅଜଣା ମୃତଦେହ ଠାବ

ଭୁବନେଶ୍ୱର, ୨୩।୮ (ସମିସ): ବରମୁଣ୍ଡା ମଦ କାଉଣ୍ଟର ନିକଟରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଠାବ କରିଛି ଖଣ୍ଡଗିରି ଥାନା ପୁଲିସ। ମୃତକଙ୍କ ପରିଚୟ ମିଳି ପାରି ନ ଥିବାବେଳେ ମୃତଦେହକୁ କ୍ୟାପିଟାଲ ହସପିଟାଲର ଶବ ସଂରକ୍ଷଣ ଗୃହରେ ରଖାଯାଇଛି।

ପୁଲିସ ସୂଚନା ଅନୁସାରେ, ଗତକାଲି ରାତି ପ୍ରାୟ ୮ଟା ସମୟରେ ବରମୁଣ୍ଡା ମଦ ଦୋକାନ ନିକଟରେ ଅଜଣା ବ୍ୟକ୍ତି ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଖବର ମିଳିଥିଲା। ଖଣ୍ଡଗିରି ଥାନା ପୁଲିସ ତାକୁ ଉଦ୍ଧାର କରି ଚିକିତ୍ସା ପାଇଁ କ୍ୟାପିଟାଲ ହସପିଟାଲକୁ ପଠାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଉଚ୍ଚତା ୫ଫୁଟ୍ ୬ ଇଞ୍ଚ୍ ହୋଇଥିବା ବେଳେ ସେ କଳା ଟି ସାର୍ଟ ଓ ଜିନ୍ସ ପ୍ୟାଣ୍ଟ ପିନ୍ଧିଛନ୍ତି। ମୃତ୍ୟୁର କାରଣ ଜଣା ପଡ଼ି ନ ଥିବା ବେଳେ ମୁଣ୍ଡ ସାମାନ୍ୟ ଚେପା ହୋଇଥିବାରୁ ଦୁର୍ଘଟଣାର ଶିକାର ହୋଇଥିବା ପୁଲିସ ଅନୁମାନ କରୁଛି।

## 'ନଗମେ ଦିଲ୍ ସେ ଦିଲ୍ ତକ୍'



ଭୁବନେଶ୍ୱର, ୨୩।୮ (ସମିସ): କେତେବେଳେ କିଶୋର କୁମାର ଗୀତ ପୁଣି ତା ପରେ ଲତା, ମହମ୍ମଦ ରଫି ରଚିତ ଚିରସବୁଜ ଗୀତ ସଙ୍ଗୀତର ତାଳରେ ଝୁମି ଥିଲେ ରବୀନ୍ଦ୍ର ମଣ୍ଡପରେ ଉପସ୍ଥିତ ଦର୍ଶକ। ଉପାସନା ଓ ମ୍ୟୁଜିକ ସିଜଲର୍ସ ସହଯୋଗରେ ଏକ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ନଗମେ ଦିଲ୍ ସେ ଦିଲ୍ ତକ୍' ଅନୁଷ୍ଠିତ ହୋଇଯାଇଛି। ଏହି ସନ୍ଧ୍ୟାରେ ଅତିଥି ଭାବେ ଅଭିନେତ୍ରୀ ଅନୁ ଚୌଧୁରୀ, ରୋହିତ କୁମାର୍, ଜେଏସ୍‌ପିଏଲ୍ ର ଉପସଭାପତି ବିଭୁ ପ୍ରସାଦ ମିଶ୍ର, ନୀତିନ କୁମାର୍ ତିୱାରୀ, ଅମିତ୍ ସିଂହ ଏବଂ ଗୁରୁ କରୁଣାକର ନାୟକଙ୍କ ସମେତ ଅନୁଷ୍ଠାନର ଅଧ୍ୟକ୍ଷା ଲୋଭା ବିଶ୍ୱାଳ ଓ ସୀମା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦୁଇଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସହାୟତା ଧନରାଶି ପ୍ରଦାନ କରାଯାଇଥିଲା। ମୁମ୍ବାଇରୁ କଣ୍ଠଶିଳ୍ପୀ ସୁନୀଲ ପରିଡ଼ା, ଦିଲ୍ଲୀରୁ ମନୋହର ପୋଖରିଆଙ୍କ ଦ୍ୱାରା ଲୋକପ୍ରିୟ ଗୀତ ପରିବେଷଣ ହୋଇଥିଲା। ପରେ ପରେ ଓଡ଼ିଶାରୁ ଲୋଭା ବିଶ୍ୱାଳ, କୁମାର ବିଷ୍ଣୁ, ସୀମା ମହାନ୍ତି, ବବିତା କର ଅନେକ ମନ ଛୁଆଁ ଗୀତ ପରିବେଷଣ କରିଥିଲେ। ଦୀପକ କୁମାର ଏହି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ।

## ଉପନିବନ୍ଧକଙ୍କ ମନମାନୀରେ ଲୋକେ ହନ୍ତସନ୍ତ

ବାଲିପାଟଣା, ୨୩।୮ (ସମିସ): ବାଲିପାଟଣା ଉପନିବନ୍ଧକଙ୍କ କାର୍ଯ୍ୟାଳୟର ଜଣେ କିରାଣୀ ଭିଜିଲାନ୍ସ ହାତରେ ଧରା ପଡ଼ିବା ପରେ କାର୍ଯ୍ୟାଳୟର ପ୍ରକୃତ ସ୍ୱରୂପ ଜଣା ପଡ଼ିଥିଲା। ତଥାପି ଏମାନଙ୍କ କାର୍ଯ୍ୟ ଧାରା ନ ବଦଳିବାରୁ ଲୋକ ଅସନ୍ତୋଷ ଦେଖା ଦେଇଛି। ନିଜର ଜରୁରୀ ଅସୁବିଧା ମେଣ୍ଟାଇବା ପାଇଁ ବହୁ ଆଗରୁ ସ୍ଲଟ ବୁକ୍ କରି ବନ୍ଧୁ ପରିବାର ଧରି ପହଞ୍ଚିବା ବେଳକୁ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁଁ ଫେରିବାକୁ ବାଧ୍ୟ ହେଉଛନ୍ତି। ଜମିର ଗୋଟିଏ ଅଂଶ ବିକ୍ରି ପାଇଁ ସରକାରୀ କଟକଣା ହଟି ଯାଇଥିଲେବି ଅଧିକାରୀ ମନମାନି କରି ପାତରଅନ୍ତର ନୀତି ଆପଣାଉ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ସ୍ଥାନୀୟ ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରି ପତ୍ର ଲେଖିଛନ୍ତି। ଉଚିତ୍ ନ୍ୟାୟ ନ ପାଇଲେ ଆଗାମୀ ୨୯ ତାରିଖ ଠାରୁ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବାକୁ ସ୍ଥିର କରିଛନ୍ତି।

## ବିଜ୍ଞାନ ପାଇଁ ରାଜଧାନୀରେ ପଦଯାତ୍ରା

### ଭାଗନେଲେ ବୈଜ୍ଞାନିକ, ଶିକ୍ଷକ ଓ ଛାତ୍ରଛାତ୍ରୀ




ଭୁବନେଶ୍ୱର, ୨୩।୮ (ସମିସ): ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର, ଜଳବାୟୁ କ୍ଷେତ୍ରରେ ଅସ୍ୱାଭାବିକତା ତଥା ପରିବେଶ ପ୍ରଦୁଷଣର ନିରାକରଣ, ପାଠ୍ୟକ୍ରମରୁ ଅବୈଜ୍ଞାନିକ ବିଷୟବସ୍ତୁ ବାଦ୍ ଦେବା ନେଇ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ଦେଶବ୍ୟାପୀ ଅଗଷ୍ଟ ୧୬ରୁ ୨୪ ପର୍ଯ୍ୟନ୍ତ ସଂଗଠିତ କରାଯାଉଥିବା 'ସାରା ଭାରତ ବିଜ୍ଞାନ ପାଇଁ ପଦଯାତ୍ରା-୨୦୨୫' ଅନୁଷ୍ଠିତ ହେଉଛି। ଏହି ଅବସରରେ ଶନିବାର ଭୁବନେଶ୍ୱରେ ଛାତ୍ର, ଶିକ୍ଷକ, ଅଧ୍ୟାପକ, ବୈଜ୍ଞାନିକ ତଥା ବିଜ୍ଞାନ ପ୍ରେମୀଙ୍କର ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଭୁବନେଶ୍ୱରର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଶିକ୍ଷକ, ବିଭିନ୍ନ ଗବେଷଣା ଅନୁଷ୍ଠାନର ଗବେଷକମାନେ ୟୁନିଟ-୯ ଆନନ୍ଦ ବଜାର ଛକଠାରୁ ଏକ ଶୋଭାଯାତ୍ରାରେ ବାହାରି ସାଇନ୍ସ ପାର୍କ ଛକଠାରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଯୋଗ ଦେଇଥିଲେ। ଇଂଜିନିୟର ଶ୍ରୀନିବାସ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପଠାଣି ସାମନ୍ତ ପ୍ଲାନେଟୋରିୟମର ପୂର୍ବତନ ଉପ ନିର୍ଦ୍ଦେଷକ ଶୁଭେନ୍ଦୁ ପଟ୍ଟନାୟକ, ଇନ୍‌ଷ୍ଟିଚ୍ୟୁଟ ଅଫ ଫିଜିକ୍ସର ଅବସରପ୍ରାପ୍ତ ପ୍ରଫେସର ଡ. ଅଜିତ ଶ୍ରୀବାସ୍ତବ, ସିଫାର ଅବସରପ୍ରାପ୍ତ ବରିଷ୍ଠ ବୈଜ୍ଞାନିକ ଡ. କାନ୍ତା ଦାସ ମହାପାତ୍ର, ଜଳ ସମ୍ପଦ ବିଭାଗର ଅବସର ପ୍ରାପ୍ତ ଇଂଜିନିୟର ଡ. ଅକ୍ଷୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଛାତ୍ରଛାତ୍ରୀମାନେ ପଠାଣିସାମନ୍ତ ପ୍ଲାନେଟୋରିୟମର ଏକ ବିଶେଷ ସୋରେ ଯୋଗ ଦେଇଥିଲେ। ବିଜ୍ଞାନ ଚେତନା ମଞ୍ଚର ଭୁବନେଶ୍ୱର ସଂଗଠିକା ସପ୍ତର୍ସିନୀ ରାଉଳ, ସୁନିତା ପାଣିଗ୍ରାହୀ, ପୟୋସିନୀ ପ୍ରିୟଦର୍ଶନୀ ଓ ବିନୋଦ ମାହାତୋ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପାତ୍ରପଡ଼ା ହିଟ୍ ଆଣ୍ଡ ରନ୍ ମାମଲା

# ଦିଲ୍ଲୀରୁ ଧରାପଡ଼ିଲେ ସ୍କର୍ପିଓ ଚାଳକ

ଭୁବନେଶ୍ୱର, ୨୩।୮ (ସମିସ)



ପାତ୍ରପଡ଼ା ଭି-୨ ଦୁର୍ଘଟଣାରେ ମାଆ ଓ ଝିଅଙ୍କ ମୃତ୍ୟୁ ଘଟଣାରେ ସ୍କର୍ପିଓ ଚାଳକ ଓ ସହଯୋଗୀକୁ ଦିଲ୍ଲୀରୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ୟୁନିଟ୍-୧ର ସୋହମରାଜ ତ୍ରିପାଠୀ ଓରଫ୍ ଲିପୁନ (୨୭) ଓ ପଟିଆର ସାନୁ ଓରଫ୍ ରୋହନ ରଞ୍ଜନ ରାଉତ (୨୫)। ସାନୁ ଏକ ଘରୋଇ ବ୍ୟାଙ୍କର ମ୍ୟାନେଜର ହୋଇଥିବା

- ସହଯୋଗୀ ସହ ୩ ରାଜ୍ୟ ବୁଲୁଥିଲେ
- କଲପେବଲ୍ ହୋମିସାଇଡରେ ରୁଜୁହେଲା ମାମଲା
- ଏବେ ବି ଫେରାର ଥାର୍ ଚାଳକ

ବେଳେ ତା'ର ବାପା ଜଣେ ସରକାରୀ ଡାକ୍ତର। ଆରମ୍ଭରୁ ଦୁର୍ଘଟଣା ଜନିତ ମାମଲା ରୁଜୁ କରିଥିବା ପୁଲିସ ପ୍ରାଥମିକ ତଦନ୍ତ ପରେ କଲପେବଲ୍ ହୋମିସାଇଡର ଦଫା ଯୋଡ଼ିଛି।

ପୁଲିସ ସୂଚନା ଅନୁସାରେ, ରାକ୍ଷୀ ପୂର୍ଣ୍ଣିମା ଦିନ ଫୁଲେଶ୍ୱରୀ ବସ୍ତିରେ ରହୁଥିବା ଗୃହରକ୍ଷୀ (ଚାଳକ) ମାନସ ରାଉଳଙ୍କ ପତ୍ନୀ ରେବତୀ ରାଉଳ, ଝିଅ ଜାଗୃତି ରାଉଳ ଓ ପୁଅ ମାହିଙ୍କୁ ଧରି ପାତ୍ରପଡ଼ା ଭି-୨ ନିକଟରେ ରାସ୍ତା ପାରି ହେଉଥିଲେ। ସେହି ସମୟରେ ସ୍କର୍ପିଓ ଓ ଥାର୍ ଗାଡ଼ି ରେସିଂ କରି ଖୋର୍ଦ୍ଧା ଆଡ଼କୁ ଯାଉଥିଲେ। ଥାର୍ ଗାଡ଼ିଟି ମାଆ, ଝିଅ ଓ ପୁଅଙ୍କୁ ଧକ୍କା ଦେଇଥିଲା। ୮ ବର୍ଷୀୟା ଜାଗୃତି ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ପରଦିନ ମାଆ ରେବତୀ ମଧ୍ୟ ପ୍ରାଣ ହରାଇଥିଲେ। ମାନସଙ୍କ ଅଭିଯୋଗ କ୍ରମେ ଖଣ୍ଡଗିରି ଥାନା ପୁଲିସ ମାମଲା ରୁଜୁ କରିଥିଲା। ଥାର୍ ଓ ସ୍କର୍ପିଓ ଗାଡ଼ିରେ ଲିପୁନ, ସାନୁ, ଅଙ୍କିତ ସମେତ ୫ ଜଣ ବନ୍ଧୁ ପଟିଆରୁ ଖୋର୍ଦ୍ଧା ଆଡ଼କୁ ଯାଉଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଥିଲା।

ସାନୁ ଓ ଲିପୁନ ଗିରଫଦାରୀ ଭୟରେ ପ୍ରଥମେ ପଶ୍ଚିମବଙ୍ଗ ଓ ପରେ ହରିୟାଣା ପଳାଇଥିଲେ। ସେଠାରୁ ଯାଇ ଦିଲ୍ଲୀରେ ଥିବି ଖବର ମିଳିବା ପରେ ଖଣ୍ଡଗିରି ଥାନା ପୁଲିସର ଏକ ଟିମ୍ ଚଢ଼ଉ କରିଥିଲା। ସାନୁ ଓ ଲିପୁନକୁ ଦିଲ୍ଲୀରୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ଖଣ୍ଡଗିରି ଥାନା ପୁଲିସ ପୂର୍ବରୁ ଦୁର୍ଘଟଣା ଘଟାଇଥିବା ଥାର୍ ଗାଡ଼ିକୁ ଜବତ କରିଥିଲା। ଗତ ୧୬ ତାରିଖ ଦିନ ଅଙ୍କିତ ଓ ଅଭିଯୁକ୍ତଙ୍କୁ ଆଶ୍ରୟ ଦେଇଥିବା କୃଷ୍ଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ହେଲେ ଏଯାଏଁ ଥାର୍ ଚାଳକ ସୋମନାଥ ବେହେରାର ପତ୍ତା ପାଇଁ ପାରିନାହିଁ। ସୂଚନାଯୋଗ୍ୟଯେ, ଗାଡ଼ି ଚାଳକଙ୍କୁ ଗିରଫ କରିବା ପାଇଁ ଫୁଲେଶ୍ୱରୀ ବସ୍ତିର ଲୋକମାନେ ଦୁଇ ଥର ଜାତୀୟ ରାଜପଥ ଅବରୋଧ କରିଥିଲେ।

### ବିଏନ୍‌ଏସ୍ ଦଫା ୧୦୫ କ'ଣ

କଲପେବଲ୍ ହୋମିସାଇଡ୍ ଭଳି ଅପରାଧ ଘଟାଇଲେ ବିଏନ୍‌ଏସ୍ ଦଫା ୧୦୫ ଲାଗିବାର ପ୍ରାବଧାନ ରହିଛି। 'କ' ଓ 'ଖ' ଉଦାହରଣ ଭାବେ ନେଇପାରିବା। ଯଦିଓ କାହାରିକୁ ହତ୍ୟା କରିବା 'କ' ର ଉଦ୍ଦେଶ୍ୟ ନୁହଁ। କିନ୍ତୁ 'କ' ର କାର୍ଯ୍ୟ ଦ୍ୱାରା 'ଖ' ର ମୃତ୍ୟୁ ଘଟିଥାଏ। ଯେଉଁଠି କି 'କ' ଜାଣିଥାଏ ଯେ ସେ କରୁଥିବା କାମ ଅତ୍ୟନ୍ତ ବିପଦଜନକ ଓ ଏହା ନିଶ୍ଚିତ ଭାବରେ 'ଖ' ର ମୃତ୍ୟୁ ଘଟାଇପାରେ କିମ୍ବା ମୃତ୍ୟୁ ହେବାର ସମ୍ଭାବନା ରହିଛି। ସେହି କ୍ଷେତ୍ରରେ ଦଫା ୧୦୫ ବିଏନ୍‌ଏସ୍‌ଏସ୍ ଲାଗିଥାଏ। ୧୦୫ ବିଏନ୍‌ଏସ୍‌ରେ ଦୋଷୀ ସାବ୍ୟସ୍ତ ହେଲେ ସର୍ବନିମ୍ନ ୫ ବର୍ଷ ଠାରୁ ଆରମ୍ଭ କରି ଆଜୀବନ କାରାଦଣ୍ଡର ବ୍ୟବସ୍ଥା ରହିଛି।

ହିଟ୍ ଆଣ୍ଡ ରନ୍ ଘଟଣାରେ, ଯଦିଓ କାହାରିକୁ ହତ୍ୟା କରିବା ସ୍କର୍ପିଓ ଓ ଥାର୍ ଚାଳକଙ୍କ ଉଦ୍ଦେଶ୍ୟ ନୁହଁ। କିନ୍ତୁ ସେମାନେ ଜାଣିଥିଲେ ଯେ ଜାତୀୟ ରାଜପଥରେ ରେସିଂ କରିବା ଦ୍ୱାରା ଦୁର୍ଘଟଣା ଘଟିବା ସହ କାହାରି ପ୍ରାଣହାନୀ ହୋଇପାରେ। କାହାକୁ ହତ୍ୟା କରିବା ଯଦିଓ ସେମାନଙ୍କ ଉଦ୍ଦେଶ୍ୟ ନଥିଲା, କିନ୍ତୁ ବେପରୁଆ ବା କାର ରେସିଂ କରିବା ଦ୍ୱାରା ମାଆ ଓ ଝିଅ ପ୍ରାଣ ହରାଇଥିଲେ। ସେଥିଲାଗି ଉଭୟ କାର ଚାଳକ ଓ ଗାଡ଼ିରେ ବସିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ବିଏନ୍‌ଏସ୍‌ଏସ୍ ଦଫା ୧୦୫ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଗଲା।



## ଭୁବନେଶ୍ୱର ସିଟି

# ବିନା ଅନୁମତିରେ ମାଳମାଳ କଲ୍ୟାଣ ମଣ୍ଡପ

ଭୁବନେଶ୍ୱର, ୨୩।୮ (ସମିସ): ବାହାଘର ହେଉ କି ବ୍ରତଘର ନାଇଁ ତ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟକ୍ରମ ପାଇଁ ରାଜଧାନୀରେ କଲ୍ୟାଣ ମଣ୍ଡପ ବୁକିଂ କରି ଲୋକେ କାନ୍ଦୁଛନ୍ତି। କେଉଁଠି ପାର୍କିଂ ବ୍ୟବସ୍ଥା ନାହିଁ। ତ କେଉଁଠି ଅଗ୍ନି ନିର୍ବାପକ ବ୍ୟବସ୍ଥା କାମ କରୁନି। ପୁଣି ଅନେକ ମଣ୍ଡପରେ ସିସିଟିଭି ନ ଥିବାରୁ

**ଆୟ କୋଟିଏରୁ ଅଧିକ, ରାଜସ୍ୱ ଦେବାକୁ କୁଣ୍ଠକୁଣ୍ଠ**



ଲୋକଙ୍କ ଗାଡିଠାରୁ ଆରମ୍ଭ କରି ଜିନିଷପତ୍ର ଚୋରି ହୋଇଯାଉଛି। ଏହା ରାଜଧାନୀରେ ଏଭଳି କିଛି କଲ୍ୟାଣ ମଣ୍ଡପ ରହିଛି ଯାହାର ଆଦୌ ଖାତା ଖତିଆନ୍ ନାହିଁ। କଲ୍ୟାଣ ମଣ୍ଡପ ମାଲିକମାନେ ବିଡ଼ିଏ କିମ୍ବା ବିଏମ୍‌ସି ଅନୁମତି ମଧ ନେଇ ନାହାନ୍ତି।

ଭୁବନେଶ୍ୱର ଖଣ୍ଡଗିରିଠାରୁ ପାତ୍ରପଡ଼ା ଟଙ୍କପାଣିଠାରୁ ପଟିଆ ଏବଂ ରସୁଲଗଡ଼ଠାରୁ ଆରମ୍ଭ କରି ସହର ମଧ୍ୟରେ ଥିବା ବିଭିନ୍ନ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ବେଳକୁ ବେଳ ଗଡ଼ି ଉଠୁଛି ମାଳମାଳ କଲ୍ୟାଣ ମଣ୍ଡପ। ଲୋକଙ୍କ ଆବଶ୍ୟକତା ଦୃଷ୍ଟିରୁ ରାଜଧାନୀରେ ଛତୁ ଫୁଟିଲା ଭଳି କଲ୍ୟାଣ ମଣ୍ଡପ ଗଡ଼ି ଉଠୁଥିବା ବେଳେ ଏଗୁଡ଼ିକ ବର୍ଷସାରା ବୁକିଂ ରହୁଛି। ଗୋଟିଏ ଗୋଟିଏ କଲ୍ୟାଣ ମଣ୍ଡପ ବାର୍ଷିକ ୩ ରୁ ୪ କୋଟି ଟଙ୍କା ଆୟ କରୁଥିବା ବେଳେ କୌଣସି ବି କଲ୍ୟାଣ ମଣ୍ଡପ ବାର୍ଷିକ କୋଟିଏରୁ କମ୍ ରୋଜଗାର କରୁ ନାହାନ୍ତି। କିନ୍ତୁ ଅନେକ କଲ୍ୟାଣ ମଣ୍ଡପଗୁଡ଼ିକ ବିଏମ୍‌ସି ବିଡିଏ କିମ୍ବା ପୁଲିସର ଅନୁମତି ନେଉ ନ ଥିବାରୁ ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହରାଇବାକୁ ପଡୁଛି।

ପ୍ରକାଶ ଥାଉ କି ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ୨୦୧୯ ମସିହାରେ ଏଭଳି କଲ୍ୟାଣ ମଣ୍ଡପ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କହିଥିଲା। ଭୁବନେଶ୍ୱର ବିଡିଏ ଏବଂ ବିଏମସି ଠାରୁ ଆବଶ୍ୟକ ଅନୁମୋଦନ ମିଳି ନ ଥିବା ଅନେକ ବିବାହ ମଣ୍ଡପ ଏବେ ବି ଚାଲୁଛି। ୮୯ଟି ମଣ୍ଡପ ବିଏମସି ନିକଟରେ ପଞ୍ଜୀକୃତ ହୋଇଛି। ସେହି ସମୟରେ କୌଣସି ମଣ୍ଡପରେ ବର୍ଜ୍ୟ ପରିଚାଳନା ସୁବିଧା ନ ଥିଲା। କେବଳ ଗୋଟିଏ ମଣ୍ଡପରେ ସ୍ୟୁଏଜ ସୁବିଧା ରହିଥିଲା। ୧୫ରୁ କମ ମଣ୍ଡପ ନିର୍ମାଣ ଯୋଜନା ଅନୁମୋଦନ ଦେଖାଇ ଥିଲେ। ପ୍ରାୟ ୯୦ ପ୍ରତିଶତ କଲ୍ୟାଣ ମଣ୍ଡପରେ ପାର୍କିଂ ସୁବିଧା ନାହିଁ କିମ୍ବା ଅପର୍ଯ୍ୟାପ୍ତ ଅଛି। ୫୦ରୁ ଅଧିକ କଲ୍ୟାଣ ମଣ୍ଡପ ଏବଂ ସମ୍ମିଳନୀ କେନ୍ଦ୍ରରେ ଟ୍ରେଡ୍ ଲାଇସେନ୍ସ ନାହିଁ। ହେଲେ ଏହା ପରେ କିନ୍ତୁ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ନାହିଁ। ଏବେ ଅନିୟମିତତା କରୁଥିବା ମଣ୍ଡପ ସଂଖ୍ୟା ଦୃତ ଗତିରେ ବୃଦ୍ଧି ପାଇଛି। ଅଧିକାଂଶ ମଣ୍ଡପ ବିନା ପାର୍କିଂ ବ୍ୟବସ୍ଥାରେ ମଣ୍ଡପ ନୂତନ ନିର୍ମାଣ କରୁଛନ୍ତି। ଯାହା ସହରର ଟ୍ରାଫିକ୍ ବ୍ୟବସ୍ଥାକୁ ଜଟିଳ କରିଦେଉଛି। ଘଣ୍ଟାଘଣ୍ଟା ଧରି ରାଜଧାନୀର ପ୍ରମୁଖ କଲ୍ୟାଣ ମଣ୍ଡପ ଅଞ୍ଚଳରେ ଥିବା ରାସ୍ତାଗୁଡ଼ିକ ଜାମ୍ ରହିବା ସହ ଯାତାୟତରେ ସଂଘାତିକ ପରିସ୍ଥିତି ସୃଷ୍ଟି କରୁଛି।

## ସାଇତା ସ୍ମୃତିର ଠିକଣା ହେଉଛି ଗାଁ



**ଆମେ ଗାଁରୁ ଆସିଛୁ**

ଗାଁ କଥା କହିଲେ ଆଖି ଆଗରେ ଅନେକଗୁଡ଼ିଏ ସ୍ମୃତି ନାଚିଯାଏ। କଥାରେ ଅଛି ଗାଁରେ ବାର ମାସରେ ତେର ପର୍ବ। ପିଲାବେଳ ଗଢି ତୋଳି ଥିବା ଶ୍ରେଷ୍ଠ ସ୍ଥାନ ସିଏ। ସବୁ ସ୍ମୃତି ସେଇଠି ସାଇତା ହୋଇ ରହିଛି। ସେହି ପରିବେଶ, ସନ୍ଧ୍ୟା ଦୃଶ୍ୟ, ପିଲାବେଳ ଆଉ ବୋଉର ତୁଳସୀ ଚଉଁରା ସବୁକୁ ସମ୍ଭାଳି ରଖିଛି ମୋ ଗାଁ।

ଏପରି ଜଣେ ଗାଁ ମନସ୍କ ବ୍ୟକ୍ତି ହେଲେ ନରୋତ୍ତମ ଦାସ। କେନ୍ଦ୍ରାପଡ଼ାର ଗରଦପୁର ବ୍ଲକ ଅନ୍ତର୍ଗତ ବଙ୍ଗାରି ହେଉଛି ତାଙ୍କ ଗାଁ। ହେଲେ ସମୟକୁ ତାଳ ଦେଇ ବୃତ୍ତି ଗତ କାରଣରୁ ୨୮ ବର୍ଷ ହେବ ସେ ରାଜଧାନୀରେ ରହୁଛନ୍ତି। ବୃତ୍ତିରେ ସେ ଜଣେ ଚିତ୍ରଶିଳ୍ପୀ କିନ୍ତୁ ତାଙ୍କ ସବୁ ପରିଚୟ ଗାଁ ସହ ଜଡିତ ବୋଲି କୁହନ୍ତି। ପିଲା ବେଳ ଖେଳ, ସାଙ୍ଗ ସାଥୀଙ୍କ ମେଳ ଏବେ ବି ମନ ଖୋଜୁଥାଏ କହି ଭାବ ବିହ୍ୱଳ ହୋଇଥିଲେ। ସେ ସମୟରେ କବାଡ଼ି ଖେଳ, ଗଡ଼ିଆ ପାଣିରେ ବୁଡ ମାରିବା, ଗଛଚଢା ସବୁକିଛି ଗାଁ ସହ ପଛରେ ଛାଡି ଆସିଲା ପରି ଲାଗେ। ଏବେ ବି ଛୁଟିରେ ବା ପର୍ବପର୍ବାଣୀରେ ଗଲେ ସେସବୁ ମୁହୂର୍ତ୍ତକୁ ପୁଣିଥରେ ଜିଇଁବାକୁ ମନ ହୁଏ। ଗାଁର ସେ ମନୋରମ ପରିବେଶ ଏ ସହରରେ ଖୋଜିଲେ ବି ମିଳିବନି। କରୋନା ମହାମାରୀ ସମୟରେ ଗାଁ ସହ ଅଧିକ ସମୟ ବିତାଇବାକୁ ସୁଯୋଗ ମିଳିଥିଲା। ସେତେବେଳେ ଚାଷ କରିବାର ଏକ ନିଆରା ଅନୁଭୂତି ସାଉଁଟିଥିଲେ ବୋଲି ସେ କୁହନ୍ତି। ଗାଁ ମଝିରେ ଥିବା ଏକ ମଠ, ଯାହା ସହ ପ୍ରତି ଲୋକ ଜଡିତ। ସେଠାରେ ହେଉଥିବା ମାଘମେଳାକୁ ସବୁ ଗାଁରୁ ଲୋକ ଆସନ୍ତି। ୩ରୁ ୫ଦିନ ଯଜ୍ଞ ହୁଏ, ଯେଉଁଥିରେ ସବୁ ଲୋକ ସାମିଲ ହୁଅନ୍ତି। ସେହିପରି ଗୁରୁବାରିଆ ଝୋଟିରେ ଗାଁ ଆହୁରି ମନୋରମ ଲାଗେ। ହେଲେ ସହରରେ ଝୋଟି ଚିତା ଏକ ପ୍ରକାର ନାହିଁ କହିଲେ ଚଳେ। ଖୁଦୁରୁକୁଣି, ଲକ୍ଷ୍ମୀପୂଜା, କୁମାର ପୂର୍ଣ୍ଣିମା ଏସବୁ ଗାଁ ଝିଅଙ୍କ ପାଇଁ ମଉଜ ଆଣେ, ପରିଚୟ ଦିଏ। ସକାଳ ହେବା ଆଗରୁ ଗାଁ ଝିଅଙ୍କ ସହ ମିଶି ସମସ୍ତଙ୍କ ବାଡିରୁ ଫୁଲ ଆଣିବାରେ ଆନନ୍ଦ ମିଳେ। ବର୍ତ୍ତମାନର ପିଢି ଏସବୁ ଓଷା ବାର ସମ୍ପର୍କରେ କିଛି ଜାଣନ୍ତି ନାହିଁ ମଧ। ଆଜି ବି ଗାଁ କୁ ଗଲେ ସବୁକିଛି ମନେ ପଡ଼ିଯାଏ।

## ପଦ୍ମଶ୍ରୀ ବିନୋଦ ପଶାୟତଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୨୩।୮ (ସମିସ): ଗଙ୍ଗାଧର ମେହେର ପ୍ରତିଷ୍ଠାନ ପକ୍ଷରୁ ବିଶିଷ୍ଟ ନାଟ୍ୟକାର, କବି, ଲେଖକ ତଥା ବ୍ୟଙ୍ଗକାର ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ପରଲୋକରେ ବୁଦ୍ଧ ମନ୍ଦିର ପରିସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯକ୍ରମରେ ଗଙ୍ଗାଧର ମେହେର ପ୍ରତିଷ୍ଠାନର ଉପଦେଷ୍ଟା ନରେନ୍ଦ୍ର ମିଶ୍ର ଅଧକ୍ଷତା କରିଥିବା ବେଳେ ଗଙ୍ଗାଧର ମେହେର ପ୍ରତିଷ୍ଠାନର ଅଧକ୍ଷ ମିହିର ମେହେର, ପୂର୍ବତନ ସାଂସଦ ଡ. ପ୍ରଭାସ କୁମାର ସିଂ ଓ ବିଧାୟକ ଅନନ୍ତ ନାରାୟଣ ଜେନା ଆଦି ସ୍ୱର୍ଗତଃ ପଶାୟତଙ୍କ ଫଟୋରେ ପୁଷ୍ପାଞ୍ଜଳି ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ଗୋରେଖନାଥ ସାହୁ, ରାଜ କିଶୋର ନାୟକ, ସୁରେଶ କୁମାର ମହାପାତ୍ର, ଆଶୁତୋଷ ମେହେର, ଲୋକେଶ କୁମାର ଜଗତ ପ୍ରମୁଖ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶେଷରେ ଗଙ୍ଗାଧର ମେହେର ସ୍ମୃତି କମିଟିର ସମ୍ପାଦକ ତଥା ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଧନ୍ୟବାଦ ଦେଇଥିଲେ।

## ବାରିକ ସମିତି ପକ୍ଷରୁ ପଦ୍ମଶ୍ରୀ ବିନୋଦଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୩।୮ (ସମିସ): ନିଖିଳ ଉତ୍କଳ ବାରିକ ସମିତି ଭୁବନେଶ୍ୱର ଶାଖା ପକ୍ଷରୁ ଏକ ବୈଠକ ଜୟଦେବ ବିହାର ସ୍ଥିତ ରାମେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଚତୁର୍ଥଶ୍ରେଣୀ କର୍ମଚାରୀ ସଂଘର ସଭାପତି ତଥା ଭୁବନେଶ୍ୱର ଶାଖା ସଭାପତି ରୋହିତ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସାହିତ୍ୟିକ ପଦ୍ମଶ୍ରୀ ବିନୋଦ ପଶାୟତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁବ୍ରତ ବାରିକ, ଶ୍ରୀଧର ବାରିକ, ଅର୍ଜୁନ ବାରିକ, ସନାତନ ବେହେରା, ଟୁକୁନା ବାରିକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## 'ଲିପିତତ୍ତ୍ୱ: ଇତିହାସ ରଚନାରେ ଏକ ମୂଳ ଉପାଦାନ' ଶୀର୍ଷକ ଆଲୋଚନା

ଭୁବନେଶ୍ୱର, ୨୩।୮ (ସମିସ): ପ୍ରାଚୀନ ଓଡ଼ିଶା ଇତିହାସର ଅନେକ ଅନାଲୋଚିତ ଦିଗର ସମାଧାନ କରି ପ୍ରସିଦ୍ଧି ଲାଭ କରିଥିବା ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କର ଜୟନ୍ତୀ ରାଜ୍ୟ ସଂଗ୍ରହାଳୟ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏହି ଅବସରରେ 'ଲିପିତତ୍ତ୍ୱ: ଇତିହାସ ରଚନାରେ ଏକ ମୂଳ ଉପାଦାନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାସ ଯୋଗଦେଇ ରାଜଗୁରୁଙ୍କ ସମ୍ପର୍କରେ ବିସ୍ତୃତ ଆଲୋଚନା କରି କହିଥିଲେ ଯେ, ଓଡ଼ିଶା ଇତିହାସର ସେ ଏକ ଜ୍ୱଳନ୍ତ ତାରକା ଭାବେ ପରିଚୟ ଲାଭ କରିବା ସହ ଲିପିତତ୍ତ୍ୱ ଜଗତରେ ସେ ଓଡ଼ିଶାର ଜନକ ଭାବେ ପରିଚିତ। ଓଡ଼ିଶାର ଶିଳାଲେଖ ଓ ତାମ୍ରଲେଖ ଉପରେ ପ୍ରକାଶିତ ଅନେକ ପୁସ୍ତକ ରଚନା ଉପରେ ଶ୍ରୀ ଦାସ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ଭାବେ ଉପନିର୍ଦ୍ଦେଶିକା ଦବୟାନୀ ଭୂୟାଁ ଶ୍ରୀ ରାଜଗୁରୁଙ୍କର ବିଭିନ୍ନ କିର୍ତ୍ତୀ ଓ କୃତ୍ତି ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ ଶ୍ରୀ ରାଜଗୁରୁଙ୍କର ରଚିତ ଅଭିଲେଖ ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ସୁବ୍ରତ କୁମାର ଆଚାର୍ଯ୍ୟ, ଡ. ଉମାକାନ୍ତ ମିଶ୍ର ପ୍ରମୁଖ ରାଜଗୁରୁଙ୍କ ଜୀବନୀ ଓ ଲେଖାର ଗୁରୁତ୍ୱପୂର୍ଣ୍ଣ ଦିଗ ଗୁଡ଼ିକ ବିଷୟରେ ଆଲୋଚନା କରିଥିଲେ। ଏହି ଆଲୋଚନାଚକ୍ରରେ ଅନେକ ଗବେଷକ, ଐତିହାସିକ ଓ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିବା ବେଳେ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାରତୀ ପାଲ୍ ପରିଚାଳନା କରିଥିଲେ।

## ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ରାଷ୍ଟ୍ରୀୟ ଅନ୍ତରୀକ୍ଷ ଦିବସ

ଭୁବନେଶ୍ୱର, ୨୩।୮ (ସମିସ): ଭାରତ ନିଜର ଚନ୍ଦ୍ରାୟଣ-୩ ଅଭିଯାନ ଜରିଆରେ ଗତ ୨୩ ଅଗଷ୍ଟ, ୨୦୨୫ ତାରିଖରେ ପ୍ରଥମ ଥର ପାଇଁ ଚନ୍ଦ୍ରର ଦକ୍ଷିଣ ମେରୁରେ ଧୀର-ଅବତରଣ କରି ଇତିହାସ ସୃଷ୍ଟି କରିଥିଲା। ଏହି ଐତିହାସିକ ସଫଳତାକୁ ସ୍ମରଣ କରିବା ପାଇଁ, ଭାରତ ସରକାର ଅଗଷ୍ଟ ୨୩ ତାରିଖକୁ ରାଷ୍ଟ୍ରୀୟ ଅନ୍ତରୀକ୍ଷ ଦିବସ ରୂପେ ଘୋଷଣା କରିଥିଲେ। ଏହି ଅବସରରେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ସ୍ୱତନ୍ତ୍ର ପ୍ରଦର୍ଶନୀର ଉଦଘାଟିତ ହୋଇଥିଲା। ଏହି ଅବସରରେ ଏକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଯାହାକୁ ଇସ୍ରୋର ପ୍ରାକ୍ତନ ମହାକାଶ ବିଜ୍ଞାନୀ ଏବଂ ଓଡ଼ିଶା ରିମୋଟ୍ ସେନ୍ସିଂ ଆପ୍ଲିକେସନ୍ ସେଣ୍ଟରର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଗନ୍ଧର୍ବ ବେହେରା ଉଦଘାଟନ କରିଥିଲେ। ସପ୍ତାହବ୍ୟାପୀ ପାଳନ ଅବସରରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଯଥା- ବକ୍ତୃତା ପ୍ରତିଯୋଗିତା, ରକେଟ ନିର୍ମାଣ କର୍ମଶାଳା, ଜଳ ଚାଳିତ



ରକେଟ ପ୍ରକ୍ଷେପଣ, ଚନ୍ଦ୍ରପ୍ରକୋଷ୍ଠରେ ଚଳନଶୀଳ ରୋବୋଟିକ୍ସ ମିଶନ ପ୍ରତିଯୋଗିତା ମଧ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରକଳ୍ପ ସଂଯୋଜକ କପିଲ ଜୈନ ପରିଚାଳନା କରିଥିଲେ। ପକ୍ଷରୁ ଛାତ୍ର ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଉତ୍ସବର ମୁଖ୍ୟ ଆକର୍ଷଣରେ 'ପ୍ରାଚୀନ ଆକାଶରୁ ଆଧୁନିକ ଦିଗନ୍ତ ପର୍ଯ୍ୟନ୍ତ' ବିଷୟ ଉପରେ ଆଧାରିତ ଏକ

## ମନ୍ଦିର ପରିସରରେ ଚାରାରୋପଣ

ଭୁବନେଶ୍ୱର, ୨୩।୮ (ସମିସ): ସଂକଳ୍ପ ନେଇ କଲ୍ୟାଣ ଅଭିଯାନ ଟ୍ରଷ୍ଟ ଓ ରେଳ ବିହାର ଯୁବ ପରିଷଦର ମିଳିତ ସହଯୋଗରେ ଶନିବାର ବିଡ଼ିଏ କଲୋନୀରେ ଥିବା ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପୂର୍ବତନ ବିଧାୟକ ତଥା ପରିବେଶବିତ୍ ଡ଼ ଦିଲ୍ଲୀପ ଶ୍ରୀଚନ୍ଦନ ଓ ମୁଖ୍ୟ ଅତିଥି ଭାବେ ରାଜ୍ୟ ପାଇକ ଆଖଡ଼ା ମହାସଂଘ ସଭାପତି ଡ଼ଃ ପ୍ରକାଶ ଶ୍ରୀଚନ୍ଦନ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ୧୩ ନମ୍ବର ୱାର୍ଡ କର୍ପୋରେଟର ଇତିଶ୍ରୀ ଦାସ, ସାମାଜିକ କର୍ମୀ ଋଷି ପଟ୍ଟନାୟକ, ସମାଜସେବୀ ମଧୁସ୍ମିତା ନାୟକ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲ୍ୟାଣ ଅଭିଯାନ ଟ୍ରଷ୍ଟ ସଭାପତି ଲିପୁନ୍ କୁମାର ପରିଡ଼ା, ସାମ୍ବାଦିକ ତଥା ଓଡ଼ିଶା ପତ୍ରିକାର ସମ୍ପାଦକ ଚିଦାନନ୍ଦ ଜେନା ଏବଂ ଯୁବ ସମାଜସେବୀ ବଦ୍ରିନାରାୟଣ ଜେନା, ଉପସଭାପତି ଶାଶ୍ୱତ ଅନୁରାଗ ସାହୁ ଓ ଟ୍ରଷ୍ଟର ସାଧାରଣ ସମ୍ପାଦକ ସତ୍ୟପ୍ରଜ୍ଞ ଗୌଡ଼, ଟ୍ରଷ୍ଟର ସଦସ୍ୟ ଅମିତ ପଲାଇ, ରବି ରଞ୍ଜନ, ରୋଜାଲିନ ସାହୁ ଏବଂ ମନ୍ଦିରର ପୂଜକ, ଅଞ୍ଚଳର ଲୋକ ପ୍ରମୁଖ ସାମିଲ ହୋଇଥିଲେ।

## ଗାଜର ଘାସ ନିରାକରଣ ରାଲି



ଭୁବନେଶ୍ୱର, ୨୩।୮ (ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନସେସ୍ (ଆଇଏଏସ୍)ର ଏନ୍‌ଏସ୍‌ଏସ୍ ପକ୍ଷରୁ ଗାଜର ଘାସ ନିରାକରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଭୁବନେଶ୍ୱର ଉପକଣ୍ଠ କଳିଙ୍ଗନଗର କେ-୧ ଠାରେ ଏକ ରାଲି ଅନୁଷ୍ଠିତ ହୋଇଯାଇଛି। ଏହି ରାଲିରେ ଶହେରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସମେତ ସ୍ଥାନୀୟ ବିକାଶ ପରିଷଦର କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ। ଏହି ଅବସରରେ ଆୟୋଜିତ ଏକ ସଭାରେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ପ୍ରଫେସର ସରୋଜ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେବା ସହ ଗାଜର ଘାସର ଅପକାରିତା ବିଷୟରେ ବର୍ଣ୍ଣନା କରିଥିଲେ। ସୋଆ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମର ସଂଯୋଜକ ଡ.କମଳ ଲୋଚନ ମହନ୍ତ, ସ୍ଥାନୀୟ ୱେଲଫେୟାର ଆସୋସିଏସନ୍‌ର ସମ୍ପାଦକ କ୍ଷେତ୍ରମୋହନ ଧଳ, ଡ. ଦିପ୍ତନୁ ଦତ୍ତ, ଡ. ମୁକେଶ କୁମାର ପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ରଶ୍ମିପ୍ରଭା ଦାସ ପରିଚାଳନା କରିଥିଲେ।

## ଲେଖାଲେଖିର 'ସାହିତ୍ୟ ସପ୍ତାହ'

ଭୁବନେଶ୍ୱର, ୨୩।୮ (ସମିସ): ସାହିତ୍ୟ ଅନୁଷ୍ଠାନ 'ଲେଖାଲେଖି' ପକ୍ଷରୁ 'ସାହିତ୍ୟ ପକ୍ଷ' କାର୍ଯ୍ୟକ୍ରମ ଶନିବାର ଲେଖାଲେଖି ବୁକ୍ କର୍ଣ୍ଣରରେ ଆରମ୍ଭ ହେଇ ଯାଇଛି। ସମ୍ପାଦକ ପ୍ରଦୀପ୍ତ କୁମାର ବେହୁରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ କବି ଫନୀ ମହାନ୍ତି ଉଦଘାଟନ କରିଥିଲେ। ପରେପରେ କବି ସୁଷମା ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ କବି ଫନୀ ମହାନ୍ତି, ଅଭୟ ନାୟକ, ରମେଶ ପାଣି, ପ୍ରଦୀପ୍ତ କୁମାର ବେହୁରା, ସୁନନ୍ଦା ମିଶ୍ର, ସୁଷମା ମିଶ୍ର କବିତା ପାଠ କରିଥିଲେ।

## ଜାତୀୟ ମହାକାଶ ଦିବସ




ଭୁବନେଶ୍ୱର, ୨୩।୮ (ସମିସ): ଓଡ଼ିଶା ମହାକାଶ ଉପଯୋଗ କେନ୍ଦ୍ରରେ ଜାତୀୟ ମହାକାଶ ଦିବସ ପାଳିତ ହୋଇଯାଇଛି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ମହାକାଶ ଉପଯୋଗ କେନ୍ଦ୍ରର (ଓରସାକ) ବିଭିନ୍ନ ଭୂମିକା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବେ ଆଇଆଇଟି, ଭୁବନେଶ୍ୱରର ସହକାରୀ ପ୍ରଫେସର ଡ. ଦେବଦତ୍ତ ସ୍ୱାଇଁ ଯୋଗଦେଇ ଚଳିତ ବର୍ଷର ଶୀର୍ଷକ 'ଆର୍ଯ୍ୟଭଟ୍ଟ ଠାରୁ ଗଗନାୟନ-ପ୍ରାଚୀନ ପ୍ରଜ୍ଞା ଠାରୁ ଅସୀମ ସମ୍ଭାବନା' ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମହାକାଶ ବିଜ୍ଞାନ ସମ୍ବନ୍ଧୀୟ କୁଇଜ ପ୍ରତିଯୋଗୀତା ସମେତ ବିଭିନ୍ନ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରଯାଇଥିଲା। ଏହାପରେ ଓରସାକ ପରିସରରେ ମନ୍ତ୍ରୀ ଶ୍ରୀ ପାତ୍ର ବୃକ୍ଷ ରୋପଣ କରିଥିଲେ। ପ୍ରାରମ୍ଭରେ ଓଡ଼ିଶା ମହାକାଶ ଉପଯୋଗ କେନ୍ଦ୍ର (ଓରସାକ) ର ମୁଖ୍ୟ କାର୍ଯ୍ୟନିର୍ବାହୀ ରଶ୍ମିତା ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ଓରସାକର ପ୍ରଶାସନିକ ଅଧିକାରୀ ସୋଫି ସାଇନିକା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେପି ପକ୍ଷରୁ ମଣ୍ଡଳସ୍ତରୀୟ ଉପସଭାପତି ଓ ସମ୍ପାଦକ ଚୟନ

ଧଉଳି, ୨୩।୮ (ସମିସ): ଜୟଦେବ ନିର୍ବାଚନ ମଣ୍ଡଳୀ ବିଜେପି ପକ୍ଷରୁ ବାଲକାଟି ମଣ୍ଡଳସ୍ତରୀୟ ଉପସଭାପତି ଓ ସମ୍ପାଦକ ନାମ ଘୋଷଣା କରିଛନ୍ତି ଭୁବନେଶ୍ୱର (ସଂଗଠନ) ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର। ମଣ୍ଡଳ ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ଏହି ପଦବୀ ଘୋଷଣା କରାଯାଇଛି। ଏଥିରେ ଉପସଭାପତି ଭାବେ ପ୍ରିୟବ୍ରତ ପାତ୍ର, କେଲୁଚରଣ ବେହେରା, ମମତା ମାହାରୀ, ଟୁନିଲତା ସାମନ୍ତରାୟ, ପ୍ରମୋଦ ମୁଦୁଲି, ତପନ ବସ୍ତିଆ, ସାଧାରଣ ସମ୍ପାଦକ ଭାବେ ସଞ୍ଜୀବ କୁମାର ସାମନ୍ତରାୟ, ପ୍ରମୋଦ କୁମାର ସାହାଣୀ, ସମ୍ପାଦକ ଭାବେ ଧରଣୀଧର ମଣ୍ଡଳ, ଜଗମୋହନ ସେଠି, ସଂଯୁକ୍ତା ସେଠି, ଦୁର୍ଯ୍ୟୋଧନ ନାୟକ, ଅଜିତ ବେହେରା, ଦିନବନ୍ଧୁ ଭୋଇ ଏବଂ କୋଷାଧ୍ୟକ୍ଷ ଭାବେ ଚିତ୍ତରଞ୍ଜନ ସାମନ୍ତରାୟଙ୍କ ନାମ ଘୋଷଣା କରାଯାଇଛି। ଜୟଦେବ ନିର୍ବାଚନ ମଣ୍ଡଳୀରେ ନିର୍ବାଚନରେ ଦଳକୁ ତୃଣମୂଳ ସ୍ତରରୁ ମଜଭୁତ କରିବା ପାଇଁ ପଦବୀ ପାଇଥିବା ସଦସ୍ୟ ମାନେ କାମ କରିବାସହ ମଣ୍ଡଳସ୍ତରୀୟ କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ଗ୍ରହଣ କରିବେ ବୋଲି ସଭାପତି ଶ୍ରୀ ସ୍ୱାଇଁ କହିଛନ୍ତି।

## ଯକ୍ଷ୍ମାରୋଗ ନିରାକରଣ ସଚେତନତା



ଧଉଳି, ୨୩।୮ (ସମିସ): କେନ୍ଦ୍ର ସରକାରଙ୍କ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା. ଗାୟତ୍ରୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ବାଲିଅନ୍ତା ବ୍ଲକର ବିଭିନ୍ନ ପଞ୍ଚାୟତରେ ଯକ୍ଷ୍ମାରୋଗ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ବାଲିଅନ୍ତା ପଞ୍ଚାୟତ ଅଟଳା କୋଟକଣାସ୍ଥିତ ସଞ୍ଜୀବନୀ ବୃଦ୍ଧାଶ୍ରମରେ ଯକ୍ଷ୍ମାରୋଗ ପର୍ଯ୍ୟବେକ୍ଷକ ବିଶ୍ୱଜିତ ସ୍ୱାଇଁଙ୍କ ନେତୃତ୍ୱରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ୩୦ ଜଣ ଅନ୍ତେବାସୀଙ୍କ ସହ ୩୨ ଜଣ କୋଟକଣା ଗ୍ରାମବାସୀଙ୍କ ଯକ୍ଷ୍ମା ସମ୍ପର୍କିତ ସ୍ୱାସ୍ଥ୍ୟପରୀକ୍ଷା କରାଯିବା ସହ ମାଗଣାରେ ଏକ୍ସରେ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ (ସିଏଚଓ) ଶର୍ମିଷ୍ଠା ନାୟକ, ସ୍ୱାସ୍ଥ୍ୟକର୍ମୀ ପଙ୍କଜିନୀ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ବିଏମ୍‌ସିରେ ଗାଡ଼ି ସ୍କ୍ରାପିଂ ପଲିସି ଲାଗୁ

**ପ୍ରଥମ ପର୍ଯ୍ୟାୟରେ ୨୮ ଗାଡ଼ି ଚିହ୍ନଟ**

ଭୁବନେଶ୍ୱର, ୨୩।୮ (ସମିସ): କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ସ୍କ୍ରାପିଂ ପଲିସିକୁ ଲାଗୁ କରିଛି ବିଏମ୍‌ସି। ବିଏମ୍‌ସି ଦ୍ୱାରା ବ୍ୟବହୃତ ପୁରୁଣା ଗାଡି ଗୁଡ଼ିକୁ ସ୍କ୍ରାପିଂ କରିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୮ଟି ଗାଡିକୁ ସ୍କ୍ରାପ୍ କରାଯିବ। ଏନେଇ ବିଏମ୍‌ସି ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି।

ମିଳିଥିବା ସୂଚନା ମୁତାବକ, ବିଏମସି ପରିବେଶ ସ୍ଥିରତାକୁ ପ୍ରୋତ୍ସାହନ ଦେବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ପୁରୁଣା ଓ ଜରାଜୀର୍ଣ୍ଣ ମୋଟ ୨୮ ପୁରୁଣା ଗାଡିକୁ ସ୍କ୍ରାପ୍ କରାଯିବ। ଯେଉଁଥିରେ ଟାଟା ଟିପର, ଏକ୍ସକାଭେଟର, ଲୋଡର, ଆମ୍ବୁଲାନ୍ସ ଏବଂ ଟ୍ରାକ୍ଟର ଅନ୍ତର୍ଭୁକ୍ତ, ନିଷ୍କାସନ ପାଇଁ ଚିହ୍ନଟ କରାଯାଇଛି।

ଏହି ଗାଡିଗୁଡ଼ିକ ପଞ୍ଜୀକରଣ ତାରିଖଠାରୁ ୧୫ ବର୍ଷରୁ ଅଧିକ ସମୟ ପୂରଣ କରିଛନ୍ତି ଏବଂ ଅନେକ ୨ ଲକ୍ଷ



୫୦ ହଜାର କିଲୋମିଟରରୁ ଅଧିକ ଦୂରତ୍ୱ ଅତିକ୍ରମ କରିଛନ୍ତି। ଏଣୁ ଗାଡିଗୁଡ଼ିକୁ ରାସ୍ତାରେ ଚାଲିବା ପାଇଁ ଅଯୋଗ୍ୟ। ବିଏମସି ଏହି ଗାଡି ଗୁଡ଼ିକୁ ନଷ୍ଟ କରିବା ପାଇଁ ସରକାରୀ ନିୟମାବଳୀ ଅନୁସରଣ କରାଯାଉଛି ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ଗାଡିଗୁଡ଼ିକୁ ଭୁବନେଶ୍ୱର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ସହିତ ପରାମର୍ଶ ପରେ ପଞ୍ଜୀକୃତ ଯାନବାହାନ ନଷ୍ଟକରଣ ସୁବିଧାକୁ ପର୍ଯ୍ୟାୟକ୍ରମେ ହସ୍ତାନ୍ତର ହେବ।

ଏହି ପଦକ୍ଷେପ ପୁନଃଚକ୍ରଣକୁ ପ୍ରୋତ୍ସାହନ, ବର୍ଜ୍ୟ ହ୍ରାସ ଏବଂ ଅଧିକୃତ ମୂଲ୍ୟବାନ ସ୍ଥାନ ଅକ୍ତିଆର କରିବାରେ ସହାୟକ ହେବ ବୋଲି କୁହାଯାଉଛି। ବିଏମସି କମିସନର ଚଞ୍ଚଳ ରାଣା କହିଛନ୍ତି ଗାଡିଗୁଡ଼ିକୁ ପୁନଃଚକ୍ରଣ କରିବା ଦ୍ୱରା ମୂଲ୍ୟବାନ ଜମିର ପ୍ରକୃତ ବ୍ୟବହାର ସମ୍ଭବ ହେବ। ଏହି ପଦକ୍ଷେପକୁ ସହରରେ କାର୍ଯ୍ୟକ୍ଷମତା ବୃଦ୍ଧି ଏବଂ ପରିବେଶ ସ୍ଥିରତାକୁ ପ୍ରୋତ୍ସାହନ ଦେବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଛି।

ସକାଳ THE SAKALA



## ବଢୁଛି ଶବ୍ଦ ପ୍ରଦୂଷଣ, କାହାରି ନଜର ନାହିଁ

ଚନ୍ଦନେଶ୍ୱର, ୨୩।୮ (ସମିସ) : ଭୋଗରାଇରେ ଶବ୍ଦ ପ୍ରଦୂଷଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏ ନେଇ ପ୍ରଶାସନ ଓ ଜନ ପ୍ରତିନିଧି କେହି ନଜର ନ ଦେବାକୁ ନେଇ ଜନ ଅସନ୍ତୋଷ ସୃଷ୍ଟି ହେଉଛି। ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସମାଜସେବୀ ଓ ସଚେତନ ନାଗରିକମାନଙ୍କ ପକ୍ଷରୁ ଥାନାରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ। ପ୍ରଶାସନ କିମ୍ବା ପୁଲିସ ଏହି ଶବ୍ଦ ପ୍ରଦୂଷଣକାରୀ ମାନଙ୍କ ପ୍ରତି କୋହଳ ମନୋଭାବକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳୁଛି। ବିବରଣୀ ଅନୁସାରେ ଆଗକୁ ଆସୁଛି ପୂଜା, ପାର୍ବଣର ଋତୁ। ପ୍ରତି କ୍ଲବ, ମାର୍କେଟ, ଛକ ଜାଗାରେ ଗଣେଶ ପୂଜା ଓ ଗାଁ, ଗାଁରେ ଅଦିନିଆ ସରସ୍ୱତୀ ଓ ମନସା ମାତାଙ୍କ ପୂଜାର୍ଚ୍ଚନା। ଏହି ପୂଜାମାନଙ୍କରେ ମୂର୍ତ୍ତି ଭସାଣିବେଳେ ଓ ବାହାଘରରେ ବରଯାତ୍ରୀମାନେ ଡିଜେ ସମ୍ମୁଖରେ ନାଚି ନାଚି ଯିବା ଏକ ପରମ୍ପରା ହୋଇଗଲାଣି। ଏଥିପାଇଁ ବ୍ୟବହୃତ ହେଉଥିବା ଡାକବାଜି ଯନ୍ତ୍ର ଓ ଡିଜେର କର୍କଶ ଶବ୍ଦରେ ସାଧାରଣ ଲୋକେ ଅତିଷ୍ଠ ହୋଇପଡିଲେଣି। ଡିଜେ କମ୍ପନରେ ବହୁତ ଗ୍ରୀଷ୍ମ ଦିନରେ ହୃଦରୋଗୀମାନେ ଅଶାନ୍ତିରେ ଜୀବନ ବିତେଉଛନ୍ତ। କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଦୂଷଣ ନିୟମ ୨୦୧୦ ଲାଗୁ କରାଯାଇଛି। ପରିବେଶ ନିୟନ୍ତ୍ରଣ ବୋର୍ଡ ତଥ୍ୟ ଅନୁଯାୟୀ ଶବ୍ଦ ପ୍ରଦୂଷଣକୁ ରେସିଡେନ୍ସିଆଲ, ସାଇଲେନ୍ସ ଓ କମରସିଆଲ ଜୋନ ଭାବରେ ବିଭକ୍ତ କରାଯାଇଛି । କମରସିଆଲ ଜୋନରେ ସକାଳ ୬ ଟାରୁ ରାତି ୧୦ଟା ମଧ୍ୟରେ ୬୫ ଡେସିବିଲ ଓ ରାତି ୧୦ଟାରୁ ସକାଳ ୬ ଟା ମଧ୍ୟରେ ୫୫ ଡେସିବିଲ ମଧ୍ୟରେ ଶବ୍ଦ ବ୍ୟବହାର କରାଯିବାର ନିୟମ ରହିଛି ! ସେହିପରି ସାଇଲେନ୍ସ ଜୋନରେ ସକାଳ ୬ଟାରୁ ରାତି ୧୧ ଟା ମଧ୍ୟରେ ୫୦ଡେସିବିଲ ଓ ରାତି ୧୦ ଟାରୁ ସକାଳ ୬ଟା ମଧ୍ୟରେ ୪୦ ଡେସିବିଲ ଏବଂ ରେସିଡେନ୍ସିଆଲ ଜୋନରେ ସକାଳ ୬ ଟାରୁ ରାତି ୧୦ଟା ମଧ୍ୟରେ ୫୫ ଡେସିବିଲ ଓ ରାତି ୧୦ଟାରୁ ସକାଳ ୬ ଟା ମଧ୍ୟରେ ୪୫ ଡେସିବିଲ ଶବ୍ଦ ବ୍ୟବହାର ହେବ। ମାତ୍ର ଏହି ନିୟମକୁ କୌଣସି ଡିଜେ ବାଲା ମାନୁନାହାନ୍ତି। ସେମାନେ ୯୦ ଡେସିବିଲରୁ ଅଧିକ ତୀବ୍ରତାର କର୍କଶ ଶବ୍ଦ ପ୍ରଦୂଷଣ କରୁଥିବାର ଦେଖାଯାଉଛି। ଏହାଛଡା ରେସିଡେନ୍ସିଆଲ, କମାରସିଆଲ ଓ ସାଇଲେନ୍ସ ଜୋନ ଉପରେ ଗୁରୁତ୍ୱ ଦେଉନାହାନ୍ତି। ଏପରିକି ଡାକ୍ତରଖାନା, ବିଦ୍ୟାଳୟ ସରକାରୀ କାର୍ଯ୍ୟାଳୟ, ଥାନା ଓ ଫାଣ୍ଡି କିଛି ମାନୁନାହାନ୍ତି । ଏହାକୁ ନେଇ ଦଳ ଦଳ ମଧ୍ୟରେ ବାରମ୍ବାର ଗୋଷ୍ଠୀ କନ୍ଦଳ ଲାଗିବାର ଦେଖିବାକୁ ମିଳୁଛି । ଏ ନେଇ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି।

## ଅଶାନ୍ତ ସମୁଦ୍ର, ଉପକୂଳବର୍ତ୍ତୀ ଅଞ୍ଚଳ ଲୋକେ ଭୟଭୀତ

# ତାଳସାରୀରୁ କୀର୍ତ୍ତନିଆ ସୁରକ୍ଷା ବନ୍ଧ କେବେ

ଚନ୍ଦନେଶ୍ୱର, ୨୩।୮ (ସମିସ)



ଓଡ଼ିଶା ସୀମାନ୍ତ ବାଲେଶ୍ୱର ଜିଲ୍ଲାର ଭୋଗରାଇର ତାଳସାରୀଠାରୁ କୀର୍ତ୍ତନିଆ ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ବେଳାଭୂମି ରହିଛି। ପ୍ରତିବର୍ଷ ସାମୁଦ୍ରିକ ଝଡ଼ ଓ ଲଘୁଚାପ ପାଇଁ ସମୁଦ୍ରରେ ଉଚ୍ଚ ଜୁଆର ମାଡିବା ଯୋଗୁଁ ଉପକୂଳ ଅଞ୍ଚଳ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ସମୁଦ୍ରର ଉଚ୍ଚ ଜୁଆର କୂଳରେ ମାଡ ହେବାରୁ ମୃତ୍ତିକା କ୍ଷୟ ହେବା ସହିତ ଉପକୂଳ ଗାଁ ତାଳସାରୀ, ବିଛାପଦ୍ମପୁର, କୃଷ୍ଣନଗର, କନ୍ୟାନଗରୀ, ଖଡ଼ିବିଲ, ରଣସିଂହପୁର, ବଡ଼ପାହି, ନାରାୟଣ ମହାନ୍ତି ପଡିଆ, ଚନ୍ଦ୍ରବାଲି ଓ କୀର୍ତ୍ତନିଆ ଆଦି ଗାଁର ଲୋକମାନେ ଭୟଭୀତ ଅବସ୍ଥାରେ ଦିନ ଗଣୁଛନ୍ତି। ଏହାଛଡ଼ା ଗତ ୧୯୯୯ ମସିହା ନଭେମ୍ବର ୨୯ ତାରିଖ ମହାବାତ୍ୟା ପରଠାରୁ ଅଦ୍ୟାବଧି ଆଠରୁ ଅଧିକ ସାମୁଦ୍ରିକ ଝଡ଼ ଉପକୂଳବାସୀଙ୍କୁ ବେଶ ପ୍ରଭାବିତ କରିଛି। ତାଳସାରୀ ଠାରୁ କୀର୍ତ୍ତନିଆ ପର୍ଯ୍ୟନ୍ତ ୧୨ କିଲୋମିଟର ଉପକୂଳ ସୁରକ୍ଷା ବନ୍ଧ ଦୀର୍ଘଦିନ କାର୍ଯ୍ୟକାରୀ ହେଉ ନ ଥିବାରୁ ସମୁଦ୍ରର ଉଚ୍ଚ ଜୁଆର ମାଡ଼ରେ ଧନ ଜୀବନ କ୍ଷୟ କ୍ଷତି ହେଉଛି। ଶହ ଶହ ଏକର ଚାଷ ଜମିରେ ଲୁଣି ପାଣି ପଶିବା ଫଳରେ ଚାଷ ନଷ୍ଟ ହେବା ସହ ଚାଷୀଙ୍କର ଚାଷ ପ୍ରତି ନିରାଶା ଭାବ ସୃଷ୍ଟି ହେଉଛି। ସାମୁଦ୍ରିକ ଝଡ ଏବଂ ଅମାବାସ୍ୟା ଓ ପୂର୍ଣ୍ଣିମା ତିଥିରେ ସମୁଦ୍ରର ଉଚ୍ଚ ଜୁଆର ମାଡ଼ରେ ସୁବର୍ଣ୍ଣପୁରରେ ଥିବା ଶହ ଶହ ଝାଉଁ ଜଙ୍ଗଲ ସମୁଦ୍ର ଗର୍ଭରେ ଲୀନ ହେଉଛି। ତାଳସାରୀ ଠାରୁ କୀର୍ତ୍ତନିଆ ପର୍ଯ୍ୟନ୍ତ ପ୍ରାୟ ୧୨ କିଲୋମିଟର ଉପକୂଳ ତଟ ମୁକୁଳା ପଡ଼ିଛି। ଦୀର୍ଘ ଦିନ ଧରି ଉକ୍ତ ପଥର ବନ୍ଧ ତିଆରି ନ ହେବାରୁ ସମୁଦ୍ର ଉପକୂଳ ଲୋକମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ତୁରନ୍ତ ସମୁଦ୍ର ଉପକୂଳର ତଟ ସୁରକ୍ଷା ଉଚ୍ଚ ପଥର ବନ୍ଧ ନ ହେଲେ କିଛି ବର୍ଷ ମଧ୍ୟରେ ଅଶାନ୍ତ ସମୁଦ୍ର ଉପକୂଳ ଗାଁଗୁଡ଼ିକ ଲୀନ ହୋଇ ଭୌଗୋଳିକ ସ୍ଥିତି ବଦଳାଇ ଦେଇ ପାରେ ବୋଲି ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରିବା ସହିତ ସୁରକ୍ଷା ବନ୍ଧ ନିର୍ମାଣ କରିବାକୁ ଦାବି କରିଛନ୍ତି।

## ଚନ୍ଦନେଶ୍ୱରକୁ ଏନ୍‌ଏସି ମାନ୍ୟତା ନ ମିଳିଲେ ଆନ୍ଦୋଳନ

ଚନ୍ଦନେଶ୍ୱର, ୨୩।୮ (ସମିସ): ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୭ଟି ଜିଲ୍ଲାର ୧୨ଟି ଅଂଚଳକୁ ଏନଏସି ମାନ୍ୟତା ପ୍ରଦାନ କରିଛନ୍ତି। ତେବେ ରାଜ୍ୟର ସର୍ବ ବୃହତ ବ୍ଲକ ଭାବେ ପରିଚିତ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଚନ୍ଦନେଶ୍ୱର ଏହି ତାଲିକାରୁ ବାଦ ପଡିଛି। ଏଥିପାଇଁ ଅଂଚଳବାସୀଙ୍କ ମନରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ଖୁବଶୀଘ୍ର ଏକ ଗଣ ଆନ୍ଦୋଳନ ଡାକରା ଦେବା ପାଇଁ ସଜବାଜ ହେଉଥିବା ଜଣା ପଡିଛି। ପୂର୍ବ ସରକାର ସମୟରେ ହୁଗୁଳି, ଗୋଛିଦାତେଘରୀ, ସାହାବାଜିପୁର, ବାଜିତପୁର, ଶଙ୍ଖାରୀ, ଶ୍ରଦ୍ଧାପୁର, କାନ୍ଠିଥଭଉଁରୀ ଓ ଜଗନ୍ନାଥପୁର ପ୍ରଭୃତି ୮ ଟି ଗ୍ରାମପଞ୍ଚାୟତର ୩୬ ଟି ଗ୍ରାମକୁ ନେଇ ତାଳସାରୀ ଉନ୍ନୟନ ପରିଷଦ ଗଠିତ ହୋଇଥିଲା। ଏହି ପଞ୍ଚାୟତ ଅଧୀନରେ ମନୋରମ ବେଳାଭୂମି ଉଦୟପୁର, ତାଳସାରୀ ଭଳି ବୈଚିତ୍ର ଭରା ବିଚିତ୍ରପୁର ଇକୋ ଟୁରିଜିମ ରହିଛି। ଖାଲି ସେତିକି ନୁହେଁ, ପୂର୍ବ ଭାରତର ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦନେଶ୍ୱର ଏବଂ ଏସିଆର ସର୍ବ ବୃହତ ଶିବଲିଙ୍ଗ ବାବା ଭୂଷଣ୍ଡେଶ୍ୱରଙ୍କ ମନ୍ଦିର ରହିଛି। ଚନ୍ଦନେଶ୍ୱରକୁ ଏନଏସି ପାଇଁ ଆବଶ୍ୟକୀୟ ଭିତିଭୂମି ମଧ୍ୟ ରହିଛି । ଚନ୍ଦନେଶ୍ୱର ମନ୍ଦିର ସମେତ ଉକ୍ତ ପର୍ଯ୍ୟଟନ କେନ୍ଦ୍ରକୁ ପ୍ରତ୍ୟେକ ଦିନ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି। ଏହାଛଡ଼ା ଚୈତ୍ର ମାସର ଚଡ଼କ ମେଳା ସମୟରେ ଚନ୍ଦନେଶ୍ୱର ମନ୍ଦିରକୁ ରାଜ୍ୟ ଏବଂ ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥାଏ। ତେଣୁ ସମସ୍ତ ଭିତିଭୂମି ଥାଇ ଚନ୍ଦନେଶ୍ୱର ଭଳି ଏକ ପର୍ଯ୍ୟଟନ କେନ୍ଦ୍ରକୁ ଏନ୍‌ଏସିର ମାନ୍ୟତା ପ୍ରଦାନ କରିବା ପାଇଁ ପୂର୍ବତନ ସରପଞ୍ଚ ତଥା ମୌରସି ତପନ କୁମାର ପଣ୍ଡା, ଭଏସ ଅଫ୍ ଭୋଗରାଇର ସଭାପତି ସୁବାସ ଚନ୍ଦ୍ର ଦାସ, ପୂର୍ବତନ ୱାଡର୍‌ସଭ୍ୟ ଗୌରହରି ପ୍ରଧାନ, କିଶୋରୀ ମୋହନ ଦାସ ଓ ବନମାଳୀ ବେହେରା ପ୍ରମୁଖ ଦାବି କରିଛନ୍ତି। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଚନ୍ଦନେଶ୍ୱରକୁ ଏକ ଏନଏସି ଓ କମର୍ଦ୍ଦାକୁ ଏକ ବ୍ଲକରେ ପରିଣତ କରିବା ପାଇଁ ଦାବି କରି ଆସୁଛନ୍ତି। ଅଳ୍ପ ଦିନ ମଧ୍ୟରେ ଚନ୍ଦନେଶ୍ୱରଠାରେ ଏକ ସମାବେଶ କରି ଏନଏସି ପାଇଁ ଦାବି କରିବେ ବୋଲି ପ୍ରକାଶ କରିଛନ୍ତି।

## ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ନୀଳଗିରି, ୨୩।୮ (ସମିସ): ନୀଳଗିରି ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ତିନିଦିନଧରି ଚାଲିବାକୁ ଥିବା ବିଭାଗ ଓ ସମ୍ଭାଗ ସ୍ତରୀୟ ଜ୍ଞାନ ବିଜ୍ଞାନମେଳା ଉଦ୍‌ଘାଟିତ ହୋଇଯାଇଛି। ଏହି ଜ୍ଞାନବିଜ୍ଞାନ ମେଳାରେ ମୟୂରଭଞ୍ଜ, ଭଦ୍ରକ ଓ ବାଲେଶ୍ୱରର ମୋଟ ୨୫୦ରୁ ଉଦ୍ଧ୍ୱର୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ବିଜ୍ଞାନ, ଗଣିତ ବିଭାଗରେ ୬୫ଟି ପ୍ରକଳ୍ପ ଛାତ୍ରଛାତ୍ରୀଙ୍କ ଦ୍ୱାରା ଉପସ୍ଥାପନା କରାଯାଇଛି। ଏହି ବିଜ୍ଞାନ ମେଳା ନିମନ୍ତେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାନ୍ତ ପରୀକ୍ଷା ପ୍ରମୁଖ ରୁଦ୍ରନାରାୟଣ ବେହେରା, ସମ୍ମାନିତ ଅତିଥି ଭାବେ ତହସିଲଦାର ସୋନମ ଦାସ, ଡ. ଲକ୍ଷ୍ମୀକାନ୍ତ ମହାରଣା, କିରଣ କୁମାର ମହାରଣା, ନିରୀକ୍ଷକ ବିଜନ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ। ସ୍କୁଲର ପ୍ରଧାନଶିକ୍ଷକ ଜୟକୃଷ୍ଣ ବାରିକ ସଭାପତିତ୍ୱ କରିଥିବା ବେଳେ ହୃଷିକେଶ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। ବିଦ୍ୟାଳୟର ରଶ୍ମୀରେଖା ବାରିକ, ପ୍ରଭାମଞ୍ଜରୀ ନାୟକ, ସୁଶାନ୍ତ ପାତ୍ର, ଶ୍ରୀଧର ପାତ୍ର, ବନଜା ମହାପାତ୍ର, ସମର୍ପିତା କାନୁନଗୋ, ରୋଜାଲିନ ଦାଶ, ସୂଚେତା ରାଉଳ, ଭବେନ୍ଦ୍ର ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ମଧ୍ୟାହ୍ନ ଭୋଜନ ଘୋଟାଲା ମୁହଁ ଖୋଲିଲେ ମହିଳା ଗୋଷ୍ଠୀ

ପଞ୍ଚଲିଙ୍ଗେଶ୍ୱର,୨୩।୮ (ସମିସ): ନୀଳଗିରି ଉପଖଣ୍ଡ ସନ୍ତରା ଗଡିଆ, ନୋଡାଲ ହାଇସ୍କୁଲରେ ମଧ୍ୟାହ୍ନ ଭୋଜନ ଘୋଟାଲା ମିଥ୍ୟା ବୋଲି ମୁହଁ ଖୋଲିଲେ ମା ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ।



ସେମାନଙ୍କ କହିବା ଅନୁଯାଇ ଦୀର୍ଘ ୧୭ବର୍ଷ ଧରି ଉକ୍ତ ବିଦ୍ୟାଳୟରେ ସେମାନେ ମଧ୍ୟାହ୍ନ ଭୋଜନ ଦେଇ ଆସୁଥିଲେ, କିନ୍ତୁ ଏହି ଚାରିମାସ ହେଲା ହାଇସ୍କୁଲର ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଯେବେଠୁଁ ଦିଆଗଲା, ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ, ଏସ.ଏମ. ସି. କମିଟି ମେମ୍ବର ଓ ବିଦ୍ୟାଳୟର ପିଅନ ଓ କିଛି କୁ ଚକ୍ରାନ୍ତକାରୀଙ୍କ ମନ ଗଢ଼ା କାହାଣୀ ମିଥ୍ୟା ଆରୋପ କରିଛନ୍ତି, ସେମାନଙ୍କର ବ୍ୟକ୍ତିଗତ ସ୍ୱାର୍ଥ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଟଙ୍କା ମଗାଯାଇଥିଲା ସେମାନେ ନ ଦେବାରୁ ଏ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ବିଦ୍ୟାଳୟରୁ ବାହାର କରି ଅନ୍ୟ ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଦେବା ପାଇଁ ଏ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓ ଏସ. ଏମ. ସି କମିଟିକୁ ଚକ୍ରାନ୍ତ, ଖାଲି ସେତିକି ନୁହେଁ ପ୍ରଧାନ ଶିକ୍ଷକ କୁଇଣ୍ଟାଲ କୁଇଣ୍ଟାଲ ଚାଉଳ ଘୋଟାଲା କରୁଛନ୍ତି ବୋଲି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଅଭିଯୋଗ କରିଛନ୍ତି।

## ଷଷ୍ଠ ଦିନରେ ବେସରକାରୀ ଅଧ୍ୟାପକ ଓ କର୍ମଚାରୀଙ୍କ ଆନ୍ଦୋଳନ



ନୀଳଗିରି, ୨୩।୮ (ସମିସ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ଦୀର୍ଘ ବର୍ଷ ହେବ ସଂଘର ସଭାପତି ବିଶ୍ୱରଂଜନ ଦାସଙ୍କ ନେତୃତ୍ୱରେ ଗଣତାନ୍ତ୍ରିକ ଉପାୟରେ ସରକାରଙ୍କ ନିକଟରେ ଦାବି ଉପସ୍ଥାପିତ କରିଆସୁଅଛି। ହେଲେ ସରକାର ଦାବି ପୂରଣ କରୁନଥିବାରୁ ନୀଳଗିରି ଉପଖଣ୍ଡରେ ନୀଳଗିରି ମହାବିଦ୍ୟାଳୟ, ନୀଳଗିରି, ସ୍ୱର୍ଣ୍ଣଚୁଡ ମହାବିଦ୍ୟାଳୟ, ମିତ୍ରପୁର ଏବଂ ବରହମପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ରାଜ୍ୟର ବିଭିନ୍ନ ଅନୁଦାନ ପ୍ରାପ୍ତ ଓ ଅଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ରେ ୨୦୦୮ ରୁ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ଅଧ୍ୟାପକ ଓ କର୍ମଚାରୀ ନିଯୁକ୍ତି ପାଇଛନ୍ତି। ହେଲେ ରାଜ୍ୟ ସରକାର ଏମାନଙ୍କୁ ସରକାରୀ ଅନୁଦାନ ପରିସରଭୁକ୍ତ କରିନାହାନ୍ତି। ବିଜେପି ସରକାର ଆସିବା ଦିନଠାରୁ ଆଜି ପର୍ଯ୍ୟନ୍ତ ୧୩ ମାସ ମଧ୍ୟରେ ସଂଘ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିକୁ ୧୨ ଥର ଯାଇ ମୁଖ୍ୟମନ୍ତ୍ରୀ ଙ୍କୁ ପ୍ରତ୍ୟକ୍ଷ ସାକ୍ଷାତ କରି ଦାବିପତ୍ର ଦେଇଥିଲେ ବି କିଛି ସୁଫଳ ମିଳିନାହିଁ। ଫଳରେ ଦସ୍ତଖତ ଅଭିଯାନ ମାଧ୍ୟମରେ ଦେଢ଼ ଲକ୍ଷ ସାଧାରଣ ଲୋକଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ସଂଘ ପକ୍ଷରୁ ମଧ୍ୟ ପ୍ରଦାନ କରାଯାଇଛି। ୧୮.୦୮.୨୦୨୫ ରିଖ ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ମହାବିଦ୍ୟାଳୟ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁରହିଛି। ଗୋଟିଏ ମାତ୍ର ଦାବି ଯଥାଶୀଘ୍ର ସରକାରୀ ଅନୁଦାନ ପ୍ରଦାନ କରାଯାଉ। ଯେତେ ପର୍ଯ୍ୟନ୍ତ ସରକାର ଦାବି ପୂରଣ କରି ନାହାଁନ୍ତି ସେତେ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନ କରୁଥିବା ଏହି ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ତଥା କର୍ମଚାରୀ ପ୍ରକାଶ କରଛନ୍ତି। ନୀଳଗିରିର ସମସ୍ତ ମହାବିଦ୍ୟାଳୟ ଗୁଡିକରେ ମଧ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ଧାରଣାରେ ବସିଛନ୍ତି। ଫଳରେ ଛାତ୍ରଛାତ୍ରୀଙ୍କ ପାଠ ପଢାରେ ଅସୁବିଧା ଉପୁଜିଥିବା ବେଳେ ସରକାରୀ ଶିକ୍ଷକ ମାନେ ଏବେ କମ୍ପ୍ୟୁଟର ସହ ଅଫିସ କାର୍ଯ୍ୟ ପରିଚାଳନା କରୁଥିବାର ଦେଖିବାକୁ ମିଳିଛି।

## ସିଆର୍‌ପି, ଏମ୍‌ବିକେ ତାଲିମ ଶିବିରରେ ଅନିୟମିତତା ଅଭିଯୋଗ

ଭୋଗରାଇ/ଚନ୍ଦନେଶ୍ୱର, ୨୩।୮ (ସମିସ) : ଭୋଗରାଇର ୫୦ଟି ପଂଚାୟତର ସିଆରପି ଏବଂ ଏମବିକେ ମାନଙ୍କୁ କମ୍ୟୁନିଟି କେଡର ଲୋକୋସ ଉପରେ ଆଜି ପ୍ରଶିକ୍ଷଣ ଆରମ୍ଭ ହୋଇଛି। ଓଡିଶା ଜୀବିକା ମିଶନ, ଭୋଗରାଇ ପକ୍ଷରୁ ଚନ୍ଦନେଶ୍ୱର ନୂତନ ଯାତ୍ରୀ ନିବାସ ଠାରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିର ୨ଟି ବିଭାଗ ହୋଇ ମୋଟ ୮ ଦିନ ଚାଲିବ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ସିଏଲଏଫ ଓ ଜିପିଏଲଏଫର ଫାଇନାନସିଆଲ ରିପୋର୍ଟ ପ୍ରସ୍ତୁତି ଉପରେ ଏହି ପ୍ରଶିକ୍ଷଣ ଦିଆ ଯାଉଥିବା ବେଳେ ସିଆଁରୋଇ ଏମବିକେ ସବିତା ଜେନା ଓ ବାଉଁଶଡିହାଁ ଏମବିକେ କାକଲି ଚକ୍ରବର୍ତ୍ତୀ ତାଲିମଦାତ୍ରୀ ଭାବେ ତାଲିମ ଦେଉଛନ୍ତି। ପ୍ରତି ବିଭାଗରେ ୨୫ଟି ଲେଖାଏଁ ପଂଚାୟତର ସିଆରପି ଏବଂ ଏମବିକେ ଘରୋଇ ଭାବେ ରହି ଏହି ପ୍ରଶିକ୍ଷଣ ନେଉଛନ୍ତି। ତେବେ ଏହି ତାଲିମ ଶିବିରରେ ଅନିୟମିତତା ନେଇ ଅଭିଯୋଗ ହୋଇଛି। ଦ୍ୱିତୀୟ ବ୍ୟାଚ ତାଲିମର ପ୍ରଥମ ଦିନରେ ଶିବିରାର୍ଥୀ ଙ୍କ ନିକଟରୁ ଚାରିଦିନର ଦସ୍ତଖତ କରାଯାଇଥିବା ଜଣାପଡିଛି। ସେହିପରି ପ୍ରତ୍ୟେକ ବ୍ୟାଚ ପାଇଁ ୪ଦିନ ତାଲିମ ହେବାର ସରକାରୀ ନିର୍ଦ୍ଦେଶ ଥିବା ବେଳେ ମାତ୍ର ତିନି ଦିନରେ ତାଲିମ କରାଯାଇଛି। ସୂଚନାଯୋଗ୍ୟ ଯେ ଓଡିଶା ଜୀବିକା ମିଶନ ପକ୍ଷରୁ ହେଉଥିବା ଏହି ତାଲିମ ଶିବିରର ଆଜି ଦ୍ୱିତୀୟ ବ୍ୟାଚ ତାଲିମ ଆରମ୍ଭ ହୋଇଛି । ମାତ୍ର ଆଜି ପ୍ରଥମ ଦିନରେ ବିଏଲସି ମୃତ୍ୟୁଞ୍ଜୟ ପାଳ ତାଲିମାର୍ଥୀମାନଙ୍କ ଠାରୁ ୨୨ ଅଗଷ୍ଟରୁ ଚାରିଦିନର ଉପସ୍ଥାନ ଯାହା ୨୫ ଅଗଷ୍ଟ ପର୍ଯ୍ୟନ୍ତ ଆଗୁଆ କରାଇ ନେଇଛନ୍ତି । ଏପରିକି ଏହି ତାଲିମ ଶିବିର ଗୁରୁତ୍ୱପୂର୍ଣ୍ଣ ଥିବା ବେଳେ ଶିବିରାର୍ଥୀ ମାନଙ୍କ ପାଇଁ ରାତି ଦିନ ରହିବା, ଖାଇବା ପାଇଁ ଅର୍ଥ ଖର୍ଚ୍ଚ ହେଉଛି ମାତ୍ର ବି ଏଲ ସି ଶ୍ରୀ ପାଳ ଯେଉଁ ଶିବିରାର୍ଥୀ ମାନେ ସେଠାରେ ନ ରହି ଘରକୁ ରାତିରେ ଚାଲିଯାଉଛନ୍ତି ତାଙ୍କର ଆଗୁଆ ଦସ୍ତଖତ କରି ସେମାନଙ୍କ ବାବଦରେ ଖର୍ଚ୍ଚ ହେଉଥିବା ଅର୍ଥ ବିଲ୍ କରି ଅର୍ଥ ଆତ୍ମସାତ କରୁଥିବା ଅଭିଯୋଗ ହୋଇଛି । ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଉଛି ୪ ଦିନର ଦସ୍ତଖତ ନେଇ ପୂର୍ବ ବ୍ୟାଚ ୧୯ ଅଗଷ୍ଟରୁ ୨୨ ଅଗଷ୍ଟରେ ଶେଷ ହୋଇଥିବା ତାଲିମ ଗତ ୨୧ ଅଗଷ୍ଟ ତିନି ଦିନରେ ଶେଷ କରି ଚାରି ଦିନର ବିଲ କରାଯାଇଛି । ଦ୍ୱିତୀୟ ବ୍ୟାଚ ତାଲିମ ମଧ୍ୟ ଅନୁରୂପ ଭାବେ କରାଯାଉଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ଲଗାଯାଇଥିବା ବ୍ୟାନର ରେ ୧୯ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ପ୍ରଥମ ବ୍ୟାଚ ଏବଂ ଅଗଷ୍ଟ ୨୨ରୁ ୨୫ ଯାଏ ହେବ ବୋଲି ଲେଖା ଯାଇଥିବା ମଧ୍ୟ ଦେଖିବାକୁ ମିଳିଛି। ସେହିପରି ତାଲିମ ଶିବିରରେ ଖାତା, କଲମ, ଫୋଲ୍ଡର ମଧ୍ୟ ନିମ୍ନମାନର ଦିଆଯାଉଥିଲା ବେଳେ ଖାଦ୍ୟ ମଧ୍ୟ ନିମ୍ନ ମାନର ବୋଲି ଅଭିଯୋଗ ହୋଇଛି। ତେବେ ଏ ବାବଦରେ ଶ୍ରୀ ପାଳଙ୍କୁ ପଚାରିବାରୁ ସେ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି।

## ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତା ଉଦ୍‌ଘାଟିତ




ବାଲେଶ୍ୱର,୨୩।୮ (ସମିସ): ସ୍ଥାନୀୟ ଆଇଟିଆଇ ଛକସ୍ଥିତ ବିଜୁପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମଠାରେ ଶନିବାର ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ୱାଲର୍ଡ ଟ୍ରାଡିସନାଲ ସଟକସ୍ କରାଟେ ଫେଡେରେସନର ଜାତୀୟ ସାଧାରଣ ସମ୍ପାଦକ ରବିନାରାୟଣ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ରାଜ୍ୟ ସମ୍ପାଦକ ସୂର୍ଯ୍ୟ ରଞ୍ଜନ ସାସମଲ, ସିନିୟର ଇନିଷ୍ଟ୍ରକ୍ଟର ସନକ ଦେଓ ଯୋଗଦେଇ ଏହି ଦୁଇଦିନିଆ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ନିମ୍ନର ସଭାପତି ଓ ଇନିଷ୍ଟ୍ରକ୍ଟରମାନେ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ମୋଟ ୧୮୦ଜଣ ପ୍ରତିଯୋଗୀ ସାମିଲ ହୋଇଛନ୍ତି। ଆସନ୍ତା କାଲି ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ। ରାଜ୍ୟସ୍ତରୀୟ ଏହି ପ୍ରତିଯୋଗିତାରେ ଯେଉଁ ପ୍ରତିଯୋଗୀମାନେ କୃତିତ୍ୱ ଅର୍ଜନ କରିବେ ସେ ମାନେ ଆସନ୍ତା ଜାନୁଆରୀରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଫେଡେରେସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମସ୍ତ କାର୍ଯ୍ୟକ୍ରମକୁ ମନୋରଞ୍ଜନ ଆଚାର୍ଯ୍ୟ, ମନୋରଞ୍ଜନ ଜେନା ଓ ସମୀର କୁମାର ତାଲଦୀ ପରିଚାଳନା କରୁଛନ୍ତି।

## ମେଗା ପ୍ରକଳ୍ପ କାର୍ଯ୍ୟ ତଦାରଖ କଲେ ସାଂସଦ



ନୀଳଗିରି, ୨୩।୮ (ସମିସ): ବାଲେଶ୍ୱର ଜିଲା ନୀଳଗିରି ବ୍ଲକରେ ଅଯୋଧ୍ୟା ପଞ୍ଚାୟତଠାରେ ପ୍ରବାହିତ ସୋନ ନଦୀରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ୧୭୨ କୋଟି ଟଙ୍କାର ବିନିଯୋଗରେ ମେଗା ଜଳଯୋଗାଣ ପ୍ରକଳ୍ପ ରାଜସ୍ଥାନ ଠିକାଦାର ଜୁବେରୀ କମ୍ପାନୀ ଓ ପ୍ରକଳ୍ପର ଦେଖରେଖ ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଚାଲୁରହିଛି। ନୀଳଗିରି ବ୍ଲକର ୨୦ ପଞ୍ଚାୟତରେ ମେଗା ଜଳ ପ୍ରକଳ୍ପ କାମ ଚାଲୁରହିଛି। ପ୍ରକଳ୍ପରୁ ଉକ୍ତ ବ୍ଲକର ବିଭିନ୍ନ ଗ୍ରାମ ଓ ରାସ୍ତାପାଶ୍ୱର୍ ଦେଇ ପାଇପ୍ ବିଛାଚାଲିଛି। ଶନିବାର ମଧ୍ୟାହ୍ନରେ ସାଂସଦ ଶ୍ରୀ ଷଡ଼ଙ୍ଗୀଙ୍କ ଜନ୍ମ ମାଟି ତାଥା ଧୋବଶିଳା ପଞ୍ଚାୟତ ଅଧିନ ଗୋପିନାଥପୁରେ ନିଜ ଘରେ ଥିବାବେଳେ ଘର ପାଖ ରାସ୍ତାପାଶ୍ୱର୍ ଦେଇ ଠିକା ସଂସ୍ଥା ପକ୍ଷରୁ ପାଇପ୍ ବିଛାଚାଲିଥିଲା। ଏହି ପାଇପ୍ ତିନି ଫୁଟ ଗଭିର ହେବା ସ୍ଥଳେ ଏକ ଫୁଟ ଗଭୀରରେ ବିଛାଯାଉଥିବାରୁ ସାଂସଦ ଶ୍ରୀ ଷଡ଼ଙ୍ଗୀ ପ୍ରକଳ୍ପ ଦାୟିତ୍ୱରେ ଥିବା (ଆର.ଡବ୍ଲୁ.ଏସ୍.ଏସ୍)ର କନିଷ୍ଠ ଯନ୍ତ୍ରୀ ଶୁଭଲକ୍ଷ୍ମୀ ମହନ୍ତ ଓ ଦିଆଯାଇଥିବା ଠିକାସଂସ୍ଥାର ଭାଇସ ପ୍ରେସିଡେଣ୍ଟ ଆର.ପି. ସିଂଙ୍କୁ ଘଟଣା ସ୍ଥଳକୁ ଡକାଇ ଏଭଳି ଘଟଣା ସମ୍ପର୍କରେ ପଚାରିବା ସହ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ଆର.ଡବ୍ଲୁ.ଏସ୍.ଏସ୍ ପକ୍ଷରୁ ସେହିଠାର ବିଛାଯାଇଥିବା ସବୁ ପାଇପକୁ ଉଠାଇ ପୁଣି ଥରେ ପାଇପ୍ ବିଛାଇବାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଏ ସମ୍ପର୍କରେ ଆସିଷ୍ଟାଣ୍ଟ ଚିଫ ଇଂ. ସମୀର କୁମାର ଦେଙ୍କୁ ପଚାରିବାରୁ ଠିକାସଂସ୍ଥା ଜୁବେରୀ ଇଞ୍ଜିନିୟରିଂ ର ଭାଇସ ପ୍ରେସିଡେଣ୍ଟ ଆର.ପି. ସିଂଙ୍କୁ କମ୍ପାନୀ ଟର୍ମିନେଟ କରିବା ସହ ସହକାରୀ ଯନ୍ତ୍ରୀ ଶୁଭଲକ୍ଷ୍ମୀ ମହନ୍ତଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି।

## ବରିଷ୍ଠ ଫାର୍ମାସିଷ୍ଟଙ୍କ ବିୟୋଗ



ରେମୁଣା,୨୩।୮ (ସମିସ): ବରିଷ୍ଠ ଫାର୍ମାସିଷ୍ଟ ତଥା ଇମାମୀ କାଗଜକଳରେ କାର୍ଯ୍ୟରତ ଥିବା ଅକ୍ଷୟ କିଶୋର ଦାସଙ୍କ ହୃଦଘାତରେ ପରଲୋକ ହୋଇଯାଇଛି। ଶନିବାର ଅପରାହ୍ନ ୪ଟାରେ ସହରସ୍ଥିତ ପତୁଆଁପଦା ବାସଭବନରେ ରହୁଥିବା ଶ୍ରୀ ଦାସ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ଅକାଳ ବିୟୋଗରେ ବାଲେଶ୍ୱର ସହର ସମେତ ରେମୁଣା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏହାବ୍ୟତୀତ ଇମାମୀ କାଗଜକଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଡାକ୍ତରଖାନା ପରିସରରେ ପହଞ୍ଚି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଅମର ଆତ୍ମାର ସଦ୍‌ଗତି କାମନା କରି ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ।

## ରାୟାଁ ପଶ୍ଚିମସାହି ରାସ୍ତା କାଦୁଅ ପଚପଚ

### ବର୍ଷାହେଲେ ଅଙ୍ଗନବାଡ଼ି ଓ ସ୍କୁଲ ମାଡ଼ନ୍ତିନି ପିଲା

ଜଳେଶ୍ୱର,୨୩।୮ (ସମିସ)



ଜଳେଶ୍ୱର ବ୍ଲକର ରାୟାଁରାମଚନ୍ଦ୍ରପୁର ପଞ୍ଚାୟତ ଅଧିନ ୬ନଂ ୱାର୍ଡ ରାୟାଁ ଗାଁର ପଶ୍ଚିମସାହି ରାସ୍ତା ଅଗମ୍ୟ ହୋଇ ପଡିଛି। ବର୍ଷାଋତୁ ଯାକ ପିଲାମାନେ ସ୍କୁଲ କିମ୍ବା ଅଂଗନବାଡି କେନ୍ଦ୍ରକୁ ଯାଇନପାରି ଏକପ୍ରକାର ଘରେ ବସି ରହନ୍ତି। ଗ୍ରାମବାସୀ ହାଟ ବଜାରକୁ ଯିବା କଷ୍ଟସାଧ ହୋଇଥିବା ବେଳେ ଆମ୍ବୁଲାନ୍ସ ସେବା ଲାଗି ୧ କି.ମି. ଖଟିଆରେ ବୁହାହେବା ଏକମାତ୍ର ବିକଳ୍ପ। ଜାତୀୟ ରାଜପଥ ଚାଲନ୍ତି ଠାରୁ ମହାନ୍ତିସାହି ସୋ-ମିଲ ଛକ ମୁଖ୍ୟରାସ୍ତାର ସୁବର୍ଣ୍ଣରେଖା ନଦୀକୂଳ ରାୟାଁ ଗାଁର ପଶ୍ଚିମସାହିର ରାସ୍ତାରେ ଆଣ୍ଠୁଏ କାଦୁଅ। ଦୀର୍ଘବର୍ଷ ଧରି ଏହି ରାସ୍ତାରେ ମୁଠାଏ ମୋରମ ପଡିନଥିବା ବେଳେ କଂକ୍ରିଟ ରାସ୍ତା ସେମାନଙ୍କ ପାଇଁ ସାତସପନ। ଏହି ସାହିରେ ୫୦ରୁ ଅଧିକ ଦଳିତ ପରିବାର ବାସ କରୁଥିବା ବେଳେ ୩୦୦ରୁ ଉର୍ଦ୍ଧ୍ୱ ଲୋକ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଗାଁର ଶେଷ ମୁଣ୍ଡରେ ସ୍କୁଲ ଓ ଅଂଗନବାଡି କେନ୍ଦ୍ର ରହିଥିବା ବେଳେ ବର୍ଷା ଦିନରେ ପିଲାମାନେ ସ୍କୁଲ କିମ୍ବା ଅଂଗନୱାଡି କେନ୍ଦ୍ର ମାଡନ୍ତି ନାହିଁ। ଲୋକମାନେ ହାଟବଜାରକୁ ଯିବା ସମ୍ଭବ ହୋଇପାରୁନଥିବା ବେଳେ ରୋଗୀମାନଙ୍କୁ ଖଟିଆରେ ବୁହାଯିବା ଛଡା ଅନ୍ୟ ଉପାୟ ନାହିଁ। ଗ୍ରାମର ଲୋକମାନେ ସାଧାରଣତଃ ଚାଷ କାମ କରୁଥିବାରୁ ବର୍ଷାଦିନକୁ ସେମାନଙ୍କ ଲାଗି ଅଭିଶାପ ବୋଲି ପ୍ରକାଶ କରିଛନ୍ତି। ଗ୍ରାମବାସୀଙ୍କ ଲାଗି ୩ଟି ଟିଓ୍ୱେଲ ଥିବାବେଳେ ୨ଟି ଅଚଳ। ପିଇବାପାଣି ଲାଗି ୧କୋଟି ୭୦ଲକ୍ଷ ଟଙ୍କା ବ୍ୟୟରେ ଏକ ପ୍ରକଳ୍ପ ନିର୍ମାଣର ଅବଧି ୫/୯/୨୦୨୪ରେ ଶେଷ ହୋଇଥିବା ବେଳେ ଅଦ୍ୟାବଧି କାର୍ଯ୍ୟ ଶେଷ ହୋଇନଥିବାରୁ ଗ୍ରାମବାସୀ ପିଇବାପାଣି ପାଇବାରୁ ବଂଚିତ ହୋଇ ଆସୁଛନ୍ତି। ମହିଳାମାନେ ଆଣ୍ଠୁଏ କାଦୁଅରେ ଗାଁ ଦାଣ୍ଡରେ ଯାଇ ଏକମାତ୍ର ଟିଓ୍ୱେଲରୁ ପିଇବା ପାଣି ଆଣିବାକୁ ଘଂଟା ଘଂଟା ଅପେକ୍ଷା କରିବାକୁ ପଡିଥାଏ। ସରପଂଚ ଓ ପ୍ରଶାସନକୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଗ୍ରାମବାସୀ କହିଛନ୍ତି। ଏହି ସାହିକୁ ରାଜନୈତିକ ଉଦ୍ଦେଶ୍ୟ ରଖି କୌଣସି ଅନୁଦାନ ଦେଉନଥିବାରୁ ଦୀର୍ଘ ୩୦ବର୍ଷ ଧରି ଗ୍ରାମବାସୀ ଏପରି କାଦୁଅରେ ଚାଲି ଆସୁଥିବା ବଳରାମ ଜେନା, ବିଷ୍ଣୁ ଜେନା, କୁଞ୍ଜ ବିହାରୀ ଜେନା, ହରିହର ଜେନା, ଗୋପାଳ ହାଁସଦା, ପୂର୍ଣ୍ଣଚନ୍ଦ୍ର ଜେନା, ସୁଲୋଚନା ଜେନା, ଜ୍ୟୋସ୍ନାରାଣୀ ଦାସ, ରେବତୀ ଜେନା, ଉମାକାନ୍ତ ଦାସ, ଶ୍ରୀକାନ୍ତ ଜେନା, ଗୌତମ ଆଗୁଆଣ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସଂପର୍କରେ ସରପଂଚ ପ୍ରତିନିଧି ପ୍ରବୀର ଦାସଙ୍କୁ ପଚାରିବାରୁ ପଂଚାୟତର ସମସ୍ତ ଗାଁକୁ ରାସ୍ତା ଆବଶ୍ୟକ ଥିବା ବେଳେ ଯଥେଷ୍ଟ ଅର୍ଥ ନ ଥିବାରୁ ସବୁସ୍ଥାନକୁ କଂକ୍ରିଟ ରାସ୍ତା ନିର୍ମାଣ ସମ୍ଭବ ହୋଇପାରୁ ନାହିଁ। ପର୍ଯ୍ୟାୟ କ୍ରମେ ରାସ୍ତା ଗୁଡିକ ନିର୍ମାଣ କରାଯାଉଛି।

## ଜ୍ୟୋତିଷ ବିଶାରଦଙ୍କ ଆତ୍ମହତ୍ୟା

ବାଲିଆପାଳ, ୨୩।୮ (ସମିସ): ବାଲିଆପାଳ ଥାନା ଖଗଡାପାଳ ଗ୍ରାମରେ ପ୍ରବୀଣ ଜ୍ୟୋତିଷ ସନ୍ତୋଷ କୁମାର ଆଚାର୍ଯ୍ୟ(୬୫) ଆଜି ଭୋର ସମୟରେ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ସ୍ୱର୍ଗତ ଆଚାର୍ଯ୍ୟ ବାଲିଆପାଳ ଅଂଚଳରେ ଜଣେ ବିଶିଷ୍ଟ ଜ୍ୟୋତିଷ ବିଶାରଦ ଥିଲେ। ସେ ଦୀର୍ଘ ଦିନ ଧରି ହୃଦରୋଗରେ ଆକ୍ରାନ୍ତ ଥାଇ ସବୁ ସମୟରେ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ। ଆଜି ସକାଳେ ତାଙ୍କ ମୃତଦେହ ଘର ବାରଣ୍ଡାରେ ଝୁଲୁଥିବାର ଦେଖିବାକୁ ପାଇଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପାଇ ବାଲିଆପାଳ ପୁଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତାଙ୍କ ମୃତ୍ୟୁ ଖବର ପାଇ ଗ୍ରାମର ମୁଖ୍ୟ ମଧୁସୂଦନ ସାହୁ, ସୁଶାନ୍ତ କୁମାର ଚକ୍ରବର୍ତୀ, ମୁରଲୀମୋହନ ସାହୁ, ପ୍ରଫୁଲ କୁମାର ସାହୁ, ଝାଡେଶ୍ୱର ପ୍ରଧାନ, ସୁଜୟ ପରିଡା ପ୍ରମୁଖ ପହଂଚି ଶେଷ ଦର୍ଶନ କରିଥିଲେ। ମୃତ୍ୟଶଯ୍ୟା ନିକଟରେ ତାଙ୍କର ପରିବାର ସମସ୍ତ ସଦସ୍ୟ ଓ ଆତ୍ମୀୟସ୍ୱଜନ ଉପସ୍ଥିତଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା।

# ଜାତୀୟ ଅନ୍ତରୀକ୍ଷ ଦିବସ

ବାଲେଶ୍ୱର,୨୩।୮(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ ଅନ୍ତରୀକ୍ଷ ଦିବସ ପାଳିତ ହୋଇଯାଇଛି। ସ୍ନାତକୋତ୍ତର ପଦାର୍ଥ ବିଜ୍ଞାନ ବିଭାଗର ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରତର ଅନ୍ତରିକ୍ଷ ଗବେଷଣାର ଯାତ୍ରା ଓ ଭବିଷ୍ୟତ ଯୋଜନା ଉପରେ ଆଲୋଚନା ହୋଇଥିଲା। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ସ୍ପେସ ସାଇନ୍ସର ଆଧୁନିକ ଯୁଗରେ ପ୍ରାସଙ୍ଗିକତାକୁ ବ୍ୟାଖ୍ୟା କରିଥିଲେ। ବକ୍ତା ଭାବେ କୋଲକାତା ଭି.ଇ.ସି.ସିର ବୈଜ୍ଞାନିକ (ଜି) ଡ଼କ୍ଟର ଯଯାତି କେଶରୀ ନାୟକ ଓ ମୁଖ୍ୟ ବକ୍ତା ଭାବେ ବାଲେଶ୍ୱର ଆଇ.ଟି.ଆର୍, ଡି.ଆର୍. ଡି.ଓ ର ବୈଜ୍ଞାନିକ (ଏଫ) ଡ. ପ୍ରଭାକର ମଲ୍ଲିକଙ୍କୁ ଆମନ୍ତ୍ରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଷୟ ଯଥା ସ୍ୟାଟେଲାଇଟ ମାଧ୍ୟମରେ ପରିବେଶ ଓ ପର୍ଯ୍ୟାବରଣ ନିରୀକ୍ଷଣ, ନୂତନ ପ୍ରଯୁକ୍ତିରେ ସ୍ପେସ କମ୍ୟୁନିକେଶନ ଓ ନେଭିଗେଶନ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ଭୂମିକା, ଅନ୍ତରୀକ୍ଷ ପ୍ରଯୁକ୍ତିର ସାମାଜିକ ଓ ଆର୍ଥିକ ପ୍ରଭାବ ଉପରେ ଚର୍ଚ୍ଚା ହୋଇଥିଲା। କାର୍ଯ୍ୟକ୍ରମର ଆରମ୍ଭରେ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲ ସ୍ୱାଗତ ଅଭିଭାଷଣ ଦେଇଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରିଥିଲେ। ଡ. ରାଜୀବ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ ଓ ମଞ୍ଚ ପରିଚାଳନା ଡ. ବିବେକାନନ୍ଦ ନାୟକ କରିଥିଲେ।




# ଜିଲ୍ଲା ମୋହରିର ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି




## ଆନ୍ଦୋଳନକାରୀଙ୍କୁ ଭେଟିଲା ବିଜେଡି ଟିମ୍

ବାଲେଶ୍ୱର,୨୩।୮(ସମିସ): ଜିଲ୍ଲା ସବ୍ ରେଜିଷ୍ଟ୍ରାରଙ୍କ ଅନିୟମିତତା ବିରୁଦ୍ଧରେ ୧୧ ତାରିଖ ଠାରୁ ବାଲେଶ୍ୱର ଜିଲ୍ଲା ମୋହରିର ସଂଘ କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ବସିଛନ୍ତି। ଏବେ ବି ଜାରି ରହିଛି ଆନ୍ଦୋଳନ। କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ଯୋଗୁ ହଇରାଣ ହେଉଛନ୍ତି ସାଧାରଣ ଲୋକେ। ଜିଲ୍ଲାରେ ଜମି କିଣାବିକା ନେଇ ଅଚଳାବସ୍ଥା। ଅନ୍ୟପଟେ ଦାବି ପୂରଣ ନେଇ ଏଡିଏ ବୁଝିବେ କହିଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ ସେମାନଙ୍କ ଆନ୍ଦୋଳନ ଜାରି ରହିଛି ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି। ତେବେ ବିଜୁ ଜନତା ଦଳ ବାଲେଶ୍ୱର ଜିଲ୍ଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ବିଜେଡ଼ିର ଏକ ପ୍ରତିନିଧି ଦଳ ଧର୍ମଘଟ କରୁଥିବା ଜିଲ୍ଲା ମୋହରିର ସଂଘ (ଆଡଭୋକେଟ୍ସ କ୍ଲର୍କ ଆସୋସିଏସନ)ର ସଦସ୍ୟମାନଙ୍କୁ ଭେଟିଛନ୍ତି। ଜମି ପଞ୍ଜୀକରଣ ନିର୍ଦ୍ଦେଶାବଳୀରେ ହଠାତ୍ ପରିବର୍ତ୍ତନ ଯୋଗୁଁ ହୋଇଥିବା ଅସୁବିଧା ବିଷୟରେ ଆଲୋଚନା କରିଥିଲେ। ବାଲେଶ୍ୱରର ଜନସାଧାରଣଙ୍କ ବୃହତ୍ ସ୍ୱାର୍ଥ ପାଇଁ ଡିଏମ୍ ବାଲେଶ୍ୱର, ସରକାରୀ କର୍ତ୍ତୃପକ୍ଷଙ୍କ ସହିତ ଏହି ମାମଲା ଉଠାଇବାକୁ ଏବଂ ସମସ୍ୟାର ସମାଧାନ କରିବାକୁ ସେମାନଙ୍କୁ ଆଶ୍ୱାସନା ଦେଇଥିଲେ। ଏନେଇ ଜିଲ୍ଲାପାଳଙ୍କ ସହିତ ଏଡିଏମଙ୍କ ସହିତ ଆଲୋଚନା କରାଯାଇଛି ବୋଲି ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ କହିଛନ୍ତି। ଏଥିରେ ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ସୁଧାଂଶୁ ଶେଖର ପରିଡା, ସଂସଦ ପ୍ରାର୍ଥୀ ଡକ୍ଟର ଲେଖାଶ୍ରୀ ସାମନ୍ତସିଂହାର, ଜିଲ୍ଲା ପରିଷଦ ସଦସ୍ୟ ଏବଂ ବାଲେଶ୍ୱର ପୌର ପରିଷଦର କାଉନସିଲରମାନେ ଉପସ୍ଥିତ ଥିଲେ। ସେହିପରି ଯୁବନେତା ବିକ୍ରମ ପଣ୍ଡା ମଧ୍ୟ ଧାରଣାରେ ବସିଥିବା ବାଲେଶ୍ୱର ମୋହରିର ସଂଘକୁ ଭେଟିଥିଲେ। ଜିଲ୍ଲାରେ ଜମି କିଣାବିକାକୁ ନେଇ ଅଚଳାବସ୍ଥା ସୃଷ୍ଟି ହେଇଛି, ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧାରଣା ସ୍ଥଳକୁ ଯାଇ ସେମାନଙ୍କୁ ଭେଟିବା ସହ ଏଡିଏମ୍‌ଙ୍କ ସହ ଆଲୋଚନା କରିଥିଲେ ବୋଲି ପ୍ରକାଶ କରିଛନ୍ତି। ପ୍ରକାଶ ଥାଉ କି, ଜିଲ୍ଲା ସବ୍‌ରେଜିଷ୍ଟ୍ରାରଙ୍କ ମନମୁଖି ଭାବେ ବିଭିନ୍ନ ପ୍ରକାର ଦଲିଲକୁ ଗ୍ରହଣ ନ କରି ଫେରସ୍ତ ଦେଉଥିବାରୁ ଜନସାଧାରଣ ଅତିଷ୍ଠ ହୋଇ ଜିଲ୍ଲା ରେଜିଷ୍ଟ୍ରାରଙ୍କୁ ଲିଖିତ ଅଭିଯୋଗ କରିବା ସଙ୍ଗେ ସଙ୍ଗେ ଜିଲ୍ଲା ମୋହିରର ସଂଘକୁ ଜଣାଇବାରେ ସଂଘର ଏକ ଜରୁରୀ ବୈଠକ ଆହ୍ୱାନ କରାଯାଇଥିଲା। ବାଲେଶ୍ୱର ଜନସାଧାରଣଙ୍କ ଅଭିଯୋଗକୁ ଗ୍ରହଣ କରି ଜିଲ୍ଲା ସଂଘ ଚଳିତ ମାସ ୭ ତାରିଖ ସାଧାରଣ ବୈଠକର ନିଷ୍ପତ୍ତି ଅନୁସାରେ ବାଲେଶ୍ୱର ମୁଖ୍ୟାଳୟର ଦଲିଲ ଲେଖକ ମୋହରିରମାନେ ୧୧ ତାରିଖଠାରୁ ଦଲିଲ ଲେଖିବା ଓ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବନ୍ଦ ରଖିବାର ସିଦ୍ଧାନ୍ତ ହେଲା।

# ପାଣିରେ ପଡ଼ି ଶିଶୁକନ୍ୟା ମୃତ

ବାଲିଆପାଳ, ୨୩।୮ (ସମିସ): ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତର ଦେଉଳା ଗ୍ରାମରେ ପଦ୍ମଲୋଚନ ପାତ୍ରଙ୍କ ଝିଅ ଭାଗ୍ୟଲକ୍ଷ୍ମୀ (୯) ଶୁକ୍ରବାର ଦିନ ସନ୍ଧ୍ୟାରେ ନିକଟସ୍ଥ ନାଜଣ୍ଡିଆ ପୋଖରୀକୁ ଗୋଡ ଧୋଇବା ପାଇଁ ଯାଇଥିବା ସମୟରେ ପାଣିରେ ପଡିଯାଇଥିଲେ। ଜୋତା ଦେଖି ପରିବାର ଲୋକ ଓ ଗ୍ରାମବାସୀ ଖୋଜାଖୋଜି କରିବା ପରେ ପାଣିରୁ ଝିଅଟିର ମୃତଦେହ ଉଦ୍ଧାର କରାଯାଇଥିଲା। ଏ ନେଇ ବାଲିଆପାଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହିତ ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

# ସହରରେ ଲଗାଣ ବର୍ଷା: ନୂଆସାହିରେ କୃତ୍ରିମ ବନ୍ୟା

## ରାସ୍ତା ଉପରେ ଦୁଇଫୁଟ ପାଣି







ବାଲେଶ୍ୱର,୨୩।୮ (ସମିସ)

ଗତ ତିନି ଦିନ ହେବ ଲାଗି ରହିଛି ଲଘୁଚାପ ଜନିତ ଲଗାଣ ବର୍ଷା। ଫଳରେ ତିନିଦିନରେ ବାଲେଶ୍ୱର ସହରରେ ମୋଟ ୭୦ମିମି ବର୍ଷାର ପରିମାଣ ରେକର୍ଡ ହୋଇଥିବା ବେଳେ ଗତଦୁଇ ଦିନରେ ସର୍ବାଧିକ ୫୩ମିମି ବର୍ଷାର ପରିମାଣ ରେକର୍ଡ କରାଯାଇଛି। ଏହାଛଡା ଏହି ତିନି ଦିନରେ ଜିଲ୍ଲାରେ ୨୮.୨୫ପ୍ରତିଶତ ହାରରେ ମୋଟ ୩୩୯ମିମି ବର୍ଷାର ପରିମାଣ ରେକର୍ଡ କରାଯାଇଛି। ଏହାର ପ୍ରଭାବରେ ବାଲେଶ୍ୱର ସହର ସମେତ ରେମୁଣା ଗୋଲେଇଠାରୁ ବାଲେଶ୍ୱର ବସ୍‌ଷ୍ଟାଣ୍ଡକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଉପରେ ଅଢ଼େଇ ଫୁଟର ପାଣି ଚାଲୁଛି। ଫଳରେ ଯିବା ଆସିବାରେ ବାଧାପ୍ରାପ୍ତ ହେଉଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ସ୍ଥାନୀୟ ଲୋକେ ନାପସନ୍ଦ କରୁଥିବା ବେଳେ ଏହାର ସ୍ଥାୟୀ ସମାଧାନ କରିବାକୁ ପ୍ରଶାସନଠାରେ ଦାବି ରଖିଛନ୍ତି।

ଲଘୁଚାପ ଜନିତ ଲଗାଣ ବର୍ଷା ଗତ ତିନିଦିନ ହେବ ଲାଗି ରହିଛି। ଗତ ଗତ ଗୁରୁବାର ଓ ଶୁକ୍ରବାର ଦୁଇ ଦିନ ପ୍ରବଳ ବର୍ଷା ହୋଇଥିବା ଆଜି ମଧ୍ୟ ବର୍ଷା ଲାଗି ରହିଛି। ଏହି ବର୍ଷା ଫଳରେ ଜନଜୀବନ ଅସତବ୍ୟସ୍ତ ହୋଇପଡ଼ିଥିବା ବେଳେ ସହରରେ ଡ୍ରେନ ସମସ୍ୟା ପାଇଁ ବର୍ଷା ପାଣି ରାସ୍ତାରେ ଲହଡି ଭାଙ୍ଗୁଛି। ନୂଆସାହିରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି। ରାସ୍ତା ଉପରେ ଦୁଇ ଫୁଟରୁ ଅଧିକ ପାଣି ଚାଲୁଥିବା ବେଳେ ଯାତାୟାତରେ ଅସୁବିଧା ସୃଷ୍ଟି ହୋଇଛି। ରାସ୍ତାରେ ପାଣି ଅଧିକ ହୋଇଯିବା ଫଳରେ ଲୋକେ ଗାଡି ଗଡେଇ ଗଡେଇ ନେଉଥିବା ଦେଖିବାକୁ ମିଳିଛି। ଏପରି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନ ଗୁଡିକରେ ପାଣି ପଶିଯାଇଥିବା ମଧ୍ୟ ଦେଖିବାକୁ ମିଳିଛି। ବାଲେଶ୍ୱରରେ ଏହି ଡ୍ରେନ ସମସ୍ୟା ଦୀର୍ଘ ବର୍ଷ ଧରି ଲାଗି ରହିଛି। ବଲେଶ୍ୱରରେ ମହାନାଳ ଏବଂ ଏହାକୁ ସଂଯୋଗ କରୁଥିବା ବିଭିନ୍ନ ଛୋଟ ଓ ବଡ ନାଳ ଗୁଡିକୁ ସଠିକ ଭାବେ ସଫା କରାଯାଉ ନଥିବାରୁ ଏଭଳି ଅସୁବିଧା ପରିଲିକ୍ଷିତ ହେଉଛି। ଫଳରେ ଟିକେ ବର୍ଷା ହେଲେ ସହରରେ ସୃଷ୍ଟି ହେଉଛି କୃତ୍ରିମ ବନ୍ୟା। ଏହାକୁ ସ୍ଥାୟୀ ସମାଧାନ ପାଇଁ ପୌରପ୍ରଶାସନ କିମ୍ବା ଜିଲ୍ଲା ପ୍ରଶାସନ କୌଣସି ପ୍ରକାର ବ୍ୟବସ୍ଥା କରୁନଥିବା ବେଳେ ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଜିର ଏହି ବର୍ଷା ଫଳରେ ରାସ୍ତାରେ ପାଣି ଚାଲୁଥିବା ବେଳେ ଦୋକାନ ଗୁଡିକରେ ମଧ୍ୟ ପାଣି ଯାଇଛି। ଫଳରେ ଅଧା ଦୋକାନ ଆଜି ସେଠାରେ ବନ୍ଦ ରହିଛି। ଅନ୍ୟପଟେ ଦେଖିବାକୁ ଗଲେ ସଂସଦ ପ୍ରତାପଚନ୍ଦ୍ର ଷଡଙ୍ଗୀଙ୍କ ଠାରୁ ଆରମ୍ଭ କରି ରେମୁଣା ବିଧାୟକ ତଥା ସରକାରୀ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଦାସ ଓ ସଦର ବିଧାୟକ ମାନସ କୁମାର ଦତ୍ତ ଏହାର ସ୍ଥାୟୀ ପ୍ରତିକାର ପାଇଁ କୌଣସି ପ୍ରକାର ଧ୍ୟାନ ଦେଉ ନାହାନ୍ତି। ସ୍ଥାନୀୟ ବାସିନ୍ଦା ରଘୁନାଥ ପଣ୍ଡା କହିଛନ୍ତି ଯେ, ନୂଆସାହିରେ ଏଭଳି ସମସ୍ୟା ଦୀର୍ଘଦିନ ହେବ ଲାଗିରହିଛି। ଏହି ରାସ୍ତା ଉପରେ ଦୁଇଫୁଟରୁ ଅଧିକ ପାଣି ଚାଲୁଥିବା ବେଳେ ଯିବା ଆସିବାରେ ଅସୁବିଧା ହେଉଛି। ଏପରିକି ସାଇକେଲ ଚଲାଇ ଯିବା କଷ୍ଟକର ହେଉଥିବା ବେଳେ ବାଧ ଗଡେଇ ଯିବାକୁ ପଡୁଛି। ହେଲେ ମହାନାଳ ସଫେଇ କାର୍ଯ୍ୟ ସଠିକ ଭାବେ ହେଉନଥିବା ବେଳେ ଯାହାକି ସଫା ହେଉଛି ତାହା ଅଧା ହୋଇ ରହିଯାଉଛି। କେବଳ ନାମକୁ ମାତ୍ର ସଫା ହେଉଛି, ବାସ୍ତବରେ ଏଭଳି ସଫେଇ କାର୍ଯ୍ୟ ହେଉଥାଆନ୍ତା ତେବେ ଆଜି ଏଭଳି ପରିସ୍ଥିତି ଦେଖିବାକୁ ମିଳି ନ ଥାଆନ୍ତା।

# ମୁସଲିମ ୱେଲଫେୟାର ସୋସାଇଟିର ସ୍ୱାସ୍ଥ୍ୟ ଶିବିର



ବାଲେଶ୍ୱର,୨୩।୮(ସମିସ): ମୁସଲିମ ୱେଲଫେୟାର ସୋସାଇଟି ପକ୍ଷରୁ ଶନିବାର ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଟାଉନ ଥାନା ଅଧିକାରୀ ବିଜୟ କୁମାର ଦାସ ଯୋଗ ଦେଇ ଏହି ଶିବିରକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୁବ ସମାଜସେବୀ ରିତିକ ଜି ଯୋଗ ଦେଇଥିଲେ। ମେଡ଼ିସିନ, ଅସ୍ଥିଶଲ୍ୟ, ଶିଶୁ ରୋଗ ଏବଂ ଦନ୍ତ ରୋଗ ବିଶେଷଜ୍ଞ ଡାକ୍ତର ମାନେ ଉପସ୍ଥିତ ରହି ଶତାଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ଔଷଧ ପ୍ରଦାନ କରିଥିଲେ। ସେହିପରି ରକ୍ତଚାପ ଏବଂ ଡାଇବେଟିସ ପରୀକ୍ଷା ମଧ୍ୟ ସୋସାଇଟି ପକ୍ଷରୁ ନିଶୁଳ୍କ ଭାବେ କରାଯାଇଛି। ସ୍ୱାସ୍ଥ୍ୟ ଏବଂ ଶିକ୍ଷାକୁ ସର୍ବଦା ଗୁରୁତ୍ୱ ଦେଇ ଆସୁଥିବା ମୁସଲିମ ୱେଲଫେୟାର ସୋସାଇଟି ଦୀର୍ଘ ଦଶନ୍ଧି ଧରି ଗରିବ ଦୁଃଖୀଙ୍କ ପ୍ରିୟ ଭାଜନ ହୋଇପାରିଛି। ସାନଭିକା ପଲିକ୍ଲିନିକ ସହଯୋଗରେ ଆୟୋଜିତ ଏହି ଶିବିରରେ ମୁସଲିମ ୱେଲଫେୟାର ସୋସାଇଟିର ସଭାପତି ମୁକ୍ତାର ଆହେମଦ, ସମ୍ପାଦକ ସେଖ ଆୟୁବ ଶିବୁ, ଉପ ସଭାପତି ମହମ୍ମଦ ଆସଲାମ ଖାନ ଏବଂ ଅବଦୁଲ ମୁକ୍ତାର ଖାନ, ଯୁଗ୍ମ ସମ୍ପାଦକ ସେଖ ରାଜାବ ଅଲ୍ଲି, କୋଷାଧ୍ୟକ୍ଷ ହାଜି ସେଖ ଜାମାଲ, ବରିଷ୍ଠ ସଦସ୍ୟ ହାଜି ଗୋଲାମ ଖାନ, ଗଣମାଧ୍ୟମ ସଂଯୋଜକ ମହମ୍ମଦ ହାଇଦର ଖାନ, ହାଜି ସେଖ ଉସମାନ, ସେଖ ଭାନୁ, ସେଖ ମନସୁର, ସେଖ ନଜିମ, ସେଖ ଇମତୀୟାଜ ଅଲି,ସେଖ ତାରିଖ, ସେଖ ବେଲାଲଉଦ୍ଦିନ, ସେଖ ମସ୍ତାନ ପ୍ରମୁଖ ଙ୍କ ସମେତ ସାନଭିକା ପଲୀକ୍ଲିନିକ ର ସମସ୍ତ କର୍ମକର୍ତ୍ତା ସକ୍ରିୟ ସହଯୋଗ କରିଥିଲେ।

# ଶିକ୍ଷାବିତ୍ ନିତ୍ୟାନନ୍ଦ ଗିରିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ବାଲେଶ୍ୱର,୨୩।୮(ସମିସ): ରେମୁଣା ମେଣ୍ଡରା ଗ୍ରାମର ଅବସରପ୍ରାପ୍ତ ଅଧ୍ୟାପକ ନିତ୍ୟାନନ୍ଦ ଗିରିଙ୍କର ତୃତୀୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ ତାଙ୍କର ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ଏହାକୁ ଅଧ୍ୟାପକ ପ୍ରଶାନ୍ତ କୁମାର ବରାଳ ଓ ଡ ଜଗବନ୍ଧୁ ମହାପାତ୍ର ମିଳିତ ଭାବେ ଉନ୍ମୋଚନ କରିଥିଲେ। ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀ ବ୍ରହ୍ମାନନ୍ଦ ଦାସ ଅମରଆତ୍ମାର ସଦଗତି ପାଇଁ ଭଜନ ପରିବେଷଣ କରିଥିବାବେଳେ ପ୍ରଦୀପ ବେହେରା, ରବିନାରାୟଣ ବେହେରା, ଜଳଧର ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, କୃଷ୍ଣ ମୋହନ ମହାରଣା, ଅବନୀକାନ୍ତ ପ୍ରଧାନ, ଜୟନ୍ତ ବରାଳ, ଶ୍ୟାମସୁନ୍ଦର ଗିରି, ଗୌରୀ ମହାର୍ଣ୍ଣା, ସୁକାନ୍ତି କର, ମୁକ୍ତିଲତା ଆଇଚ ପ୍ରମୁଖ ଯୋଗଦେଇ ଥିଲେ। ପୁଅ ଭରତଭୂଷଣ ଗରି ଧନ୍ୟବାଦ ଦେଇଥିଲେ।

# ହିନ୍ଦ୍ ମଜଦୁର ସଭା ପକ୍ଷରୁ ଦାବିପତ୍ର



ବାଲେଶ୍ୱର,୨୩।୮(ସମିସ): ହିନ୍ଦ ମଜଦୁର ସଭା ଶ୍ରମିକମାନଙ୍କ ପକ୍ଷରୁ ଆଲୋୟଜ କର୍ତ୍ତୃପକ୍ଷଙ୍କୁ ଏକ ଦାବିପତ୍ର ଶ୍ରମିକ ନେତା ଅରୁଣ ସ୍ୱାଇଁଙ୍କ ନେତୃତ୍ୱରେ ଏକ ୨୫ଜଣିଆ ପ୍ରତିନିଧିମଣ୍ଡଳୀ ପ୍ରଦାନ କରିଛନ୍ତି। ଏଥିରେ କୁହାଯାଇଛି ଯେ, ବୋନସ ପୂର୍ବରୁ ହୋଇଥିବା ଚୁକ୍ତିନାମା ଅନୁସାରେ ବିଭିନ୍ନ ଦାବି ଶ୍ରମିକମାନଙ୍କର ପୂରଣ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ଜଣାଯାଇଥିଲା ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ବୋଲି କୁହାଯାଇଛି। ଏହି ଅବସରରେ ସେମାନେ କରିଥିବା ଦାବି ମଧ୍ୟରେ ବିଶେଷ କରି ଶ୍ରମିକମାନଙ୍କ ଦରମା, କମ୍ପାନୀ କାଜୁଆଲର ସ୍ଥାୟୀ ଶ୍ରମିକ ଏବଂ ଠିକା ଶ୍ରମିକରୁ କମ୍ପାନୀ କାଜୁଆଲ ଏବଂ ଠିକା ଶ୍ରମିକମାନଙ୍କର ଦରମା ବୃଦ୍ଧି, କମ୍ପାନୀ ବନ୍ଦ ଥିବା ସମୟରେ ପିଏଫ ଏବଂ ଅନ୍ୟାନ୍ୟ ସରକାରୀ ନିୟମ ଅନୁସାରେ ପ୍ରାପ୍ୟ ପ୍ରଦାନ କରିବା ସମସ୍ୟା ଉପରେ କର୍ତ୍ତୃପକ୍ଷଙ୍କ ଠାରେ ଦାବି କରିଥିଲେ। ଚଳିତ ବର୍ଷ କମ୍ପାନୀ ଭଲ ଲାଭ କରିଥିବା ହେତୁ ଶ୍ରମିକମାନଙ୍କୁ ୨୦ ପ୍ରତିଶତ ବୋନସ ପ୍ରଦାନ କରାଯିବା ପାଇଁ ମଧ୍ୟ ଦାବି କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପସଭାପତି ଗୁରପ୍ରିତ ସିଂ, ବବିତା ମହାନ୍ତି, ନରହରି ମହାଳିକ, ଶରତ ସାହୁ, ରାକେଶ ଦାସ, ରବି ଦାସ, ଅଂଶମାନ ମଲ୍ଲିକ, ଏସକେ ସାମସୁଦ୍ଦିନ, ରବିନ୍ଦ୍ର ବେହେରା, ରବିନ୍ଦ୍ର ଦାସ, ନିରଞ୍ଜନ ଦାସ, ଲକ୍ଷ୍ମୀଧର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

# ମନହରଲାଲ ପାଲା ଜୁଏଲର୍ସର ପ୍ରତିଷ୍ଠା ଉତ୍ସବ



ବାଲେଶ୍ୱର,୨୩।୮(ସମିସ): ସହରସ୍ଥିତ ମନହରଲାଲ ପାଲା ଜୁଏଲାର୍ସର ୮ ମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ବାଲେଶ୍ୱରର ବିଶିଷ୍ଟ ଉଦ୍ୟୋଗୀ ପ୍ରକାଶ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ପ୍ରତିଷ୍ଠାନର ସଫଳତା କାମନା କରିଥିଲେ। ଅନ୍ୟତମ ଅତିଥି ବାଣ୍ଠିଆ ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ଶ୍ରୀନିବାଶ ପଣ୍ଡା କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ପୂଜାର୍ଚ୍ଚନା କରିଥିଲେ। ମନହରଲାଲା ପାଲାର ଦୁଇ ପାର୍ଟନର ସିଏ କମଲେଶ ପାଲା ଓ ରାକେଶ ପାଲା, ଜି ନେକ୍ସଟ ଆଦିତ୍ୟ ପାଲା ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ କେକ୍ କାଟି ଉତ୍ସବ ମନାଇଥିଲେ। ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ପାଲାର ସମସ୍ତ କର୍ମଚାରୀଙ୍କ ମେଧାବୀ ପିଲାଙ୍କୁ ପୁରସ୍କୃତ କରାଯାଇଥିଲା। ଏଟାଡେମିକ ସ୍ତରରେ ବିଭିନ୍ନ ପାଠ୍ୟକ୍ରମର ପାଇଁ ପୁରସ୍କୃତ କରାଯାଇଥିଲା। ପାଲା ଜୁଏଲାରୀ ବାଲେଶ୍ୱର ସହର ସହିତ ସାରା ରାଜ୍ୟରେ ଅଳଙ୍କାରରେ ଗୁଣବତ୍ତା ନେଇ ସ୍ୱତନ୍ତ୍ର ପରିଚୟ ଲାଭ କରିଥିବା ନେଇ ମତପ୍ରକାଶ ପାଇଥିଲା। ପ୍ରତିଷ୍ଠା ଦିବସ ଉପଲକ୍ଷେ ଆସନ୍ତା ଗଣେଶ ପୂଜା ପର୍ଯ୍ୟନ୍ତ ଗହଣାର ଗଢ଼ା ମୂଲ୍ୟ ଉପରେ ୨ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ରହିଥିବା ସୂଚନା ଦେଇଛନ୍ତି। ତେଣୁ ଗ୍ରାହକମାନେ ଏହି ସୁନ୍ଦର ଓ ଆକର୍ଷଣୀୟ ଡିଜାଇନ୍‌ର ଗହଣା କିଣିବାକୁ ପାଲା ପକ୍ଷରୁ କୁହାଯାଇଛି। ଦୀପ୍ତି ଶର୍ମା, ବର୍ଣ୍ଣାଳୀ ଦାସ, ହେମନ୍ତ ମଣ୍ଡଳ, ରବୀନ୍ଦ୍ର ଭୂୟାଁ ପ୍ରମୁଖ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା ସହଯୋଗ କରିଥିଲେ। ପରିଚାଳକ ଅବିନାଶ ଧନ୍ୟବାଦ ଦେଇଥିଲେ।

# ହାଇ ଭୋଲ୍ଟେଜ କ୍ଲବ୍‌ର ୨୧ ଫୁଟିଆ ଗଣେଶ



## ଆସୁଛନ୍ତି ଗଜାନନ

ବାଲେଶ୍ୱର,୨୩।୮(ସମିସ): ଗଣେଶ ପୂଜା ପାଇଁ ସହର ଚଳଚଞ୍ଚଳ। ସହରରେ ଗଣେଶ ପୂଜା କଥା କହିଲେ ସମସ୍ତଙ୍କ ନଜର କନଭେଣ୍ଟ ସ୍କୁଲ ଲାଇନ୍ ଉପରେ ରହିଥାଏ। ଏହି ଗୋଟିଏ ଜାଗାରେ ୪୫ରୁ ଅଧିକ ଗଣେଶ ପୂଜା ପାଆନ୍ତି। ଏହି କନଭେଣ୍ଟ ସ୍କୁଲ ଲାଇନ୍‌ରେ ପ୍ରତି ଶହେ ମିଟର ଦୂରତାରେ ୪୫ ରୁ ଅଧିକ କ୍ଲବ ପକ୍ଷରୁ ଗଣେଶ ପୂଜା ପାଇଁ ସାଜସଜ୍ଜା ଆରମ୍ଭ ହୋଇଯାଇଛି। ସେହି କ୍ଲବ ମାନଙ୍କ ମଧ୍ୟରୁ ହାଇ ଭୋଲଟେଜ୍ କ୍ଲବ ଅନ୍ୟତମ୍। ଏଥର ଦଶ ବର୍ଷ ଗଣେଶ ପୂଜା ପାଳନ କରିବ କ୍ଲବ। କ୍ଲବ୍ ପକ୍ଷରୁ ୨୦୧୬ ମସିହାରୁ କନଭେଣ୍ଟ ସ୍କୁଲ ନିକଟରେ ପ୍ରତିବର୍ଷ ଗଣେଶ ପୂଜା ହୋଇଆସୁଛି। ଏଥର ପୂଜା ପାଇଁ ମୂର୍ତ୍ତି ଉଚ୍ଚତା ୨୧ ଫୁଟ୍ ରହିଛି। ନାସିକ ମହାରାଷ୍ଟ୍ରରେ ଥିବା ଆନ୍ନା ଗଣପତି ନବଗ୍ରହ ସିଦ୍ଧପୀଠମ ଗଜାନନଙ୍କ ମୂର୍ତ୍ତି ପ୍ରସ୍ତୁତ ହେଉଛି ବୋଲି କ୍ଲବ ସଭାପତି କହିଛନ୍ତି। ଏହି ମୂର୍ତ୍ତିଟି ଶିଳ୍ପକାର ଚିନ୍ମୟ ମହାରଣା (ସିପୁ)ଙ୍କ ନିର୍ଦ୍ଦେଶ କ୍ରମେ ୫ଜଣ କାରିଗରଙ୍କ ସହାୟତାରେ ନିର୍ମିତ ହେଉଛି। ଏଥର ଭସାଣୀରେ ମୁଖ୍ୟ ଆକର୍ଷଣ ହେବ କେରଳ ବାଜା ସହିତ ଡିଜେ ଟାଇଗର ଜୋନ୍। କ୍ଲବର ୧୦୦ ରୁ ଅଧିକ ସଦସ୍ୟ ଥିବାବେଳେ ସେମାନଙ୍କ ସହଯୋଗରେ ପ୍ରତିବର୍ଷ ପୂଜା ଆୟୋଜିତ ହୁଏ। ଏଥି ମଧ୍ୟରେ ୨୦୦୦ରୁ ଅଧିକ ଶ୍ରଦ୍ଧାଳୁ ମାନଙ୍କୁ ପ୍ରସାଦ ସେବନ ବଣ୍ଟନ କାର୍ଯ୍ୟକ୍ରମ ରହିଛି। ଏହି କ୍ଲବ୍ ପକ୍ଷରୁ ଶାନ୍ତି ଓ ଶୃଙ୍ଖଳାର ସହ ପୂଜା ଓ ବିସର୍ଜନ କରାଯାଇଥାଏ। ପୂଜାର ସମସ୍ତ ଦାୟିତ୍ୱ ଓ କାମ ସଦସ୍ୟମାନେ ତୁଲାଇଥାନ୍ତି।

# ଓମକାର ଗଣେଶଙ୍କ ଶୈଳୀର ମୂର୍ତ୍ତି ନିର୍ମାଣ



## ଦ ରୋଡ଼ ହାଉସ କ୍ଲବ

ବାଲେଶ୍ୱର,୨୩।୮(ସମିସ): ବାଲେଶ୍ୱର ସହରରେ ଗଣେଶ ପୂଜା କଥା କହିଲେ ସମସ୍ତଙ୍କ ନଜର କନଭେଣ୍ଟ ସ୍କୁଲ ଲାଇନ୍ ଉପରେ ରହିଥାଏ। କାରଣ ଏହି ଗୋଟିଏ ଜାଗାରେ ୪୫ରୁ ଅଧିକ ଗଣେଶ ପୂଜା ପାଆନ୍ତି। ଯାହାକୁ ଦେଖିବା ପାଇଁ ଗହଳି ଜମେ। ଏହି କନଭେଣ୍ଟ ସ୍କୁଲ ଲାଇନ୍ ରେ ପ୍ରତି ଶହେ ମିଟର ଦୂରତାରେ ୪୫ରୁ ଅଧିକ କ୍ଲବ ପକ୍ଷରୁ ଗଣେଶ ପୂଜା ପାଇଁ ସାଜସଜ୍ଜା ଆରମ୍ଭ ହୋଇଯାଇଛି। ସେହି କ୍ଲବ ମାନଙ୍କ ମଧ୍ୟରୁ ଦ ରୋଡ ହାଉସ୍ କ୍ଲବ ଅନ୍ୟତମ୍। ଚଳିତବର୍ଷ କନଭେଣ୍ଟ ସ୍କୁଲ ଲାଇନରେ ୧୬ତମ ଗଣେଶ ପୂଜା ପାଳିବ ଦ ରୋଡ଼ ହାଉସ କ୍ଲବ। ପୂଜା ପାଇଁ ଚଳିତବର୍ଷ ୩ ଲକ୍ଷ ଟଙ୍କା ବଜେଟ୍ ରହିଛି। ମୂର୍ତ୍ତିର ଉଚ୍ଚତା ୨୦ ଫୁଟ ରହିଥିବାବେଳେ ତୋରଣ ଉଚ୍ଚତା ୨୨ ଫୁଟ ରହିଛି। ଓମକାର ଗଣେଶ ଶୈଳୀରେ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ବିଭିନ୍ନ ଆଲୋକମାଳରେ ସଜ୍ଜିତ କରାଯିବ ତୋରଣ। ମୂର୍ତ୍ତି କାରିଗର ସିପୁ ଏହି ନିଆରା ମୂର୍ତ୍ତି ତିଆରି କରୁଛନ୍ତି। ଏଥିସହିତ ଦୁଇ ଦିନ ଧରି ପ୍ରସାଦ ବଣ୍ଟନ କରାଯିବ। ଜିଲ୍ଲା ପ୍ରଶାସନ ନିୟମ ଅନୁଯାୟୀ ପୂଜା କରାଯିବ। କ୍ଲବରେ ସଦସ୍ୟ ମାନଙ୍କ ସହଯୋଗରେ ପୂଜା ପାଳନ ହୋଇଥାଏ। ଏହି କ୍ଲବ୍ ରେ ପ୍ରାୟ ଶହେ ଜଣ ସଦସ୍ୟ ରହିଛନ୍ତି।




## ତୁଳସୀପାଳ, ଲଙ୍ଗୁଳିଆବେଢ଼ାରେ ହାତୀ ଉପଦ୍ରବ



ବଅଁରପାଳ,୨୩।୮ (ସମିସ): ବଅଁରପାଳ ବ୍ଲକ ତୁଳସୀପାଳ ଓ ଲଙ୍ଗୁଳିଆବେଢ଼ା ଅଞ୍ଚଳରେ ଗତ ୪ ଦିନ ହେଲା ୪୫ ଟିକିଆ ହାତୀପଲଙ୍କ ଉପସ୍ଥିତି ଗ୍ରାମବାସୀଙ୍କ ଚିନ୍ତାର କାରଣ ହୋଇଛି। ଏହି ହାତୀପଲ କିଛିଦିନ ତଳେ ତୁଳସୀପାଳ ଗ୍ରାମ ଆଲୁଆମୁଣ୍ଡା ରଗଡ଼ାରେ ସପ୍ତାହେ କାଳ ରହି ଉପଦ୍ରବ କରିଥିଲେ। ସେଠାରୁ ଗଣ୍ଡିଗାଡ଼ିଆ ଜଙ୍ଗଲକୁ ଯାଇ ସପ୍ତାହେ ରହି ବର୍ତ୍ତମାନ ଆଲୁମିନିୟମ ପାର୍କ ପ୍ରକଳ୍ପ ଓ ବନ୍ଦା ଗ୍ରାମ ମଝିରେ ଏକ ଆମ୍ବତୋଟାରେ ରହୁଛନ୍ତି। ଦିନବେଳା ନିକଟସ୍ଥ ବିଲଗୁଡ଼ିକରେ ପଶି ଧାନ ତଳି ଖାଇବା ସହ ଏକର ଏକର ଜମିକୁ ଦଳିଚକଟି ନଷ୍ଟ କରୁଛନ୍ତି। ବେଳ ବୁଡ଼ିଲେ ହାତୀପଲ ଭାଗଭାଗ ହୋଇ ଖାଦ୍ୟ ଅନ୍ୱେଷଣରେ ନିକଟସ୍ଥ ଜନବସତିକୁ ଆସି ଆତଙ୍କ ସୃଷ୍ଟି କରୁଛନ୍ତି। ସନ୍ଧ୍ୟା ହେଲେ ଗ୍ରାମବାସୀ ଭୟରେ ବାହାରକୁ ବାହାରୁ ନାହାନ୍ତି। ବିଶେଷକରି ବିଭିନ୍ନ କଳ କାରଖାନାରେ ରାତି ଡ୍ୟୁଟି କରୁଥିବା ଓ ଡ୍ୟୁଟି ସାରି ଫେରୁଥିବା କର୍ମଚାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧାନ ତଳି ରୁଆ ସମୟରୁ ହାତୀଙ୍କ ଉପସ୍ଥିତି ଧାନ ଫସଲର ଭବିଷ୍ୟତ ନେଇ ଚାଷୀମାନେ ଚିନ୍ତା ପ୍ରକଟ କରିଛନ୍ତି। ୫୫ ନଂ ଜାତୀୟରାଜପଥରୁ ତୁଳସୀପାଳ ପଞ୍ଚାୟତକୁ ଯିବାକୁ ଥିବା ବନ୍ଦା ଗ୍ରାମ ପାଖ ରାସ୍ତା ଓ ଆଲୁମିନିୟମ ପାର୍କ ପ୍ରକଳ୍ପ ପାଖ ରାସ୍ତା ସନ୍ଧ୍ୟା ହେଲେ ସମ୍ପୂର୍ଣ୍ଣ ନିସ୍ତବ୍ଧ ହେଇଯାଉଛି। ବନ ବିଭାଗ କର୍ମଚାରୀ ଡାକବାଜି ଯନ୍ତ୍ରରେ ଆଖପାଖ ଗ୍ରାମରେ ସତର୍କ କରୁଛନ୍ତି ଓ କ୍ଷତିଗ୍ରସ୍ତ ଚାଷୀଙ୍କ ଆକ୍ରୋସର ଶିକାର ହେଉଛନ୍ତି। ତୁଳସୀପାଳରେ ଆସନ୍ତା ସୋମବାର ହେବାକୁ ଥିବା ମା' ମହାପାଟଙ୍କ ବାର୍ଷିକ ଯାତ୍ରା ପଡ଼ିଆ ପାଖ ବିଲମାଳ ଅପରପାଶ୍ୱର୍ରେ ହାତୀପଲ ରହୁଥିବାରୁ କିଛି ଅଘଟଣ ଘଟିବା ଆଶଙ୍କାରେ ରହିଛନ୍ତି ଗ୍ରାମବାସୀ।

● ଜିଲ୍ଲା ପୁଲିସର ସ୍ୱତନ୍ତ୍ର ଅଭିଯାନ ଅନ୍ୱେଷଣ

## ନିଖୋଜ ୨୦୧ ମହିଳା ଓ ଶିଶୁ ଉଦ୍ଧାର

ଅନୁଗୋଳ,୨୩।୮ (ସମିସ): ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରୁ ନିଖୋଜ ଥିବା ମହିଳା ଓ ଶିଶୁଙ୍କୁ ପୁଲିସ ଉଦ୍ଧାର କରିଛି। ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶ କ୍ରମେ ନିଖୋଜଙ୍କୁ ଖୋଜି ଉଦ୍ଧାର କରିବା ପାଇଁ ପୁଲିସର ସ୍ୱତନ୍ତ୍ର ଅଭିଯାନ ଅନ୍ୱେଷଣ ଜାରି ରହିଥିଲା। ଗତ ୫ଦିନରେ ବିଭିନ୍ନ ସ୍ଥାନରେ ଖାନତଲାସୀ କରି ୨୮ ଶିଶୁ ଓ ୧୭୩ ମହିଳାଙ୍କୁ ଉଦ୍ଧାର କରି ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ତାଳଚେର ଟାଉନ ଥାନା ଅଞ୍ଚଳରୁ ନିଖୋଜ ଥିବା ସର୍ବାଧିକ ୨୫ ମହିଳାଙ୍କୁ ପୁଲିସ ଉଦ୍ଧାର କରିଛି। ସେହିପରି ଅନୁଗୋଳ ଥାନା ଅଞ୍ଚଳର ୨୩, କୋଲିଏରୀ ଥାନା ଅଞ୍ଚଳର ୨୧, ନାଲକୋ ୧୧, କିଶୋରନଗର ୧୨, ବଅଁରପାଳ ୧୦, ହଣ୍ଡପା ୧୦, ଜରପଡ଼ା ୧୦, ବଗେଡ଼ିଆ ୮, ବନ୍ତଳା ୮, ଅନୁଗୋଳ ସଦର ଥାନା ଅଞ୍ଚଳର ୬ ଜଣ ନିଖୋଜ ମହିଳାଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ନିଖୋଜ ୨୮ ଶିଶୁଙ୍କ ମଧ୍ୟରେ ଅନୁଗୋଳ ଥାନା ଅଞ୍ଚଳର ୨ ଓ ତାଳଚେର ଥାନା ଅଞ୍ଚଳର ଜଣେ ଶିଶୁକନ୍ୟା ରହିଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ ସମ୍ମିଳନୀ



ବଅଁରପାଳ,୨୩।୮ (ସମିସ): ବଅଁରପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ବାଟିକାରୁ ଦ୍ୱିତୀୟ ଶ୍ରେଣୀ (ଆଧାର ସ୍ତର) ପର୍ଯ୍ୟନ୍ତ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଗୋଷ୍ଠୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ମାନସ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ପ୍ରତି ମାଆମାନଙ୍କ କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି ସମ୍ପାଦକ ଅଖିଳ କୁମାର ମହାପାତ୍ର ମଞ୍ଚସୀନ ଥିଲେ। ଭାରତୀୟ ସଂସ୍କୃତି ପରମ୍ପରା ଉପରେ ଆଧାର କରି ଆଚାର୍ଯ୍ୟ ତନ୍ମୟ କୁମାର ନାଥ ମାଆମାନଙ୍କୁ ମାର୍ଗଦର୍ଶନ କରିଥଲେ। ପ୍ରଧାନଆଚାର୍ଯ୍ୟ ଧର୍ମାନନ୍ଦ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ମିଳନୀରେ ୮୪ ଜଣ ମାଆ ଉପସ୍ଥିତ ଥିଲେ। ଶେଷେରେ ବିଭିନ୍ନ ଶ୍ରେଣୀର ମାଆମାନଙ୍କୁ ନେଇ ବିଦ୍ୟାଳୟର ମାତୃଭାରତୀ ବରିଷ୍ଠ ଆଚାର୍ଯ୍ୟା ନର୍ମଦା ସାହୁ ଓ କବିତା ଦାସଙ୍କ ତତ୍ତ୍ୱାବଧାନରେ ମାତୃଭାରତୀ ଗଠନ କରାଯାଇଥିଲା।

## ୨୫ରେ ଭିନ୍ନକ୍ଷମ ଚିହ୍ନଟ ଶିବିର

କିଶୋରନଗର,୨୩।୮ (ସମିସ): କିଶୋରନଗର ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଆସନ୍ତା ୨୫ ତାରିଖ ସୋମବାର ଭିନ୍ନକ୍ଷମ ଚିହ୍ନଟ ଶିବିର ଅନୁଷ୍ଠିତ ହେବ। ଏ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଶିବିରରେ ଜିଲ୍ଲାର ବିଶେଷଜ୍ଞ ଡାକ୍ତର ଯୋଗଦେଇ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବେ। ପରେ ସେମାନେ ଅନଲାଇନରେ ସାର୍ଟିଫିକେଟ ପାଇପାରିବେ।

ଅନୁଗୋଳ ଜିଲ୍ଲାର ଦୁଇ ସୀମାନ୍ତ ରାଜସ୍ୱ ଗାଁ ଢେଙ୍କାନାଳ ଜିଲ୍ଲା ପୁଲିସ ଅଧୀନରେ

# ଜିଲ୍ଲାପାଳ ଅନୁଗୋଳ, ଏସପି ଢେଙ୍କାନାଳ

ଅନୁଗୋଳ,୨୩।୮ (ସମିସ):

ସାଧାରଣ ଲୋକଙ୍କ ସୁବିଧା ପାଇଁ ପ୍ରଶାସନିକ ବ୍ୟବସ୍ଥାକୁ ଲୋକଙ୍କ ହାତପାଆନ୍ତାରେ ପହଞ୍ଚାଇବା ବଦଳରେ କେତେକଙ୍କୁ ଅସୁବିଧା ଭିତରକୁ ଠେଲି ଦିଆଯାଉଛି। ଲୋକଙ୍କ ସମସ୍ୟା ବହୁଗୁଣିତ ହେଉଛି। ଏଭଳି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ଅଞ୍ଚଳରେ। ବଅଁରପାଳ ବ୍ଲକ ସଦର ମହକୁମାଠାରୁ ୧ କିମି ଦୂର ନୂଆହତା ପଞ୍ଚାୟତ। ଏହି ପଞ୍ଚାୟତର ୧୩ନଂ ୱାର୍ଡ ତଥା ତାଳବାହାଳ ରାଜସ୍ୱ ଗ୍ରାମ ଓ ୧୪ନଂ ୱାର୍ଡ ତଥା ଗଣ୍ଡିଗଡ଼ିଆ ରାଜସ୍ୱ ଗ୍ରାମ ବଅଁରପାଳ ବ୍ଲକ ସଦର ମହକୁମା ଏବଂ ବଅଁରପାଳ ଥାନାଠାରୁ ୩ କିମି ଦୂର ଅନୁଗୋଳ ଜିଲ୍ଲା ସୀମାନ୍ତରେ ଅବସ୍ଥିତ। ଉକ୍ତ ଗାଁ ଦୁଇଟି ଅନୁଗୋଳ ଜିଲ୍ଲା ସଦର ମହକୁମାଠାରୁ ୧୨/୧୪ କିମି ଦୂରରେ ଅବସ୍ଥିତ। ଉକ୍ତ ଗ୍ରାମବାସୀ ଚାଷବାସଠାରୁ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ରାସ୍ତାଘାଟ, ବନ୍ଧ ପୋଖରୀ, ଦୋକାନ ବଜାର, ହାଟ, ଯାନିଯାତ୍ରା, ମହୋତ୍ସବ ସାମାଜିକ ସମ୍ପର୍କ ପ୍ରଭୃତିରେ ଅନୁଗୋଳ ଜିଲ୍ଲା ସହ ଓତପ୍ରୋତ ଭାବେ ଜଡ଼ିତ। ସେମାନଙ୍କ ପଞ୍ଚାୟତ ଅଫିସଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ, ତହସିଲ, ସିଭିଲ କୋର୍ଟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର,

■ ନୂଆହତା ପଞ୍ଚାୟତ ତାଳବାହଳ ଓ ଗଣ୍ଡିଗଡ଼ିଆ ଗାଁ ରାଜ୍ୟ ସୀମାନ୍ତ କୋଟିଆ ଅଞ୍ଚଳ ସଦୃଶ

■ ବ୍ଲକ ଏବଂ ତହସିଲ ବଅଁରପାଳ ହୋଇଥିବା ବେଳେ ଫରେଷ୍ଟ ରେଞ୍ଜ ତାଳଚେର

ଦମକଳ କେନ୍ଦ୍ର, ଥାନା ପୁଲିସ ଇତ୍ୟାଦି ଅନୁଗୋଳ ଜିଲ୍ଲା ବଅଁରପାଳ ଉପରେ ନିର୍ଭରଶୀଳ। ମାତ୍ର ଢେଙ୍କାନାଳ ଜିଲ୍ଲା ସୀମାନ୍ତ କଣ୍ଟାବଣିଆଠାରେ ୧୫ବର୍ଷ ପୂର୍ବେ ନୂତନ ଥାନା ପ୍ରତିଷ୍ଠାଠାରୁ ବଅଁରପାଳ ଥାନାର ଅଞ୍ଚଳର ଉକ୍ତ ଦୁଇ ଗ୍ରାମ ତାଳବାହାଳ ଓ ଗଣ୍ଡିଗଡ଼ିଆକୁ ଢେଙ୍କାନାଳ ଜିଲ୍ଲା କଣ୍ଟାବଣିଆ ଥାନା ଅଞ୍ଚଳରେ ଅନ୍ତର୍ଭୁକ୍ତ କରାଯାଇଛି। ଫଳରେ ଉକ୍ତ ଗ୍ରାମବାସୀ ଢେଙ୍କାନାଳ ଜିଲ୍ଲା ପୁଲିସ ପରିସୀମାରେ ଆସୁଥିବାରୁ ନ୍ୟାୟିକ ବ୍ୟବସ୍ଥାରେ ସେମାନଙ୍କ ଥାନା, କୋର୍ଟ କଚେରୀ ୫୦ କିମି ଦୂର ଢେଙ୍କାନାଳ ସଦର ମହକୁମା ଉପରେ ନିର୍ଭର କରିବାକୁ ପଡୁଛି। ଉକ୍ତ ଗ୍ରାମଦ୍ୱୟ ଅନୁଗୋଳ ସଦର ମହକୁମାଠାରୁ ୧୨/୧୪ କିମିଦୂର ଯିବା ପରିବର୍ତ୍ତେ ୫୦ କିମି ଦୂର ଯିବାକୁ ପଡୁଛି।

ଅନ୍ୟପକ୍ଷରେ ଏହି ଦୁଇ ଗ୍ରାମ ହାତୀପ୍ରବଣ ଅଞ୍ଚଳ ଭାବେ ପରିଚିତ। ଗାଁ ସୀମାନ୍ତରେ ଟାଟା ଷ୍ଟିଲ ପ୍ଲାଣ୍ଟ ହେବା ପରଠାରୁ ହିନ୍ଦୋଳ, ନରସିଂହପୁର ପରଜଙ୍ଗ, କେନ୍ଦୁଝର ଜଙ୍ଗଲର ହାତୀଙ୍କ ଚଲାପଥ ଅବରୋଧ ହୋଇଯାଇଛି। ପ୍ରାକୃତିକ ଘଞ୍ଚ ଜଙ୍ଗଲରୁ ଜଙ୍ଗଲକୁ ଯିବା ବେଳେ ବାଟବଣା ହୋଇ ହାତୀ ଗାଁମୁହାଁ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଗଣ୍ଡିଗଡ଼ିଆ ଗାଁରେ ପ୍ରାକୃତିକ ଘଞ୍ଚ ଜଙ୍ଗଲ ନ ଥିଲେ ବି ଗାଁର ବୁଦବୁଦିଆ ଜଙ୍ଗଲରେ ପ୍ରାୟ ବର୍ଷତମାମ ବଣୁଆ ହାତୀ ଆଶ୍ରୟ ନେବା ସହ ଉପଦ୍ରବ କରୁଛନ୍ତି। ହାତୀ ଉପଦ୍ରବରେ ଅନେକ ଧନଜୀବନ ନଷ୍ଟ ହୋଇଛି। ଉକ୍ତ ଗ୍ରାମାଞ୍ଚଳ ଅନୁଗୋଳ ବନଖଣ୍ଡ ଅନ୍ତର୍ଗତ ତାଳଚେର ବନାଞ୍ଚଳ ଅନ୍ତର୍ଭୁକ୍ତ। ତାଳଚେର ବନାଞ୍ଚଳ ବା ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟ ପ୍ରାୟ ୩୦କିମି ଦୂର। ଗ୍ରାମରେ ହାତୀ ଉପଦ୍ରବ ରୋକିବାରେ ବନ ବିଭାଗ ବିଫଳ ହେଉଛି। ହାତୀ ଉପଦ୍ରବରେ ଧନଜୀବନ ହରାଉଥିବା ଗ୍ରାମବାସୀ ବନ ବିଭାଗ ଅଧିକାରୀଙ୍କ ନିକଟରେ ପହଞ୍ଚିବା କାଠିକର ପାଠ ହେଉଛି। ଗଣ୍ଡିଗଡ଼ିଆ ଗ୍ରାମରେ ହାତୀ ଆକ୍ରମଣରେ ନିହତ କୌଣସି ବ୍ୟକ୍ତିଙ୍କ ନ୍ୟାୟିକ ବ୍ୟବସ୍ଥା ପାଇଁ ୫୦ କିମି ଦୂର ଢେଙ୍କାନାଳରୁ ପହଞ୍ଚିବେ ପୁଲିସ ପ୍ରଶାସନ, ୪କିମି ଦୂର ଅନୁଗୋଳ ଜିଲ୍ଲା ବଅଁରପାଳରୁ ପହଞ୍ଚିବେ ମାଜିଷ୍ଟ୍ରେଟ ତହସିଲଦାର ଏବଂ ୩୦ କିମି ଦୂର ତାଳଚେରରୁ ପହଞ୍ଚିବେ ବନବିଭାଗ ଅଧିକାରୀ ଏବଂ ମୃତ ଶରୀର ପଞ୍ଚନାମା ହେବ ୧୪ କିମି ଦୂର ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ। ପ୍ରଶାସନିକ ବ୍ୟବସ୍ଥା ଦୃଷ୍ଟିରୁ ଉପରୋକ୍ତ ଗ୍ରାମ ଦୁଇଟିକୁ ପୂର୍ବବତ୍ ଅନୁଗୋଳ ଜିଲ୍ଲା ବଅଁରପାଳ ଥାନା ପରିସୀମାରେ ଅନ୍ତର୍ଭୁକ୍ତ କରାଯିବା ସହ ଅନୁଗୋଳ ବନାଞ୍ଚଳରେ ପରିସରଭୁକ୍ତ କରାଯିବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରୁଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ କୁହନ୍ତି, ସାଧାରଣ ଲୋକଙ୍କ ଦସ୍ତାବିଜ, ପରିଚୟପତ୍ର, ଭିସା ପାସପୋର୍ଟ ଆଦିରେ ଠିକଣା ସୂଚନା ନିର୍ଭୁଲ ଦରକାର। ଦୁଇଟି ଜିଲ୍ଲାର ଠିକଣା ପ୍ରଦାନରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ଗ୍ରାମ ଦୁଇଟିକୁ ଅନୁଗୋଳ ଜିଲ୍ଲା ପୁଲିସ ତଥା ନିକଟସ୍ଥ ବଅଁରପାଳ ଥାନା ଅଞ୍ଚଳ ପରିସରଭୁକ୍ତ କରିବାକୁ ସେମାନେ ଦାବି କରିଛନ୍ତି।

## ୨ କମ୍ପାନୀ କର୍ମଚାରୀଙ୍କୁ ଅଟକ ରଖିଲେ ଗ୍ରାମବାସୀ

ଛେଣ୍ଡିପଦା,୨୩।୮ (ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ହାଣ୍ଡିଗୋଡ଼ା ଓ ଜମୁନାଳି ଗାଁ ନିକଟରେ ଜିଏମଡିସି କମ୍ପାନୀର ସର୍ଭେ ଚାଲିଥିବା ବେଳେ କ୍ଷତିଗ୍ରସ୍ତ ଗ୍ରାମବାସୀ ସର୍ଭେ କାର୍ଯ୍ୟକୁ ବିରୋଧ କରିବା ସହ ୨ଜଣ କମ୍ପାନୀ କର୍ମଚାରୀଙ୍କୁ ଅଟକ ରଖିଛନ୍ତି। ଛେଣ୍ଡିପଦା ବ୍ଲକରେ ଜିଏମଡିସି କମ୍ପାନୀ ପକ୍ଷରୁ କୋଇଲା ଖଣି ପାଇଁ ଜାମୁନାଳି ଗାଁ ପଡ଼ିଆନାଳିଠାରେ ସର୍ଭେ କରୁଥିବା ବେଳେ କ୍ଷତିଗ୍ରସ୍ତ ଗ୍ରାମବାସୀ ସେଠାରେ ପହଞ୍ଚି ସର୍ଭେ କାର୍ଯ୍ୟକୁ ତୀବ୍ର ବିରୋଧ କରିଥିଲେ। ବାରମ୍ବାର ବିରୋଧ କରିବା ସତ୍ତ୍ୱେ କମ୍ପାନୀ କର୍ମଚାରୀମାନେ ଗାଁ ନିକଟକୁ ଆସି ସର୍ଭେ କରୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ କମ୍ପାନୀ କର୍ମଚାରୀଙ୍କୁ ଅଟକ ରଖିଲେ। ଯାହାକୁ ନେଇ ଘଟଣାସ୍ଥଳରର ତୀବ୍ର ଉତ୍ତେଜନା ଦେଖା ଦେଇଥିଲା। ଖବର ପାଇ ଛେଣ୍ଡିପଦା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବାକୁ ଉଦ୍ୟମ କରିଥିଲ। ଦୀର୍ଘ ୨ ଘଣ୍ଟା ଆଲୋଚନା ପରେ ସମାଧାନର ସୂତ୍ର ନ



ବାହାରିବାରୁ ଗ୍ରାମବାସୀ କମ୍ପାନୀର କର୍ମଚାରୀ ଦ୍ୱୟଙ୍କୁ କୋଠଘର ନିକଟକୁ ନେଇ ଅଟକ ରଖିଥିଲେ। ଥାନା ଏସଆଇ ରାଜେଶ ଶତପଥୀ ଉତ୍ୟକ୍ତ ଲୋକଙ୍କ ସହ ଦୀର୍ଘ ୪ ଘଣ୍ଟା ଆଲୋଚନା କରିବା ପରେ ସମାଧାନର ସୂତ୍ର ବାହାରିଥିଲା। କ୍ଷତିଗ୍ରସ୍ତ ପ୍ରଜା ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଦୁଇ ସପ୍ତାହ ଭିତରେ ବୈଠକ କରାଯିବ, ବୈଠକ ନିଷ୍ପତ୍ତି ଅନୁଯାୟୀ ସମାଧାନ ହେବ ବୋଲି ପୁଲିସ ପ୍ରତିଶ୍ରୁତି ଦେବା ପରେ ଅଟକ କର୍ମଚାରୀଙ୍କୁ ଗ୍ରାମବାସୀ ଛାଡ଼ିଥିଲେ। ଯଦି ପୁଣିଥରେ କମ୍ପାନୀ କର୍ମଚାରୀ ଗ୍ରାମବାସୀଙ୍କ ସହ ଆଲୋଚନା ନ କରି ସର୍ଭେ କରିବାକୁ ଆସନ୍ତି ତେବେ ସେମାନଙ୍କୁ ଗ୍ରାମରେ ପୂରାଇ ଦିଆଯିବ ନାହିଁ ବୋଲି ପୂର୍ବତନ ଗ୍ରାମ ସଭାପତି ଭରତ ନାୟକ ପ୍ରକାଶ କରିଛନ୍ତି।

## ବ୍ୟାପକ ଫସଲ ନଷ୍ଟକଲେ ହାତୀପଲ

ଛେଣ୍ଡିପଦା,୨୩।୮ (ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଟାଙ୍ଗିରୀ ପଞ୍ଚାୟତରେ ଦୁଇଦିନ ହେଲା ହାତୀ ଉପଦ୍ରବ ଫଳରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ଗୁରୁବାର ରାତିରେ ତେବୁତୁ ଜଙ୍ଗଲ ପଟରୁ ୧୭ ଟିକିଆ ହାତୀପଲ ବାରମଞ୍ଚା ଜଙ୍ଗଲ ଆଡ଼କୁ ପଳାଇ ଆସିଥିଲେ। ବନ ବିଭାଗ ସେହିଦିନଠାରୁ ହାତୀପଲକୁ ଜଗିବା ସହ ଘଉଡ଼ାଇବାକୁ ଚେଷ୍ଟା କରିଥିଲା। ତେବେ ସେହି ସମୟରେ ଲଗାଣ ବର୍ଷା ଯୋଗୁଁ



ଆଉଁଳି ନଦୀରେ ବଢ଼ି ପାଣି ଆସିବା ଫଳରେ ହାତୀପଲ ଆଉ ତେବୁତୁ ଫେରିପାରିଲେ ନାହିଁ। ଫଳରେ ହାତୀ ଗତ ଦୁଇଦିନ ହେଲା ଟାଙ୍ଗିରୀ ପଞ୍ଚାୟତ ବାରମଞ୍ଚା, ବାରମଞ୍ଚା ଜଙ୍ଗଲ, ବିରପାଳ, ପୁରୁଣାଗଡ଼, ଟାଙ୍ଗିରୀ ଆଦି ଅଞ୍ଚଳରେ ରହି ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ବିରପାଳ ଗ୍ରାମର ଚାଷୀ ରଞ୍ଜନ ପ୍ରଧାନଙ୍କ ୨ ଏକର ଜମିରେ ଲାଗିଥିବା ବାଇଗଣ ଓ କୋବି ଫସଲ ନଷ୍ଟ କରି ଦେଇଛନ୍ତି। ପପୁଲାର ପ୍ରଧାନଙ୍କ କୋବି ଫସଲ ସହ ଧାନ, ଟାଙ୍ଗିରୀର ବିଦ୍ୟାଧର ପ୍ରଧାନ, ବିରଞ୍ଚି ସାହୁ, ବଳରାମ ସାହୁ ପ୍ରମୁଖଙ୍କ ବ୍ୟାପକ ଧାନ ଫସଲ ମଧ୍ୟ ନଷ୍ଟ କରିଛନ୍ତି। ସେହିଭଳି କିଶୋର ନାଥଙ୍କ ୪ ଏକର ଜମିରୁ ବାଦାମ, ରଘୁ ସେଠୀଙ୍କ ବାଦାମ, ମନୋଜ ପ୍ରଧାନଙ୍କ କୋବି ଫସଲ ନଷ୍ଟ କରିଦେଇଛନ୍ତି। ତେବେ ହାତୀପଲଙ୍କ ମଧ୍ୟରୁ କିଛି ହାତୀ ବାମନାଳୀ ଜଙ୍ଗଲ ଆଡ଼କୁ ପଳାଇଥିବା ବେଳେ ଏବେ ମଧ୍ୟ ଦୁଇଟି ହାତୀ ଏହି ଅଞ୍ଚଳରେ ଥିବାରୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି।

## ଡିଆଇଇଟିରେ ଜାତୀୟ ମହାକାଶ ଦିବସ ପାଳିତ

ଛେଣ୍ଡିପଦା,୨୩।୮ (ସମିସ): ଅନୁଗୋଳ ଡିଆଇଇଟିରେ ଜାତୀୟ ମହାକାଶ ଦିବସ ପାଳିତ ହୋଇଛି। ପ୍ରତିଷ୍ଠାନର ତାଲିମ୍ ପ୍ରକୋଷ୍ଠରେ ଅଧକ୍ଷ ବିକ୍ରମ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ



କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ-ଅଧ୍ୟାପିକା, ଗୁରୁଛାତ୍ରଛାତ୍ରୀ ଯୋଗଦେଇଥିଲେ। ପ୍ରଥମେ ଭାରତର ମହାକାଶ ଯାତ୍ରାର ସ୍ମୃତିଚାରଣ କରାଯାଇଥିଲା। ଆର୍ଯ୍ୟଭଟ୍ଟ ଉପଗ୍ରହରୁ ଆରମ୍ଭ କରି ଚନ୍ଦ୍ରଯାନ-୩ର ସଫଳ ଅବତରଣ ଓ ଆଦିତ୍ୟ-ଏଲ୍-୧ର ସୂର୍ଯ୍ୟ ଅଭିଯାନ ପର୍ଯ୍ୟନ୍ତ, ପ୍ରତ୍ୟେକ ମାଇଲଖୁଣ୍ଟକୁ ଅଧ୍ୟାପକମାନେ ଉଦାହରଣ ସହ ବ୍ୟାଖ୍ୟା କରିଥିଲେ। ବକ୍ତାମାନଙ୍କ ମତାନୁସାରେ, ମହାକାଶ ଗବେଷଣା କେବଳ ଭାରତର ପ୍ରତିଷ୍ଠାକୁ ବୃଦ୍ଧି କରିନାହିଁ, ଏହା ଆଗାମୀ ପିଢ଼ି ପାଇଁ ବୈଜ୍ଞାନିକ ଚିନ୍ତାଧାରାର ଦିଗ୍‌ଦର୍ଶକ ହୋଇପାରିଛି। ଅଧକ୍ଷ ସାହୁ ତାଙ୍କ ସଭାପତୀୟ ଉଦବୋଧନରେ କହିଲେ, ଭାରତୀୟ ବୈଜ୍ଞାନିକମାନଙ୍କ ପରିଶ୍ରମ ଆଜି ବିଶ୍ୱରେ ଦେଶର ପରିଚୟକୁ ନୂଆ ଉଚ୍ଚତାରେ ପହଞ୍ଚାଇଛି। ଶିକ୍ଷକମାନେ ଯଦି ପିଲାମାନଙ୍କୁ ସ୍ୱପ୍ନ ଦେଖାଇ, ସେଥିପାଇଁ ପ୍ରେରିତ କରିପାରନ୍ତି, ତେବେ ସେମାନେ ଆଗାମୀ ଦିନରେରେ ମହାକାଶକୁ ଅଧିକ ନିକଟରୁ ବୁଝିବା ସହ ପୃଥିବୀକୁ ମଧ୍ୟ ସୁନ୍ଦର କରିପାରିବେ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗୁରୁ ଶିକ୍ଷାର୍ଥୀ ପ୍ରିୟଙ୍କା ସାହୁ, ଗୁରୁ ଚରଣ, ନିରାକାର ନାୟକ, କାଜଲ ନାୟକ ପ୍ରମୁଖ ସହଯୋଗ କରିଥଲେ। ପ୍ରାକ୍ ସେବାକାଳୀନ ବିଭାଗ ମୁଖ୍ୟ ଅଧ୍ୟାପିକା ମମିତା ସାହୁଙ୍କ ଯୋଜନା ଏବଂ ଅନ୍ୟ ସମସ୍ତଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ସଫଳ କରିଥିଲା।

## ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

କିଶୋରନଗର,୨୩।୮ (ସମିସ): କିଶୋରନଗର ବ୍ଲକ ବାମୁର ଦୁର୍ଗା ପୂଜା କମିଟି ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଧୁମଧାମରେ ଶାରଦୀୟ ଦୁର୍ଗାପୂଜା ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ପବିତ୍ର ଜନ୍ମାଷ୍ଟମୀ ଦିନ ମା' ମାହେଶ୍ୱରୀଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇ ମାଟି ଅନୁକୂଳ କରାଯାଇଛି। କର୍ତ୍ତା ଭାବେ ସଚ୍ଚିଦାନନ୍ଦ ପ୍ରଧାନ ଓ ନିରୁପମା ପ୍ରଧାନ ଯୋଗଦେଇଥିଲେ। ପୂଜକ ନିତ୍ୟାନନ୍ଦ ଦେହୁରୀ, ବିଶ୍ୱଜିତ ନନ୍ଦ, ସତ୍ୟାନନ୍ଦ ନାୟକ, ନେତ୍ରାନନ୍ଦ ପ୍ରଧାନ, ଚିନ୍ମୟ ପ୍ରଧାନ ପ୍ରମୁଖଙ୍କ ସମେତ କମିଟି କର୍ମକର୍ତ୍ତାମାନେ ଏଥିରେ ସାମିଲ ହୋଇଥିଲେ।

# ମାଇନର ଇରିଗେସନର ତ୍ରୁଟି ପାଇଁ ୫୦ ପରିବାର ବିଚ୍ଛିନ୍ନ

ଅନୁଗୋଳ,୨୩।୮ (ସମିସ):

ଅନୁଗୋଳ ଜିଲ୍ଲାରେ ଗତ ଦୁଇଦିନ ହେଲା ବର୍ଷା ଲାଗି ରହିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଭିନ୍ନ ସ୍ଥାନରେ ପାଣି ଜମି ରହିବା ସହ ଅନେକ ନାଳ ପୋଲ ଉପରେ ପାଣି ପ୍ରବାହିତ ହୋଇ ଗମନାଗମନ ବାଧାପ୍ରାପ୍ତ ହୋଇଛି। ତେବେ ଛେଣ୍ଡିପଦା ବ୍ଲକ ଟାଙ୍ଗିରୀ ଗାଁରେ ମାଇନର ଇରିଗେସନ ବିଭାଗର ତ୍ରୁଟି ଯୋଗୁଁ ଦୈନନ୍ଦିନ ଯିବାଆସିବା ରାସ୍ତା ପାଣିରେ ଧୋଇଯାଇଛି। ଫଳରେ ଟାଙ୍ଗିରୀରୁ ପୋଡ଼ାପଡ଼ା ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ବେଳେ ଟାଙ୍ଗିରୀ ଗାଁର ଏକ ସାହି ସମ୍ପୂର୍ଣ୍ଣ ଭାବେ ଗାଁରୁ ବିଚ୍ଛିନ୍ନ ହୋଇଯାଇଛି।

ଟାଙ୍ଗିରୀ ଗାଁରୁ ପୋଡ଼ାପଡ଼ା ଯିବା ପାଇଁ ଥିବା ରାସ୍ତାରେ ବର୍ଜୁରା ନାଳ ପଡ଼ିଥାଏ। ସେହି ନାଳ ଉପରେ ପ୍ରାୟ ୩ ବର୍ଷ ତଳେ ବ୍ରିଜ ନିର୍ମାଣ ପରେ ଲୋକଙ୍କ ଗମନାଗମନ ସୁବିଧା ହୋଇଥିଲା। ତେବେ ଗତ ଦୁଇବର୍ଷ ତଳେ ସେହି ବ୍ରିଜର ମାତ୍ର ୫୦ ମିଟର ତଳେ



ମାଇନର ଇରିଗେସନ ବିଭାଗ ପକ୍ଷରୁ ଏକ ଚେକ ଡ୍ୟାମ ନିର୍ମାଣ କରାଯାଇଥିଲା। ତେବେ ଚେକ ଡ୍ୟାମଟି ସଠିକ ମାପ ଓ ବିନା କେନାଲ ନିର୍ମାଣ ହେବାରୁ ବର୍ଷା ଋତୁରେ ଦେଖାଦେଉଛି ସମସ୍ୟା। ବର୍ଷା ସମୟରେ ବର୍ଜୁରା ନାଳରେ ବଢ଼ି ପାଣି ଆସିଲେ ସେହି ଚେକ ଡ୍ୟାମ ଦେଇ ପାଣି ନିଷ୍କାସନ ହୋଇପାରୁନାହିଁ। ଫଳରେ ନାଳରେ ପାଣି ଜମି ରହିବା ସହ ବ୍ରିଜ ଉପରେ ପାଣି ଚାଲି ବ୍ରିଜ ନିକଟରୁ ମାଟି ଧୋଇଯାଉଛି। ଯେଉଁଥିପାଇଁ ରାସ୍ତାରୁ ମାଟି ଧୋଇ ହୋଇ ୧୦ ଫୁଟ ଗଭୀରର ଘାଇ ହୋଇ ଗମନାଗମନ ବାଧାପ୍ରାପ୍ତ ହେଉଛି। ୫୦ ପରିବାରର ୨୦୦ରୁ ଊର୍ଦ୍ଧ୍ୱ ଲୋକ ନିଜ ଗାଁରୁ ବିଚ୍ଛିନ୍ନ ହୋଇ ରହୁଛନ୍ତି। ସ୍କୁଲ ଛାତ୍ରଛାତ୍ରୀମାନେ ପାଣି ନ ଛାଡ଼ିବା ଯାଏ ସ୍କୁଲ ଯାଇପାରୁ ନାହାନ୍ତି। ଏପରିକି ଚାଷଋତୁ ଚାଲିଥିବା ବେଳେ ଚାଷୀମାନେ ନିଜ ଜମିକୁ ମଧ୍ୟ ଯାଇପାରୁନାହାନ୍ତି। ଗାଁରୁ ବିଚ୍ଛିନ୍ନ ହେବା ପରେ ଦୋକାନ ସଉଦା ଟିକିଏ ମଧ୍ୟ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଅମରେଶ ନାଥଙ୍କ କହିବା କଥା ଗତବର୍ଷ ଏହି ଅସୁବିଧା ହେବାରୁ ଏ ସମ୍ପର୍କରେ ମାଇନର ଇରିଗେସନ ବିଭାଗ ଓ ଛେଣ୍ଡିପଦା ବିଡିଓଙ୍କୁ ଅବଗତ କରାଯାଇଥିଲା। ଚେକ ଡ୍ୟାମର କାନ୍ଥକୁ କାଟି ଛୋଟ କରିବା ସହ କେନାଲ ନିର୍ମାଣ ପାଇଁ ଲିଖିତ ଅନୁରୋଧ କରାଯାଇଛି। ହେଲେ ବର୍ତ୍ତମାନ ସୁଦ୍ଧା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ଏହି ଅସୁବିଧା ଚଳିତ ବର୍ଷ ମଧ୍ୟ ଦେଖାଦେଇଛି ବୋଲି ସରପଞ୍ଚ ନାଥ କହିଛନ୍ତି।

## ଗଡ଼ସନ୍ତ୍ରୀ ହାଇସ୍କୁଲରେ ସର୍ପ ସମ୍ପର୍କିତ ସଚେତନତା



ବଅଁରପାଳ,୨୩।୮ (ସମିସ): ବଅଁରପାଳ ବ୍ଲକ ଗଡ଼ସନ୍ତ୍ରୀ ଗ୍ରାମସ୍ଥିତ ନେହରୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ସର୍ପ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଶିକ୍ଷାନୁଷ୍ଠାନର ପ୍ରଧାନଶିକ୍ଷୟିତ୍ରୀ କଲ୍ୟାଣୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। କଞ୍ଜର୍ଭେସନ ଅଫ ନାଚୁରାଲ ଏନଭାରନମେଣ୍ଟ ଆଣ୍ଡ ୱାଇଲ୍ଡ ଲାଇଫ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂସ୍ଥାର କର୍ମକର୍ତ୍ତାମାନେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ବିଶେଷ କରି ବର୍ଷାଋତୁରେ ସର୍ପ ଭୟ ରହୁଥିବାରୁ ଘର ଭିତର ଓ ବାହାର ପରିଷ୍କାର ପରିଚ୍ଛନ୍ନ ରଖିବା, ସାପ କାମୁଡ଼ିଲେ କିପରି ପ୍ରାଥମିକ ଚିକିତ୍ସା କରିବା, ଗୁଣିଗାରେଡ଼ିରେ ବିଶ୍ୱାସ ନ ରଖି ରୋଗୀଙ୍କୁ ତୁରନ୍ତ ଡାକ୍ତରଖାନା ନେବା ଆଦି ସମ୍ପର୍କରେ ସଚେତନ କରିଥିଲେ। ସରୀସୃପମାନେ ଜୀବଜଗତ ତଥା ପରିବେଶ ସନ୍ତୁଳନ ପାଇଁ କିଭଳି ଜରୁରୀ ସେ ବିଷୟରେ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ସଂସ୍ଥାର ଶ୍ରୀତମ ଅମାନ୍ତ, ତାପସ ରଞ୍ଜନ ସାମଲ, ଶିବା ବେହେରା, ସନ୍ତୋଷ ମହାରଣା ପ୍ରମୁଖ ଯୋଗଦେଇଥିଲେ।

# ଲଗାଣ ବର୍ଷାରେ କାଦୁଅ ପଚପଚ ରାସ୍ତା

**ତାଳଚେର,୨୩।୮ (ସମିସ):** କିଛିଦିନ ହେଲା ଲଗାଣ ବର୍ଷା ଜାରି ରହିଥିବାରୁ ତାଳଚେରର ବିଭିନ୍ନ ରାସ୍ତା ଅବସ୍ଥା ବେହାଲ ହୋଇପଡ଼ିଛି। ରାସ୍ତା କାଦୁଅ ପଚପଚ ହେବା ସହ ବିଭିନ୍ନ ସ୍ଥାନରେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହିଛି। ବାଇପାସ୍ ରାସ୍ତାର ଦୁଇପାଶ୍ୱର୍ରେ ମୋଟା କୋଇଲା କାଦୁଅ ଭର୍ତ୍ତି ହୋଇଛି। ସେହିପରି ବାଙ୍କଧରା ଛକରୁ ଚାଇଁପାଳ ପର୍ଯ୍ୟନ୍ତ ଏବଂ ସହରର ଗଳିକନ୍ଦି ରାସ୍ତାଗୁଡ଼ିକର ମଧ୍ୟ ସମାନ ଦଶା। ଦୁଇଚକିଆ ଯାନ ଚଳାଇବା କଷ୍ଟକର ହୋଇପଡ଼ିଛି। ତାଳଚେରରେ ବର୍ଷବର୍ଷ ଧରି ପ୍ରଦୂଷଣ ସହ ରାସ୍ତାଘାଟ ସମସ୍ୟା ଲାଗି ରହିଥିଲେ ସୁଦ୍ଧା ତାହାର ନିରାକରଣ ଅଦ୍ୟାବଧି ହୋଇ ନ ପାରିବା ଉଦବେଗର ବିଷୟ ପାଲଟିଛି। ଜାତୀୟ ରାଜପଥରେ ଯାତାୟତ କରିବା ଅର୍ଥ ଯମ ସହ ସାକ୍ଷାତ ସଦୃଶ ହୋଇଛି। ତାଳଚେର ସହରାଞ୍ଚଳ ସମେତ ରାସ୍ତା ପାଶ୍ୱର୍ରେ ରହିଥିବା ଗ୍ରାମଗୁଡ଼ିକର ଲୋକେ ଦୀର୍ଘବର୍ଷ ହେବ ରାସ୍ତାରୁ ଉଡୁଥିବା ପ୍ରଚୁର କୋଇଲା ଗୁଣ୍ଡ ମିଶ୍ରିତ ଧୂଳିଧୂଆଁରେ ଅଣନିଃଶ୍ୱାସୀ ହୋଇପଡ଼ିଛନ୍ତି। ଲୋକେ ଦୈନନ୍ଦିନ ଦୁର୍ଘଟଣାର ଶିକାର ହେଉଥିବା ଘଟଣା ଅଞ୍ଚଳବାସୀଙ୍କୁ ବ୍ୟଥିତ କରିପକାଉଛି। ଗୋଟିଏପଟେ ଧୂଳିଧୂଆଁ ପ୍ରଦୂଷଣ ଦୁର୍ବିସହ ହୋଇପଡ଼ିଥିବା ବେଳେ ବର୍ଷା ହେଲେ ରାସ୍ତା ହ୍ରଦ ପାଲଟୁଛି। ଦୈନିକ ଶହଶହ ଟ୍ରକ ଯାତାୟାତ ଯୋଗୁଁ ତାଳଚେର ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡୁଛି। ୧୩ କିମି ରାସ୍ତା ଅତିକ୍ରମ କରିବାକୁ ବେଳେ ବେଳେ ୪ରୁ ୫ ଘଣ୍ଟା ଲାଗି ଯାଉଛି। ଜରୁରୀକାଳୀନ ଗାଡ଼ି ଯଥା; ଆମ୍ବୁଲାନ୍ସ, ଅଗ୍ନିଶମ ଗାଡ଼ିଗୁଡ଼ିକ ମଧ୍ୟ ଦୀର୍ଘ ସମୟ ଫସି ରହୁଛି। ତାଳଚେର ଉପଖଣ୍ଡରେ ବିଭିନ୍ନ କୋଇଲାଖଣି, ଏନଟିପିସି, ଡେରେଙ୍ଗ ଜିନ୍ଦଲ ଆଦି ଶିଳ୍ପାନୁଷ୍ଠାନ ରହିଛି। କିନ୍ତୁ କେହି ହେଲେ ସମସ୍ୟା ପ୍ରତି ଧ୍ୟାନ ଦେଉନାହାନ୍ତି। ଏପରିକି ରାସ୍ତା ପାଶ୍ୱର୍ ତାଳବେଡ଼ା ଗ୍ରାମଠାରୁ ଆରମ୍ଭ କରି ଚାଳକିଆକୁଟା, ତାଳଚେର କଲେଜ, ବାଇପାସ୍ ଛକ, ବହ୍ଲର, ଥର୍ମାଲ, ଆନନ୍ଦବଜାର, ଚାଇଁପାଳ ପର୍ଯ୍ୟନ୍ତ ସବୁଠି କାଦୁଅ ଯୋଗୁଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିକାର ନିମନ୍ତେ ଅଞ୍ଚଳବାସୀ ଗୁହାରି କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ତାଳଚେର ଅଞ୍ଚଳରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିପୁଳ ରାଜସ୍ୱ ନେଉଥିଲେ ମଧ୍ୟ ବର୍ଷବର୍ଷ ଧରି ସମସ୍ୟା ପ୍ରତି ଦୃଷ୍ଟି ଦିଆଯାଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ଜିଲ୍ଲା ଖଣିଜ ପାଣ୍ଠିରେ କୋଟିକୋଟି ଟଙ୍କା ପଡ଼ି ରହିଥିଲେ ମଧ୍ୟ ତାହାକୁ କାହିଁକି ସମସ୍ୟା ସମାଧାନ ଦିଗରେ ବିନିଯୋଗ କରାଯାଉ ନାହିଁ ଏବଂ ନିର୍ବାଚିତ ପ୍ରତିନିଧି ଏ ନେଇ କାହିଁକି ଚୁପ୍ ବସିଛନ୍ତି, ତାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



● ଅଗଷ୍ଟ ୧୫ରେ ଛାତ୍ରଛାତ୍ରୀଙ୍କୁ ଦିଆଗଲାନି ମଧ୍ୟାହ୍ନ ଭୋଜନ

## ୩ ପ୍ରଧାନଶିକ୍ଷକଙ୍କୁ କାରଣଦର୍ଶାଅ ନୋଟିସ

**କିଶୋରନଗର,୨୩।୮ (ସମିସ):** ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ ଦିନ ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବୁଢ଼ିଆବାହାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଣିଆଦୋହଲ୍ଲୀ ପ୍ରାଥମିକ ବିଦ୍ୟାଳୟ ଓ ତେନ୍ତୁଲାପାଣି ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଇ ନ ଥିଲା। ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ ସମ୍ପୃକ୍ତ ୩ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏଥିସହ ସମ୍ପୃକ୍ତ ପ୍ରଧାନଶିକ୍ଷକମାନଙ୍କ ଅଗଷ୍ଟ ମାସର ଦରମା ବନ୍ଦ କରିଛନ୍ତି। ସୂଚନାଯୋଗ୍ୟ, ବୁଢ଼ିଆବାହାଳ ବିଦ୍ୟାଳୟରେ ୫୯, ବଣିଆଦୋହଲ୍ଲୀ ବିଦ୍ୟାଳୟରେ ୩୦ ଓ ତେନ୍ତୁଲାପାଣି ବିଦ୍ୟାଳୟରେ ୧୫ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଅଗଷ୍ଟ ୧୫ ତାରିଖ ଏହି ବିଦ୍ୟାଳୟଗୁଡ଼ିକରେ ସ୍ୱାଧୀନତା ଦିବସ ପାଳନ ହୋଇଥିବା ବେଳେ ଏହି ବାହାନାରେ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନଭୋଜନ ପ୍ରଦାନ କରାଯାଇ ନ ଥିବା ଅଭିଯୋଗ ହୋଇଥିଲା।

## ବୈତରଣୀ ନଦୀର ଜଳସ୍ତର ବୃଦ୍ଧି

# ଆଖୁଆପଦାରେ ବିପଦ ସଂକେତ ଉପରେ ପ୍ରବାହିତ



**ଯାଜପୁର/କୟାଁଗୋଲା, ୨୩।୮ (ସମିସ):** ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ବୈତରଣୀ ନଦୀରେ ପୁନର୍ବାର ବନ୍ୟା ଜଳ ବିପଦ ସଂକେତ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଛି। ଆନନ୍ଦପୁର ଠାରେ ବୈତରଣୀ ନଦୀର ଜଳସ୍ତର ସାମାନ୍ୟ ହ୍ରାସ ପାଉଥିବା ବେଳେ ଆଖୁଆପଦା ଠାରେ ବନ୍ୟା ଜଳ ବୃଦ୍ଧି ପାଇବାରେ ଲାଗିଛି। ଯାହାଫଳରେ ଦଶରଥପୁର ବ୍ଲକ ଅଞ୍ଚଳ ପ୍ରତି ବିପଦ ଦେଖାଦେଇଛି। ବୈତରଣୀ ନଦୀ ଓ ତାର ଶାଖା ନଦୀ ବୁଢ଼ାରେ ମଧ୍ୟ ବନ୍ୟା ଜଳ ପ୍ରବାହିତ ହେଉଛି। ଗତ ବୈତରଣୀ ନଦୀ ବନ୍ୟାରେ ଯାଜପୁର ବ୍ଲକର ୬ଟି ପଞ୍ଚାୟତ ବନ୍ୟା ଦ୍ୱାରା ପ୍ରବାହିତ ହୋଇଥିଲା। ଏପରିକି ବହୁ ଚାଷ ଜମି ଓ ପରିବା ଚାଷ ପ୍ରଭାବିତ ହେବା ସହ ସିମିଳିଆ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଥିଲା। ଏବେ ପୁନର୍ବାର ବୈତରଣୀ ନଦୀରେ ବନ୍ୟାଜଳ ବିପଦ ସଂକେତ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଥିବାରୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଲୋକେ ଆତଙ୍କିତ ନ ହେବା ପାଇଁ ଜଳ ସମ୍ପଦ ବିଭାଗ ସୂଚନା ଦେଇଛି। ଦଶରଥପୁର ନିକଟରେ ବନ୍ୟା ଜଳ ୯.୪୦ମିଟର ଉଚ୍ଚତାରେ ପ୍ରବାହିତ ହେଉଛି। ଦଶରଥପୁର ନିକଟରେ ବିପଦ ସଂକେତ ୯.୫୪ ମିଟର ଅଟେ। ପୂର୍ବ ବନ୍ୟାରେ ବୈତରଣୀ ନଦୀର ନୂଆପାଟଣା ଓ ଗୁଣ୍ଠୁଣିପଡ଼ା ନିକଟରେ ନଦୀବନ୍ଧରେ ଅତଡ଼ା ଖସିବା ଯୋଗୁଁ ଅସ୍ଥାୟୀ ମରାମତି କାର୍ଯ୍ୟ ହୋଇଥିଲା। ସେହିପରି କାଣୀ ନଦୀର ପଞ୍ଚପଡ଼ା ଠାରେ ମଧ୍ୟ ଗୋଟିଏ ଘାଇ ସୃଷ୍ଟି ହୋଇଥିଲା। ଆଜି ଆସୁଥିବା ବନ୍ୟା ଜଳ ଯୋଗୁଁ ଏହି ସ୍ଥାନ ଗୁଡିକୁ ଅଧିକ ବିପଦ ଆଶଙ୍କା ରହିଛି। ଜଳସେଚନ ବିଭାଗ ର ନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ତ୍ରିପାଠୀ ନଦୀ ବନ୍ଧର ବିପଦପୂର୍ଣ୍ଣ ସ୍ଥାନ ଗୁଡିକୁ ପରିଦର୍ଶନ କରି ସମସ୍ତ ପ୍ରକାର ବିପଦର ମୁକାବିଲା ପାଇଁ ବିଭାଗ ପ୍ରସ୍ତୁତ ରହିଛି ବୋଲି କହିଛନ୍ତି।

# ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ



**କୟାଁଗୋଲା, ୨୩।୮ (ସମିସ):** ଦଶରଥପୁର ବ୍ଲକ ମଙ୍ଗଳପୁର ସ୍ନାତକ ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍‌ର ବିଭିନ୍ନ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୦୨୫-୨୬ ଶିକ୍ଷା ବର୍ଷରେ ଛାତ୍ରୀମାନଙ୍କୁ ନେଇ ବିଭିନ୍ନ ତାଲିମ ସହିତ ଶିବିର ମାନ ଅନୁଷ୍ଠିତ ହେବ। ତେଣୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ମିନାକ୍ଷୀ ମିଶ୍ରଙ୍କ ଆହ୍ୱାନ କ୍ରମେ ଏନ୍‌ଏସ୍‌ଏସ୍‌ର କାର୍ଯ୍ୟନିର୍ବାହୀ ଅଧିକାରିଣୀ ଅଧ୍ୟାପିକା ପ୍ରମିଳା ବାଇ ଏକ ସ୍ୱତନ୍ତ୍ର କମିଟି ଗଠନ କରିବା ସହ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟକ୍ରମ ଗୁଡିକ ବିଷୟର ଆଲୋଚନା କରାଯାଇଥିଲା। ଗଠିତ ଏହି କମିଟିରେ ଅଧ୍ୟାପିକା ସୁଷମା ସାହୁ, ତପସ୍ୱିନୀ ଭଞ୍ଜ, ଶୁଭଶ୍ରୀ ଘଡ଼ାଇ, କମିଟିର ସଦସ୍ୟ ଡ. ଅମ୍ରିତା ପ୍ରୀତମ ମଲ୍ଲ, ସମାଜସେବୀ ଜଗଦୀଶ ସଙ୍କର ସାହୁ, ସାମ୍ବାଦିକ ସୀତାଂଶୁ ଶେଖର ଜେନା ପ୍ରମୁଖ ରହିଛନ୍ତିଛୁ ତେବେ ମିଳିତ ସହଯୋଗରେ ଆଗାମୀ ଦିନରେ ମୁଖ୍ୟତଃ ମାଗଣା ସ୍ୱାସ୍ଥ୍ୟସେବା ଶିବିର, ପ୍ରାଥମିକ ଚିକିତ୍ସା ତାଲିମ, ରକ୍ତଦାନ, ନାରୀ ସୁରକ୍ଷା, ଜରାୟୁ ମୁଖ କର୍କଟ, ସାଇବର ସିକୁରିଟି, ମନସ୍ତତ୍ୱ ଭିତିକ ଆଲୋଚନା, ନାରୀରୋଗ ଭଳି ଅନେକ ସଚେତନ ଆଦି କାର୍ଯ୍ୟକ୍ରମ ଆୟୋଜିତ ହେବ।

# ହୋଟେଲ ମ୍ୟାନେଜମେଣ୍ଟ ସ୍କୁଲର ସ୍ୱାଗତ ଉତ୍ସବ



**ଯାଜପୁର, ୨୩।୮ (ସମିସ):** ଯାଜପୁର ସହରସ୍ଥିତ ଇନ୍ଦିରା ଗାନ୍ଧୀ ସ୍କୁଲ ଅଫ ହୋଟେଲ ମ୍ୟାନେଜମେଣ୍ଟ ପକ୍ଷରୁ ନୂତନ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ଭବନ ଠାରେ ଆୟୋଜିତ ଉତ୍ସବରେ ଓବ୍‌ରାୟ ହୋଟେଲର ମାନବ ସମ୍ବଳ ମୁଖ୍ୟ ଯଶୋବନ୍ତ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନୂତନ ଛାତ୍ରଛାତ୍ରୀଙ୍କୁ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ। ମୁଖ୍ୟବକ୍ତା ଭାବେ ଇପିକଲର ବରିଷ୍ଠ ପରିଚାଳକ ଦୀପକ ସିଂ ଯୋଗ ଦେଇ ଏହି ହୋଟେଲ ଶିଳ୍ପର କଳେବର ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏହାର ବ୍ୟାପକ ସୁଯୋଗ ରହିଛି ବୋଲି ମତପ୍ରକାଶ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଇନଫୋସିସର ଫାସିଲିଟି ମ୍ୟାନେଜର ବିଭୁ ପ୍ରସାଦ ଦାସ ଯୋଗ ଦେଇ ହୋଟେଲ ମ୍ୟାନେଜମେଣ୍ଟର ଛାତ୍ର ଛାତ୍ରୀଙ୍କ ପାଇ ପୂରାବିଶ୍ୱରେ ନିଯୁକ୍ତି ସୁଯୋଗ ରହିଥିବା ସହ ସମସ୍ତେ ଜଣେ ଜଣେ ସଫଳ ଉଦ୍ୟୋଗୀ ହୋଇପାରିବେ ବୋଲି ମତ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସମାଜସେବୀ ସୁବାସ ପାଣି, ଅନୁଷ୍ଠାନର ଡାଇରେକ୍ଟର ସୂର୍ଯ୍ୟକାନ୍ତ ସେଠୀ ଓ ଚେୟାରମ୍ୟାନ ଜ୍ୟୋସ୍ନା ଜେନା, ପ୍ରଫେସର ସୁନିଲ ରାଉତ ଯୋଗ ଦେଇ ବିଗତ ଦିନ ମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିବା ସହିତ ପୁରାତନ ଛାତ୍ରଛାତ୍ରୀଙ୍କ ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କଲେଜର ପ୍ରିନ୍ସିପାଲ ସୌମ୍ୟରଞ୍ଜନ ପତିଙ୍କ ସଂଯୋଜନାରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ଅଭିଭାବକ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ।

# ଘର କାନ୍ଥ ଭୁଶୁଡ଼ି ଜଣେ ଆହତ



**ସୁକିନ୍ଦା, ୨୩।୮ (ସମିସ):** ଲଘୁଚାପଜନିତ ଲଗାଣ ବର୍ଷାରେ ସୁକିନ୍ଦା ଥାନା ଅନ୍ତର୍ଗତ ଦାମୋଦରପୁର୍ ଗ୍ରାମର ନଣ୍ଡା ଖୁଣ୍ଟିଆଙ୍କ ପୁଅ ସୁଦାମ ଖୁଣ୍ଟିଆ ଓ ଉତ୍ତମ ଖୁଣ୍ଟିଆଙ୍କ ରହିବା ଘର ଭାଙ୍ଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଶନିବାର ସକାଳୁ ଉଭୟ ପରିବାର ଘରେ ଶୋଇଥିବା ସମୟରେ କାନ୍ଥ ଧସି ପଡ଼ିଥିଲା। ସୌଭାଗ୍ୟ ବଶତଃ କୌଣସି ପରିବାର ଲୋକଙ୍କ କ୍ଷତି ଘଟିନାହିଁ। ଉଭୟ ପରିବାର ଏବେ ବାସହରା ହୋଇପଡ଼ିଛନ୍ତି। ଉଭୟ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାସହ ସରକାରୀ ଆବାସ ଯୋଗାଇ ଦେବାକୁ ଦାବି ହେଉଛି। ସୂଚନା ପାଇ ସୁକିନ୍ଦା ଅତିରିକ୍ତ ତହସିଲଦାର ନିର୍ମଳ କୁମାର ଦାସ ଓ ଆର ଆଇ ବାସହରା ପରିବାର ନିକଟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

## ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟରେ ଅବହେଳା ଅଭିଯୋଗ

# ତୁରନ୍ତ କାର୍ଯ୍ୟ କରିବାକୁ ଓଏମ୍‌ସିକୁ ଚେତାବନୀ

**ବ୍ୟାସନଗର, ୨୩।୮ (ସମିସ):** ବ୍ୟାସନଗର ସହରରେ ଦୀର୍ଘ ବର୍ଷ ହେବ କାରଖାନା କରିଛି ଇପିକଲ। କାରଖାନାରେ ନିଯୁକ୍ତି ତ ଏବେ ସାତସପନ ହୋଇଥିବା ବେଳେ କାରଖାନା ଯୋଗୁଁ ସହର ବାସୀଙ୍କ ଦୁର୍ଦ୍ଦଶା ନ କହିବା ଭଲ। ବର୍ତ୍ତମାନ ପରିସ୍ଥିତି ଏପରି ହୋଇଛି ଯେ କାରଖାନା ଚଳାଇବା ନିମନ୍ତେ ରହିଥିବା ପ୍ରାଥମିକ ନିୟମ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟରେ ମଧ୍ୟ ଇପିକଲ ଏବଂ ବର୍ତ୍ତମାନ ସତ୍ତ୍ୱାଧିକାର ଓଏମସି ଜମା ବି ଧ୍ୟାନ ଦେଉନି। ଫଳରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦିନକୁ ଦିନ ପୁଞ୍ଜିଭୂତ ହୋଇ ଜନ ଅକ୍ରୋଶ ଆଡ଼କୁ ଗତି କଲାଣି। ଏପରି ସ୍ଥିତିରେ ଶନିବାର ବ୍ୟାସନଗର ମ୍ୟୁନିସିପାଲିଟିର ପାରିଷଦମାନେ ଏକତ୍ରିତ ହୋଇ ଓଏମସି କାର୍ଯ୍ୟାଳୟରେ ପହଞ୍ଚି ଏନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ପ୍ରାଥମିକ ଭାବେ ସେଠାରେ କାର୍ଯ୍ୟରତ ଜନୈକ ଅଧିକାରୀ ଅଭିଯୋଗପତ୍ର ଗ୍ରହଣ କରିଥିଲେ ମଧ୍ୟ ପରେ ଏହାକୁ ଫେରାଇ ଦେଇଥିଲେ। ତେବେ ପାରିଷଦମାନେ ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଏନେଇ ପ୍ରତିକ୍ରିୟାଶୀଳ ହେବାରୁ ଅନ୍ୟ ଅଧିକାରୀମାନେ ପହଞ୍ଚି ଭୁଲ ମାଗିବା ସହିତ ମାମଲାକୁ ଦଫା ଦଫା କରିଥିଲେ। ଶନିବାର ପାରିଷଦ ମାନେ ଧବଳଗିରିଠାରୁ ପ୍ଲାଣ୍ଟ ପଛ ପଟ ଗେଟ୍, ଜାଭିୟର ସ୍କୁଲ ରାସ୍ତା ଏବଂ ପନାସିଆ ମୁଖ୍ୟ ରାସ୍ତା ଦୀର୍ଘ ବର୍ଷ ହେବ ଖଣ୍ଡିଆ ଖାବରା ହୋଇ ପଡ଼ିଥିବାରୁ ଏହାକୁ କାରଖାନା କର୍ତ୍ତୃପକ୍ଷ ତୁରନ୍ତ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରେ ମରାମତି କରିବାକୁ ଦାବି କରିଥିଲେ। ତେବେ ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆନ୍ଦୋଳନ ଧମକ ଦେବା ସହିତ ଆଗାମୀ ଦିନରେ କାରଖାନାରେ ସ୍ଥାନୀୟ ନିଯୁକ୍ତିକୁ ନେଇ ଦାବି ପତ୍ର ଦିଆଯିବ ବୋଲି ପାରିଷଦମାନେ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ୧ ନଂ ପାରିଷଦ ବିଜୟ ଜେନା, ୨ ନଂ କୁନି ହାଁସଦା, ୩ ନଂ.ଙ୍କ ପ୍ରତିନିଧି ଅନୁପ କୁମାର ନାୟକ, ୪ ନଂ.ଙ୍କ ପ୍ରତିନିଧି ପ୍ରଶାନ୍ତ ଖୁଣ୍ଟିଆ, ୫ ନଂ. ପାରିଷଦ ମୋନାଲିସା ସାହୁ ଉପସ୍ଥିତ ରହି ତୁରନ୍ତ ଦାବି ପୂରଣ କରି ସହରବାସୀଙ୍କ ମୌଳିକ ଆବଶ୍ୟକତା ପୂରଣ କରିବାକୁ ଦାବି କରିଥିଲେ।

**ଦାବିପତ୍ର ଗ୍ରହଣ କଲେନି ଅଧିକାରୀ**



# ଇନୋଭେସନ ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଶୁଭାରମ୍ଭ



**ଧର୍ମଶାଳା, ୨୩।୮ (ସମିସ):** ଧର୍ମଶାଳା ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଇନୋଭେସନ ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଶୁଭାରମ୍ଭ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଇନ୍ଦୁପ୍ରଭା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଗୋକର୍ଣ୍ଣିକା ସାହିତ୍ୟ ସମାଜର ସଭାପତି ଡ. ରମାକାନ୍ତ ଜେନା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ଓ କବି ଡ. ତୁହିନାଂସୁ ରଥ ଯୋଗଦେଇ ଲକ୍ଷ୍ୟ, ସଂକଳ୍ପ, ସାଧନା ଓ ସିଦ୍ଧି ସହିତ କାର୍ଯ୍ୟସ୍ଥଳୀର ସକାର୍ରାକ ଦୃଷ୍ଟି ଭଙ୍ଗୀ ବିଷୟରେ ନିଜ ନିଜର ଦୃଷ୍ଟିକୋଣକୁ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସାମଗ୍ରୀକ ଭାବେ ରାଷ୍ଟ୍ର ଗଠନରେ ସୁସ୍ଥ କର୍ମ ସମ୍ପାଦନା ନିର୍ଭରଶୀଳ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀମାନେ ଯୋଗ ଦେଇଥିବା ବେଳେ ଅଧ୍ୟାପକ ଡ.ସୁନାକର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରଯାଇଥିଲା। ସର୍ବଶେଷରେ ଅଧ୍ୟାପକ ସଚ୍ଚିଦାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଜେନାପୁର-ରାମଚନ୍ଦ୍ରପୁର ରାସ୍ତା

# ତାରିଣୀ ଛକ ଅବସ୍ଥା ଶୋଚନୀୟ

**କବାଟବନ୍ଧ, ୨୩।୮ (ସମିସ)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର- ରାମଚନ୍ଦ୍ରପୁର ତାରିଣୀ ଛକ ଭାୟା ବରମୁଣ୍ଡୁଳି କୃଷ୍ଣଚନ୍ଦ୍ରପୁର ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି। ଦୀର୍ଘ ପ୍ରାୟ ୧୦ କିଲୋମିଟର ପର୍ଯ୍ୟନ୍ତ ଲମ୍ବା ରାସ୍ତାର ଜେନାପୁର ଠାରୁ ଲେବୁଲ କ୍ରସିଂ ପର୍ଯ୍ୟନ୍ତ ଅତି ଶୋଚନୀୟ ଅବସ୍ଥା ଦେଖିବାକୁ ମିଳିଛି। ଯାହା ଫଳରେ ହଜାର ହଜାର ଜନ ସାଧାରଣ ନାହିଁ ନ ଥିବା ଅସୁବିଧା ଭୋଗ କରିବା ସହିତ ଅସୁରକ୍ଷିତ ଭାବେ ଯାତାୟତ କରୁଛନ୍ତି। ଏହି ରାସ୍ତାଟି ଦୀର୍ଘ ଦିନ ଧରି ମରାମତି ହୋଇନଥିବାରୁ ଏବେ ଶୋଚନୀୟ ହୋଇ ପଡ଼ିଛି। ବର୍ତ୍ତମାନ ବର୍ଷା ଋତୁ ହୋଇଥିବାରୁ ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇ ପାଣି ଜମି ରହିଛି। ଯାହା ଫଳରେ ଦୁର୍ଘଟଣା ବୃଦ୍ଧି ପାଉଛି। ଏହା ଛଡ଼ା ଏହି ରାସ୍ତା ଦେଇ ଭାରୀଯାନ ଚଳାଚଳ ରାସ୍ତା ଖରାପର ମୁଖ୍ୟ କାରଣ ସାଜିଛି।

ଜେନାପୁର ସ୍ଥାନୀୟ ଅଞ୍ଚଳର ଏକ ପ୍ରମୁଖ ସ୍ଥାନ ଅଟେ। ଦୈନିକ ହଜାର ହଜାର ଲୋକ ଏହି ରାସ୍ତା ଉପରେ ନିର୍ଭରଶୀଳ। ଜେନାପୁର ରେଳ ଷ୍ଟେସନ, ଜେନାପୁର ଥାନା, ପୋଷ୍ଟ ଅଫିସ, ଜେନାପୁର ମେଡ଼ିକାଲ, ଜେନାପୁର ହାଇସ୍କୁଲ ସମେତ ବିଭିନ୍ନ ବ୍ୟାଙ୍କ ଏବଂ ପ୍ରାୟ ପାଞ୍ଚ ଗୋଟି ଘରୋଇ ସ୍କୁଲ ରହିଛି। ତେବେ ଏମିତି ଏକ ପ୍ରମୁଖ ସ୍ଥାନକୁ ଯିବା ଆସିବାରେ ଅସୁବିଧା ହେଉଥିବା ଅଭିଯୋଗ ହେଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ସଚେତନ ହେଉ ନାହାଁନ୍ତି। ଜେନାପୁର ରେଳ ଷ୍ଟେସନ ଲେବୁଲ କ୍ରସିଂ ନିକଟରେ ଏହି ରାସ୍ତାରେ ଏକ ବିରାଟ ଗାଡ଼ ସୃଷ୍ଟି ହୋଇଛି। ଯାହାକି ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ଯାଉଥିବା ଅଟୋ ଏବଂ ଅନ୍ୟାନ୍ୟ ଯାନ ଗୁଡ଼ିକ ଅସୁରକ୍ଷିତ ଅବସ୍ଥାରେ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ଦେଇ ସ୍ଥାନୀୟ ସାହାଣୀଡ଼ିହ ପଞ୍ଚାୟତର ରାମଚନ୍ଦ୍ରପୁର, କୃଷ୍ଣଚନ୍ଦ୍ର ପୁର, ଭେଜିଗୋଠ, ଗୋଡ଼ି ପଟିଆ, ଦଣ୍ଡାଘାଟି, ପୁରୁଣା ବଉଳମାଳ ପଞ୍ଚାୟତର ବରମୁଣ୍ଡୁଳି, ସାତମାଣ, ଖଜୁରୀବାଟି, ଇଚ୍ଛାପୁର, ବୃନ୍ଦାଦେଇପୁର ପଞ୍ଚାୟତର ରଘୁନାଥପୁର, ତରାସ, ଡିହକଷ୍ଟି, ଅଞ୍ଜିରା ପଞ୍ଚାୟତର ବାଲିସାହି, ଶ୍ୟାମସୁନ୍ଦରପୁର, ମୁରାଲୀପୁର, ଅଞ୍ଜିରା, କୋଟସାହି, ଢଙ୍କୁଣିଆ, ଚକ୍ରଧରପୁର ପଞ୍ଚାୟତର ମୁକୁନ୍ଦପୁର, ମଧୁସୂଦନ ଆଦି ଅଞ୍ଚଳର ହଜାର ହଜାର ଜନସାଧାରଣ ଗମନାଗମନ ଅସୁବିଧାରେ ପ୍ରତ୍ୟେକ ଦିନ ସାମନା କରୁଛନ୍ତି। ଏହାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ମରାମତି ଅଭାବରୁ ଏହା ଯାତାୟାତ ଅନୁପଯୋଗୀ ହୋଇଥିଲେ ମଧ୍ୟ ଅନ୍ୟ କୌଣସି ବିକଳ୍ପ ରାସ୍ତା ନ ଥିବାରୁ ବାଧ୍ୟ ହୋଇ ଲୋକମାନେ ଏହି ରାସ୍ତାରେ ଯିବା ଆସିବା କରୁଛନ୍ତି। ଜେନାପୁର ଲେବୁଲ କ୍ରସିଂ ନିକଟରେ ରାସ୍ତାରେ ଖାଲ ହୋଇଥିବା ଗଭୀରତାକୁ ଜାଣି ନ ପାରି ଦୈନିକ ଛୋଟ ବଡ଼ ଅନେକ ଦୁର୍ଘଟଣା ଘଟୁଛି। ବିଶେଷ କରି ରାତି ସମୟରେ ଦୁର୍ଘଟଣା ଆଶଙ୍କା ଅଧିକ ରହିଛି। ସାଧାରଣ ଲୋକ ମାନେ ବିଭିନ୍ନ କାମକୁ ଦିନରେ ସାରି ଫେରି ଆସୁଥିବା ବେଳେ ଟ୍ରେନ ଯୋଗେ ବିଭିନ୍ନ ସ୍ଥାନରୁ ରାତିରେ ଫେରିବା ଲୋକ ମାନେ ବେଶୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସେହିପରି ଜେନାପୁର ଷ୍ଟେସନ ନିକଟରୁ ଜେନାପୁର ମେଡ଼ିକାଲ ଯିବା ରାସ୍ତା ଅବସ୍ଥା ନ କହିବା ଭଲ। ଯଦି ଏମିତି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଅବସ୍ଥା ଏମିତି ତେବେ ବିଭାଗୀୟ ଅଧିକାରୀ ମାନେ କି ପ୍ରକାର ତଦାରଖ କରୁଛନ୍ତି ତାହା ସ୍ପଷ୍ଟ ପ୍ରମାଣିତ ହେଉଛି। ଜାରକା-ଜେନାପୁର ନଦୀ ବନ୍ଧ ରାସ୍ତାର ଜେନାପୁର ଠାରୁ ସାହାଣୀଡ଼ିହ ଏବଂ କୃଷ୍ଣଚନ୍ଦ୍ରପୁର ଦେଇ ୫୩ ନାମ୍ବର ଜାତୀୟ ରାଜପଥକୁ ତାରିଣୀ ଛକ ନିକଟରେ ସଂଯୋଗ କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି। ବିଭାଗୀୟ ଅଧିକାରୀ ଯଥାଶୀଘ୍ର ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ରାସ୍ତାକୁ ମରାମତି କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିବା ସହିତ ଗମନାଗମନ ଉପଯୋଗୀ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



# ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ନାଁରେ ଜାତି ପ୍ରମାଣପତ୍ର ଠକେଇ ଅଭିଯୋଗ

ବରଗଡ,୨୩।୮ (ସମିସ)

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଜଣେ ସବର୍ଣ୍ଣ ସମ୍ପ୍ରଦାୟର ହୋଇଥିବା ବେଳେ ଚଞ୍ଚକତା କରି ପ୍ରଥମେ ପଦ୍ମପୁର ଓ ପରେ ବଲାଙ୍ଗିର, ଆଗଲପୁର ତହସିଲଦାରଙ୍କ ପାଖରୁ ଅନୁସୂଚିତ ଜାତି ଅନ୍ତର୍ଭୁକ୍ତ ବିଭିନ୍ନ ଉପଜାତିର ହୋଇଥିବା ଦର୍ଶାଇ ଜାତିଗତ ପ୍ରମାଣପତ୍ର ହାତେଇଥିବା ଅଭିଯୋଗ ହୋଇଛି। ନିଜକୁ ଦେୱାର (କେଉଟ) ବୋଲି ସୂଚାଇ ଜାତି ପ୍ରମାଣପତ୍ର ହାତେଇଥିବା ଅଭିଯୋଗ କରିଛନ୍ତି ଅଲ ଓଡ଼ିଶା କେଉଟ କୈବର୍ତ୍ତ ଧୀବର ହଟାଓ କ୍ରିୟାନୁଷ୍ଠାନ କମିଟି ରାଜ୍ୟ ଆବାହକ ଡିଙ୍ଗର କୁମ୍ଭାର।




ଅଭିଯୋଗ ମୁତାବକ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ରହିଥିବା ସଂରକ୍ଷଣ ତଥା ସରକାରୀ ସୁବିଧାର ଲାଭ ଉଠାଇବା ପାଇଁ ଶ୍ରୀ ମହାଲିଙ୍ଗ ଜାଣିଶୁଣି ୧୯୮୮ରେ ନିଜକୁ ଦେୱାର ଜାତିର ସୂଚାଇ ରାଷ୍ଟ୍ରପତିଙ୍କ ଅନୁମଦିତ ୧୯୫୦ର ଜାତି ତାଲିକା ଭୁକ୍ତ ମିଛ କାଗଜ ଦେଇ ପାଠ ପଢ଼ିବା ସହିତ ୧୯୮୯ରୁ ସରକାରୀ ଚାକିରି କରିଥିଲେ। ଏପରି କରି ସେ ସମ୍ବିଧାନର ନିୟମ ଭାଙ୍ଗିବା ସହ ଓଡ଼ିଶା ସରକାରଙ୍କ ଆଇନର ଅପବ୍ୟବହାର ଏବଂ ଆଇନତଃ ଧର୍ତ୍ତବ୍ୟ ଅପରାଧ କରିଛନ୍ତି। ଜାତି ପ୍ରମାଣପତ୍ରରେ ଚଞ୍ଚକତା କରି ସରକାରୀ ଚାକିରିଆ ହିସାବରେ ସମସ୍ତ ସରକାରୀ ସୁବିଧା ସୁଯୋଗ ହାସଲ କରିଛନ୍ତି। ଏହାକୁ ନେଇ ଅଲ ଓଡ଼ିଶା କେଉଟ କୈବର୍ତ୍ତ ଧୀବର ହଟାଓ କ୍ରିୟାନୁଷ୍ଠାନ କମିଟି ଆବାହକ ଶ୍ରୀ ଡିଙ୍ଗର କୁମ୍ଭାର ପଦ୍ମପୁର ଥାନାରେ ଗତ ଜୁନ ୨୦ରେ ଲିଖିତ ଅଭିଯୋଗ କରିଥିଲେ। ହେଲେ କ୍ୟାବିନେଟ ମନ୍ତ୍ରୀଙ୍କ ବିରୋଧରେ ପଦ୍ମପୁର ଥାନା ଅଭିଯୋଗ ରଖିବାରେ ଆଗ୍ରହ ପ୍ରକାଶ କରି ନଥିଲା।

**ପଦ୍ମପୁର ଓ ବଲାଙ୍ଗିର ଥାନାରେ ହେଲା ଅଭିଯୋଗ**

ଯାହାକୁ ନେଇ ଶ୍ରୀ କୁମ୍ଭାର ବରଗଡ଼ ଆରକ୍ଷୀ ଅଧୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସିଆର୍‌ଏଲ୍‌ଏମ୍‌ପି କେଶ ନମ୍ବର ୨୩୪/୨୦୨୫ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ପଦ୍ମପୁର ଏସ୍‌ଡିଯେଏମ୍ କୋର୍ଟ ପାଖରେ ଶ୍ରୀ କୁମ୍ଭାର କ୍ରିମିନାଲ କେଶ (୭/୨୦୨୫) କରିଥିଲେ। ଏହାର ଶୁଣାଣି କରି ପଦ୍ମପୁର ଥାନାଧିକାରୀଙ୍କୁ ନିର୍ଦ୍ଦେଶ ପାଇବାର ଏକ ମାସ ମଧ୍ୟରେ ଅନୁସନ୍ଧାନ ପୂର୍ବକ କେଶ ରେଜିଷ୍ଟର କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶକୁ ସମ୍ମାନ ଜଣାଇ ରାଜ୍ୟ ସରକାର ମୁକେଶ ମାହାଲିଙ୍ଗଙ୍କ ନାଁରେ ଫୌଜଦାରୀ ମାମଲା ରୁଜୁ କରିବା ପାଇଁ ପଦ୍ମପୁର ପୁଲିସକୁ ନିର୍ଦ୍ଦେଶ ଦେବା ସହିତ ରାଜ୍ୟ ମନ୍ତ୍ରୀ ମଣ୍ଡଳରୁ ବହିଷ୍କାର କରନ୍ତୁ ବୋଲି ଶ୍ରୀ କୁମ୍ଭାର ଅନୁରୋଧ କରିଛନ୍ତି। ଅନ୍ୟଥା ଆସନ୍ତା ସେପ୍ଟେମ୍ବର ମାସ ୫ ତାରିଖରୁ ହଜାର ହଜାର ସଂଖ୍ୟାରେ ଅନୁସୂଚିତ ଜାତି ବର୍ଗର ଲୋକଙ୍କୁ ନେଇ ବରଗଡ଼ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଘେରଉ କରିବାକୁ ସେ ଚେତାବନୀ ଦେଇଛନ୍ତି।

## ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ପକ୍ଷରୁ ଆଶୀର୍ବାଦଙ୍କୁ ସମ୍ବର୍ଦ୍ଧନା

ବରଗଡ଼,୨୩।୮ (ସମିସ): ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ପକ୍ଷରୁରୁ ଆଫ୍ରିକା ମହାଦେଶର ଉଚ୍ଚତମ ଶୃଙ୍ଗ କିଲିମାଞ୍ଜାର ପର୍ବତ ଆରୋହଣ କରି ଜନ୍ମ ମାଟିକୁ ଫେରିଥିବା ଆଶୀର୍ବାଦ ମହାପାତ୍ରଙ୍କ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ପର୍ବତାରୋହୀ ଆଶୀର୍ବାଦ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବଧିର ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ସାହୁ, ଦୃଷ୍ଟି ହୀନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭୟ ପଧାନ, ମାନସିକ ଅନଗ୍ରସ ବିଦ୍ୟାଳୟର ପ୍ରଧାନଶିକ୍ଷକ ନେପାଳ ଦୁଆନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମେଘନାଦ ସାହୁ ଏବଂ ଦିବାକର ମାଝୀ ଅତିଥି ଭାବେ ଯୋଗ ଦେଇ ଆଶୀର୍ବାଦଙ୍କୁ ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରିଥିଲେ। ବକ୍ତବ୍ୟରେ ସମସ୍ତେ ଅତିଥି ଗଣ ଶ୍ରୀ ମହାପାତ୍ରଙ୍କ ଭବିଷ୍ୟତ ପାଇଁ ଶୁଭ ମନାସି ଥିଲେ। ପର୍ବତାରୋହୀ ଶ୍ରୀ ମହାପାତ୍ର ଛାତ୍ରଛାତ୍ରୀଙ୍କୁ ତାଙ୍କ ଅନୁଭୂତି କହିଥିଲେ। ଶେଷରେ ପ୍ରଧାନଶିକ୍ଷକ କୃଷ୍ଣ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଝାଞ୍ଜି ପାହାଡ଼ରେ ଚାନ୍ଦିଲି ବାବା ପୂଜା

ମେଲଛାମୁଣ୍ଡା,୨୩।୮ (ସମିସ): ସହିଦ ମାଧୋସିଂଙ୍କ ଜନ୍ମମାଟି ଘେଁସକୁ ଲାଗିଥିବା ଝାଞ୍ଜି ପାହାଡ ସ୍ଥିତ ଚାନ୍ଦିଲି ଡୁଙ୍ଗୁରିରେ ଚାନ୍ଦିଲି ବାବା ଓ ପରିବେଶ ପୂଜା ସମ୍ପନ୍ନ ହୋଇଛି। ଘେଁସ ଜମିଦାର ମାଧୋ ସିଂଙ୍କ ଜମିଦାରି ଶାସନ ଅମଳ ପୂର୍ବରୁ ଝାଞ୍ଜି ପାହାଡରେ ଚାନ୍ଦିଲି ବାବା ପୂଜା ଚାଲିଆସୁଅଛି। ଅଞ୍ଚଳରେ ଭଲ ବୃଷ୍ଟିପାତ ଓ ଚାଷବାସ ଭଲରେ ହେବା ପାଇଁ ପ୍ରତିବର୍ଷ ଶ୍ରାବଣ ମାସ ଚତୁର୍ଦ୍ଦଶୀ ତିଥିରେ ଚାନ୍ଦଲି ବାବା ପୂଜା ଅନୁଷ୍ଠିତ ହୋଇଥାଏ। ଲୋକ କଥା ଅନୁସାରେ ପୂର୍ବ କାଳରେ ଝାଞ୍ଜି ପାହାଡରେ ଋଷିମୁନି ବସବାସ କରୁଥିଲେ। ଅଞ୍ଚଳର ଲୋକେ ସୁଖ ସମୃଦ୍ଧି ପାଇଁ ଶ୍ରାବଣ ମାସର ଚତୁର୍ଦ୍ଦଶୀ ତିଥିରେ ଯଜ୍ଞ କରି ଲୋକଙ୍କ ଶୁଭ ମନାସୁ ଥିଲେ। ସେହିଦିନ ଠାରୁ ଘେଁସ ଅଞ୍ଚଳର ଲୋକେ ଚାନ୍ଦିଲି ବାବା ପୂଜା ଧୁମଧାମରେ ପାଳନ କରିଆସୁଛନ୍ତି। ଏ ବର୍ଷ ଚାନ୍ଦିଲି ବାବା ପୂଜା ପଣ୍ଡିତ ତୁଳମଣୀ ସାବତଙ୍କ ପୂଜାର୍ଚ୍ଚନାରେ ପାଳିତ ହେଉଛି। ଘେଁସ ଜମିଦାର ରଞ୍ଜିତ ସିଂ ବରିହା ମୁଖ୍ୟ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ହେଲେ ପାହାଡକୁ ଯିବା ପାଇଁ ରାସ୍ତାଟିଏ ନାହିଁ କି ପୂଜା କରିବା ପାଇଁ ମନ୍ଦିରଟିଏ ନାହିଁ। ଫଳରେ ଭକ୍ତଙ୍କୁ ବହୁ କଷ୍ଟ ସ୍ୱୀକାର କରିବାକୁ ହେଉଛି। ଗଛ ମୂଳରେ ପୂଜା ପାଉଥିବା ଚାନ୍ଦିଲି ବାବାକୁ ଦର୍ଶନ କରି ମନ୍ଦିର ଖଣ୍ଡେ ନଥିବାରୁ ନିରାଶ ଫେରୁଛନ୍ତି। ସରକାର ଝାଞ୍ଜି ପାହାଡର ଚାନ୍ଦିଲି ଡୁଙ୍ଗୁରିରେ ଗୋଟିଏ ମନ୍ଦିର ଆଉ ରାସ୍ତା ନିର୍ମାଣ ପାଇଁ ଲୋକେ ଆଶା ବାନ୍ଧି ବସିଛନ୍ତି।



## ଛିନ୍ଦେଇକେଲା ହାଇସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା

ପାଇକମାଲ,୨୩।୮ (ସମିସ): ପାଇକମାଳ ବ୍ଲକ୍ ଛିନ୍ଦେଇକେଲା ହାଇସ୍କୁଲରେ ଭାରାପ୍ରାପ୍ତ ପ୍ରଧାନଶିକ୍ଷକ କାହ୍ନୁଚରଣ ମେହେରଙ୍କ ସଭାପତିତ୍ୱରେ ବିଦାୟୀ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ସାହୁଙ୍କୁ ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଛି। ମାଲପଡା ସିଆରସିସି ସନ୍ତୋଷ ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଫକୀର ମୋହନ ବାରିକ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରିଚାଳନା ପରିଷଦ ସଭାପତି ସନ୍ତୋଷ ସାହୁ, ବିଦ୍ୟାଧର ସାହୁ, ରତିକାନ୍ତ ସାହୁ, ସୁରେଶ ସାହୁ, ନନ୍ଦିକିଶୋର ନନ୍ଦ, ମାଳତୀ କୁଅଁର, ମହେନ୍ଦ୍ର ଭୋଇ, କମିଟି ଚେୟାରମ୍ୟାନ ସନ୍ତୋଷ ପାଢ଼ୀ, ସୁଶାନ୍ତ ସାହୁ, ରାମକିଶନ ହଂସ ଉପସ୍ଥିତ ଥିଲେ। ସୁରେନ୍ଦ୍ର ସାହୁ, ଜ୍ୟୋତିରଞ୍ଜନ ପ୍ରଧାନ, ହେମସାଗର ସାହୁ, ଗୌର ଚରଣ ସାହୁଙ୍କ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ। ଶିକ୍ଷକ ଅଶ୍ୱିନୀ ସାହୁ ଧନ୍ୟବାଦ ଦେଇଥିଲେ। ସେହିପରି ପାଇକମାଲ ବ୍ଲକ୍ ନୃସିଂହନାଥ ଏସଏସଡି ହାଇସ୍କୁଲ ସଭାଗୃହରେ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷକ ସୁରେନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ସମାଜସେବୀ ବଡ ଶତପଥୀ, ସମ୍ମାନିତ ଅତିଥି, କେଦାରନାଥ ଦାଶ, ବିଜୟ ଶଙ୍କର ଦେହୁରୀ, ଯୋଗଦେଇ ବିଦାୟ ନେଉଥିବା ପ୍ରଧାନଶିକ୍ଷୟିତ୍ରୀ ମୋହିନୀ ଦଳପତି ଓ ସହକାରୀ ଶିକ୍ଷକ ସୁବାସ ପ୍ରଧାନଙ୍କ ସ୍ମୃତିଚାରଣ କରିଥିଲେ। ବିଦାୟୀ ପ୍ରଧାନଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷକଙ୍କୁ ଉପଢୌକନ ଓ ଫୁଲତୋଡା ଦେଇ ଛାତ୍ରୀ ମାନେ ସମ୍ବର୍ଦ୍ଧିତ କରିଥିଲେ। ଉଦ୍ଧବ ଭୁଏ ସଭା ପରିଚାଳନା କରିଥିଲେ। ଶେଷରେ ଅଶ୍ୱିନୀ ସାହୁ ଧନ୍ୟବାଦ ଦେଇଥିଲେ।



## ଭାରତ ବିକାଶ ପରିଷଦର ବାଳ ବିକାଶ କାର୍ଯ୍ୟକ୍ରମ

ଦହିତା,୨୩।୮ (ସମିସ): ବାଙ୍ଗେନମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଭାରତ ବିକାଶ ପରିଷଦ ପକ୍ଷରୁ ବାଳ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଶାନ୍ତନୁ ପାଣିଗ୍ରାହୀ, ଜୟଦେବ ବେହେରା, ସହଦେବ ମେହେର ଓ ସଦାନନ୍ଦ ପୁରୋହିତ ଛାତ୍ରଛାତ୍ରୀଙ୍କୁ ଗପ ମାଧ୍ୟମରେ ସହୀଦ ମାଧୋ ସିଂହ, ଭଗତ ସିଂହଙ୍କ ଦେଶପ୍ରୀତି ଓ ଚରିତ୍ର ନିର୍ମାଣ ବିଷୟରେ ବୁଝାଇଥିଲେ। ଦିବ୍ୟ କିଶୋର ପଣ୍ଡା ପ୍ରଶ୍ନୋତ୍ତରୀ କାର୍ଯ୍ୟ ପରିଚାଳନା କରିଥିଲେ। ପରିଷଦର ସମ୍ପାଦକ ଡ.ମନୋଜ ପ୍ରଧାନ ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ ପଣ୍ଡା ଓ ସମସ୍ତ ଗୁରୁଜୀ ଗୁରୁମାଙ୍କ ସହଯୋଗ କରିଥିଲେ। ସେହିପରି ଭାରତ ବିକାଶ ପରିଷଦ, ମହିଳା ବିଭାଗ ଦ୍ୱାରା ସ୍ଥାନୀୟ କନ୍ୟାଶ୍ରମରେ, ମହିୟସୀ ପୁଣ୍ୟ ଶ୍ଳୋକା ଅହଲ୍ୟାବାଈ ହୋଲକାରଙ୍କ ୩୦୦ତମ ଜନ୍ମ ବାର୍ଷିକୀ ପାଳିତ ହୋଇଥିଲା। ଅବସରପ୍ରାପ୍ତ ଅଧ୍ୟାପିକା ସସ୍ମିତା ସାହୁ ଓ ଉମା ପ୍ରଧାନ ଅହଲ୍ୟାବାଈଙ୍କ ଜୀବନ ଉପରେ ଆଲୋଚନା କରିଥିଲେ। ଅହଲ୍ୟାବାଈଙ୍କ ଉପରେ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମକୁ ସଦାନନ୍ଦ ପୁରୋହିତ, ଜୟଦେବ ବେହେରା ଓ ଟିକନୁ ସାହୁ ପରିଚାଳନା କରିଥିଲେ। ସ୍କୁଲର ପ୍ରଧାନଶିକ୍ଷକ ପର୍ଶୁରାମ ଧରୁଆ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ପରିଷଦର ସଭାପତି ଗୋବିନ୍ଦ ପ୍ରସାଦ ଅଗ୍ରୱାଲ ଓ ସମ୍ପାଦକ ଡ.ମନୋଜ ପ୍ରଧାନ ମଞ୍ଚାସୀନ ଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ସୁଶୀଳା ଯୋଶୀ ସଂଯୋଜନା କରିଥିଲେ। ମହିଳା ସହଭାଗିତାର ସଭ୍ୟା ଅଞ୍ଜଳି ଦାଶ, ମିନତୀ ଦାଶ, ମିନତୀ ପୁରୋହିତ, ନମିତା ପ୍ରଧାନ, ଗୀତା ସ୍ୱାଇଁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ତିନିଶହ ଛାତ୍ରୀ ଯୋଗ ଦେଇଥିଲେ।

## ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ କୃଷି ଭିତ୍ତିକ ପର୍ବ ପୁରାଉଆଁସ ପାଳିତ

ବରଗଡ଼,୨୩।୮ (ସମିସ): ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ କୃଷି ଭିତ୍ତିକ ପର୍ବ ପୁରାଉଆଁସ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଛି। ଓଡ଼ିଶାର ଭାତହାଣ୍ଡି ବରଗଡ଼ କୃଷକର ବଳ ଓ ବନ୍ଧୁ ହଳ ବଳଦ। ଭାଦ୍ରବ ଅମାବାସ୍ୟା ତିଥିରେ ହଳକୁ ସମ୍ପୂର୍ଣ୍ଣ ଭାବେ ବିଶ୍ରାମ ଦିଆଯାଏ। ଗାଈଗୋରୁଙ୍କୁ ପୂଜା କରାଯାଇ ଶିଙ୍ଗରେ ରାକ୍ଷୀ ବନ୍ଧାଯାଏ। ଗାଈଗୋରୁଙ୍କ ପ୍ରତୀକ ସ୍ୱରୂପ କୁମ୍ଭାର ଓ ମହାରଣା ଭାଇମାନେ ମାଟି ଓ କାଠର ତିଆରି ଟେରାକୋଟା ଗାଈ, ବଳଦ, ହାତୀ, ଘୋଡାକୁ ପୂଜା କୁଠିରେ ଗୃହିଣୀ ମାନେ ପୂଜା କରନ୍ତି। ଖାଇ, ମୁଢ଼ିଲଡୁ, ପିଠାପଣା ଖାଇବାକୁ ଦିଅନ୍ତି। କାଶତଣ୍ଡୀ ଓ ପୁରା ଫୁଲରେ ସେସବୁକୁ ସଜା ଯାଇଥାଏ। ପରମ୍ପରାକୁ ଉଜ୍ଜୀବିତ ରଖିବା, ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ମୁଖରେ ଟେନାଏ ହସଦେବା ଉଦ୍ଦେଶ୍ୟରେ ଅନେକ ବର୍ଷ ହେବ ଏହି ପର୍ବକୁ ଏପରି ନିଆରା ଢଙ୍ଗରେ ପାଳନ କରାଯାଉଛି। ଶନିବାର ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସାଧୁ ନେପାକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମେଘନାଦ ସାହୁ, ବିଦ୍ୟାଳୟର ତିନି ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ସାହୁ, ଅଭୟ ପଧାନ ଏବଂ ନେପାଳ ଦୁଆନ, ପଣ୍ଡିତ ପ୍ରସନ୍ନ ଆଚାର୍ଯ୍ୟ ଓ ପୂଜକ ନନ୍ଦିଘୋଷ ମହାପାତ୍ରଙ୍କ ମନ୍ତ୍ର ଉଚ୍ଚାରଣ ସହ ପୂଜାର୍ଚ୍ଚନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ନେପାଳେଶ୍ୱର ନନ୍ଦ, ମାମି ମିଶ୍ର, ଦିବାକର ମାଝୀ, ଅଶୋକ ଅଗ୍ରୱାଲ, ଶିବାୟଣୀ ପଣ୍ଡା, ତାରାକାନ୍ତ ସାହୁ, ସମାରୁ ପ୍ରଧାନ, ସୁରେଶ ଭୋଇ, ଅଶୋକ ରଥ, ଭକ୍ତ ଚରଣ ସାହୁ, ଭକ୍ତ ଚରଣ ଦାଶ, ଦିବ୍ୟକାନ୍ତି ଭୋଇ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ, ନିଶାମଣି ଉଚ୍ଚ ବିଦ୍ୟାଳୟ ବରଗଡ଼, ଉପେନ୍ଦ୍ର ଘିବେଲା, ଅରୁଣ ଘିବେଲା, ଅନୁପମ ଘିବେଲା, ସୁବାଷ ଚରଣ ପ୍ରଧାନ ଓ ଦିବାକର ମାଝୀ, ସାତ୍ତ୍ୱିକ ସାହୁ, ନାରାୟଣ ପଣ୍ଡା, ପବିତ୍ର ଦେହେରି ପ୍ରମୁକ ଉପସ୍ଥିତ ଥିଲେ। ପୂଜାର୍ଚ୍ଚନା ପରେ କୃଷକ ଓ ଗୃହିଣୀ ବେଶରେ ସଜ୍ଜିତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଘଣ୍ଟ ଓ ଦୁଲଦୁଲି ସହ ଭବ୍ୟ ଶୋଭାଯାତ୍ରାରେ ଟାଉନ ଥାନା ଅଭିମୁଖେ ଯାଇଥିଲେ। ଥାନା ଅଧିକାରୀ ସୁରେନ୍ଦ୍ର ଛତ୍ରିଆ ଟେରାକୋଟା ଗାଈ ଓ ବଳଦ ମାନଙ୍କୁ ପୂଜାର୍ଚ୍ଚନା କରିଥିଲେ। ଶିକ୍ଷକ ଦୁଃଖୀସେବକ ସାହୁ ଉପସ୍ଥିତ ଥାନା କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇବା ସହ ପୁରାଉଆଁସ ବାବଦରେ ସୂଚନା ପ୍ରଦାନ କରିଥିଲେ। ଥାନାର ସମସ୍ତ କର୍ମଚାରୀଙ୍କୁ ଲଡୁ ଭୋଗ ଖାଇବାକୁ ଦିଆଯାଇଥିଲା। ଥାନା ପକ୍ଷରୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ଜଳପାନ ବ୍ୟବସ୍ଥା କରାଯାଇଥିଲା। ବିଦ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ।



## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଦହିତା,୨୩।୮ (ସମିସ): ରାଜବୋଡାସମ୍ବର ପଞ୍ଚାୟତ ସମିତି ଦହିଗାଁ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଉପେନ୍ଦ୍ର ପ୍ରଧାନଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ପ୍ରଧାନଶିକ୍ଷକ ଭୋଜମତି ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନଶିକ୍ଷକ ଦୋଳମଣୀ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଓ ଶିକ୍ଷାପ୍ରେମୀ ଯୋଗ ଦେଇ ଅବସର ଗ୍ରହଣ କରୁଥିବା ଶିକ୍ଷକଙ୍କ ସ୍ମୃତିଚାରଣ କରିଥିଲେ। ଶିକ୍ଷାନୁଷ୍ଠାନ ପକ୍ଷରୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଧର୍ମପରାୟଣା ମହିଳାଙ୍କ ପରଲୋକ

ପଦ୍ମପୁର,୨୩।୮ (ସମିସ): ପଦ୍ମପୁର ସାହୁ ପଡା ସ୍ଥିତ ଧର୍ମପରାୟଣା ମହିଳା ଯାଜ୍ଞସିନୀ ସାହୁ (୭୭)ଙ୍କ ସାହୁ ପଡ଼ା ସ୍ଥିତ ବାସଭବନରେ ପରଲୋକ ଘଟିଛି। ତାଙ୍କର ପଛରେ ପୁତ୍ର ପ୍ରକାଶ, ବିକାଶ, ଆଭାସ, ହରେଶ ଓ ଏକମାତ୍ର ଝିଅ ଦୀପ୍ତି ସମେତ ପୁତ୍ରବଧୂ, ନାତିନାତୁଣୀଙ୍କୁ ଛାଡ଼ି ଚାଲି ଯାଇଛନ୍ତି। ତାଙ୍କର ଅନ୍ତିମ ଯାତ୍ରାରେ ପଦ୍ମପୁର ଲାୟନ୍ସ କ୍ଲବ୍‌ର ସମସ୍ତ କାର୍ଯ୍ୟକର୍ତ୍ତା, ସହରର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଅନ୍ତିମ ସଂସ୍କାର ପଦ୍ମପୁର ଶ୍ମଶାନରେ ହୋଇଥିଲା। ଜ୍ୟେଷ୍ଠ ପୁତ୍ର ପ୍ରକାଶ ମୁଖାଗ୍ନି ଦେଇଥିଲେ।



## ଜନତା ହାଇସ୍କୁଲରେ ଦ୍ୱିତୀୟ ରାଷ୍ଟ୍ରୀୟ ମହାକାଶ ଦିବସ

ଅମ୍ବାଭୋନା,୨୩।୮ (ସମିସ): ଶିକ୍ଷାର୍ଥୀମାନଙ୍କୁ ଜ୍ୟୋତିର୍ବିଜ୍ଞାନ ପ୍ରତି ଆକୃଷ୍ଟ କରିବା ଏବଂ ଜନସାଧାରଣଙ୍କୁ ମହାକାଶ ଅଭିଯାନର ଗୁରୁତ୍ୱ ଓ ଉପକାରୀତା ସମ୍ପର୍କରେ ଜଣାଇବା ପରିପ୍ରେକ୍ଷୀରେ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ ଜନତା ହାଇସ୍କୁଲ ଭୁକ୍ତାରେ ଦ୍ୱିତୀୟ ରାଷ୍ଟ୍ରୀୟ ଅନ୍ତରୀକ୍ଷ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଇକୋ କ୍ଲବ୍ ମାଷ୍ଟର ଟ୍ରେନର ତଥା ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ରାଷ୍ଟ୍ରୀୟ ମହାକାଶ ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ସହ ଗୋଷ୍ଠୀ ଅଧିକାରୀ ଲାଲ ମୋହନ ସିଂ ଓ ସମ୍ମାନିତ ଅତିଥି ଭାବେ ସିଆରସିସି କେଦାର ନାଏକ ଯୋଗ ଦେଇ ଚଳିତ ବର୍ଷର ପ୍ରସଙ୍ଗ 'ଆର୍ଯ୍ୟଭଟ୍ଟରୁ ଗଗନୟାନ: ପ୍ରାଚୀନ ଜ୍ଞାନରୁ ଅନନ୍ତ ସମ୍ଭାବନା' ବିଷୟରେ ଶିକ୍ଷାର୍ଥୀମାନଙ୍କୁ ଧାରଣା ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ବିଜ୍ଞାନ କ୍ଲବ୍‌ର ୪୨ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରୀ ଜିଜ୍ଞାସା ଭୋଇ, ଦୀପକ ପଟେଲ ଓ ସଚିନ୍ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ଶିକ୍ଷକ ବୋଧରାମ ବିଶ୍ୱାଳ ଓ ପ୍ରଶାନ୍ତ ମହାପାତ୍ର ଯୋଗ ଦେଇଥିବା ବେଳେ ଶିକ୍ଷକ ଆଶୁତୋଷ ଭୋଇ, ସୁବାସ ଚନ୍ଦ୍ର ଖମାରୀ, ଶ୍ରୀପତି ସାହୁ, ତେଜରାମ ସା, ଅଙ୍କିତ ମହନ୍ତ, ଅମୂଲ୍ୟ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଅନୀତା ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।




## ଗଞ୍ଜେଇ ସହ ୨ ବାଇକ୍ ଜବତ, ୩ ଗିରଫ

ଅମ୍ବାଭୋନା,୨୩।୮ (ସମିସ): ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାଇ ମିନାଙ୍କ ନିର୍ଦ୍ଦେଶକ୍ରମେ ଅମ୍ବାଭୋନା ପୁଲିସର ଅତର୍କିତ ଚଢ଼ଉରେ ୯ କେଜି ୯୫୦ ଗ୍ରାମ ଗଞ୍ଜେଇ ସହ ୨ଟି ବାଇକ ଜବତ ହେବା ସହ ୩ ଜଣ ଯୁବକ ଗିରଫ ହୋଇଛନ୍ତି। ବିଶ୍ୱସ୍ତସୂତ୍ରରୁ ଖବର ପାଇ ପୁଲିସ ଏହି ଚଢ଼ଉ କରିଥିଲା। ଚଢ଼ଉରେ ଗଞ୍ଜେଇ ସହ ୨ଟି ନମ୍ବର ବିହୀନ ବାଇକ ଏବଂ ୧୧୪୦ ଟଙ୍କା ଜବତ ହୋଇଛି। ଅଭିଯୁକ୍ତ ମାନେ ହେଲେ କଲମି ଗାଁର ଚମରା ଦାସ (୫୬), କଣ୍ଡପଲା ଗାଁର ଗୋବିନ୍ଦ ପଟେଲ (୪୦) ଓ ଆକାଶ ପଟେଲ (୨୯) ବୋଲି ଜଣାପଡ଼ିଛି। ପୁଲିସ ପକ୍ଷରୁ ଏକ ମାମଲା ରୁଜୁ ହେବାସହ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।



## ଅଞ୍ଚଳ ମହାବିଦ୍ୟାଳୟରେ ଷ୍ଟାର୍ଟଅପ୍ ଏବଂ ନବସୃଜନ ଭିତ୍ତିକ ପ୍ରତିଯୋଗିତା

ପଦ୍ମପୁର,୨୩।୮ (ସମିସ): ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶାବଳୀ ଅନୁଯାୟୀ, ଓଡ଼ିଶା ସରକାରଙ୍କ ଷ୍ଟାର୍ଟଅପ୍ ଏବଂ ନବସୃଜନ ଭିତ୍ତିକ ପ୍ରତିଯୋଗିତା ଗୁଡିକ ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁରରେ ଅଧ୍ୟକ୍ଷ ଖଗେଶ୍ୱର ଦାଶଙ୍କ ମାର୍ଗଦର୍ଶନ ଏବଂ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତା ଗୁଡିକର ତିନୋଟି ମୁଖ୍ୟ ବର୍ଗ ଥିଲା ଯଥା ସ୍ଥାନୀୟ ସମସ୍ୟାର ସମାଧାନ, ଜୀବନଧାରଣର ସହଜତା ଏବଂ ଏକ ନୂତନ ବ୍ୟବସାୟ ପାଇଁ ଷ୍ଟାର୍ଟଅପ୍। ବର୍ଗ ଉପରେ ଆଧାରିତ ନୂତନ ଚିନ୍ତାଧାରା ପ୍ରଦାନ କରିବା ପାଇଁ ପ୍ରତିଯୋଗିତାରେ ମୋଟ ୨୬ ଜଣ ଛାତ୍ରଛାତ୍ରୀ ପଞ୍ଜୀକୃତ ହୋଇଥିଲେ। ସିଏ ଗୋବିନ୍ଦ ଅଗ୍ରୱାଲ, ପ୍ରାଧ୍ୟାପକ ପ୍ରଭାତ ମହାପାତ୍ର ଏବଂ ଅଧ୍ୟାପିକା ଡ.ମମତାମୟୀ ଗୁରୁ ବିଚାରକ ଭାବେ କାର୍ଯ୍ୟ କରିଥିଲେ। ଡ.ସୁବୋଧ ତ୍ରିପାଠି, ଚନ୍ଦ୍ରକାନ୍ତ ସୁନା, ଡ.ଭେଙ୍କଟେଶ୍ୱର ମେହେର, ବ୍ରଜ କୁମ୍ଭାର, ଦୟାନିଧି ବଗର୍ତ୍ତୀ ଛାତ୍ରଛାତ୍ରୀଙ୍କ ପରାମର୍ଶଦାତା ଭାବେ କାର୍ଯ୍ୟ କରିଥିଲେ। ପ୍ରତିଯୋଗିତାରେ ନବକୃଷ୍ଣ ମିଶ୍ର ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ସଦାନନ୍ଦ ଭୋଇ ନିର୍ଦ୍ଦେଶାବଳୀ ଉପସ୍ଥାପନ କରିଥିଲେ।

## ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟରେ ପଡ଼ିଲା ତାଲା



ପଦ୍ମପୁର,୨୩।୮ (ସମିସ): ରାଜବୋଡାସମ୍ବର ବ୍ଲକ୍ ଖେମେଡଖାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ତାଲାବନ୍ଦ କରି ଅଭିଭାବକ ଓ ଛାତ୍ରଛାତ୍ରୀ ଧାରଣାରେ ବସିଛନ୍ତି। ବାଲବାଟିକାରୁ ଅଷ୍ଟମ ପର୍ଯ୍ୟନ୍ତ ୯ ଟି ଶ୍ରେଣୀରେ ୯୮ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ମାତ୍ର ୪ ଜଣ ଶିକ୍ଷକ ଅଛନ୍ତି। ନିକଟ ଅତୀତରେ ଏହି ବିଦ୍ୟାଳୟରୁ ଗଣିତ ଓ ବିଜ୍ଞାନ ଶିକ୍ଷକ ଟିକେଟାନ୍ଦ ବାରିକଙ୍କୁ ସିଆରସିସି ଭାବେ ନିଯୁକ୍ତ କରାଯାଇଛି। ଶିକ୍ଷକ ଅଭାବ ଯୋଗୁଁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଆଜି ଧାରଣା ସ୍ଥଳକୁ ସ୍ଥାନୀୟ ପୁଲିସ ଆଲୋଚନା କରିବାକୁ ଯାଇ ଧାରଣାରତ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିଛନ୍ତି। ବିଭାଗୀୟ ଅଧିକାରୀଙ୍କୁ ଶିକ୍ଷକ ନିଯୁକ୍ତ କରିବା ପାଇଁ ଅବଗତ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ ଶିକ୍ଷକ ନିଯୁକ୍ତ ନ ହେଲେ ସୋମବାର ପୁଣି ବିଦ୍ୟାଳୟରେ ତାଲାବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ଅଭିଭାବକ ବୃନ୍ଦ କହିଛନ୍ତି।

## ମରଣଯନ୍ତା ପାଲଟିଛି ଜମଡୋଲ ଧୂବେନପାଲି ରାସ୍ତା

ଭେଡେନ,୨୩।୮ (ସମିସ)

ଭେଡେନ ବ୍ଲକ୍ ଅଧୀନ ଜାଣ୍ଡୋଲ ଠାରୁ ଧୂବେନପାଲି ରାସ୍ତାରେ ଛୋଟ, ବଡ ଖାଲ ସୃଷ୍ଟି ହୋଇ ମରଣଯନ୍ତା ହୋଇଛିଷ ଏଥିପ୍ରତି କାହାରି ଦୃଷ୍ଟି ପଡୁ ନାହିଁ। କିଛି ମାସ ତଳେ ପ୍ରଶାସନ ତରଫରୁ ଖାଲମାନଙ୍କରେ ପଥରଗୁଣ୍ଡ ପକାଇ ସମାନ କରାଯାଇଥିଲା। କିନ୍ତୁ କିଛିଦିନ ପରେ ସେଗୁଡ଼ିକ ଉଠିଯାଇ ଛୋଟବଡ଼ ଖାଲ ପୁଣି ହୋଇଛି। ଟିକିଏ ବର୍ଷା ହେଲେ ରାସ୍ତାର ଅବସ୍ଥା କହିଲେ ନସରେ। ରାସ୍ତାର ଖାଲ ମାନଙ୍କରେ ବର୍ଷା ପାଣି ଜମା ହୋଇ ରହୁଛି। ଏହି ରାସ୍ତାରେ ପ୍ରତିଦିନ ଶହଶହ କର୍ମଚାରୀ ଭେଡେନକୁ ଯିବା ଆସିବା କରିଥାନ୍ତି। ଏହାସହ ସ୍କୁଲ, କଲେଜର ଛାତ୍ରଛାତ୍ରୀ ପାଠପଢ଼ିବାକୁ ଆସିଲା ବେଳେ ଛୋଟ ବଡ ଦୁର୍ଘଟଣାର ଶିକାର ହେଉଛନ୍ତି। ଜାଣ୍ଡୋଲ ପାଖରେ ରାସ୍ତା ଉପରେ ଅଳିଆ ଆବର୍ଜନା ପକାଉଥିବାରୁ ରାସ୍ତାଟି ସଙ୍କୀର୍ଣ୍ଣ ହୋଇଯାଇଛି। ରାସ୍ତାକଡରେ କେନାଲ ଥିବାରୁ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଜମଡୋଲ ଗାଁ ଭେଡେନ ପଞ୍ଚାୟତର ଏକ ବଡ ଗାଁ; ମାତ୍ର ଗାଁର ମାକାଳୀ ମଣ୍ଡପରୁ ଧୂବେନପାଲି ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି। ରାସ୍ତାଟି ବରପାଲିକୁ ସଂଯୋଗ କରୁଥିବାରୁ ଅଞ୍ଚଳବାସୀ ସବୁବେଳେ ଏହା ଉପରେ ନିର୍ଭର କରିଥାନ୍ତି। ତେଣୁ ଶୀଘ୍ର ରାସ୍ତା ମରାମତି ତଥା ପୁନଃ ନିର୍ମାଣ ପାଇଁ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ତଥା ବ୍ଲକ୍ ବିଜେଡି ସଭାପତି ହରିଶଙ୍କର ବେହେରା ଦାବି କରିଥିବା ବେଳେ ପ୍ରଶାସନ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



## ନୂଆଁଖାଇ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା



ସମ୍ବଲପୁର, ୨୩।୮ (ସମିସ): ନୂଆଁଖାଇ ଉପଲକ୍ଷେ ଓଡ଼ିଶା ସାଂସ୍କୃତିକ ସମାଜ ଆନୁକୂଲ୍ୟରେ ଆଜି ସ୍କୁଲ ଏବଂ କଲେଜସ୍ତରୀୟ ସମ୍ବଲପୁରୀ ଗୀତ ଓ ଏକକ ହାସ୍ୟ ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସଭାପତି ଡ. ପରେଶ ଚନ୍ଦ୍ର ଦାନୀଙ୍କ ଉପସ୍ଥିତିରେ ସମ୍ପାଦକ ଦୀନବନ୍ଧୁ ପଣ୍ଡା ଓଡ଼ିଶା ସାଂସ୍କୃତିକ ସମାଜ ସବୁବେଳେ ପଶ୍ଚିମାଞ୍ଚଳର ସଂସ୍କୃତି ଓ ପ୍ରତିଭାକୁ ପ୍ରୋତ୍ସାହନ ଦେଇ ଆସିଛି ବୋଲି କହିଥିଲେ। ସମ୍ବଲପୁରୀ ଗୀତ ପ୍ରତିଯୋଗିତାର ବିଚାରକ ଭାବେ ଚିତ୍ତରଞ୍ଜନ ବେହେରା, ବିଭୂତି ଭୂଷଣ ପଟ୍ଟନାୟକ, ସନ୍ତୋଷ କୁମାର ମିଶ୍ର, ସୁରେନ୍ଦ୍ର ସେଠ, ମୋତିଲାଲ ଦୋରା ଓ ତ୍ରିଲୋଚନ ତ୍ରିପାଠୀ ଥିବାବେଳେ ଏକକ ହାସ୍ୟ ଅଭିନୟ ପାଇଁ ଅତୀଶ ଶତପଥୀ, ବିରୂପାକ୍ଷ ପ୍ରଧାନ, ପ୍ରଦୀପ କୁମାର ପଣ୍ଡା, ଆଶିଶ ସୋନାର ଓ ମମତା ପଣ୍ଡା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଗୁଡ଼ିକୁ ତାପସ ଦାସ, ସୂର୍ଯ୍ୟ ପାଣିଗ୍ରାହୀ, ରାମାନୁଜ ପଣ୍ଡା ଓ ପ୍ରମୋଦ ପଟ୍ଟନାୟକ ସଂଯୋଜନା କରିଥିଲେ। ଅଶୋକ ମିଶ୍ର, ଅଖିଳ ରଞ୍ଜନ ପଟ୍ଟନାୟକ, କୈଳାଶ ମିସ୍ତ୍ରୀ, ପଲଟୁ ଅଗ୍ରୱାଲ, ସୁବାଷ ଦାଶ, ସୁରେଖା ସାହୁ ସହଯୋଗ କରିଥିଲେ। ସ୍କୁଲସ୍ତରୀୟ ସମ୍ବଲପୁରୀ ଗୀତ ପ୍ରତିଯୋଗିତାରେ ସେଣ୍ଟ ଜୋନ୍ ସ୍କୁଲର ପ୍ରକୀର୍ତି ପଣ୍ଡା ପ୍ରଥମ, ବିକାଶ ଫାଷ୍ଟ ସ୍କୁଲର ଅନନ୍ୟା ଆଚାର୍ଯ୍ୟ ଦ୍ୱିତୀୟ ଓ ସେହି ସ୍କୁଲର ଶ୍ରେୟାଶ୍ରୀ ପାଣିଗ୍ରାହୀ ତୃତୀୟ ହୋଇଛନ୍ତି। କଲେଜସ୍ତରରେ ଗୀତ ପ୍ରତିଯୋଗିତାରେ ହୀରାକୁଦ କଲେଜର ଶ୍ରଦ୍ଧା ମିଶ୍ର ପ୍ରଥମ, ବିଦ୍ୟା ବିକାଶ ସ୍କୁଲର ସୋମ୍ୟରଞ୍ଜନ ସାହୁ ଦ୍ୱିତୀୟ ଓ ସେହି ଅନୁଷ୍ଠାନର ମିନାକ୍ଷୀ ମହାନ୍ତି ଓ ସାଇଶ୍ରିତା ପାଣିଗ୍ରାହୀ ଯୁଗ୍ମ ତୃତୀୟ ହୋଇଛନ୍ତି। ଏକକ ହାସ୍ୟ ଅଭିନୟ ସ୍କୁଲସ୍ତରରେ ଲେଡି ଲୁଇସ୍ ବାଳିକା ଉଚ୍ଚବିଦ୍ୟାଳୟର ଆରାଧ୍ୟା ବେହେରା ପ୍ରଥମ, ସେଭେନ ହିଲ୍ସ ସ୍କୁଲର ମୃଣ୍ମୟୀ ପ୍ରଧାନ ଦ୍ୱିତୀୟ ଏବଂ ବିକାଶ ଫାଷ୍ଟ ସ୍କୁଲର ଦିବ୍ୟ ନନ୍ଦିନୀ ସ୍ୱାଇଁ ତୃତୀୟ ହୋଇଥିବା ଆୟୋଜକମାନଙ୍କ ସୂତ୍ରରୁ ପ୍ରକାଶ।

## ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ

ଜମନକିରା,୨୩।୮ (ସମିସ): ଭୋଜପୁର ସ୍ଥିତ ବି.ଆର୍.ଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରତାପ କୁମାର ମହାକୁଲଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତସଭାରେ ପ୍ରାଧ୍ୟାପକ ମନୋଜ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ମେହେର ସାହିତ୍ୟର ଅନାଲୋଚିତ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ବୃନ୍ଦାବନ ମାଝୀ ଯୋଗଦାନ କରିଥିଲେ। ଅଧ୍ୟାପକ ଜନ୍ମେଜୟ କୁମୁରାଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ ସଭାରେ ଅଧ୍ୟାପକ ତପନ ଜୟପୁରୀଆ ମେହେରଙ୍କ ରଚିତ ଭକ୍ତି କବିତାର ଆଲୋଚନା କରିଥିଲେ।

## ମହାପ୍ରବନ୍ଧକଙ୍କ ସମ୍ବଲପୁର ଷ୍ଟେସନ ନିରୀକ୍ଷଣ



ସମ୍ବଲପୁର,୨୩।୮ (ସମିସ): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଶନିବାର ସମ୍ବଲପୁର ରେଳଷ୍ଟେସନ ଏବଂ କୋଚିଂ ଡିପୋ ଯାଞ୍ଚ କରିଥିଲେ। ଏହି ଗସ୍ତ ସମୟରେ ସେ ସମ୍ବଲପୁରରେ ଯାତ୍ରୀ ସୁବିଧା, ବିକାଶମୂଳକ କାର୍ଯ୍ୟ ଏବଂ ଭିତ୍ତିଭୂମି ଉନ୍ନତି କାର୍ଯ୍ୟକଳାପ ସମୀକ୍ଷା କରିଥିଲେ। ମଣ୍ଡଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ କମ୍ପ୍ଲେକ୍ସର ସମ୍ମିଳନୀ ହଲରେ ଏକ ପାରସ୍ପରିକ ଆଲୋଚନା ଅଧିବେଶନ ମଧ୍ୟ ଆୟୋଜନ କରାଯାଇଥିଲା। ଅଧିବେଶନ ସମୟରେ, ଶ୍ରୀ ଫୁଙ୍କୱାଲ ସମ୍ବଲପୁର ମଣ୍ଡଳର ସମସ୍ତ ବିଭାଗର ପର୍ଯ୍ୟବେକ୍ଷକଙ୍କ ସହ ଆଲୋଚନା କରିଥିଲେ। ଆଲୋଚନାରେ ପ୍ରାୟ ୪୦ ଜଣ ପର୍ଯ୍ୟବେକ୍ଷକ ଉପକୃତ ହୋଇଥିଲେ। ସୁରକ୍ଷିତ ଏବଂ ଦକ୍ଷ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବା ପାଇଁ ସମ୍ବଳ ଏବଂ ଦକ୍ଷତା ନିର୍ମାଣ ପଦକ୍ଷେପ ସମେତ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯିବ ନେଇ ମହାପ୍ରବନ୍ଧକ ଆଶ୍ୱାସନା ଦେଇଥିଲେ। ସମ୍ବଲପୁରର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧୁରୀ ଏବଂ ମଣ୍ଡଳର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ହିଣ୍ଡାଲକୋ ପକ୍ଷରୁ ହୋମିଓପାଥି ଚିକିତ୍ସା ଶିବିର

ହୀରାକୁଦ,୨୩।୮ (ସମିସ): ହିଣ୍ଡାଲକୋ ପକ୍ଷରୁ ଏକ ବିଶାଳ ହୋମେଓପାଥି ଚିକିତ୍ସା ଶିବର ସ୍ଥାନୀୟ ନୂଆଗୁଜାତଲ ଠାରେ ଅନୁଷ୍ଠିତ ହୋଇଛି। ଶିବିରକୁ ସମ୍ବଲପୁର ଜିଲ୍ଲା ମୁଖ୍ୟ ହୋମିଓପାଥି ଚିକିତ୍ସା ଅଧିକାରୀ ଡା. ରାଜକୁମାର ନାଏକ ଓ ହିଣ୍ଡାଲକୋ, ହୀରାକୁଦର କମପ୍ଲେକ୍ସର ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ ଉଦ୍‌ଘାଟନ କରିଥିଲେ। ସ୍ମେଲଟର ପ୍ଲାଣ୍ଟ ହେଡ ପ୍ରତାପ ସାହୁ, ପାୱାର ପ୍ଲାଣ୍ଟ ମୁଖ୍ୟ ଅରୁଣ କୁମାର ସିଂ, ହୋମେଓପାଥି ଚିକିତ୍ସା ଶିବିରର ସମସ୍ତ ଡାକ୍ତର, ଲ୍ୟାଣ୍ଡ ଏବଂ କର୍ପୋରେଟ ବ୍ୟାପାର ମୁଖ୍ୟ ବିଘ୍ନେଶ୍ୱର ପଣ୍ଡା, ଆନନ୍ଦ ଚକ୍ରବର୍ତ୍ତୀ, ଉପଦେଷ୍ଟା ସୁକାନ୍ତ କୁମାର ମହାପାତ୍ର ଉପସ୍ଥିତ ଥିଲେ। ଡ. ରାଜ କୁମାର ନାଏକ ଏହି କାର୍ଯ୍ୟକ୍ରମ ପାଇଁ ଖୁସି ବ୍ୟକ୍ତ କରିଥିଲେ। ଶିବିରରେ ଡା. ରାଜେଶ ରାଉତ, ଡା. ନମିତା ନାଥ, ଡା. ବନ୍ଦନା ସେଠ ଓ ଡା. ମାୟାଧର ସାହୁ ଉପସ୍ଥିତ ଥିଲେ। ଶିବିରରେ ୧୬୪ ଜଣ ସ୍ୱାସ୍ଥ୍ୟ ପରୀକ୍ଷା ସହ ଆବଶ୍ୟକୀୟ ଔଷଧ ଗ୍ରହଣ କରିଥିଲେ। ବନମାଳୀ ଭୋଇ, ଦୀପକ ଭୋଇ, ଲବ କରାଳି, ଉପେନ୍ଦ୍ର ଭୋଇ, ଜୟରାମ ଧାରୁଆ, ସୁରେଶ ଧାରୁଆ, ପଞ୍ଚାନନ ପ୍ରଧାନ, କୃଷ୍ଣଚନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।



# ସାମାଜିକ ଚଳଣି ବିଷୟରେ ଶିକ୍ଷାଦିଏ 'ପୂରା ଉଆଁସ'

ସମ୍ବଲପୁର, ୨୩।୮ (ସମିସ)



ପଶ୍ଚିମ ଓଡ଼ିଶାର ଏକ ଅନନ୍ୟ ପର୍ବ 'ପୁରା ଉଆଁସ'। ସପ୍ତପୁରୀ ଅମାବାସ୍ୟା ତିଥିରେ ଏହା ପାଳନ କରାଯାଏ। ଏହି ପର୍ବରେ ମା'ମାନେ ଛୋଟ ଛୋଟ ଝିଅମାନଙ୍କୁ ମାଟିରେ ତିଆରି କୁଣ୍ଢିକାଣ୍ଡି ଖେଳିବାକୁ ଦେଉଥିବାବେଳେ ପୁଅ ପିଲାମାନେ ମାଟି ତିଆରି ଘୋଡ଼ା, ବଳଦ ଆଦିରେ ଖେଳିଥାନ୍ତି। ଚାଷବାସ ସହ ଜଡ଼ିତ ଗାଈ ବଳଦ, ହଳ ନଙ୍ଗଳ, ଶଗଡ଼ ଗାଡ଼ି ଆଦି ବିଷୟରେ ଘରର ପୁଅପିଲା ମାନଙ୍କୁ ଖେଳ ମାଧ୍ୟମରେ ଶିକ୍ଷା ଦେବାସହ ଚାଷରେ ସାହାଯ୍ୟ କରୁଥିବା ବଳଦ ଏବଂ ଶ୍ରମିକ ମାନଙ୍କୁ ସମ୍ମାନ ଖେଳ ମାଧ୍ୟମରେ ଶିକ୍ଷା ଦିଆଯାଇଥାଏ। ଛୋଟ ଛୋଟ ପିଲାମାନେ ଭବିଷ୍ୟତ ସଂସାରର ଚଳଣୀକୁ ଖେଳ ମାଧ୍ୟମରେ ଶିକ୍ଷା ଦେବାପାଇଁ ଏହି ଉତ୍ସବ ପାଳନ କରାଯାଇଥାଏ। ଆଗରୁ ଗାଁ ମାନଙ୍କରେ ସାପ୍ତାହିକ ବଜାରରେ ମାଟି ତିଆରି ହାତୀଘୋଡ଼ା ବିକ୍ରୟ ହେଉଥିବାବେଳେ ଏସବୁ ବିଷୟରେ ବର୍ତ୍ତମାନର ନୂତନ ପିଢ଼ି ଆଦୌ ଅବଗତ ନୁହଁନ୍ତି। କାଁଭାଁ ଗ୍ରାମ୍ୟ ବଜାରରେ ହାତୀ ଘୋଡ଼ା ମିଳୁଥିବାବେଳେ ଏସବୁ ସାମଗ୍ରୀ ତିଆରି କରି ପେଟ ପୋଷୁଥିବା କାରିଗର ଏବେ ଅଲୋଡ଼ା ହେଲାଣି। ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ପଶ୍ଚିମ ଓଡ଼ିଶାର ଅନନ୍ୟ ପରମ୍ପରା ବିଷୟରେ ଶିଶୁ ମାନଙ୍କୁ ଶିକ୍ଷା ଦେବା ସକାଶେ ଶନିବାର ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଏକତା ମଞ୍ଚ ନାରୀ ଶକ୍ତି ପକ୍ଷରୁ ପୁରା ଉଆଁସ ବା ସପ୍ତପୁରୀ ଅମାବାସ୍ୟାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଚାଉଁରପୁରରୁ ଆସିଥିବା କୁନି ଝିଅମାନେ ଚାଙ୍ଗୁଡିରେ ମୁଗ, ଗହମ, ଚଣା ଭଳି ବିଭିନ୍ନ ସାମଗ୍ରୀ ସହ ଦେବାଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ମହିଳା ସଦସ୍ୟାମାନେ ଶିଶୁ ମାନଙ୍କୁ ବନ୍ଦାପନା କରିଥିଲେ। ଏହାସହ କୁନି ପୁଅମାନଙ୍କୁ ଚାଷବାସରେ ବ୍ୟବହୃତ ସାମଗ୍ରୀ ଗୁଡିକ ବିଷୟରେ ଅବଗତ କରାଯାଇଥିଲା। ପଶ୍ଚିମାଞ୍ଚଳ ଏକତା ମଞ୍ଚ ନାରୀଶକ୍ତିର ଲଳିତା ଭୋଇ, ସ୍ୱସ୍ତିକା ନାୟକ, ସଂଘମିତ୍ରା ପଣ୍ଡା, କାନ୍ତି ମେହେର ପ୍ରମୁଖ ଛୋଟ ଛୋଟ ପୁଅ ଓ ଝିଅ ମାନଙ୍କୁ ଏହି ପରମ୍ପରା ବିଷୟରେ ଜଣାଇଥିଲେ। ଶିଶୁ ମାନେ ପାରମ୍ପରିକ ଖେଳ ଖେଳିଥିଲେ। ନାରୀ ଶକ୍ତିର ସୁଜାତା ଗୁରୁ, ଭୂମିସୁତା ମେହେର, ରିଙ୍କି ମହାରଣା, ପୁଷ୍ପାଞ୍ଜଳି ସେଠ ପ୍ରମୁଖ ସହଯୋଗ କରିଥିଲେ। ପୁରା ଉଆଁସ କାର୍ଯ୍ୟକ୍ରମ ଆୟୋଜନରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଯୁବା ମଞ୍ଚର ଅମିତ ଦାଶ, ଶୁଭମ ସାହୁ, ଅନିକେତ ସାହୁ, ପ୍ରେମ ସାହାଣୀ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ। ସନ୍ତୋଷ ବଡେଇ, ସୁଦାମ ମେହେର, ମାନସ ରଞ୍ଜନ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ପାୱାର୍‌ଲିଫ୍ଟିଂ ପ୍ରତିଯୋଗିତାରେ ସମ୍ବଲପୁରକୁ ୧୫ ପଦକ

ସମ୍ବଲପୁର, ୨୩।୮ (ସମିସ) : ଝାଡ଼ଖଣ୍ଡ ରାଜ୍ୟର ଜାମସେଦପୁରଠାରେ ଗତ ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଜାତୀୟ ପାୱାରଲଫ୍ଟିଂ ପ୍ରତିଯୋଗିତାରେ ସମ୍ବଲପୁରକୁ ୧୫ଟି ପଦକ ମିଳିଛି। ଏହି ପ୍ରତିଯୋଗିତାରେ ସାରା ଦେଶରୁ ୬୭୫ ଜଣ ଏବଂ ଓଡ଼ିଶାରୁ ୫୫ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଓଡ଼ିଶାରୁ ଯାଇଥିବା ଦଳ ମୋଟ ୨୭ଟି ପଦକ ହାସଲ କରିଥିବାବେଳେ କେବଳ ସମ୍ବଲପୁର ଦଳ ୧୫ଟି ପଦକ ହାସଲ କରିଛି। ଅନ୍‌ଇକ୍ୟୁପଡ୍ ପାୱାରଲିଫ୍ଟିଂ ବର୍ଗରେ ସାଗରିକା ରାୟ ୬୯ କିଗ୍ରା ବର୍ଗରେ ସ୍ୱର୍ଣ୍ଣ, ପ୍ରିୟାଂଶୀ ପରିଡ଼ା ୫୨ କିଗ୍ରା ବର୍ଗରେ କାଂସ୍ୟ, ଦ୍ରୌପଦୀ ଧରୁଆ ୫୭ ବର୍ଷ ବର୍ଗରେ ସ୍ୱର୍ଣ୍ଣ, ସୁନିତା ନାଏକ ୭୬ କିଗ୍ରା ବର୍ଗରେ ସ୍ୱର୍ଣ, ଡଲି ପୂଜାରୀ ୮୪ କିଗ୍ରା ବର୍ଗରେ କାଂସ୍ୟ, ସୋମନାଥ ପଟ୍ଟନାୟକ ୧୨୦ କିଗ୍ରା ବର୍ଗରେ ରୌପ୍ୟ ଏବଂ ଦିବ୍ୟ କୁମାର ବେହେରା ୧୨୦ ରୁ ଉର୍ଦ୍ଧ୍ୱ କିଗ୍ରା ବର୍ଗରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେହିଭଳି ଅନ୍‌ଇକ୍ୟୁପଡ୍ ବେଞ୍ଚପ୍ରେସ ବର୍ଗରେ ଉର୍ମିଳା ବେହେରା ୫୭ କିଗ୍ରା ବର୍ଗରେ ରୌପ୍ୟ, ସାଗରିକା ରାୟ ୬୯ କିଗ୍ରା ବର୍ଗରେ ସ୍ୱର୍ଣ୍ଣ, ସୁନିତା ନାଏକ ୭୬ କିଗ୍ରା ବର୍ଗରେ ସ୍ୱର୍ଣ୍ଣ ଏବଂ ଚାନ୍ଦନୀ ଶର୍ମା ୮୪ କିଗ୍ରା ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହାବ୍ୟତୀତ ଇକ୍ୟୁପଡ୍ ପାୱାରଲିଫ୍ଟିଂ ପ୍ରତିଯୋଗିତା ବର୍ଗରେ ଦ୍ରୌପଦୀ ଧରୁଆ ୬୩ କିଗ୍ରା ବର୍ଗରେ ରୌପ୍ୟ, ସାଗରିକା ରାୟ ୭୬ କିଗ୍ରା ବର୍ଗରେ ସ୍ୱର୍ଣ୍ଣ, ଚାନ୍ଦନୀ ଶର୍ମା ୮୪ କିଗ୍ରା ବର୍ଗରେ ସ୍ୱର୍ଣ୍ଣ ଏବଂ ସୋମନାଥ ପଟ୍ଟନାୟକ ୧୨୦ କିଗ୍ରା ବର୍ଗରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସମ୍ବଲପୁର ଦଳକୁ ସମୁଦାୟ ୧୦ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ୨ଟି କାଂସ୍ୟ ପଦକ ମିଳିଛି। ଏହାର କୋଚ୍ ରହିଛନ୍ତି ସୁଧୀର ପଟ୍ଟନାୟକ। ଏହି ବିଜେତା ଦଳ ସମ୍ବଲପୁରକୁ ଫେରିବା ପରେ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।



## ମନସ୍ତତ୍ତ୍ୱ ବିଭାଗରେ ସମ୍ମାନ



ସମ୍ବଲପୁର, ୨୩।୮ (ସମିସ) : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ମନସ୍ତତ୍ତ୍ୱ ବିଭାଗରେ ଏକ ଅନ୍ତର୍ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୋଷ୍ଟନ୍‌ସ୍ଥିତ ସଫୋକ୍ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗ ପ୍ରଫେସର ସୁକନ୍ୟା ରାୟ, ବୋଷ୍ଟନ୍‌ସ୍ଥିତ ଇଞ୍ଜିନିୟର ବିକ୍ରମ ରାୟ, ଏନ୍‌ଆଇଟି, ରାଉରକେଲାର ଆସୋସିଏଟ୍ ପ୍ରଫେସର ରାମକ୍ରିଷ୍ଣ ବିଶ୍ୱାଳ ଏବଂ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ସାୟନ୍ତନୀ ବେହୁରା ପ୍ରମୁଖ ବକ୍ତାଭାବେ ଯୋଗଦେଇ 'ମନ ଆଉ ମନସ୍ତତ୍ତ୍ୱର ନୂତନ ଦିଗ' ସମ୍ପର୍କରେ ଆଲୋଚନା କରିଥିଲେ।

**● ଧରାପଡ଼ିଲେ ଚୋର ଗ୍ୟାଙ୍ଗ୍**

## ୧୦ କୁଇଣ୍ଟାଲ ତାର ଓ ଅନ୍ୟ ସାମଗ୍ରୀ ଜବତ

କୁଚିଣ୍ଡା,୨୩।୮ (ସମିସ): ଗତ ତିନିମାସ ଧରି କୁଚିଣ୍ଡା ଉପଖଣ୍ଡସ୍ଥିତ ବିଭିନ୍ନ ଥାନା କୁଚିଣ୍ଡା, ମହୁଲପାଳି, ଜମନକିରା ଅଞ୍ଚଳ ବିଦ୍ୟୁତ ବିଭାଗର ସାମଗ୍ରୀ ଆଲୁମିନିୟମ ତାର, କପର ତାର, ସେଣ୍ଟ୍ରିଙ୍ଗ ପ୍ଲେଟ୍, ଲୁହା ପାଇପ୍, ଟ୍ରାନ୍ସଫର୍ମର ଆଦି ବହୁଳ ଚୋରି ହୋଇଥିବାରୁ ସ୍ଥାନୀୟ



ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଘଟଣା ବାରମ୍ବାର ଘଟିବାରୁ ସମ୍ବଲପୁର ଏସ୍.ପି. ମୁକେଶ କୁମାର ଭାମୁ (ଆଇ.ପି.ଏସ୍.)ଙ୍କ ନିର୍ଦ୍ଦେଶରେ, ଉପଖଣ୍ଡ ପୁଲିସ ଅଧିକାରୀ ପ୍ରଦୀପ କୁମାର ଦାସ ଓ ଡିଏସ୍‌ପି. (ଇଞ୍ଚାର୍ଜ) ବାମଦେବ ଶଙ୍ଖୁଆଳଙ୍କ ନେତୃତ୍ୱରେ ଟିମ ଗଠନ କରାଯାଇଥିଲା। ଏହି ଅଭିଯାନ ସମୟରେ ପୁଲିସ ୧୦ କୁଇଣ୍ଟାଲ ଆଲୁମିନିୟମ ତାର, ୩ କିଲୋଗ୍ରାମ କପର ତାର, ତରଳା ହୋଇଥିବା ଆଲୁମିନିୟମ ଇଟା ଆଦି ଜବତ କରିବାରେ ସଫଳ ହୋଇଛନ୍ତି। କୁଚିଣ୍ଡାର ସୁଶୀଳ କୁମାର ପାଣ୍ଡେ (ଗୁପଚୁପ ବେପାରୀ) ଓ ମନୋଜ କୁମାର ରାୟ (କବାଡ଼ି ବେପାରୀ) ମୁଖ୍ୟ ମାଷ୍ଟରମାଇଣ୍ଡ ଥିଲେ। ସେମାନେ ସୁନ୍ଦରଗଡ଼ର ମୀନକେତନ ଓରାମ, ଜମନକିରା ବଡଖଳିଆ ଗାଁର ତ୍ରିନାଥ ଖିଚିଡ଼ି ଓ ଲକ୍ଷ୍ମୀ ଛେଣ୍ଡିଆ, କୁଚିଣ୍ଡା ଲେପେଇକାନି ଗାଁର ହରେଶ କିଶାନ ସହିତ ଆହୁରି ୪-୫ ଜଣଙ୍କୁ ଚୋରି କାର୍ଯ୍ୟରେ ଲିପ୍ତ କରିଥିଲେ। ମେ' ୩ ରେ ସାଗରପାଳିରୁ ୧୨୦ଟି ସେଣ୍ଟ୍ରିଙ୍ଗ ପ୍ଲେଟ୍, ଜୁନ୍ ୯ ରେ କୁତ୍ରାବାହାଲରୁ ଲୁହା ପାଇପ୍ ଓ ସେଣ୍ଟ୍ରିଙ୍ଗ ପ୍ଲେଟ୍, ସୁବର୍ଣ୍ଣପାଲି ଓ ସାନଜାଟିଆପାଲିରୁ ଟ୍ରାନ୍ସଫର୍ମର କପର ତାର, ବରଘାଟରୁ ଟ୍ରାନ୍ସଫର୍ମର କଏଲ୍, ଯାମକାନି ଓ ସାହାସପୁରରୁ ବିଦ୍ୟୁତ ତାର ଚୋରି କରିଥିଲେ।

**● ମୋତିଝରଣରେ ହତ୍ୟା ଘଟଣା**

## ସମଦ ଓ ୱାସିମଙ୍କୁ କଠୋର ଦଣ୍ଡ ଦାବି

ସମ୍ବଲପୁର,୨୩।୮ (ସମିସ): ଗତ ମଙ୍ଗଳବାର ରାତିରେ ମୋତିଝରଣର ଆସଫ ଖାନଙ୍କୁ ଅତିନିର୍ମମ ଭାବେ ଦୁଇଭାଇ ହତ୍ୟା କରିଥିଲେ। ଏହି ଘଟଣାରେ ଧନୁପାଲି ପୁଲିସ ଦୁର୍ଦ୍ଦାନ୍ତ ଅପରାଧି ମହମ୍ମଦ ସମଦକୁ ଏନ୍‌କାଉଣ୍ଟର କରି ବୁଧବାର ଭୋର ସକାଳୁ କାବୁ କରିଥିଲା। ହେଲେ ଏହି ଘଟଣାର ଅନ୍ୟ ଅଭିଯୁକ୍ତ ତଥା ସମଦର ଭାଇ ମହମ୍ମଦ ୱାସିମ ଏବେ ବି ଫେରାର ରହିଛି। ଆଇନ ଅନୁସାରେ ଦୁଇ ଭାଇକୁ କଠୋର ଦଣ୍ଡ ଦିଆଯାଉ ବୋଲି ମୃତ ଆସଫଙ୍କ ଭାଇ ଦାବି କରିଛନ୍ତି। ଆସଫଙ୍କ ଭାଇ ସମେତ ଅଞ୍ଚଳର କିଛି ଲୋକ ଆଜି ଏନେଇ ଏସ୍‌ପିଙ୍କ କାର୍ଯ୍ୟାଳୟ ଆସିଥିଲେ। ଦୁଇ ଭାଇ ଉକ୍ତ ଅଞ୍ଚଳରେ ପୂର୍ବରୁ ମଧ୍ୟ ଅନେକ ଅପରାଧ ଘଟାଇଥିବା କହିଥିଲେ। ତେଣୁ ସେମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଖୁବଶୀଘ୍ର ଅଭିଯୁକ୍ତ ୱାସିମକୁ ଗିରଫ କରିବାକୁ ଦାବି କରିଥିଲେ। ମଙ୍ଗଳବାର ରାତିରେ ସମଦ ଓ ତା ଭାଇ ଏମ୍‌ଡି ୱାସିମ କୌଣସି କଥାକୁ ନେଇ ଆସଫ ସହ ଝଗଡ଼ା ଲାଗିଥିଲେ। ଏଥିରେ ଉତ୍ତେଜିତ ହୋଇ ଛୁରିରେ ଦୁଇ ଭାଇ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଆସଫଙ୍କ ମୃତ୍ୟୁ ହୋଇଥିଲା। ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା।

## ସମ୍ଭାବ୍ୟ ଏ-୧ ପ୍ରଶିକ୍ଷଣ ଶିବିର 'ପ୍ରୟାସ-୨୫'

ସମ୍ବଲପୁର, ୨୩।୮ (ସମିସ) : ମାଟ୍ରିକ ପରୀକ୍ଷା ଦେବାକୁ ଯାଉଥିବା ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଓ ପ୍ରସ୍ତୁତ କରିବା ସକାଶେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ପ୍ରତିବର୍ଷ ମାଟ୍ରିକ ପରୀକ୍ଷାରେ 'ଏ-୧' ଗ୍ରେଡ ହାସଲ କରୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ ପାଇବାକୁ ନେଇ ସଚେତନ ମହଲରେ ଉଦ୍‌ବେଗ ପ୍ରକାଶ ପାଇବାସହ ଜିଲ୍ଲାପାଳ ଶିକ୍ଷା ସମୀକ୍ଷା ବୈଠକରେ ତାଗିଦ୍ କରିଥିଲେ। ଏହି କ୍ରମରେ ମାନେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ବ୍ଲକର ବିଭିନ୍ନ ହାଇସ୍କୁଲରେ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ମେଧାବୀ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ ସକାଶେ ଶିକ୍ଷଣ କାର୍ଯ୍ୟକ୍ରମ 'ପ୍ରୟାସ-୨୫' ଆରମ୍ଭ କରାଯାଇଛି। ପ୍ରତି ମାସର ପ୍ରଥମ ଓ ତୃତୀୟ ଶନିବାରରେ ନବମ ଶ୍ରେଣୀରେ ଏ-୧ ଗ୍ରେଡ ପାଇଥିବା ୮୦ ଜଣ ଛାତ୍ରଛାତ୍ରୀଙ୍କୁ ଅଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଶିକ୍ଷାଦାନ କରାଯିବ। ସୂଚନାଯୋଗ୍ୟ ଯେ, ମାନେଶ୍ୱର ବ୍ଲକରେ ୨୦ଟି ସରକାରୀ ଓ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ରହିଛି। ମାଳତୀ-ଗୁଣ୍ଡେରପୁରସ୍ଥିତ ହାଇସ୍କୁଲରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଅମୂଲ୍ୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ ଓ ସାମାଜିକ କର୍ମୀ ଗୋପୀରଞ୍ଜନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଭୋଇ ସାମଗ୍ରିକ ଶୈକ୍ଷିକ ଉନ୍ନତି ପାଇଁ ଅଭିଭାବକ ଓ ଶିକ୍ଷକଙ୍କ ସହଯୋଗ ଆବଶ୍ୟକ ହୋଇଥାଏ ବୋଲି ମତ ରଖିଥିଲେ। ସଭାପରେ ପ୍ରଶିକ୍ଷଣ ଶିବିରର ଶିକ୍ଷାଦାନ କୌଶଳକୁ ଉତ୍ତରାଞ୍ଚଳ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଅମୂଲ୍ୟ ପ୍ରଧାନ ନିରୀକ୍ଷଣ କରିଥିଲେ। ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକିତା ଦାଶ 'ପ୍ରୟାସ-୨୫' ଶିକ୍ଷଣ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୀତାରାମ ଭୋଇ ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୀନତି ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଦୀପାଳି ଚୌଧୁରୀ, ରାକ୍ଷୀ ମହାପାତ୍ର ସହଯୋଗ କରିଥିଲେ।



# ନୂଆଁଖାଇ ପୂର୍ବରୁ ୟୁରିଆ ଦାବିକଲେ ଗୋବିନ୍ଦପୁର ଚାଷୀ

ସମ୍ବଲପୁର, ୨୩।୮ (ସମିସ)



ଚଳିତ ବର୍ଷ ଭଲ ବର୍ଷା ହୋଇ ଚାଷ ହୋଇଥିବାବେଳେ ରୁଆ ପରେ ପକାଯାଉଥିବା ୟୁରିଆ ସାର ଅଭାବକୁ ନେଇ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗୋବିନ୍ଦପୁର ଲ୍ୟାମ୍ପସ୍‌କୁ ଦୌଡ଼ି ଦୌଡ଼ି ଚାଷୀ ନୟାନ୍ତ ହେଲେଣି। ଯେତେବେଳେ ପଚାରିଲେ ୟୁରିଆ ସାର ଆସିନି କହୁଥିବାବେଳେ ପ୍ରାଇଭେଟ୍ ବିତରକ ମାନଙ୍କ ପାଖରେ ପ୍ରଚୁର ପରିମାଣରେ ମହଜୁଦ ଅଛି। ପ୍ରାଇଭେଟ୍ ବିତରକ ମାନେ କଳାବଜାରରେ ୫୦୦ରୁ ୬୦୦ ଟଙ୍କା ଦରରେ ବିକ୍ରୟ କରୁଛନ୍ତି। ଲ୍ୟାମ୍ପସରେ କୃତ୍ରିମ ଅଭାବ ସୃଷ୍ଟି କରି ଚାଷୀକୁ ବାହାରୁ ଦୁଇଗୁଣାଠାରୁ ଅଧିକ ଦରରେ କିଣିବାକୁ ବାଧ କରାଯାଉଛି। ନୂଆଁଖାଇ ପୂର୍ବରୁ ଗୋବିନ୍ଦପୁର ଲ୍ୟାମ୍ପସ୍ ଅଞ୍ଚଳକୁ ଅତି କମ୍‌ରେ ୫ ଟ୍ରିପ୍ ୟୁରିଆ ଯୋଗାଇ ନଦେଲେ ଫସଲ ନଷ୍ଟ ହୋଇଯିବ ଓ ପୁଣି ମରୁଡ଼ି ସମସ୍ୟା ଉପୁଜିବ ବୋଲି ଅଞ୍ଚଳର ଚାଷୀମାନେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ୧୫ ବର୍ଷ ମଧ୍ୟରେ ଅନିୟମିତ ବର୍ଷା ଓ ଜଳସେଚନ ଅଭାବରୁ ବାମରା ଅଞ୍ଚଳର ଚାଷୀ ପ୍ରାୟତଃ ମରୁଡ଼ିର ସମ୍ମୁଖୀନ ହେଉଛନ୍ତି। ଚଳିତବର୍ଷ ଜୁନ୍ ମାସରୁ ଭଲବର୍ଷା ହେଉଥିବାରୁ ଗୋବିନ୍ଦପୁର ଲ୍ୟାମ୍ପସ ଅଧୀନ ସମସ୍ତ ଅଞ୍ଚଳରେ ଧାନ ଚାଷ କରାଯାଇଛି। ଏଥର ଆଗୁଆ ବର୍ଷା ଯୋଗୁଁ ଅଗଷ୍ଟ ପ୍ରଥମ ସପ୍ତାହରେ ରୁଆ ବେଉଷଣ ସରିଯାଇଛି। ଏବେ ଜମିରେ ୟୁରିଆ ସାରର ଆବଶ୍ୟକତା ରହିଛି। ଅଗଷ୍ଟ ପହିଲାରୁ ଲ୍ୟା।ମ୍ପସରେ ୟୁରିଆ ନାହିଁ। ଜିଲ୍ଲା କୃଷି ବିଭାଗ ଅଧିକାରୀ ଓ ସାର ଯୋଗାଣ ଓ ବିତରଣ କମ୍ପାନୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ପାକ୍ସ ଓ ଲ୍ୟାମ୍ପସ୍‌କୁ ୟୁରିଆ ଦିଆନଯାଇ ଏକ କୃତ୍ରିମ ଅଭାବ ସୃଷ୍ଟି କରାଯାଉଛି। ୟୁରିଆ ବହୁପରିମାଣରେ ପ୍ରାଇଭେଟ ଡିଲରଙ୍କୁ ଦିଆଯାଇ ସେମାନଙ୍କ ଜରିଆରେ ଚାଷୀ କଳାବଜାରରେ ୨୬୫.୫୦ ମୂଲ୍ୟର ୟୁରିଆ ପ୍ୟାକେଟ୍ ପିଛା ୫୦୦ ରୁ ୬୦୦ ଟଙ୍କାରେ କ୍ରୟ କରିବାକୁ ବାଧ ହେଉଛି। ଯେଉଁ ଚାଷୀ କେସିସି ଋଣ କରି ଲ୍ୟାମ୍ପସ ଠାରୁ ସାର ନେଇଥାନ୍ତି ସେମାନଙ୍କୁ ବାହାରୁ ଦୁଇଗୁଣା ଦରରେ ୟୁରିଆ କିଣିବା ପାଇଁ ଏକପ୍ରକାର ବାଧ କରାଯାଉଛି। ବର୍ଷା ଏଯାବତ୍ ସଠିକ୍ ହୋଇଥିଲେ ମଧ୍ୟ ସାର ଅଭାବ ଯୋଗୁଁ ପୁଣିଥରେ ବାମରା ବ୍ଲକର ଚାଷୀ ମରୁଡ଼ିର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଅଭିଯୋଗ କରିଛନ୍ତି। ଆଉ କେଇଦିନ ପରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଥିବାବେଳେ ସେଥିପାଇଁ ପ୍ରସ୍ତୁତ ହେବା ବଦଳରେ ଚାଷୀ ପ୍ରତିଦିନ ୟୁରିଆ ପାଇଁ ଲ୍ୟାମ୍ପସକୁ ଦୌଡୁଛି। ନୂଆଁଖାଇ ପରେ ଧାନ ଚାଷ ପାଇଁ ଆଉ ସାରର ଆବଶ୍ୟକତା ପଡ଼ିବ ନାହିଁ, ପୋଷକ ତତ୍ତ୍ୱ ଓ ଖାଦ୍ୟ ଅଭାବରେ ଅମଳ କମିଯିବ ବୋଲି ବାମରାର ଚାଷୀମାନେ କହିଛନ୍ତି। ଏଣୁ ଜିଲ୍ଲା ପ୍ରଶାସନ ବେଳହୁଁ ସାବଧାନ ନୀତିରେ ନୂଆଁଖାଇ ପୂର୍ବରୁ ୟୁରିଆ ଯୋଗାଇ ଦେବାକୁ ବାମରା ବ୍ଲକର ଚାଷୀମାନେ ଜିଲ୍ଲା ପ୍ରଶାସନ, ଜିଲ୍ଲା କୃଷି ବିଭାଗ ଓ ଜିଲ୍ଲା ସମବାୟ ଉପନିବନ୍ଧକଙ୍କଠାରେ ଦାବି ଜଣାଇଛନ୍ତି।

## ଘରୋଇ ସ୍କୁଲରେ ଛାତ୍ରଙ୍କୁ ମାଡ଼

ସମ୍ବଲପୁର,୨୩।୮ (ସମିସ): ଘରୋଇ ସ୍କୁଲରେ ଛାତ୍ରଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ସମ୍ବଲପୁର ଶାସନ ଥାନା ଅଞ୍ଚଳର ଏକ ଘରୋଇ ସ୍କୁଲରେ ଶିକ୍ଷକଙ୍କ ମାଡ଼ରେ ଯୁକ୍ତ ଦୁଇ ପ୍ରଥମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରଙ୍କ ସ୍ୱାସ୍ଥ୍ୟ ବିଗଡ଼ି ଯାଇଛି। ମସ୍ତିଷ୍କରେ ଗଭୀର ଆଘାତ ଲାଗିଥିବା ଛାତ୍ରଙ୍କ ସିଟି ସ୍କାନ ରିପୋର୍ଟ ଆସିଥିବା ପରିବାର ପକ୍ଷରୁ ଅଭିଯୋଗ କରିଛନ୍ତି। ଲେଖିବାରେ ବିଳମ୍ବ କରିବାରୁ ଶିକ୍ଷକ ମୁଣ୍ଡ ପଛପଟେ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଥାନାରେ ଅଭିଯୋଗ ହୋଇ ନଥିବା ସୂଚନା ମିଳିଛି।



## ମୁନିସିପାଲ ମହାବିଦ୍ୟାଳୟ
# ଜାତୀୟ ଅନ୍ତରୀକ୍ଷ ବିଜ୍ଞାନ ଦିବସ




**ରାଉରକେଲା, ୨୩।୮ (ସମିସ):** ମୁନିସିପାଲ କଲେଜରେ ଜାତୀୟ ଅନ୍ତରୀକ୍ଷ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ପଦାର୍ଥ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ହରିହର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ଅର୍ପିତା ମହାପାତ୍ର ସ୍ୱାଗତ ଭାଷଣ ଦେଇ ବିଷୟ ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ଶ୍ରୀ ଦାସ ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାଦାୟକ ବୋଲି କହିଥିଲେ। ଅଧ୍ୟାପିକା ବିଜୟଲକ୍ଷ୍ମୀ ଦେଓ ଦିବସର ଅବଧାରଣା ପୂର୍ବକ ଓଡ଼ିଶାର ପଠାଣି ସାମନ୍ତଙ୍କ ଅବଦାନ ବୋଲି କହିଥିଲେ। ଅନ୍ୟତମ ବକ୍ତା ଅଧ୍ୟାପିକା ରୁମା ସାହୁ ଭାରତ ବର୍ଷ କିପରି ପ୍ରତିକୂଳ ପରିସ୍ଥିତିରେ ଚନ୍ଦ୍ରାୟନ-୩ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିପାରି ନିଜର ସ୍ୱାତନ୍ତ୍ରତାକୁ କିପରି ବଜାୟ ରଖିଛି ସେ ବିଷୟରେ କହିଥିଲେ। ଅଧ୍ୟାପିକା ଡ. ଦିବ୍ୟକାନ୍ତି ବିଲୁଙ୍ଗ କାର୍ଯ୍ୟକ୍ରମର ପ୍ରଶଂସା କରିବା ସହ ପାୱାର ପଏଣ୍ଟ ଓ ପୋଷ୍ଟର ମାଧ୍ୟମରେ ଛାତ୍ରଛାତ୍ରୀ ବିଷୟବସ୍ତୁ ଉପସ୍ଥାପନ କରିଥିଲେ। 'ଜହ୍ନକୁ ଟିକେଟ' ନାମକ ଏକ କ୍ଷୁଦ୍ରନାଟକ ପରିବେଷିତ ହୋଇଥିଲା। ଅଧ୍ୟାପିକା ଅଲିଶା ସେନ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ଅଧ୍ୟାପକ ଅଞ୍ଜଳି ଏକ୍କା, ସୁମନ ପାଣିଗ୍ରାହୀ, ସ୍ୱାଗତିକା ସାମଲ, ହେମନ୍ତ କୁମାର ପୁହାଣ, ସୁରଜ୍ ତନ୍ତୀ, ନିଖିଳ ସ୍ୱାଇଁ, ସତ୍ୟ ନାରାୟଣ ରାଉତ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଅଧ୍ୟାପିକା ସିମ୍ରାନ ଦେବତା ଧନ୍ୟବାଦ୍ ଦେଇଥିଲେ।

## ଦୁଇଟି ଭିଜିଲାନ୍ସ ମାମଲା
# ତିନି ସରକାରୀ କର୍ମଚାରୀ ଦୋଷୀ ସାବ୍ୟସ୍ତ

ରାଉରକେଲା, ୨୩।୮ (ସମିସ)

ଦୁଇଟି ଭିଜିଲାନ୍ସ 'ଟ୍ରାପ୍' ଏଣ୍ଡ 'ଡିଏ' ମାମଲାରେ ୩ ସରକାରୀ କର୍ମଚାରୀଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ସେମାନେ ହେଲେ ସୁନ୍ଦରଗଡ଼ ଜିଲ୍ଲା ଅଧୀନ ଗୁରୁଣ୍ଡିଆ ତହସିଲର ଏକମାତ୍ର ରାଜସ୍ୱ ସର୍କଲର ଅବସରପ୍ରାପ୍ତ ଆର୍‌ଆଇ ବସନ୍ତ କୁମାର ମିଶ୍ର, ଗୁରୁଣ୍ଡିଆ ତହସିଲର ଏଆର୍‌ଆଇ ଶିଶିର କୁମାର ବେହେରା ଏବଂ ବରଗଡ଼ ଜିଲ୍ଲା ଅଧୀନ ପଦ୍ମପୁର ତହସିଲର ପୂର୍ବତନ ବରିଷ୍ଠ କିରାଣୀ ତ୍ରିଲୋଚନ ସାହୁ। ସୂଚନାନୁଯାୟୀ, ଗୁରୁଣ୍ଡିଆ ତହସିଲର ପୂର୍ବତନ ଆରଆଇ ବସନ୍ତ କୁମାର ମିଶ୍ର ଏବଂ ଏଆର୍‌ଆଇ ଶିଶିର କୁମାର ବେହେରାଙ୍କୁ ଲାଞ୍ଚ ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇ ହାଜତକୁ ପଠାଇ ଦିଆଯାଇଛି। ଗତକାଲି ଗୁରୁଣ୍ଡିଆ ତହସିଲ ଅଧୀନ ସୋଲ ରାଜସ୍ୱ ସର୍କଲର ପୂର୍ବତନ ଆର୍‌ଆଇ ବସନ୍ତ କୁମାର ମିଶ୍ର ଏବଂ ଏଆର୍‌ଆଇ ଶିଶିର କୁମାର ବେହେରା ଆୟ ବହିର୍ଭୂତ ଏବଂ ଜାତି ପ୍ରମାଣପତ୍ର ପ୍ରଦାନ ପାଇଁ ଅଭିଯୋଗକାରୀଙ୍କ ଠାରୁ ଲାଞ୍ଚ ଦାବି କରିବା ଏବଂ ନେବା ବେଳେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଧରାପଡ଼ିଥିଲେ। ଭିଜିଲାନ୍ସ ବିଭାଗ ପକ୍ଷରୁ ଆଇପିସିର ଧାରା ୧୩(୨) ଆର/ଡବ୍ଲ୍ୟୁ୧୩(୧)(ଡି)/୭ ପିସି ଆଇନ, ୧୯୮୮/୩୪ ଅଧୀନ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ସେମାନଙ୍କୁ ସୁନ୍ଦରଗଡ଼ର ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ଦୋଷୀ ସାବ୍ୟସ୍ତ କରିଛନ୍ତି। କୋର୍ଟ ପ୍ରତ୍ୟେକଙ୍କୁ ୪ ବର୍ଷ ପାଇଁ ସଶ୍ରମ କାରାଦଣ୍ଡ ଏବଂ ଜୋରିମାନା ଦେବାକୁ ଦଣ୍ଡିତ କରିଛନ୍ତି। ଏଥିସହିତ ଅବସରପ୍ରାପ୍ତ ଆରଆଇ ବସନ୍ତ କୁମାର ମିଶ୍ର ଏବଂ ପୂର୍ବତନ ଏଆରଆଇ ଶିଶିର କୁମାର ବେହେରାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଦୋଷୀ ସାବ୍ୟସ୍ତ ହେବା ପରେ ଭିଜିଲାନ୍ସ ଅବସରପ୍ରାପ୍ତ ଆର୍‌ଆଇ ବସନ୍ତ କୁମାର ମିଶ୍ରଙ୍କ ପେନସନ ବନ୍ଦ କରିବା ସହିତ ରାଜଗାଙ୍ଗପୁର ତହସିଲର ପୂର୍ବତନ ଏଆର୍‌ଆଇ ଶିଶିର କୁମାର ବେହେରାଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ସକ୍ଷମ ପ୍ରାଧିକରଣଙ୍କ ନିକଟରେ ଆବେଦନ କରିବ ବୋଲି ସୂଚନା ମିଳିଛି। ସମ୍ବଲପୁର ଡିଭିଜନର ପୂର୍ବତନ ଭିଜିଲାନ୍ସ ଡିଏସପି ପରମେଶ୍ୱର କିଷାନ ମାମଲାର ତଦନ୍ତ କରିଥିଲେ। ସେହିପରି ଭିଜିଲାନ୍ସର ସ୍ପେଶାଲ ପିପି ଶ୍ୟାମ ସୁନ୍ଦର ମିଶ୍ର ଏବଂ ସହାୟକ ପିପି ସନ୍ଦୀପ ପଣ୍ଡା ମିଳିତ ଭାବରେ ଅଭିଯୋଗ ପ୍ରସିକ୍ୟୁସନ ପକ୍ଷରୁ ମାମଲା ପରିଚାଳନା କରିଥିଲେ। ସେହିପରି ବରଗଡ଼ ଜିଲ୍ଲା ପଦ୍ମପୁର ତହସିଲର ପୂର୍ବତନ ବରିଷ୍ଠ କ୍ଲର୍କ ତ୍ରିଲୋଚନ ସାହୁ ଡିଏ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଅଗଷ୍ଟ ୨୨ ତାରିଖ ଦିନ ଭିଜିଲାନ୍ସ କୋର୍ଟ ଦ୍ୱାରା ଅନୁପାତହୀନ ସମ୍ପତ୍ତି (ଡିଏ) ରଖିବା ଅଭିଯୋଗରେ ପିସି ଆଇନ, ୧୯୮୮ର ଧାରା୧୩(୨) ଆର/ଡବ୍ଲ୍ୟୁ ୧୩(୧)(ଇ) ଅନ୍ତର୍ଗତ ଏକ ମାମଲାରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ବରଗଡ଼ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତିଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ତ୍ରିଲୋଚନ ସାହୁ, ୨ ବର୍ଷ ପାଇଁ ସଶ୍ରମ କାରାଦଣ୍ଡ ଏବଂ ଜରିମାନା ଦଣ୍ଡିତ ହୋଇଛନ୍ତି। ଭିଜିଲାନ୍ସ ଦ୍ୱାରା ପଦମପୁର ତହସିଲର ଅବସରପ୍ରାପ୍ତ ବରିଷ୍ଠ କିରାଣୀ ତ୍ରିଲୋଚନ ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରିବା ପରେ, ତାଙ୍କର ପେନସନ ବନ୍ଦ କରିବା ପାଇଁ ଭିଜିଲାନ୍ସ ସକ୍ଷମ ପ୍ରାଧିକରଣଙ୍କ ନିକଟରେ ଆବେଦନ କରିବ ବୋଲି ସୂଚନା ମିଳିଛି। ଏହି କେସରେ ଭିଜିଲାନ୍ସ ସମ୍ବଲପୁର ଭିଜିଲାନ୍ସ ଡିଭିଜନର ପୂର୍ବତନ ଇନ୍ସପେକ୍ଟର, ବାଳକୃଷ୍ଣ ସାହୁ ମାମଲାର ତଦନ୍ତ କରିଥିଲେ। ଭିଜିଲାନ୍ସର ସ୍ୱତନ୍ତ୍ର ପିପି ଗୌରମୋହନ ଦାଶ ଏବଂ ରବିନାରାୟଣ ଭୋଇ ମିଳିତ ଭାବରେ ପ୍ରସିକ୍ୟୁସନ ପକ୍ଷରୁ ମାମଲା ପରିଚାଳନା କରିଥିଲେ।

# 'ଆଇନଗତ ସଫେଇ, ସୁରକ୍ଷିତ ସଫେଇ' ସଚେତନତା ରଥ ଶୁଭାରମ୍ଭ



**ରାଉରକେଲା, ୨୩।୮ (ସମିସ):** ସୁରକ୍ଷିତ ଭାବେ ସ୍ୱେରେଜ ନାଳ କିମ୍ବା ପାଇଖାନା ଟାଙ୍କି ସଫେଇକୁ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ 'ଆଇନଗତ ସଫେଇ, ସୁରକ୍ଷିତ ସଫେଇ' ସୂଚନା, ଶିକ୍ଷା ଓ ଯୋଗାଯୋଗ ଅଭିଯାନ ଜାରି ରହିଛି। ଆଜି ଏହି ଅଭିଯାନ ଅଧୀନ ଏକ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି ରାଉରକେଲା ମହାନଗର ନିଗମ ଆୟୁକ୍ତ ଦୀନା ଦସ୍ତାଗୀର୍। ଉକ୍ତ କାର୍ଯ୍ୟକ୍ରମରେ ରାଉରକେଲା ମହାନଗର ନିଗମର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। ଏହାସହ ସଚେତନତା ବାର୍ତ୍ତା ମଧ୍ୟ ଲୋକମାନଙ୍କୁ ଦିଆଯାଇଥିଲା। ଏହି ସଚେତନତା ରଥ ରାଉରକେଲା ମହାନଗର ନିଗମର ବିଭିନ୍ନ ୱାର୍ଡ ପରିକ୍ରମା କରିବା ସହ ଜନସାଧାରଣଙ୍କୁ ପାଇଖାନା ଟାଙ୍କି ସଫେଇ ସମୟରେ ୧୪୪୨୦ (ଦେୟମୁକ୍ତ) ନମ୍ବରରେ ଫୋନ୍ କରି ମହାନଗର ନିଗମରୁ ସ୍ୱୀକୃତିପ୍ରାପ୍ତ ହୋଇଥିବା ସଫେଇ ସଂସ୍ଥାର ସେଶପୁଲ ଗାଡ଼ି ଏବଂ ତାଲିମପ୍ରାପ୍ତ ସଫେଇ କର୍ମଚାରୀଙ୍କୁ ବ୍ୟବହାର କରିବା ପାଇଁ ସଚେତନ କରିବ।

## ଜାତୀୟ ପାୱାରଲିଫ୍ଟିଂ ଚାମ୍ପିଅନସିପ୍ ୨୦୨୫
# ଆର୍‌ଏସ୍‌ପି ଦଳର ଉତ୍କର୍ଷ ପ୍ରଦର୍ଶନ







**ରାଉରକେଲା, ୨୩।୮ (ସମିସ):** ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ପାୱାରଲିଫ୍ଟିଂ ଦଳ ଜାମସେଦପୁରରେ ଅନୁଷ୍ଠିତ ଜାତୀୟ ପାୱାରଲିଫ୍ଟିଂ ଚାମ୍ପିଅନସିପ୍ ୨୦୨୫ରେ ବହୁ ପଦକ ଜିତି ରାଉରକେଲା ପାଇଁ ଗୌରବ ଆଣିଦେଇଛି। ଆର୍‌ଏସ୍‌ପିର ଏମଆରଡି ବିଭାଗର ଜିଏମ ସନ୍ତୋଷ ଭୂୟାଁ ମାଷ୍ଟର-୨, ୮୩ କିଲୋଗ୍ରାମ ବର୍ଗ ବେଞ୍ଚ ପ୍ରେସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଆର୍‌ଏସ୍‌ପି ଦଳର ଅନ୍ୟ ସଦସ୍ୟମାନେ ମଧ୍ୟ ପ୍ରଭାବଶାଳୀ ପ୍ରଦର୍ଶନ କରିଥିଲେ। ପ୍ରଦ୍ୟୁମ୍ନ ଭୂତିଆ ମାଷ୍ଟର-୨, ୭୪ କିଲୋଗ୍ରାମ ବର୍ଗ (ବେଞ୍ଚ ପ୍ରେସ୍)ରେ କାଂସ୍ୟ ପଦକ ଜିତିଥିଲେ। ଆଶିଷ ମହାପାତ୍ର ୧୨୦ କିଲୋଗ୍ରାମ ଜୁନିଅର ଶ୍ରେଣୀରେ ରୌପ୍ୟପଦକ ହାସଲ କରିଥିବା ବେଳେ ବନାନୀ ବିଶ୍ୱାସ ସିନିୟର, ୬୩ କିଲୋଗ୍ରାମ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ଏବଂ 'ଭାରତର ଶକ୍ତିଶାଳୀ ମହିଳା' ଭାବରେ ବିବେଚିତ ହୋଇଥିଲେ। ଜାତୀୟ ସ୍ତରରେ ଆରଏସପି ଦଳର ପ୍ରଶଂସନୀୟ ସଫଳତା ପୁଣି ଥରେ ପ୍ଲାଣ୍ଟର ଦୃଢ଼ କ୍ରୀଡା ସଂସ୍କୃତି ଏବଂ ପ୍ରତିଭାକୁ ପ୍ରୋତ୍ସାହିତ କରିବା ପ୍ରତି ଏହାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

# ରିଂରୋଡ୍‌ରେ ଫାଟିଲା କାର୍ ଚକ; ଚାଳକ ଆହତ

**ରାଉରକେଲା, ୨୩।୮ (ସମିସ):** ରିଂରୋଡରେ କାର୍ ଯାଉଥିବା ବେଳେ ହଠାତ୍ ଚକ ଫାଟିବାରୁ ଦୁର୍ଘଟଣାର ସମ୍ମୁଖୀନ ହୋଇ ଚାଳକ ଆହତ ହୋଇଛନ୍ତି। ଶନିବାର ଅପରାହ୍ଣ ବେଳେ ସେକ୍ଟର -୭/୧୫ ଛକ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ସୂଚନା ମୁତାବକ, ଛେଣ୍ଡ ପଟୁ ସେକ୍ଟର ଆଡକୁ କାର୍ ଯାଉଥିଲା। ହଠାତ୍ ଉକ୍ତ ଛକ ନିକଟରେ କାର୍‌ର ସମ୍ମୁଖ ଚକ ଫାଟି ଯାଇଥିଲା। ଫଳରେ ଚାଳକ ଭାରସାମ୍ୟ ହରାଇ ଡିଭାଇଡରକୁ ଯାଇ ଧକ୍କା ଦେଇଥିଲେ।



ଦୁର୍ଘଟଣା ଏତେ ଜୋରରେ ଥିଲା ଯେ, କାର ବିପରୀତ ଦିଗକୁ ବୁଲି ଯାଇଥିଲା। ଏଥିରେ ଗାଡି କ୍ଷତିଗ୍ରସ୍ତ ହୋଇଥିବା ବେଳେ ଚାଳକ ଆହତ ହେଇଥିଲେ। ସେକ୍ଟର -୧୫ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଦୁର୍ଘଟଣା ହଠାତ୍ ଘଟିଥିଲା ତାହାବି ଅତି ଭୟଙ୍କର। ଭାଗ୍ୟବଶତଃ ରାସ୍ତାରେ ଯାଉଥିବା ଅନ୍ୟ ପଥଚାରୀ ଦୁର୍ଘଟଣାରୁ ରକ୍ଷା ପାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

# ପୁତୁରା ଟାଙ୍ଗିଆ ଚୋଟରେ ଗୁରୁତର ବଡ଼ବାପାର ମୃତ୍ୟୁ

**ବେଲପଡା,୨୩।୮ (ସମିସ):** ବଲାଙ୍ଗୀର ଜିଲ୍ଲା ବେଲପଡ଼ା ଥାନା ପର୍ଲିମାଲ ଗାଁରେ ପୁତୁରା ଟାଙ୍ଗିଆ ଚୋଟରେ ଗୁରୁତର ବଡ଼ବାପାର ମୃତ୍ୟୁ ଘଟିଛି। ମୃତକ ହେଲେ ଶୋଭାକର ଭାଟି (୭୫)। ବୁର୍ଲା ମେଡିକାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ଜମିବାଡ଼ି ମାମଲାକୁ କେନ୍ଦ୍ରକରି ତାଙ୍କୁ ତାଙ୍କ ପୁତୁରା ଟାଙ୍ଗିଆରେ ହାଣି ଦେଇଥିଲା।

**ଜମିବାଡ଼ି ବିବାଦରୁ ହତ୍ୟା ଉଦ୍ୟମ ହୋଇଥିଲା**

**ଗତ ୨ ତାରିଖରୁ ବୁର୍ଲାରେ ଚିକିତ୍ସା ଚାଲିଥିଲା**

ଗତ ୨ ତାରିଖ ରାତି ଶୋଭାକର, ସ୍ତ୍ରୀ ସୁରୁବାଳୀ ଏବଂ ଭାଇର ଝିଅ ଅନିତା ଭାଟି ସବୁ ଦିନ ଭଳି ନିଜ ଖେତକୁ ଯାଇ ଶୋଇଥିଲେ। ଏହି ସମୟରେ ଗାଁର ପର୍ଶୁରାମ ଭାଟି, ବାସୁଦେବ ଭାଟି ଓ ହୃଦ ଭାଟି ପହଞ୍ଚି ଆକ୍ରମଣ କରିଥିଲେ। ଦୁଇ ଜଣ ଠେଙ୍ଗାରେ ଆକ୍ରମଣ କରୁଥିବା ବେଳେ ହୃଦ ଭାଟି ଏକ ଟାଙ୍ଗିଆରେ ଶୋଭାକାରଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା। ଏହାଫଳରେ ଶୋଭାକର ଅଚେତ୍ ହୋଇ ପଡିଥିଲେ। ଅଭିଯୁକ୍ତମାନେ ଫେରାର ପରେ ଅନିତା ପରିବାର ଲୋକଙ୍କୁ ଫୋନ୍ କରିଥିଲେ। ଏହାପରେ ଶୋଭାକରଙ୍କୁ ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ କିଛି ଦିନ ଚିକିତ୍ସା ହେଲାପରେ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଶେଷରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୂର୍ବାରୁ ମଧ୍ୟ ଜମିବାଡ଼ିକୁ ନେଇ ଉଭୟଙ୍କ ମଧ୍ୟରେ କଳହ ଲାଗି ରହିଥିଲା। ଘଟଣା ଦିନ ପରିବାର ଲୋକ ଥାନାରେ ଅଭିଯୋଗ କରିଥିଲେ। ଏବେ ବି ମୁଖ୍ୟ ଅଭିଯୁକ୍ତ ଫେରାର ଥିବାବେଳେ ବାସୁଦେବ ଭାଟିକୁ ପୁଲିସ ଥାନାରେ ଅଟକ ରଖି ପଚରା ଉଚରା କରୁଛି। ତେବେ ଅନ୍ୟମାନଙ୍କୁ ପୁଲିସ କେବେ ଗିରଫ କରିବ ବୋଲି ପରିବାର ଲୋକେ ପ୍ରଶ୍ନ କରିଛନ୍ତି।

# ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଦୁଇଦିନିଆ ଜିଲ୍ଲା ସମ୍ମିଳନୀ ଉଦ୍‌ଘାଟିତ




**ରାଉରକେଲା, ୨୩।୮ (ସମିସ):** ଶୋଷଣ, କଷଣ, ଅତ୍ୟାଚାରରୁ ମୁକ୍ତିସହ ସମାଜବାଦୀ ସମାଜ ଗଠନ ଦିଗରେ ନିଷ୍ଠାପର ସଂଘର୍ଷରେ, ତ୍ୟାଗ ଓ ଆତ୍ମବଳିଦାନର ଶହେ ବର୍ଷରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୧୭ତମ ସୁନ୍ଦରଗଡ଼ ଜିଲ୍ଲା ସମ୍ମିଳନୀ ରାଉରକେଲାସ୍ଥିତ ଭଞ୍ଜଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପାର୍ଟିର ବରିଷ୍ଠ ନେତା କମ୍ରେଡ୍ ରାଜୁ ଭୋଇ ସମ୍ମିଳନୀର ଲାଲପତାକା ଉତ୍ତୋଳନ କଲାପରେ ସାଥୀ ବିଶ୍ୱଦୁଦ ରାୟ, ଅପର୍ଣ୍ଣା ରାଉତରାୟ ଓ ଦଶରୁ କିଶନଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସମ୍ମିଳନୀ ପରିଚାଳନା କରିଥିଲେ। ସମ୍ମିଳନୀକୁ ଉଦ୍‌ଘାଟନ କରି ସିପିଆଇ ରାଜ୍ୟ ସହ ସମ୍ପାଦକ ସାଥୀ କ୍ଷୀରୋଦ ସିଂଦେଓ, ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ୍ ଅଶୋକ ଦାସ, ସାଥୀ ବିଜୟ ଜେନା, କାର୍ଯ୍ୟକାରୀ ସଦସ୍ୟ ମହେଶ୍ୱର ରାଉତ ମତପ୍ରକାଶ କରିଥିଲେ। ଐକ୍ୟବଦ୍ଧ ସଂଘର୍ଷରେ ସାମିଲ ହେବାକୁ ଆହ୍ୱାନ ଦେଇ ସିପିଆଇର ୨୪ତମ ରାଜ୍ୟ ସମ୍ମିଳନୀର ପ୍ରଥମ ଦିନ ୪ ସେପ୍ଟେମ୍ବର ପୂର୍ବାହ୍ନରେ ବିଶାଳ ସଂଘର୍ଷ ସଂକଳ୍ପ ସମାବେଶରେ ସୁନ୍ଦରଗଡ଼ ଜିଲ୍ଲାରୁ ବହୁ ସଂଖ୍ୟାରେ ଯୋଗ ଦେବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ସମ୍ପାଦକ ସାଥୀ ପ୍ରଦୋଷ ମହାନ୍ତି ଗତ ତିନି ବର୍ଷର ରିପୋର୍ଟ ଉପସ୍ଥାପନ କରି ସାଂଗଠନିକ ଢାଞ୍ଚାକୁ ସୁଦୃଢ କରିବା ପାଇଁ ପରାମର୍ଶ ଦେଇଥିଲେ। ସନ୍ତୋଷ ଆଚାର୍ଯ୍ୟ, ରାଧେଶ୍ୟାମ ଗର୍ତରିଆ, ଅନୁପମ ଦତ୍ତ, ଅଖିଳ ମାଝୀ, ଜୋନ ଆୟୁବ ଯୋଜୋ, ରାଜେନ୍ଦ୍ର ନାୟକ, ରମେଶ ସେଠୀ, ରମେଶ ଯଯପୁରିଆ, ମତିଲଡ଼ା କୁଲୁ, ଶୁକଦେବ ପ୍ରଧାନ, ଗୋଲାପି ବଞ୍ଚୁର୍, କମାଲ ଷଣ୍ଢ, ଭାଗ୍ୟଧର ରାଉତ ମତବ୍ୟକ୍ତ କରିଥିଲେ। ରାଉରକେଲା ଇସ୍ପାତ କାରଖାନାରେ ଖାଲିଥିବା ପଦବୀ ପୂରଣ, ଜିଲ୍ଲାକୁ ଦାଦନ ମୁକ୍ତ କରିବା, ଜଳ, ଜମି, ଜଙ୍ଗଲର ସୁରକ୍ଷା, ବନ୍ଦ ପଡ଼ିଥିବା ଖଣି ଖଦାନ ଓ କଳକାରଖାନା ଖୋଲିବା, ବନ୍ଦ ପଡ଼ିଥିବା ସରକାରୀ ଶିକ୍ଷାନୁଷ୍ଠାନକୁ ଖୋଲିବା, ଜଳ ସେଚନ ପ୍ରକଳ୍ପକୁ ସୁଦୃଢ କରିବା ପ୍ରମୁଖ ପ୍ରସ୍ତାବ ଗୃହୀତ ହୋଇଥିଲା। ଶେଷରେ ମତିଲଦା କୁଲୁ ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ କୈଳାଶ ନାୟକ, ପ୍ରମୋଦ ବେହେରା, ସବ୍ୟସାଚୀ ନାୟକ, ଅଜୟ ବାରା, ରାମୁ କିଶାନ ଓ ସୁଶାନ୍ତ ଲେଙ୍କା ପ୍ରମୁଖ ସଫଳ କରିବାରେ ସହଯୋଗ କରିଥିଲେ।

# ସାଲେଭଟା-ମୂର୍ଷୁଣ୍ଡ ରାସ୍ତାରୁ ଗଞ୍ଜେଇ ଭର୍ତ୍ତି କାର୍ ଜବତ

**ବଲାଙ୍ଗିର,୨୩।୮ (ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ପୁଲିସ ସାଲେଭଟା-ମୂର୍ଷୁଣ୍ଡ ରାସ୍ତାରୁ ଆଡଭୋକେଟ ଲେଖାଥିବା ଏକ ଗଞ୍ଜେଇ ଭର୍ତ୍ତି କାର୍ ଜବତ କରିଛି। ଏହି ଘଟଣାରେ କିନ୍ତୁ କେହି ଧରା ପଡି ନାହାନ୍ତି। ସେହିପରି ଏହି ଗାଡ଼ିକୁ ଏସ୍କର୍ଟ କରୁଥିବା ଏକ ଗାଡ଼ିକୁ ମଧ୍ୟ ପୁଲିସ ଅଟକ ରଖିଛି।



ଶନିବାର ଅପରାହ୍ନରେ ଏକ କାର (ଓଡ଼ି ୩୩ ଏଏଲ୍ ୭୨୨୩)ରେ ଗଞ୍ଜେଇ ଚାଲାଣ ହେଉଥିବା ଲୋଇସିଂହା ପୁଲିସ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲା। ତରଭା ଅଞ୍ଚଳରୁ ଜାତୀୟ ରାଜପଥରେ ଏହି କାରଟି ଆସୁଥିବା ବେଳେ ସୂଚନା ପାଇ ଲୋଇସିଂହା ପୁଲିସ ପିଛା କରିଥିଲା। ଥାନା ଅଧିକାରୀ ଯାଜ୍ଞସେନୀ ନାୟକଙ୍କ ନେତୃତ୍ୱରେ ଦୁଇଟି ଟିମ୍ କାରକୁ ପିଛା କରିଥିଲେ। ତେବେ ଓଜନ ହୋଇ ନ ଥିବାରୁ ଗଞ୍ଜେଇ ପରିମାଣ ଜଣାପଡିନାହିଁ।

# ବୃକ୍ଷରେ ରାକ୍ଷୀ ବାନ୍ଧିଲେ ଛାତ୍ରଛାତ୍ରୀ



**ଖପ୍ରାଖୋଲ,୨୩।୮ (ସମିସ):** ବଲାଙ୍ଗିର ଜଲ୍ଲା ଖପ୍ରାଖୋଲ ବ୍ଲକ୍ ଘୁନସର ପ୍ରଗତି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ୍ ଓ ଏନର୍ଜି କ୍ଲବ୍ ଆନୁକୂଲ୍ୟରେ ଛାତ୍ରଛାତ୍ରୀ ଗଛକୁ ରାଖୀ ବାନ୍ଧିଛନ୍ତି। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଐଶ୍ୱର୍ଯ୍ୟ ଶେଖର ଦେବତାଙ୍କ ସଭାପତିତ୍ୱରେ ଆୟୋଜନ କରାଯାଇଥିଲା। ଟେକେନ୍ଦ୍ର ଜାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ବିଦ୍ୟାଳୟର ଏନର୍ଜି କ୍ଲବ୍ ଇନ୍‌ଚାର୍ଜ୍ ତଥା ଶିକ୍ଷୟିତ୍ରୀ ଦିପାଞ୍ଜଳି ପ୍ରଧାନ, ଇକୋ କ୍ଲବ୍ ଇନ୍‌ଚାର୍ଜ୍ ଉସତ ଗଡତିଆ, ଶିକ୍ଷୟତ୍ରି ଝରଣା କର, ଶିକ୍ଷକ ରଥ ଗୁରୁ, ଗୌର ମାଝୀ, କୃଷ୍ଣଧର ପାତ୍ର, ଡୋଲାମଣି ପଧାନ, କିରାଣୀ କାହ୍ନୁଚରଣ ସାହୁ, ଦୁର୍ଯୋଧନ ସାହୁ, ଅଲେଖ ସ୍ୱାଇଁ, ସଫେଇ କର୍ମଚାରୀ କ୍ଷମାସାଗର ବାଗ, ରାତ୍ର ଜଗୁଆଳି ରମେଶ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# କଣ୍ଟାବାଞ୍ଜି ବନ ବିଭାଗ ଚଢ଼ଉ: କେନ୍ଦୁ ଗଣ୍ଡି ଜବତ



**କଣ୍ଟାବାଞ୍ଜି,୨୩।୮ (ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସେକ୍ସନ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ କଣ୍ଟାବାଞ୍ଜି ବନ ବିଭାଗ ଚଢ଼ଉ କରି ୩୬ଟି କେନ୍ଦୁ କାଠ ଗଣ୍ଡି ଜବତ କରିଛି। ସେମଲାରୁ ମହୁଲବାହାଲି ଗ୍ରାମକୁ ସଂଯୋଗ କରିଥିବା ରାସ୍ତା କଡରେ ବେଆଇନ ଭାବେ ଚୋରା ଚାଲାଣ ଉଦ୍ଦେଶ୍ୟରେ ଏହା ଲୁଚାଇ ରଖା ଯାଇଥିଲା। କୌଣସି ସୂତ୍ରରୁ କଣ୍ଟାବାଞ୍ଜି ବନ ବିଭାଗ ଏଡି ଖବର ପାଇଥିଲା। ବନପାଳ ଘନଶ୍ୟାମ ପସାୟତଙ୍କ ନେତୃତ୍ୱରେ ଚଢ଼ଉ ହୋଇଥିଲା। ତେବେ ମାଫିଆ ଫେରାର ମାରିଛନ୍ତି। ଏହି ଚଢ଼ଉ ସମୟରେ ବନରକ୍ଷୀ ଶବନମ ଫିରଦୋଷ, ପରମାନନ୍ଦ ମାଝୀ, ପାରା ଷ୍ଟାଫ ପ୍ରମାନନ୍ଦ ଭାଟି, ପ୍ରଶାନ୍ତ ନାଏକ, ଜଳଧର ବନଛୋର, କପିଳ ମାଝୀ, ଖେଡୁ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

## ଅବ୍ୟବସ୍ଥା ଘେରରେ ଅଙ୍ଗନବାଡ଼ି କେନ୍ଦ୍ର
# ଅସରାଏ ବର୍ଷାରେ ଜମୁଛି ଆଣ୍ଠୁଏ ପାଣି





ବଣାଇଁ, ୨୩।୮ (ସମିସ)

ଅସରାଏ ବର୍ଷା ହେଲେ ଅଙ୍ଗନବାଡ଼ି କେନ୍ଦ୍ରରେ ଆଣ୍ଠୁଏ ପାଣି ଜମୁଛି। ଏଭଳି ସ୍ଥିତିରେ ବିପଦ ଶଙ୍କୁଳ ଅବସ୍ଥାରେ ପାଠପଢ଼ିବା ପାଇଁ ବସୁଛନ୍ତି ଛାତ୍ରଛାତ୍ରୀ। କେତେବେଳେ କେଉଁଠାରେ ପାଠ ପଢ଼ାଯିବ ତାକୁ ନେଇ ଚିନ୍ତାରେ ଅଙ୍ଗନବାଡ଼ି କର୍ମୀ। ବଣାଇଁ ବ୍ଲକର ସରସରା -୨ ଅଙ୍ଗନବାଡି କେନ୍ଦ୍ରର ଏ ଦୃଶ୍ୟ। ଅସରାଏ ବର୍ଷାରେ ଘର ଭିତରେ ପାଣି ଭର୍ତ୍ତି ହୋଇଯାଉଛି। ୨୦ ବର୍ଷ ତଳେ ନିର୍ମାଣ ହୋଇଥିବା ଅଙ୍ଗନବାଡି କେନ୍ଦ୍ରରେ ୩୦ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଗୋଟିଏ ଘରେ ସମସ୍ତେ ଜାକିଯୁକି ହୋଇ ବସୁଛନ୍ତି। ଅସରାଏ ବର୍ଷା ହେଲେ ଛାତରୁ ପାଣି ଗଳୁଛି। ଏଥିସହ ବାହାର ପାଣି ମଧ୍ୟ ପଶି ଆଣ୍ଠୁଏ ହେଉଛି। ଯାହାଫଳରେ ଛାତ୍ରଛାତ୍ରୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶ୍ରେଣୀଗୃହ ଭିତରେ ପାଣି ଯୋଗୁଁ ଅଙ୍ଗନବାଡ଼ି କର୍ମୀଙ୍କୁ ବାଧହୋଇ ପିଲାଙ୍କୁ ଛୁଟି କରିବାକୁ ପଡୁଛି। ପ୍ରଶାସନିକ ସ୍ତରରେ ସମସ୍ତେ ଏହି କେନ୍ଦ୍ରର ଅବସ୍ଥା ବାବଦରେ ଜାଣିଥିଲେ ବି ଆଜି ପର୍ଯ୍ୟନ୍ତ ନୂତନ ଘର ନିର୍ମାଣ ହୋଇପାରି ନଥିବା ଅଭିଯୋଗ ହୋଇଛି। ବିଭାଗୀୟ ଅବହେଳା ଯୋଗୁଁ ବର୍ଷ ବର୍ଷ ଧରି ଅନେକ ସ୍ଥାନରେ ନିର୍ମାଣଧୀନ ଅଙ୍ଗନବାଡ଼ି କେନ୍ଦ୍ରଗୁଡିକ ସମ୍ପୂର୍ଣ୍ଣ ହୋଇ ନପାରି ଅଧପନ୍ତରିଆ ଭାବେ ପଡ଼ିରହିଛି। ପ୍ରଶାସନ ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ଜିଲ୍ଲା ପରିଷଦ ସଭ୍ୟ ବୀର ବିଚିତ୍ରସେନ ନାୟକ ଓ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏନେଇ ଶିଶୁ ବିକାଶ ଅଧିକାରୀ ବୀଣାପାଣି ନାଏକଙ୍କୁ ଯୋଗାଯୋଗ କରିବାରୁ ସେ ବଣାଇଁ ବିଡିଓଙ୍କୁ ଏବିଷୟରେ ଅବଗତ କରିଥିବା କହିବା ସହ ଖୁବଶୀଘ୍ର ଏକ ନୂତନ କେନ୍ଦ୍ର ନିର୍ମାଣ କରାଯିବ ବୋଲି କହିଛନ୍ତି।



## ପତ୍ନୀଙ୍କୁ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ରିଆମାଳ, ୨୩।୮ (ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ କୁଣ୍ଢେଇଗୋଳା ଥାନା ପରା ଗାଁରେ ପତ୍ନୀଙ୍କୁ ହତ୍ୟା କରିବା ଅଭିଯୋଗରେ ସ୍ୱାମୀ ଗିରଫ ହୋଇଛି। ପରା ଗାଁର ଦୀପକ ମାହାର ତାଙ୍କ ସ୍ତ୍ରୀ ଭାରତୀ ମାହାରଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ଭାରତୀଙ୍କ ଭଉଣୀ ସୁକୁମାରୀ ନାଏକ କୁଣ୍ଢେଇଗୋଳା ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ପୁଲିସ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ଦୀପକ ଭୁବନେଶ୍ୱରରେ ରହି ଶ୍ରମିକ କାମ କରୁଥିଲା। ଗତ କିଛି ଦିନ ହେଲା ସେ ଘରକୁ ଆସିଥିବା ବେଳେ ତାଙ୍କ ସ୍ତ୍ରୀ ଭାରତୀ ପ୍ରାୟ ସମୟରେ ଫୋନରେ କାହା ସହିତ କଥା ହେଉଥିବା ଦେଖିବାକୁ ପାଇଥିଲା। ଏହାକୁ ନେଇ ଗତ ୨୦ ତାରିଖ ରାତିରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ଦୀପକ ଉତ୍‌କ୍ଷିପ୍ତ ହୋଇ ଭାରତୀଙ୍କ ହାତ ଧରି ଟାଣି ଦେବା ଫଳରେ ସେ ତଳେ ପଡ଼ି ଯାଇଥିଲେ। ଏଥିରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଡାକ୍ତରଖାନାକୁ ନିଆଯାଇଥିବା ବେଳେ ଡାକ୍ତର ଭାରତୀଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପରା ଗାଁର ଜଣେ ବ୍ୟକ୍ତି ଭାରତୀଙ୍କ ପରିବାର ଲୋକଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ସୂଚନା ପାଇ ଭାରତୀଙ୍କ ବାପ ଘର ଲୋକ ଆସି ଝିଅର ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ। ଏଥିସହ ଭାରତୀଙ୍କୁ ତାଙ୍କ ସ୍ୱାମୀ ଦୀପକ ହତ୍ୟା କରିଥିବା ନେଇ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଘଟଣାରେ ଦୀପକଙ୍କୁ ପୁଲିସ ଅଟକ ରଖିବା ପରେ ଆଜି କୋର୍ଟଚାଲାଣ କରାଯାଇ ଥିବା ଜଣାପଡ଼ିଛି।

## ନୂଆଁଖାଇ ପୂର୍ବରୁ ଶିକ୍ଷକ ଓ କର୍ମଚାରୀଙ୍କ ଦରମା ଦାବି

ପଦ୍ମପୁର, ୨୩।୮ (ସମିସ): କୃଷିଭିତ୍ତିକ ଗଣପର୍ବ ନୂଆଁଖାଇରେ ସମସ୍ତେ ଜନ୍ମମାଟିକୁ ପର୍ବ ପାଳିବା ପାଇଁ ଆସିଥାନ୍ତି। ପରିବାର ସହ ଏକାଠି ମିଳିମିଶି ଉତ୍ସାହିତ ସହ ନବାନ୍ନ ଗ୍ରହଣ କରିଥାନ୍ତି। ଆଗାମୀ ୨୭ରେ ଗଣେଶ ପୂଜା ଏବଂ ୨୮ ରେ ନୂଆଁଖାଇ ପର୍ବ ପାଳନ ନେଇ ତିଥି ଓ ଲଗ୍ନ ଧାର୍ଯ୍ୟ ହୋଇସାରିଛି। ତେଣୁ ଗଣେଶ ପୂଜା ପୂର୍ବରୁ ବରଗଡ଼ ଜିଲ୍ଲାର ସମସ୍ତ ଶିକ୍ଷକ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ଚଳିତ ମାସର ଦରମା ପ୍ରଦାନ କରାଗଲେ ଆନନ୍ଦ ଓ ଉତ୍ସାହ ସହ ଗଣପର୍ବ ନୂଆଁଖାଇକୁ ସମସ୍ତେ ପାଳନ କରିପାରିବେ ବୋଲି ପାଇକମାଳ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଦସ୍ୟ ନିରାକାର ପ୍ରଧାନ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି।

## ନିର୍ଦ୍ଧାରିତ ସମୟରେ ମିଳୁନି ଭତ୍ତା

ପଦ୍ମପୁର, ୨୩।୮ (ସମିସ): ପ୍ରତ୍ୟେକ ମାସ ୧୫ ତାରିଖକୁ ଭତ୍ତା ଦେବାକୁ ସରକାର ଘୋଷଣା କରିଛନ୍ତି। ତେଣୁ ସମସ୍ତ ହିତାଧିକାରୀ ନିର୍ଦ୍ଧାରିତ ଦିନକୁ ଅପେକ୍ଷା କରି ରହିଥାନ୍ତି। ନିଜର ଆବଶ୍ୟକତା ପୂରଣ ପାଇଁ ଗାଁର ହଜାର ହଜାର ବୟସ୍କ, ଭିନ୍ନକ୍ଷମ, ବିଧବାଙ୍କ ମନରେ ଭତ୍ତାକୁ ନେଇ ଉଦ୍‌ବେଗ ରହିଥାଏ। କାହାର ଔଷଧ ଖର୍ଚ୍ଚ ତ ଆଉ କାହାର ନିତିଦିନିଆ ତେଲ ଲୁଣର ସଂସାର ଚଳେ। ପଦ୍ମପୁର ଉପଖଣ୍ଡରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ବ୍ୟବସ୍ଥାରେ ତ୍ରୁଟି ଯୋଗୁଁ ଭତ୍ତା ଟଙ୍କା ପାଇବାକୁ ନେଇ ଅନିଶ୍ଚିତତାରେ ହିତାଧିକାରୀ ରହୁଛନ୍ତି। ସାମାଜିକ ଓ ଆର୍ଥିକ ସ୍ତରରେ ଦୁର୍ବଳ ଥିବା ଲୋକ, ବୟସ୍କ, ବିଧବା, ଭିନ୍ନକ୍ଷମଙ୍କ ସହାୟତା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଭତ୍ତା ଦେବାର ବ୍ୟବସ୍ଥା କରାଯାଇଛି। କିନ୍ତୁ ବିଭିନ୍ନ ଯୋଜନାରେ ରାଜ୍ୟର ଅନେକ ହିତାଧିକାରୀ ଭତ୍ତା ପାଉ ନଥିବାରୁ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ୁଛି। ତେଣୁ ନିର୍ଦ୍ଧାରିତ ତାରିଖରେ ଭତ୍ତା ପ୍ରଦାନ କରିବାକୁ ମତ ପ୍ରକାଶ ପାଇଛି।

## ଜିଲ୍ଲାସ୍ତରୀୟ ନବଭାରତ ସାକ୍ଷରତା 'ଉଲ୍ଲାସ'ର ପ୍ରଶିକ୍ଷଣ ଶିବିର

ଝାରସୁଗୁଡ଼ା, ୨୩।୮ (ସମିସ): ପଞ୍ଚପଡ଼ା ଡିଆଇଟି ଝାରସୁଗୁଡ଼ା ପରିସରରେ ଝାରସୁଗୁଡ଼ା ଜିଲ୍ଲା ଅଧିକାରୀ ଓ ରାଧାକାନ୍ତ ଗଡ଼ତିଆଙ୍କ ଅଧକ୍ଷତାରେ ବ୍ଲକ ଓ କ୍ଲଷ୍ଟର ସ୍ତରୀୟ ଶତାଧିକ ନୋଡାଲ ଅଧିକାରୀଙ୍କ ନବଭାରତ ସାକ୍ଷରତା ଉଲ୍ଲାସର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହିତ ଅନୁଷ୍ଠାନର ଅଧକ୍ଷା ମମତା ପ୍ରଧାନ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ୍ତ ସା, ରାଜେନ୍ଦ୍ର ମାଝି କୋଲାବିରା ବିଇଓ ପ୍ରକାଶ ସାହୁ, କିର୍ମିରା ବିଇଓ ଜୟନାରାୟଣ ପଣ୍ଡା ସମେତ ସମସ୍ତ ଏବିଓ, ବ୍ଲକ ଗୁଡିକର ନୋଡାଲ ଅଫିସର ଓ ସମସ୍ତ ବ୍ଲକର ସିଆରସିସି ଉପସ୍ଥିତ ଥିଲେ। ପ୍ରଶିକ୍ଷଣରେ ଜୁନିଅର ଆସିଷ୍ଟାଣ୍ଟ ଧିରେନ୍ଦ୍ର ଭୋଇ, ସୁରଜ କିସାନ, ସୁଶାନ୍ତ ସିଂ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଲଖନପୁର ଏବିଓ ହେମସାଗର ଚୌଧୁରୀ ସମସ୍ତ ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଜିଲ୍ଲା ନୋଡାଲ ଅଧିକାରୀଙ୍କ ଦେବଗଡ଼ ଗସ୍ତ

ଦେବଗଡ଼, ୨୩।୮ (ସମିସ): ଜିଲ୍ଲା ନୋଡାଲ ଅଧିକାରୀ ଓଏମସି ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ ଦେବଗଡ଼ ଜିଲ୍ଲା ଗସ୍ତରେ ଆସିଛନ୍ତି। ଏହି ଅବସରରେ ବାରକୋଟ ବ୍ଲକର ଠିଆନାଳ ଠାରେ ପ୍ରଧାମନ୍ତ୍ରୀଙ୍କର ଜନ୍ ମନ୍ ଘର ଓ ରାସ୍ତା ବଂପରଡାର ଆଶ୍ରମ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର, କଳାର ମାଛ ବଜାର ଓ ରଙ୍ଗୀନ ମାଛ ପରିଦର୍ଶନ କରିଥିଲେ। ଏହା ସହ ଛାଲ ବାହାଦୂର ପୋଖରୀ, ନୂଆଁ ବାଲିରୋଇ ଠାରେ ମୁଖ୍ୟ ଚିକିତ୍ସାଳୟ ଓ ନୂତନ ଅଡିଟୋରିୟମ ପରିଦର୍ଶନ କରିବା ସହ ଜନ ସାଧାରଣଙ୍କ ସହ ଆଲୋଚନା କରି ସେମାନଙ୍କର ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଅପରାହ୍ଣରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲା ନୋଡାଲ ଅଧିକାରୀ ଶ୍ରୀ ସାମଲ ଦେବଗଡ଼ ଜିଲ୍ଲାର ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ, ମହିଳା ଓ ଶିଶୁ ମାନଙ୍କର ସ୍ୱାସ୍ଥ୍ୟର ଉନ୍ନତି ନିମନ୍ତେ ଓ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ଓ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ। ବୈଠକରେ ଜିଲ୍ଲାପାଳ କବିନ୍ଦ୍ର ସାହୁ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ ଓ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପାହାଡ଼ ଖୋଳି ପ୍ରାକୃତିକ ସୌନ୍ଦର୍ଯ୍ୟ ନଷ୍ଟ

ରିଆମାଳ, ୨୩।୮ (ସମିସ)

**ତହସିଲ ଓ ମାଇନିଂ ଅଧିକାରୀ ନୀରବଦ୍ରଷ୍ଟା**

ରିଆମାଳ ବ୍ଲକ ନାଉଲିପଡ଼ା ପଞ୍ଚାୟତ ଅଧୀନ ଛତାବର ମାର୍କେଟ ନିକଟରେ ଥିବା ପାହାଡ ଓ ତେଲିମୁଣ୍ଡା ନବନିର୍ମିତ ବସଷ୍ଟାଣ୍ଡ ନିକଟରେ ଥିବା ପାହାଡ଼ ବେଆଇନ ଭାବେ ଖୋଳାଯାଉଛି। ଏସବୁ ଦେଖି ମଧ୍ୟ ପ୍ରଶାସନିକ ଅଧିକାରୀ, ମାଇନିଂ ଅଧିକାରୀ ନୀରବଦ୍ରଷ୍ଟା ରହିଛନ୍ତି। ଫଳରେ ଜନସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏହି ଦୁଇ ପାହାଡ ରିଆମାଳ ତହସିଲ ପ୍ରଶାସନ ଅଧୀନ ନାଉଲିପଡ଼ା ରାଜସ୍ୱ ସର୍କଲରେ ଅବସ୍ଥିତ। ଛତାବର ନିକଟରେ ଥିବା ପାହାଡଟି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ପଛପଟେ ଲାଗି ରହିଛି। ଏହି ପାହାଡ଼କୁ ଖୋଳି ନଷ୍ଟ କରାଯାଇ ସାରିଥିବା ବେଳେ କୌଣସି ଅଧିକାରୀଙ୍କ ନଜର କିପରି ପଡ଼ିଲା ନାହିଁ ବୋଲି ପ୍ରଶ୍ନ ଉଠିଛି। ଆଉ ଏକ ପାହାଡ଼ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଠାରୁ ଦୁଇ, ତିନି କିମି ଦୂରରେ ତେଲିମୁଣ୍ଡା ନବନିର୍ମିତ ବସଷ୍ଟାଣ୍ଡ ନିକଟରେ ରହିଛି। ଉଭୟ ପାହାଡକୁ କାଟି ବୃକ୍ଷରାଜି ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ନଷ୍ଟ କରାଯାଉଛି। ସବୁଜିମାରେ ପରିପୂର୍ଣ୍ଣ ପାହାଡ ଦୁଇଟିକୁ ଖଣ୍ଡଖଣ୍ଡ କରି ସର୍ବ ସମ୍ମୁଖରେ ବଡ ବଡ ମେସିନ ଦ୍ୱାରା କଟାଯାଉଛି। ଏଭଳି ବେଆଇନ୍ କାମ ଚାଲିଥିଲେ ସୁଦ୍ଧା ତହସିଲ କି ମାଇନିଂ ଅଧିକାରୀଙ୍କ ପକ୍ଷରୁ କିଛି ପଦକ୍ଷେପ ନିଆଯାଉ ନାହିଁ। କାହା ନିର୍ଦ୍ଦେଶନାରେ ଏଭଳି ବେଆଇନ୍ କାର୍ଯ୍ୟ ଚାଲିଛି ତାହା ତଦନ୍ତ ସାପେକ୍ଷ। ରାଜ୍ୟ ସରକାର ଏହାର ତଦନ୍ତ ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



## ଭାରସାମ୍ୟ ହରାଇ ପୋଖରୀ ଭିତରକୁ ଖସିଲା କାର୍

ଝାରସୁଗୁଡ଼ା, ୨୩।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ବଞ୍ଜାରୀ ପାଞ୍ଚାୟତ ଗ୍ରୀନଡୋଲା ଗାଁର ପୋଖରୀ ଭିତରକୁ



ଭରସାମ୍ୟ ହରାଇ ଏକ କାର ଖସି ପଡ଼ିଛି। କାର ଭିତରେ ଥିବା ଦୁଇ ଜଣ ଗ୍ଲାସ ଖୋଲି ବାହାରିବା ପରେ ପହଁରି ପହଁରି ନିଜ ଜୀବନ ରକ୍ଷା କରିଛନ୍ତି। ଜୟବୁଡିଆରୁ ଗ୍ରୀନଡୋଲା ଦେଇ ତୁମଲିଆ ପଟକୁ ଗତକାଲି ବିଳମ୍ବିତ ରାତିରେ ସୁନ୍ଦରଗଡ଼ ହେମଗିର ସାହସପୁରର ତରୁଣ ସାହୁ ଏବଂ ତାଙ୍କ ସାଙ୍ଗ କାର ଯୋଗେ ଯାଉଥିଲେ। ତେବେ ବାଟବଣା ହୋଇ ଗ୍ରୀଣ୍ଡୋଲା ପୋଖରୀ ହିଡରେ କାରକୁ ନେଇଥିଲେ। ହିଡ ରାସ୍ତାରେ ଯାଉଥିବା ବେଳେ ଭାରସାମ୍ୟ ହରାଇ କାରଟି ପୋଖରୀ ଭିତରକୁ ଖସିପଡ଼ିବା ସହ ବୁଡି ଯାଇଥିଲା। ଗାଁ ଲୋକଙ୍କ ସହାୟତାରେ ଜେସିବି ଲଗାଇ ଶନିବାର କାରଟିକୁ ଉଦ୍ଧାର କରାଯାଇଛି। ଜାତୀୟ ରାଜପଥ ୪୯ କୁଡାଲୋଇ ଛକରୁ ଗ୍ରୀନଡୋଲାକୁ ଯାଇଥିବା ରାସ୍ତା ଅସମ୍ପୂର୍ଣ୍ଣ ରହିଛି। ଏଣୁ ଅନେକ ଲୋକ ଏହିପରି ବାଟବଣା ହୋଇ ପୋଖରୀ ରାସ୍ତାକୁ ଆସି ବାଟବଣା ହେଉଛନ୍ତି। ଅନ୍ୟପଟେ ଏନେଇ ସରପଞ୍ଚ ସୀମା ସାହୁଙ୍କୁ ପଚାରିବାରୁ ରାସ୍ତା ସମ୍ପୂର୍ଣ୍ଣ କରିବା ପାଇଁ ବାରମ୍ବାର ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ଲିଖିତ ଭାବେ ଦିଆଯାଇଥିଲେ ମଧ୍ୟ ରାସ୍ତା ନିର୍ମାଣ ହୋଇପାରୁ ନାହିଁ ବୋଲି କହିଛନ୍ତି।

## ଦେବଗଡ଼ ଗଣେଶ ମେଳା ପାଇଁ ଜିଲ୍ଲା ପୁଲିସର ବ୍ୟାପକ ପ୍ରସ୍ତୁତି

ଦେବଗଡ଼, ୨୩।୮ (ସମିସ): ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଦେବଗଡ଼ ଗଣେଶ ମେଳା ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ନେଇ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଅନିଲ ମିଶ୍ର ସୂଚନା ଦେଇଛନ୍ତି। ଆସନ୍ତା ୨୬ ରୁ ସେପ୍ଟେମ୍ବର ୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ମେଳାରେ ଚଳିତ ବର୍ଷ ଅଧିକ ଗହଳି ଆଶା କରଯାଉଛି। ତେଣୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ମେଳା ନିକଟରେ ଅସ୍ଥାୟୀ ପୁଲିସ ଫାଣ୍ଡି ଖୋଲାଯିବା ସହ ୨୪ ଘଣ୍ଟିଆ ପେଟ୍ରୋଲିଂ ବ୍ୟବସ୍ଥା ସହ ସିସିଟିଭି ସହାୟତାରେ ଜନଗହଳି ସ୍ଥାନ ଉପରେ ଜିଲ୍ଲା ପୁଲିସର ଏକ ସ୍ୱତନ୍ତ୍ର ଟିମ ନଜର ରଖିବ।



ସେହିପରି ନିର୍ଦ୍ଦିଷ୍ଟ ଚିହ୍ନିତ ସ୍ଥାନ ମାନଙ୍କରେ ଗାଡି ପାର୍କିଂ ବ୍ୟବସ୍ଥା ସହ ଟ୍ରାଫିକ ନିୟନ୍ତ୍ରଣ ଓ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଆରକ୍ଷୀ ଅଧିକ୍ଷକଙ୍କ ନେତୃତ୍ୱରେ ଜଣେ ଅତିରିକ୍ତ ଏସ୍‌ପି, ଦୁଇଜଣ ଡିଏସପି ୪ ଜଣ ଇନ୍ସପେକ୍ଟର ୧୦ ଜଣ ସବଇନ୍ସପେକ୍ଟରଙ୍କ ସମେତ ୫ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯିବ। ନିଶାଖୋରଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ପେଟ୍ରୋଲିଂ ବ୍ୟବସ୍ଥା କରାଯିବା ସହ ଭସାଣି ସମୟରେ ଡିଜେକୁ ସମ୍ପୂର୍ଣ୍ଣ ବ୍ୟାନ କରାଯାଇଛି। ଗହଳିର ସୁଯୋଗରେ ଅସାମାଜିକ କାର୍ଯ୍ୟକଳାପ ବିରୋଧରେ ପୁଲିସ କଡ଼ା ପଦକ୍ଷେପ ନେବା ସହ କୌଣସି ସ୍ଥାନରେ ଅସାମାଜିକ ଗତିବିଧି ଥିଲେ ଜନସାଧାରଣ ପୁଲିସକୁ ସହଯୋଗ କରିବାକୁ ଏଡିପି ଶ୍ରୀ ମିଶ୍ର ଆହ୍ୱାନ ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ଧୀରଜ ଚୋପଦାର, ଏସ୍‌ଡିପିଓ ରମେଶ ମହାନା, ଡିଏସ୍‌ପି ପବିତ୍ର କିଷାନ ପ୍ରମୁଖ ଉପସ୍ଥିତ ଥିଲେ।

## ରବୀନ୍ଦ୍ର ମଣ୍ଡପରେ ପ୍ରଦର୍ଶିତ ହେଲା ନାଟକ 'ପାହାଚିନ୍‌ହା'

ଝାରସୁଗୁଡ଼ା, ୨୩।୮ (ସମିସ): ଭୁବନେଶ୍ୱର ସ୍ଥିତ ରବୀନ୍ଦ୍ର ମଣ୍ଡପରେ ଝାରସୁଗୁଡ଼ା ଜିଲ୍ଲା ବେଲପାହାଡର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ମିରର ଥିଏଟର ପକ୍ଷରୁ ନାଟ୍ୟ ଧାରାର ନାଟକ 'ପାହାଚିନ୍‌ହା' ପରିବେଷଣ କରାଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ନାଟକ ପ୍ରଦର୍ଶିତ ହୋଇଥିଲା। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଚଲାପଥର ଅତିକ୍ରମଣର ଅବଧି ହିଁ ଜୀବନ। ଏହି ଚଲାପଥର ମାନଚିତ୍ରର ପ୍ରତ୍ୟେକଟି ପଦ ଚିହ୍ନ ବୟାନ କରେ ଅନେକ ଗୁଡିଏ ଛୋଟ ବଡ, ଦୁଃଖ ସୁଖ, ହାରିବା ଜିତିବାର କାହାଣୀ। କୌଣସି ଏକ ବ୍ୟକ୍ତିର ପାଦ ଚିହ୍ନ ଅନୁକରଣୀୟ ନା ନୁହେଁ ଏପରି ଏକ ଚିନ୍ତାଧାରା ଉପରେ ନାଟକ 'ପାହାଚିନ୍‌ହା' ଆଧାରିତ ଅଟେ। ନାଟକ ପାହାଚିନ୍‌ହାର ରଚନା ଓ ନିର୍ଦ୍ଦେଶନା ଡ.ସୁବାସ ଚନ୍ଦ୍ର ପ୍ରଧାନ କରିଥିବା ବେଳେ ଅଭିନୟରେ ଡ.ସୁବାସ ଚନ୍ଦ୍ର ପ୍ରଧାନ, ମମତା ମାଇତୀ, ଆଶିଷ ମହାନ୍ତି, ବର୍ଷାରାଣୀ ଧଳ, ସୁଶାନ୍ତ ମହାରଣା, ଶରତ ଚନ୍ଦ୍ର ସାହୁ, ସଂଯୁକ୍ତା ସାବତ, ସୋନିଆ ବେହେରା, ଲବ ପ୍ରଧାନ, ଦିବ୍ୟରଞ୍ଜନ ସାହୁ, ଅର୍ଜୁନ ବଞ୍ଛୋର, ବସନ୍ତ ସେଠୀ, ସଞ୍ଜନା ମେହେର, ବୈଷ୍ଣବୀ ସାହୁ, ପୂଜା ସେଠ, ଅଙ୍କିତା ଉପାଧ୍ୟାୟ,



ଖୁସି ଜେନା, ତନୁଜା ମେହେର, ମନୋଜ ସାହୁ ପ୍ରମୁଖ ରହିଥିଲେ। ସଙ୍ଗୀତରେ ଗୌରୀ ଶଙ୍କର କୁମ୍ଭାର, ଆଲୋକରେ ଜେନାମଣି ସେଠ, ଶବର ନାଏକ, ମଞ୍ଚ ସଜ୍ଜାରେ ଡ.ଶ୍ୟାମ ସୁନ୍ଦର ପାଣ୍ଡେ, ନୃତ୍ୟରେ ସୋନିଆଁ ବେହେରା, ପ୍ରଚ୍ଛଦ ପରିଚାଳନାରେ ବିନୟ ପ୍ରଧାନ ଓ ଭବେସ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## କନକତୋରାରୁ ଗୋରୁ ବୋଝେଇ ପିକ୍‌ଅପ୍ ଜବତ

ଝାରସୁଗୁଡ଼ା, ୨୩।୮ (ସମିସ): ଝାରସୁଗୁଡା ଜିଲ୍ଲା ଜାତୀୟ ରାଜପଥ ୪୯ ରେ କନକତୋରା କାଳୀ ମନ୍ଦିର ନିକଟରୁ ଗୋରୁଚାଲାଣ କରୁଥିବା ବେଳେ ରେଙ୍ଗାଲି ପୁଲିସ ପିକଅପ ଜବତ କରିଛି। ପିକଅପ ଗାଡିରୁ ୬ ଟି ଗୋରୁଙ୍କୁ ଉଦ୍ଧାର ମଧ୍ୟ କରିଛି। ଶନିବାର ଭୋରରେ ଗୋଚାଲାଣକାରୀ ମାନେ ପିକଅପରେ ଗୋରୁ ନେଇ କନକତୋରା ପଟୁ ଝାରସୁଗୁଡା ପଟକୁ ଆସୁଥିଲେ। କନକତୋରା କାଳୀ ମନ୍ଦିର ନିକଟରେ ରେଙ୍ଗାଲି ପୁଲିସ ପେଟ୍ରୋଲିଂ କରୁଥିବା ଦେଖି ଗୋରୁ ସହ ପିକଅପ ଗାଡି ଛାଡି ଫେରାର ମାରିଥିଲେ। ପୁଲିସ ପିକଅପକୁ ଜବତ କରିବା ସହ ଗୋରୁ ମାନଙ୍କୁ ଉଦ୍ଧାର କରିଥିବା ସୂଚନା ରହିଛି।

## ଡାକ୍ତରଖାନା ରାସ୍ତାକଡ଼ ଦୋକାନଗୃହ ଉଚ୍ଛେଦ ଆରମ୍ଭ

ବରପାଲି, ୨୩।୮ (ସମିସ): ବରପାଲି ୨୬ ନମ୍ବର ଜାତୀୟ ରାଜପଥକୁ ସଂଯୋଗ ହୋଇଥିବା ଡାକ୍ତରଖାନା ମୁଖ୍ୟ ରାସ୍ତାକଡ଼ ଓ ସମ୍ମୁଖ ଦୋକାନଘର ଗୁଡିକର ପ୍ରଶାସନ ପକ୍ଷରୁ ଉଚ୍ଛେଦ ପକ୍ରିୟା ଆରମ୍ଭ ହୋଇଛି। ଶନିବାର ଗଙ୍ଗାଧର ସ୍ମୃତିଭବନ ସମ୍ମୁଖ ସହ କଡରାସ୍ତାକୁ ଲାଗିଥିବା ଦୋକାନ ଗୁଡିକୁ ପ୍ରଶାସନ ଦ୍ୱାରା ହଟାଯାଇଥିଲା। ଏହି ଅବସରରେ ତହସିଲଦାର ରୁକ୍ମଣ ମେହେରଙ୍କ ସମେତ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭୂବନ ଶତପଥୀ ଓ ଥାନା ଅଧିକାରୀ ଜୟାରଶ୍ମୀ ସେଠୀ ଉପସ୍ଥିତ ରହିଥିଲେ। ଜେସିବି ସାହାଯ୍ୟରେ ଭଙ୍ଗା କାର୍ଯର୍ ଚାଲିଥିବା ବେଳେ ଏକ ପ୍ଲାଟୁନ ପୋଲିସ ମୁତୟନ କରାଯାଇଥିଲା। ପୂର୍ବରୁ ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଥିବା ବେଳେ ଡାକବାଜି ଯନ୍ତ୍ର ସାହାଯ୍ୟରେ ସରକାରୀ ଜାଗାରେ ଜବରଦଖଲ



ହଟାଇବା ନିମନ୍ତେ ବାରାମ୍ବାର ଘୋଷଣା କରାଯାଇଥିଲା। ପଶ୍ଚିମ ଓଡ଼ିଶାର ଗଣପର୍ବ ନବାନ୍ନ ୨୮ ତାରିଖ ପଡୁଥିବାରୁ ଉଚ୍ଛେଦ କାର୍ଯ୍ୟକୁ କିଛିଦିନ ସ୍ଥଗିତ ରଖିବାକୁ ପ୍ରଶାସନକୁ ଲୋକେ ଗୁହାରୀ ଜଣାଇଥିଲେ। ବ୍ୟବସାୟୀ ମାନେ ବରଗଡ଼ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ନିଜ ନୂଆଁଖାଇ ପରଦିନ ପର୍ଯ୍ୟନ୍ତ ସମୟ ମାଗିଥିଲେ। କିନ୍ତୁ ପ୍ରଶାସନ ପକ୍ଷରୁ ପୂର୍ବ ନିର୍ଦ୍ଧାରିତ ସମୟରେ ହିଁ ଶୁକ୍ରବାର ଡାକବାଜୀ ଯନ୍ତ୍ରରେ ଚେତାବନୀ ଦିଆଯାଇଥିଲା। ବର୍ଷା ଜାରି ରହିଥିବା ସମୟରେ ଦୋକାନୀ ନିଜ ଦୋକାନ ସାମଗ୍ରୀ ସହ ଆସବାପତ୍ର ସଂଗ୍ରହ କରିଥିବା ଦେଖାଯାଇଥିଲା। ଉଚ୍ଛେଦ ପକ୍ରିୟାରେ ପ୍ରଶାସନ ପାତରଅନ୍ତର କରୁଥିବା କିଛି ଦୋକାନୀ ଅଭିଯୋଗ ଆଣିଥିଲେ। ପରେ ପ୍ରଶାସନ ପକ୍ଷରୁ ପୁନର୍ବାର ରାଜସ୍ୱ ବିଭାଗ ସହାୟତାରେ ମାପଚୁପ କରିବାକୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଆଗକୁ ଜବରଦଖଲରେ ଥିବା ଆହୁରି ଅନେକ ସରକାରୀ ଜାଗା ଉଚ୍ଛେଦ କରାଯିବ ବୋଲି ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ରହିଛି।

## ବ୍ରଜରାଜନଗର ମହାବିଦ୍ୟାଳୟରେ ଗଙ୍ଗାଧର ମେହେର ଜୟନ୍ତୀ

ଝାରସୁଗୁଡ଼ା, ୨୩।୮ (ସମିସ): ବ୍ରଜରାଜନଗର ମହାବିଦ୍ୟାଳୟ ଠାରେ ଶନିବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି। ବ୍ରଜରାଜନଗର ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ ସାହୁ ସମାରୋହରେ ଅଧ୍ୟକ୍ଷତା କରି ମେହେର ସାହିତ୍ୟର ସାର୍ବଜନୀନ ଦିଗ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଡ.ପୁଷ୍ପାଞ୍ଜଳି ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ସୁପ୍ରକାଶ ଚୌଧୁରୀ, ମୁଖ୍ୟବକ୍ତା ତଥା ସାହିତ୍ୟିକ ମଦନାନନ୍ଦ ସେଠ ମେହେର ସାହିତ୍ୟ ଉପରେ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଶ୍ରୀକର ଭୋଇ ସମାପନି ଅଭିଭାଷଣ ପ୍ରଦାନ କରିଥିଲେ। ରାଜନୀତି ବିଭାଗ ମୁଖ୍ୟ ପଦ୍ମାବତୀ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ମଧୁମିତା କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହରେ ଅଧ୍ୟାପକ ବିକ୍ରମ ପ୍ରଧାନ, ଡ.ଋତୁପର୍ଣ୍ଣା ମହାନ୍ତି, ଲଳିତା ପ୍ରଧାନ, ଅଜୟ ଦୀପ, ଦୀପିକା କେରକେଟା, ସୌମ୍ୟରଞ୍ଜନ ସାହୁ, ଲୁଗୁ ଚରଣ ମାରାଣ୍ଡି, ପ୍ରକାଶ ପଟ୍ଟନାୟକ, ପ୍ରେମ ସାଗର ବାଗ, ସୁଚିତ୍ରା ପ୍ରଧାନ, ସୁନୀତା ବେହେରା ପ୍ରମୁଖଙ୍କ ସହ ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଜେନିଥ୍ ଲିଓ ତରଫରୁ ନୂଆଁଖାଇ ହାଟ୍



ପଦ୍ମପୁର, ୨୩।୮ (ସମିସ): ପଦ୍ମପୁର ଜେନିଥ୍ ଲିଓ ସ୍କୁଲ ତରଫରୁ ନୂଆଁଖାଇ ହାଟ ଆୟୋଜନ କରାଯାଇଛି। ଛାତ୍ରଛାତ୍ରୀଙ୍କୁ ଏହି ମହାନ ପର୍ବ ପାଳନର ଐତିହ୍ୟ, ପରମ୍ପରା, ସାଂସ୍କୃତିକ ଭାବଧାରା ସହ ପରିଚିତ କରାଇବା ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ କରାଯାଇଥିବା ଅଧକ୍ଷ ମନୋଜ ପଣ୍ଡା କହିଛନ୍ତି। ଶନିବାର ସକାଳ ୮ ରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କୁନି କୁନି ଛାତ୍ରଛାତ୍ରୀ ନୂଆଁଖାଇରେ ବ୍ୟବହୃତ ତଥା ପରମ୍ପରା ସହିତ ଜଡିତ ବିଭିନ୍ନ ସାମଗ୍ରୀ ଯଥା ମାଟି ହାଣ୍ଡି, ବାଉଁଶର ବିଭିନ୍ନ ଘରକରଣା ସାମଗ୍ରୀ, ପରିବା, ପୂଜା ସାମଗ୍ରୀ, ନୂଆଁଧାନ, କୁରେ ପତ୍ର, ଧୋତି କପଡ଼ାର ପସରା ବସାଇଥିଲେ। ନୂଆଁଖାଇ ପୂର୍ବରୁ ଲୋକମାନେ ଯେମିତି ହାଟକୁ ଯାଇ ସାମଗ୍ରୀ କିଣିଥାନ୍ତି ଏଠାରେ ମଧ୍ୟ ଅନୁରୂପ ଭାବେ ତାହା ପ୍ରଦର୍ଶିତ କରାଯାଇଥିଲା।

## କାଉନସିଲର କପ୍ ଫୁଟବଲ୍: ୯ ଓ ୧୧ ନମ୍ବର୍ ୱାର୍ଡ୍ ବିଜୟୀ

ଦେବଗଡ଼, ୨୩।୮ (ସମିସ)



ଦେବଗଡ଼ ପୌର ପରିଷଦ ପକ୍ଷରୁ ଜିଲ୍ଲା କ୍ରୀଡା ସଂସଦଙ୍କ ସହଯୋଗରେ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ କାଉନସିଲର କପ ଫୁଟବଲ ପ୍ରତିଯୋଗିତା ଚାଲିଛି। ଆଜି ପ୍ରଥମ ମ୍ୟାଚ୍ ୱାର୍ଡ ନଂ ୫ ଏବଂ ୱାର୍ଡ ନଂ ୧୧ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ରେ ୱାର୍ଡ ନଂ ୧୧ ୱାର୍ଡ ନଂ ୫କୁ ୬-୧ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ୱାର୍ଡ ନଂ ୮ ଏବଂ ୱାର୍ଡ ନଂ ୯ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୱାର୍ଡ ନଂ ୯ ୱାର୍ଡ ନଂ ୮କୁ ୧-୦ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା। ମ୍ୟାଚ୍‌କୁ ସୌରଭ ନାଏକ, ମୁକୁନ୍ଦ ବେହେରା, ଚିନୁ ସାହୁ, ପ୍ରଦୀପ କିଷାନ, ଦେବେନ୍ଦ୍ର ନାଏକ, ଅନିତା ନାଏକ ପରିଚାଳନା କରିଥିଲେ। ହେମନ୍ତ ମହାପାତ୍ର ମ୍ୟାଚ୍ କମିଶନର ଭାବେ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ପୌରାଧକ୍ଷ ପ୍ରଜିତ ଭୋଜ, ସମ୍ମାନିତ ଅତିଥି ଭାବେ କାଉନସିଲର ଯତିନ ନାଏକ, କାର୍ତ୍ତିକ ମହାକୁଳ, ମଧୁସୂଦନ ବାଘ, ସରୋଜିନୀ ମୁଣ୍ଡା, ଦୁର୍ଗାମାଧବ ନାଏକ, ପଦ୍ମଲୋଚନ ପ୍ରଧାନ, ଫୁଟବଲ ଖେଳାଳି ସୁଧିର ଦାସ, ରୁଦ୍ରମଣି ନାଏକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା କ୍ରୀଡା ସଂସଦର ସଦସ୍ୟ ଓ ପୌର କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।

## ଖେଲୋ ଇଣ୍ଡିଆ ପେଙ୍କାକ୍ ସିଲାଟ୍ ଲିଗ୍ ଉଦ୍‌ଘାଟିତ

ଝାରସୁଗୁଡ଼ା, ୨୩।୮ (ସମିସ): ପେଙ୍କାକ୍ ସିଲାଟ୍ ଆସୋସିଏସନ ଓଡ଼ିଶା ପକ୍ଷରୁ ଦୁଇ ଦିନିଆ ଖେଲୋ ଇଣ୍ଡିଆ ଅସ୍ମିତା ପେଙ୍କାକ୍ ସିଲାଟ୍ ଲିଗ୍ ଝାରସୁଗୁଡ଼ାରେ ଆରମ୍ଭ ହୋଇଛି। ଓଏସ୍‌ଏପି ସେକେଣ୍ଡ ବାଟାଲିୟନରେ ଆୟୋଜିତ ପ୍ରତିଯୋଗିତାକୁ ଝାରସୁଗଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

ଅନ୍ୟ ସମ୍ମାନିତ ଅତିଥିଙ୍କ ମଧ୍ୟରେ ଝାରସୁଗୁଡ଼ା ଓଏସ୍‌ଏପି ସେକେଣ୍ଡ ବାଟାଲିୟନର କମାଣ୍ଡାଣ୍ଟ ପ୍ରସାଦ ତାମଙ୍ଗ, ଗଣେଶ ନାୟକ, ଓଡ଼ିଶା ପେଙ୍କାକ୍ ସିଲାଟ୍ ସଂଘର ସଭାପତି ତାପସ କୁମାର ରାୟ




ଚୌଧୁରୀ, ସମ୍ପାଦକ ପ୍ରେମ ସିଂ ଥାପ୍ପା, ଉପସଭାପତି ମନୋରଞ୍ଜନ ଭଞ୍ଜ, କୋଷାଧକ୍ଷ ଭବାନୀ କୁମାରୀ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରତିଯୋଗିତାରେ ୨୫୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି।

# ପୁତୁରା ଟାଙ୍ଗିଆ ଚୋଟରେ ଗୁରୁତର ବଡ଼ବାପାର ମୃତ୍ୟୁ

ବେଲପଡା,୨୩।୮ (ସମିସ): ବଲାଙ୍ଗୀର ଜିଲ୍ଲା ବେଲପଡ଼ା ଥାନା ପର୍ଲିମାଲ ଗାଁରେ ପୁତୁରା ଟାଙ୍ଗିଆ ଚୋଟରେ ଗୁରୁତର ବଡ଼ବାପାର ମୃତ୍ୟୁ ଘଟିଛି। ମୃତକ ହେଲେ ଶୋଭାକର ଭାଟି (୭୫)। ବୁର୍ଲା ମେଡିକାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ଜମିବାଡ଼ି ମାମଲାକୁ କେନ୍ଦ୍ରକରି ତାଙ୍କୁ ତାଙ୍କ ପୁତୁରା ଟାଙ୍ଗିଆରେ ହାଣି ଦେଇଥିଲା।

**ଜମିବାଡ଼ି ବିବାଦରୁ ହତ୍ୟା ଉଦ୍ୟମ ହୋଇଥିଲା**
**ଗତ ୨ ତାରିଖରୁ ବୁର୍ଲାରେ ଚିକିତ୍ସା ଚାଲିଥିଲା**

ଗତ ୨ ତାରିଖ ରାତି ଶୋଭାକର, ସ୍ତ୍ରୀ ସୁରୁବାଳୀ ଏବଂ ଭାଇର ଝିଅ ଅନିତା ଭାଟି ସବୁ ଦିନ ଭଳି ନିଜ ଖେତକୁ ଯାଇ ଶୋଇଥିଲେ। ଏହି ସମୟରେ ଗାଁର ପର୍ଶୁରାମ ଭାଟି, ବାସୁଦେବ ଭାଟି ଓ ହୃଦ ଭାଟି ପହଞ୍ଚି ଆକ୍ରମଣ କରିଥିଲେ। ଦୁଇ ଜଣ ଠେଙ୍ଗାରେ ଆକ୍ରମଣ କରୁଥିବା ବେଳେ ହୃଦ ଭାଟି ଏକ ଟାଙ୍ଗିଆରେ ଶୋଭାକାରଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା। ଏହାଫଳରେ ଶୋଭାକର ଅଚେତ୍ ହୋଇ ପଡିଥିଲେ। ଅଭିଯୁକ୍ତମାନେ ଫେରାର ପରେ ଅନିତା ପରିବାର ଲୋକଙ୍କୁ ଫୋନ୍ କରିଥିଲେ। ଏହାପରେ ଶୋଭାକରଙ୍କୁ ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ କିଛି ଦିନ ଚିକିତ୍ସା ହେଲାପରେ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଶେଷରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୂର୍ବରୁ ମଧ୍ୟ ଜମିବାଡ଼ିକୁ ନେଇ ଉଭୟଙ୍କ ମଧ୍ୟରେ କଳହ ଲାଗି ରହିଥିଲା। ଘଟଣା ଦିନ ପରିବାର ଲୋକ ଥାନାରେ ଅଭିଯୋଗ କରିଥିଲେ। ଏବେ ବି ମୁଖ୍ୟ ଅଭିଯୁକ୍ତ ଫେରାର ଥିବାବେଳେ ବାସୁଦେବ ଭାଟିଙ୍କୁ ପୁଲିସ ଥାନାରେ ଅଟକ ରଖି ପଚରା ଉଚରା କରୁଛି। ତେବେ ଅନ୍ୟମାନଙ୍କୁ ପୁଲିସ କେବେ ଗିରଫ କରିବ ବୋଲି ପରିବାର ଲୋକେ ପ୍ରଶ୍ନ କରିଛନ୍ତି।

## ନିଶାସକ୍ତ ଶିକ୍ଷକଙ୍କ ଛାତ୍ରଙ୍କୁ ମାଡ଼ ଅଭିଯୋଗ

ସଇଁତଲା,୨୩।୮ (ସମିସ): ସଇଁତଲା ଥାନା ଜୁରାବନ୍ଧ ପଞ୍ଚାୟତ ଗୁଡ୍ରାମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜଣେ ନିଶାସକ୍ତ ଶିକ୍ଷକଙ୍କ ମାଡ଼ରେ ଜଣେ ଛାତ୍ର ଆହତ ହୋଇଛନ୍ତି। ଛାତ୍ରଙ୍କ ପରିବାର ପକ୍ଷରୁ ଏ ନେଇ ଟିକ୍ରାପଡ଼ା ଫାଣ୍ଡିରେ ଲିଖିତ ଅଭିଯୋଗ କରାଯାଇଛି। ପୁଲିସ ଶିକ୍ଷକଙ୍କୁ ଉଠାଇନେଇ ତଦନ୍ତ କରୁଛି।

ଅଭିଯୋଗ ଅନୁସାରେ ବିଦ୍ୟାଳୟରେ ଗ୍ରାମର ବନବାସ ସୁନାଙ୍କ ପୁତ୍ର ତୃତୀୟ ଶ୍ରେଣୀରେ ସ୍କୁଲରେ ପାଠ ପଢୁଛନ୍ତି। ବିଦ୍ୟାଳୟର ଶିକ୍ଷକ ପ୍ରତାପ ନନ୍ଦ କୌଣସି କାରଣରୁ ଛାତ୍ରଙ୍କୁ ପ୍ରବଳ ମାଡ଼ ମାରିଛନ୍ତି। ଏହି ଖବର ପାଇ ପରିବାର ଏବଂ ଗ୍ରାମବାସୀ ବିଦ୍ୟାଳୟରେ ପହଞ୍ଚି ଥିଲେ। ଶିକ୍ଷକଙ୍କ ଏଭଳି କାର୍ଯ୍ୟ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଏହାସହ ବିଦ୍ୟାଳୟ ପରିଚାଳନା କମିଟିକୁ ଅବଗତ କରିଥିଲେ। ପରେ ଛାତ୍ରଙ୍କ ବାପା ବନବାସ ସୁନା ଟିକ୍ରାପଡ଼ା ଫାଣ୍ଡିକୁ ଯାଇ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ପୂର୍ବରୁ ଶିକ୍ଷକ ଜଣକ ନିଶାସକ୍ତ ବିଦ୍ୟାଳୟକୁ ଆସୁଥିବା ଗ୍ରାମବାସୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଦ୍ୟାବଧି ତାହାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି। ଏଣୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଣୁ ଶିକ୍ଷକଙ୍କୁ ତୁରନ୍ତ ବଦଳି ନ କଲେ ବିଦ୍ୟାଳୟରେ ତାଲା ଦିଆଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ସେହିପରି ଶିକ୍ଷକ ଜଣକ ବିଦ୍ୟାଳୟରେ ଶୋଇ ରହିଥିବାର ଏକ ଭିଡ଼ିଓ ଅଞ୍ଚଳରେ ଭାଇରାଲ ହେଉଛି। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏନେଇ ବ୍ଲକ୍ ଶିକ୍ଷା ଅଧିକାରୀ ଦିଲୀପ ଯୋଶୀଙ୍କୁ ପଚାରିବାରୁ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେଇଛନ୍ତି।

# ସବୁଜ ହୀରା ନାଁରେ କଳା କାରବାର

ବଲାଙ୍ଗିର,୨୩।୮ (ସମିସ)



ବଲାଙ୍ଗିର ଜିଲ୍ଲାରେ କେନ୍ଦୁପତ୍ର ଫଡିଘର ମରାମତି ନାଁରେ ବଡ ଦୁର୍ନୀତି ହେଉଛି। ସବୁ ଜାଣିଶୁଣି ମଧ ବିଭାଗୀୟ ଅଧିକାରୀ ଏ ନେଇ କୌଣସି ପଦକ୍ଷେପ ନେଉ ନାହାନ୍ତି। ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ ରେଞ୍ଜ ଅଧିକାରୀଙ୍କ ପକେଟ ଗରମ ହେଉଛି। ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା କେନ୍ଦୁପତ୍ର ଫଡିଘର ନିର୍ମାଣ କରିବା ପାଇଁ ଖର୍ଚ୍ଚ କରାଯାଉଥିବା କାଗଜପତ୍ରରେ ପ୍ରସ୍ତୁତ କରାଯାଉଛି। ଆବଶ୍ୟକ ସାମଗ୍ରୀ ନ କିଣି କିଛି ଶ୍ରମିକଙ୍କୁ ବ୍ୟବସାୟୀ ସଜାଇ ଦିଆଯାଉଛି। ସେମାନଙ୍କ ଦସ୍ତଖତ ନେଇ ଟଙ୍କା ଉଠାଯାଉଛି। 'ସକାଳ'କୁ ଏହାର ପ୍ରମାଣ ମିଳିଛି। ବଲାଙ୍ଗିର ଜିଲ୍ଲା ସଇଁତଲା କେନ୍ଦୁପତ୍ର ରେଞ୍ଜରେ ହୋଇଥିବା ଏକ ଦୁର୍ନୀତି ସାମ୍ନାକୁ ଆସିଛି। ଜିଲ୍ଲାର ପ୍ରାୟତଃ ସବୁ ରେଞ୍ଜରେ ଏହିଭଳି ଅବସ୍ଥା ରହିଥିବା ବିଭାଗୀୟ ଅଧିକାରୀମାନେ ମଧ ସ୍ୱୀକାର କରିଛନ୍ତି।

୨୦୨୪ ମସିହାରେ ବଲାଙ୍ଗିର ଜିଲ୍ଲା ସଇଁନ୍ତଲା କେନ୍ଦୁପତ୍ର ରେଞ୍ଜ ଅଧୀନରେ ଥିବା ଜାମଖୁ କେନ୍ଦୁପତ୍ର ଫଡିଘର ମରାମତି କରାଯାଇଛି। ଏହି ମରାମତି ପାଇଁ ଭାଉଚର ନମ୍ବର ୧୮ରେ ୨୯ହଜାର ୮୫୩ ଟଙ୍କାର ବିଲ୍ କରାଯାଇଛି; ଯେଉଁଥିରେ ଫଡିଘର ମରାମତି ପାଇଁ ଆବଶ୍ୟକ ନଡା, ବାଉଁଶ, ବନ୍ଧେଇ ତାର, ପ୍ଲାଷ୍ଟିକ ଦଉଡି, ଲୁହାକଣ୍ଟା, ବାଲି ଏହିଭଳି ସାମଗ୍ରୀ ଯୋଗାଇଥିବା ବ୍ୟବସାୟୀ ବା ଭେଣ୍ଡରକୁ ଟଙ୍କା ପ୍ରଦାନ କରାଯାଇଥିବା କୁହାଯାଉଛି। ତେବେ ଏହି ବିଲ୍ ପେଣ୍ଡରମାଲ ଗାଁର ଗଞ୍ଜିଆ ପଧାନଙ୍କ ନାମରେ କରାଯାଇଛି। ଭେଣ୍ଡର ଚୟନ କରିବା ପାଇଁ ନିର୍ଦ୍ଦିଷ୍ଟ ଗାଇଡଲାଇନ ରହିଥିବା ବେଳେ ସଂପୃକ୍ତ ଗଞ୍ଜିଆ ପଧାନ ନିଜେ ଜଣେ ଶ୍ରମିକ ବୋଲି ଜଣାପଡିଛି। ଅର୍ଥାତ ଶ୍ରମିକଙ୍କୁ ସଂପୃକ୍ତ ସେକ୍ସନର ଫରେଷ୍ଟର ଭେଣ୍ଡର ସଜାଇଛନ୍ତି। ତାଙ୍କଠାରୁ ଦସ୍ତଖତ ନେଇ ଟଙ୍କା ଉଠାଯାଇଛି। ଶ୍ରୀ ପଧାନଙ୍କୁ ତାଙ୍କର ଶ୍ରମ ଅନୁସାରେ ଟଙ୍କା ଦେଇ ବାକି ଟଙ୍କା ହଡପ କରାଯାଇଛି। ସଂପୃକ୍ତ ଫରେଷ୍ଟର ଏହିଭଳି ଭାବେ ଅନେକ ଶ୍ରମିକଙ୍କୁ ଭେଣ୍ଡର ସଜାଇ ସେମାନଙ୍କ ନାମରେ ଟଙ୍କା ଉଠାଇଥିବା ଅଭିଯୋଗ ହୋଇଛି। ଏନେଇ ଭେଣ୍ଡର ସାଜିଥିବା ଶ୍ରମିକଙ୍କୁ ପଚାରିବାରୁ ସେ କିଛି ଜାଣି ନ ଥିବା ବେଳେ ତାଙ୍କୁ ମ୍ୟାଡମ୍ ଦସ୍ତଖତ କରିବା ପାଇଁ କହିବାରୁ ଦସ୍ତଖତ କରିଥିବା କହିଛନ୍ତି। ସେ ଆଉ ଜଣେ ମିଶି ଫଡିଘର ମରାମତି କରିଥିବା କହିଥିଲେ। ତେବେ ଏହା କେବଳ ଏକ ଉଦାହରଣ ମାତ୍ର।

- ଫଡିଘର ମରାମତି ନାଁରେ ଦୁର୍ନୀତି
- ଶ୍ରମିକ ସାଜୁଛନ୍ତି ଭେଣ୍ଡର
- ଶ୍ରମିକଙ୍କ ନାମରେ ଉଠୁଛି ବିଲ୍
- ଶ୍ରମିକ ଟଙ୍କା ଦେଇ ସବୁ ହଡ଼ପ

ଏହିଭଳି ଭାବେ ସଇଁନ୍ତଲା ରେଞ୍ଜରେ ଅନେକ ସ୍ଥାନରେ ଥିବା ଫଡିଘର ମରାମତି ନାମରେ ଟଙ୍କା ହଡପ ହୋଇଥିବା ସଙ୍ଗିନ ଅଭିଯୋଗ ରହିଛି।

କେବଳ ଏତିକି ନୁହଁ; ବାର୍ଷିକ କେବଳ ଫଡିଘର ମରାମତି ବାବଦକୁ ବିଭାଗ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛି। ଏହାର ବଡ ଭାଗ ବିଭାଗୀୟ ଅଧିକାରୀଙ୍କ ପକେଟକୁ ଯାଉଛି। ୨୦୨୪ରେ ବଲାଙ୍ଗିର ଜିଲ୍ଲାରେ ଥିବା ୩ଟି କେନ୍ଦୁପତ୍ର ଡିଭିଜନରୁ ଟିଟିଲାଗଡ ଡିଭିଜନରେ ଫଡିଘର ମରାମତି ନାଁରେ କୋଟିଏରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଛି। ଏହି ଡିଭିଜନରେ ଥିବା ୩୬୧ଟି ଫଡିଘର ମରାମତି ବାବଦକୁ ୧ କୋଟି ୯ ଲକ୍ଷ ୪୮ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ତେବେ ସବୁଜ ହୀରାରେ କଳା କାରବାର ଭିତରେ ଏହା ଏକ ବିଭାଗୀୟ ଅଧିକାରୀଙ୍କ ବଡ ଦୁର୍ନୀତି ବୋଲି ଆଲୋଚନା ହେଉଛି। ଏହିଭଳି ଭାବେ ଯଦି ବାର୍ଷିକ ଗୋଟିଏ ଡିଭିଜନରେ ଏକ କୋଟି ଟଙ୍କା ମରାମରି ବାବଦକୁ ଖର୍ଚ୍ଚ କରାଯାଉଛି ତେବେ ତିନୋଟି ଡିଭିଜନରେ ଥିବା ଫଡିଘର ମରାମତି ନାମରେ ପ୍ରାୟ ୩ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଯାହାକି ପ୍ରତିବର୍ଷ ହେଉଥିବା ବେଳେ ରେଞ୍ଜ ସ୍ତରରେ ଶ୍ରମିକମାନଙ୍କ ନାମରେ ବିଲ୍ କରି ଫରେଷ୍ଟର ଓ ରେଞ୍ଜ ଅଧିକାରୀମାନେ ନିଜ ପକେଟ ଗରମ କରୁଥିବା ଅଭିଯୋଗ ହୋଇଛି। ଏନେଇ ବିଭାଗୀୟ ଅଧିକାରୀମାନେ କୌଣସି ପ୍ରତିକ୍ରିୟା ରଖିବାକୁ ମନା କରିଥିବା ବେଳେ ବିଭାଗୀୟ କିଛି ବରିଷ୍ଠ କର୍ମଚାରୀଙ୍କ କହିବା ଅନୁସାରେ ଫରେଷ୍ଟର ଓ ରେଞ୍ଜ ଅଧିକାରୀମାନେ କେବଳ ଭାଉଚର କରିବା ଜାଣିଛନ୍ତି। ଯାହା କିଛି ହେଲେ ଭାଉଚର କରି ନିଜ ପକେଟ ଗରମ କରୁଛନ୍ତି। ଏହା କାହାକୁ ଅଛପା ନାହିଁ ବୋଲି କହିଛନ୍ତି। ତେବେ ଏଥିରୁ ସ୍ପଷ୍ଟ ଯେ ଏହି କାରବାରରେ ଖଜୁରୀ ଗଛ ଭଳି ତଳୁ ଉପର ପର୍ଯ୍ୟନ୍ତ ସମସ୍ତେ ଏହି କାରବାରରେ ସଂପୃକ୍ତ ରହିଛନ୍ତି।

## ଆସୁଛି ନୂଆଁଖାଇ: ବଇନା ପାଇଁ ଗାଁ ଗାଁରେ ଦାଦନ ସର୍ଦ୍ଦାର

କଣ୍ଟାବାଞ୍ଜି,୨୩।୮ (ସମିସ): ଆଉ କିଛିଦିନ ପରେ ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ। ଏଥିପାଇଁ ପୁରପଲ୍ଲୀରେ ଧନୀଠୁ ଆରମ୍ଭ କରି ଗରିବ ପର୍ଯ୍ୟନ୍ତ ସଜବାଜ ଆରମ୍ଭ କରିଦେଲେଣି। ଏପରିକି ଦାଦନ ଯାଉଥିବା ଶ୍ରମିକମାନେ ମଧ ନୂଆଁଖାଇକୁ ଧୁମ୍‌ଧାମ୍‌ରେ ପାଳନ କରିବାକୁ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ଏହାର ସୁଯୋଗ ନେଇ ଦାଦନ ସର୍ଦ୍ଦାରମାନେ ବଇନା (ଅଗ୍ରିମ) ଦେବାକୁ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ଗାଁ ଗାଁରେ ଡେରା ପକାଇଲେଣି। କଣ୍ଟାବାଞ୍ଜିରୁ ରାଜ୍ୟ ବାହାରକୁ ଦାଦନ ଖଟିବା ପାଇଁ ଶ୍ରମିକମାନେ ନୂଆଁଖାଇ ପରେ ଯାଇଥାନ୍ତି ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ, କେରଳ, ଗୋଆ, ଗୁଜରାଟ ସମେତ ବିଭିନ୍ନ ରାଜ୍ୟର ସହରଗୁଡ଼ିକୁ ପେଟପାଟଣା ପାଇଁ ଯାଇଥାନ୍ତି। ବର୍ଷସାରା ଏମାନଙ୍କ ଘରେ ତାଲା ପଡୁଥିବା ବେଳେ ନୂଆଁଖାଇ ପାଇଁ ଫେରିଥାନ୍ତି। ଏହାର ସୁଯୋଗ ନେଇ ଦାଦନ ସର୍ଦ୍ଦାରମାନେ ପୁରୁଣା ଓ ନୂଆ ଶ୍ରମିକମାନଙ୍କୁ ବଇନା ଦେଇ ସଂରକ୍ଷିତ ରଖିବାକୁ ଗାଁ ଗାଁରେ ପହଞ୍ଚୁଛନ୍ତି। ଯିଏ ଥରେ ସର୍ଦ୍ଦାରଠୁ ବଇନା ଟଙ୍କା ନେଲା ସେ ସେହି ସର୍ଦ୍ଦାର ପଠାଇବାକୁ ଥିବା ସ୍ଥାନକୁ ଯାଇ ଖଟିବାକୁ ବାଧ୍ୟ; ହେଲେ ନୂଆଁଖାଇ ପାଳନ ପାଇଁ ଗରିବ ଶ୍ରମିକମାନଙ୍କୁ ଟଙ୍କା ଦରକାର ହେଉଥିବାରୁ ସେମାନେ ବାଧ୍ୟ ହୋଇ ବଇନା ଗ୍ରହଣ କରୁଛନ୍ତି। ଏହାଫଳରେ ସର୍ଦ୍ଦାରମାନେ ଟଙ୍କା ଦେଇ ନୂଆଁଖାଇ ପରେ ଯିବାକୁ ଚୁକ୍ତି କରୁଛନ୍ତି। ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ କଣ୍ଟାବାଞ୍ଜି, ମୁରିବାହାଲ ବ୍ଲକ୍, ବଙ୍ଗୋମୁଣ୍ଡା ବ୍ଲକ, ବେଲପଡା, ସମେତ ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଲୋକ ରାଜ୍ୟ ବାହାରକୁ ଦାଦନ ଯାଇଥାନ୍ତି। ଜିଲ୍ଲାର ତୁରେକେଲାର ବ୍ଲକ ଅଞ୍ଚଳର ଅନେକ ଗାଁରେ ଲୋକଙ୍କ ଘରେ ବର୍ଷ ସାରା ତାଲା ଝୁଲୁ ଥିବାବେଳେ କେବଳ ନୂଆଁଖାଇ କିଛିଦିନ ପାଇଁ ଘର ଖୋଲା ରହିଥାଏ।

## ସାଲେଭଟା-ମୂର୍ଷୁଣ୍ଡ ରାସ୍ତାରୁ ଗଞ୍ଜେଇ ଭର୍ତ୍ତି କାର୍ ଜବତ

ବଲାଙ୍ଗିର,୨୩।୮ (ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ପୁଲିସ ସାଲେଭଟା-ମୂର୍ଷୁଣ୍ଡ ରାସ୍ତାରୁ ଆଡଭୋକେଟ ଲେଖାଥିବା ଏକ ଗଞ୍ଜେଇ ଭର୍ତ୍ତି କାର୍ ଜବତ କରିଛି। ଏହି ଘଟଣାରେ କିନ୍ତୁ କେହି ଧରା ପଡି ନାହାନ୍ତି। ସେହିପରି ଏହି ଗାଡ଼ିକୁ ଏସ୍କର୍ଟ କରୁଥିବା ଏକ ଗାଡ଼ିକୁ ମଧ ପୁଲିସ ଅଟକ ରଖିଛି।



ଶନିବାର ଅପରାହ୍ନରେ ଏକ କାର (ଓଡ଼ି ୩୩ ଏଏଲ୍ ୭୨୨୩)ରେ ଗଞ୍ଜେଇ ଚାଲାଣ ହେଉଥିବା ଲୋଇସିଂହା ପୁଲିସ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲା। ତରଭା ଅଞ୍ଚଳରୁ ଜାତୀୟ ରାଜପଥରେ ଏହି କାରଟି ଆସୁଥିବା ବେଳେ ସୂଚନା ପାଇ ଲୋଇସିଂହା ପୁଲିସ ପିଛା କରିଥିଲା। ଥାନା ଅଧିକାରୀ ଯାଜ୍ଞସେନୀ ନାୟକଙ୍କ ନେତୃତ୍ୱରେ ଦୁଇଟି ଟିମ୍ କାରକୁ ପିଛା କରିଥିଲେ। ତେବେ ଓଜନ ହୋଇ ନ ଥିବାରୁ ଗଞ୍ଜେଇ ପରିମାଣ ଜଣାପଡିନାହିଁ।

## ଗଣେଶପୂଜା ଓ ନୂଆଁଖାଇ ଭେଟ୍ ପାଇଁ ପ୍ରସ୍ତୁତି

ଦେଓଗାଁ,୨୩।୮ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ହାତୀସରା ପଞ୍ଚାୟତ ମୁଖ୍ୟାଳୟରେ ଗଣେଶପୂଜା ଓ ନୂଆଁଖାଇ ଭେଟ ଉତ୍ସବ ପାଇଁ ପ୍ରସ୍ତୁତି ଚୂଡାନ୍ତରେ ପହଞ୍ଚିଛି। ସ୍ଥାନୀୟ ଗଣେଶପୂଜା କମିଟିର ଆୟୋଜନରେ ତଥା କମିଟି ସଭାପତି ଅଲେଖ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କର୍ମକର୍ତ୍ତା ଉପସ୍ଥିତ ରହି ଚଳିତବର୍ଷ ଗଣେଶପୂଜା ଓ ନୂଆଁଖାଇ ଭେଟ ଉତ୍ସବକୁ ଆଡମ୍ବରପୂର୍ଣ୍ଣ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ବୈଠକରେ ଉପ ସଭାପତି ବଣ୍ଟି ସୁନା, ସମ୍ପାଦକ ପିଣ୍ଟୁ ହରପାଲ, ସହସମ୍ପାଦକ ସିଲୁ ନନ୍ଦ, କୋଷାଧ୍ୟକ୍ଷ ରିତୁ ନନ୍ଦ, ପିପୁ ସୁନା, ରାଜ ସୁନା, ପ୍ରିନ୍ସ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

## କଣ୍ଟାବାଞ୍ଜି ବନ ବିଭାଗ ଚଢ଼ଉ: କେନ୍ଦୁ ଗଣ୍ଡି ଜବତ



କଣ୍ଟାବାଞ୍ଜି,୨୩।୮ (ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସେକ୍ସନ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ କଣ୍ଟାବାଞ୍ଜି ବନ ବିଭାଗ ଚଢ଼ଉ କରି ୩୬ଟି କେନ୍ଦୁ କାଠ ଗଣ୍ଡି ଜବତ କରିଛି। ସେମଲାରୁ ମହୁଲବାହାଲି ଗ୍ରାମକୁ ସଂଯୋଗ କରିଥିବା ରାସ୍ତା କଡରେ ବେଆଇନ ଭାବେ ଚୋରା ଚାଲାଣ ଉଦ୍ଦେଶ୍ୟରେ ଏହା ଲୁଚାଇ ରଖା ଯାଇଥିଲା। କୌଣସି ସୂତ୍ରରୁ କଣ୍ଟାବାଞ୍ଜି ବନ ବିଭାଗ ଏଡି ଖବର ପାଇଥିଲା। ବନପାଳ ଘନଶ୍ୟାମ ପସାୟତଙ୍କ ନେତୃତ୍ୱରେ ଚଢ଼ଉ ହୋଇଥିଲା। ତେବେ ମାଫିଆ ଫେରାର ମାରିଛନ୍ତି। ଏହି ଚଢ଼ଉ ସମୟରେ ବନରକ୍ଷୀ ଶବନମ ଫିରଦୋଷ, ପରମାନନ୍ଦ ମାଝୀ, ପାରା ଷ୍ଟାଫ ପ୍ରମାନନ୍ଦ ଭାଟି, ପ୍ରଶାନ୍ତ ନାଏକ, ଜଳଧର ବନଛୋର, କପିଳ ମାଝୀ, ଖେତ୍ରୁ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

## ରୋତ କଲେଜରେ ଇନୋଭେସନ ଓ ଷ୍ଟାର୍ଟ ଅପ୍ ପ୍ରତିଯୋଗିତା



ବଲାଙ୍ଗିର,୨୩।୮ (ସମିସ): ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବାଣୀନିକେତନ, ରୋତରେ ଇନୋଭେସନ ଓ ଷ୍ଟାର୍ଟ-ଅପର ଶେଷ ପର୍ଯ୍ୟାୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଅଧ୍ୟାପକ ଡକ୍ଟର ହିମାଂଶୁ ଶେଖର ମହନ୍ତ, ଅଞ୍ଚଳର ପ୍ରତିଷ୍ଠିତ ଉଦ୍ୟୋଗୀ ଧନଞ୍ଜୟ ମେହେର ଓ ସଚିକାନ୍ତ ପଟେଲ ବିଚାରକ ଭାବରେ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ଅଧ୍ୟାପକ ଆର୍ଯ୍ୟେନ୍ଦୁ ମେହେର, ଗତିକୃଷ୍ଣ ଯୋଷୀ, ରାଧେଶ୍ୟାମ ଯୋଷୀ, ଆନନ୍ଦ ମେହେର, ଡକ୍ଟର ଭୁରିଶ୍ରବା ମାଝି, ମାନସ ପ୍ରମୁଖ ଉପସ୍ଥିତ ଥିଲେ। ଦୈତାରି ଶବର ଓ ସହସଂଯୋଜକ ନୀଳାମ୍ବର ବାରିକ ସହଯୋଗ କରିଥିଲେ। ଅଧ୍ୟାପକ ଡକ୍ଟର ଲିଙ୍ଗରାଜ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ବୃକ୍ଷରେ ରାକ୍ଷୀ ବାନ୍ଧିଲେ ଛାତ୍ରଛାତ୍ରୀ



ଖପ୍ରାଖୋଲ,୨୩।୮ (ସମିସ): ବଲାଙ୍ଗିର ଜଲ୍ଲା ଖପ୍ରାଖୋଲ ବ୍ଲକ୍ ଘୁନସର ପ୍ରଗତି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ୍ ଓ ଏନର୍ଜି କ୍ଲବ୍ ଆନୁକୂଲ୍ୟରେ ଛାତ୍ରଛାତ୍ରୀ ଗଛକୁ ରାଖୀ ବାନ୍ଧିଛନ୍ତି। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଐଶ୍ୱର୍ଯ୍ୟ ଶେଖର ଦେବତାଙ୍କ ସଭାପତିତ୍ୱରେ ଆୟୋଜନ କରାଯାଇଥିଲା। ଟେକେନ୍ଦ୍ର ଜାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ବିଦ୍ୟାଳୟର ଏନର୍ଜି କ୍ଲବ୍ ଇନ୍‌ଚାର୍ଜ୍ ତଥା ଶିକ୍ଷୟିତ୍ରୀ ଦିପାଞ୍ଜଲି ପ୍ରଧାନ, ଇକୋ କ୍ଲବ୍ ଇନ୍‌ଚାର୍ଜ୍ ଉସତ ଗଡତିଆ, ଶିକ୍ଷୟତ୍ରି ଝରଣା କର, ଶିକ୍ଷକ ରଥ ଗୁରୁ, ଗୌର ମାଝୀ, କୃଷ୍ଣଧର ପାତ୍ର, ଡୋଲାମଣି ପଧାନ, କିରାଣୀ କାହ୍ନୁଚରଣ ସାହୁ, ଦୁର୍ଯ୍ୟୋଧନ ସାହୁ, ଅଲେଖ ସ୍ୱାଇଁ, ସଫେଇ କର୍ମଚାରୀ କ୍ଷମାସାଗର ବାଗ, ରାତ୍ର ଜଗୁଆଳି ରମେଶ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ଲୋଇସିଂହା ଦୁର୍ଗାପୂଜା ପାଇଁ ପ୍ରସ୍ତୁତି

ଲୋଇସିଂହା,୨୩।୮ (ସମିସ): ଲୋଇସିଂହା ସାର୍ବଜନୀନ ଦୁର୍ଗାପୂଜା ପାଇଁ ସ୍ଥାନୀୟ ଦୁର୍ଗାମଣ୍ଡପ ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଚଳିତ ଦୁର୍ଗାପୂଜା ଉତ୍ସବ ପାଇଁ ନୂତନ ପରିଚାଳନା କମିଟି ମଧ ଗଠନ କରାଯାଇଥିଲା। ବରିଷ୍ଠ ସଭ୍ୟ ବିଭୂତି ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ପ୍ରଣବ ସିଂ ରାଏ, କାର୍ଯ୍ୟକାରୀ ସଭାପତି ଭାବେ ଭୂତନାଥ ନାଏକ, ଉପସଭାପତି ଭାବେ ରାଜା ସାହୁ ଓ ପ୍ରୀତମ ସାହୁଙ୍କୁ ମନୋନୀତ କରାଯାଇଥିଲା। ସେହିପରି ସମ୍ପାଦକ ଭାବେ ରଞ୍ଜିତ ରାଏ, ସହ ସମ୍ପାଦକ ଭାବେ ଭୋଳାନାଥ ସାହୁ ଓ ପ୍ରକାଶ ମହାରଣା, ସାଂସ୍କୃତିକ ସମ୍ପାଦକ ଭାବେ ଜିତୁ ସରାଫ ଓ ସରୋଜ ଭୂୟାଁ, କୋଷାଧ୍ୟକ୍ଷ ଭାବେ ପ୍ରଶାନ୍ତ ସାହୁଙ୍କୁ ମନୋନୀତ କରାଯାଇଥିଲା।

## ଜୈବିକ ଖତ ଉତ୍ପାଦନ, ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ



ବଲାଙ୍ଗିର,୨୩।୮ (ସମିସ): ବଲାଙ୍ଗିର ଜିଲ୍ଲା ଗୁଡଭେଲା ବ୍ଲକ ଘୁନା ପଞ୍ଚାୟତ ସିନ୍ଦୁରମୁଣ୍ଡା ଗାଁରେ ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି (ଏଫଇଏସ)ର ସହଯୋଗ ଓ ମାଁ ସିକେରପାଟ ଉତ୍ପାଦକ ଗୋଷ୍ଠୀର ଆୟୋଜନରେ ଜୈବିକ ଖତ ଉତ୍ପାଦନ ଓ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏଫଇଏସର ବ୍ଲକ ମାଷ୍ଟରଟ୍ରେନର ଭାଗବତ ନାହାକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଉଦ୍ୟାନ ଉପନିର୍ଦ୍ଦେଶକ ସୁଦେଶ ଚୌଧୁରୀ ଯୋଗଦେଇ ପ୍ରାକୃତିକ କୃଷିର ଆବଶ୍ୟକତା ଉପରେ ଆଲୋକପାତ କରିବାସହ ଜୈବିକ ସାର ପ୍ରୟୋଗର ଉପାଦେୟତା ଉପରେ ମାର୍ଗଦର୍ଶନ କରିଥିଲେ।

ଏହିଅବସରରେ ସମ୍ମାନୀତ ଅତିଥି ଭାବେ ବ୍ଲକ୍ ସହକାରୀ ଉଦ୍ୟାନ ଅଧିକାରୀ ଗୀତିକୃଷ୍ଣା ନାଏକ, ଗ୍ରୀନ ଗୁଡଭେଲା ଏଫପିଓର ମ୍ୟାନେଜିଂ ଡାଇରେକ୍ଟର ତୁଳେଶ୍ୱର ବାଗ, ମହାଶକ୍ତି ଫାଉଣ୍ଡେସନର ଜିଲ୍ଲା ପରିଚାଳକ ସମ୍ବାଦ ପଟେଲ, ପ୍ରୋଜେକ୍ଟ ମ୍ୟାନେଜର ଶାନ୍ତନୁ ମେହେର, କ୍ଲଷ୍ଟର ସଂଯୋଜକ ଧବଳେଶ୍ୱର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜୟନ୍ତୀ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ରୁଗୁଡିପାଲି ଲାମି ଡଙ୍ଗର ଉପରେ ଇନ୍ଦ୍ରପୂଜା



ଦେଓଗାଁ,୨୩।୮ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକରେ ଆବଶ୍ୟକରୁ କମବର୍ଷା ଯୋଗୁଁ ଧାନଫସଲ ଉଜୁଡିବା ଚିନ୍ତା ଦେଖାଦେଇଛି। ଏଣୁ ବର୍ଷାପାଇଁ ଚାଷୀଙ୍କ ମଧ୍ୟରେ ଭାଲେଣି ଖେଳିଯାଇଛି। ଲଣ୍ଡାପଥର ପଞ୍ଚାୟତ ରୁଗୁଡିପାଲି ଗାଁର ଶତାଧିକ ଚାଷୀ ପରିବାର ଏକତ୍ରିତ ହୋଇ ନିକଟସ୍ଥ ଲାମିଡଙ୍ଗର ଉପରେ ଶନିବାର ଇଷ୍ଟଦେବୀ ଲାମିବୁଢ଼ା ଓ ଇନ୍ଦ୍ରଦେବତାଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏଥିରେ ପୂଜକ ଭାବେ ବିପିନ ମିଶ୍ର ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ଝାଙ୍କର ଦୟାନିଧି ବାଗ ଉପସ୍ଥିତ ରହି ଲାମିବୁଢ଼ାଙ୍କ ନିକଟରେ ପୂଜାର୍ଚ୍ଚନା କରି ହାରିଗୁହାରୀ କରିଥିଲେ। ଦେହୁରୀ ଧୟକ୍ଷେତୀ ଓ ସଦାନନ୍ଦ ଭୂଏଁଙ୍କ ଶରୀରରେ ଲାମିବୁଢ଼ାଙ୍କ ଆବିର୍ଭାବ ପରେ ବାଦ୍ୟର ତାଳେ ଦେବତା ନୃତ୍ୟ କରି ଆଶୀର୍ବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପବିତ୍ର ପୋଢ଼, କାର୍ତ୍ତିକ ଭୁଏ, ଗଉନ୍ତିଆ ଶିବ ପ୍ରସାଦ ଦଲାଇ, ଧରଣୀଧର ପାତ୍ର, ହୁତାସନ ପାତ୍ର, ଡମ୍ବରୁଧର ଡାଙ୍ଗ, ଗଣ୍ଡାରାମ ମାଝୀ, ଦଣ୍ଡଧାରୀ ବେହେରା, ମହେନ୍ଦ୍ର ଦଲାଇ, ସିଦ୍ଧେଶ୍ୱର ମଲ୍ଲିକ, କୃତାର୍ଥ ଦଲାଇ, ଦୁର୍ଲଭ ତାଣ୍ଡି, ଡମ୍ବରୁଧର ଭୋଇ ତଥା ଗ୍ରାମବାସୀ ସହଯୋଗ କରିଥିଲେ।

## ସରକାରୀବସ୍ ଚଳାଇବା ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର

ଦେଓଗାଁ,୨୩।୮ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଉପରଝର ରାସ୍ତାରେ ସରକାରୀ ବସ୍ ଚଳାଇବାକୁ ରମେଶ ମହାପାତ୍ର ନାମକ ଜଣେ ସଚେତନ ନାଗରିକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ମାଧ୍ୟମରେ ଦାବି ଜଣାଇଛନ୍ତି। ପଡୋଶୀ ଜିଲ୍ଲା କଳାହାଣ୍ଡିର ଏମ. ରାମପୁରରୁ ତୁଷୁରା ଭାୟା ଉପରଝର ଦେଇ ବଲାଙ୍ଗିର ସହରକୁ ଯୋଗାଯୋଗର ଅଭାବ ରହିଛି। ଏଣୁ ଏହି ଅଞ୍ଚଳର ଜନସାଧାରଣ ଅନେକ ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି। ଭଲ ରାସ୍ତା ରହିଥିଲେ ହେଁ ଯିବା ଆସିବାପାଇଁ କୌଣସି ସାଧନ ନାହିଁ। ଏଣୁ କଳାହାଣ୍ଡି ଜିଲ୍ଲା ସହ ବାଣିଜ୍ୟିକ କାରବାରରେ ଅନେକ ବାଧାସୃଷ୍ଟି ହେଉଛି। ଏମ.ରାମପୁର ଅଞ୍ଚଳର ଜନସାଧାରଣ ମଧ ବଲାଙ୍ଗିର ଜିଲ୍ଲା ସହ ଯୋଡିହୋଇପାରୁ ନ ଥିବାରୁ ଅର୍ଥନୈତିକ ଉନ୍ନତି ଘଟିପାରୁ ନ ଥିବା ଉପରଝର ଗାଁର ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି। ଏମ. ରାମପୁରରୁ ତୁଷୁରା ଭାୟା ଦେଓଗାଁ ବ୍ଲକର ଉପରଝର ଦେଇ ବଲାଙ୍ଗିର ସହରକୁ ଅତିକମରେ ଗୋଟିଏ ସରକାରୀ ବସ୍ ଚଳାଇଲେ ଦେଓଗାଁ ବ୍ଲକର ୪୦ରୁ ଅଧିକ ଗାଁ ସମେତ ଅଞ୍ଚଳର ଚାଷୀ, ଛାତ୍ରୀଛାତ୍ର ତଥା ଜନସାଧାରଣ ବେଶ ଉପକୃତ ହୋଇପାରିବେ ବୋଲି ସେ ମୁଖ୍ୟମନ୍ତ୍ରୀଙ୍କୁ ପଠାଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି।



# ଖୋଲିଲା ଲୋୟର ଇନ୍ଦ୍ର ଗେଟ୍, ବନ୍ୟାଜଳ ନିଷ୍କାସିତ



ନୂଆପଡ଼ା/ଖଡ଼ିଆଲ,୨୩।୮ (ସମିସ): ଉପର ମୁଣ୍ଡରେ ଲଘୁଚାପଜନିତ ପ୍ରବଳ ବର୍ଷା ହେବାରୁ ବିଧିବଦ୍ଧ ଭାବେ ନୂଆପଡ଼ା ଜିଲ୍ଲା ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପର ଗୋଟିଏ ଗେଟ୍ ଖୋଲାଯାଇଛି। ପୂଜାର୍ଚ୍ଚନା ପରେ ୩ ନମ୍ବର ଗେଟ ଖୋଲାଯାଇଥିଲା। ଜଳଭଣ୍ଡାରରେ ଜଳସ୍ତର ୨୬୪.୩ ମିଟର ଅଛି। ଜଳ ଭଣ୍ଡାରକୁ ପ୍ରତି ସେକେଣ୍ଡରେ ୭୭ ଘନ ମିଟର ପାଣି ପ୍ରବେଶ କରୁଥିବାବେଳେ ୮୦ ଘନ ମିଟର ପାଣି ନିଷ୍କାସନ ହେଉଛି। ୯ ଟି ଗେଟ୍‌ରୁ କେବଳ ଗୋଟିଏ ଗେଟ୍ ଖୋଲା ଯାଇଛି। ଆବଶ୍ୟକ ପଡ଼ିଲେ ଆହୁରି ଗେଟ ଖୋଲାଯିବ ବୋଲି ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ କହିଛନ୍ତି। ଜଳ ନିଷ୍କାସନ ପୂର୍ବରୁ ୧୧ ଟି ତଳିଆ ଅଞ୍ଚଳର ଗାଁରେ ମାଇକ ଦ୍ୱାରା ସଚେତନ କରାଯାଇଥିଲା ବୋଲି ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପର ଅଧୀକ୍ଷଣ ଯନ୍ତ୍ରୀ ସୌମ୍ୟକିଶୋର ଜୟପୁରିଆ କହିଛନ୍ତି। ପ୍ରଥମ ବନ୍ୟାଜଳ ନିଷ୍କାସନ ଦୃଶ୍ୟ ଦେଖିବାକୁ ଅନେକ ପର୍ଯ୍ୟଟକ ଆସିଥିଲେ।

## ଯୁକ୍ତ ଦୁଇ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ

ନୂଆପଡ଼ା/କୋମନା,୨୩।୮ (ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ଅଧୀନ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବୁଦ୍ଧି କୋମନାରେ ଯୁକ୍ତଦୁଇ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶିତିକଣ୍ଠ ପଣ୍ଡା ଅଧ୍ୟକ୍ଷତା କରିଥିବାବେଳେ ଆସିଷ୍ଟାଣ୍ଟ କଲେକ୍ଟର କୁରୁକ୍ଷେତ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ଏହି ଅବସରରେ କଲେଜ ପରିସରରେ ଚାରା ରୋପଣ କରିବା ସହ ପଲିଥିନ ମୁକ୍ତ ନୂଆପଡା ଗଠନ ପାଇଁ ସଂକଳ୍ପ ପାଠ କରାଇଥିଲେ।



ଓଡ଼ିଆ ଅଧ୍ୟାପିକା ସଂଘମିତ୍ରା ନାୟକ, ଶିକ୍ଷାନୀତି ଅଧ୍ୟାପକ ପରିତୋଷ ସାହୁ, ଇତିହାସ ଅଧ୍ୟାପକ ଅଭିମନ୍ୟୁ କୁମାର ମୁଣ୍ଡ, ଅର୍ଥନୀତି ଅଧ୍ୟାପକ ରାଜ କୁମାର ସୁନାନୀ, ରାଜନୀତି ବିଜ୍ଞାନ ଅଧ୍ୟାପକ ଦୁର୍ଯ୍ୟୋଧନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଂଘମିତ୍ରା ନାୟକ ବିବରଣୀ ଉପରେ ବକ୍ତବ୍ୟ ରଖିଥିବାବେଳେ ଦୁର୍ଯ୍ୟୋଧନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ର ମନମୋହନ କୈବର୍ତ୍ତ, ଛାତ୍ରୀ ପ୍ରତିଜ୍ଞା ବାଗ, ବୈସାଙ୍ଗିଟି ନିଆଲ ମଞ୍ଚ ପରିଚାଳନା କରିଥିଲେ। ରାଜକୁମାର ସୁନାନୀ ସହଯୋଗ କରିଥିଲେ। କ୍ରୀଡା ଶିକ୍ଷକ ପ୍ରକାଶ ହୋତା, ସହକାରୀ ଗ୍ରନ୍ଥାଗାରୀକ ଅଜୟ କୁମାର ପଣ୍ଡା, କିରାଣୀ ସୂଲୟା ମଞ୍ଜରୀ ଠାକୁର, ଲୋକନାଥ ବାଗ ଓ ଜ୍ୟୋତିରାଜ ସିଂଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଝରଣା ଶବର, ପ୍ରଜ୍ଞା ପରମିତା ସଗରିଆ, ଓମ୍ ପ୍ରକାଶ ଶବର ଓ ଜୟକୃଷ୍ଣ ନିଆଲ ସହେଯୋଗ କରିଥିଲେ।

## ଜଗନ୍ନାଥ ସେବା ସମିତି ପକ୍ଷରୁ ବସ୍ତ୍ର ବଣ୍ଟନ



ଧର୍ମଗଡ଼,୨୩।୮ (ସମିସ): ଧର୍ମଗଡ଼ର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜଗନ୍ନାଥ ସେବା ସମିତି ପକ୍ଷରୁ ଅସହାୟ ଗରିବ ମହିଳାଙ୍କୁ ମାଗଣାରେ ଶାଢ଼ୀ ବଣ୍ଟନ କରାଯାଇଛି। ନୂଆଖାଇରେ ଗରିବ ମହିଳାମାନେ ନୂଆ ଶାଢ଼ୀ ପିନ୍ଧି ଯେପରି ନୂଆଁଖାଇ ପାରିବେ ତାହାକୁ ଦୃଷ୍ଟିରେ ରଖି ଜଗନ୍ନାଥ ସେବା ସମିତିର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ଏଭଳି ଜନକଲ୍ୟାଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ଧର୍ମଗଡ଼ ବ୍ଲକ୍ ଅଧୀନ ତରାପୁର ଗ୍ରାମରେ ୭୦ଜଣ ମହିଳାଙ୍କୁ ଶାଢ଼ୀ ପ୍ରଦାନ କରାଯାଇଥିଲା। ଜଗନ୍ନାଥ ସେବା ସମିତିର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲଙ୍କ ତତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଧର୍ମଗଡ଼ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଆଇନଜୀବୀ ଥବିର ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ବରିଷ୍ଠ ସାମ୍ବାଦିକ ବିଦ୍ୟାଧର ସାହୁ, ସରପଞ୍ଚ ପ୍ରତିନିଧି ସଞ୍ଜୀବ କୁମାର ସାହୁ, ୱାର୍ଡ ମେମ୍ବର ଭୁବନେ ନିଆଲ, ଅଜିତ ସାହୁ, ଦୁଷ୍ମନ୍ତ ପଣ୍ଡା, ଗୋବିନ୍ଦ ଲହଜଲ ପ୍ରମୁଖ ଯୋଗଦେଇ ଥିଲେ। ବବୃବାହାନ ଯୋଷୀ ପରିଚାଳନା କରିଥିଲେ। ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଅବସରରେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଥିବା ଗରିବ ମହିଳାଙ୍କୁ ଶାଢୀ ବଣ୍ଟନ ଜାରି ରଖାଯାଇଛି ଓ ଆଗାମୀ ଦିନରେ ତରାପୁର ଠାରେ ଏକ ମେଗା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯିବ ବୋଲି ଜଗନ୍ନାଥ ସେବା ସମିତିର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ପ୍ରକାଶ କରିଥିଲେ।

# ଗାଡ଼୍‌ୱାଲ ନିର୍ମାଣ କାମରେ ଅନିୟମିତତା | ବାଲି ଅଭାବ; ବ୍ୟବହାର ହେଉଛି କ୍ରସର ଗୁଣ୍ଡ

ଲାଞ୍ଜିଗଡ଼,୨୩।୮ (ସମିସ)

ଲାଞ୍ଜିଗଡ଼ ବ୍ଲକ୍ ଲାଞ୍ଜି ପଞ୍ଚାୟତ ତୁର୍କା ଗାଁକୁ ସଂଯୋଗ ହେଉଥିବା ଆରଡ଼ି ରାସ୍ତାର ଦୁଇ ପାର୍ଶ୍ୱରେ ନିର୍ମାଣ ହେଉଥିବା ଗାଡୱାଲ କାମ ଅନିୟମିତତା ହେଉଥିବା ଦେଖିବାକୁ ମିଳିଛି। ନୂତନ ଭାବେ ନିର୍ମାଣ ହେଉଥିବା ଗାଡୱାଲ କାମରେ ବାଲି ନମିଳିବାରୁ ବାଲି ବଦଳରେ କ୍ରସର ଗୁଣ୍ଡ ବ୍ୟବହାର ହେଉଥିବା ବେଳେ ଗାଡୱାଲ ସ୍ଥାୟୀତ୍ୱକୁ ନେଇ ଅଭିଯୋଗ ହୋଇଛି।



ସୂଚନାଯୋଗ୍ୟ ଯେ, ଲାଞ୍ଜିଗଡ଼ ବ୍ଲକ୍ ଲାଞ୍ଜି ପଞ୍ଚାୟତ ଯୁବା ଗାଁ ଛକଠାରୁ ତୁର୍କା ଗାଁ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର ହୋଇ ଗତ ୨୦୨୪ ମେ' ମାସରେ କାମ ଆରମ୍ଭ ହୋଇଥିଲା। ଯୁବା ଗାଁ ଛକ ଠାରୁ ତୁର୍କା ଗାଁ ପର୍ଯ୍ୟନ୍ତ ଏହି ୭ କି.ମି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଭବାନୀପାଟଣା ଏକ ଠିକାଦାରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହି ରାସ୍ତାରେ ୩ ଟି ବ୍ରିଜ୍ ସହିତ ୮ ଟି କର୍ଲଭଟ ରହିଥିବାବେଳେ ବ୍ରିଜ ଓ କର୍ଲଭଟ ନିର୍ମାଣ କାମ ସରିଛି। ବର୍ତ୍ତମାନ ବ୍ରିଜ୍ ଓ କର୍ଲଭଟ ଦୁଇ ପାଶ୍ୱର୍ରେ କଂକ୍ରିଟ କାମ ଓ ରାସ୍ତାର ପିଚୁ କାମ ରହିଛି। ବର୍ତ୍ତମାନ ରାସ୍ତାର ଦୁଇ ପାଶ୍ୱର୍ରେ ବିଭିନ୍ନ ସ୍ଥାନରେ ପ୍ରାୟ ୩ କି.ମି ଗାଡୱାଲ ନିର୍ମାଣ କାମ ଚାଲିଛି। କିନ୍ତୁ ଗାଡ଼୍‌ୱାଲ କାମ ଆରମ୍ଭରୁ ଅନିୟମିତତା ଦେଖିବାକୁ ମିଳିଛି। ଅଞ୍ଚଳରେ ବାଲି ମିଳୁନାହିଁ କହି ଚିପ୍ସ, ସିମେଣ୍ଟ ଏବଂ କ୍ରସର ଗୁଣ୍ଡ ମିଶାଇ ଗାଡୱାଲ ନିର୍ମାଣ କାମ ଚାଲିଛି। ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଓ ଠିକାଦାର ଅନୁପସ୍ଥିତି ରହୁଥିବାବେଳେ ମେଟ କେବେ କେମିତି ରହୁଛି।

ଏନେଇ ଗାଡ଼୍‌ୱାଲର ସ୍ଥାୟୀତ୍ୱକୁ ନେଇ ଗାଁ ଲୋକେ କାମ କରାଉଥିବା ମେଟ ଓ କାମ କରୁଥିବା ମିସ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ଠିକାଦାର ବାଲି ନ ମିଳିବା ଯୋଗୁଁ 'କ୍ରସର ଗୁଣ୍ଡ ମିଶାଇ କାମ କର' କହିବାରୁ ଆମେ କାମ କରୁଛୁ ବୋଲି ଗ୍ରାମବାସୀ ନିକଟରେ ପ୍ରକାଶ କରିଛନ୍ତି। କାମ ଆରମ୍ଭ ପୂର୍ବରୁ ରାସ୍ତାରେ ସୂଚନାଫଳକ ଲାଗିବା କଥା। କିନ୍ତୁ କୋଟି କୋଟି ଟଙ୍କାର କାମ ଚାଲିଥିବା ବେଳେ ସୂଚନାଫଳକ ନ ଥିବା ଯୋଗୁଁ ରାସ୍ତାର ଅଟକଳ ମୂଲ୍ୟ ଓ ଠିକାଦାର କିଏ ଜଣାପଡୁ ନାହିଁ। ଏନେଇ



ଲାଞ୍ଜିଗଡ଼ ବ୍ଲକ୍ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଅସିତ ଖଟୁଆଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ଫୋନ ଗ୍ରହଣ କରି ନ ଥିଲେ। ଏନେଇ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ରଙ୍କୁ ପଚାରିବାରୁ ଗାଡୱାଲ କାମରେ ବାଲି ବଦଳରେ କ୍ରସର ଗୁଣ୍ଡ ନମିସାବା କଥା। କନିଷ୍ଠ ଯନ୍ତ୍ରୀ କିମ୍ବା ଏସ୍‌ଡିଓ ମୋ କଥା ଶୁଣୁନାହାଁନ୍ତି। ଠିକାଦାର କଥାରେ ଚାଲିଛନ୍ତି। ବର୍ତ୍ତମାନ ତୁର୍କା ଗାଁ ଲୋକେ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ଘର ନିର୍ମାଣ ପାଇଁ ସାମଗ୍ରୀ ନେଇ ପାରୁନାହାନ୍ତି। ନିର୍ମାଣ କଲଭଟ ଦୁଇ ପାଶ୍ୱର୍ରେ ମାଟି ପକାଇଲେ ଗାଁକୁ ସାମଗ୍ରୀ ଯିବ ବୋଲି ଜିଲ୍ଲାପାଳଙ୍କ ନିକଟରେ ମଧ୍ୟ ଯନ୍ତ୍ରୀ ଓ ଏସଡିଓଙ୍କୁ କହିଛି। ନିମ୍ନମାନର କାମ ଯୋଗୁଁ କାଲେ ଭୁଶୁଡ଼ି ଯିବ ବୋଲି ମୋ କଥାକୁ ଶୁଣୁନାହାଁନ୍ତି ବୋଲି ପ୍ରକାଶ କରିଛନ୍ତି।

## ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଆସ ଲେଖକଙ୍କୁ ଭେଟିବା'



### ଇ-ପତ୍ରିକା 'କାରୁଣ୍ଡପ୍ରଭା' ଉନ୍ମୋଚିତ

ଭବାନୀପାଟଣା,୨୩।୮ (ସମିସ): ସ୍ଥାନୀୟ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ଓ ଅନୁବାଦ ବିଭାଗ ପକ୍ଷରୁ 'ଆସ ଲେଖକଙ୍କୁ ଭେଟିବା' ଏବଂ 'କାରୁଣ୍ଡପ୍ରଭା' ଇ-ପତ୍ରିକା ଉନ୍ମୋଚନ ଉତ୍ସବ ଯୁବସଂସ୍କାର ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପକୁଳସଚିବ ମେଜର ଡ. ଜୟଦେବ ସାହୁ, ଅତିଥି ଲେଖକ ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବପୁରସ୍କାରପ୍ରାପ୍ତ ଗାଳ୍ପିକ ଡିଲେଶ୍ୱର ରଣା ଯୋଗ ଦେଇଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ. ପଲ୍ଲୀଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ବାଲ୍ମୀକି କରୁଆଁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀ ରଣାଙ୍କ ସମେତ ଡି.ଲିଟ୍ ଉପାଧି ପ୍ରାପ୍ତ କେସିଙ୍ଗା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ.ରାକେଶ କୁମାର ବିଶି ଓ ସ୍ନାତକ ପରୀକ୍ଷାରେ ଟପ୍ପର ହୋଇଥିବା ଛାତ୍ର ଅର୍ମିଲ୍ ପୂଝାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଶ୍ରୀ ରଣା ତାଙ୍କ ଲେଖକୀୟ ଜୀବନ ସମ୍ବନ୍ଧରେ ଏକ ଧାରାବାହିକ ବିବରଣୀ ପ୍ରଦାନ କରିଥିଲେ। ସହକାରୀ ପ୍ରଫେସର ଡୋଳାମଣି ଧରୁଆ, ଡ.ସାଗରିକା ଦଳାଇ, ଡ. ପ୍ରତ୍ୟାଶା ଧଳ, ରେଣୁକା ଡାକୁଆ, ସୁବ୍ରତ ମାଝୀ, ଡ଼. ଶ୍ରୀକାନ୍ତ ବାରିକ, ଡ. ରାକେଶ ବିଶି, ଡ. ସୁରଞ୍ଜନ ପ୍ରଧାନ, ଡ. ରାଜେଶ ସାହୁ, ଡ. ଉମେଶ ଚନ୍ଦ୍ର ଶତପଥୀ, ସୁଦର୍ଶନ ଦାସ, ସୁଦେଷ୍ଣା ପଣ୍ଡା, ପ୍ରତାପ ଦାସ, ସୌରଭ ମହାପାତ୍ର ତଥା ଓଡ଼ିଆ ବିଭାଗର ସମସ୍ତ ଗବେଷକ-ଗବେଷିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ରାଶି ପ୍ରଦାନ

ଲାଞ୍ଜିଗଡ଼,୨୩।୮ (ସମିସ): ପ୍ରଧାନମନ୍ତ୍ରୀଙ୍କ ଜୀବନ ଜ୍ୟୋତି ବୀମା ଯୋଜନା ଏକ ଲୋକାଭିମୁଖୀ ଯୋଜନା। ଉକ୍ତ ଯୋଜନାରେ ଆବେଦନ କରିଥିବା ହିତାଧିକାରୀଙ୍କୁ ଏସବିଆଇ ବେନଗାଁ ଶାଖା ପକ୍ଷରୁ ଦୁଇ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ରାଶି ପ୍ରଦାନ କରଯାଇଛି। ଏସବିଆଇ ବେନଗାଁ ଶାଖା କାର୍ଯ୍ୟାଳୟରେ ଦୁଇ ହିତାଧିକାରୀ ବେନଗାଁ ପଞ୍ଚାୟତ ଖମାରି ଗାଁର ଶଙ୍କର ଦୋରା ଓ ବିଜେପୁର ପଞ୍ଚାୟତ ସାହାଯପଡ଼ା ଗାଁର ଗୀତା ସାହୁଙ୍କୁ ବ୍ୟାଙ୍କ ପରିଚାଳକ ଜଗନ୍ନାଥ ଗମାଙ୍ଗ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ରାଶିର ୨ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ୩୩୦ ଟଙ୍କାର ବୀମାରେ ପାଇଲେ ୨ଲକ୍ଷ ଟଙ୍କା। ଏହି ଅବସରରେ ବେନଗାଁ ବ୍ୟାଙ୍କ ଶାଖାର ମୁଖ୍ୟ ପରିଚାଳକ ଜଗନ୍ନାଥ ଗମାଙ୍ଗ, ସିଇଓ ଯୋନି ମାଝୀ, ଫିଲ୍ଡଅଫିସର ସଂଜୀବ ମାଝୀ, ମହେନ୍ଦ୍ର ଦୋରା, ହରିଶଚନ୍ଦ୍ର ନାଏକ, ମନୋଜ ମାଝୀ, ମିଶ୍ର ମାଝୀ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ'ବେନଗାଁ ପଞ୍ଚାୟତର ଖମାରି ଗାଁର ଯୋଶଦା ଦୋରା ଓ ବିଜେପୁର ପଞ୍ଚାୟତ ସାହାଯପଡ଼ାର ଶଶୀ ସାହୁ ବେନଗାଁ ବ୍ୟାଙ୍କ ଶାଖାରେ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ପାଇଁ ୩୩୦ ଟଙ୍କା ମାତ୍ର ଜମାକରି ବୀମା ଅନ୍ତର୍ଭୁକ୍ତ ହୋଇଥିଲେ। ତାଙ୍କର ପରଲୋକ ହୋଇଥିବାରୁ ସ୍ୱର୍ଗତ ଦୋରାଙ୍କ ସ୍ୱାମୀ ଶଙ୍କର ଦୋରା ଓ ସ୍ୱର୍ଗତ ସାହୁଙ୍କ ପତ୍ନୀ ଗୀତା ସାହୁଙ୍କୁ ଉକ୍ତ ବୀମାର ଅର୍ଥରାଶି ପ୍ରଦାନ କରଯାଇଥିଲା।

## ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ମୃତ

ଧର୍ମଗଡ଼,୨୩।୮ (ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା କଦଳୀମୁଣ୍ଡା ଗାଁରେ ବିଦ୍ୟୁତ ସଂସ୍ପର୍ଶରେ ଗତ ରବିବାର ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଥିବାବେଳେ ପୁଣି ଶନିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଉକ୍ତ ଗାଁର ଦୀନେଶ ମାଝୀ (୨୫)। ଶନିବାର ସନ୍ଧ୍ୟା ସମୟରେ ନିଜ ଆଜବେଷ୍ଟସ ଘରେ ହୋଲଡରରେ ବିଦ୍ୟୁତ ବଲ୍ ଲଗାଉଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଅଚେତ ହୋଇପଡ଼ିଥିଲେ। ପରିବାରଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପର୍ଲା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## 'ଅମୃତ ମାତୃ ପିତୃ ସେବା' କାର୍ଯ୍ୟକ୍ରମ

ବେହେରା,୨୩।୮ (ସମିସ): ଧର୍ମଗଡ଼ ବ୍ଲକ୍ ବେହେରାସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ମେସର୍ସ ମନୋହର ଲାଲ ଦେବିପ୍ରସାଦ ଯୁବ ସେବା ସଂଗଠନ ବେହେରାର ମିଳିତ ଆନୁକୂଲ୍ୟରେ ଅମୃତ ମାତୃ ପିତୃ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ୍ ଅର୍ଗାନାଇଜେସନ, ମୁଣ୍ଡୁରାଗୁଡା, ଦଣ୍ଡପାଟ ପ୍ରଡ୍ୟୁସର ଗ୍ରୁପ, ବେହେରା କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ସଂଗଠନ ସଭାପତି ରଜତ ବଂଶଲଙ୍କ ଅଧ୍ୟକ୍ଷତାରେ ବିଶିଷ୍ଟ ସମାଜସେବୀ ପୁରୁଷୋତ୍ତମ ଦାସ ଅଗ୍ରୱାଲ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବେହେରା ସରପଞ୍ଚ କୁମୁଦିନୀ ଗଇଁତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ତୁଳସୀରାମ ବାରିକ, ଅବସରପ୍ରାପ୍ତ ବନପାଳ ନରେନ୍ଦ୍ର ବିଶି, ଉତ୍ପାଦକ ଗୋଷ୍ଠୀ ସଭାନେତ୍ରୀ ସୁଚିତ୍ରା ଗୋପାଳ, ଅଧ୍ୟାପକ ମୋହନଚରଣ ବିଶି, ସଂଗଠକ ଅବିନାଶ ମୁଣ୍ଡ, ସମାଜସେବୀ ଚିନ୍ମୟ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଆଗାମୀ ନୂଆଖାଇ ପର୍ବରେ ନୂତନ ବସ୍ତ୍ର ପରିଧାନ ପାଇଁ ବେହେରା ପଞ୍ଚାୟତର ଶତାଧିକ ଅସହାୟ ବୃଦ୍ଧ, ବୃଦ୍ଧା ଓ ଦିବ୍ୟାଙ୍ଗମାନଙ୍କୁ ନୂତନ ବସ୍ତ୍ର ବଣ୍ଟନ କରାଯାଇଥିଲା। ସହ ସଂପାଦକ ସୁଶିଲ ଚନ୍ଦ୍ର ନାଗ ଅତିଥି ପରିଚୟ କରିଥିବା ବେଳେ ବରିଷ୍ଠ ସଦସ୍ୟ କ୍ଷୀରସିନ୍ଧୁ ବାଣୁଆ ପରିଚାଳନା କରିଥିଲେ। ସଂପାଦକ ଭୁଜବଳ ନାଏକ କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଗୋଷ୍ଠୀ ସଂପାଦିକା ସାବିତ୍ରୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସଂଗଠନ ର କୋଷାଧ୍ୟକ୍ଷ ଭିକାରୀ ଚରଣ ଗୋପାଳ, ସଦସ୍ୟ ଭିଷ୍ମ ବାଣୁଆ, ଉଗ୍ରସେନ ନାଏକ, ହେମାଳ ବିଶି, ରୁପେଶ ନାଏକ, ଦିପିକା ସାହୁ ପ୍ରମୂଖ ସହଯୋଗ କରିଥିଲେ।

## ବଡ଼ଘୁମରରେ ନାରୀ ସଚେତନ କାର୍ଯ୍ୟକ୍ରମ

ଧର୍ମଗଡ଼,୨୩।୮ (ସମିସ): ଧର୍ମଗଡ଼ ବ୍ଲକ ବଡ଼ ଘୁମର୍ ପଞ୍ଚାୟତ କାର୍ଯ୍ୟାଳୟରେ ଭାରତୀୟ ଆଦିମ ଜାତି ସେବାସଙ୍ଘ ଓ ସମାଜ କଲ୍ୟାଣ କାର୍ଯ୍ୟାଳୟ କଳାହାଣ୍ଡି ତରଫରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ବଡ଼ଘୁମର ସରପଞ୍ଚ ଜନ୍ମେଜୟ ଗୋପାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ କ୍ଷେତ୍ର ଅଧିକାରୀ ଫୁଲ ଜେନସିଆ ସୋରେଙ୍ଗ, ସିଡିପିଓ ଧରିତ୍ରୀ ପାଣିଗ୍ରାହୀ, ସୁପରଭାଇଜର ସତ୍ୟପ୍ରିୟା ମହାପାତ୍ର, ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟର ଜେଣ୍ଡର ସ୍ପେସିଆଲିଷ୍ଟ ରାମଚନ୍ଦ୍ର ବାଗ ଯୋଗଦେଇ ଶକ୍ତି ସଦନରେ କେଉଁ ମହିଳାମାନେ ରହି ପାରିବେ, ବାଲ୍ୟ ବିବାହ ରୋକିବା, ଯୌତୁକ ପ୍ରଥା, ଘରୋଇ ହିଂସା, ଯୌନ ଓ ମାନସିକ ନିର୍ଯାତନା ସମ୍ପର୍କିତ



ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଧର୍ମଗଡ଼ ଶକ୍ତି ସଦନର ପରିଚାଳିକା ସସ୍ମିତା ପାତ୍ର ପରିଚାଳନା କରି ମହିଳାମାନେ କିଭଳି ଶିକ୍ଷା କ୍ଷେତ୍ରରେ ଆଗକୁ ଯିବେ, ଆତ୍ମନିର୍ଭରଶୀଳ ହେବେ, ସ୍ୱାସ୍ଥ୍ୟର ଯତ୍ନନେବେ, ନିର୍ଯାତନାରୁ କିଭଳି ଦୁରେଇ ରହିବେ ବୁଝାଇ ଥିଲେ। ବଡ଼ ଘୁମର ପଞ୍ଚାୟତର ସିଆରପି, ଏମ୍‌ବିକେ, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ସ୍ୱଙ୍ଗସହାୟିକା ଗୋଷ୍ଠୀର ମହିଳାଙ୍କ ସମେତ ଗ୍ରାମର ଯୁବତୀମାନେ ବହୁ ସଂଖ୍ୟାରେ ସାମିଲ ହୋଇଥିଲେ। ଧର୍ମଗଡ଼ ଶକ୍ତି ସଦନ ଗୃହ କାର୍ଯ୍ୟାଳୟର ଦେବରାଜ ମହାନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ।

## ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧିୟ ସଚେତନତା କାର୍ଯ୍ୟକ୍ରମ

କେସିଙ୍ଗା,୨୩।୮ (ସମିସ): ଏସ୍‌ବିଆଇ ଏବଂ ରାମକି ଫାଉଣ୍ଡେସନର ମିଳିତ ସହଯୋଗରେ ଶନିବାର କେସିଙ୍ଗା ବ୍ଲକ୍‌ର କିକିଆ ବାପୁଜୀ ଉଚ୍ଚ ବିଦ୍ୟାଳୟରେ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରୟୋଗଶାଳା ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିପିନ ବିହାରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ରାମକି ଫାଉଣ୍ଡେସନର ଚିକିତ୍ସକ ଡାକ୍ତର ବିମଲ ଷଡ଼ଙ୍ଗୀ ମାନସିକ ସ୍ୱାସ୍ଥ୍ୟରୁ କିପରି ପିଲାମାନେ ନିଜକୁ ନିବୃତ୍ତ ରଖିବା ସହ ଗୁରୁଜନଙ୍କ ଉପଦେଶ ଶୁଣି ନିଜ ଭବିଷ୍ୟତ ଗଢିବେ ତାହାଉପରେ ସେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୪୦ ଜଣ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ। ରାମକି ସଂସ୍ଥାର କଳାହାଣ୍ଡିର ମୁଖ୍ୟ ପିସି, ଭେଷଜ ବିତରକ ଜୋଷ୍ଣା ରାଣୀ ବେହେରା, ପଙ୍କଜିନି ରଣା, ଏଲଟି ନିତୁ ନାୟକ, ପାଇଲଟ ନିରଞ୍ଜନ ହାତୀ, ଲିଙ୍ଗରାଜ ସ୍ୱାଇଁ ଉପସ୍ଥିତ ଥିଲେ। ଶିକ୍ଷକ ବିନୋଦ ସିଂ ମାଝୀ ଧନ୍ୟବାଦ ଦେଇଥିଲେ।

## ବାଞ୍ଜିବାହାଲ-ମହାଜନଗୁଡ଼ା ରାସ୍ତା ନିର୍ମାଣରେ ବିଳମ୍ବ

# ଜଗନ୍ନାଥ ସେବା ସମିତିର ଆନ୍ଦୋଳନ ଚେତାବନୀ

କୋକସରା,୨୩।୮ (ସମିସ)

ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କୋକସରା ବ୍ଲକ ବାଞ୍ଜିବାହାଲଠାରୁ ମହାଜନଗୁଡାକୁ ସଂଯୋଗ କରୁଥିବା ରାସ୍ତାର ମୁଟୁରା ନଦୀ ଉପରେ ନିର୍ମାଣ ସେତୁ ଓ ରାସ୍ତା ଅତ୍ୟନ୍ତ ନିମ୍ନମାନର ଏବଂ ନିର୍ମାଣରେ ବିଳମ୍ବ ହୋଇଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ରାସ୍ତା ନିର୍ମାଣର ଅଳ୍ପ ଦିନ ମଧ୍ୟରେ ଫାଟି ଆଁ କରିଥିଲା। ଏନେଇ ଗତ କିଛିଦିନ ତଳେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ରାସ୍ତା ପରିଦର୍ଶନ କରି ନିମ୍ନମାନ କାର୍ଯ୍ୟ ଦେଖି କ୍ଷୋଭ ପ୍ରକାଶ କରି ଅଧିକାରୀମାନଙ୍କ ସହ ଆଲୋଚନା



କରିଥିଲେ। ପରବର୍ତ୍ତୀ ସମୟରେ ଧର୍ମଗଡ଼ ବିଧାୟକ ସୁଧିର ପାଟ୍ଟଯୋଷୀ ମଧ୍ୟ ଗସ୍ତ କରି ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିବା ସହ ଉନ୍ନତମାନର ରାସ୍ତା ତିଆରି କରିବା ପାଇଁ କହିଥିଲେ। ଏହାସତ୍ତ୍ୱେ ମଧ୍ୟ ଉକ୍ତ ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ଓ ନିମ୍ନମାନର କାର୍ଯ୍ୟ ଯୋଗୁଁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ତେବେ ୨ମାସ ମଧ୍ୟରେ ସେତୁ ଉପର ସଂଲଗ୍ନ ରାସ୍ତା ମରାମତି କରିବା ସହ ଉନ୍ନତ ମାନର ଓ ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ଧର୍ମଗଡ଼ର ସମାଜସେବୀ ଅନୁଷ୍ଠାନ ଜଗନ୍ନାଥ ସେବା ସମିତି ଦାବି କରିଛି। ଉକ୍ତ ସମୟ ସୀମା ମଧ୍ୟରେ ଯଦି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା କାର୍ଯ୍ୟ ସମ୍ପନ୍ନ କରା ନ ଯାଏ ଆଗାମୀ ଦିନରେ ଆମରଣ ଅନଶନରେ ବସି ଆନ୍ଦୋଳନ କରିବା ପାଇଁ ସମିତିର ସଭାପତି ସମେତ କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ଏନେଇ ସେବା ସମିତି ପକ୍ଷରୁ ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଚିଠି ମାଧ୍ୟମରେ ଅବଗତ କରାଯାଇଥିବା ଜଗନ୍ନାଥ ସେବା ସମିତିର ସଭାପତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏ ବିଷୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ନ ହେବାରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ପୁନଃଉତ୍ପାଦନକାରୀ କୃଷି କାର୍ଯ୍ୟକ୍ରମ




ଭବାନୀପାଟଣା,୨୩।୮ (ସମିସ): ୱେଲସ୍ପୁନ୍ ଫାଉଣ୍ଡେସନ୍ ଫର୍ ହେଲଥ୍ ଆଣ୍ଡ ନଲେଜ୍ କଳାହାଣ୍ଡି ଜିଲ୍ଲାର କେସିଙ୍ଗା ଏବଂ ଭବାନୀପାଟଣା ବ୍ଲକର ସ୍କୁଲ ଏବଂ ଗ୍ରାମଗୁଡ଼ିକରେ ୱେଲକ୍ରିଷିର ଏକ ସିଏସ୍‌ଆର୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହା ମାଧ୍ୟମରେ ପ୍ରକଳ୍ପ "ପୁନଃଉତ୍ପାଦନକାରୀ କୃଷି କାର୍ଯ୍ୟକ୍ରମ" ଅଧୀନରେ ବିଭିନ୍ନ ସଚେତନତା ସୃଷ୍ଟି ଏବଂ ଚାରା ରୋପଣ ଅଭିଯାନ ପାଳନ କରିଛି। ଏହି ଉତ୍ସବରେ ବିଭିନ୍ନ ଗାଁରେ ସ୍ୱଚ୍ଛତା ଅଭିଯାନ, ଚାରା ରୋପଣ, ସ୍କୁଲ ପିଲାମାନଙ୍କର ମଧ୍ୟରେ ସାମାଜିକ ଏବଂ ପରିବେଶଗତ ସମସ୍ୟା ସମ୍ପର୍କରେ ସଚେତନତା ଇତ୍ୟାଦିକୁ ଗୁରୁତ୍ୱ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ପୃକ୍ତ ସ୍କୁଲର ପ୍ରଧାନଶିକ୍ଷକ ଏବଂ ଶିକ୍ଷକ, ସଦସ୍ୟ ଏବଂ ନାଗରିକ ସମାଜ ସଦସ୍ୟ, ଏବଂ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ପ୍ରକଳ୍ପ ପରିଚାଳକ ଶାନ୍ତନୁ କୁମାର ପତି ଶିଶୁ ଶ୍ରମିକ ସମସ୍ୟା, ପ୍ଲାଷ୍ଟିକ୍ ପ୍ରଦୂଷଣ, ଜଳ ସଂରକ୍ଷଣ ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ। କ୍ଷେତ୍ର କର୍ମଚାରୀ ପ୍ରତାପ ବାଗ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ସମ୍ମାନିତ କରିଥିଲେ। ପ୍ରଭାସ ନାୟକ, ପ୍ରମୋଦ ବ୍ୟାଗ, ପ୍ରେମଚାନ୍ଦ ସାହୁ, ସୁନୀଲ ସାହୁ, ଚିତ୍ରଦ୍ୱାଜ ସାହୁ, ରଥଙ୍କା ନାୟକ, ସୁଶାନ୍ତ ନାଏକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଜଙ୍ଗଲରେ ଗଚ୍ଛିତ ଗଞ୍ଜେଇ ଜବତ



ବାଲିମେଲା/କୋରୁକୋଣ୍ଡା, ୨୩।୮ (ସମିସ): ମାଲକାନଗିରି ଜିଲ୍ଲା ଓରକେଲ ପୋଲିସ ଆଜି ଜଙ୍ଗଲରେ ଗଚ୍ଛିତ ଥିବା ବିପୁଳ ପରିମାଣର ଗଞ୍ଜାଇକୁ ଜବତ କରିଛି। ମିଳିଥିବା ସୂଚନାନୁଯାୟୀ, କତାପାଲି ଜଙ୍ଗଲରେ ବିପୁଳ ପରିମାଣର ଗଞ୍ଜେଇ ଗଚ୍ଛିତ ଥିବା ଥାନାଧିକାରୀ ଧୀରେନ ପଟ୍ଟନାୟକ ଶୁକ୍ରବାର ମଧ୍ୟାହ୍ନ ସମୟରେ ଖବର ପାଇଥିଲେ। ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ମନୋହର ସାହୁଙ୍କ ନେତୃତ୍ୱରେ ଏକ ଟିମ ବାଲିମେଲା-ବେଜିଂଗୁଡା ମୁଖ୍ୟ ରାସ୍ତାର କତାପାଲି ଗ୍ରାମରେ ଥିବା ଜଙ୍ଗଲକୁ ଯାଇ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ୯ ଟି ବସ୍ତାରେ ୧୯୨ କିଲୋ ୬୦୦ ଗ୍ରାମ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ପରେ ଉକ୍ତ ସମସ୍ତ ଗଞ୍ଜେଇ ବସ୍ତା ଗୁଡ଼ିକୁ ଓରକେଲ ଥାନାକୁ ନିଆଯାଇଥିଲା। ତେବେ ଉକ୍ତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ହେବା ସହ ଚାଲାଣକାରୀମାନେ ଉକ୍ତ ଗଞ୍ଜେଇକୁ ବାହାରକୁ ଚାଲାଣ ନିମନ୍ତେ ରଖିଥିବା ତଦନ୍ତକାରୀ ଅଧିକାରୀ ମିଳନ ବାରିହା କହିଛନ୍ତି। ଆଜି ଉକ୍ତ ସମସ୍ତ ଗଞ୍ଜେଇ ବସ୍ତା ଗୁଡ଼ିକୁ ଜବତ କରି ମାଲଖାନାକୁ ପଠାଯାଇଥିବା ଥାନାଧିକାରୀ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ତାଲୁକ୍ ଆଇନ୍ ସେବା କମିଟି ପକ୍ଷରୁ ଆଇନ୍ ସଚେତନତା



ବିଷମ କଟକ, ୨୩।୮ (ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ତାଲୁକ୍ ଆଇନ୍ ସେବା କମିଟି ଦ୍ୱାରା ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଷମ କଟକ ବ୍ଲକ ଅନ୍ତର୍ଗତ ହାଟ ମୁନିଗୁଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ କୋର୍ଟର ଅତିରିକ୍ତ ଜିଲ୍ଲା ଦୌରଜଜ୍ ସିଦ୍ଧାର୍ଥ ସାହୁ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ବିଷମକଟକ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ, ବାର୍ ଆସୋସିଏସନ୍‌ର ସଭାପତି ସନ୍ତୋଷ କୁମାର ପଣ୍ଡା, ବରିଷ୍ଠ ଆଇନଜୀବୀ ଦିଲ୍ଲିପ କୁମାର ମହାରଣା, ସରକାରୀ ଓକିଲ ପ୍ରଶାନ୍ତ କୁମାର ରଥ, ଆଇନିଜୀବୀ ଜି. ତିରୁମାଲା କୁମାର, ସଦାନନ୍ଦ ଦାଶ, ମନମୋହନ ପାତ୍ର, ବିଶିକେଶନ ଟାକ୍ରୀ, ହାଟ ମୁନିଗୁଡା ସରପଞ୍ଚ ନାରାୟଣ ହୁଇକା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ମଳୟ ନାୟକ, ଜିଲ୍ଲା ପରିଷଦ ସଭ୍ୟା ସୁଜାତା କାଦ୍ରାକା, ସମିତି ସଭ୍ୟ ଦୁର୍ଯ୍ୟୋଧନ ପିରିବାକା ସହଯୋଗ କରିଥିଲେ।

# ଜିଲ୍ଲା କଳାକାର ମହାସଂଘର କଳାକାର ସମ୍ମିଳନୀ

ରାୟଗଡ଼ା, ୨୩।୮ (ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ ପାଲୁପାଇ ହାଟ ମଣ୍ଡପଠାରେ ଜିଲ୍ଲା କଳାକାର ମହସଂଘ ରାୟଗଡ଼ା ପକ୍ଷରୁ କଳାକାର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋକକଳା କଳାକାର ଚିହ୍ନଟ ପ୍ରକ୍ରିୟା ସହ ଆଞ୍ଚଳିକ ଭାଷା ଲୋକକଳା ସଂସ୍କୃତିର ପ୍ରଚାର ପ୍ରସାର ପୁନରୁଦ୍ଧାର ଏବଂ କଳାକାରଙ୍କ ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା ହୋଇଥିଲା। ଗତ ସରକାର ସମୟରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ କଳାକାର ଭତ୍ତା ପାଇଁ ଆବେଦନ କରିବାକୁ ଚିଠି ହୋଇଥଲା। ସେହି



ସମୟରେ ଅନେକ କଳାକାର ଆବେଦନ ମଧ୍ୟ କରିଥିଲେ, କିନ୍ତୁ ବର୍ତ୍ତମାନ ନୂତନ ସରକାର ଶାସନକୁ ଆସିବାର ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଧା ଏ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଆରମ୍ଭ ହୋଇ ନଥିବାରୁ ଏହାକୁ ନେଇ ଆଗାମୀ ଦିନରେ ମହାସଂଘ ପକ୍ଷରୁ ଦାବି ରଖାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ଆଞ୍ଚଳିକ ଭାଷା କଳା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ କଳାକାରଙ୍କ ନିଜସ୍ୱ ଉଦ୍ୟମରେ ଜିଲ୍ଲା କଳାକାର ମହାସଂଘ ରାୟଗଡ଼ା ଆନୁକୂଲ୍ୟରେ ଚଳିତ ବର୍ଷ ସେପ୍ଟେମ୍ବର ୧୪ ତାରିଖରେ ରାମନାଗୁଡ଼ା କଳାକାର ମହୋତ୍ସବ ଆୟୋଜନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ସମ୍ମିଳନୀରେ ରାୟଗଡ଼ା ଜିଲ୍ଲା ସଭାପତି ସନ୍ତୋଷ କୁମାର ବଛା, ରାମନାଗୁଡ଼ା ବ୍ଲକ କଳା ସଂସ୍କୃତି ସଂଘ ଉପ ସଭାପତି ତଥା କୁଜେନ୍ଦ୍ରି ସରପଞ୍ଚ ରମେଶ ଶବର, ରାମନାଗୁଡ଼ା ବ୍ଲକ ଜିଲ୍ଲା କଳାକାର ମହାସଂଘ ସଭାପତି କୃଷ୍ଣଚନ୍ଦ୍ର ଶବର, ସମ୍ପାଦକ ଧର୍ମାରାଓ ମୁଟିକା, ବରିଷ୍ଠ କଳାକାର ବେପାଇ କଣ୍ଡାଗରି, ଧନୁଞ୍ଜୟ କୌବତ, ସୁନିଲ୍ ସେଠି, ଲକ୍ଷ୍ମଣ ଶବର, ଶ୍ରୀଧର କାଦ୍ରାକା, ଭାଗିରଥି ଶବର, ପଦ୍ମାବତୀ ପାତିକା, ନୀଳକଣ୍ଠ ବିଡ଼ିକା, ସୁକଦେବ ମାଣ୍ଡାଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ।

## ଅଭିଯୋଗ ପରେ ବି ଘାଗୁଦିମାଳ ଗ୍ରାମକୁ ନିର୍ମାଣ ହେଉନି ରାସ୍ତା

# ଜିଲ୍ଲାପାଳଙ୍କ ଗସ୍ତବେଳେ ରାସ୍ତାରେ ଗଛ ପକାଇଲେ ଗ୍ରାମବାସୀ

କଲ୍ୟାଣସିଂହପୁର, ୨୩।୮ (ସମିସ)

ରାୟଗଡ଼ା ଜିଲ୍ଲାପାଳ ଅଶୁତୋଷ କୁଲକର୍ଣ୍ଣିଙ୍କ ଗସ୍ତ ବେଳେ କଲ୍ୟାଣସିଂହପୁର ବ୍ଲକ ନିୟମଗିରି ଯିବା ରାସ୍ତାରେ ଘଗୁଦିମାଳ ଗ୍ରାମବାସୀ ଗଛକାଟି ଜିଲ୍ଲାପାଳଙ୍କ ରାସ୍ତା ଅବରୋଧ କରିଛନ୍ତି। ଘଗୁଦିମାଳ ଗ୍ରାମକୁ ରହିଥିବା ରାସ୍ତା ସମସ୍ୟାର ସମାଧାନ ନ କରିବା ପର୍ଯ୍ୟନ୍ତ ରାସ୍ତାଅବରୋଧ ହଟିବ ନାହିଁ ବୋଲି ଗ୍ରାମବାସୀ ଅଡିବସିଥିଲେ। ବ୍ଲକ ପରିଦର୍ଶନରେ ଯାଇଥିବା ଜିଲ୍ଲାପାଳଙ୍କୁ ପୂର୍ବରୁ ରାସ୍ତା ନିର୍ମାଣ କରିବା ପାଇଁ ବହୁବାର ଅଭିଯୋଗ ଶୁଣାଣିରେ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ ମଧ ଗ୍ରାମ ପାଇଁ ରାସ୍ତା ତିଆରି ହୋଇପାରି ନାହିଁ। ବିଭିନ୍ନ ସମୟରେ ଗ୍ରାମବାସୀମାନେ ନାହିଁ ନଥିବା ଅସୁବିଧା ସମ୍ମୁଖିନ ହେଉଛନ୍ତି। ଗ୍ରାମବାସୀଙ୍କ ଦାବି



କେହି ଶୁଣୁନଥିବାରୁ ଅତିଷ୍ଠ ହୋଇ ଘାଗୁଡିମାଳ ଗ୍ରାମବାସୀ ଗତ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିଥିଲେ। ତଥାପି କୌଣସି ଫଳ ମିଳି ନଥିବାରୁ ଆଜି ଜିଲ୍ଲାପାଳଙ୍କୁ ଅସୁବିଧା ଜଣେଇବା ପାଇଁ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ରାସ୍ତାରେ ଅଟକାଇ ସମସ୍ୟା ଜଣାଇଥିଲେ। କିନ୍ତୁ ବିଡ଼ିଓ ମନୀଷା ଦାସ ଲୋକଙ୍କୁ ବୁଝାଇ ସେଠାରୁ ଖସି ପଳାଇଥିଲେ। ପରେ ଜିଲ୍ଲାପାଳ ନିଜ ଗସ୍ତରୁ ଫେରିବା ସମୟରେ ବାଧ ହୋଇ ରାସ୍ତାରେ ଗଛକାଟି ପକାଇ ରାସ୍ତା ଅବରୋଧ କରି ଗ୍ରାମବାସୀ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର ରାସ୍ତା ନିର୍ମାଣ ପାଇଁ ଜିଲ୍ଲାପାଳଙ୍କ ଠାରୁ ପ୍ରତିଶ୍ରୁତି ପାଇବା ପରେ ଗ୍ରାମବାସୀ ରାସ୍ତା ଅବରୋଧ ହଟାଇଥିଲେ। ପ୍ରାୟ ଗୋଟିଏ କିମି ଏହି ରାସ୍ତା ନିର୍ମାଣ ହୋଇପାରିଲେ ସମସ୍ତ ସମସ୍ୟା ସମାଧାନ ହେବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ବିଡ଼ିଓ ଉକ୍ତରାସ୍ତାରେ କିଛିଦୂର ଯାଇ ଦେଖିବା ପରେ ସୋମବାର ବ୍ଲକକୁ ଆସି କାଗଜ କରିବା ପରେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ସାର ବଣ୍ଟନରେ ଅନିୟମିତତା ନେଇ ଚାଷୀଙ୍କ ଏନ୍‌ଏଚ୍ ଅବରୋଧ

ମାଥିଲି, ୨୩।୮ (ସମିସ): ସାର ଯୋଗାଣରେ ଅନିୟମିତତାକୁ ନେଇ ୩୨୬ ନଂ ଜାତୀୟ ରାଜପଥକୁ ଶନିବାର ଅବରୋଧ କରିଛନ୍ତି ଉତ୍ତ୍ୟକ୍ତ ଚାଷୀ। ବର୍ଷା ଋତୁ ସରିବାକୁ ଆସିଥିବା ବେଳେ ଚାଷୀଙ୍କୁ ମିଳୁନି ସାର। ମାଲକାନଗିରି ଜିଲ୍ଲା ମାଥିଲି ଲାମ୍ପସରେ ସାର କଳାବଜାରରେ ବିକ୍ରି କରାଯାଉଥିବା ପୂର୍ବରୁ ଅଭିଯୋଗ ହୋଇଥିବା ବେଳେ ବର୍ତ୍ତମାନ ସଠିକ ପରିମାଣର ସାର ମିଳୁ ନ ଥିବାରୁ ଚାଷୀ ଦଲାଲ ହାବୁଡରେ ପଡ଼ି ଶୋଷଣ ହେଉଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ତୁରନ୍ତ ସାର ଯୋଗାଣ ଦାବିରେ ମାଥିଲି ବ୍ଲକର କୃଷକମାନେ ରାସ୍ତା ଅବରୋଧ କରିଛନ୍ତି। ଫଳରେ ମାଲକାନଗିରି ଜୟପୁର ଯାତାୟାତ ବାଧାପ୍ରାପ୍ତ ହୋଇଛି। ସାର ଯୋଗାଣ ଦାବିରେ ଦୀର୍ଘ ସମୟ ଧରି ଚାଷୀମାନେ ଜାତୀୟ ରାଜପଥ ରାସ୍ତା ଅବରୋଧ କରି ଅଡିବସିଥିଲେ। ଏହି ଅବରୋଧକୁ ବିଜେଡି ଏବଂ ଆଦିବାସୀ ମହାସଂଘ ମଧ ସମର୍ଥନ କରିଥିଲେ।



ଅପରପକ୍ଷରେ ସାର କୋଟା ସରିଯାଇଥିବାରୁ ଆଉ ସାର ଯୋଗାଣ ସମ୍ଭବ ନୁହେଁ ବୋଲି କହିଛନ୍ତି ଲାମ୍ପସ ଏମ୍‌ଡି। ତେବେ ଘଟଣା ସ୍ଥଳରେ ମାଥିଲି ବିଡ଼ିଓ ପ୍ରମୋଦ କୁମାର ବେହେରା, ମାଥିଲି ତହସିଲଦାର ମାନସୀ ଭୋଇ ଓ ମାଥିଲି ଥାନା ଅଧିକାରୀ ଦୀପାଞ୍ଜଳି ପ୍ରଧାନ ପହଞ୍ଚି ଉତ୍ତ୍ୟକ୍ତ ଚାଷୀମାନଙ୍କୁ ବୁଝାସୁଝା କରିବା ସହ ପ୍ରତିଶ୍ରୁତି ଦେବା ପରେ ରାସ୍ତା ରୋକ ହଟିଥିଲା। ଲ୍ୟାମ୍ପରେ ମାତ୍ର ୬୦୦ ବସ୍ତା ୟୁରିଆ ଥିବାରୁ ୨୦୦୦ରୁ ଅଧିକ ଚାଷୀଙ୍କୁ ଦେବା ସମ୍ଭବ ନୁହେଁ, ସେଥିପାଇଁ ଆଗାମୀ ପାଞ୍ଚ ଦିନ ମଧ୍ୟରେ ବାକି ଦୁଇ ଗାଡି ୟୁରିଆ ଆସିଲେ ସମସ୍ତ ଚାଷୀଙ୍କୁ ଦୁଇ ବସ୍ତା ଲେଖାଏଁ ସାର ଦିଆଯିବ ବୋଲି ତହସିଲଦାର ଓ ବିଡ଼ିଓ ପ୍ରକାଶ କରିଥିବା ଜଣାପଡ଼ିଛି।

# ଜିଲ୍ଲାପାଳଙ୍କ ଶିକରପାଇ ପଞ୍ଚାୟତ ପରିଦର୍ଶନ



ଶୀକରପାଇ, ୨୩।୮ (ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକକୁ ନୂତନ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଶନିବାର ପରିଦର୍ଶନ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ପ୍ରଥମେ ଶିକରପାଇ ପଞ୍ଚାୟତର କୃଷ୍ଣ ନଗର ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ କରିଥିବା ହଳଦୀ ଚାଷ ପରିଦର୍ଶନ କରି ସମସ୍ୟା ବୁଝିଥିଲେ। କ୍ରିକାଲପାଡୁ ନିକଟରେ ହେଉଥିବା ମେଗା ପ୍ରଜେକ୍ଟ ପରିଦର୍ଶନ କରିଥିଲେ। ଶିକରପାଇ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ସମସ୍ୟା ବିଷୟରେ ଅବଗତ ହୋଇ ସେଠାକୁ ପରିଦର୍ଶନ କରି ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ପରିବେଶ ଦେଖି ଖୁସି ହେବା ସହ ସାମାନ୍ୟ କାମ ରହିଥିବା ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ସହ ଆଲୋଚନା କରିଥିଲେ। ଶିକରପାଇରେ ମହାବିଦ୍ୟାଳୟ ନିର୍ମାଣ କରିବା ପାଇଁ ଗ୍ରାମବାସୀ ଲିଖିତ ଦରଖାସ୍ତ ପ୍ରଦାନ କରିଥିଲେ। ଅଲଣ୍ଡା ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିବା ପରେ କ୍ରିଷ୍ଟାପାତ୍ରଗୁଡାରେ ହେଉଥିବା ମେଗା ପ୍ରଜେକ୍ଟ ପରିଦର୍ଶନ କରିବା ସହ ନଭେମ୍ବର ମାସ ସୁଦ୍ଧା କାର୍ଯ୍ୟ ଶେଷ କରିବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ଗସ୍ତ ସମୟରେ ବିଡ଼ିଓ ମନୀଷା ଦାସ, ପାନୀୟ ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ରମେଶ ମିଞ୍ଜ, କନିଷ୍ଠ ଯନ୍ତ୍ରୀ ନୀଳିମା ପ୍ରିୟଦର୍ଶିନୀ ଦାସ, ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ଚନ୍ଦନ ନାୟକ, ବ୍ଲକ କନିଷ୍ଠ ଯନ୍ତ୍ରୀ ଶିବଶଙ୍କର ହିମ୍ବ୍ରମ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚନ୍ଦନ ଦାସ ବାଙ୍ଗାରି, ଆର୍‌ଡି ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ରମେଶ ନାୟକ ସମେତ ବ୍ଲକ ଅଧିକାରୀ ପ୍ରମୁଖ ଗସ୍ତ କରିଥିଲେ।

# ପୋଡଘାଟ ପଞ୍ଚାୟତରେ ଚାଷୀଙ୍କୁ ମିଳୁନି ସାର

ମାଲକାନଗିରି, ୨୩।୮ (ସମିସ): ମାଲକାନଗିରି ଜିଲ୍ଲାର ଖଇରପୁଟ ବିଏଲ୍‌କେ ଅନ୍ତର୍ଗତ ପୋଡଘାଟ ପଞ୍ଚାୟତରେ ଚାଷୀଙ୍କୁ ସଠିକ ଭାବେ ୟୁରିଆ ସାର ମିଳୁ ନଥିବା ଅଭିଯୋଗ ହୋଇଛି। ସୂଚନାନୁଯାୟୀ, ଏହି ପଞ୍ଚାୟତ ଅଧୀନରେ ଥିବା ମୋଟ ୨୨ଟି ଗ୍ରାମର ଗାଁର ଚାଷୀଙ୍କ ପାଇଁ ବର୍ତ୍ତମାନ କେବଳ ୩୫୦ ପକେଟ୍ ୟୁରିଆ ସାର ଆସିଛି। ଅପରପକ୍ଷରେ ସାର ନେବା ପାଇଁ ୧୧୫୦ ଜଣ ଚାଷୀ ନିଜର ଆଧାର କାର୍ଡ ଜମା କରିଛନ୍ତି। ଜଣେ ଚାଷୀଙ୍କୁ ୨ ପକେଟ୍ ସାର ଯୋଗାଇବା ପାଇଁ ବ୍ୟବସ୍ଥା ରହିଥିବା ବେଳେ ସାର ନପାଇ ଚାଷୀ ନାନା ସମସ୍ୟାର ସାମ୍ନା କରୁଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ଚାଷୀ ଜମା କରିଥିବା ଆଧାର କାର୍ଡ ଅନୁଯାୟୀ ପ୍ରାୟ ୨୩୦୦ ପକେଟ୍ ସାରର ଅବଶ୍ୟାକତା ରହିଥିବା ବେଳେ ୩୫୦ଟି ସାର ବସ୍ତା ସମୁଦ୍ର ଶଙ୍ଖେ ସଦୃଶ୍ୟ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ସାର ପାଇଁ ଚାଷୀମାନେ ଭିଡ ଜମାଇଥିବା ବେଳେ ସାର ଖୁବ କମ ଥିବା ଜାଣି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତେଣୁ ପୋଡଘାଟ ପଞ୍ଚାୟତର ଚାଷୀଙ୍କୁ ତୁରନ୍ତ ସାର ଯୋଗାଇ ଦେବାକୁ ପ୍ରଶାସନ ନିକଟରେ ଚାଷୀ ଦାବି କରିଛନ୍ତି।

# ବିଦ୍ୟୁତ ଆଘାତରେ ଯୁବକ ମୃତ

ରାୟଗଡ଼ା/କୋଲନରା, ୨୩।୮ (ସମିସ): ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ୨୭ ବର୍ଷୀୟ ଯୁବକଙ୍କ ମୃତ୍ୟୁଘଟିଛି। ମୃତକ ଜଣକ ହେଲେ ମନିଷରାଓ ମାଣ୍ଡାଙ୍ଗି (୨୭)। ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ ସୁରୀ ପଞ୍ଚାୟତ ଅନ୍ତର୍ଗତ ପୋଙ୍ଗଲି ଗ୍ରାମରେ ମୃତକଙ୍କ ଘର ବୋଲି ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯେ, ମନିଷରାଓ ଶୁକ୍ରବାର ରାତି ପ୍ରାୟ ୯ଟା ସମୟରେ ଘରର ଫ୍ୟାନ୍ ତାର ସଂଯୋଗ କରିବା ବେଳେ ବିଦ୍ୟୁତ ଆଘାତ ଲାଗିଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ତେବେ ପରିବାରବର୍ଗ ମନିଷଙ୍କୁ କୋଲନରା ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# କ୍ୟାମ୍ପ କୋର୍ଟରେ ୬ ମକଦ୍ଦମାର ୧୮ ସାକ୍ଷ୍ୟ ଗ୍ରହଣ

କୋରୁକୋଣ୍ଡା, ୨୩।୮ (ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ କାର୍ଯ୍ୟାଳୟର ବୈଠକ ଗୃହରେ କୋରୁକୋଣ୍ଡା ଗ୍ରାମ୍ୟ ନ୍ୟାୟାଳୟ ମାଲକାନଗିରି ତରଫରୁ ଆଜି କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଥିଲା। ଏହି କ୍ୟାମ୍ପ କୋର୍ଟରେ ବିଭିନ୍ନ ମକଦ୍ଦମାରେ ଚାଲିଥିବା ୬ ଗୋଟି ମାମଲାର ୧୮ ଜଣ ସାକ୍ଷ୍ୟ ନ୍ୟାୟାଧିସ ପରିଣିତା ନାୟକଙ୍କ ସମ୍ମୁଖରେ ନିଜ ନିଜର ସାକ୍ଷ୍ୟ ପ୍ରଦାନ କରିଥିଲେ। କ୍ୟାମ୍ପ କୋର୍ଟରେ ସରକାରୀ ଓକିଲ ଭାବେ ହୃଷୀକେଶ ପଣ୍ଡା, ଦୁର୍ଗା ପ୍ରସାଦ ପଣ୍ଡା ପରିଚାଳନା କରୁଥିବା ବେଳେ ପ୍ରତିପକ୍ଷ ଓକିଲ ଭାବେ ସଞ୍ଜୀବ ମାଝୀ ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କ ନିୟମଗିରି ପରିଦର୍ଶନ



କଲ୍ୟାଣସିଂହପୁର, ୨୩।୮ (ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ନିୟମଗିରିକୁ ଶନିବାର ପରିଦର୍ଶନ କରିଛନ୍ତି ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି। କଲ୍ୟାଣସିଂହପୁର ବ୍ଲକ ଗସ୍ତରେ ଯାଇ ସେ ଲୋକଙ୍କ ସହିତ ଆଲୋଚନା କରିଛନ୍ତି। ସବୁଠାରୁ ଉପାନ୍ତ ନିୟମଗିରି ପାହାଡ଼ ଅଞ୍ଚଳ ପାରସାଲି ପଞ୍ଚାୟତର ଫାକେରି ଦେଙ୍ଗଲିଲି, ନିରୁଗୁଣ୍ଡି ଓ ସୁନାଖଣ୍ଡି ପଞ୍ଚାୟତ କାଦ୍ରାକା ବଣ୍ଡେଲି ଗାଁକୁ ଯାଇ ସେଠାକାର ପରିବେଶ ଦେଖିବା ସହ ପିଏମ୍ ଜନମନ ଯୋଜନାରେ ଅନ୍ତର୍ଭୁକ୍ତ ଆବାସ ଗୃହ ନିର୍ମାଣ ସମ୍ପର୍କରେ ଆଲୋଚନା କରିଥିଲେ। ନିୟମଗିରି ପାହାଡ଼ ଅଞ୍ଚଳରେ ବିଦ୍ୟୁତ କରଣ ହୋଇପାରିନାହିଁ, ସେଥିପ୍ରତି ଦୃଷ୍ଟି ଦେବା ସହିତ ଅଞ୍ଚଳରେ ଚାଷ ହେଉଥିବା ସପୁରୀ ଅଧିକରୁ ଅଧିକ ଅମଳ କିପରି ହୋଇପାରିବ ସେନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ବ୍ଲକର ବିଭିନ୍ନ ବିଦ୍ୟାଳୟ ଗସ୍ତ ସହ ନବନିର୍ମିତ ପାନୀୟ ଜଳ ପ୍ରକଳ୍ପ ଅଗ୍ରଗତି ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

## ବୈପାରୀଗୁଡାରେ ବଢୁଛି ଟ୍ରାଫିକ ସମସ୍ୟା

# ମୁଖ୍ୟ ଛକରେ ସ୍ଥାୟୀ ଟ୍ରାଫିକ ପୁଲିସ ନିଯୁକ୍ତି ପାଇଁ ଦାବିପତ୍ର

ବୈପାରୀଗୁଡ଼ା, ୨୩।୮ (ସମିସ)

ବୈପାରୀଗୁଡ଼ା ସ୍ଥିତ ସହୀଦ ଲକ୍ଷ୍ମଣ ନାୟକ ମୁଖ୍ୟ ଚାରିଛକ ଠାରେ ଟ୍ରାଫିକ ପୁଲିସ ନିୟୋଜିତ କରିବାକୁ ଥାନା ଦ୍ୱାରସ୍ତ ହେବା ସହ ଦାବିପତ୍ର ପ୍ରଦାନ କରିଛନ୍ତି ଗ୍ରାମବାସୀ। ବୈପାରୀଗୁଡ଼ା ଅଞ୍ଚଳରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବୃଦ୍ଧି ପାଉଛି। ବହୁ ସମୟରେ ବେପରୁଆ ଗାଡ଼ି ଚାଳନା ପାଇଁ ଛୋଟମୋଟ ଦୁର୍ଘଟଣାମାନ ଘଟୁଛି। କଲେଜ ପିଲାଙ୍କଠାରୁ ଆରମ୍ଭ କରି ସ୍କୁଲ ପିଲା ଯାଏ ବିନା ଲାଇସେନ୍ସ ଓ ହେଲମେଟରେ ଗାଡ଼ି ଚଲାଉଛନ୍ତି। ଘରୁ ରାସ୍ତାକୁ ବାହାରିଲେ ବରିଷ୍ଠ ନାଗରିକ ଓ ମହିଳାଙ୍କୁ ବେପରୁଆ ଗାଡ଼ି ଚାଳକଙ୍କ ଠାରୁ ସୁରକ୍ଷା ଚିନ୍ତା ଘାରୁଛି। ମୁଖ୍ୟ ଚାରିଛକ ଦେଇ ରାଞ୍ଚି ବିଜୟୱାଡା ୩୨୬ ନମ୍ବର ଜାତୀୟ ରାଜପଥ ସଂଯୋଗ ହୋଇଥିବା ବେଳେ ଭୁବନେଶ୍ୱର ଠାରୁ ମାଲକାନଗିରି ଏବଂ ହାଇଦ୍ରାବାଦ, ଆନ୍ଧ୍ର ଓ ତେଲଙ୍ଗାନାକୁ ହଜାର ହଜାର ଭାରୀଯାନ ଗଡୁଛି। ସେହିପରି ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠକୁ ଯିବାକୁ ହେଲେ ଏହି ଚାରିଛକ ଦେଇ ଯିବାକୁ ପଡ଼ିଥାଏ। ଯାହାଦ୍ୱାରା ପ୍ରତିଦିନ ଶତାଧିକ ପର୍ଯ୍ୟଟକଙ୍କ ଯାନବାହାନ ଏହି ଛକ ଦେଇ




ଯାତାୟାତ କରୁଛି। ବୈପାରୀଗୁଡ଼ା ଥାନାରେ କର୍ମଚାରୀ ଅଭାବ ସତ୍ତ୍ୱେ ମୁଖ୍ୟ ଛକରେ ଜଣେ ହୋମଗାର୍ଡଙ୍କୁ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଦାୟିତ୍ୱ ଦିଆଯାଇଛି। କିନ୍ତୁ ସେଠାରେ ଜଣେ ସ୍ଥାୟୀ ଟ୍ରାଫିକ ପୁଲିସଙ୍କୁ ନିଯୁକ୍ତ କରାଯାଉ ବୋଲି ଦାବି କାରିଛନ୍ତି ଗ୍ରାମବାସୀ। ବୈପାରୀଗୁଡା ଆଇଆଇସି ରଶ୍ମି ରଞ୍ଜନ ପ୍ରଧାନଙ୍କୁ ଏନେଇ ଦାବିପାତ୍ର ପ୍ରଦାନ କରିଛନ୍ତି। ଏନେଇ ଆଇଆଇସି କହିଛନ୍ତି, ପରିବହନ ଓ ପୋଲିସ ବିଭାଗ ପକ୍ଷରୁ ଗାଡ଼ି ଯାଞ୍ଚ ସହ ଜରିମାନା ଆଦାୟ ଠାରୁ ଲାଇସେନ୍ସ ରଦ୍ଦ ଯାଏ ବିଭିନ୍ନ କାର୍ଯ୍ୟାନୁଷ୍ଠାନ ହେଉଛି। ଟ୍ରାଫିକ ପୁଲିସ ନିୟଜିତ ନିମନ୍ତେ ଉଚ୍ଚସ୍ତରୀୟ ପଦାଧିକାରୀଙ୍କୁ ଜଣାଇବେ ଏବଂ ଟ୍ରାଫିକ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିବେ ବୋଲି ଗାଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ମା' ମଝିଘରିଆଣି, ବୁରୁଦଲା ପୋଲ୍ଲାମା'ଙ୍କୁ ବେଶ ଶୃଙ୍ଗାର ଭେଟି

ରାୟଗଡ଼ା, ୨୩।୮ (ସମିସ): ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣି ଏବଂ ବୁରଦଲ୍ଲା ପାଲମା ଗ୍ରାମଦେବୀଙ୍କୁ ଶନିବାର ଶାଢ଼ୀ, ଚୂଡ଼ି, ଶଙ୍ଖା ସିନ୍ଦୂର, କୁଙ୍କୁମ ସାଙ୍ଗକୁ ନାନା ପ୍ରକାର ମିଠେଇ ଏବଂ ନାନା ପ୍ରକାର ପାଚିଲା ଫଳ ଭେଟି ଦେଇଛନ୍ତି ଶ୍ରଦ୍ଧାଳୁ। ସକାଳୁ ତେଲୁଗୁ ସମ୍ପ୍ରଦାୟର ଶତାଧିକ ମହିଳା ଉପରୋକ୍ତ ସମାଗ୍ରୀ ଧରି ପାରମ୍ପରିକ ବାଜା ସହିତ ମେନ୍ ରୋଡ଼, ଷ୍ଟେଟ ବ୍ୟାଙ୍କ ଛକ, ଯେଦ୍ଦୁ ସାହି ଓ କଂଗ୍ରେସ ଭବନ ଦେଇ ବୁରଦଲ୍ଲା ପୋଲମା ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ମା'ଙ୍କୁ ବେଶ ଶୃଙ୍ଗାର ସାମଗ୍ରୀ ଅର୍ପଣ କରିବା ସହ ମା'ଙ୍କ ସ୍ତୁତି ଉଚ୍ଚାରଣ କରିଥିଲେ। ପରେ ମା' ଙ୍କ ଆଳତୀ କରି ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିରରେ ପହଞ୍ଚିଥିଲେ। ଏଠାରେ ମନ୍ଦିର ମୁଖ୍ୟ ପୂଜକ ଚନ୍ଦ୍ର ପୁଝାରି ରୀତିନୀତି ଅନୁଯାୟୀ ବିଧିବିଧାନରେ ପୂଜାର୍ଚ୍ଚନା କରିଥିଲେ। ପୂଜା ସରିବା ପରେ ଗୋଷ୍ଠୀରେ ଥିବା ସମସ୍ତ ମହିଳା ଲଳିତା ସ୍ତୁତି ପାଠ କରିଥିଲେ। ଏହି ବିଧି ଓ ପରମ୍ପରା ଦୀର୍ଘ ବର୍ଷରୁ ରାୟଗଡ଼ା ଅଞ୍ଚଳରେ ଚାଲି ଆସୁଛି। କିନ୍ତୁ, ଆମ୍ଭେମାନେ ପାଞ୍ଚ ବର୍ଷ ହେବ ଗୋଟିଏ ଗୋଷ୍ଠୀ ହୋଇ ତେଲୁଗୁଙ୍କ ଶ୍ରାବଣ ମାସରେ ମା'ଙ୍କୁ ଏହିଭଳି ଭେଟି ଦେଇଥାଉ ବୋଲି କିନ୍ତାଲି ଭିଶାଖା କହିଛନ୍ତି। ନିଜ ଅଞ୍ଚଳ, ନିଜ ପରିବାର ନିଜ ସନ୍ତାନ ଭଲରେ ରହିବା ପାଇଁ ପ୍ରାର୍ଥନା କରିବା ସହ ନିଜ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରିଥାଉ ବୋଲି ସେ କହିଛନ୍ତି। ଯେଉଁଭଳି ନବରାତ୍ରି ସମୟରେ ଦେବୀ ଦୁର୍ଗାଙ୍କ ବିଭିନ୍ନ ରୂପକୁ ନବ କନ୍ୟାଙ୍କ ରୂପରେ ପୂଜା ପାଇଥାନ୍ତି। ସେହିଭଳି ଏହି ଶ୍ରାବଣ ମାସରେ ଦେବୀ ମା'ମାନଙ୍କୁ ନିଜ ଝିଅ ଭଳି ପୂଜାର୍ଚ୍ଚନା କରିଥାଉ ବୋଲି ସେ କହିଛନ୍ତି। ଗୋଷ୍ଠୀ ମୁଖିଆ କିନ୍ତାଲି ଭିସାଖା, ବାର୍ଜି ବରଲକ୍ଷ୍ମୀ, ବାରଣାସୀ ମଞ୍ଜୁଳା, କିନ୍ତାଲି ମଞ୍ଜୁଳା ଏବଂ ଏନାକାଲୁ ରାଜୁ ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। କିନ୍ତାଲି ଶ୍ରୀନିବାସ ସହଯୋଗ କରିଥିଲେ।



## ଜୟନଗର ରାସ୍ତା ନିର୍ମାଣ କାର୍ଯ୍ୟରେ ବିଳମ୍ବ

# ସ୍ଥାନୀୟ ବାସିନ୍ଦା ଓ ବିଜେଡି କର୍ମୀଙ୍କ ରାସ୍ତା ଅବରୋଧ

ଜୟପୁର, ୨୩।୮ (ସମିସ)

କୋରାପୁଟ ଜିଲ୍ଲା ଜୟପୁର ଜୟନଗର ଅଞ୍ଚଳକୁ ସଂଯୋଗ କରୁଥିବା ରାସ୍ତାର ଦୂରାବସ୍ଥା ଓ ଏହାର ନିର୍ମାଣ କାର୍ଯ୍ୟରେ ବିଳମ୍ବକୁ ନେଇ ସ୍ଥାନୀୟ ବାସିନ୍ଦା ଏବଂ ବିଜେଡି ପକ୍ଷରୁ ମିଳିତ ଭାବେ ଜୟନଗର ଛକଠାରେ ଧାରଣା ଦିଆଯିବା ସହ ପୂର୍ବାହ୍ନ ସାଢ଼େ ୧୧ଟାରୁ ସାଢ଼େ

**● ଡିସେମ୍ବର ସୁଦ୍ଧା କାର୍ଯ୍ୟ ଶେଷ ନ ହେଲେ ଆନ୍ଦୋଳନ ଚେତାବନୀ**

୧୨ଟା ପର୍ଯ୍ୟନ୍ତ ରାସ୍ତାକୁ ଅବରୋଧ କରାଯାଇଥିଲା। ଘଟଣାସ୍ଥଳରେ ନିର୍ମାଣକାରୀ ସଂସ୍ଥା ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ପ୍ରିୟରଞ୍ଜନ ବେହେରା ଏବଂ ତହସିଲଦାର ସବ୍ୟସାଚୀ ଜେନା ପହଞ୍ଚି ରାସ୍ତା ନିର୍ମାଣ କାର୍ଯ୍ୟରେ ରହିଥିବା ସମସ୍ୟା ସମ୍ପର୍କରେ କହିଥିଲେ। କିନ୍ତୁ ଆନ୍ଦୋଳକାରୀମାନେ ଏହା ପ୍ରଶାସନର ଦାୟିତ୍ୱ, ତେଣୁ ତୁରନ୍ତ ସମସ୍ତ ବିଭାଗକୁ ଏକତ୍ରୀତ କରାଯାଇ କିଭଳି ଶୀଘ୍ର କାର୍ଯ୍ୟ ଶେଷ ହେବ ସେନେଇ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ଦାବି କରିଥିଲେ। ଆସନ୍ତା ଡିସେମ୍ବର ସୁଦ୍ଧା କାର୍ଯ୍ୟ ସମାପ୍ତ ନହଲେ ଆଗାମୀ ଦିନରେ ଏକ ବଡଧରଣର ଆନ୍ଦୋଳନ ସହ ଜୟପୁର ବନ୍ଦ କରାଯିବ



ବୋଲି ଧାରଣା ଓ ଆନ୍ଦୋଳନର ନେତୃତ୍ୱ ନେଇଥିବା ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜେଡି ଉପସଭାପତି ରବି ନାରାୟଣ ନନ୍ଦ ଚେତାବନୀ ଦେଇଥିଲେ। ଏହି ଅବସରରେ ବିଜେଡି ଟାଉନ ସଭାପତି ହରପ୍ରସାଦ ମିଶ୍ର, ବରିଷ୍ଠ ନେତା ବାଲା ରାୟ, ପୌର ଉପାଧ୍ୟକ୍ଷା ବି.ସୁନିତା, କାଉନସିଲର ଅଜିତ ବେହେରା, ବିଷ୍ଣୁ ବର୍ଦ୍ଧନ ରେଡ୍ଡି, ସିମାଞ୍ଚଳ ବିଶୋୟୀ, ସୁଷମା ମହାପାତ୍ର, ପାର୍ଥ ସାରଥି ମଲ୍ଲିକ, ଦେବେନ୍ଦ୍ର ଚୌଧୁରୀ, ଏ.ଭଦ୍ରାବେଣୀ, ଏନ.ଲକ୍ଷ୍ମୀନାରାୟଣ, ଶଶିରେଖା ପରଜା, ବରିଷ୍ଠ ନେତା ଏ.ଶ୍ରୀନିବାସ ରାଓ, ମହେନ୍ଦ୍ର ଅଧିକାରୀ., ରଘୁଦାସ ତ୍ରିପାଠୀ, ଶିଲ୍ପା ପାଣି ଏବଂ ସ୍ଥାନୀୟ ବାସିନ୍ଦା ଟିଙ୍କୁ ପାଣିଗ୍ରାହୀ, ନାଗରାଜ ରାଓ, ସଦାଶିବ ତ୍ରିପାଠୀ, ବଂଶୀଧର ସାମନ୍ତରାୟ, ଚିତ୍ରସେନ ସାହୁ, ବାବୁଲି ମିଶ୍ର ପ୍ରମୁଖଙ୍କ ସମେତ ଶତାଧିକ ସ୍ଥାନୀୟ ବାସିନ୍ଦା ଧାରଣାରେ ସାମିଲ ହୋଇଥିଲା। ସୂଚନାଯୋଗ୍ୟ, ଜୟନଗରକୁ ସଂଯୋଗ କରୁଥିବା ଲକ୍ଷ୍ମୀପଣ୍ଡା ଛକ ଠାରୁ ପଞ୍ଚାନନ ମନ୍ଦିର ଛକ ପର୍ଯ୍ୟନ୍ତ ପ୍ରାୟ ୨ କିଲୋମିଟର ୪ ଥାକିଆ ରାସ୍ତା ନିର୍ମାଣ ନେଇ ୧୪ କୋଟି ଟଙ୍କା ମଞ୍ଜୁର ହୋଇଛି। ଗତ ଏକ ବର୍ଷ ପୂର୍ବରୁ ଟେଣ୍ଡର ମାଧ୍ୟମରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ୧୧ ମାସର ଟେଣ୍ଡର ଅବଧି ଶେଷ ହୋଇଥିଲେ ସୁଦ୍ଧା ରାସ୍ତା ନିର୍ମାଣ କାର୍ଯ୍ୟ ମାତ୍ର ୨୦ ପ୍ରତିଶତ ଶେଷ ହୋଇଛି। ତେଣୁ ଆଜି ଏହାର ପ୍ରତିବାଦରେ ଅଞ୍ଚଳବାସୀ ଓ ବିଜେଡି କର୍ମୀ ମିଳିତ ଭାବେ ଧାରଣା ଦେବା ସହ ରାସ୍ତା ଅବରୋଧ କରିଥିଲେ। ଏପରି ମନ୍ଥର ଗତିରେ କାର୍ଯ୍ୟ ଚାଲିଲେ ଏହା ଶେଷ ହେବାକୁ ଆଉ ୨ ବର୍ଷ ଲାଗିଯିବ ବୋଲି ଅନ୍ଦୋଳନକାରୀମାନେ କହିଥିଲେ। ରାସ୍ତା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କଲେ ଜୟନଗର ବାସିନ୍ଦାଙ୍କ ସମେତ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ପ୍ରାୟ ୪ ରୁ ୫ ଗ୍ରାମପଞ୍ଚାୟତ ଏବଂ ପଡୋଶୀ ବୈପାରୀଗୁଡ଼ା ଏବଂ କୁନ୍ଦୁରା ବ୍ଲକର ବାସିନ୍ଦାମାନେ ଆଶ୍ୱସ୍ତ ହୋଇପାରିବେ। ପଞ୍ଚାନନ ମନ୍ଦିର ଛକ ନିକଟରୁ ଲକ୍ଷ୍ମୀପଣ୍ଡା ଛକ ଓ ଜୟନଗର ଛକ ଠାରୁ ଭୂତନାଥ ମନ୍ଦିର ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ କରୁଥିବା ଦୁଇଟି ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଦାୟିତ୍ୱରେ ରହିଥିବା ଯନ୍ତ୍ରୀମାନଙ୍କ ବିରୋଧରେ ମଧ୍ୟ ସରକାରୀ ନିୟମ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ ଅନ୍ଦୋଳନକାରୀମାନେ ଦାବି କରିଥିଲେ।

## ■ ଗୁଡାରୀ ଆଦର୍ଶ ବିଦ୍ୟାଳୟ

# ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମିଳିନି ପୁସ୍ତକ; ପିଡିଏଫ୍‌ରେ ପଢୁଛନ୍ତି ପାଠ




ଗୁଡାରୀ, ୨୩।୮ (ସମିସ): ଗୁଡାରୀ ଆଦର୍ଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ପାଠ୍ୟକ୍ରମ ଆରମ୍ଭରୁ ବଦଳି ଥିବା ବହି ଆଜି ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ମିଳି ନଥିବା ଅଭିଯୋଗ ହୋଇଛି। ଶିକ୍ଷା ବର୍ଷର ଆଠମାସ ବିତିଥିଲେ ମଧ୍ୟ ପିଲାମାନେ ପୁରୁଣା ବହିରେ ପାଠ ପଢୁଛନ୍ତି। ବଦଳିଥିବା ପାଠ୍ୟକ୍ରମର ବହି କେବେ ଆସିବ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷା ପାଖରେ ଖବର ନାହିଁ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ପିଲାମାନଙ୍କୁ ପିଡିଏଫ୍ ଯୋଗାଡ କରି ପାଠ ପଢ଼ାଉଛନ୍ତି ବୋଲି ଛାତ୍ରଛାତ୍ରୀମାନେ କହିଛନ୍ତି। ପୂର୍ବ ସରକାର ସମୟରେ ଚାଲିଥିବା ଶିକ୍ଷାକୁ ସଜାଡିବାକୁ ଯାଇ ବର୍ତ୍ତମାନର ସରକାର ଶିକ୍ଷାକୁ ଠିକ୍ ଭାବରେ ପରିଚାଳନା କରିବା ପାଇଁ ଚେଷ୍ଟା କରୁଥିବାବେଳେ ଏଥିରେ ବଳି ପଡୁଛନ୍ତି ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ବୋଲି ଅଭିଭାବକଙ୍କ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ମାସକ ପରେ ଅର୍ଦ୍ଧ ବାର୍ଷିକ ପରୀକ୍ଷା ଥିବା ବେଳେ ଦୁଇମାସ ପରେ ବାର୍ଷିକ ପରୀକ୍ଷା ରହିଛି। ଏଣୁ ତୁରନ୍ତ ଅଷ୍ଟମ ଶ୍ରେଣୀ ବହି ପିଲାମାନଙ୍କୁ ଯୋଗାଇଦେବା ପାଇଁ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଦାବି କରିଛନ୍ତି।

# ବୀଲାପୁଟ ଜଗନ୍ନାଥ ମନ୍ଦିରରେ ଚାରାରୋପଣ



ନନ୍ଦପୁର, ୨୩।୮ (ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ପାଡୁଆ ନାରାୟଣ ସ୍ମୃତି ସାହିତ୍ୟ ସଂସଦ, ସତ୍ୟସାଇ ସେବା ଅନୁଷ୍ଠାନ ଓ ପ୍ରେସ୍ କ୍ଲବ୍ ଆନୁକୂଲ୍ୟରେ ବୀଲାପୁଟ ଜଗନ୍ନାଥ ମନ୍ଦିର ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନନ୍ଦପୁର ଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁର୍ଗା ପ୍ରସାଦ ଦୋରା, ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦ ସମ୍ପାଦକ ତଥା ନିଶା ନିବାରଣ ବିନ୍ଧାଣି କବି ବିଚିତ୍ରା ନନ୍ଦପୁର ପଣ୍ଡା, ସତ୍ୟସାଇ ସେବା ଅନୁଷ୍ଠାନର ଜି. ସତ୍ୟ ନାରାୟଣ ରାଓ, ବୈଶାଖୀ ଅନୁଷ୍ଠାନ କାର୍ଯ୍ୟକାରୀ ସଭାପତି ଟୁନେସ ମହାପାତ୍ର, ଶତ୍ରୁଘ୍ନ ହିକାବା ଦି, ଉପସଭାପତି ଭଗବାନ ମହାପାତ୍ର, ଆବାହକ କୁନା ଚାଲାଣଙ୍କ ସମେତ ପ୍ରେସ୍ କ୍ଲବ୍ ସଭାପତି ତ୍ରିନାଥ ଖରା, ଉପସଭାପତି ବିମଳ ରାଓ ସ୍ମିଥ, କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ପାଡି, ସମ୍ପାଦକ ରମେଶ କୁମାର ଅଧିକାରୀ, ହିରଣ୍ୟ ବିଶୋଇ, ମନୋଜ କୁମାର ମୁଦୁଲି, ଉପଦେଷ୍ଟା ବିପିନ ମହାନ୍ତି ପ୍ରମୁଖ ଯୋଗଦେଇ ୫୦ରୁ ଉର୍ଦ୍ଧ୍ୱ ଚାରାରୋପଣ କରିଥିଲେ। ଏହି ଅବସରରେ କବି ବିଚିତ୍ରାନନ୍ଦ ପଣ୍ଡା, ରଣା ଗଙ୍ଗାଧର ଦଳପତି, ବିଶ୍ୱନାଥ ଖରାଙ୍କ ସହ ମନ୍ଦିର ସେବାୟତ ଓ ସମ୍ପାଦକ ଯଥା ଅର୍ଜୁନ କୁଲଦୀପ, ରାମ ଚନ୍ଦ୍ର ଗୁଣ୍ଠା, ବିଶ୍ୱନାଥ ପ୍ରଧାନୀ, ଦୈତାରି ହନ୍ତାଳ, ସୁଶୀଳା ଗତନ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଏଲ ଦଳପତି ଧନ୍ୟବାଦ ଅର୍ପଣ କରିଥିଲେ।

# ଲାୟନ୍ସ କ୍ଲବ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



ରାୟଗଡ଼ା, ୨୩/୮ (ସମିସ): ରାୟଗଡ଼ା ଆଦିତ୍ୟ ଓକ୍ସର୍ସ ପ୍ଲାଜା ଓ ଲାୟନ୍ସ କ୍ଲବର ମିଳିତ ସହଯୋଗରେ ଶନିବାର ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅସ୍ଥି ରୋଗ ବିଶେଷଜ୍ଞ ଡାକ୍ତର ବ୍ରିଜେଶ ମେହେରଙ୍କ ଦ୍ୱାରା ୯୧ ଜଣ ରୋଗୀଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା, ଉପଦେଶ, ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରକୁ ଲାୟନ୍ସ କ୍ଲବ୍‌ର ସଭାପତି ଲାଲ ବିହାରୀ ଲେଙ୍କା ଓ ସମ୍ପାଦକ କେ ଶ୍ରିନିବାସ ପରିଚାଳନା କରିଥିଲେ। ଲାୟନ୍ସ କ୍ଲବ୍‌ର ଅଶୋକ କୁମାର ଜୈନ୍, ସତ୍ୟବାଦୀ ପତି, ଲାଡି ଚନ୍ଦ୍ରଶେଖର, ଲାଡି ଚନ୍ଦ୍ର ମଉଳି, ରମେଶ ଚନ୍ଦ୍ର ଗୋଲାନୀ, ଡ. ଦୁଃଖିସ୍ୟାମ ଦାଶ, ଜିଏଲ୍‌ଟି ଶୁଶ୍ରିତା ଦାଶ, ଜେଡସି ପ୍ରଶନ୍ନ କୁମାର ଗନ୍ତାୟତ, ଟି. ଜୟରାମ, ଉଦୟ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଲାୟନ୍ସ କ୍ଲବ ସଭାପତି ଧନ୍ୟବାଦ ଦେଇଥିଲେ।

# ବିଭିନ୍ନ ସ୍ଥାନରେ ଜାତୀୟ ମହାକାଶ ଦିବସ



ଜୟପୁର, ୨୩।୮ (ସମିସ): ଜୟପୁର ସହରରସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦ୍ୱିତୀୟ ରାଷ୍ଟ୍ରୀୟ ମହାକାଶ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ପପିତା ପ୍ରଧାନ ମଙ୍ଗଳାଚରଣ ଗାନ କରି ଶୁଭାରମ୍ଭ କରିଥିଲେ। ଶିକ୍ଷକ ବିଶ୍ୱରଞ୍ଜନ ଗୌଡ଼ ସଭା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଆଦ୍ୟାଶକ୍ତି ପଣ୍ଡା ମହାକାଶ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ଦେବେନ୍ଦ୍ର ପାଢ଼ୀ, ଦୀପକ ସାହୁ, ତନଭିର ମହମ୍ମଦ, ସୌମ୍ୟ ରଞ୍ଜନ ପଟ୍ଟନାୟକ, ହିତକର ଚରତି, ନିର୍ମଳ ତେଣ୍ଡକା, ଶିକ୍ଷୟିତ୍ରୀ ପ୍ରଭାତୀ ପାଣିଗ୍ରାହୀ, କେ.ପ୍ରମିଳା, ପି. ରାଜେଶ୍ୱରୀ, ରଶ୍ମିତା ନାହାକ, ରଶ୍ମି ପ୍ରଭା ଭଞ୍ଜ, ସସ୍ମିତା ଜେନା, ଶୁଭସ୍ମିତା ସାହୁ, ସୁଧା ପଟ୍ଟନାୟକ, ସନ୍ତୋଷୀ ପଣ୍ଡା ଉପସ୍ଥିତ ଥିଲେ। ବନିତା ଶତପଥୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସିଟି ଉଚ୍ଚବିଦ୍ୟାଳୟ ପରିସରରେ ଏହି ଦିବସ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ବକ୍ତୃତା ପ୍ରତିଯୋଗିତାରେ ଛାତ୍ରୀ ଏସ୍. ଭାର୍ଗଭି ପ୍ରଥମ, ଟି.ରାଜେଶ୍ୱରୀ ଦ୍ୱିତୀୟ ଓ ଏ.ହାରିଣି ଓ ଭାଗ୍ୟଶ୍ରୀ ହରିଜନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସିଟି ଇଂରାଜୀ ବିଦ୍ୟାଳୟର ଅଧ୍ୟକ୍ଷ ସୁଧାକର ପଟ୍ଟନାୟକ, ପ୍ରଧାନ ଶିକ୍ଷୟତ୍ରୀ ବି. ସୁଜାତା, ଶିକ୍ଷକ ପ୍ରତାପ ପଟ୍ଟନାୟକ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ବିଜ୍ଞାନ ଶିକ୍ଷୟତ୍ରୀ ବନ୍ଦିତା ପାଣିଗ୍ରାହୀ ଏହାକୁ ପରିଚାଳନା କରିଥିଲେ।

**ଦାମନଯୋଡି/ସେମିଳିଗୁଡା:** କୋରାପୁଟ ଜିଲ୍ଲାର ଦାମନଯୋଡ଼ି ସ୍ଥିତ ନାଲକୋ ଶିକ୍ଷାଞ୍ଚଳର ସରସ୍ୱତୀ ବିଦ୍ୟା ମନ୍ଦିରରେ ଜାତୀୟ



ମହାକାଶ ଦିବସ ପାଳିତ ହୋଇଛି। ଏହି ଅବସରରେ ବିଜ୍ଞାନ ପ୍ରଦର୍ଶନୀ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ବିଦ୍ୟାମନ୍ଦିରର ଅଧ୍ୟକ୍ଷ ଡଃ ଶୁଭ୍ରାଂଶୁ ଶେଖର ବାହିନୀପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଡ. ଅବଦୁଲ୍ କଲାମଙ୍କର ମହାକାଶ ବିଜ୍ଞାନରେ ଅବଦାନ ଉପରେ ଅଲୋକପାତ କରିଥଲେ। ବରିଷ୍ଠ ବିଜ୍ଞାନ ଶିକ୍ଷୟିତ୍ରୀ କଲ୍ୟାଣୀ ଦାସ ଭାରତୀୟ ମହାକାଶ ବିଜ୍ଞାନୀମାନଙ୍କ ସମ୍ପର୍କରେ ପାୱାର ପଏଣ୍ଟ ମାଧ୍ୟମରେ ତଥ୍ୟ ପ୍ରଦାନ କରିଥିଲେ। ଡଃ ନରେଶ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ +୨ ପ୍ରଥମ ବର୍ଷ ବିଜ୍ଞାନର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁନିଲ କୁମାର ମିଶ୍ର, ବିବେକାନନ୍ଦ ବିଶ୍ୱାଳ, ଦିବ୍ୟାଲୋଚନ ପଣ୍ଡା, ସୋନାଲି ପତି ଓ ସ୍ମୃତି ପାଢ଼ୀ ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ। ବିଜ୍ଞାନ ଶିକ୍ଷକ ଚନ୍ଦନ କୁମାର ସାହୁ ଓ ବିଜ୍ଞାନଗାର ସହାୟକ ନାରାୟଣ ଲକ୍ଷମତା ସହଯୋଗ କରିଥିଲେ।

# ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟରେ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ




ନନ୍ଦପୁର, ୨୩।୮ (ସମିସ): ନନ୍ଦପୁର ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ ଷ୍ଟାର୍ଟଅପ୍ ଓ ଇନୋଭେସନ କାର୍ଯ୍ୟକ୍ରମ ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଆମର କୁମାର ମହାପାତ୍ର ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷତା କରି ଛାତ୍ରଛାତ୍ରୀମାନେ ସ୍ନାତକ ଶିକ୍ଷା ସମାପ୍ତ ପରେ କିପରି ସଫଳ ଉଦ୍ୟୋଗୀ ଓ ସ୍ୱାବଲମ୍ବୀ ହୋଇପାରିବ ସେ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ଇତିହାସ ବିଭାଗ ଅଧ୍ୟାପକ ନରସିଂହ ଖୋସଲାଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ପ୍ରୋଜେକ୍ଟ ଦସ୍ତାବିଜ ପ୍ରସ୍ତୁତ କରିଥିଲେ। ଏହି ଅବସରରେ ହୋଇଥିବା ପ୍ରତିଯୋଗିତାରେ ଶ୍ରୀୟା ରାଣୀ ଦଳାଇ ପ୍ରଥମ, ଶୁନେମିୟା ଡଙ୍ଗିର ଦ୍ୱିତୀୟ ଓ ସ୍ୱନ୍ଦନା ଖିଲ ତୃତୀୟ ହୋଇଥିଲେ। ଉକ୍ତ ପ୍ରତିଯୋଗୀମାନେ ଆଗାମୀ ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ ବୋଲି ଅଧ୍ୟକ୍ଷ ସୂଚନା ଦେଇଥିଲେ। କୃତି ପ୍ରତିଯୋଗୀଙ୍କୁ ମହାବିଦ୍ୟାଳୟ ପକ୍ଷରୁ ମାନପତ୍ର ଓ ସ୍ମୃତି ଚିହ୍ନ ଦେଇ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ବରିଷ୍ଠ ଅଧ୍ୟାପିକା ସ୍ନେହଲତା ସେଠୀ, ସୁରଭି ପାଣିଗ୍ରାହୀ, ଅର୍ଚ୍ଚନା ପାଢ଼ୀ, ଭଗବାନ ଖରା ଓ ବାବୁଲା ଟାଙ୍ଗୁଡିଆ ପ୍ରମୁଖ ଉପସ୍ଥିତ ଥିଲେ। ପଦଲାମ ଗଲରି, ବିଜୟ ଖିଲ ଓ ଉଷାରାଣୀ ଗୁଣ୍ଠା ସହଯୋଗ କରିଥିଲେ। ଅଧ୍ୟାପକ ନରସିଂହ ଖୋସଲା ଧନ୍ୟବାଦ ଦେଇଥିଲେ।

# ଅଣଅନୁଦାନପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀଙ୍କ ଧାରଣା



ରାୟଗଡ଼ା, ୨୩।୮ (ସମିସ): ବିଭିନ୍ନ ବେସରକାରୀ ଅନୁଦାନପ୍ରାପ୍ତ ଓ ଅଣ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟମାନଙ୍କରେ ୨୦୦୮ ରୁ ୨୦୧୮ ମସିହା ଏବଂ ୨୦୧୦ ରୁ ୨୦୨୦ ମସିହା ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାରୀ ଅନୁଦାନ ପରିସରଭୁକ୍ତ କରିବାକୁ ଦୀର୍ଘ ଦିନରୁ ଦାବି ହୋଇଅସୁଛି। ସରକାର ଏଥିରେ ବୈମାତୃକ ମନୋଭାବ ପୋଷଣ କରୁଥିବାରୁ ରାଜ୍ୟ ସଂଘ ସଭାପତି ବିଶ୍ୱରଞ୍ଜନ ଦାସଙ୍କ ଆହ୍ୱାନ କ୍ରମେ ଶନିବାର ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ଅଣ ଅନୁଦାନ ପ୍ରାପ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ କାର୍ଯ୍ୟବନ୍ଦ କରିବା ସହ ଧାରଣା ଦେଇଛନ୍ତି।

**ଲକ୍ଷ୍ମୀପୁର:** ରାଜ୍ୟ ଅଣଅନୁଦାନ ପ୍ରାପ୍ତ ଓ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ୨୦୦୮ ମସିହାରୁ ୨୦୧୮ ମସିହା ମଧ୍ୟରେ ଲକ୍ଷ୍ମୀପୁର ମହାବିଦ୍ୟାଳୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ଅଧ୍ୟାପକ, ଅଧ୍ୟାପିକା ଓ ଅନ୍ୟ କର୍ମଚାରୀମାନେ ସରକାରଙ୍କ ଠାରୁ ସମ୍ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ନିମନ୍ତେ ଅଗଷ୍ଟ ୧୬ ତାରିଖଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁ ରଖିଛନ୍ତି। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହା ଚାଲୁ ରହିବ ବୋଲି ଆନ୍ଦୋଳନକାରୀମାନେ ପ୍ରକାଶ କରିଛନ୍ତ। ଏହା ଫଳରେ ମହାବିଦ୍ୟାଳୟରେ ଶିକ୍ଷାଦାନ ଓ ବିଭିନ୍ନ ଅଫିସ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି।



# ସାର ପାଇଁ ଲାମ୍ପସରେ ଚାଷୀଙ୍କ ଭିଡ଼



ଉମରକୋଟ, ୨୩।୮ (ସମିସ): ଉମରକୋଟ ଲାମ୍ପସ୍‌ରେ ସାର ପାଇଁ ଶନିବାର ଚାଷୀଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ବ୍ଲକରେ ପ୍ରାୟ ଅନେକ ଦିନ ହେଲା ୟୁରିଆ ସାର ସଙ୍କଟ ଲାଗି ରହିଥିଲା। ଫଳରେ ଚାଷୀ ଚଢ଼ା ଦରରେ କଳାବଜାରୀଙ୍କ ଠାରୁ ସାର କିଣି ବ୍ୟବହାର କରୁଥିଲେ। ଗୁରୁବାର ଦିନ କ୍ରିବକୋ କମ୍ପାନୀର ୟୁରିଆ ସାର ତିନିଗାଡି ଆସିଥିଲା। ଉକ୍ତ ୟୁରିଆ ସାର ଉମରକୋଟ ବ୍ଲକର ଯାଦବ ଟ୍ରେଡ଼ର, ତ୍ରିଷ୍ଣା ଟ୍ରେଡ଼ର, ପାଉଲ ଟ୍ରେଡ଼ର, ଅଲେଖମହିମା ଏଣ୍ଟର ପ୍ରାଇଜେସ, ରୁଇଦାସ ମଣ୍ଡଳ, ବିଶ୍ୱାସ ଫର୍ଟିଲାଇଜର, ଜୈନ ଫର୍ଟିଲାଇଜର, ବାସୁଦେବ ବିଶ୍ୱାସ, ବିଶ୍ୱାସ ଆଣ୍ଡ ସନ୍ସ ଏହିଭଳି ୯ ଟି ସବ୍ ଡିଲରଙ୍କୁ ପ୍ରାୟ ୧୭୦୦ କ୍ରିବକୋ ସାର ଦିଆଯାଇଛି। ଶନିବାର ଉକ୍ତ ସାରକୁ ଅଧିକାରୀଙ୍କ ଉପସ୍ଥିତିରେ ବଣ୍ଟନ କରାଯାଇଥିଲା। ଶନିବାର ଉମରକୋଟ ଲାମ୍ପସ ଆଗରେ ସାର ପାଇଁ ଭୋର ତିନିଟାରୁ ଚାଷୀ ଭିଡ ଜମାଇଥିଲେ। ଭିଡ ଏପରି ହୋଇଥିବା ଯେ, ଚାଷୀଙ୍କ ଭିଡକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସର ସହାୟତା ନେବାକୁ ପଡ଼ିଥିଲା। ଜଣେ ଚାଷୀକୁ ଗୋଟିଏ ପ୍ୟାକେଟ ସାର ଦିଆଯାଉଥିବା ବେଳେ ସାର ମିଳି ନଥିବା ଚାଷୀମାନେ ଧସେଇ ଆସିଯାଇଥିଲେ। ଟୋକେନ ଦିଆଯିବା ସହ ଦୁଇଦିନ ଭିତରେ ପୁଣି ସାର ଆସିବା ପରେ ଚାଷୀଙ୍କୁ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ଚାଷୀମାନେ ଶାନ୍ତ ପଡ଼ିଥିଲେ।

# ଶୋଚନୀୟ ଜମ୍ମୁ ଗ୍ରାମ ମୁଖ୍ୟ ରାସ୍ତା

ରାୟଗଡ଼ା, ୨୩।୮ (ସମିସ)

ରାୟଗଡ଼ା ଜିଲ୍ଲା ସଦର ମହକୁମାଠାରୁ ମାତ୍ର ୮ କିମି ଦୂରରେ ଥିବା ହାଲୁଆ ଗ୍ରାମ ପଞ୍ଚାୟତ ଜମ୍ମୁ ଗ୍ରାମର ମୁଖ୍ୟରାସ୍ତା ଅବସ୍ଥା ଶୋଚନୀୟ ହୋଇଛି। ଫଳରେ ଗାଁରୁ ସହରକୁ ଯାତାୟାତ କରିବାକୁ ଗ୍ରାମବାସୀଙ୍କୁ ଯନ୍ତ୍ରଣା

**● ପ୍ରକଳ୍ପର ଭାରିଯାନ କଲା ନଷ୍ଟ; ଯନ୍ତ୍ରଣା ଭୋଗୁଛନ୍ତି ଗ୍ରାମବାସୀ**

ଭୋଗିବାକୁ ପଡୁଛି। ବିଭିନ୍ନ ଘରୋଇ ପ୍ରକଳ୍ପ ସଂସ୍ଥାର ଭାରିଯାନ ଯାତାୟାତ ଯୋଗୁଁ ଗାଁର ମୁଖ୍ୟରାସ୍ତାର ଅବସ୍ଥା ଏପରି ହୋଇଥିବା ଗ୍ରାମବାସୀ କହିଛନ୍ତି। ବର୍ଷା ହେଲେ କାଦୁଅରେ ଭରା, ଶୁଖିଲା ହେଲେ ଧୂଳି, ଖାଲଖମା ଭଳି ସମସ୍ୟା ମଧ୍ୟରେ ଗ୍ରାମବାସୀ ଯାତାୟାତ କରିବାକୁ ବାଧ ହେଉଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି।



ଏହି ଗ୍ରାମରେ ପ୍ରାୟ ୪୫ ଆଦିବାସୀ ପରିବାରର ୨୫୦ରୁ ଉର୍ଦ୍ଧ୍ୱ ଲୋକେ ବସବାସ କରୁଛନ୍ତି। ଗାଁ ଠାରୁ ୩୨୬ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ପ୍ରାୟ ଦୁଇ କିମି ରାସ୍ତା ଶୋଚନୀୟ ହୋଇପଡ଼ିଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ନିର୍ମାଣ ହୋଇଥିବା ଏହି ରାସ୍ତା ଉପରୁ ପିଚୁ ଉଠିବା ସହ ମେଟାଲ, ଗୋଡି ମାଟି ବାହାରି ପଡ଼ିଛି। ଫଳରେ ଅନେକ ସ୍ଥାନରେ ଆଣ୍ଠୁଏ ଲେଖାଏଁ ଗାତ ହୋଇଛି। ପ୍ରତିଦିନ ଗାଁର ଶିକ୍ଷାର୍ଥୀମାନେ ବିଦ୍ୟାଳୟକୁ ଯିବା ସମୟରେ ସମସ୍ୟାରେ ପଡୁଛନ୍ତି। ଚାଲି ଯିବା ହେଉ କିମ୍ବା ସାଇକେଲରେ ଯିବା କଥା ହେଉ ଉଭୟ ବ୍ୟବସ୍ଥା ସେମାନଙ୍କ ପାଇଁ କଷ୍ଟକର ହୋଇପଡୁଛି। ରୋଗୀମାନଙ୍କୁ ହସ୍ପିଟାଲକୁ ନେବାରେ ମଧ୍ୟ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଉକ୍ତ ରାସ୍ତା ଦେଇ ଟ୍ରାକ୍ଟର, ଅଟୋ, ବାଇକ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ବହୁ ବର୍ଷ ଧରି ଏହି ରାସ୍ତା ପୁନଃ ନିର୍ମାଣ ତଥା ମରାମତି ପାଇଁ ଆବେଦନ କଲେ ମଧ୍ୟ ସମସ୍ୟାର ସମାଧାନ ହେଉନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତାରେ ଅଞ୍ଚଳରେ ଚାଲିଥିବା ମେଗା ପାନୀୟ ଜଳ ସହ ଅନ୍ୟ ପ୍ରକଳ୍ପ ସଂସ୍ଥାର ବଡ଼ ବଡ଼ ମେସିନ ଗାଡି, ମାଲବାହୀ ଗାଡ଼ି ଗୁଡ଼ିକ ଚଳାଚଳ କରି ରାସ୍ତାକୁ ନଷ୍ଟ କରିଦେଇଥିବା ଉପରୋକ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାସ୍ତାର ଶୋଚନୀୟ ଅବସ୍ଥା ନେଇ ସ୍ଥାନୀୟ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ହାଲୁଆ ଗ୍ରାମ ପଞ୍ଚାୟତ ସରପଞ୍ଚ ତାମା ରାଓ ବିଡ଼ିକା ପ୍ରକାଶ କରିଛନ୍ତି। ସରକାର ଓ ସ୍ଥାନୀୟ ପ୍ରଶାସନ ଏଦିଗରେ ଦୃଷ୍ଟିଦେଇ ପକ୍କାରାସ୍ତା ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ଗ୍ରାମର ପାପା ତାଡିଙ୍ଗି, ରାମ ମିନିୟାକା, ଦାସ ମିନିୟାକା, ଡମ୍ବରୁ ତାଡିଙ୍ଗି, ପୁଲୁ କାଡ୍ରକା ପ୍ରମୁଖ ଦାବି କରିଛନ୍ତି।



### ମଣ୍ଡପରେ ସଚେତନତାର ବାର୍ତ୍ତା

# ସିଜୁଆ ଗଣେଶ ପୂଜାରେ 'ସୀତା ହରଣ'

ଭୁବନେଶ୍ୱର, ୨୩।୮ (ସମିସ): ଯୁଗଜ୍ୟୋତି ଯୁବକ ସଂଘ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ସିଜୁଆ ଗଣେଶ ପୂଜା ମଣ୍ଡପରେ ଏଥର ଥିମ୍ ରହିଛି ସୀତା ହରଣ। ଏଥିସହିତ ୮୦ ଫୁଟର ତୋରଣ ସହିତ ୧୫ ଫୁଟର ମୂର୍ତ୍ତି ମଣ୍ଡପରେ ଶୋଭା ପାଇବ। ମଣ୍ଡପ ଠାରୁ ୩ କିଲୋମିଟର ଯାଏ ସଜେଇ ହେବ ଆଲୋକର ତୋରଣ ଏହା ସହ ଭକ୍ତଙ୍କ ମନୋରଞ୍ଜନ ପାଇଁ ୩୦, ୩୧ ଓ ୧ ତାରିଖ ତିନି ଦିନ ଧରି ଯାତ୍ରା ସିଂହବାହିନୀର ଫ୍ରି 'ସୋ ର ମଧ ବ୍ୟବସ୍ଥା କରାଯିବା ସହ ଭକ୍ତଙ୍କ ପାଇଁ ପ୍ରସାଦର ମଧ ବ୍ୟବସ୍ଥା କରାଯାଇଛି। ଏହିପରି ଶ୍ରଦ୍ଧାଳୁଙ୍କ ସୁରକ୍ଷା ନିମନ୍ତେ ୧୫ଟି ସିସିଟିଭି ଲଗାଯିବାର ବ୍ୟବସ୍ଥା କରାଯାଇଛି ଓ ୧୫୦ ଜଣ ଭଲ୍ୟୁଣ୍ଟିୟରଙ୍କୁ ମଣ୍ଡପରେ ନିୟୋଜିତ କରାଯିବାର ବ୍ୟବସ୍ଥା ରହିଛି।

ସଭାପତି ବବ୍ରୁବାହାନ ଗୁମାନସିଂ କହିଛନ୍ତି ଯେ ଏ ଯୁଗରେ ରାବଣଙ୍କୁ ଚିହ୍ନନ୍ତୁ। ଏଥର ଗଣେଶ ପୂଜାରେ ଯୁଗ ଜ୍ୟୋତି ଯୁବକ ସଂଘ, ସିଜୁଆ ପକ୍ଷରୁ ନୂଆ ଧାରଣାରେ ପୂଜା ଆୟୋଜନ କରାଯାଉଛି। ପ୍ରତିବର୍ଷ ପରମ୍ପରାଗତ ଭାବେ ବିଭିନ୍ନ ରୂପକ ଦ୍ୱାରା ସମାଜରେ ସନ୍ଦେଶ ଦେବା ପ୍ରୟାସ କରୁଥିବା ସଂଘ ଏଥର ସୀତା ହରଣ ବିଷୟ ବସ୍ତୁକୁ ନିଆଯାଇଛି। ଏହି ଧାରଣା ମାଧ୍ୟମରେ ସମାଜରେ 'ନାରୀ ମୂର୍ଖ ନୁହେଁ, ତାଙ୍କୁ ଅବହେଳା କରିବା ଉଚିତ୍ ନୁହେଁ' ବୋଲି ସଚେତନତା ସନ୍ଦେଶ ପ୍ରସାର କରାଯିବ। ଆଜିର ସମୟରେ ମାୟାଧାରୀ ରାବଣମାନେ ସବୁଠି ଅଛନ୍ତି। ଯେଉଁମାନେ ନାରୀଙ୍କୁ ପଥଭ୍ରଷ୍ଟ କରିବାକୁ ଚେଷ୍ଟା କରନ୍ତି। ତେଣୁ ଏହି ପ୍ରଦର୍ଶନୀ ମାଧ୍ୟମରେ ସମସ୍ତଙ୍କୁ ସଚେତନ ଓ ସାବଧାନ ହେବାକୁ ଆହ୍ୱାନ କରାଯାଉଛି। ଆମର ଉଦ୍ଦେଶ୍ୟ କେବଳ ପୂଜା କରିବା ନୁହେଁ, ସମାଜକୁ ସୁନ୍ଦର ସନ୍ଦେଶ ଦେଇ ସଚେତନତା ପ୍ରସାର କରିବା ବୋଲି ସଂଘର ସଦସ୍ୟମାନେ କହିଛନ୍ତି।

ସେହିଭଳି ସିଜୁଆ ଗଣେଶ ପୂଜା ପାଇଁ ମଣ୍ଡପ ସୌନ୍ଦର୍ଯ୍ୟକରଣଠାରୁ ଆରମ୍ଭ କରି ଅନ୍ୟାନ୍ୟ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ପୂଜା ମଣ୍ଡପ ପରିସର ସଫାସୁତରା କରାଯିବା ସହ କମିଟିର ସଦସ୍ୟମାନେ ବିଭିନ୍ନ କାର୍ଯ୍ୟକ୍ରମରେ ଲାଗିଛନ୍ତି। ପ୍ରକଶ ଥାଉ କି ଏ ହି ପୂଜା ଦେଖିବା ପାଇଁ ସିଜୁଆ ସମେତ ପାତ୍ରପଡ଼ା, ଭଗବାନପୁର, ଡୁମୁଡୁମା, ସରକନ୍ତରା ଆଦି ଅଞ୍ଚଳରୁ ହଜାର ହଜାର ସଂଖ୍ୟକ ଭକ୍ତଙ୍କ ସମାଗମ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ବ୍ୟାପକ ବ୍ୟବସ୍ଥା କରାଯିବା ସହ ସୁରକ୍ଷା ଏବଂ ଟ୍ରାଫିକ୍ ବ୍ୟବସ୍ଥାକୁ ମଧ ବ୍ୟବସ୍ଥିତ କରାଯାଇଛି ବୋଲି କମିଟି ପକ୍ଷରୁ କୁହାଯାଇଛି।



ଲାଗିବ ୧୫ ସିସିଟିଭି କ୍ୟାମେରା, ନିୟୋଜିତ ହେବେ ୧୫୦ ଭଲ୍ୟୁଣ୍ଟିୟର

## ୟୁନିଟ୍ ୧ରେ ରାୟପୁର ଶୈଳୀର ଗଣେଶ

ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗଣେଶ ମହୋତ୍ସବକୁ ଆକର୍ଷଣୀୟ କରିବା ପାଇଁ ନୂଆ ନୂଆ ଥିମ୍‌ରେ ଗଣେଶଙ୍କ ମୂର୍ତ୍ତି ନିର୍ମାଣ ହୋଇଛି। ସେହିଭଳି ୟୁନିଟ୍ ୧ ଅଞ୍ଚଳରେ ଶ୍ରୀ ଶ୍ରୀ ସିଦ୍ଧିବିନାୟକ ୟୁଥ୍ ଆସୋସିଏସନ୍ ମଧ ଚଳିତ ବର୍ଷ ପୂଜାକୁ ନୂତନ ଢଙ୍ଗରେ କରିବାକୁ ପଛାଇ ନାହିଁ। ସେହି ପରିପେକ୍ଷୀରେ ଏଥର ରାୟପୁର ଶୈଳୀର ଗଣେଶଙ୍କୁ ଦେଖିବାକୁ ମିଳିବ। ଯେଉଁଠି ରାୟପୁରର ୭ ଜଣ କାରିଗର ମୂର୍ତ୍ତି ନିର୍ମାଣରେ ଲାଗିଛନ୍ତି। ମୂର୍ତ୍ତିର ଉଚ୍ଚତା ୧୨ ଫୁଟ୍ ଥିବାବେଳେ ମୁଖ୍ୟ ତୋରଣର ଉଚ୍ଚତା ୧୫ ଫୁଟ୍ ରହିଛି।

ସେହିପରି ପୂଜାକୁ ଆକର୍ଷଣୀୟ କରିବାକୁ କୋଲକାତାର ୧୦ ଜଣ କାରିଗର ଆସିଛନ୍ତି। ଅନ୍ୟପଟେ ଗଣେଶଙ୍କ ପାଖରେ ଏଥର ୧୨୦ କିଲୋର ଲଡୁ ଲାଗି ହେବ। ପୂଜା ଦିନଠୁ ୫ ଦିନର ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି ଏବଂ ଶନିବାର ଦିନ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଛି। ପୂଜାକୁ ଆହୁରି ଆକର୍ଷଣୀୟ କରିବାକୁ ବାଉଁଶର କଳାକୃତି ସାଙ୍ଗକୁ ଶେଷ ଦିନରେ ସନ୍ଧ୍ୟାରେ ଲାଇଟ୍ ଶୋ ର ମଧ ଆୟୋଜନ କରାଯାଇଛି ବୋଲି ଅନୁଷ୍ଠାନର ସଭାପତି ଭେଙ୍କଟ ରମଣ ସୂଚନା ଦେଇଛନ୍ତି। ଚଳିତ ବର୍ଷର ପୂଜା ୪୧ ତମ ବର୍ଷରେ ପଦାର୍ପଣ କରିଥିବେବେଳେ ବିଗତ ଦୁଇ ବର୍ଷରେ ଚନ୍ଦ୍ରଯାନ - ୩ ଏବଂ ଇଣ୍ଡିଆଗେଟର ଥିମ୍‌ରେ ଗଜାନନ ଦର୍ଶନ ଦେଇଥିଲେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।



ଲାଗି ହେବ ୧୨୦ କିଲୋର ଲଡୁ

### ସହିଦନଗରରେ ପ୍ରସ୍ତୁତି ଚୂଡ଼ାନ୍ତ

## ମଣ୍ଡପରେ ହାତୀ ସୁରକ୍ଷାର ବାର୍ତ୍ତା

ପ୍ରତ୍ୟେକ ବର୍ଷପରି ଚଳିତ ବର୍ଷ ମଧ ସହିଦନଗରସ୍ଥିତି ୱିନର ଆସୋସିଏସନ ପକ୍ଷରୁ ଗଣେଶ ମହୋତ୍ସବ ଆୟୋଜିତ ହେଉଛି। ଚଳିତ ବର୍ଷର ବିଶେଷତା ପ୍ରଭୁ ଗଣେଶଙ୍କୁ ଗଜ ରଥେ ଗଜାନନ ରୂପେ ପ୍ରତିଷ୍ଠା କରାଯାଇଛି। ପୂଜାର ମୁଖ୍ୟ ଆକର୍ଷଣରେ ଗଜାନନଙ୍କ ପାଖରେ ୮୧ କିଲୋଗ୍ରାମର ଲଡୁ ଭୋଗ ଦିଆଯିବ। ଚଳିତବର୍ଷ ମୂର୍ତ୍ତିର ଉଚ୍ଚତା ୪୭ ଫୁଟ, ସହିତ ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

୨୦୧୦ ମସିହାରୁ 'ବିଘ୍ନରାଜ ଗଜାନନ ପୂଜା' ଅନୁଷ୍ଠାନ ପକ୍ଷରୁ ପାଳିତ ହେଉଛି। ଗତ ଦୁଇ ବର୍ଷ ଧରି, ପ୍ରଭୁ ଗଜାନନଙ୍କର ରୂପାର ଅଳଙ୍କାର ପ୍ରସ୍ତୁତ ହୋଇଛି। ଗତ ଦଶବର୍ଷରେ ଓଡ଼ିଶାରେ ୮୫୭ଟି ହାତୀ ଜୀବନ ହାରାଇଛୀ ସବୁଠୁ ବଡ଼ କାରଣ ବିଦ୍ୟୁତ ଆଘାତ, ଯାହା ଅପ୍ରାକୃତିକ ମୃତ୍ୟୁକୁ ବଢ଼ାଇ ଦେଉଛି। ହାତୀଙ୍କ ସୁରକ୍ଷା ପାଇଁ ଏହିବର୍ଷ 'ଗଜ ରଥେ ଗଜାନନ' ରୂପେ ପ୍ରତିଷ୍ଠା କରାଯାଇଛୀ ସମାଜରେ ସଚେତନତା ଏବଂ ପରିବର୍ତ୍ତନ ଆଣିବା ହିଁ ଅନୁଷ୍ଠାନର ପ୍ରୟାସ ରହିଛି। ଚଳିତ ବର୍ଷ ଭକ୍ତମାନେ ନିଜ ଇଚ୍ଛାନୁସାରେ ମହାପ୍ରଭୁ ଗଜାନନଙ୍କ ପାଖରେ ନିଜ ନାମରେ କଳସ ବସାଇବାର ସୁଯୋଗ ଦିଆଯିବ ବୋଲି ଅନୁଷ୍ଠାନ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦିଆଯାଇଛି। ଆଜିର ସମ୍ମିଳନୀରେ ମୁଖ୍ୟ ଉପଦେଷ୍ଟା ଉମାନାଥ ମିଶ୍ର, ନାରାୟଣ ମହାପାତ୍ର, ଶାଶ୍ୱତୀ ମିଶ୍ର, ଭି. ସନ୍ତୋଷ କୁମାର ରାଓ ଓ ନିରୋଜ କୁମାର ସାହୁ ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଆଠଗଡ଼ରେ ଚନ୍ଦକା ହାତୀ

● ଫସଲ ନଷ୍ଟ ନେଇ ଚାଷୀ ଆତଙ୍କିତ



ଆଠଗଡ଼, ୨୩।୮ (ସମିସ): ଦୀର୍ଘଦିନ ପରେ ପୁଣି ଥରେ ଆଠଗଡ଼ ଅଞ୍ଚଳକୁ ପଶିଛନ୍ତି ଚନ୍ଦକା ହାତୀ ପଲ। ଆଠଗଡ଼ ବନଖଣ୍ଡ ଆଠଗଡ଼ ସଦର ରେଞ୍ଜ ଅନ୍ତର୍ଗତ ଚମ୍ପାଦେଇ ଠାକୁରାଣୀଙ୍କ ନିକଟରେ ଚନ୍ଦକା ଅଭୟାରଣ୍ୟରୁ ହାତୀ ପଲ ଆଠଗଡ଼ର ସୁକାସନ ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରିଛନ୍ତି। ଏହି ହାତୀ ପଲରେ ୧୭ଟି ବଡ ଏବଂ ୬ଟି ଛୁଆ ହାତୀ ରହିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ହାତୀ ପଲ ମହାନଦୀ ଭିତରେ ଆସିବା ବେଳେ ନଦୀ ଭିତରେ ଧୀବର ମାନଙ୍କ ଲକ୍ଷାଧିକ ଟଙ୍କାର ଜାଲ ନଷ୍ଟ କରିଥିଲେ। ସେହିଭଳି କୂଳରେ ଆସି ବ୍ୟାପକ ଫସଲ ନଷ୍ଟ କରିଥିବା କନ୍ଦରପୁର, ନଣ୍ଡାଇଲୋ, ରାଉତରାୟପୁରର କିଛି ଚାଷୀ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଲଘୁଚାପଜନିତ ଲଗାଣ ବର୍ଷା ଲାଗି ରହିଥିବାରୁ ହାତୀଙ୍କୁ ଜଙ୍ଗଲ ଭିତରକୁ ଘଉଡ଼ାଇବା ସମ୍ଭବ ହୋଇପାରୁ ନାହିଁ। ଆଠଗଡ଼-ମୁଣ୍ଡଳୀ ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଛି। ବର୍ତ୍ତମାନ ଧାନ ବଢ଼ିବା ସମୟ ହୋଇ ଥିବା ବେଳେ ଫସଲ ନଷ୍ଟ ହେବା ଆଶଙ୍କାରେ ଆଖପାଖ ଅଞ୍ଚଳର ଚାଷୀମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

## ମହାନଦୀରେ ଜାଲରେ ପଡ଼ିଲା ଅଜଗର



ଚୌଦ୍ୱାର, ୨୩।୮ (ସମିସ): ଚୌଦ୍ୱାର-ଧବଳେଶ୍ୱର ନଦୀକୂଳ ରାସ୍ତାର ଚଷାପଡ଼ା ନିକଟରେ ମହାନଦୀରୁ ମାଛଧରା ଜାଲରେ ପଡ଼ିଥିବା ଏକ ବଡ଼ ଅଜଗର ସାପ ଉଦ୍ଧାର ହୋଇଛି। ସାପଟିର ଲମ୍ବ ୧୦-୧୨ ଫୁଟ ହେବା ଅନୁମାନ କରାଯାଉଛି। ଉଦ୍ଧାର ପରେ ସାପଟିକୁ ଚୌଦ୍ୱାର ବନବିଭାଗ କର୍ମଚାରୀଙ୍କ ଦ୍ୱାରା ଡମଣୀ ସଂରକ୍ଷିତ ଜଙ୍ଗଲରେ ଛାଡି ଦିଆଯାଇଥିବା ବନବିଭାଗ ତରଫରୁ ସୂଚନା ଦିଆଯାଇଛି। ଚଷାପଡ଼ା ଗ୍ରାମର ରାକ୍ଷସ ବେହେରା ମହାନଦୀର ଚଷାପଡ଼ା ଘାଟରେ ମାଛ ମାରିବା ପାଇଁ ଶୁକ୍ରବାର ରାତିରେ ଜାଲ ପକାଇ ଦେଇ ଘରକୁ ପଳାଇ ଆସିଥିଲେ। ଶନିବାର ସକାଳୁ ଜାଲ ଉଠାଇବାରୁ ସେଥିରେ ଏକ ଅଜଗର ସାପ ପଡ଼ିଥିଲା। ଗ୍ରାମବାସୀଙ୍କଠାରୁ ଖବରପାଇ ଚୌଦ୍ୱାର ବନପାଳ ଭଗବାନଚନ୍ଦ୍ର ପଲେଇ ଓ ବନକର୍ମଚାରୀ ସାପଟିକୁ ଉଦ୍ଧାର କରିଥିଲେ।

## ଆଶା କିରଣ ଇଞ୍ଜିନିୟରିଂ ସ୍କୁଲରେ ଓରିଏଣ୍ଟେସନ କାର୍ଯ୍ୟକ୍ରମ



ଭୁବନେଶ୍ୱର, ୨୩।୮ (ସମିସ): ଆଶା କିରଣ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟ ଅଧୀନରେ ପରିଚାଳିତ ହେଉଥିବା ଆଶା କିରଣ ଇଞ୍ଜିନିୟରିଂ ସ୍କୁଲରେ ଚଳିତ ଶିକ୍ଷାବର୍ଷର ଡିପ୍ଲୋମା ବିଭାଗରେ ନୂତନ କରି ଆସିଥିବା ଛାତ୍ରଛାତ୍ରୀମାନଙ୍କର ଓରିଏଣ୍ଟେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଶା କିରଣ ଗ୍ରୁପର ପ୍ରତିଷ୍ଠାତା ତଥା ସମ୍ପାଦକ ଅବଦୁଲ ମୁତାଲିବ ଖାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସଭାରେ ଉପସ୍ଥିତ ଥିବା ସମ୍ମାନିତ ଅତିଥି ପ୍ରଫେସର ଡ. ଭୀମସେନ ସ୍ୱାଇଁ ଏବଂ ପ୍ରଫେସର ପୂର୍ଣ୍ଣିମା ପଟ୍ଟନାୟକ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିବାବେଳେ ସଭାରେ ଉପସ୍ଥିତ ଥିବା ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ଓ ମୁଖ୍ୟବକ୍ତା ଭାବେ ପ୍ରଫେସର ସୁଧାଶିଷ ବରାଳ ମହାବିଦ୍ୟାଳୟର ଆନୁସଙ୍ଗିକ ପ୍ରସଙ୍ଗ ଉପରେ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ସହ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧ୍ୟାପକ ମନଜିତ କୁମାର ସାମନ୍ତରାୟ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଅଧ୍ୟାପକ ପ୍ରଶାନ୍ତ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ସିଆଇଏସ୍‌ଏଫ୍‌ରେ ଏଏସ୍‌ଆଇ ପାସିଙ୍ଗଆଉଟ୍



ତ୍ରିଶୂଳିଆ, ୨୩।୮ (ସମିସ): ମୁଣ୍ଡଳୀସ୍ଥିତ ସିଆଇଏସଏଫଠାରେ ଏଏସଆଇ ପାସିଂ ଆଉଟ୍ ପରେଡ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଥର ପାଇଁ ମୁଣ୍ଡଳୀସ୍ଥିତ ସିଆଇଏସଏଫଠାରେ ଏଏସଆଇ ଯବାନ ପ୍ରଶିକ୍ଷଣ ନେଉଥିଲେ। ମୋଟ ୨୫ ସପ୍ତାହ ଧରି ୩୯୭ ଜଣ ଯବାନ ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିଲେ। ଯବାନଙ୍କ ୨୫ ସପ୍ତାହ ପ୍ରଶିକ୍ଷଣ ପୂର୍ଣ୍ଣ ହେବା ପରେ ଶନିବାର ପାସିଙ୍ଗ ଆଉଟ ପରେଡ ଅନୁଷ୍ଠିତ ହୋଇଯାଇଛି। ସିଆଇଏସ୍‌ଏଫ୍‌ରେ ପାସିଙ୍ଗ ଆଉଟ ପରେଡ ଅନୁଷ୍ଠିତ ହେଉଥିବା ବେଳେ ଉତ୍ତର ପୂର୍ବ ଖଣ୍ଡ କଲିକତାର ଆଇଜି ଶିଖର ସାହୋଇ ଏହି ପ୍ୟାରେଡ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲା ବେଳେ ପ୍ରଶିକ୍ଷିତ ଯବାନଙ୍କୁ ସିଆଇଏସଏଫ୍ ଡ଼ିଆଇଜି ଗଙ୍ଗା ଶଙ୍କର ଶପଥ ପାଠ କରାଇଥିଲେ। ପରେ ଆଇଜି ସମସ୍ତଙ୍କୁ ସମ୍ବୋଧନ କରିବା ସହ ଆଗକୁ କିପରି କାର୍ଯ୍ୟ କରିବେ ସେନେଇ ଅଭିଭାଷଣ ରଖିଥିଲେ। ୩୯୭ ଜଣ ଯବାନ ବିଭିନ୍ନ ପ୍ରଶିକ୍ଷଣ କୌଶଳକୁ ପ୍ରଦର୍ଶନ କରିଥିଲେ।

## ବ୍ରହ୍ମାକୁମାରୀ ସେବାକେନ୍ଦ୍ରରେ ରକ୍ତଦାନ ଶିବିର



ଭୁବନେଶ୍ୱର, ୨୩।୮ (ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ପୂର୍ବତନ ମୁଖ୍ୟ ପ୍ରଶାସିକା ପରମ ପୂଜନୀୟା ରାଜଯୋଗିନୀ ଦାଦୀ ପ୍ରକାଶ ମଣିଜୀଙ୍କର ୧୮ ତମ (ଅଷ୍ଟାଦଶ) ପୁଣ୍ୟତିଥି ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପଟିଆସ୍ଥିତ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଫେଡେରେସନ୍ ଅଫ୍ ବ୍ଲଡ ଡୋନର୍ସ ଅର୍ଗାନାଇଜେସନ୍‌ର ସାଧାରଣ ସମ୍ପାଦକ ଡ. ପ୍ରଶାନ୍ତ କୁମାର ଦାଶ, ସମ୍ମାନୀତ ଅତିଥି ସମାଜସେବୀ ଶ୍ରୀମୟୀ ମିଶ୍ର, ଟିସିଏସ୍ ମ୍ୟାନେଜର ବିଜୟ କୁମାର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ରେଡକ୍ରସ୍ ବ୍ଲଡ୍‌ବ୍ୟାଙ୍କ (କ୍ୟାପିଟାଲ ହସପିଟାଲ) ର ଡ. ଶ୍ରୀକାନ୍ତ ଦାଶଙ୍କ ନେତୃତ୍ୱରେ ଏକ ଛଜଣିଆ ଟିମ୍ ଏହି ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପଟିଆ ସେବାକେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ଗୋଲାପ ବ୍ଲଡବ୍ୟାଙ୍କ କର୍ମଚାରୀମାନଙ୍କୁ ଈଶ୍ୱରୀୟ ଉପହାର ପ୍ରଦାନ କରିଥିଲେ।

## 'ଗିଭ୍ ବ୍ୟାକ୍ ୱେଲଫେୟାର ଆସୋସିଏସନ୍ ଟ୍ରଷ୍ଟ'ର ବାର୍ଷିକ ଉତ୍ସବ




ଭୁବନେଶ୍ୱର, ୨୩।୮ (ସମିସ): ବିଶ୍ୱ ମାନବତାବାଦୀ ଦିବସ ଅବସରରେ 'ଗିଭ୍ ବ୍ୟାକ୍ ୱେଲଫେୟାର ଆସୋସିଏସନ୍ ଟ୍ରଷ୍ଟ'ର ବାର୍ଷିକ ଉତ୍ସବ ଗୀତଗୋବିନ୍ଦସଦନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ବିପିନ ବିହାରୀ ପଣ୍ଡା ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟକୁ ବେଶ ପ୍ରଶଂସା କରିଥିଲେ। ଏହାସହ ୨୦୧୮ ମସିହାରୁ ଅସହାୟ, ଦରିଦ୍ର, ମେଧାବୀ ଛାତ୍ରଛାତ୍ରୀଙ୍କ ଛାତ୍ରଛାତ୍ରୀଙ୍କୁ ସହଯୋଗ କରି ସେମାନଙ୍କୁ ସ୍ୱାବଲମ୍ବୀ କରିବା, ଅର୍ଥ ଅଭାବରୁ ଚିକିତ୍ସା ହୋଇ ନ ପାରି ଅନେକ କର୍କଟ ରୋଗୀଙ୍କୁ ଗୁରୁତର ଅବସ୍ଥାରେ ସହଯୋଗର ହାତ ବଢ଼ାଇବା, ବିଭିନ୍ନ ବିଭାଗରେ ଛାତ୍ରଛାତ୍ରୀଙ୍କର ଶିକ୍ଷା ନିମନ୍ତେ ସହଯୋଗ କରିବା, ଗରିବ ଲୋକଙ୍କୁ ଆବଶ୍ୟକ ସାହାଯ୍ୟ ଯୋଗାଇ ଅନେକଙ୍କ ବିଶ୍ୱାସଭାଜନ ହୋଇପାରିଥିବାରୁ ଅନୁଷ୍ଠାନ ଆଗାମୀ ଦିନରେ ଏଭଳି ସାମାଜିକ କାର୍ଯ୍ୟ ଜାରୀ ରଖିବାକୁ ପରାମର୍ଶ ଦେଇଥିଲେ।

### ଡୁଟୁଁନି ମାଲିକାନା ବିବାଦ

## ସେନ୍‌ସସ୍ ପାର୍କରେ ୮ ମାସ ହେଲା ତାଲା

ଭୁବନେଶ୍ୱର, ୨୨।୮ (ସମିସ): ରକ୍ଷଣାବେକ୍ଷଣ ଅଭାବ ଓ ମାଲିକାନାକୁ ନେଇ ସୃଷ୍ଟି ହୋଇଥିବା ବିବାଦ କାରଣରୁ ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ୱାର୍ଡ ନମ୍ବର-୧୨ର ବରମୁଣ୍ଡାସ୍ଥିତ ସେନସସ୍ କଲୋନୀ ପାର୍କରେ ଦୀର୍ଘ ୮ ମାସ ହେଲା ତାଲା ଝୁଲୁଛି। ଫଳରେ ପାର୍କ ପରିସର ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ବେଳେ ଖେଳସାମଗ୍ରୀରେ ଅନାବନା ଗଛ ମାଡ଼ିଗଲାଣି।



ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ୱାର୍ଡ ନମ୍ବର-୧୨ରେ ୨୦୦୮ ମସିହା ଅଗଷ୍ଟ ମାସରେ ବରମୁଣ୍ଡା ସେନସସ୍ କଲୋନୀ ପାର୍କ ଉଦ୍‌ଘାଟିତ ହୋଇଥିଲା। ସେଠାରେ ରହିଥିବା କଲୋନୀ ଅନୁସାରେ ପାର୍କର ନାମକରଣ କରାଯାଇଥିଲା। କଲୋନୀ ସମେତ ଆଖପାଖ ଅଞ୍ଚଳର ଲୋକମାନଙ୍କ ଅବସରବିନୋଦନ ବିଶେଷ କରି ଛୋଟପିଲାମାନଙ୍କ ଖେଳକୁଦ ପାଇଁ ଏହି ପାର୍କ ପାଇଁ ବିଏମ୍‌ସି ସମସ୍ତ ଖର୍ଚ୍ଚ ବହନ କରିଥିଲା। ପାର୍କଟି ମାର୍କେଟ ନିକଟରେ ରହିଥିବା ବେଳେ ରୁଚିକା ମାର୍କେଟକୁ ଆସୁଥିବା ବିଭିନ୍ନ ଅଞ୍ଚଳରୁ ଲୋକାମାନେ ମଧ ଏଠାକୁ ବୁଲିବାକୁ ଆସନ୍ତି। ଏଠାରେ ଚାଲିବାକୁ ପାଥ୍ ୱେ ସମେତ ବସିବାକୁ ସିମେଣ୍ଟ ଚେୟାର ଗୁଡ଼ିକ ରହିଥିଲା। ଯେଉଁଠାରେ ପ୍ରତିଦିନ ବରିଷ୍ଠ ନାଗରିକଙ୍କ ସମେତ ଛୋଟ ପିଲାମାନେ ବେଶ୍ ସମୟ ଅତିବାହିତ କରୁଥିଲେ। ପରବର୍ତ୍ତୀ ସମୟରେ ଏହି ପାର୍କ ୱାର୍ଡ ନମ୍ବର ୨୪ ଅଧୀନକୁ ଆସିଥିଲା। ୨୦୧୯ ମସିହା ଜାନୁଆରୀ ମାସରେ ଅମୃତ ଯୋଜନାରେ ପାର୍କର ଉନ୍ନତିକରଣ କରାଯାଇଥିଲା। ପିଲାମାନଙ୍କ ବିଭିନ୍ନ ଖେଳ ସାମଗ୍ରୀ ସାଙ୍ଗକୁ ପାର୍କରେ ବିଭିନ୍ନ ଗଛ ଲଗାଯାଇଥିଲା। ନୂତନ ଭାବେ ସିମେଣ୍ଟ ଚେୟାର ନିର୍ମାଣ କରାଯାଇଥିଲା। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ପାର୍କ ଏବେ ପାଲଟିଛି ଜଙ୍ଗଲ। ପାର୍କ ପରିସରରେ ଜଙ୍ଗଲ ସୃଷ୍ଟି ହେବା ସହ ମଶାମାଛିଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଅନେକ ଖେଳ ସାମଗ୍ରୀ ଭାଙ୍ଗି ନଷ୍ଟ ହୋଇଥିବା ବେଳେ ଯେଉଁ କେତୋଟି ରହିଛି ତାହା ମଧ ଅନାବନା ବଣବୁଦାରେ ଲୁଚି ଗଲାଣି। ଫଳରେ ଏଠାରେ ବିଷାକ୍ତ ଜୀବଜନ୍ତୁ ରହୁଥିବା ମଧ ସ୍ଥାନୀୟ ଲୋକେ କହିଛନ୍ତି। ସବୁଠୁବଡ଼ କଥା ହେଉଛି ଏହି ପାର୍କରେ ନାଁ ଅଛି ପିଇବା ପାଣିର ସୁବିଧା ନାଁ ଅଛି ଶୌଚାଳୟ ବ୍ୟବସ୍ଥା। ବହୁବାର ଦାବୀ କରାଯିବା ପରେ ବିଏମସି ପକ୍ଷରୁ ଶୌଚାଳୟ କାମ ଆରମ୍ଭ ହୋଇଥିବା ବେଳେ ସ୍ଥାନୀୟ ଆପାର୍ଟମେଣ୍ଟ ବାସିନ୍ଦାମାନେ ଏହାକୁ ବିରୋଧ କରିବାକୁ ତାହା ହୋଇପାରି ନ ଥିଲା। ତେବେ ବର୍ତ୍ତମାନ ପାର୍କଟିକୁ ଉକ୍ତ କଲୋନୀ ସମେତ ବାହାର ଲୋକେ ନ ଆସିବାକୁ ତାଲା ପକାଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏଥିପାଇଁ ପୂର୍ବର ବହୁବାର ବିଏମସି କମିଶନର ଏବଂ ମେୟର ମଧ ପରିଦର୍ଶନ କରିଛନ୍ତି। ହେଲେ ୮ ମାସ ହେବ ପାର୍କର ଗେଟରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ଫଳରେ ଏହା ବ୍ୟବହାର ହୋଇ ନ ପାରି ଜଙ୍ଗଲ ପାଲଟିଛି। ଏନେଇ ୱାର୍ଡର କର୍ପୋରେଟର ଦୀପକ କୁମାର ମିଶ୍ର କହିଛନ୍ତି ଯେ, ପାର୍କଟିକୁ ଉକ୍ତ ଆପାର୍ଟମେଣ୍ଟର ଲୋକେ ତାଙ୍କର ବୋଲି ଦାବୀ କରୁଛନ୍ତି। କିନ୍ତୁ ପାର୍କ ନିର୍ମାଣ ଖର୍ଚ୍ଚ ଠାରୁ ଆରମ୍ଭ କରି ଉନ୍ନତିକରଣ ମଧ ବିଏମ୍‌ସି କରିଛି। ଏବାବଦରେ ନିକଟରେ ବିଏମସି କମିଶନର ଓ ସିଟି ଇଞ୍ଜିନିୟରଙ୍କ ସହଯୋଗରେ ପାର୍କକୁ ନେଇ ରହିଥିବା ସମସ୍ୟାର ଖୁବଶିଘ୍ର ସମାଧାନ କରାଯିବା ସହ ଉନ୍ନତିକରଣ କରାଯାଇ ପୂର୍ବଭଳି ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଖୋଲାଯିବ।

# ବିଦ୍ୟାଳୟ ନିକଟରେ ଅବାଧ ମଦ ବେପାର

## ଅବକାରୀ ବିଭାଗ ନିରବଦ୍ରଷ୍ଟା

**ଭଦ୍ରେଶ୍ୱର,୨୩।୮ (ସମିସ):** ମାହାଙ୍ଗା ବ୍ଲକ ଉମର ଗ୍ରାମପଞ୍ଚାୟତ ଓସ୍ତପୁର(ନାଳିପଡିଆ) ନିକଟରେ ଦୀର୍ଘଦିନ ହେଲା ଅବାଧରେ ଦେଶୀ ଓ ବିଦେଶୀ ମଦ ବିକ୍ରୟ କରାଯାଉଥିବା ଅଭିଯୋଗ ହୋଇଛି। ଏ ଦିଗରେ ସ୍ଥାନୀୟ ଅବକାରୀ ବିଭାଗ ସର୍ବୋପରି ପୁଲିସ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ନାଳିପଡିଆ ନିକଟରେ ସ୍ଥାନୀୟ ରାମକୃଷ୍ଣପୁର-ଓସ୍ତପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ରହିଛି। ଏହି ବିଦ୍ୟାଳୟ ନିକଟରେ ସ୍ୱଷ୍ଟ ଦିବାଲୋକରେ ସ୍ଥାନୀୟ ଜଣେ ବ୍ୟକ୍ତି ଅବାଧରେ ଦେଶୀ ଓ ବିଦେଶୀ ମଦ ବିକ୍ରୟ କରିଆସୁଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ମଦ ବିକ୍ରୟ କରାଯାଉଥିବା କାରଣରୁ ଏହା ଛାତ୍ରଛାତ୍ରୀଙ୍କ ଉପରେ କୁପ୍ରଭାବ ପକାଉଥିବା ଅଭିଯୋଗ ହୋଇଛି। ଏପରିକି ମଦ୍ୟପମାନେ ନିଶାଗ୍ରସ୍ତ ଅବସ୍ଥାରେ ରାସ୍ତା ଉପରେ ପଡି ରହୁଥିଲା ବେଳେ ଅଶାଳୀନ ଭାଷାରେ ଗାଳିଗୁଲଜ କରୁଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଲୋକେ ସ୍ଥାନୀୟ ଭଦ୍ରେଶ୍ୱର ଥାନାରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଅବକାରୀ ବିଭାଗ ମଧ୍ୟ ଏକ ପ୍ରକାର ନିରବଦ୍ରଷ୍ଟା ସାଜିଛି। ଲୋକେ ଅଭିଯୋଗ କଲେ ମଧ୍ୟ ଏହି ଚୋରା ବ୍ୟବସାୟୀଙ୍କ ସହ ବିଭାଗୀୟ ଅଧିକାରୀଙ୍କର ଅସାଧୁ ମେଣ୍ଟ ରହିଥିବା ଚର୍ଚ୍ଚା ହେଉଛି। ଏପରିକି ଚଢଉ ପୂର୍ବରୁ ସମ୍ପୃକ୍ତ ମଦ ବ୍ୟବସାୟୀଙ୍କୁ ଆଗୁଆ ସୂଚନା ପ୍ରଦାନ କରାଯାଉଛି। ଫଳରେ ଲୋକଦେଖାଣିଆ ନାମକୁ ମାତ୍ର ଚଢଉ ପୂର୍ବରୁ ମଦ ବ୍ୟବସାୟୀ ଅକ୍ଲେଶରେ ଖସି ଯାଉଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ତୁରନ୍ତ ଏଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି।

# ଦୋକାନ ଭିତରେ ପଶିଗଲା ପିକ୍ଅପ



**ତିଗିରିଆ,୨୩।୮ (ସମିସ):** ତିଗିରିଆ ଥାନା ଅନ୍ତର୍ଗତ ବିନ୍ଧାଣିମା ହାଟଛକ ନିକଟରେ ଗୋଟିଏ ପାନ ଦୋକାନ ଭିତରେ ଭାରସାମ୍ୟ ହରାଇ ପିକଅପ ଗାଡ଼ି ପଶି ଯାଇଥିଲା। ଏହି ଘଟଣାରେ ଦୋକାନର ଆଜବେଷ୍ଟସ ସହ ଅନ୍ୟାନ୍ୟ ସାମଗ୍ରୀ କ୍ଷତିଗ୍ରସ୍ତ ହୋଇଛି। ଏହି ସମୟରେ ଦୋକାନ ବାହାରେ ବସିଥିବା ଜଣେ ବ୍ୟକ୍ତିଙ୍କ ବାଇକ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯାଇଥିବା ବେଳେ ବ୍ୟକ୍ତି ଜଣକ ଆହତ ହୋଇଥିବା ସୂଚନା ମିଳିଛି। ଘଟଣାରୁ ପ୍ରକାଶ ଯେ ଶନିବାର ଦିନ ପ୍ରାୟ ଦୁଇଟା ସମୟରେ ବାଙ୍କୀ ଥାନା ଅନ୍ତର୍ଗତ ବୈଦେଶ୍ୱର ଅଞ୍ଚଳର ପିକଅପ ଗାଡି ବଡମ୍ବା ଆଡୁ ଆସି ବିନ୍ଧାଣିମା ହାଟ ଛକ ଦେଇ ନଦୀକୂଳ ରାସ୍ତାରେ ଭୁବନେଶ୍ୱର ଯାଉଥିଲା। ଏହି ସମୟରେ ବିନ୍ଧାଣିମା ହାଟ ଛକ ନିକଟରେ ଗାଡିର ଡ୍ରାଇଭର ଭାରସାମ୍ୟ ହରାଇ ହାଟ ଛକ ନିକଟରେ ପାନ ଦୋକାନ କରିଥିବା ମଙ୍ଗରାଜ ସ୍ୱାଇଁଙ୍କ ପାନ ଦୋକାନ ମଧ୍ୟକୁ ପଶି ଯାଇଥିଲା।

# ଅଙ୍ଗନବାଡ଼ି ଓ ସ୍କୁଲରୁ ଚୋରି

**ନରସିଂହପୁର,୨୩।୮ (ସମିସ):** ଶୁକ୍ରବାର ବିଳମ୍ବିତ ରାତିରେ ନରସିଂହପୁର ଥାନା ଅନ୍ତର୍ଗତ ଘୋରାଡ଼ିଆ ଗ୍ରାମର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରୁ ୭ କୁଇଣ୍ଟାଲ ଚାଉଳ ଏବଂ ପରିସରରେ ଥିବା ଦୁଇଟି ଅଙ୍ଗନବାଡି କେନ୍ଦ୍ରରୁ ୩ଟି ଗ୍ୟାସ ଟାଙ୍କି ଚୋରି ହୋଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଏକାଧିକ ଦୁର୍ବୃତ୍ତ ତିନୋଟି ସ୍ଥାନରୁ ଏକାକାଳୀନ ଭାବେ ଚୋରି କରିଛନ୍ତି। ଶନିବାର ସକାଳୁ ବିଦ୍ୟାଳୟ ପରିସରକୁ ଶିକ୍ଷକ ପଶିବା ମାତ୍ରେ ବିଦ୍ୟାଳୟ ଗୃହର ତାଲା ଭଙ୍ଗା ଯାଇଥିବାର ଦେଖିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ପରେ ନରସିଂହପୁର ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆଙ୍କୁ ଗ୍ରାମବାସୀ ଜଣାଇଥିଲେ। ପୁଲିସ ପହଞ୍ଚି ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଛି।

### ଜେଏନ୍ କଲେଜ ଛାତ୍ରୀଙ୍କୁ ଆକ୍ରମଣ ଘଟଣା

# ବନ୍ଧାହେଲେ ୨ ଅଭିଯୁକ୍ତ



**ମାହାଙ୍ଗା, ୨୩।୮ (ସମିସ):** ମାହାଙ୍ଗା ଥାନା ମୂଳବସନ୍ତ ଗ୍ରାମର ଜଣେ ଜେଏନ୍ କଲେଜ ଛାତ୍ରୀକୁ ମରଣାନ୍ତକ ଆକ୍ରମଣ ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତକୁ ଉଠାଇ ଆଣିଛି ପୁଲିସ। ଅଭିଯୁକ୍ତଦ୍ୱୟ ହେଲେ ସୁନାକର ନାୟକ ଏବଂ ଚନ୍ଦନ ନାୟକ। ସୂଚନା ଅନୁସାରେ, ଗତ ୧୯ ତାରିଖ ପୂର୍ବାହ୍ଣ ୧୧.୩୦ ସମୟରେ କଲ୍ୟାଣପୁର ଗ୍ରାମ ନିକଟ କେନାଲ ବନ୍ଧ ଉପରେ ଜେଏନ କଲେଜକୁ ଯାଉଥିବା ଶୁଭସ୍ମିତା ସାହୁଙ୍କୁ ୨ ଜଣ ଅଜଣା ବାଇକ ଆରୋହୀ ଏକ ଧାରୁଆ ଛୁରି ଦ୍ୱାରା ଆକ୍ରମଣ କରିଥିଲେ। ପରେ ସାହସିକତାର ସହିତ ଛାତ୍ରୀ ଜଣକ ସେମାନଙ୍କ ମୁକାବିଲା କରିଥିଲେ। ଅଭିଯୁକ୍ତମାନେ ଘଟଣାସ୍ଥଳରୁ ବାଇକ ଧରି ଫେରାର ହୋଇଯାଇଥିଲେ। ଆହତ ଛାତ୍ରୀ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ବେଳେ ଅପରାଧୀଙ୍କୁ ଗିରଫ ପାଇଁ ପୁଲିସ ଉପରେ ଜୋର୍‌ଦାର ଚାପ ପଡ଼ିଥିଲଶ। ଗ୍ରାମାଞ୍ଚଳ ଏସପିଙ୍କ ନିର୍ଦ୍ଦେଶ ଏବଂ ସାଲେପୁର ଏସଡିପିଓ ବିରଞ୍ଚି ନାରାୟଣ ପତିଙ୍କ ତତ୍ପରତା ଯୋଗୁଁ ମାହାଙ୍ଗା ଆଇଆଇସି ତପନ ରାଉତଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୁଲିସ ଟିମ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ। ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପତରାଜପୁର ଗାଁରୁ ଏହି ୨ ଜଣ ଅସାମାଜିକ ଯୁବକଙ୍କୁ ଧରିବାରେ ସଫଳ ହୋଇଛି ପୁଲିସ। ଛାତ୍ରୀଙ୍କୁ ଆକ୍ରମଣ ବେଳେ ବ୍ୟବହୃତ ଛୁରି, ବଳା ଏବଂ ଏକ ବାଇକକୁ ମଧ୍ୟ ଜବତ କରିଛି ମାହାଙ୍ଗା ପୁଲିସ। ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ ପରେ ପୀଡ଼ିତ ପରିବାର ପକ୍ଷରୁ ଦୋଷୀଙ୍କୁ କଡ଼ା ଦଣ୍ଡ ମିଳୁ ବୋଲି ଉକ୍ତ ଆକ୍ରମଣ ଶିକାର ଛାତ୍ରୀ ଏବଂ ପରିବାର ପକ୍ଷରୁ ଦାବି ହୋଇଛି।

# ବେସରକାରୀ ଅଧ୍ୟାପକ-କର୍ମଚାରୀ ସଂଘର କାର୍ଯ୍ୟବନ୍ଦ ଜାରି



**ତିଗିରିଆ,୨୩।୮ (ସମିସ):** ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ଆହ୍ୱାନକ୍ରମେ ତିଗିରିଆର କଳିଙ୍ଗ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ପ୍ରସନ୍ନ ପୁରୁଷୋତ୍ତମଦେବ ମହାବିଦ୍ୟାଳୟରେ ଦୀର୍ଘ ୧୫ ବର୍ଷ ଧରି ଚାକିରି କରିଥିବା ବେସରକାରୀ ଅଧ୍ୟାପକ ଓ କର୍ମଚାରୀଙ୍କ ଧର୍ମଘଟ ଆଜି ୬ଦିନ ପୁରିଛି। ୨୦୦୮ ରୁ ୨୦୧୮ ପର୍ଯ୍ୟନ୍ତ ନୂତନ ଜିଆଇଏ ବାହାର କରାଯାଉ ନଥିବାରୁ କେବଳ ତିଗିରିଆ ନୁହେଁ ସମଗ୍ର ରାଜ୍ୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ଜିଲ୍ଲା ସଂଯୋଜକ କେଶବଚନ୍ଦ୍ର ସାହୁଙ୍କ ସମେତ ପ୍ରଶାନ୍ତ କୁମାର ବେହେରା, କୁମୁଦୁନୀ ଦାସ, ଶ୍ରଦ୍ଧାଞ୍ଜଳି ଦାସ, କବିତା ପ୍ରଧାନ, ସଂଯୁକ୍ତା ସ୍ୱାଇଁ, କବିତା ଗୁରୁ, ସୁନିତା ଦେଇ, ସୁରେଶଚନ୍ଦ୍ର ବେହେରା ଏବଂ ଅନ୍ୟାନ୍ୟ କର୍ମଚାରୀମ ସାମିଲ ଅଛନ୍ତି।

# ଶିକ୍ଷାକେନ୍ଦ୍ରରେ କୃମି ଔଷଧ ବଣ୍ଟନ

**ଟାଙ୍ଗୀ,୨୩।୮ (ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ କହ୍ନେଇପୁର ପଞ୍ଚାୟତ ଆଞ୍ଜୁଆ ଗ୍ରାମସ୍ଥ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀଙ୍କୁ କୃମି ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଶ୍ରଦ୍ଧାଞ୍ଜଳି ମହାପାତ୍ରଙ୍କ ପୌରହିତରେ ଅନୁଷ୍ଠିତ ବଣ୍ଟନ କାର୍ଯ୍ୟକ୍ରମରେ ଆଶା କର୍ମୀ ବିଳାସୀ ବେହେରା ଯୋଗଦେଇ ୧୩୫ ଜଣ ଛାତ୍ରଛାତ୍ରୀଙ୍କୁ କୃମି ଔଷଧ ବଣ୍ଟନ କରିଥିଲେ। ଶିକ୍ଷାକେନ୍ଦ୍ରର ସମସ୍ତ ଶିକ୍ଷୟିତ୍ରୀ ଓ ଅଭିଭାବକ ସହଯୋଗ କରିଥିଲେ।



# ବେଣ୍ଟପଦା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



**ଆଠଗଡ,୨୩।୮ (ସମିସ):** ଆଠଗଡ଼ ବ୍ଲକ ଅନ୍ତର୍ଗତ ବେଣ୍ଟପଦା ନୋଡାଲ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ପ୍ରଧାନଶିକ୍ଷକ ପବିତ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୁବ ସମାଜସେବୀ ଲକ୍ଷ୍ମୀନାରାୟଣ ଭଞ୍ଜ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଠଗଡ଼ ବ୍ଲକ ଶିକ୍ଷାଧିକାରୀ କବିରାଜ ଜେନା, ସରପଞ୍ଚ ଶ୍ରୀକାନ୍ତ ପଣ୍ଡା, ସମିତି ସଭ୍ୟ ରୂପା ମଲ୍ଲିକ ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ବାଘ ଏବଂ ସ୍କୁଲ ପରିଚାଳନା କମିଟିର ସଭାପତି ବିଭୂପ୍ରସାଦ ସେଠୀ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପ୍ରଧାନଶିକ୍ଷକ ନାରାୟଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଦ୍ୟୁତ ବିଭାଗ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ହଟହଟା

# ଅଟକ କର୍ମଚାରୀ ଉଦ୍ଧାର



**ନିଶ୍ଚିନ୍ତକୋଇଲି, ୨୩।୮ (ସମିସ):** ବିଦ୍ୟୁତ୍ ଉପଭୋକ୍ତାଙ୍କ ଘରେ ଚୋରା ବିଦ୍ୟୁତ୍ ବ୍ୟବହାରକୁ ରୋକିବା ପାଇଁ ଟାଟା ପାୱାର କମ୍ପାନୀର ଏନଫୋର୍ସମେଣ୍ଟ ସ୍କ୍ୱାଡ୍‌ଙ୍କ ଦବଙ୍ଗଗିରି ପାଇଁ ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ଉପଭୋକ୍ତାମାନେ ବିରୋଧ କରି କର୍ମଚାରୀଙ୍କୁ ଅଟକ ରଖିଥିଲେ। ଶେଷରେ ପୁଲିସ ଆସି ସେମାନଙ୍କୁ ଉଦ୍ଧାର କରିଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଗତ ଶୁକ୍ରବାର ଅସୁରେଶ୍ୱର ବିଦ୍ୟୁତ୍ ସେକସନ ଜମରା ପଞ୍ଚାୟତ ଆଙ୍କାପୁର ଗାଁରେ ବିଦ୍ୟୁତ୍ ଉପଭୋକ୍ତ ମାନିନୀ ମଲିକଙ୍କ ଘରେ ଯାଞ୍ଚ ଆଳରେ ଫଟୋ ସହ ଭିଡିଓ ଉତ୍ତୋଳନ କରାଯାଇଥିଲା। ସମ୍ପୃକ୍ତ ଗ୍ରାମବାସୀଙ୍କ ଦ୍ୱାରା ଏହି ଟିମ୍‌ର କର୍ମଚାରୀକୁ ଅଟକ ରଖାଯାଇଥିଲା ବେଳେ ଖବର ପାଇ ନେମାଳ ଥାନା ପୁଲିସ ଓ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ହସ୍ତକ୍ଷେପରେ ସେମାନେ ଉଦ୍ଧାର ହୋଇଥିବା ଜଣାଯାଇଛି। ଆଙ୍କାପୁର ଗାଁର ଜଣେ ବିଦ୍ୟୁତ ଉପଭୋକ୍ତାଙ୍କ ଘରେ ପରିବାରର ଲୋକେ କେହି ନଥିଲା ବେଳେ ହଠାତ୍ କର୍ମଚାରୀ ଘରେ ପଶିଥିଲେ। ଘରେ ଥିବା ବୋହୂ ମାନିନୀ ମଲିକ ସମ୍ପୃକ୍ତ କର୍ମଚାରୀଙ୍କ ପରିଚୟ ପଚାରିବାରୁ ସେ କୌଣସି ଉତ୍ତର ନଦେଇ ମନଇଚ୍ଛା ଭିଡ଼ିଓ, ଫଟୋ ଉତ୍ତୋଳନ କରି ଚାଲିଥିଲେ। ଏଥିରେ ମାନିନୀ ଭୟଭୀତ ହୋଇ ସ୍ଥାନୀୟ ଲୋକଙ୍କୁ ଡ଼ାକ ପକାଇବାରୁ ଗାଁ ଲୋକମାନେ କର୍ମଚାରୀଙ୍କୁ ଘେରି ଯାଇଥିଲେ। ଏ ସଂକ୍ରାନ୍ତରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ କହିଛନ୍ତି, କମ୍ପାନୀର ସ୍କ୍ୱାଡ୍ କେଉଁ ସ୍ଥାନକୁ କେତେବେଳେ କେଉଁ ଉପଭୋକ୍ତାଙ୍କ ଘରକୁ ଯାଞ୍ଚ କରିବାକୁ ଯାଉଛନ୍ତି ସେ ସଂକ୍ରାନ୍ତରେ ତାଙ୍କୁ ମଧ୍ୟ ସୂଚନା ଦିଆଯାଉନାହିଁ।

# 'ମିଶନ ମେରିଟ' କାର୍ଯ୍ୟକ୍ରମର ସମୀକ୍ଷା



**ତିଗିରିଆ,୨୩।୮ (ସମିସ):** କଟକ ଜିଲ୍ଲାରେ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ସଫଳତାକୁ ଶୀର୍ଷରେ ପହଞ୍ଚାଇବା ପାଇଁ ଜିଲ୍ଲାପାଳ ମିଶନ ମେରିଟ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏଥିନେଇ ତିଗିରିଆ ବ୍ଲକ୍ ଶିକ୍ଷାଧିକାରୀ ଅମର କୁମାର ମହାରଣାଙ୍କ ନେତୃତ୍ୱରେ ତିଗିରିଆ ବ୍ଲକ୍‌ର ୧୩ଟି ଉଚ୍ଚବିଦ୍ୟାଳୟର ୭୦ଜଣ ଛାତ୍ରଛାତ୍ରୀଙ୍କୁ ମେରିଟ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିଛନ୍ତି। ଯାହାକୁ ଅଭିଭାବକ ମହଲେ ସ୍ୱାଗତ କରାଯାଇଛି। ଏହାକୁ ନେଇ ଶ୍ରୀ ମହାରଣାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ସ୍ଥାନୀୟ ପବିତ୍ର ମୋହନ ସରକାରୀ ଉଚ୍ଚବିଦ୍ୟାଳୟରେଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଶେଷ ଅତିଥି ଭାବେ ବଡମ୍ବା ବ୍ଲକ୍ ପୂର୍ବତନ ଶିକ୍ଷାଧିକାରୀ ପ୍ରକାଶ ମଉଗଦ ସିଂ, ଆଠଗଡ ପୂର୍ବତନ ଶିକ୍ଷାଧିକାରୀ ବିଜୟଲକ୍ଷ୍ମୀ ଦେବୀ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସିଂଗୋ ହାଂସଦା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକର ସମସ୍ତ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ଆଲୋଚନାରେ ଭାଗ ନେବା ସହିତ ଚଳିତ ବର୍ଷ ବ୍ଲକକୁ ଜିଲ୍ଲାରେ ୧ନଂ କରିବା ପାଇଁ ସମସ୍ତ ପଦକ୍ଷେପ ମାନ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଅତିଥି ଭାବେ ବ୍ଲକ ସାଧାନ କେନ୍ଦ୍ର ସଂଯୋଜକ ମାଧବଚନ୍ଦ୍ର ଦେଉରୀ ଏବଂ ସହ ଶିକ୍ଷାଧିକାରୀ ସୌଦାମିନୀ ମିଶ୍ର ଯୋଗ ଦେଇଥିଲେ।

# ପ୍ରାଣଯୋଗ ପ୍ରତିଷ୍ଠାନ ପକ୍ଷରୁ ଜାତୀୟ ମହାକାଶ ଦିବସ



**ବଡମ୍ବା,୨୩।୮ (ସମିସ):** ପ୍ରାଣଯୋଗ ପ୍ରତିଷ୍ଠାନ ଆନୁକୂଲ୍ୟରେ ବଡମ୍ବାସ୍ଥିତ କର ବିଜ୍ଞାନ ଓ ବୈଷୟିକ ଏକାଡେମୀ ପରିସରରେ ଜାତୀୟ ମହାକାଶ ଦିବସ ପାଳନ କରାଯାଇଛି। ପ୍ରତିଷ୍ଠାନ ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତିଙ୍କ ପୌରହିତ୍ୟରେ ମୁଖ୍ୟଅତିଥି ଭାବେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ରସାୟନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡ. ସୁବାସଚନ୍ଦ୍ର ଆଶ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ କେଦାର କୁମାର ସାହୁ, ଅଧ୍ୟାପକ ଶଶିକାନ୍ତ ଦାସ ଯୋଗଦେଇଥିଲେ। ପ୍ରତିଷ୍ଠାନର କାର୍ଯ୍ୟକାରୀ ଅଧ୍ୟକ୍ଷା ବେଦ ଆଚାର୍ଯ୍ୟା ପ୍ରବୀଣା ମହାନ୍ତି ସଭା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଦିବ୍ୟଜିତ ନାୟକ, ସ୍ନେହଲତା ପରିଡା, ବିଶ୍ୱଜିତ ବେହେରା, ଚନ୍ଦ୍ରଶେଖର ଦଳେଇ, ଶୁଭସ୍ମିତା ଲେଙ୍କା ପ୍ରମୁଖ ୫ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରତିଭା ସ୍ୱୀକୃତିପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଜହ୍ନରୂପା ମଲ୍ଲିକ, ବାସନ୍ତୀ ଦେଇ ପ୍ରମୁଖ ସହଯୋଗ କରିଥିଲେ। ଅଧୀକ୍ଷକ ବାଲୁଙ୍କେଶ୍ୱର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଚୈତନ୍ୟ ସାହୁ ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ



**ତିଗିରିଆ,୨୩।୮ (ସମିସ):** ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ଚୈତନ୍ୟ ସାହୁ ସ୍ନାତକ ମହାବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷର ପ୍ରଥମ ବାର୍ଷିକ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ପାଳିତ ହୋଇଯାଇଛି। ସ୍ନାତକ ଶ୍ରେଣୀର ତୃତୀୟ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଜଗବନ୍ଧୁ ଦାସ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ବିଜୟ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଦେବରାଜ ପଣ୍ଡା, ସୁରେଶ ପଣ୍ଡା, ବିନାୟକ ପଣ୍ଡା, ସରୋଜ ପାଣିଗ୍ରାହୀ, ସୁଧାକର ମୁଦୁଲି, ଜଗତ ପାଣିଗ୍ରାହୀ, ପ୍ରକାଶ ତୋଷ, ଶୁଭେନ୍ଦୁ ସାହୁ, ଅଧ୍ୟାପିକା ସିପ୍ରା ମହାପାତ୍ର, ବିଦ୍ୟୁଲତା ବାରିକ, ଅନ୍ନପୂର୍ଣ୍ଣା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ନୂତନ ଛାତ୍ରଛାତ୍ରୀଙ୍କୁ ତୃତୀୟ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ପୁଷ୍ପ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଶ୍ରୀ ଦାସ ଛାତ୍ର ଓଁପ୍ରକାଶ ସେଠୀଙ୍କୁ ମିଷ୍ଟର ଫ୍ରେସର ଓ ଛାତ୍ରୀ ଦୀପା ପଣ୍ଡାଙ୍କୁ ମିସ ଫ୍ରେସରରେ ସମ୍ମାନିତ କରିଥିଲେ।

# ଆଞ୍ଚଳିକ ଶାନ୍ତି କମିଟିର କାର୍ଯ୍ୟକାରିଣୀ ବୈଠକ



**ଫୁଲନଖରା,୨୩।୮ (ସମିସ):** ପ୍ରତାପନଗରୀସ୍ଥିତ ମା' ଧାକୁଲେଇଙ୍କ ମଣ୍ଡପ ସଭାଗୃହରେ ସଦର ଆଞ୍ଚଳିକ ଶାନ୍ତି କମିଟିର ଏକ କାର୍ଯ୍ୟକାରିଣୀ ବୈ÷ଠକ ସଭାପତି ନିମାଇଁ ଚରଣ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ସେପ୍ଟେମ୍ବର ମାସରେ ସଦର ଥାନାଞ୍ଚଳରେ ଥିବା ସମସ୍ତ ପୂଜା ମଣ୍ଡପକୁ ନେଇ ଏକ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଚାରୋଟି ୱାଡର୍‌ର କର୍ପୋରେଟର, ୧୧ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ, ୨ଟି ଜୋନ ଜିଲ୍ଲା ପରିଷଦ ସଭ୍ୟଙ୍କ ସମେତ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ କରାଯିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ କାର୍ଯ୍ୟକାରୀ ସଭାପତି ସ୍ୱାଧୀନଚେତା ମହାନ୍ତି, ପ୍ରମୋଦ ସ୍ୱାଇଁ, ଉପଦେଷ୍ଟା ଡ ଶରତ କୁମାର ରଥ, ସଂପାଦକ ତଥା ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର, ବିକ୍ରମ ଶତପଥୀ, ରାଜେଶ ସ୍ୱାଇଁ, ପ୍ରମୋଦ ଓଝା, ନଳିନୀ ସେନାପତି, ସୁଶାନ୍ତ ମହାନ୍ତି, ବାଦଲ ଜେନା, ଅନିଲ ବେଉରା, ଆଇନଜୀବୀ ଦିଲ୍ଲୀପ ମହାରଣା, କ୍ଷୀରୋଦ ପଟ୍ଟନାୟକ, କଳ୍ପତରୁ ଖୁଣ୍ଟିଆ, ପ୍ରସନ୍ନ ପ୍ରଧାନ, ଗୋବିନ୍ଦଚନ୍ଦ୍ର ରାଉତ, ମହେଶ୍ୱର ଭଟ୍ଟ, ପ୍ରଦୀପ କୁମାର ଦାସ, ଆଦିତ୍ୟ ଛୋଟରାୟ, ରାଜକିଶୋର ବେହେରା, ବିଭୂତି ଭୂଷଣ ତରାଇ ପ୍ରମୁଖ ଉପସ୍ଥିତ ଥିଲେ।

# କଟିକଟା-ଜୟପୁର ରାସ୍ତା ବେହାଲ୍; ମରାମତି ଦାବି

**ନିଶ୍ଚିନ୍ତକୋଇଲି,୨୩।୮ (ସମିସ):** କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ କଟିକଟା-ଜୟପୁର ମୁଖ୍ୟରାସ୍ତା ଏବେ ମରଣଯନ୍ତା ପାଲଟିଛି। କିଛି ଦିନ ହେବ ଲଗାଣ ବର୍ଷାରେ ଏହି ପିଚୁ ରାସ୍ତାର ଅନେକ ସ୍ଥାନରେ ପିଚୁ ଓ ଗୋଡ଼ି ଉଠିଯାଇ ବଡ଼ ବଡ଼ ଗର୍ତ୍ତମାନ ସୃଷ୍ଟି ହୋଇଛି। ରାସ୍ତାର ଏହି ଗର୍ତ୍ତରେ ବର୍ଷା ପାଣି ଭର୍ତ୍ତି ହୋଇ ରହୁଥିବାରୁ ଯାନବାହନ ଯାତାୟାତରେ ନାହିଁ ନଥିବା ସମସ୍ୟା ଉପୁଜିଛି। ଉକ୍ତ ରାସ୍ତାଟି କଟକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାର ଏକ ସଂଯୋଗୀକରଣ ରାସ୍ତା ଅଟେ। ଦ୍ୱୀପାଞ୍ଚଳର ୨୦ରୁ ଉର୍ଦ୍ଧ୍ୱର୍ ପଞ୍ଚାୟତର ଲୋକ ଯାତାୟାତ ପାଇଁ ନିର୍ଭର କରିଥାନ୍ତି। ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ଜଗତସିଂହପୁର ଜିଲ୍ଲାର ଝଙ୍କଡ଼ସ୍ଥିତ ମା' ଶାରଳାଙ୍କ ପୀଠ, ଗୋରଖନାଥ ପୀଠ, ନେମାଳସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠ, ମା' ହରଚଣ୍ଡୀ ମନ୍ଦିର, ରଘୁନାଥଜୀଉ ମନ୍ଦିର ଆଦି ବିଭିନ୍ନ ଧର୍ମ ସ୍ଥାନ, ସ୍କୁଲ, କଲେଜ ଓ କାର୍ଯ୍ୟାଳୟକୁ ଶହ ଶହ ଗାଡ଼ିରେ ହଜାର ହଜାର ଲୋକ ଯାତାୟାତ କରନ୍ତି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ବହୁ ଯାତ୍ରୀବାହୀ ବସ୍ ଓ ବିଭିନ୍ନ ମାଲବାହୀ ଟ୍ରକ ମଧ୍ୟ ଯାତାୟାତ କରିଥାନ୍ତି। ହେଲେ ଏହି ରାସ୍ତାର ଚିତ୍ରୋପ୍ଳା ନଦୀଗଡ଼ାଠାରୁ ସେକସନ୍ ବଜାର ପର୍ଯ୍ୟନ୍ତ ଓ ନରେନ୍ଦ୍ରପୁରଠାରୁ କଟିକଟା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗାତ ମାନ ସୃଷ୍ଟି ହୋଇଛି। ପୂର୍ବରୁ ଏହି ରାସ୍ତାକୁ କମ୍ ଦିନ ହେବ ମରାମତି କରାଯାଇଥିଲେ ମଧ୍ୟ ସଠିକ୍ ଭାବେ କାର୍ଯ୍ୟ ହୋଇ ନଥିବାରୁ ବର୍ତ୍ତମାନ ଏଭଳି ଅବସ୍ଥା ଦେଖାଯାଇଛି। ଏହି ରାସ୍ତା ଦେଇ ଯାନବାହନ ଯାତାୟାତ ବେଳେ ଛୋଟବଡ଼ ଦୁର୍ଘଣଟା ମାନ ଘଟୁଛି। ତୁରନ୍ତ ଏହି ରାସ୍ତାକୁ ମରାମତି କରିବା ନିମନ୍ତେ ସାଧରଣରେ ଦାବି ହୋଇଛି।



# ଦୁଇଦିନ ଧରି ଅନ୍ଧାରରେ ବାଲନ୍ଦାପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

ଫିରିଙ୍ଗିଆ,୨୩।୮ (ସମିସ)




## କାମରେ ଲାଗୁନି ଡିଜି ମେସିନ, ଅନ୍ଧାରରେ ଚାଲିଛି ଚିକିତ୍ସା

ଫିରିଙ୍ଗିଆ ବ୍ଲକ ବାଲନ୍ଦାପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବର୍ତ୍ତମାନ ଅବ୍ୟବସ୍ଥାରେ ଚାଲିଛି। ୨ ଦିନ ଧରି ବିଦ୍ୟୁତ୍ ନଥିବାରୁ ରୋଗୀ ଚିକିତ୍ସାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦୈନିକ ଉପାନ୍ତ ଅଞ୍ଚଳର ଶତାଧିକ ରୋଗୀ ନିର୍ଭର କରୁଥିବା ବେଳେ ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ଚିକିତ୍ସା କରିବାରେ ମଧ୍ୟ ସମସ୍ୟା ହେଉଛି। ସରକାରଙ୍କ ତରଫରୁ ବିଦ୍ୟୁତ୍ କଟିଲେ ଜେନେରେଟର ବ୍ୟବସ୍ଥା ପାଇଁ ଜେନେରେଟରଟିଏ ଅଛି କିନ୍ତୁ ତାହା କାମରେ ଲାଗି ପାରୁନି। ଆଖପାଖରୁ ଆସୁଥିବା ରୋଗୀ ଅସୁବିଧା ଦୃଷ୍ଟିରୁ ବାଧ୍ୟ ହୋଇ ଜିଲ୍ଲା ଚିକିତ୍ସାଳୟକୁ ଯାଉଛନ୍ତି। ଅଧିକାଂଶ ସମୟରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ବିଦ୍ୟୁତ କଟୁଥିବା ବେଳେ ଏଥିପ୍ରତି କୌଣସି ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେଉନଥିବାରୁ ଅସୁବିଧା ହେଉଥିବା ଅଞ୍ଚଳବାସୀ କହିଛନ୍ତି। ବର୍ତ୍ତମାନ ବିଦ୍ୟୁତ ନଥିବାରୁ ପଙ୍ଖା ନ ଲାଗିବା ଏବଂ ଅନ୍ଧାରରେ ଗର୍ଭବତୀ ମହିଳା ଓ ଅନ୍ୟରୋଗୀ ଛଟପଟ ହେଉଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଜେନେରେଟର ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଜେନେରେଟର ଥିଲେ ମଧ୍ୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଅଚଳ ରହିବା ଯୋଗୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ନିରଜ ସାହୁଙ୍କୁ ପଚାରିବାରୁ ଗତକାଲିଠାରୁ ବିଦ୍ୟୁତ କଟିଛି ଓ ଦିଆଯାଇଥିବା ଡିଜି ମେସିନ କାର୍ଯ୍ୟକ୍ଷମ ପାଇଁ ଲିଖିତ ଭାବରେ ଜଣାଇଛୁ, କିନ୍ତୁ କାର୍ଯ୍ୟକ୍ଷମ ହୋଇ ନାହିଁ। ତୁରନ୍ତ କିଭଳି ଜେନେରେଟର କାର୍ଯ୍ୟକ୍ଷମ ହୋଇ ପାରିବ ସେ ନେଇ ବ୍ୟବସ୍ଥା କରିବାକୁ ଚେଷ୍ଟା କରାଯାଉଥିବା କହିଛନ୍ତି। ତୁରନ୍ତ ବାଲନ୍ଦାପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡିଜି ମେସିନ ଚାଲୁ କରିବା ସହ ରୋଗୀଙ୍କୁ ସୁବିଧା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଅବ୍ୟବସ୍ଥାରେ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର




- ଜେନେରେଟର ଅଚଳ, ହନ୍ତସନ୍ତ ରୋଗୀ
- ଖବର ପ୍ରସାରଣ ପରେ ବି କର୍ତ୍ତୃପକ୍ଷ ନିରବ

ତୁମୁଡିବନ୍ଧ,୨୩।୮ (ସମିସ): ପୂର୍ବ ସରକାର ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ଅତି ସହଜ ଓ ଉନ୍ନତ ମାନର କରିବା ନିମନ୍ତେ କୋଟି କୋଟି ଅର୍ଥ ବ୍ୟୟ କରି ରାଜ୍ୟର ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରକୁ ମୋ ସରକାର ଅଧୀନରେ ରଖି ତତ୍ପରତାର ସହ ଉନ୍ନତି କରାଯାଇଥିଲା। ସେ ସମୟରେ ରୋଗୀ ଅତି ସହଜରେ ଉତ୍ତମ ଓ ଉନ୍ନତ ମାନର ସେବା ପାଇପାରୁଥିଲେ। କିନ୍ତୁ ବର୍ତ୍ତମାନ ତାହାର ବିପରୀତ ଓ ବିକଳ ଚିତ୍ର ଦେଖିବାକୁ ମିଳୁଛି। କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏଠାରେ ଦୈନିକ ଶତାଧିକ ଲୋକ ମ୍ୟାଲେରିଆ, ଫାଇଲେରିଆ ଓ ଟାଇଫଏଡ଼ ପରି ରୋଗରେ ପୀଡିତ ହୁଅନ୍ତି। ସମସ୍ତ ରୋଗୀଙ୍କ ଭରସା କେବଳ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ତୁମୁଡିବନ୍ଧ ବ୍ଲକ ସମେତ ପଡ଼ୋଶୀ କୋଟଗଡ ବ୍ଲକର ରୋଗୀ ମଧ୍ୟ ଏହା ଉପରେ ନିର୍ଭରଶୀଳ। କିନ୍ତୁ ଗତ କିଛି ମାସ ହେବ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅବ୍ୟବସ୍ଥାରେ ରହିଥିବା ରୋଗୀ ଅଭିଯୋଗ କରିଛନ୍ତି। ରୋଗୀଙ୍କ କହିବା ଅନୁଯାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ତୁଳନାରେ ଶଯ୍ୟା ସଂଖ୍ୟା ବହୁତ କମ୍। ଯଦ୍ୱାରା କିଛି ରୋଗୀଙ୍କୁ ବାରଣ୍ଡାରେ ରହିବାକୁ ପଡୁଛି। ତୁମୁଡିବନ୍ଧ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ କାଟ୍ ହେଉଥିବା ବେଳେ ଏହାର ସିଧା ପ୍ରଭାବ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀଙ୍କ ଉପରେ ପଡୁଛି। କାରଣ ବର୍ଷେ ହେବ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଜେନେରେଟର ଅଚଳ ହୋଇପଡ଼ିଛି। ଫଳରେ ଲାଇନ୍ ଚାଲିଗଲେ ଅନ୍ଧାର ଓ ବିନା ଫ୍ୟାନ୍‌ରେ ରୋଗୀ ହନ୍ତସନ୍ତ ହେଉଛନ୍ତି। ଜେନେରେଟର ଖରାପ ହେବାର ଆଉ ଏକ ସିଧା ପ୍ରଭାବ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କ ଉପରେ ପଡୁଛି। ତୁମୁଡିବନ୍ଧ ଅଞ୍ଚଳରେ ଦୁର୍ଘଟଣା ଦିନକୁ ଦିନ ବଢୁଥିବାବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଜେନେରେଟର ଅଚଳ ଥିବାରୁ ଏକ୍ସରେ ମେସିନ ଚାଲିପାରୁନାହିଁ। ଦୂରଦୂରାନ୍ତରୁ ଆସୁଥିବା ଲୋକେ ନିରାଶ ହେଉଛନ୍ତି। ଏନେଇ ମେଡିକାଲ ଅଧିକାରୀ ଡ଼ା ଦିବ୍ୟଜ୍ୟୋତି କର ବାରମ୍ବାର ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଚିଠି ଲେଖିଥିଲେ ମଧ୍ୟ ସୁଫଳ ମିଳିନାହିଁ। ଏ ସମ୍ପର୍କରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାନଗଲେ ଅଞ୍ଚଳବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବାକୁ ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ଏ ସମ୍ପର୍କରେ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନାହାନ୍ତି। କର୍ତ୍ତୃପକ୍ଷଙ୍କ ଏଭଳି ନିରବତାକୁ ନିନ୍ଦା କରାଯାଉଛି। ରାଜ୍ୟରେ ଡବଲ ଇଞ୍ଜିନର ସରକାର ଥିବାବେଳେ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ଅଭାବନୀୟ ପରିସ୍ଥିତି ଅତି ଦୁଃଖଦ ଘଟଣା ବୋଲି କୁହାଯାଇଛି।

## ସହରରେ ପଶିଲା ଦନ୍ତା; ଲୋକେ ଭୟଭୀତ

ଜି.ଉଦୟଗିରି,୨୩।୮ (ସମିସ): ଜି.ଉଦୟଗିରିରେ ହାତୀ ଉପଦ୍ରବରୁ ତ୍ରାହି ମିଳୁନି। ପ୍ରତିଦିନ ହାତୀ ଗାଇଗୋରୁ ମାରୁଥିବାବେଳେ ଏବେ ଜି.ଉଦୟଗିରି ସହର ଭିତରେ ପଶିଛି। ଶୁକ୍ରବାର ମଧ୍ୟରାତିରେ ଧବଳେଶ୍ୱର ମନ୍ଦିର ଭିତରେ ପଶି ଗେଟ୍, ପାଚେରି ଭାଙ୍ଗିବା ସହିତ ବିଭିନ୍ନ ଗଛ ପତ୍ର ନଷ୍ଟ କରିଛି। ଶିବ ମନ୍ଦିରରୁ ଚମ୍ପାସାହି ଦେଇ ମହାଗୁଡ଼ାସାହି ପଛପଟ ଗଳି ରାସ୍ତାରେ ସୁବାସନଗର ପଛପଟ ଦେଇ ଡୁଗୁଡିକୁ ବାହାରି ଗାମୁଲି ଜଙ୍ଗଲକୁ ଯାଇଥିବା କହିଛନ୍ତି ଲୋକେ। ଦିନକୁ ଦିନ ଦନ୍ତା ସହର ମୁହାଁ ହେଉଥିବା ବେଳେ ଭୟଭୀତ ଅବସ୍ଥାରେ ଅଛନ୍ତି ଲୋକେ। ହାତୀ ଉପଦ୍ରବ ମାସ ମାସ ଧରି ଲାଗି ରହିଥିବାରୁ ଜୀବନ ଜୀବିକା ପ୍ରଭାବିତ ହୋଇଛି। ଲୋକେ ପେଟକୁ ଦାନା ଯୋଗାଡ଼ କରିବା କଷ୍ଟକର ହୋଇ ପଡ଼ିଛି। ପ୍ରତିବାଦରେ ନିକଟରେ ଜି.ଉଦୟଗିରି ଏବଂ କଳିଙ୍ଗାରେ ବନ୍ଦ ପାଳନ କରାଯାଇଥିଲା। ଏହାସତ୍ତ୍ୱେ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜିଛନ୍ତି। ଲୋକେ ଉପାୟ ଶୂନ୍ୟ ହୋଇ ରହିଛନ୍ତି। କେବେ ହାତୀ ଉପଦ୍ରବରୁ ମୁକ୍ତି ମିଳିବ, ଜୀବିକା କେବେ ସ୍ୱାଭାବିକ ହେବ ଜନସାଧାରଣ ଜଗି ବସିଥିବା ବେଳେ ଦିନକୁ ଦିନ ଉପଦ୍ରବ ବୃଦ୍ଧି ପାଉଥିବାରୁ ଚିନ୍ତା ମଧ୍ୟ ବୃଦ୍ଧି ପାଇଛି।



■ ବିଭିନ୍ନ ସମସ୍ୟାର ସମାଧାନ ଦାବି

## ଏସ୍‌ପି ଓ ଜିଲ୍ଲାପାଳଙ୍କୁ ଭେଟିଲେ ପୂର୍ବତନ ବିଧାୟକ

ଫିରିଙ୍ଗିଆ,୨୩।୮ (ସମିସ)



ଫିରିଙ୍ଗିଆ ବ୍ଲକ ବାଲନ୍ଦାପଡାରେ ନୂତନ ଭାବରେ ନିର୍ମାଣ ହେଉଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ସହ ବିଦ୍ୟୁତ ସଂଯୋଗ ଓ ବାଲନ୍ଦାପଡା ପୁଲିସ ଫାଣ୍ଡିରେ ପୁଣିଥରେ କର୍ମଚାରୀ ନିଯୁକ୍ତି ପାଇଁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏବଂ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି ଫୁଲବାଣୀର ପୂର୍ବତନ ବିଧାୟକ ଅଙ୍ଗଦ କହଁର। ବାଲନ୍ଦାପଡ଼ାରେ ନୂତନ ଭାବରେ ନିର୍ମାଣ ହେଉଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କାମ ଚାଲୁ ରହିଛି। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇ ପାରିନାହିଁ। ଏହି ବିଦ୍ୟାଳୟ ପାଇଁ ଭିତ୍ତିଭୂମିର ଅଭାବ ମଧ୍ୟ ରହିଛି। ବିଦ୍ୟାଳୟରେ ବିଦ୍ୟୁତ ସଂଯୋଗ ଓ ଭିତ୍ତିଭୂମିର ବିକାଶ ପାଇଁ ବାରମ୍ବାର ଅଞ୍ଚଳର ଜନସାଧାରଣ ଦାବି କରିଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ସେହିପରି ବାଲନ୍ଦାପଡାରେ ପ୍ରାୟ ପଚାଶ ବର୍ଷର ପୁରୁଣା ପୁଲିସ ଫାଣ୍ଡି ବନ୍ଦ ହୋଇ ପଡ଼ିରହିଛି। ଏଥିଯୋଗୁଁ ଅଞ୍ଚଳରେ ଚୋରି ଡକାୟତି ବଢ଼ିବାରେ ଲାଗିଛି। କର୍ମଚାରୀ ନିଯୁକ୍ତି କରିବା ସହ ଫାଣ୍ଡିକୁ ପୁଣିଥରେ ଚାଲୁ କରିବା ଦାବିରେ ଶ୍ରୀ କହଁର ଏସପି ଓ ଜିଲ୍ଲାପାଳଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ବିଧାୟକ ଦାବିପତ୍ର ଦେବା ସମୟରେ ବିଜେପି ଫିରିଙ୍ଗିଆ ମଣ୍ଡଳ ସଭାପତି ଶ୍ରୀବତ୍ସ କହଁର, ବିଜେପି ଯୁବନେତା ବାବୁଲା କହଁରଙ୍କ ସହ ଅଞ୍ଚଳର ଅନ୍ୟ ମାନେ ଉପସ୍ଥିତ ଥିଲେ।

## ଜନସୁରକ୍ଷା ଯୋଜନା ସମ୍ପର୍କିତ ପରିପୂର୍ତ୍ତି ଅଭିଯାନ

ପାରଳାଖେମୁଣ୍ଡି,୨୩।୮ (ସମିସ): ଗଜପତି ଜିଲ୍ଲା ରାୟଗଡ ବ୍ଲକ କଇଁପୁରରେ କାନରା ବ୍ୟାଙ୍କ ପାରଳାଖେମୁଣ୍ଡି ଶାଖା ପକ୍ଷରୁ ଜନସୁରକ୍ଷା ଯୋଜନା ସମ୍ପର୍କିତ ପଞ୍ଚାୟତସ୍ତରୀୟ ପରିପୂର୍ତ୍ତି ଅଭିଯାନ ପରିପ୍ରେକ୍ଷୀରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଲିଡ୍ ଡିଷ୍ଟ୍ରିକ୍ଟ ଅଫିସର ଦାୟିତ୍ୱରେ ଥିବା ଅଧିକାରୀ ସନ୍ତୋଷ କୁମାର ମିଶ୍ର, ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ପରିଚାଳକ ମହେଶ୍ୱର ମଣ୍ଡଳ ଯୋଗ ଦେଇ ବ୍ୟାଙ୍କ ଗୁଡିକ ପକ୍ଷରୁ ରହିଥିବା ବିଭିନ୍ନ ସୁବିଧାର ଲାଭ ଉଠାଇବା ପାଇଁ ସଚେତନତା କରିଥିବା ବେଳେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ଅଟଳ ପେନସନ୍ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ଅତିଶୀଘ୍ର ନାମାଙ୍କନ କରିବା ଏବଂ ଏହି ଯୋଜନାରେ ମିଳୁଥିବା ସୁବିଧା ଉପଲବ୍ଧ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଆର୍ଥିକ ଅଭିବୃଦ୍ଧି ହେବା ସହ ପେନସନ୍, ବୀମା ଆଦି ଭଳି ସୁବିଧା ମିଳିପାରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଇଁପୁର ସରପଞ୍ଚ ଜୟନ୍ତୀ ଶବର, ସମିତି ସଭ୍ୟା ମାଧୁରୀ ଶବର, ପିଇଓ ରାଶବିହାରୀ ପାତ୍ର ଓ କାନରା ବ୍ୟାଙ୍କର ଅଧିକାରୀ ଚିନ୍ମୟ ରଞ୍ଜନ ପଣ୍ଡା ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପାରଳାଖେମୁଣ୍ଡି କାନରା ବ୍ୟାଙ୍କର ଶାଖା ପରିଚାଳକ ବି.ସୂରୀୟା ରାଓ ପରିଚାଳନା କରିଥିବା ବେଳେ ସିଏଲ୍ଏଫ୍ କୋର୍ଡିନେଟର ମନୁ ମଲ୍ଲିକ, କ୍ଷେତ୍ର କର୍ମଚାରୀ ଅକ୍ଷୟ କୁମାର ଖଟୁଆଳ ଓ ଏମ୍. ତୁସାର ଦାସ ପରିଚାଳନାରେ ସହଯୋଗ କରିଥିଲେ।



## ଆସୁଛି ଗଣେଶ ପୂଜା; ଶେଷ ପର୍ଯ୍ୟାୟରେ ମୂର୍ତ୍ତି ନିର୍ମାଣ

ଜି.ଉଦୟଗିରି,୨୩।୮ (ସମିସ)



୨୭ରେ ଗଣେଶ ପୂଜା। ସାହି ସାହିରେ ତୋରଣ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲାଣି। ବିଭିନ୍ନ ପୂଜାମଣ୍ଡପ ତରଫରୁ ଚଳିତ ବର୍ଷ ଧୁମଧାମ ପୂଜା କରିବାକୁ ସ୍ଥିର କରାଯାଇଥିବା ବେଳେ ଗଣେଶ ମୂର୍ତ୍ତି ସ୍ଥାପନ ନେଇ ପ୍ରତିଯୋଗିତା ଆରମ୍ଭ ହୋଇଛି। ବିଭିନ୍ନ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ, ଅନୁଷ୍ଠାନ ସହିତ ବିଭିନ୍ନ ସାହି ତରଫରୁ ଆୟୋଜିତ ପୂଜାରେ ମୂର୍ତ୍ତି ଆକର୍ଷଣ ହୋଇଥିବା ବେଳେ ଏହାକୁ ଲକ୍ଷ୍ୟ କରି ମୂର୍ତ୍ତି କାରିଗର ଛୋଟରୁ ବଡ଼ ସବୁ ମୂର୍ତ୍ତି ନିର୍ମାଣ କରୁଛନ୍ତି। ସେମିତି ଜଣେ କାରିଗର ଡ଼ଡ଼ାପଡ଼ାର ଶାନ୍ତନୁ ପ୍ରଧାନ। ଗଣେଶ ପୂଜାକୁ ଲକ୍ଷ୍ୟ କରି ପଦାସାହିରେ ମୂର୍ତ୍ତି ନିର୍ମାଣରେ ଲାଗି ପଡ଼ିଥିବା ବେଳେ ଭଲ ଦୁଇ ପଇସା ରୋଜଗାର କରିବାକୁ ଲକ୍ଷ୍ୟ ରଖିଛନ୍ତି। ମୂର୍ତ୍ତି ନିର୍ମାଣରେ ସିଦ୍ଧହସ୍ତ ଶାନ୍ତନୁ ବହୁ ପ୍ରତିଭାର ଅଧିକାରୀ। ବିଭିନ୍ନ ଟେରାକୋଟା କାମ ସହିତ ପ୍ରତିମୂର୍ତ୍ତି ନିର୍ମାଣ ସହିତ ବିଭିନ୍ନ ରାଜ୍ୟରେ ନିର୍ମାଣ କାରିଗରୀରେ ରହିଛି ଅଭିଜ୍ଞତା। କିନ୍ତୁ ସେ କଳାର ଉଚିତ ମୂଲ୍ୟ ନ ମିଳିବା ଫଳରେ ଏମିତି ପର୍ବ ପର୍ବାଣିକୁ ଚାହିଁ ରହିଥାନ୍ତି। ବଡ଼ ବଡ଼ ମୂର୍ତ୍ତି ନିର୍ମାଣ ପାଇଁ ଅଡର ମିଳିଥିବା ବେଳେ ଛୋଟ ଛୋଟ ମୂର୍ତ୍ତିର ବହୁତ ଚାହିଦା ରହିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। କନ୍ଧମାଳ ଜିଲ୍ଲାକୁ ଲକ୍ଷ୍ୟ କରି କାମ ଦାମ୍‌ରେ କିପରି ଆକର୍ଷଣୀୟ ମୂର୍ତ୍ତି ହୋଇ ପାରିବ ସେଥିପ୍ରତି ଦୃଷ୍ଟି ଦେବା ସହିତ କୌଣସି ରାସାୟନିକ ରଙ୍ଗ ବ୍ୟବହାର ନକରି ପରିବେଶ ସୁରକ୍ଷା ପ୍ରତି ଦେଇଥାନ୍ତି ଧ୍ୟାନ। ତାଙ୍କର ଯାଦୁକରୀ ହାତର ସ୍ପର୍ଶରେ ମୂର୍ତ୍ତି ହୋଇ ଉଠେ ଜୀବନ୍ତ। କିନ୍ତୁ ଦିନରାତି ବର୍ଷା ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ବେଳେ କମ୍ ଦିନ ମଧ୍ୟରେ ବହୁତ କାମ ବାକି ରହିଥିବା କହିଛନ୍ତି।

## ପ୍ରକଳ୍ପ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଜି.ଉଦୟଗିରି,୨୩।୮ (ସମିସ): ଜି.ଉଦୟଗିରି ସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କର ସାମାଜିକ ଉନ୍ନୟନ ପ୍ରକଳ୍ପ ସମନ୍ୱିତ ପ୍ରକଳ୍ପ ଅଧିକାରୀ ସାନ୍ତ୍ୱନା ନାୟକଙ୍କୁ ଶନିବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରକଳ୍ପ ନିର୍ଦ୍ଦେଶକ ନିରଞ୍ଜନ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ସାମ୍ବାଦିକ ଶିଶିର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାନ୍ତ୍ୱନା ନାୟକଙ୍କ ସମାଜସେବା ସମସ୍ତଙ୍କ ପାଇଁ ଶିକ୍ଷଣୀୟ ବୋଲି କହିଥିଲେ। ସମନ୍ୱିତର ସହକାରୀ ପ୍ରକଳ୍ପ ଅଧିକାରୀ ସୁନୀଲ କୁମାର ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ମୋହନା,୨୩।୮ (ସମିସ): ବିଷାକ୍ତ ସାପ କାମୁଡ଼ିବା ପରେ ମେଡିକାଲ ନନେଇ ଚେରମୂଳି ଚିକିତ୍ସା କରିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଅଡ଼ବା ଥାନା ଗୁରୁଝୁଲୀ ପଞ୍ଚାୟତ ପୁରୁଣାଗାଁର ପ୍ରତାପ ମାଝୀ। ଶୁକ୍ରବାର ବିଳମ୍ବିତ ରାତିରେ ପ୍ରତାପ ନିଜ ପରିବାର ସହ ଘରେ ଶୋଇଥିବାବେଳେ ଏକ ପାହାଡ଼ିଆ ବିଷାକ୍ତ ସାପ ତାଙ୍କ ହାତକୁ କାମୁଡ଼ି ଦେଇଥିଲା। ପରିବାର ଲୋକ ସାପକୁ ମାରିବା ସହ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ପ୍ରତାପଙ୍କୁ ମେଡ଼ିକାଲ ନନେଇ ଚେରମୂଳି ଉପଚାର କରାଇଥିଲେ। ମାତ୍ର ଅବସ୍ଥା ଗୁରୁତର ହେବାରୁ ପ୍ରଥମେ ବିରିକୋଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ପ୍ରତାପଙ୍କୁ ମୃତ ଘୋଷଣା କରିଥିଲେ। ମୋହନା ପୁଲିସ ଶବ ଜବତ କରି ଘଟଣାର ତଦନ୍ତ କରୁଛି। ବିଷାକ୍ତ ସାପ କମନ୍ କ୍ରେଟ୍ ବୋଲି କୁହାଯାଉଛି, ଯାହାକି ଅତି ବିଷାକ୍ତ ପ୍ରଜାତିର।

### ଚେରମୂଳି ଚିକିତ୍ସାରୁ ଚାଲିଗଲା ଜୀବନ

ମା' ଧରଣୀପେନୁ ଯୁବକ ସଂଘର ଫୁଟ୍‌ବଲ ପ୍ରତିଯୋଗିତା

## ମତିଙ୍ଗିଆକୁ ହରାଇ କରେକାମ୍ବା ଚାମ୍ପିଅନ୍



ଫିରିଙ୍ଗିଆ,୨୩।୮ (ସମିସ)

ଫିରିଙ୍ଗିଆ ବ୍ଲକ ବେହିଙ୍ଗିଆ ମା ଧରଣୀ ପେନୁ ନେହେରୁ ଯୁବକ ସଂଘ ପକ୍ଷରୁ ଆୟୋଜିତ ୧୫ ତମ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟ ଚାରି ଦିନ ଧରି ଚାଲିଥିଲା। ଟୁର୍ଣ୍ଣାମେଣ୍ଟରେ ଫିରିଙ୍ଗିଆ ବ୍ଲକ ସହ ଜିଲ୍ଲାର ବିଭିନ୍ନ ବ୍ଲକରୁ ୧୬ଟି ଟିମ୍ ଯୋଗ ଦେଇଥିଲେ। କରେକାମ୍ବା ଓ ମତିଙ୍ଗିଆ ଫୁଟବଲ୍ ଟିମ ମଧ୍ୟରେ ଫାଇନାଲ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମତିଙ୍ଗିଆକୁ ୨-୦ ଗୋଲରେ ହରାଇ କରେକାମ୍ବା ଚାମ୍ପିଅନ ହୋଇଛି।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ନୁଆପଦର ସରପଞ୍ଚ ଭବାନୀ ଶଙ୍କର କହଁର, ସମ୍ମାନୀତ ଅତିଥି ଭାବରେ ବିଧାୟକ ପ୍ରତିନିଧି ପ୍ରଶାନ୍ତ କମ୍ପ, ଭୁଙ୍ଗିଯୋଡ଼ି ପୂର୍ବତନ ସରପଞ୍ଚ ଏସିଆ କହଁର, ବିଜେପି ପଞ୍ଚାୟତ ସଭାପତି କାର୍ତ୍ତିକ ଗୁରାଣ୍ଡି, ଜିଆରଏସ ପୁରଞ୍ଜନ କହଁର, ନାଏବ ସରପଞ୍ଚ ଶ୍ରୀକାନ୍ତ ଦିଗାଲ, ବୈଷ୍ଣବ ବଗର୍ତି ଏବଂ ଅଶ୍ୱିନୀ ବିଶୋଇ ଯୋଗ ଦେଇଥିଲେ। ପ୍ରଫୁଲ୍ଲ କହଁର, ବିଶ୍ୱନାଥ କହଁର ଓ ଅପି କହଁର ଖେଳ ପରିଚାଳନା କରିଥିଲେ। ଉପସ୍ଥିତ ଅତିଥିଙ୍କ ଦ୍ୱାରା ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ଓ ମାନପତ୍ର ସହ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ନାରାୟଣ କହଁର, ଦୁର୍ଯ୍ୟୋଧନ କହଁର, ପ୍ରଭାତ କହଁର, ମାନସ ନାୟକଙ୍କ ସହ ମାଁ ଧରଣୀ ପେନୁ ନେହେରୁ ଯୁବକ ସଂଘ ବେହିଙ୍ଗିଆର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ହେଉନି ଗ୍ରାମ୍ୟ ରାସ୍ତା ନିର୍ମାଣ

# କାଦୁଅ ରାସ୍ତାରେ ଧାନତଳି ରୋଇଲେ ଅଞ୍ଚଳବାସୀ

ପାରଳାଖେମୁଣ୍ଡି,୨୩।୮ (ସମିସ)



ଗଜପତି ଜିଲ୍ଲା ଗୋଷାଣି ବ୍ଲକ ବୋମିକା ପଞ୍ଚାୟତ ବଡଦେଉଳା-ସାନଦେଉଳା ରାସ୍ତା କାମ ହେଉନଥିବାରୁ ଲୋକେ ଧାନତଳି ରୋଇ ପ୍ରତିବାଦ କରିଛନ୍ତି। ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ଅନେକ ଯୋଜନା କରୁଥିବା ବେଳେ ଏହି ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ ହୋଇ ପାରିନାହିଁ। କେତେବେଳେ କେଉଁ ବର୍ଷ ମନରେଗା ଯୋଜନାରେ କେବଳ ମାଟି ମୁଠେ ପଡୁଛି। ଫଳରେ ଅସରାଏ ବର୍ଷା ହେଲେ କାଦୁଅ ପଚ ପଚ ହୋଇ ଯାନବାହନ ତ ଦୂରର କଥା ଚାଲି ଚାଲି ଯିବାବି ସମ୍ଭବ ହେଉନାହିଁ। ଏହି ରାସ୍ତା ଦେଇ ବଡଦେଉଳା, ସାନଦେଉଳା, ଡିମିରିଝୋଲୀ ଗ୍ରାମର ଶତାଧିକ ବାସିନ୍ଦା ସ୍କୁଲ, କଲେଜ, ଦୋକାନବଜାର ପାଇଁ ଯାତାୟତ କରନ୍ତି। ବଡଦେଉଳାକୁ ସ୍କୁଲ ପଢିବାକୁ ସାନଦେଉଳା ଓ ଡିମିରିଝୋଲୀ ଗ୍ରାମର ପିଲାଏ ଆସୁଥିବା ବେଳେ ଏହି ତିନି ଗ୍ରାମର ଲୋକେ କଲେଜ ଯିବାକୁ ହେଲେ ରାୟଗଡ ବ୍ଲକର ସେବକପୁର ଯିବାକୁ ପଡୁଛି। ସ୍ୱାସ୍ଥ୍ୟ ପାଇଁ ବଡଦେଉଳାରୁ ପାରଳାଖେମୁଣ୍ଡି ୧୮ କିମି ଓ ଗୁରାଣ୍ଡିକୁ ୧୨ କିମି ଅତିକ୍ରମ କରିବାକୁ ପଡୁଛି। ବାରମ୍ବାର ପଞ୍ଚାୟତ, ବ୍ଲକ ଓ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଗୁହାରୀ କଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଆଜି ବାଧ୍ୟ ହୋଇ ଆମେ ଧାନତଳି ରୋପଣ କରିଛୁ ବୋଲି ଅଞ୍ଚଳବାସୀ କହିଛନ୍ତି। ଏପରି କଲେ ପ୍ରଶାସନ ଓ ସରକାରର ଦୃଷ୍ଟି ଆକର୍ଷିତ ହେବ ବୋଲି ଆଶା ରଖିଛନ୍ତି।

ଏହି ସମସ୍ୟା କେବଳ ବଡଦେଉଳା ଲୋକଙ୍କ ନୁହେଁ, ବଡଦେଉଳା ସହ ସାନଦେଉଳା, ଡିମିରିଝୋଲୀ ଗ୍ରାମବାସୀ ଏହି ମାଟି ରାସ୍ତା ଦେଇ ପଞ୍ଚାୟତ, ବ୍ଲକ ଓ ଜିଲ୍ଲା ସଦରମହକୁମାକୁ ଶିକ୍ଷା, ସ୍ୱାସ୍ଥ୍ୟ ସହ ସମସ୍ତ ସରକାରୀ କାର୍ଯ୍ୟ ପାଇଁ ନିର୍ଭରଶୀଳ। କୌଣସି ରାଜନେତା ଓ ପ୍ରଶାସନିକ ଅଧିକାରୀ ଆସିନଥିବାରୁ ବୋଧହୁଏ ଏହି ରାସ୍ତା ପ୍ରତି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନାହିଁ ବୋଲି ଲୋକେ କହୁଛନ୍ତି।

## ଲଗାଣ ବର୍ଷାରେ ଭାଙ୍ଗିଲା ଘର; ବର୍ତ୍ତିଲେ ଦମ୍ପତି



ଦାରିଙ୍ଗବାଡି,୨୩।୮ (ସମିସ): ଦାରିଙ୍ଗବାଡ଼ି ବ୍ଲକ ଶ୍ରାନିକେତା ପଞ୍ଚାୟତ ବାସିବାଡ଼ି ଗ୍ରାମର ବସନ୍ତ ପ୍ରଧାନଙ୍କ ଘର କାନ୍ଥ ଲଗାଣ ବର୍ଷାରେ ଗୁରୁବାର ରାତିରେ ଭୁଶୁଡି ପଡିଛି। ରାତିରେ ଶୋଇଥିବା ବେଳେ କାନ୍ଥ ଭୁଶୁଡି ପଡ଼ିଥିବାବେଳେ ଅଳ୍ପକେ ବର୍ତ୍ତିଯାଇଛନ୍ତି ବସନ୍ତ ଓ ତାଙ୍କ ସ୍ତ୍ରୀ। ଏ ନେଇ ବସନ୍ତ ରାଜସ୍ୱ ନିରୀକ୍ଷକ ଦୁର୍ଗାପ୍ରସାଦ ପ୍ରଧାନଙ୍କୁ ଲିଖିତ ଭାବେ ଜଣାଇଥିବା କହିଛନ୍ତି। ଉପାନ୍ତ ଅଞ୍ଚଳରେ ଥିବା ଗାଁ ଲୋକଙ୍କ ଘର ସବୁ ଲଗାଣ ବର୍ଷାରେ ଭାଙ୍ଗି ନାହିଁନଥିବା ଅସୁବିଧାରେ ଚୁଲୁଥିବା ଜଣାପଡିଛି। ଘଟଣା ସ୍ଥଳରେ ରାଜସ୍ୱ ବିଭାଗର କର୍ମଚାରୀ ପହଁଞ୍ଚି ଲୋକଙ୍କ କ୍ଷୟକ୍ଷତି ଆକଳନ କରି ସର୍ବନିମ୍ନ ସହାୟତ ଯୋଗାଇ ଦେବାକୁ ଲୋକେ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ଏବଂ ବ୍ଲକ ପ୍ରଶାସନ ଅଧିକାରୀଙ୍କୁ ଗୁହାରି କରିଛନ୍ତି।

# ମହିଳାଙ୍କୁ ଇଟାରେ ଆକ୍ରମଣ

ବ୍ରହ୍ମପୁର,୨୩।୮ (ସମିସ): ଗାନ୍ଧୀନଗର ପୂର୍ଣ୍ଣବାସୀ କଲୋନୀରେ ରହୁଥିବା ଜଣେ ମହିଳାଙ୍କୁ ଇଟାରେ ଆକ୍ରମଣ ନେଇ ବଡ଼ବଜାର ଥାନାରେ ଏକ ମାମଲା ରୁଜୁ ହୋଇଛି। ଗାନ୍ଧୀନଗର ଷଷ୍ଠ ଲାଇନ୍‌ର ଥିବା ପୂର୍ଣ୍ଣବାସୀ କଲୋନୀରେ ସୀମାଞ୍ଚଳ ସେଠୀ ଓ ତାଙ୍କ ପରିବାର ଲୋକେ ରହୁଛନ୍ତି। ଗତକାଲି ସୀମାଞ୍ଚଳ ଘରେ ନଥିବା ବେଳେ ସାମ୍ନା ଘର ଲୋକେ ସୀମାଞ୍ଚଳଙ୍କ ମା' ରମା ସେଠୀଙ୍କ ସହ ଝଗଡ଼ା କରିଥିଲେ। ପରେ ସେମାନେ ରମାଙ୍କ ମୁଣ୍ଡକୁ ଏକ ଇଟାରେ ଆକ୍ରମଣ କରିବାରୁ ସେ ଗୁରୁତର ହୋଇଥିଲେ। ରମାଙ୍କୁ ଉଦ୍ଧାର କରି ପ୍ରଥମେ ସିଟି ହସପିଟାଲ ଓ ପରେ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଘଟଣାକୁ ନେଇ ସୀମାଞ୍ଚଳ ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

● ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ଘଟଣା

# ଫେରାର ଦୁଇ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୨୩।୮ (ସମିସ): ସ୍ଥାନୀୟ ଝାଡ଼ାଆଙ୍କୁଲି ହନୁମାନ ମନ୍ଦିର ନିକଟରେ ବାବୁ ସାହୁ ନାମକ ଜଣେ ଯୁବକକୁ ଖଣ୍ଡାରେ ଆକ୍ରମଣ ଘଟଣାରେ ସମ୍ପୃକ୍ତ ରହି ଫେରାର ରହିଥିବା ଦୁଇ ଅଭିଯୁକ୍ତକୁ ନିମଖଣ୍ଡି ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଆଙ୍କୁଲିର ରାକେଶ କୁମାର ମଣ୍ଡଳ(୨୨) ଓ ଝାଡ଼ାଆଙ୍କୁଲି ମଝି ସାହିର ଶ୍ରୀଧର ସାହୁ(୨୩)। ପୂର୍ବରୁ ଜଣେ ପ୍ରଶାନ୍ତ କୁମାର ନାମକ ଜଣେ ଅଭିଯୁକ୍ତ ଗିରଫ ହୋଇଥିଲେ। ସୂଚନାଯୋଗ୍ୟ ଯେ, ଗତବର୍ଷ ଅକ୍ଟୋବର ୨୧ତାରିଖ ରାତି ୧୧ଟା ବେଳେ ସାତକୁଟୁନି ରମ୍ଭାସାହି ନିବାସୀ ଝୁନୁ ସାହୁଙ୍କ ସାନ ପୁଅ ବାବୁ ସାହୁ ନିଜ ଭଉଣୀ ଘରକୁ ଯାଇ ଘରକୁ ଫେରୁଥିବା ବେଳେ ସ୍ଥାନୀୟ ଝାଡ଼ାଆଙ୍କୁଲି ହନୁମାନ ମନ୍ଦିର ନିକଟରେ ବାବୁ ସାହୁଙ୍କୁ କିଛି ଯୁବକ ଖଣ୍ଡାରେ ଆକ୍ରମଣ କରିଥିବା ନେଇ ବାବୁଙ୍କ ମାଆ ଝୁନୁ ସାହୁ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ।

# ଦୋକାନରୁ ଲକ୍ଷାଧିକ ଟଙ୍କା ଚୋରି

ବ୍ରହ୍ମପୁର,୨୩।୮ (ସମିସ): ଦୋକାନର ସଟର ଭାଙ୍ଗି ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ନେଇ ମାଲିକ ପ୍ରଭାତ କୁମାର ମିଶ୍ର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ରେଡ୍ଡୀ ଗ୍ୟାରେଜ ନିକଟ ବିଷ୍ଣୁ ନଗରରେ ରହୁଥିବା ପ୍ରଭାତ ମିଶ୍ରଙ୍କ ଆସ୍କାରୋଡ଼ ଖାଜା ସାହି ନିକଟରେ ରୟାଲ ଫର୍ମାସିୟୁଟିକାଲ ନାମକ ଏକ ଦୋକାନ ଅଛି। ପ୍ରତିଦିନ ଭଳି ଗତ ବୁଧବାର ସେ ଦୋକାନ ଖୋଲିବାକୁ ଯାଇ ସଟର ଭଙ୍ଗା ଯାଇଥିବା ଦେଖିଥିଲେ। ସେ ଏନେଇ ପୁଲିସକୁ ଖବର କରିଥିଲେ। ପୁଲିସ ଉପସ୍ଥିତିରେ ସେ ଦୋକାନ ଭିତରକୁ ଯାଇ ଦେଖିବା ବେଳେ କ୍ୟାସ କାଉଣ୍ଟର ଭଙ୍ଗା ଯାଇ ସେଥିରେ ସେ ରଖିଥିବା ପ୍ରାୟ ଏକ ଲକ୍ଷ ୫ହଜାର ଟଙ୍କା ଗାୟବ ଥିଲା। ସେହିପରି ଡିଭିଆର ମେସିନ ଓ କେତେକ ମୂଲ୍ୟବାନ ମେଡ଼ିସିନ ମଧ୍ୟ ଚୋରି ହୋଇଥିଲା। ଅଞ୍ଚଳରେ ଲାଗିଥିବା ସିସିଟିଭି ପୋଲିସ ଯାଞ୍ଚ କରୁଛି।

# ଘରୁ ମୋବାଇଲ ନେଇଗଲେ ଦୁର୍ବୃତ୍ତ

ବ୍ରହ୍ମପୁର,୨୩।୮ (ସମିସ): ଦୁର୍ବୃତ୍ତ ଘରେ ପଶି ଦୁଇଟି ମୋବାଇଲ ଓ ଇଅର ଫୋନ ଚୋରି କରିନେଇଥିବା ଗୃହକର୍ତ୍ତ୍ରୀ ସଂଗୀତା ପାତ୍ର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ବିଜିପୁର ଟ୍ୟାଙ୍କ ରୋଡରେ ରହୁଥିବା ସଂଗୀତାଙ୍କ ଘର ଉପର ମହଲା ଗ୍ରୀଲ ଭାଙ୍ଗି ଜଣେ ଦୁର୍ବୃତ୍ତ ଘରେ ପଶି ଡ୍ରେସିଂରୁମରେ ଥିବା ୨ଟି ଦାମୀ ମୋବାଇଲ ନେଇଯାଇଥିବାବେଳେ ଏହାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ପୁଲିସ ସିସିଟିଭି ଆଧାରରେ ତଦନ୍ତ ଆରମ୍ଭ କରିଛି।

# ଗଞ୍ଜେଇ ଜବତ ମାମଲା; ୪ ନିର୍ଦ୍ଦୋଷରେ ଖଲାସ

ବ୍ରହ୍ମପୁର,୨୩।୮ (ସମିସ): ଅତିରିକ୍ତ ଜିଲ୍ଲା ଜଜ୍ (ତୃତୀୟ) ବିବସ୍ୱତ ଗୌତମ ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ବିଚାରଣା କରି ଶନିବାର ଉପଯୁକ୍ତ ପ୍ରମାଣ ଅଭାବରୁ ୪ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସେମାନେ ହେଲେ କନ୍ଧମାଳ ଜିଲ୍ଲା ବାଲିଗୁଡା ପାନସପାଡ଼ି ଗ୍ରାମର ବିକ୍ରମ ସାହୁ (୫୩), କୋରାପୁଟର ତାରା ପ୍ରସାଦ ରଥ(୪୮) ଛତ୍ରପୁର ଥାନା ଅଧିନ ଶକ୍ତିନଗର ଚତୁର୍ଥ ଲେନ୍‌ର ଦେବାଶିଷ ନାୟକ ଓରଫ ପିଣ୍ଟୁ (୨୮)ଓ ରାଜସ୍ଥାନ ଚୁରୁ ଜିଲ୍ଲା ରାଜଗଡ଼ ଥାନା ଅଧିନ୍ରେ ରହୁଥିବା ବିନୋଦ କୁମାର(୩୧)। ସୂଚନାଯୋଗ୍ୟ ଯେ, ତାରାପ୍ରସାଦ ବ୍ରହ୍ମପୁର ଗୋଷାଣୀନୂଆଗାଁ ଅଧିନ ଓମ୍ ବିହାର ମେଟ୍ରୋ ଆପାର୍ଟମେଣ୍ଟର ଏକ ଘର ଭଡ଼ା ନେଇ ରହୁଥିଲେ। ଏହି ଘରେ ଗଜପତି ଓ କନ୍ଧମାଳ ଜିଲ୍ଲାରୁ ଗଞ୍ଜେଇ ଆଣି ସେ ରଖୁଥିଲେ। ସେଠାରୁ ସୁରତ ଓ ଦିଲ୍ଲୀକୁ ଟ୍ରେନ୍ ଯୋଗେ ଚାଲାଣ କରୁଥିଲେ। ୨୦୨୩ ଜୁଲାଇ ୯ରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସମ୍ପୃକ୍ତ ଘରେ ଚଢଉ କରାଯାଇ ୮୪ କିଲୋ ୩୨୫ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ଏହା ସହ ଓଜନ ମେସିନ, ସିଲ୍ ଏବଂ ପ୍ୟାକିଂ ପାଇଁ ବ୍ୟବହୃତ ସାମଗ୍ରୀକୁ ପୁଲିସ ଜବତ କରିଥିଲା। ଏହି ଘରଟି ହେଉଛି ଗୋଇଲୁଣ୍ଡି ଅଞ୍ଚଳର ବିଘ୍ନେଶ୍ୱର ପାଢୀ ନାମକ ବ୍ୟକ୍ତିଙ୍କର। ତାରାପ୍ରସାଦ ଓ ତାଙ୍କ ସହଯୋଗୀମାନେ ମାସିକ ୬ହଜାର ଟଙ୍କା ଭଡ଼ାରେ ରହୁଥିଲେ। ତାରାପ୍ରସାଦ ଓ ତାଙ୍କ ସହଯୋଗୀମାନଙ୍କୁ ଅଭିଯୁକ୍ତ ବିକ୍ରମସାହୁ ଗଞ୍ଜେଇ ଯୋଗାଉଥିବା ପୁଲିସ ତଦନ୍ତରେ ଜଣାପଡ଼ିଥିଲା।

୧୦ତାରିଖରେ ଗୋଷାଣିନୂଆଗାଁ ଥାନା ପୁଲିସ ଅଭିଯୁକ୍ତ ତାରା, ପିଣ୍ଟୁ, ବିନୋଦକୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ୧୧ତାରିଖରେ ବିକ୍ରମକୁ ଗିରଫ କରିଥିଲା। କିଛି ମାସ ପରେ ବିକ୍ରମ କୁମାର ସାହୁ ଜାମିନରୁ ମୁକୁଳିଥିବା ତାଙ୍କ ଆଇନଜୀବୀ ଚକ୍ରପାଣି ନାହାକ ସୂଚନା ଦେଇଛନ୍ତି। ଅନ୍ୟମାନେ ଜେଲରେ ବିଚାରଧୀନ କଏଦୀ ଭାବେ ରହି ଆସୁଥିଲେ। ଏହି ମାମଲାରେ ଉପଯୁକ୍ତ ପ୍ରମାଣ ଅଭାବରୁ କୋର୍ଟ ଉପରୋକ୍ତ ସମସ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତମାନଙ୍କ ପକ୍ଷରୁ ଆଇନଜୀବୀ ଶିଶିର ପାଢ଼ୀ, ଚକ୍ରପାଣି ନାହାକ ଓ ପ୍ରଦୀପ ପଟ୍ଟନାୟକ ଉକ୍ତ ମାମଲାର ମାମଲା ପରିଚାଳନା କରିଥିଲେ।

# ମନ୍ତ୍ରୀଙ୍କ ସହ ବୁଲୁଛନ୍ତି ବିଶ୍ୱବିଦ୍ୟାଳୟ ଛାତ୍ର ଆକ୍ରମଣକାରୀ





ବ୍ରହ୍ମପୁର,୨୩।୮ (ସମିସ)

● ସବୁ ଦେଖି ପୁଲିସ ଚୁପ୍

● ତଦନ୍ତ ଜାରି ରହିଛି କହିଲେ ଏସ୍‌ପି

ଅଣଛାତ୍ରଙ୍କ ମରଣାନ୍ତକ ଆକ୍ରମଣରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ଦ୍ୱିତୀୟ ବର୍ଷ ଛାତ୍ର ଅଭିଳାଷ ମିଶ୍ର ଗୁରୁତର ଆହତ ହୋଇଥିଲେ। ପୁଲିସ ମାମଲା ରୁଜୁ କରି ଚୁପ୍ ବସିଥିବାବେଳେ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଖୋଦ୍ ସ୍ଥାନୀୟ ବିଧାୟକ ତଥା ଖଣିମନ୍ତ୍ରୀ ବିଭୂତି ଜେନାଙ୍କ ସହ ବିଭିନ୍ନ କାର୍ଯ୍ୟକ୍ରମରେ ବୁଲୁଥିବା ଦେଖିବାକୁ ମିଳୁଛି। ଯାହାକୁ ଦେଖି ଆଇନ କୁଆଡ଼େ ଯାଉଛି ବୋଲି ପ୍ରଶ୍ନ କରିଛନ୍ତି ଛାତ୍ରଛାତ୍ରୀ।

ପ୍ରକାଶ ଯେ, ସଂଘବଦ୍ଧ ଆକ୍ରମଣରେ ରକ୍ତାକ୍ତ ଅଭିଳାଷଙ୍କୁ ପରବର୍ତ୍ତି ସମୟରେ ହତ୍ୟା ଧମକ ମଧ୍ୟ ମିଳିଥିଲା। ଯାହାକୁ ନେଇ ନିଜ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ ୨୯୬/୨୫ରେ ଦଫା ୧୦୯, ୧୧୫(୨), ୧୨୬(୨)୨୯୬, ୩(୫)୩୫୧(୩) ଧାରାରେ ପୁଲିସ ୧୧ଜଣଙ୍କ ନାମରେ ମାମଲା ରୁଜୁ କରିଥିଲା। ପୁଲିସ ଶିବ ଶଙ୍କର ନାୟକ, ତୁତୁନ ପାତ୍ର, ସୋମନାଥ ପାତ୍ର, ରାଜ୍ କିଶୋର ପ୍ରଧାନ, ରାଧା ମୋହନ ପଣ୍ଡା, ସତ୍ୟ ନାରାୟଣ ନାୟକ, ନିତ୍ୟାନନ୍ଦ ସିଂ, ନରମିଶ ପ୍ରଧାନ, ହରେକୃଷ୍ଣ ଅଧିକାରୀ, କୃତିବନ୍ତ ରଣା ଓ ଚକ୍ରା ରେଡ୍ଡୀ ଆଦି ୧୧ଜଣଙ୍କ ନାମରେ ମାମଲା ରୁଜୁ କରିଛି।

ଶିବ ଶଙ୍କର ନାୟକ ବିଜେପି ଯୁବମୋର୍ଚ୍ଚାର ଜିଲ୍ଲା ସଭାପତି ଥିବାବେଳେ ତୁତୁନ ଜଣେ ରାଜ୍ୟ କାର୍ଯ୍ୟକର୍ତ୍ତା। ଉଭୟଙ୍କ ନାମରେ ଆହତ ଛାତ୍ର ଅଭିଳାଷ ଲିଖିତ ଅଭିଯୋଗ କରିଛନ୍ତି। ଘଟଣା ଦିନ କଂଗ୍ରେସ ପକ୍ଷରୁ ରାତିତମାମ ଗୋପାଳପୁର ଥାନା ସମ୍ମୁଖରେ ଧାରଣା ଦିଆ ଯାଇଥିବାବେଳେ ସାନଖେମୁଣ୍ଡି ବିଧାୟକ ରମେଶ ଜେନା ଉପସ୍ଥିତ ଥିଲେ। ସେହିଭଳି ଘଟଣାକୁ ନିନ୍ଦା ସହ ବିଶ୍ୱବିଦ୍ୟାଳୟ ତଥା ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ କଡ଼ାକଡ଼ି କରିବା ଦାବିରେ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ନେତୃତ୍ୱରେ ବିଜେଡି ଯୁବ ଓ ଛାତ୍ର ସଙ୍ଗଠନ ପକ୍ଷରୁ ବ୍ରହ୍ମପୁର ଏସ୍‌ପିଙ୍କ ନିକଟରେ ଦାବି କରାଯାଇଥିଲା। ଛାତ୍ରଙ୍କୁ ଅଣଛାତ୍ରଙ୍କ ଆକ୍ରମଣ ଘଟଣାରେ ପୁଲିସ କାହାରିକୁ ଗିରଫ କରିନଥିବା ବେଳେ ଆକ୍ରମଣକାରୀ ଅଣଛାତ୍ରମାନେ ସହରରେ ତଥା ଆଖପାଖରେ ଖୋଲାଖୋଲି ବୁଲୁଛନ୍ତି। ଏପରିକି ପୁଲିସ ଉପସ୍ଥିତିରେ ଓ ଖୋଦ୍ ଖଣି ମନ୍ତ୍ରୀ ବିଭୂତି ଜେନାଙ୍କ ସହିତ ବୁଲୁଥିବା ଫଟୋ ଓ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଥିବା ଦେଖିବାକୁ ମିଳିଛି। ଶନିବାର ବ୍ରହ୍ମପୁର ସହରରେ ଏବଂ ସହର ଉପକଣ୍ଠ ପଞ୍ଚମାରେ ବିଭିନ୍ନ କାର୍ଯ୍ୟକ୍ରମରେ ଗୋପାଳପୁର ବିଧାୟକ ତଥା ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେଇଥିବା ବେଳେ ତାଙ୍କ ସହିତ ବିଶ୍ୱବିଦ୍ୟାଳୟ ଛାତ୍ର ଆକ୍ରମଣ ଘଟଣାର ଅଭିଯୁକ୍ତମାନେ ସାଙ୍ଗରେ ବୁଲୁଥିବା ଦେଖିବାକୁ ମିଳିଛି। ସବୁଠାରୁ ବଡ଼କଥା ଥାନା ନିକଟରେ ଏପରିକି ମନ୍ତ୍ରୀଙ୍କ ଗସ୍ତ ଦୃଷ୍ଟିରୁ ପୁଲିସ ମୁତୟନ ଥିବା ବେଳେ ସେମାନଙ୍କ ସହିତ ଅଭିଯୁକ୍ତମାନେ ବୁଲୁଥିଲେ। ଏହାଦ୍ୱାରା ସେମାନେ ପୁଲିସକୁ ଖୋଲା ଚାଲେଞ୍ଜ ଦେଉଛନ୍ତି ଅଥବା ପୁଲିସ ସେମାନଙ୍କୁ ପଶ୍ରୟ ଦେଉଛି ତାହା ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଘଟଣାକୁ ନେଇ ନିଜକୁ ଅସୁରକ୍ଷିତ ମଣୁଥିବା ଆହତ ଛାତ୍ର ଅଭିଳାଷ ମିଶ୍ର ବ୍ରହ୍ମପୁର ଏସ୍‌ପିଙ୍କୁ ସାକ୍ଷାତ କରି ସୁରକ୍ଷା ପାଇଁ ନିବେଦନ କରିଛନ୍ତି। ଅଭିଳାଷଙ୍କ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ ଜାରି ରହିଥିବା ସ୍ପଷ୍ଟ କରିଛନ୍ତି ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ। ତେବେ ପୁଲିସ ଅଭିଳାଷକୁ ନ୍ୟାୟ ଦେବାକୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ନା ଚାପର ବଶବର୍ତ୍ତି ହୋଇ ତଦନ୍ତକୁ ଶୀତଳ କରିଦେବ ତାହା ଉପରେ ରହିଛି ସମସ୍ତଙ୍କ ନଜର।

# ବ୍ୟବସାୟୀଙ୍କୁ ଗୁଳି କରି ହୀରା ଲୁଟ୍ ଘଟଣା; ଆଉ ୪ ଗିରଫ





ବ୍ରହ୍ମପୁର,୨୩।୮ (ସମିସ)

■ କାର୍, ବନ୍ଧୁକ ସହ ୪ଟି ଗୁଳି ଓ ୩ଟି ମୋବାଇଲ ଜବତ
■ ଲୁଟେରା ଓ ସହଯୋଗୀ ଗିରଫ ସତ୍ତ୍ୱେ ଉଦ୍ଧାର ହୋଇନି ଲୁଟ୍ ହୀରା
■ ଗିରଫ ସଂଖ୍ୟା ୮କୁ ବୃଦ୍ଧି; ଅଭିଯୁକ୍ତଙ୍କ ହେବ ଟିଆଇ ପରେଡ଼

ବ୍ରହ୍ମପୁର ଶାସ୍ତ୍ରୀନଗରର ହୀରା ବ୍ୟବସାୟୀ ଏସ୍ ବାଲକ୍ରିଷ୍ଣା ଆଚାରୀ ଓରଫ ରୁନା ଏବଂ ତାଙ୍କ ଶାଳକ ସୁନୀଲ କୁମାର ସାହୁଙ୍କୁ ଗୁଳିମାଡ଼ କରି ହିରା ଲୁଟ ଘଟଣାରେ ପୁଲିସ ଆଉ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଭୁବନେଶ୍ୱର ଖଣ୍ଡଗିରି ଡୁମୁଡୁମା ଫେଜ୍-୧ର ମୁସ୍ତାକିମ ଖାନ(୨୪), ଡୁମୁଡୁମା ଯଦୁପୁରର ଜଲାଲୁଦ୍ଦିନ ଖାନ୍(୨୮), ଜଟଣୀ ନିକଟ ମଣିପୁର ତରବୋଇର ସେଖ୍ ଅରଫାନ(୨୬) ଏବଂ ବ୍ରହ୍ମପୁର ହନୁମାନବଜାର ନିକଟର ଅଖିଳ ରଞ୍ଜନ ମହାନ୍ତି(୩୯)। ପୁଲିସ ସେମାନଙ୍କ ଠାରୁ ଘଟଣାରେ ବ୍ୟବହୃତ କାର୍, ବନ୍ଧୁକ ସହ ୪ଟି ଗୁଳି ଓ ୩ଟି ମୋବାଇଲ ଜବତ କରିଛି। ପୂର୍ବରୁ ଏହି ମାମଲାରେ ବଡ଼ବଜାର ଥାନା ପୁଲିସ ୪ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଆସିକା ନିକଟ ଭେଟନଇ ପନ୍ଦରାସାହିର ତଥା ଏହି ଘଟଣାର ମାଷ୍ଟରମାଇଣ୍ଡ ଅରୁଣ କୁମାର ଉପାଧ୍ୟାୟ ଓରଫ ମଳୟ(୫୦), ଭୁବନେଶ୍ୱର ଖଣ୍ଡଗିରି ଥାନା ଅନ୍ତର୍ଗତ ବେଗୁନିଆ ମସଜିଦ ନିକଟ ଗୋଲଡେନ ସୋସାଇଟିର ସରୋଜ କୁମାର ମହାନ୍ତି(୫୯), ଜଦୁପୁର ମାଦ୍ରାସ ମସଜିଦ ସେଖ୍ ରାଜୁ(୨୩) ଓ ସାହିଲ ଖାନ(୨୧)। ସେହିକ୍ରମରେ ଏହି ଲୁଟ ଓ ଗୁଳିମାଡ ଘଟଣାରେ ଗିରଫ ସଂଖ୍ୟା ୮କୁ ବୃଦ୍ଧି ହୋଇଛି। ଫଳରେ ଏହି ଲୁଟ ଓ ଗୁଳିମାଡ ଘଟଣାରେ ଗିରଫ ସଂଖ୍ୟା ୮କୁ ବୃଦ୍ଧି ହୋଇଛି।

ଆଜି ଗିରଫ ହୋଇଥିବା ଅଭିଯୁକ୍ତମାନେ ଦୁବାଇର ହିରା ବ୍ୟବସାୟୀ ବୋଲି ପରିଚୟ ଦେଇ ସେଭଳି ପୋଷାକ ପିନ୍ଧି ରୁନାଙ୍କ ଘରକୁ ଆସିଥିଲେ ବୋଲି ପୁଲିସ ତଦନ୍ତରୁ ଜଣାପଡିଛି। ଅନ୍ୟପକ୍ଷରେ ଲୁଟ ହୀରା ଉଦ୍ଧାର ହୋଇପାରି ନାହିଁ। ଲୁଟ୍ ହୀରା ଉଦ୍ଧାର ପାଇଁ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ବାବା ଶଙ୍କର ସରଫ ସୂଚନା ଦେଇଛନ୍ତି। ତେବେ ଅଭିଯୁକ୍ତଙ୍କ ଟିଆଇ ପରେଡ଼ ହେବ ବୋଲି ସୂଚନା ମିଳିଛି।

● ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବିଶୃଙ୍ଖଳା ଏଡ଼ାଇବାକୁ ପଦକ୍ଷେପ

# ୭ ଦିନ ଯାଞ୍ଚ କରିବେ ୭ଟି ସ୍କ୍ୱାଡ୍

ବ୍ରହ୍ମପୁର,୨୩।୮ (ସମିସ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସମସ୍ତ ବାଳକ ହଷ୍ଟେଲରେ ପ୍ରତିଦିନ (ସୋମବାର ଠାରୁ ରବିବାର) ପର୍ଯ୍ୟନ୍ତ ୭ଟି ସ୍କ୍ୱାଡ୍ ପକ୍ଷରୁ ପ୍ରତ୍ୟହ ଯାଞ୍ଚ କରିବାକୁ ଶନିବାର କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାଶଙ୍କ ନିର୍ଦ୍ଦେଶ କ୍ରମେ ହଷ୍ଟେଲ ଦାୟିତ୍ୱରେ ଥିବା ୱାର୍ଡେନ୍ ପ୍ରଫେସର ଗଣେଶ ସେଠୀଙ୍କ ପକ୍ଷରୁ ଆଜି ବିଧିବଦ୍ଧ ଭାବେ ନୋଟିସ୍ ଜାରି କରାଯାଇଛି। ଗଠିତ ହୋଇଥିବା ସମସ୍ତ ୭ଟି ଯାକ ସ୍କ୍ୱାଡ୍‌ରେ ୧୦ ଜଣ ଲେଖାଏଁ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ରହିବେ। ନିଜ ଟିମ୍ ସହ କ୍ୟାମ୍ପସ୍‌ରେ ଥିବା ସମସ୍ତ ବାଳକ ହଷ୍ଟେଲ ପରିଦର୍ଶନ କରି କୌଣସି ରୁମରେ ଯେପରି ଅଣଛାତ୍ର ପ୍ରବେଶ କରିବେ ନାହିଁ ଏବଂ ଛାତ୍ର ବିଶୃଙ୍ଖଳା ନ ଦେଖାଦେବ ସେଥିପ୍ରତି ଏହି ସ୍କ୍ୱାଡ୍ ନଜର ରଖିବେ। ସେହିପରି ୧୦ ଜଣିଆ ସ୍କ୍ୱାଡ୍ ହଷ୍ଟେଲ ପରିଦର୍ଶନ କରି ହଷ୍ଟେଲରେ କୌଣସି ଅନ୍ତେବାସୀ ବିଶୃଙ୍ଖଳିତ ଆଚରଣ ନକରିବା ଓ ବିଶୃଙ୍ଖଳିତ ଆଚରଣରେ ସାମିଲ ନରହିବା ନେଇ କଡ଼ା ନଜର ରଖିବେ ବୋଲି ଜଣାପଡିଛି।

# ରେଳଷ୍ଟେସନରୁ ଦୁଇ ଗଞ୍ଜେଇ ଚାଲାଣକାରୀ ଗିରଫ

ବ୍ରହ୍ମପୁର,୨୩।୮ (ସମିସ): ବ୍ରହ୍ମପୁର ରେଳଷ୍ଟେସନରୁ ଦୁଇଜଣ ଗଞ୍ଜେଇ ଚାଲାଣକାରୀଙ୍କୁ ସରକାରୀ ରେଳବାଇ ପୁଲିସ (ଜିଆରପି) ଗିରଫ କରିଛି। ସେମାନେ ହେଲେ କନ୍ଧମାଳ ଜିଲ୍ଲାର ସଚିନ ନାୟକ(୩୦) ଓ କେରଳ ରାଜ୍ୟରୁ ଗଞ୍ଜେଇ ନେବା ପାଇଁ ଆସିଥିବା ଫଲିଲୁଲ ରେହେମାନ (୨୫)। ପୁଲିସ ସେମାନଙ୍କ ନିକଟରୁ ପ୍ରାୟ ୨୨କେଜି ଗଞ୍ଜେଇ ଜବତ କରିଛି। ମାମଲା ନଂ.୧୧୬/୨୫ରେ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସଚିନ କନ୍ଧମାଳରୁ ଗଞ୍ଜେଇ ଆଣି ବ୍ରହ୍ମପୁର ରେଳ ଷ୍ଟେସନରେ ରେହେମାନଙ୍କୁ ଦେଇଥିଲେ ସେ ଟ୍ରେନରେ ଚେନ୍ନାଇ ନେଇ ସେଠାରୁ କେରଳ ଚାଲାଣ କରିଥାନ୍ତେ ବୋଲି ପୁଲିସକୁ ଜେରା ବେଳେ କହିଛନ୍ତି। ଗୁରୁବାର ରାତିରେ ଜିଆରପି ପୁଲିସ ପ୍ଲାଟଫର୍ମରେ ପାଟ୍ରୋଲିଂ ବେଳେ ସନ୍ଦେହରେ ଏମାନଙ୍କୁ ଯାଞ୍ଚବେଳେ ଗଞ୍ଜେଇ ମିଳିଥିଲା। ଗଂଜେଇ ଚାଲାଣ ଅଭିଯୋଗରେ ସେମାନଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ବିରୋଧରେ ଅନ୍ୟ କୌଣସି ଥାନାରେ ମାମଲା ରହିଛି କି ନାହିଁ ସେନେଇ ତଦନ୍ତ କରାଯାଉଛି ବୋଲି ଭାରପ୍ରାପ୍ତ ଥାନାଧିକାରୀ ବିକାଶ କୁମାର ପଲାଇ ସୂଚନା ଦେଇଛନ୍ତି।

ବ୍ୟବସାୟୀଙ୍କ ଟାର୍ଗେଟରେ ପୂର୍ବତନ ସରପଞ୍ଚ!

# ରାଜଭବନ ଆଗରୁ ଧାରଣାରୁ ନହଟିଲେ ହତ୍ୟା ଧମକ

ପୋଲସରା,୨୩।୮ (ସମିସ): ପୋଲସରା ଥାନା ଅନ୍ତର୍ଗତ ଧୂଙ୍କାପଡ଼ା ପୂର୍ବତନ ସରପଞ୍ଚ ଆରତୀ ଦେବୀଙ୍କ ପରିବାରକୁ ଜୀବନରୁ ମାରିଦେବାକୁ ଧମକ ମିଳିଛି। ଧମକ ଦେଇଥିବା ଯୁବକ ଜଣକ ହେଲେ କଣଛାଇ ଗ୍ରାମର ସମରକେଶରୀ ଜଗଦ୍ଦେବ ଜେନା ଓରଫ (ଅଳିଆ)। ସୂଚନା ଅନୁଯାୟୀ, ଆଜି ସନ୍ଧ୍ୟା ପ୍ରାୟ ୬ ଟାରେ ଆରତୀ ଦେବୀଙ୍କ ମା' ରମା ଭୂୟାଁ (୬୫) ଘରେ ଥିବା ବେଳେ କଣଛାଇ ଗ୍ରାମର ସମରକେଶରୀ ଜୋରଜବରଦସ୍ତ ଘରେ ପଶି ଗାଳିଗୁଲଜ ସହ ଯଦି ଝିଅ ଆରତୀ ରାଜଭବନ ନିକଟରେ ଦେଇଥିବା ଧାରଣାରୁ ନହଟେ ଓ ଆମ ବ୍ୟବସାୟରେ ଯଦି ମୁଣ୍ଡ ପୁରାଇ ଏପଟସେପଟ କରେ ତାହାଲେ ଝିଅ ସହ ପରିବାରକୁ ସଫା କରିଦେବୁ ବୋଲି ଧମକ ଦେଇଥିଲେ। କେବଳ ଏତିକି ନୁହେଁ ବ୍ୟବସାୟ ପାଇଁ ୫୦ ଲକ୍ଷ ଖର୍ଚ୍ଚ କରିଛୁ ତେଣୁ କେହି ମୁଣ୍ଡ ନପୁରାଇବାକୁ ଧମକ ଦେଇଥିବା ଆରତୀଙ୍କ ମା' ରମା ଭୂୟାଁ ପୋଲସରା ଥାନାରେ ଲିଖିତ ଅଭିଯୋଗ କରି ପୁଲିସ ସୁରକ୍ଷା ଲୋଡ଼ିଛନ୍ତି। ଏନେଇ ପୋଲସରା ଥାନା ଅଧିକାରୀ କୌଶିକ ମାଝୀ ଏତଲା ଗ୍ରହଣ କରି ଧମକ ଦେଇଥିବା ଯୁବକଙ୍କୁ ଥାନାରେ ଅଟକ ରଖିଥିବା କହିଛନ୍ତି। ପ୍ରକାଶ ଯେ, ଧୂଙ୍କାପଡ଼ାର ପୂର୍ବତନ ସରପଞ୍ଚ ଆରତୀ ଦେବୀ ଧୂଙ୍କାପଡ଼ା ନିକଟରେ ଥିବା ଦହିମୁଣ୍ଡିଆ ପାହାଡ଼ରେ ବେଆଇନ ପଥର ବ୍ଲାଷ୍ଟିଂ, ବେଆଇନ ପଥର ଖନନ, କୃଷ୍ଣସାର ମୃଗର ଅବାଧ ଶିକାର ଓ ଗ୍ରାମକୁ ଘେରି ରହିଥିବା ପରିବେଶ ଓ ପଶୁପକ୍ଷୀଙ୍କ ସୁରକ୍ଷା ପାଇଁ ଅଗଷ୍ଟ ୧୦ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସଛନ୍ତି।

ଅଭିଯୁକ୍ତ ଅଳିଆ ଥାନାରେ ଅଟକ

■ ଅଶାନ୍ତ ଲାଞ୍ଜିପଲ୍ଲୀ

# ବୋମା, ଖଣ୍ଡା ଜବତ ଘଟଣାରେ ୧୦ରୁ ଉର୍ଦ୍ଧ୍ୱ ଏବେ ବି ଫେରାର୍

ବ୍ରହ୍ମପୁର,୨୩।୮ (ସମିସ): ବର୍ଷ ଆରମ୍ଭରୁ ଅଶାନ୍ତ ହୋଇଛି ଲାଞ୍ଜିପଲ୍ଲୀ। ଅଞ୍ଚଳରେ ଏକ ହତ୍ୟାକାଣ୍ଡ ଘଟିଥିବାବେଳେ ପ୍ରତିମାସରେ ଏହି ଅଞ୍ଚଳରୁ ଜବତ ହେଉଛି ଖଣ୍ଡା, ବୋମା, ଛୁରୀ। ହତ୍ୟା ମାମଲାରେ ପୁଲିସ ଅଭିଯୁକ୍ତକୁ ଗିରଫ କରିଥିବା ବେଳେ ଡକାୟତି ଓ ହତ୍ୟା ଉଦ୍ୟମ ମାମଲାରେ ସମ୍ପୃକ୍ତ ୧୨ରୁ ଉର୍ଦ୍ଧ୍ୱ ଅଭିଯୁକ୍ତକୁ ପୁଲିସ ଗିରଫ କରିବାରେ ବିଫଳ ରହିଛି। ବର୍ତ୍ତମାନ ବୈଦ୍ୟନାଥପୁର ଥାନା ପୁଲିସ ସ୍କାନରରେ ସେଠୀ କାବୁଲି ଓରଫ ଶ୍ରୀକାନ୍ତ ବେହେରା, ଓମ୍ ସେନାପତି, ଶୁଭମ୍ ବେହେରା, ଆଦିତ୍ୟ କୁମାର, ଟୁବୁ ବେହେରା, ଶ୍ରୀକାନ୍ତ ପଣ୍ଡା, ଅମିତ୍ ପାତ୍ର, ରବି କୁମାର ସମେତ ଏକାଧିକ ଅଭିଯୁକ୍ତ ରହିଛନ୍ତି। ପୁଲିସ ସେମାନଙ୍କ ଟେର୍ ପାଉନି। ସୂଚନା ଯେ, ଗତ ୧୯ ତାରିଖ ରାତିରେ ଆଙ୍କୁଲି ବାଇପାସ୍‌ରେ ଡକାୟତି ଯୋଜନାବେଳେ ୬ ଜଣିଆ ଗ୍ୟାଙ୍ଗର ଜଣେ ସଦସ୍ୟକୁ ପୁଲିସ ଗିରଫ କରିଥିବା ବେଳେ ଅନ୍ୟ ୫ ଅଭିଯୁକ୍ତ ଚମ୍ପଟ ମାରିଥିଲେ। ବୈଦ୍ୟନାଥପୁର ଥାନା ପୁଲିସ ଘଟଣାସ୍ଥଳରୁ ଗୋଟିଏ କାର୍ ସହ କାର୍ ଭିତରେ ଥିବା ୩ଟି ଖଣ୍ଡା, ଗୋଟିଏ ଛୁରୀ ଓ ୫ଟି ବିୟର ବୋତଲ ଜବତ କରି ପାଳିଆ ଛତ୍ରପୁରଗ୍ରାମର ରୂପେଶ ବେହେରାକୁ ଗିରଫ କରିଥିଲା। ରୂପେଶର ସହଯୋଗୀଙ୍କୁ ପୁଲିସ ଏବେ ଖୋଜୁଛି। ସେହିପରି ବୁଧବାର ଅର୍ଥାତ ୨୦ତାରିଖ ଅପରାହ୍ନରେ ଜଣେ ପୁଲିସ ଅଧିକାରୀଙ୍କ ପୁଅ ପ୍ରୀତମ ଚାନ୍ଦ ତ୍ରିପାଠୀ ଓ ତାଙ୍କ ସାଙ୍ଗ ଉତ୍ତମ ମହାନ୍ତିଙ୍କୁ କିଛି ଦୁର୍ବୃତ୍ତ ଆକ୍ରମଣ କରି ବନ୍ଧୁକ ଦେଖାଇ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହି ମାମଲାରେ ପୁଲିସ ୫ ଜଣଙ୍କୁ ଗିରଫ କରିଛି। ଗତ ମାର୍ଚ୍ଚ ୧୫ ତାରିଖ ତଥା ହୋଲି ଦିନ ପପୁନ ସାହୁ ନାମକ ଜଣେ ଯୁବକ ଲାଞ୍ଜିପଲ୍ଲୀ ଚାଣକ୍ୟ ନଗର ଠିକାଦାର ଟି. ରାମଚନ୍ଦ୍ର ପାତ୍ର(୪୭)ଙ୍କୁ ଛୁରିଭୁସି ହତ୍ୟା କରିଥିଲା। ପରେ ପପୁନଙ୍କୁ ପୁଲିସ ଗିରଫ କରିଥିଲା। ରାମଚନ୍ଦ୍ରଙ୍କ ଦ୍ୱାରା ଅପମାନିତ ହୋଇ ହତ୍ୟା କରିଥିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ପପୁନକୁ ଗିରଫ କରିଥିଲା। ଅନ୍ୟପକ୍ଷରେ ଗତ ଜାନୁଆରୀ ମାସରେ ଲାଞ୍ଜିପଲ୍ଲୀ ଖଜୁରିଆ ଜାତୀୟ ରାଜପଥ ନିକଟସ୍ଥ ଏକ ଅର୍ଦ୍ଧନିର୍ମିତ ଘରୁ ଏକ ବ୍ୟାଗରୁ ୭ଟି ବୋମା ଜବତ ଜବତ କରିଥିଲା ପୁଲିସ। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ସ୍ୱରାଜ ବିଷୋୟୀକୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଶ୍ରୀକାନ୍ତ ପଣ୍ଡା, ରବି ଓ ଅମିତ ପାତ୍ରଙ୍କ ସମେତ ଏକାଧିକ ଅଭିଯୁକ୍ତ ଫେରାର ରହିଥିଲେ। ସେବେଠାରୁ ଏହି ଫେରାର ଅଭିଯୁକ୍ତଙ୍କ ଟେର ପାଉନି ପୁଲିସ।

# ଟାଟା ଷ୍ଟିଲର ଗୋପାଳପୁର ଫେରୋ ଆଲଏଜ୍ କାରଖାନାରେ ସ୍ୱଚ୍ଛ ଇନ୍ଧନ ବ୍ୟବହାର

ବ୍ରହ୍ମପୁର,୨୩।୮ (ସମିସ)



ପରିବେଶ ପ୍ରତି ନିଜର ପ୍ରତିବଦ୍ଧତା ଦର୍ଶାଇ ସ୍ୱଚ୍ଛ ଇନ୍ଧନ ଆପଣାଇଛି ଟାଟା ଷ୍ଟିଲର ଗୋପାଳପୁର ଫେରୋ ଆଲଏଜ୍ ପ୍ଲାଣ୍ଟ (ଏଫ୍ଏପି)। କମ୍ପାନୀର ଫେରୋ ଆଲଏଜ୍ ଓ ମିନେରାଲସ ଡିଭିଜନ (ଏଫ୍ଏଏମଡି) ଅଧୀନରେ ଥିବା ଏହି ପ୍ଲାଣ୍ଟରେ ଏବେ ଫର୍ଣ୍ଣେସ୍ ତୈଳ ବଦଳରେ ଆରମ୍ଭ ହୋଇଛି ଲିକ୍ୱିଫାଏଡ୍ ପେଟ୍ରୋଲିୟମ ଗ୍ୟାସ (ଏଲ୍‌ପିଜି)ର ବ୍ୟବହାର। ପ୍ଲାଣ୍ଟର ଉର୍ଜା ଆବଶ୍ୟକତା ପୂରଣ ଲାଗି କମ୍ପାନୀ ପକ୍ଷରୁ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ ଲିମିଟେଡ (ଆଇଓସିଏଲ୍) ସହ ଏକ ବୁଝାମଣା ଅନୁଯାୟୀ ଆଇଓସିଏଲ୍ ଗୋପାଳପୁର ପ୍ଲାଣ୍ଟକୁ ଆବଶ୍ୟକ ପରିମାଣର ଏଲପିଜି ଯୋଗାଇଦେବ। ଏହାଦ୍ୱାରା ପ୍ଲାଣ୍ଟର କାର୍ବନ ନିର୍ଗମନ ଉଲ୍ଲେଖନୀୟ ଭାବେ ହ୍ରାସ ପାଇବା ସହ ପରିଚାଳନାଗତ ଦକ୍ଷତା ବୃଦ୍ଧି ପାଇବ। ଏହି ଦୀର୍ଘସ୍ଥାୟୀ ଉପକ୍ରମ କମ୍ପାନୀର ପରିବେଶ ପ୍ରତି ରହିଥିବା ପ୍ରତିବଦ୍ଧତା ଦର୍ଶାଇବା ସହ ପାରମ୍ପରିକ ତୈଳ ଉପରେ ନିର୍ଭରଶୀଳତା କମ କରିବା ପାଇଁ ଶିଳ୍ପ ସହଭାଗିତାକୁ ଆହୁରି ସୁଦୃଢ଼ କରୁଛି। ପ୍ଲାଣ୍ଟ ପରିସରରେ ଏହି ଉପକ୍ରମର ଶୁଭାରମ୍ଭ କରିବା ଅବସରରେ ଟାଟା ଷ୍ଟିଲ ଏଫ୍ଏଏମଡିର ଏକ୍‌ଜିକ୍ୟୁଟିଭ ଇନଚାର୍ଜ ପଙ୍କଜ ସତିଜା କହିଛନ୍ତି ଯେ, "ଏଫ୍ଏପି ଗୋପାଳପୁରରେ ଫର୍ଣ୍ଣେସ୍ ତୈଳ ବଦଳରେ ଏଲପିଜି ବ୍ୟବହାରର ଶୁଭାରମ୍ଭ କରି ଆମେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛୁ। କାର୍ବନ ନିର୍ଗମନ ହ୍ରାସ ପାଇଁ ଆମର ଏହି ସ୍ୱଚ୍ଛ ଇନ୍ଧନ ଯାତ୍ରାରେ ଇଣ୍ଡିଆନ୍ ଅଏଲ୍ ସହ ଭାଗିଦାରୀ ନେଇ ଆମେ ଅତ୍ୟନ୍ତ ଖୁସି। ଏହି ଉପକ୍ରମଦ୍ୱାରା କ୍ଷତିକାରକ ସଲ୍‌ଫର୍ ଅକ୍ସାଇଡ୍ ହ୍ରାସ ହେବ ଓ ସବୁଜ ଶିଳ୍ପ ଭବିଷ୍ୟତ ପ୍ରତି ଭାରତର ଯାତ୍ରାରେ ଆମର ଅବଦାନ ସୁନିଶ୍ଚିତ ହୋଇପାରିବ। ଏହି ଏଲପିଜି ସୁବିଧା ସ୍ଥାପନ ଦ୍ୱାରା କାରଖାନାରେ କ୍ରୋମ ବ୍ରିକ୍‌ୱେଟ ଉତ୍ପାଦନ ପାଇଁ କ୍ରୋମ ପଥର ପ୍ରିହିଟିଂରେ ସ୍ୱଚ୍ଛ ଇନ୍ଧନ ବ୍ୟବହାର କରାଯିବ।

କାର୍ବନ୍ ଫୁଟ୍‌ପ୍ରିଣ୍ଟ ହ୍ରାସ ପାଇଁ କମ୍ପାନୀର ସବୁଜ ଉପକ୍ରମ

ପ୍ରାକୃତିକ ଗ୍ୟାସ୍ ଜରିଆରେ ଫର୍ଣ୍ଣେସ ତୈଳ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ। ଏହା ସ୍ୱଚ୍ଛ ଓ ଦୀର୍ଘସ୍ଥାୟୀ ଶିଳ୍ପ ପରିଚାଳନା ଦିଗରେ ଏକ ରୂପାନ୍ତରଣ ପଦକ୍ଷେପ। ଏଲପିଜି ବ୍ୟବହାର ଦ୍ୱାରା କାରଖାନାର କାର୍ବନ ଫୁଟ୍‌ପ୍ରିଣ୍ଟ ଉଲ୍ଲେଖନୀୟ ଭାବେ ହ୍ରାସ ପାଇବ। ପରିବେଶଗତ ଲାଭ ବ୍ୟତୀତ ଏହାଦ୍ୱାରା ଖର୍ଚ୍ଚରେ ସୁଧାର ଆସିବ ଏବଂ କାରଖାନାରେ ପରିଚାଳନାଗତ ଦକ୍ଷତା ମଧ୍ୟ ବୃଦ୍ଧି ପାଇବ। ଏଫ୍ଏପି ଗୋପାଳପୁରଠାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ସମାରୋହରେ ଏଫ୍ଏଏମଡି ପରିଚାଳନା ମୁଖ୍ୟ (ଫେରୋ ଆଲଏଜ୍ ପ୍ଲାଣ୍ଟ) ବି ଡି ନନ୍ଦ, ଏଫ୍ଏପି ଗୋପାଳପୁରର ମୁଖ୍ୟ କିଶୋର ବରନ ମାଇଟି, ଏଫ୍ଏପି ଓ ଏଫପିସିର ସୁରକ୍ଷା ମୁଖ୍ୟ ଅଟଲା ରାମବାବୁ ଓ ଟାଟା ଷ୍ଟିଲ ଏଫ୍ଏଏମ୍‌ଡିର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

■ ଷୋଳମପୁରକୁ ବିପଦ

# ଧସିଲା ବ୍ୟାରେଜ ସଂଲଗ୍ନ ବୈତରଣୀ ନଦୀବନ୍ଧ



ବାରିକପୁର,୨୩।୮ (ସମିସ): ପୂର୍ବରୁ ଅଞ୍ଚଳବାସୀ ଯାହା ଅନୁମାନ କରିଥିଲେ ତାହା ଏବେ ବାସ୍ତବ ରୂପ ନେଇଛି। ମନୁଷ୍ୟକୃତ ବୈତରଣୀ ନଦୀର ଗତିପଥ ବଦଳାଇ ବ୍ୟାରେଜ ନିର୍ମାଣ ହେବା ପରେ ଏବେ ଏହା ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ବାସୀଙ୍କ ପାଇଁ ବିପଦ ଆଣିଛି। ସୂଚନା ମୁତାବକ, ପଞ୍ଚାୟତ ଅନ୍ତର୍ଗତ ମଣୀନାଥପୁରଠାରୁ ଯାଜପୁର ସହରାଞ୍ଚଳ ଅଧୀନ ବରାହନାଥକୁ ସଂଯୋଗ କରୁଛି ନବନିର୍ମିତ ବ୍ୟାରେଜ। ସରକାରଙ୍କ ପକ୍ଷରୁ ଜଳସମ୍ପଦ ବିଭାଗ ଜରିଆରେ କୋଟି କୋଟି ଟଙ୍କା ବ୍ୟୟ କରାଯାଇ ଓସିସି ଦ୍ୱାରା ଏହାର ନିର୍ମାଣ କାର୍ଯ୍ୟ ହୋଇଥିବା ବେଳେ ଏବେ ବ୍ୟାରେଜକୁ ନେଇ ବିପଦ ସୃଷ୍ଟି ହୋଇଛି। ନଦୀରେ ଆଜି ଚଳିତ ବର୍ଷର ତୃତୀୟ ବନ୍ୟା ଜଳ ପ୍ରବାହିତ ହେଉଥିବା ବେଳେ ବ୍ୟାରେଜ ସଂଲଗ୍ନ ବୈତରଣୀ ବନ୍ଧର ବାମ ପାର୍ଶ୍ୱରେ ପ୍ରାୟ ୧୦୦ ଫୁଟ ଦୈର୍ଘ୍ୟ ବିଶିଷ୍ଟ ସ୍ଥାନ ଧସି ଯାଇଛି। ବିନ୍ଧାଣ ରାଜସ୍ୱ ଗ୍ରାମ ଅଧିନସ୍ଥ ବ୍ୟାରେଜକୁ ଲାଗି ଅତି ବେପରୁଆ ଭାବେ କାର୍ଯ୍ୟ ହୋଇଥିବା ସ୍ଥାନରେ ମାଟି ଓ ପଥର ନଦୀ ମଧ୍ୟକୁ ଖସି ଯାଇଛି। ବନ୍ୟା ପାଣି ଏବେ ବୃଦ୍ଧି ପାଉଥିବା ବେଳେ ନଦୀବନ୍ଧ ଆହୁରି ଦୁର୍ବଳ ହେବାର ଆଶଙ୍କା ଦେଖାଦେଇଛି। ଯାହାକୁ ନେଇ ପଞ୍ଚାୟତବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ନବନିର୍ମିତ ବ୍ୟାରେଜ ନିକଟରେ ନଦୀର ଅବସ୍ଥା ଏଭଳି ହୋଇଛି ଯେ କେତେବେଳେ ଯେ ଘାଇ ସୃଷ୍ଟି ହୋଇଯିବ କହି ହେଉନାହିଁ। ସ୍ଥାନୀୟ ଅଞ୍ଚଳର ଶହଶହ ଜନସାଧାରଣ ଏବେ ଧସିଥିବା ସ୍ଥାନରେ ପହଞ୍ଚିଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କେହି ଏଯାଏଁ ଘଟଣା ସ୍ଥଳରେ ପହଞ୍ଚିନାହାନ୍ତି। କେବଳ ଫୋନ୍ ଜରିଆରେ ନଦୀବନ୍ଧ ଓ ତଡିରେ ଜରିପାଲ ପକାଇବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଆସିଥିବା ଜଣାପଡିଛି। ବନ୍ୟା ଜଳକୁ ପ୍ରତିହତ କରିବା ପାଇଁ ଜଳସମ୍ପଦ ବିଭାଗର ପଲିଥିନ ଆବରଣ ଯୋଜନା ହଜାର ହଜାର ଜନସାଧାରଣଙ୍କୁ ଉପହାସ ସଦୃଶ ହୋଇଛି। ଏହା ନଦୀବନ୍ଧ କେତେ ସୁରକ୍ଷିତ ତାହାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ପାଲା କଳାକାରଙ୍କ ସ୍ମୃତି ଚାରଣ



ବାରିକପୁର,୨୩।୮(ସମିସ): ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀଠାରେ ବରିଷ୍ଠ ପାଲା କଳାକାର ତଥା ମୃଦଙ୍ଗ ବାଦକ ଲୋକନାଥ ରଣାଙ୍କ ଏକାଦଶାହ ଶ୍ରଦ୍ଧାଞ୍ଜଳି ସଭା ରାଜକିଶୋର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଭଦ୍ରକ ଜିଲ୍ଲା ପାଲା ଗାୟକ ସଂଘ ସଭାପତି ସୁବାସ ଚନ୍ଦ୍ର ମଲ୍ଲିକ, ଅଧ୍ୟାପକ ହରିହର ପାଣିଗ୍ରାହୀ, ବରିଷ୍ଠ ଯୁବ ଗାୟକ ରବିନ୍ଦ୍ର କୁମାର ଜେନା, ପ୍ରାଣକୃଷ୍ଣ ସାହୁ, ଦୁଃଶାସନ ବାରିକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରଣାଙ୍କ ଜୀବନ ବ୍ୟାପି ସାଧନା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗାୟକ ନିରଞ୍ଜନ ବାରିକ, ଘନଶ୍ୟାମ ଜେନା, କବିତା ରାଣୀ ଦେ, ବନମାଳି ସାହୁ, ଶମ୍ଭୁନାଥ ରାଉତ, ବାମନ ଚରଣ ପଣ୍ଡା, ଗୌରାଙ୍ଗ ଚରଣ ରାଉତ, ସୁଶାନ୍ତ ରାଉତ, ବନମାଳି ରାଉତ ପ୍ରମୁଖ ସ୍ମୃତି ଚାରଣ କରିଥିଲେ। ଏହାଛଡା ବୋହୁ ପାଲା ଅନୁଷ୍ଠାନର କର୍ମକର୍ତ୍ତା, ଗାୟକ, ବାୟକ ଏଥିରେ ଯୋଗ ଦେଇଥିଲେ। ଶରତଚନ୍ଦ୍ର ରଣା, ଅର୍ଜୁନ ରଣା, ଲକ୍ଷ୍ମୀଧର ରଣା ପ୍ରମୁଖ ପରିଚାଳନା କରିଥିଲେ।

ଆୟୁଷ୍ମାନ ବରଦାନ ନା ଅଭିଶାପ ?

# ତ୍ରୁଟିପୂର୍ଣ୍ଣ କାର୍ଡ; ଚିକିତ୍ସାରୁ ବଞ୍ଚିତ ଗୁରୁତର ହୃଦ୍‌ରୋଗୀ

ଭଦ୍ରକ, ୨୩।୮ (ସମିସ):







ବାପାଙ୍କ ନାଁରେ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ। ଆଉ କାର୍ଡରେ ଥିବା ଫଟୋ ଓ ବୟସ ବି ପୁଅର। ଏଭଳି ଅଭାବନୀୟ ତ୍ରୁଟି ପାଇଁ ପୋର୍ଟାଲ ସିଷ୍ଟମକୁ ସବୁ ଦାୟୀ ଦର୍ଶାଇ ଖସି ଯାଉଛନ୍ତି। ତେବେ ଏହି ତ୍ରୁଟି ସୁଧାର ନେଇ କିଛି ପଦକ୍ଷେପ ନେଉ ନାହାନ୍ତି। ଫଳରେ ଜଣେ ବୟସ୍କ ଗୁରୁତର ହୃଦରୋଗୀ ଚିକିତ୍ସା(ଅପରେସନ) ରୁ ବଞ୍ଚିତ ହୋଇ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଖାପରପଦା ପଞ୍ଚାୟତ ଖାପରପଦା ଗାଁରେ। ଏହି ଗାଁର ସୁନନ୍ଦ ସାହୁ(୫୯) ଜଣେ ଅଭାବୀ ମଣିଷ। ସୁନନ୍ଦ ଗତ ୨୦୨୩ରେ ହୃଦରୋଗରେ ଶିକାର ହେଲେ। ଡାକ୍ତର ତାଙ୍କ ହାର୍ଟରେ ଷ୍ଟେନ ଲାଗିବାକୁ ପରାମର୍ଶ ଦେଲେ। ଗତ ୨୦୨୩ ଅଗଷ୍ଟ ୧୨ ତାରିଖରେ ସୁନନ୍ଦ ତାଙ୍କ ବିଏସକେୱାଇ କାର୍ଡରେ କଟକ ଅଶ୍ୱିନୀ ହସ୍ପିଟାଲରେ ହାର୍ଟ ଅପରେସନ ହୋଇଥିଲେ। ତାଙ୍କର ୨ଟି ଷ୍ଟେନ ଲାଗିଥିଲା। ପରେ ସେ ସୁସ୍ଥ ହୋଇ ଘରକୁ ଫେରିଥିଲେ। ନିକଟରେ ସୁନନ୍ଦଙ୍କ ଛାତିରେ ପ୍ରବଳ ଯନ୍ତ୍ରଣା ହେବାରୁ ପୁନର୍ବାର ଅଶ୍ୱିନୀ ହସ୍ପିଟାଲକୁ ଯାଇ ହୃଦରୋଗ ବିଶେଷଜ୍ଞଙ୍କୁ ଦେଖାଇବାରୁ ପୁନର୍ବାର ଷ୍ଟେନ ଲାଗିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। କେ-ୱାଇସି ଦେଇ ସୁନନ୍ଦ ହାସଲ କରିଥିବା ଆୟୁଷମାନ ସ୍ୱାସ୍ଥ୍ୟ କାର୍ଡ ଦେଇ ଚିକିତ୍ସିତ ହେବାକୁ ଯାଇଥିଲେ। ତେବେ ଉକ୍ତ କାର୍ଡ଼ରେ ତ୍ରୁଟି ଥିବା ଦର୍ଶାଇ ଏଥିରେ ଚିକିତ୍ସା ହୋଇପାରିବ ନାହିଁ ବୋଲି ରୋକଠୋକ ମନା କରିଥିଲେ। ସୁନନ୍ଦଙ୍କ ଆୟୁଷମାନ କାର୍ଡ଼ରେ ତାଙ୍କ ନାଁ ଥିବା ବେଳେ ଫଟୋ ବୟସ ତାଙ୍କ ପୁଅ ବିଜୟ ସାହୁଙ୍କ ଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଉକ୍ତ କାର୍ଡ ପାଇଁ ଇ-କେୱାଇସି ବେଳେ ନିଜେ ସୁନନ୍ଦ ନିଜ ଫିଙ୍ଗର ପ୍ରିଣ୍ଟ ଦେଇଥିବା ବେଳେ ତାଙ୍କ ପୁଅ ବିଜୟର ଆଧାର ଲିଙ୍କ, ଫଟୋ ଓ ବୟସ କିଭଳି ରହିଲା ଏଥିନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହି ତ୍ରୁଟି ଯୋଗୁଁ ଦୀର୍ଘ ୧୫ଦିନ ହେବ ଜିଲାପାଳଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ପର୍ଯ୍ୟନ୍ତ ନିଜ ଆୟୁଷମାନ କାର୍ଡର ତ୍ରୁଟି ସଂଶୋଧନ ଲାଗି ଦୌଡ଼ି ଦୌଡ଼ି ନିରାଶ ହୋଇଛନ୍ତି ସୁନନ୍ଦଙ୍କ ପରିବାର ଲୋକ। ଯନ୍ତ୍ରଣାରେ ଛଟପଟ ହୋଇ ଅଧିକରୁ ଅଧିକ ଗୁରୁତର ହୋଇ ପଡିଛନ୍ତି ହୃଦରୋଗୀ ସୁନନ୍ଦ। ଅନ୍ୟପକ୍ଷରେ ଏହି ବ୍ୟୟବହୁଳ ଅପରେସନ ଲାଗି ସୁନନ୍ଦଙ୍କ ପାଖରେ ଅର୍ଥ ବି ନାହିଁ। ଏହି ଚିନ୍ତାରେ ତାଙ୍କ ପରିବାର ଲୋକେ ଏବେ ଭାଙ୍ଗି ପଡିଛନ୍ତି। ରାଜ୍ୟ ସରକାର ସ୍ୱାସ୍ଥ୍ୟ ପାଇଁ ବରଦାନ "ଆୟୁଷ୍ମାନ' କାର୍ଡ ବୋଲି ପ୍ରଚାର କରୁଥିବା ବେଳେ ହୃଦରୋଗୀ ସୁନ୍ଦନ ଯନ୍ତ୍ରଣା ଛଟପଟ ହୋଇ ମୃତ୍ୟୁ ସହ ସଂଗ୍ରାମ କରିବା ଏଥିପ୍ରତି ଉପହାସ ବୋଲି ସାଧାରଣରେ ଆଲୋଚନା ହେଉଛି। ଏଦିଗରେ ଜିଲ୍ଲା ପ୍ରଶାସନ ଗୁରୁତର ସହ ଦୃଷ୍ଟି ଦେବାକୁ ସାଧାରଣରେ ନିବେଦନ କରାଯାଇଛି।

# ଶ୍ରମିକ ନେତା ପ୍ରତାପ ପଣ୍ଡାଙ୍କ ଶ୍ରାଦ୍ଧୋତ୍ସବ ଓ ସମ୍ବର୍ଦ୍ଧନା ସମାରୋହ





ଭଦ୍ରକ, ୨୩।୮ (ସମିସ): ସର୍ବଭାରତୀୟ ଶ୍ରମିକ ନେତା ତଥା ବିଏମ୍‌ଏସ୍‌ର ରାଷ୍ଟ୍ରୀୟ କାର୍ଯ୍ୟକର୍ତ୍ତା, ଅଖିଳ ଭାରତୀୟ ଖଣିଜ ଧାତୁ ମଜଦୁର ମହାସଂଘର ରାଷ୍ଟ୍ରୀୟ ସହସମ୍ପାଦକ ସ୍ୱର୍ଗତ ପ୍ରତାପ ପଣ୍ଡାଙ୍କ ୧୪ତମ ଶ୍ରାଦ୍ଧ ସମାରୋହ ଭଦ୍ରକ ସହରସ୍ଥିତ ଶହୀଦ୍ ସ୍ମୃତି ଭବନ (ଟାଉନ ହଲ)ଠାରେ ଆଜି ଅନୁଷ୍ଠିତ ହୋଇଯାଇଛି। ପ୍ରତାପ ପଣ୍ଡା ସ୍ମୃତି ସଂସଦ ଆନୁକୂଲ୍ୟରେ ଟାଉନହଲ (ଶହୀଦ୍ ସ୍ମୃତି ଭବନ)ରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ମୃତିସଂସଦର ସଭାପତି ପୂର୍ଣ୍ଣଚନ୍ଦ୍ର ଖିଲାରଙ୍କ ପୌରୋହିତ୍ୟ ଏବଂ ପ୍ରଧାନଶିକ୍ଷକ ବିଜୟ ମିଶ୍ରଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ବିଜେପି ରାଜ୍ୟ ସଭାପତି ତଥା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ବରେଣ୍ୟ ଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ନବୀନ ଦାସ, ବିଶିଷ୍ଟ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ବିଏମ୍‌ଏସ୍ ରାଜ୍ୟ ସଭାପତି ଯୋଗ ଦେଇଥିଲେ। ସଂଘୀୟ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇ ଏକ ସଡ଼କ ଦୁର୍ଘଟଣାରେ ୨୦୧୧ ମସିହା ଅଗଷ୍ଟ ୨୩ ତାରିଖରେ ତାଙ୍କର ନାଗପୁରଠାରେ ଦେହାନ୍ତ ହୋଇଥିଲା। ପ୍ରତାପ ପଣ୍ଡା ମଧ୍ୟ ସ୍ୱଳ୍ପ ସମୟ ମଧ୍ୟରେ ସମଗ୍ର ଦେଶ ପାଇଁ ଶ୍ରମିକ ସଂଗଠନ ଜରିଆରେ ମହନୀୟ ବାର୍ତ୍ତା ଛାଡ଼ି ଯାଇଛନ୍ତି ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଉପଲକ୍ଷେ ଗତ ୨୦ ତାରିଖରେ ଚିଙ୍ଗୁଡ଼ିପୁର ଗ୍ରାମର ଚିଙ୍ଗୁଡ଼ିଶୁଣି ମନ୍ଦିର ରାସ୍ତାରେ ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରାଯାଇଥିଲା। ବିଶିଷ୍ଟ ପ୍ରତିଭା ଭାବେ ବିଶିଷ୍ଟ ଉଦ୍ୟୋଗପତି ଭାବେ ମନୋଜ ନାୟକ, ଶିକ୍ଷକ ସମରେନ୍ଦ୍ର ମିଶ୍ର, ପୂର୍ବତନ ବିଏମ୍‌ଏସ୍‌ର ଜିଲ୍ଲା ସମ୍ପାଦକ ତଥା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଗଠନର ସଦସ୍ୟ ବିଜୟ ଭୂଷଣ ନାୟକ, ଭଦ୍ରକ ଜିଲ୍ଲା ଅଙ୍ଗନବାଡ଼ି ସଂଘର ପ୍ରମିଳା ପାଢ଼ୀ, ସମାଜସେବୀ ପାର୍ଥସାରଥୀ ନାୟକ, ଆଦର୍ଶ କୃଷକ ଉଦୟନାଥ କର, କୃତୀ ଛାତ୍ର ସଦାନନ୍ଦ ପଣ୍ଡା ପ୍ରମୁଖଙ୍କୁ ସଂସଦ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ୬୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ଭାରତୀୟ ମଜଦୁର ସଂଘ ଜିଲ୍ଲା ସଭାପତି ମନୋଜ ବସନ୍ତରାୟ, ସମ୍ପାଦକ ପରେଶନାଥ ଧଳ, ବସନ୍ତ ରାଉତ, କମଳାକାନ୍ତ ସାହୁ, ଅଶୋକ ନାୟକ, ବିଶ୍ୱନାଥ ଜେନା, ଲକ୍ଷ୍ମୀପ୍ରିୟା ପାତ୍ର, ସନ୍ଧ୍ୟାରାଣୀ ପହି, ବସନ୍ତ ବଳ, ତପନ ପାତ୍ର, ଯୋଗେଶ୍ୱର ଦାସ, ବିକାଶ ସାମଲ, ଶାନ୍ତନୁ ମହାପାତ୍ର, ରାମଚନ୍ଦ୍ର ରାଉତ, ସୁରେନ୍ଦ୍ର ନାୟକ, ପ୍ରଦୀପ ପଣ୍ଡା, ଅରୁଣ ଖିଲାର, ପୂର୍ଣ୍ଣଚନ୍ଦ୍ର ସେଠୀ, ଜୀବନ ପଣ୍ଡା, ଜ୍ୟୋତିପ୍ରକାଶ ଦାସ, ନିର୍ମଳ ସ୍ୱାଇଁ, ବିଜୟ ଖିଲାର, ଗଣେଶ୍ୱର ସାହୁ, ଅମୂଲ୍ୟ ନାୟକ, ଯଦୁମଣି ପାଣିଗ୍ରାହୀ, ଭ୍ରମର ନାୟକ, ସ୍ମିତା ନାୟକ, ମମତା ବାରିକ ପ୍ରମୁଖ ପରିଚାଳନା କରିଥିଲେ। ସମ୍ପାଦକ ଡାକ୍ତର ରବୀନ୍ଦ୍ର ପଣ୍ଡା ପାଥମିକ ସୂଚନା, ସୁରେଶ ସାମଲ ଅତିଥି ପରିଚୟ, ଯୋଗେଶ୍ୱର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁକ୍ତିକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସୂର୍ଯ୍ୟସ୍ନାତା ବସନ୍ତରାୟ, ଚିରଞ୍ଜିବ ପଣ୍ଡା, ସାଇ ଜନ୍ମେଜୟ ମିଶ୍ର ସହଯୋଗ କରିଥିଲେ।

■ ପଡ଼ି ରହିଛି କଚ୍ଚା ରାସ୍ତା

# ପକ୍କା ଉପରେ ହେଉଛି ପୁଣି ପକ୍କା ରାସ୍ତା ନିର୍ମାଣ

ଦୋଳସାହି, ୨୩।୮ (ସମିସ): ଦୁର୍ନୀତିର ଗନ୍ତାଘର ପାଲଟିଛି ତିହିଡି ବ୍ଲକ ଗୁଆମାଳ ପଞ୍ଚାୟତ। ବିଭିନ୍ନ ସ୍ଥାନରେ କଚ୍ଚା ରାସ୍ତା ଦୀର୍ଘବର୍ଷ ଧରି ବିପର୍ଯ୍ୟସ୍ତ ଅବସ୍ଥାରେ ପଡି ରହିଥିବା ବେଳେ ପକ୍କା ରାସ୍ତା ଉପରେ ପକ୍କା ରାସ୍ତା ନିର୍ମାଣ ହେଉଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ



ପାଇଛି। ଏଦିଗରେ ଭିଜିଲାନ୍ସ ତଦନ୍ତ ଲାଗି ଦାବି ଉଠିଛି। ସୂଚାନଯୋଗ୍ୟ, ଗୁଆମାଳ ପଞ୍ଚାୟତ ରେ ବିଭିନ୍ନ ସ୍ଥାନରେ ମାଟି ବା କଚ୍ଚା ରାସ୍ତା ବିପର୍ଯ୍ୟସ୍ତ ଅବସ୍ଥାରେ ଥିଲେ ବି ସେଗୁଡିକୁ ବହୁ ଦାବି ପରେ ପକ୍କା କରାଯାଉଥିବା ଦେଖିବାକୁ ମିଳିଛି। ଏହି ପଞ୍ଚାୟତର ଝାଡ଼ପଟା ଗାଁରେ ଦୀର୍ଘ ବର୍ଷ ଧରି ମାଟି ରାସ୍ତା ପଡି ରହିଥିବା ବେଳେ ଏହି ଗ୍ରାମ ସମେତ ସମସ୍ତ ୱାର୍ଡରେ ପକ୍କା ରାସ୍ତା ଉପରେ ପକ୍କା ରାସ୍ତା କାର୍ଯ୍ୟ ନିମ୍ନମାନର ନିର୍ମାଣ କରାଇ ନେତାରୁ ଯନ୍ତ୍ରୀ ସବୁ ମାଲେମାଲ ହେଉଥିବା ଅଭିଯୋଗ ହୋଇଛି। ଏହି ପଞ୍ଚାୟତର ସମାଜସେବୀ ଘନଶ୍ୟାମ ମିଶ୍ର ସୂଚନା ଅଧିକାର ଆଇନ ବଳରେ ବିଭିନ୍ନ ପ୍ରକାରର ଦୁର୍ନୀତି ସମ୍ପର୍କରେ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିବା ପରେ ରାଜନୀତି ସରଗରମ ହେଉଥିଲା ବେଳେ ପ୍ରଶାସନର ମୁଣ୍ଡ ବ୍ୟଥାର କାରଣ ପାଲଟିଥିବା ଅଲୋଚନା ହେଉଛି।

# ୬ ବେଆଇନ ବାଲି ଟ୍ରକ୍ ଜବତ



ବାରିକପୁର, ୨୩।୮(ସମିସ): ଭଣ୍ଡାରିପୋଖରୀ ଥାନା ପକ୍ଷରୁ ଛ'ଗୋଟି ବେଆଇନ ବାଲି ଟ୍ରକ ଜବତ କରାଯାଇଛି। ୧୨ ଓ ୧୪ ଚକିଆ ହାଇୱା ଟ୍ରକଗୁଡ଼ିକ ବୈତରଣୀ ନଦୀ ସମେତ ଆଖପାଖ ଅଞ୍ଚଳରୁ ବେଆଇନ ବାଲି ପରିବହନ କରୁଥିବା ବେଳେ ପୁଲିସ ଏହାକୁ ଧରିଥିଲା। ଗତ ଶୁକ୍ରବାର ଓ ଶନିବାର ବିଳମ୍ବିତ ରାତିରେ ପୁଲିସ ବେଆଇନ ବାଲି ଗାଡିଗୁଡ଼ିକୁ ପାଳଦା ମଣୀନାଥପୁର, ଛତାବର ବଳିଘାଇ ଓ ଜାତୀୟ ରାଜପଥ ଉପରୁ ଧରିଥିବା ଜଣାପଡିଛି। ଏନେଇ ଥାନା ପକ୍ଷରୁ ମାମଲା ରୁଜୁ କରାଯାଇଛି। ଏଠାରେ ସୂଚିତ ବେଆଇନ ପରିବହନକୁ ରୋକିବା ପାଇଁ ଜିଲ୍ଲା ଖଣି ନିଗମ, ତହସିଲ ଓ ଥାନା ପକ୍ଷରୁ ମିଳିତ ଭାବେ ଚେଷ୍ଟା କରାଯାଇଥିଲେ ସୁଦ୍ଧା ତାହା ଏଯାଏଁ ସମ୍ଭବ ହେଉନାହିଁ। ନଦୀର ବାଲି ପୋଖରୀ, ବନ୍ଧାଳମଢିଆଳି, ବାବଲପୁର, ଜଗନ୍ନାଥପ୍ରସାଦ ପ୍ରମୁଖ ସ୍ଥାନରୁ ଟ୍ରାକ୍ଟର ଯୋଗେ ବେଆଇନ ବାଲି ପରିବହନ ହେଉଥିବା ବେଳେ କେତେକ ସ୍ଥାନରେ ଗଚ୍ଛିତ ଥିବା ବାଲିକୁ ବେପାରୀମାନେ ଟ୍ରକ ଯୋଗେ ଚାଲାଣ କରୁଛନ୍ତି। ଏହାଛଡା ବୈତରଣୀ ଶାଖା ବୁଢା ନଦୀରୁ ମଧ୍ୟ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଇ ଏହି ପଥ ଦେଇ ଭଦ୍ରକ ଓ ବାଲେଶ୍ୱରକୁ ମଧ୍ୟ ଚାଲାଣ କରା ଯାଉଥିବା ସୂଚନା ମିଳିଛି। ଯାହାକୁ ରୋକିବା ପ୍ରଶାସନ ପକ୍ଷେ ଚ୍ୟାଲେଞ୍ଜ ପାଲଟିଛି।

ଧାମରା ବନ୍ଦରରେ ପରିବହନ କ୍ଷେତ୍ରରେ ଅସମତା ପ୍ରସଙ୍ଗ

# ଭଦ୍ରକ ଜିଲ୍ଲା ଟିପର-ଡମ୍ପର ମାଲିକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ଭଦ୍ରକ, ୨୩।୮ (ସମିସ):



ଧାମରା ବନ୍ଦର କମ୍ପାନୀ ଲିମିଟେଡ୍ ପରିବହନ କ୍ଷେତ୍ରରେ ସ୍ଥାୟୀତ୍ୱର ଆକାଂକ୍ଷାକୁ ପୂରଣ କରିବାରେ ବିଫଳ ହୋଇଛି। ଫଳରେ ଧାମରା ବନ୍ଦରରେ ପରିବହନ ଜନିତ କର୍ମଯୋଗାଣ କ୍ଷେତ୍ରରେ ବିପର୍ଯ୍ୟସ୍ତ ଦେଖାଦେଇଛି ବୋଲି ଭଦ୍ରକ ଜିଲା ଟିପର /ଡମ୍ପର ମାଲିକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି। ବିଶେଷକରି ପରିବହନ ସାମଗ୍ରୀର ତୁରନ୍ତ ପୁନଃ ବଣ୍ଟନ ପାଇଁ ନିର୍ଦ୍ଦେଶ ଦେବାକୁ ଆଜି ଭଦ୍ରକ ଟିପର(ଡମ୍ପର) ମାଲିକ ସଂଘ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଧାମରା ବନ୍ଦରର ଏଭଳି ନୀତି ଯୋଗୁଁ ଭଦ୍ରକର ଅଧିକାଂଶ ଟିପର ମାଲିକମାନେ ସମ୍ମୁଖୀନ ହେଉଥିବା ଗୁରୁତର ଆର୍ଥିକ ସଂକଟ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଯାହା ଜଣାଯାଏ ଧାମରା ବନ୍ଦର ନିର୍ମାଣ କ୍ଷେତ୍ରରେ ବନ୍ଦରର ପ୍ରତିଷ୍ଠା ସହିତ ମୁଖ୍ୟତଃ ପରିବହନକୁ ବୃଦ୍ଧି କରିବା ଏବଂ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରି ବେକାରୀ ସମସ୍ୟା ଦୂରୀକରଣ ପାଇଁ ଆଶା ପୋଷଣ କରାଯାଇଥିଲା। କିନ୍ତୁ ତାହା ଏବେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ପାଇଁ ସେମାନଙ୍କ ଲାଭଜନକ ବ୍ୟବସାୟରେ ପରିଣତ ହୋଇଛି। ଜିଲ୍ଲାପାଳଙ୍କ ନିକଟରେ କରାଯାଇଥିବା ଅଭିଯୋଗ ମୂଳେ ୨୦୧୦ ରେ ଧାମରା ବନ୍ଦର କାର୍ଯ୍ୟକ୍ଷମ ହେବା ପରଠାରୁ ଭଦ୍ରକରେ ଟିପର/ଡମ୍ପର/ ଟ୍ରକ୍ ସଂଖ୍ୟାରେ ନିରନ୍ତର ବୃଦ୍ଧି ଘଟିଛି। ଫଳରେ ଆଶା କରାଯାଉଛି ଯେ ସେମାନେ କାର୍ଗୋ ପରିଚାଳନାରେ ମାଲ୍ ପରିବହନ କ୍ଷେତ୍ରରେ ନିୟୋଜିତ ହେବେ। ଗତ କିଛିବର୍ଷ ମଧ୍ୟରେ ପରିବହନ କାର୍ଯ୍ୟର ୬୦ ପ୍ରତିଶତରୁ ଅଧିକ ୨ଟି ସ୍ଥାନୀୟ ସଂଘକୁ ବଣ୍ଟନ କରାଯାଇଥିବାବେଳେ ଅବଶିଷ୍ଟ ଅଂଶ ଦୁଇଟି ସ୍ଥାନୀୟ ସଂଘକୁ ଦିଆଯାଇଛି। ଯେତେବେଳେକି ବଳକା ଅଂଶ ହାତେଇ ନେଇଥିବା କିଛି ମୁଷ୍ଟିମେୟ ଅନ୍ୟ ସଂଘ ତାହାକୁ ଅକ୍ତିଆର କରିନେଇଛନ୍ତି। ଏହି ଏକପାଖିଆ ବ୍ୟବସ୍ଥା ଜିଲାର ଆଶାୟୀ ଓ ଆକାଂକ୍ଷୀ ଟିପର ମାଲିକଙ୍କ ମଧ୍ୟରେ ଘୋର ନିରାଶ ସୃଷ୍ଟି କରିଛି। ଯାହା ଜଣାଯାଏ ଜିଲା ପ୍ରଶାସନ କିମ୍ବା ବନ୍ଦର ପରିଚାଳନା କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ଅଭାବରୁ କିଛି ସ୍ଥାନୀୟ ଅପରେଟର କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି। ଯେତେବେଳେ ପ୍ରକୃତ ଟିପର ମାଲିକମାନେ ସେମାନଙ୍କ ନ୍ୟାର୍ଯ୍ୟ ଜୀବିକାରୁ ବଂଚିତ ହେଉଛନ୍ତି। ଭଦ୍ରକର ୭ଟି ବ୍ଲକ୍‌ରେ ସ୍ଥାନୀୟ ବାସିନ୍ଦାଙ୍କ ମାଲିକାନାରେ ଥିବା ପ୍ରାୟ ୬ ଶହ ଟିପର ମଧ୍ୟରୁ ପ୍ରାୟ ୯୫ ପ୍ରତିଶତ ଧାମନଗର, ଭଣ୍ଡାରିପୋଖରୀ, ଭଦ୍ରକ, ବନ୍ତ, ତିହିଡି ଓ ବାସୁଦେବପୁର ଭଳି ଅଞ୍ଚଳର ଅଟେ। ଧାମରା ଏବଂ ତତ୍‌ସଂଲଗ୍ନ ୮ ଟି ପଂଚାୟତର ଲୋକଙ୍କ ପାଖରେ କେବଳ ଅଳ୍ପ ସଂଖ୍ୟକ ଯାନବାହନ ରହିଛି। ଏହି ସଂଖ୍ୟାକୁ ଦୃଷ୍ଟିରେ ରଖି ଧାମରା ଭିତିକ ମାଲିକମାନଙ୍କୁ ୭୦ ପ୍ରତିଶ୍ରତରୁ ଉର୍ଦ୍ଧ୍ୱ କାର୍ଯ୍ୟ ନିୟନ୍ତ୍ରଣ କରିବାକୁ ଅନୁମତି ଦିଆଯାଇଛି। ଯାହା ପାତରଅନ୍ତର ନୀତିର ଏକ ଜ୍ୱଳନ୍ତ ଉଦାହରଣ। ଟିପର ଓ ଟ୍ରକ୍ ସମେତ ସବୁଠାରୁ ପୁରୁଣା ପରିବହନ ସଂସ୍ଥା ଭଦ୍ରକ ଜିଲା ଟିପର (ଡମ୍ପର) ମାଲିକ ସଂଘ ସହିତ ଜଡିତ ଲୋକଙ୍କ ମଧ୍ୟରେ ଏହା ବିଶ୍ୱାସ ଘାତକତାର ଏକ ଦୃଢ ଭାବନା ସୃଷ୍ଟି କରିଛି। ପ୍ରତିଯୋଗିତା ମୂଳକ ଆର୍ଥିକ ପରିସ୍ଥିତିରେ ସେମାନଙ୍କର ଜୀବିକା ନିର୍ବାହ ପାଇଁ ପ୍ରକୃତ ଟିପରମାଲିକମାନେ ଧାମରା ବନ୍ଦରରେ ଚାଲୁଥିବା କନସାଇନ୍‌ମେଣ୍ଟରେ ସେମାନଙ୍କର ବୈଧ ଅଂଶ ଖୋଜନ୍ତି। ତେଣୁ ଧାମରା ବନ୍ଦରରେ କନସାଇନମେଂଟ ଏବଂ ସୁଯୋଗ ଗୁଡିକର ସଂପୂର୍ଣ୍ଣ ପୁନଃ ବଣ୍ଟନ ଓ ବିଭିନ୍ନ ସଂଘ ମଧ୍ୟରେ ଲୋଡିଂ ପରିମାଣର ନ୍ୟାୟ ସଂଗତ ବଣ୍ଟନ ସୁନିଶ୍ଚିତ କରିବା ପାଇଁ ଏକ ସ୍ୱାଧୀନ ସଂସ୍ଥା ଗଠନ କରିବାକୁ ଏହି ସଂଘ ଜିଲାପାଳଙ୍କ ନିକଟରେ ଦାବି କରିଛି। ବିଶେଷକରି ଏଭଳି ସମାଧାନ ଜନିତ ପରିସ୍ଥିତିର କୌଣସି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାନଗଲେ ଆଗାମୀ ଦିନରେ ଏକ ବଡ ଧରଣର ପ୍ରତିବାଦର ସ୍ୱର ଉଠିବା ପୂର୍ବରୁ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଜିଲ୍ଲାପାଳ ସମୟୋଚିତ ପଦକ୍ଷେପ ଗ୍ରହଣ କରିବାକୁ ସଂଘ ପକ୍ଷରୁ ସଭାପତି ଶୁଭେନ୍ଦୁ ରାୟ ମହାପାତ୍ର, ସାଧାରଣ ସଂପାଦକ ଜ୍ୟୋତିପ୍ରକାଶ ମହାନ୍ତିଙ୍କ ନେତୃତ୍ୱରେ ହେମନ୍ତ ନାୟକ, ସୌମ୍ୟରଂଜନ ବାରିକ, ରଜତ ପତି, ନନ୍ଦିଘୋଷ ବେହେରା, ଓମ୍‌ପ୍ରକାଶ ନାୟକ, ତାଳଧ୍ୱଜ ବେହେରା, ବଳରାମ ପରିଡା, ଅଶୋକ ବାରିକ, ପ୍ରଫୁଲ୍ଲ ପୃଷ୍ଟି, ସୁନନ୍ଦ ଦାସ, ସାଜନ ସେନାପତି, ଅମ୍ଳାନ ଜ୍ୟୋତି ମହାନ୍ତି, ଲକ୍ଷ୍ମୀକାନ୍ତ ବାରିକ, ରାଜେଶ ଦାସ, ଚନ୍ଦନ ନାୟକ, ହରିତ ଦାସ, ନାରାୟଣ ମିଶ୍ର ପ୍ରମୁଖ ଅନୁରୋଧ କରିଛନ୍ତି।

■ ଦିନ କେଇଟା ପରେ ଗଣେଶ ପୂଜା

# ବିଘ୍ନରାଜଙ୍କ ମୂର୍ତ୍ତି ତିଆରିରେ ବ୍ୟସ୍ତ କାରିଗର



ଧାମନଗର, ୨୩।୮ (ସମିସ): ଆଉ କେଇଟା ଦିନ ପରେ ଗଣେଶ ପୂଜା। ଆଦ୍ୟ ପୂଜ୍ୟଙ୍କ ଆରାଧନାରୁ ଆରମ୍ଭ ହେବ ପାର୍ବଣ ଋତୁ। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ଧାମନଗର ଏନଏସି। ଶାମପୁର ଗ୍ରାମର ସୂର୍ଯ୍ୟମଣି ବାରିକ ପରିବାର ଏବେ ସାନ ପୁଅ ଶରତ ବାରିକ ଧାମନଗର ଜଳସେଚନ ଡାକବଙ୍ଗା ସମ୍ମୁଖରେ ମୂର୍ତ୍ତି ତିଆରି କରୁଛନ୍ତି। ସେହିପରି ବ୍ଲକ ଅନ୍ତର୍ଗତ ନଦୀଗାଁ ପଞ୍ଚାୟତ ଉଆସ ସାହିର ମହାପାତ୍ର ପରିବାର। ଏମାନେ ଦୀର୍ଘ ୪୦ ବର୍ଷରୁ ଅଧିକ ହେବ ଏହି ଶିଳ୍ପୀ ପରିବାର ଗଣେଶ ଓ ସରସ୍ୱତୀ ପୂଜା ସମୟରେ ଶହଶହ ମୃଣ୍ମୟ ମୂର୍ତ୍ତି ନିର୍ମାଣ ସହ ବଜାରରେ ବିକ୍ରି କରି ପରିବାର ଗୁଜୁରାଣ ମେଣ୍ଟାଉଛନ୍ତି। ପୂଜାର ଆଗମନରେ ପୁରୁଷାନୁକ୍ରମେ ଭଳିକି ଭଳି ମୂର୍ତ୍ତି ତିଆରିରେ ଲାଗିପଡିଛନ୍ତି ଏହି ପରିବାରର ଲୋକେ। ମାଟି, ପାଣି, କୁଣ୍ଡା, କପଡା, ପାଳ ଆଦି ଜିନିଷର ମିଶ୍ରଣରେ ଏମାନେ ତିଆରି କରୁଛନ୍ତି ସୁନ୍ଦର ସୁନ୍ଦର ଗଣେଶ ମୂର୍ତ୍ତି। ଆକର୍ଷଣୀୟ ରଙ୍ଗରେ ରଙ୍ଗାୟିତ ମୂଷା ପିଠିରେ ବସିବା, ମୁଣ୍ଡରେ ପଗଡି ଭିଡିଥିବା ଗଣେଶ ସାଙ୍ଗକୁ ଶିବଲିଙ୍ଗକୁ ଧରିଥିବା ଗଣେଶଙ୍କ ମୂର୍ତ୍ତି ତିଆରି କରୁଛନ୍ତି ଏହି କାରିଗର। ଆକର୍ଷଣୀୟ ମୂର୍ତ୍ତି ପାଇଁ ବିଭିନ୍ନ ବଡ଼ ବଡ଼ ଅନୁଷ୍ଠାନରୁ କାରିଗରଙ୍କ ପାଖକୁ ବଇନା ମଧ୍ୟ ଆସିଛି। ଏମାନଙ୍କ ମଧ୍ୟରୁ କିଏ ମୂର୍ତ୍ତି ଗଢୁଛନ୍ତି ତ କିଏ ମାଟି ଚକଟିବାରେ ଲାଗିପଡିଛନ୍ତି। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଭଳିକି ଭଳି ମୂର୍ତ୍ତି ତିଆରି କରୁଛନ୍ତି କାରିଗର। ତିଆରି ଚାଲିଛି ଏକ ଫୁଟ ଠାରୁ ୧୦ ଫୁଟ ପର୍ଯ୍ୟନ୍ତ ଉଚ୍ଚତାର ଗଜାନନଙ୍କ ମୃଣ୍ମୟ ମୂର୍ତ୍ତି। ଏଠାରେ ନିର୍ମାଣ ହେଉଥିବା ମୂର୍ତ୍ତିର ଚାହିଦା ବହୁତ ଅଧିକ ରହିଥାଏ। ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳର ଅନେକ ଲୋକ ଏଠାକୁ ଆସି ମୂର୍ତ୍ତି କିଣିନେଇଥାନ୍ତି। ବେପାରୀମାନେ ଏମାନଙ୍କଠାରୁ ମୂର୍ତ୍ତି କିଣି ନେଇ ଧାମନଗର, ଦୋବଲ, ଧୂଷୁରୀ, ଆରଡ଼ି, ଅସୁରାଳି ଓ ଭଦ୍ରକ ଏବଂ ଭଣ୍ଡାରିପୋଖରୀ ଆଦି ଜାରରେ ବିକ୍ରି କରନ୍ତି। ଚଳିତ ବର୍ଷ ପୂଜାରେ କାରିଗରଙ୍କ ହାତ ତିଆରି ସୁନ୍ଦର ମୂର୍ତ୍ତି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ ନିଶ୍ଚୟ। ଆସନ୍ତା ଅଗଷ୍ଟ ୨୭ ତାରିଖ ଗଣେଶ ଚତୁର୍ଥୀ। ଏହିଦିନ ବିଭିନ୍ନ ବିଦ୍ୟାଳୟ, ଶିକ୍ଷାନୁଷ୍ଠାନ ଓ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କରେ ବିଘ୍ନ ନାଶକ ଗଜାନନଙ୍କ ପୂଜା ଅନୁଷ୍ଠିତ ହେବ ବୋଲି କୁହାଯାଇଛି।

## ଆସୁଛନ୍ତି ଗଜାନନ

# ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ କାରିଗର



**ବିଞ୍ଝାରପୁର, ୨୩।୮ (ସମିସ)**

ପାଖେଇ ଆସୁଛି ପ୍ରଭୁ ଗଜାନନଙ୍କ ପୂଜା। ଅଗ୍ରପୂଜ୍ୟ ପ୍ରଭୁ ଗଜାନନଙ୍କ ପୂଜାକୁ ନେଇ ଚଳଚଞ୍ଚଳ ହେଲାଣି ଗାଁଠୁ ସହର। ଗଣେଶ ମୂର୍ତ୍ତି ତିଆରି କରିବାରେ ବ୍ୟସ୍ତ ହୋଇପଡ଼ିଛନ୍ତି ମୂର୍ତ୍ତି କାରିଗର। ଏ ବର୍ଷ ଲୋକଙ୍କ ଚାହିଦା ବିଭିନ୍ନ ପ୍ରକାରର କାର୍ଟୁନ ଗଣେଶ ମୂର୍ତ୍ତି। ତେଣୁ ଉଚିତ ମୂଲ୍ୟରେ ଗଣେଶ ମୂର୍ତ୍ତିକୁ ବିକ୍ରିକରି ଭଲ ଦୁଇ ପଇସା ରୋଜଗାର କରିବା ଆଶା ନେଇ ମୂର୍ତ୍ତି କାରିଗରମାନେ ପ୍ରଭୁ ଗଣେଶଙ୍କୁ ଶେଷ ସ୍ପର୍ଶ ଦେବାରେ ଲାଗିଛନ୍ତି। ବିଘ୍ନ ବିନାଶକ ପ୍ରଭୁ ଗଣେଶଙ୍କ ପୂଜାକୁ ନେଇ ବିଞ୍ଝାରପୁର ଅଞ୍ଚଳ ବେଶ ଚଳଚଞ୍ଚଳ ହୋଇପଡ଼ିଛି। ମୂର୍ତ୍ତି କାରିଗରମାନେ ମଧ୍ୟ ମୂର୍ତ୍ତି ତିଆରି କାମରେ ଲାଗି ପଡ଼ିଛନ୍ତି। ଚଳିତ ବର୍ଷ ଗଣେଶ ମୂର୍ତ୍ତିର ଦାମ ୧୫୦ ଟଙ୍କାରୁ ଆରମ୍ଭ କରି ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ବିଶେଷକରି କାର୍ଟୁନ ଗଣେଶ ମୂର୍ତ୍ତି ପ୍ରତି ଲୋକଙ୍କ ଚାହିଦା ରହିଛି। ଚଳିତ ବର୍ଷ ସିଦ୍ଧି ବିନାୟକ ଡିଜାଇନ, ସପ୍ତଫେଣି ସାପ ଉପରେ ଗଣେଶ, ଶିବ ତାଣ୍ଡବ ଉପରେ ବସିଛନ୍ତି ତ ଆଉ କେଉଁଠି ଶଙ୍ଖ ଏବଂ ବାସୁଆ ଉପରେ ବସିଛନ୍ତି ଗଣେଶ। ଗଣେଶ ପୂଜାର ୨ ମାସ ପୂର୍ବରୁ ମୂର୍ତ୍ତି କାରିଗରମାନେ ମାଟି ଆଣି ମୂର୍ତ୍ତି କାମ ଆରମ୍ଭ କରଛନ୍ତି। ଚଳିତବର୍ଷ ବିଞ୍ଝାରପୁର ଅଞ୍ଚଳର ସିଂହପୁର, ଅରେଇ ଜଇମଁରା, ରଣପୁର, ମାଁସେଡ଼ା, ଓଳେଇ ଚନ୍ଦନପୁର, ବିଞ୍ଝାରପୁର ବଜାର ଆଦି ସ୍ଥାନ ମାନଙ୍କରେ ଗଣେଶ ପୂଜା ବେଶ ଜମିବ ବୋଲି ଆଶା ବାନ୍ଧିଛନ୍ତି ସମସ୍ତେ। ଏହାକୁ ଦୃଷ୍ଟିରେ ରଖି ମୂର୍ତ୍ତି କାରିଗରମାନେ ବେଶ ଉତ୍ସାହିତ ଥିବାବେଳେ ଭଲ ଦୁଇପଇସା ରୋଜଗାର କରିବା ନେଇ ଆଶା ରଖିଛନ୍ତି। ବିଞ୍ଝାରପୁର ବରୁଣେଶ୍ୱର, ସୟିଦପୁର, ଉତ୍ତଙ୍ଗରା, ସିଂହପୁର, କଲ୍ୟାଣପୁର ଗାଁର ମୂର୍ତ୍ତି କାରିଗରମାନଙ୍କ ହାତ ତିଆରି ମୂର୍ତ୍ତି ଗୁଡିକର ବେଶ ଚାହିଦା ରହିଛି। ଏବର୍ଷ ସିଂହପୁରରେ ମୂର୍ତ୍ତି କାରିଗରଙ୍କ ଦ୍ୱାରା ତିଆରି ଗଣେଶ ବେଶ ଆକର୍ଷଣୀୟ ହୋଇଥିବା ବେଳେ ଏହା ଲୋକଙ୍କ ପ୍ରଥମ ପସନ୍ଦ ହୋଇଛି। ମାଟିରେ ଗଣେଶ ମୂର୍ତ୍ତି ତିଆରି କରିବା କଷ୍ଟକର, ହେଲେ ବି କାରିଗରମାନେ ବେଶ୍ ଆଗ୍ରହର ସହ ତିଆରି କରିଥାନ୍ତି ମୂର୍ତ୍ତି। ଗଣେଶ ପୂଜା ଯେତେ ପାଖେଇ ଆସୁଛି ମୂର୍ତ୍ତି କାରିଗରଙ୍କ କାମ ମଧ୍ୟ ସେତିକି ବଢ଼ିବାରେ ଲାଗିଛି। ନିର୍ଦ୍ଧାରିତ ସମୟ ପୂର୍ବରୁ ବିଭିନ୍ନ ସଂଗଠନ ଓ ଆୟୋଜକଙ୍କୁ ଅଗ୍ରୀମ ମୁତାବକ ସେମାନଙ୍କୁ ମୂର୍ତ୍ତି ହସ୍ତାନ୍ତର କରାଯିବା ନେଇ ଲକ୍ଷ୍ୟ ରହିଛି। ସେଥିପାଇଁ ତୂଳୀରେ ଶେଷ ସ୍ପର୍ଶ ଦେବା ପାଇଁ କାରିଗରମାନେ ଦିନରାତି ପରିଶ୍ରମ କରୁଥିବା ଦୃଶ୍ୟ ଦେଖିବାକୁ ମିଳିଛି।

## ବୈତରଣୀ ନଦୀର ଜଳସ୍ତର ବୃଦ୍ଧି

# ଆଖୁଆପଦାରେ ବିପଦ ସଂକେତ ଉପରେ ପ୍ରବାହିତ



**ଯାଜପୁର/କୟାଁଗୋଲା, ୨୩।୮ (ସମିସ):** ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ବୈତରଣୀ ନଦୀରେ ପୁନର୍ବାର ବନ୍ୟା ଜଳ ବିପଦ ସଂକେତ ଊର୍ଦ୍ଧ୍ୱରେ ପ୍ରବାହିତ ହେଉଛି। ଆନନ୍ଦପୁର ଠାରେ ବୈତରଣୀ ନଦୀର ଜଳସ୍ତର ସାମାନ୍ୟ ହ୍ରାସ ପାଉଥିବା ବେଳେ ଆଖୁଆପଦା ଠାରେ ବନ୍ୟା ଜଳ ବୃଦ୍ଧି ପାଇବାରେ ଲାଗିଛି। ଯାହାଫଳରେ ଦଶରଥପୁର ବ୍ଲକ ଅଞ୍ଚଳ ପ୍ରତି ବିପଦ ଦେଖାଦେଇଛି। ବୈତରଣୀ ନଦୀ ଓ ତାର ଶାଖା ନଦୀ ବୁଢ଼ାରେ ମଧ୍ୟ ବନ୍ୟା ଜଳ ପ୍ରବାହିତ ହେଉଛି। ଗତ ବୈତରଣୀ ନଦୀ ବନ୍ୟାରେ ଯାଜପୁର ବ୍ଲକର ୬ଟି ପଞ୍ଚାୟତ ବନ୍ୟା ଦ୍ୱାରା ପ୍ରବାହିତ ହୋଇଥିଲା। ଏପରିକି ବହୁ ଚାଷ ଜମି ଓ ପରିବା ଚାଷ ପ୍ରଭାବିତ ହେବା ସହ ସିମିଳିଆ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଥିଲା। ଏବେ ପୁନର୍ବାର ବୈତରଣୀ ନଦୀରେ ବନ୍ୟାଜଳ ବିପଦ ସଂକେତ ଊର୍ଦ୍ଧ୍ୱରେ ପ୍ରବାହିତ ହେଉଥିବାରୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଲୋକେ ଆତଙ୍କିତ ନ ହେବା ପାଇଁ ଜଳ ସମ୍ପଦ ବିଭାଗ ସୂଚନା ଦେଇଛି। ଦଶରଥପୁର ନିକଟରେ ବନ୍ୟା ଜଳ ୯.୪୦ମିଟର ଉଚ୍ଚତାରେ ପ୍ରବାହିତ ହେଉଛି। ଦଶରଥପୁର ନିକଟରେ ବିପଦ ସଂକେତ ୯.୫୪ ମିଟର ଅଟେ। ପୂର୍ବ ବନ୍ୟାରେ ବୈତରଣୀ ନଦୀର ନୂଆପାଟଣା ଓ ଗୁଣ୍ଡୁଣିପଡ଼ା ନିକଟରେ ନଦୀବନ୍ଧରେ ଅତଡ଼ା ଖସିବା ଯୋଗୁଁ ଅସ୍ଥାୟୀ ମରାମତି କାର୍ଯ୍ୟ ହୋଇଥିଲା। ସେହିପରି କାଣୀ ନଦୀର ପଞ୍ଚପଡ଼ା ଠାରେ ମଧ୍ୟ ଗୋଟିଏ ଘାଇ ସୃଷ୍ଟି ହୋଇଥିଲା। ଆଜି ଆସୁଥିବା ବନ୍ୟା ଜଳ ଯୋଗୁଁ ଏହି ସ୍ଥାନ ଗୁଡିକୁ ଅଧିକ ବିପଦ ଆଶଙ୍କା ରହିଛି। ଜଳସେଚନ ବିଭାଗ ର ନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ତ୍ରିପାଠୀ ନଦୀ ବନ୍ଧର ବିପଦପୁର୍ଣ୍ଣ ସ୍ଥାନ ଗୁଡିକୁ ପରିଦର୍ଶନ କରି ସମସ୍ତ ପ୍ରକାର ବିପଦର ମୁକାବିଲା ପାଇଁ ବିଭାଗ ପ୍ରସ୍ତୁତ ରହିଛି ବୋଲି କହିଛନ୍ତି।

# ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ



**କୟାଁଗୋଲା, ୨୩।୮ (ସମିସ):** ଦଶରଥପୁର ବ୍ଲକ ମଙ୍ଗଳପୁର ସ୍ନାତକ ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍‌ର ବିଭିନ୍ନ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୦୨୫-୨୬ ଶିକ୍ଷା ବର୍ଷରେ ଛାତ୍ରୀମାନଙ୍କୁ ନେଇ ବିଭିନ୍ନ ତାଲିମ ସହିତ ଶିବିର ମାନ ଅନୁଷ୍ଠିତ ହେବ। ତେଣୁ ମହାବିଦ୍ୟାଳୟର ଅଧକ୍ଷା ଡ.ମିନାକ୍ଷୀ ମିଶ୍ରଙ୍କ ଆହ୍ୱାନ କ୍ରମେ ଏନ୍‌ଏସ୍‌ଏସ୍‌ର କାର୍ଯ୍ୟନିର୍ବାହୀ ଅଧିକାରିଣୀ ଅଧ୍ୟାପିକା ପ୍ରମିଳା ବାଇ ଏକ ସ୍ୱତନ୍ତ୍ର କମିଟି ଗଠନ କରିବା ସହ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟକ୍ରମ ଗୁଡିକ ବିଷୟର ଆଲୋଚନା କରାଯାଇଥିଲା। ଗଠିତ ଏହି କମିଟିରେ ଅଧ୍ୟାପିକା ସୁଷମା ସାହ, ତପସ୍ୱିନୀ ଭଞ୍ଜ, ଶୁଭଶ୍ରୀ ଘଡ଼ାଇ, କମିଟିର ସଦସ୍ୟ ଡ. ଅମ୍ରିତା ପ୍ରୀତମ ମଲ୍ଲ, ସମାଜସେବୀ ଜଗଦୀଶ ସଙ୍କର ସାହୁ, ସାମ୍ବାଦିକ ସୀତାଂଶୁ ଶେଖର ଜେନା ପ୍ରମୁଖ ରହିଛନ୍ତି୍ଛ ତେବେ ମିଳିତ ସହଯୋଗରେ ଆଗାମୀ ଦିନରେ ମୁଖ୍ୟତଃ ମାଗଣା ସ୍ୱାସ୍ଥ୍ୟସେବା ଶିବିର, ପ୍ରାଥମିକ ଚିକିତ୍ସା ତାଲିମ, ରକ୍ତଦାନ, ନାରୀ ସୁରକ୍ଷା, ଜରାୟୁ ମୁଖ କର୍କଟ, ସାଇବର ସିକ୍ୟୁରିଟି, ମନସ୍ତତ୍ୱ ଭିତିକ ଆଲୋଚନା, ନାରୀରୋଗ ଭଳି ଅନେକ ସଚେତନ ଆଦି କାର୍ଯ୍ୟକ୍ରମ ଆୟୋଜିତ ହେବ।

# ହୋଟେଲ ମ୍ୟାନେଜମେଣ୍ଟ ସ୍କୁଲର ସ୍ୱାଗତ ଉତ୍ସବ



**ଯାଜପୁର, ୨୩।୮ (ସମିସ):** ଯାଜପୁର ସହରସ୍ଥିତ ଇନ୍ଦିରା ଗାନ୍ଧୀ ସ୍କୁଲ ଅଫ ହୋଟେଲ ମ୍ୟାନେଜମେଣ୍ଟ ପକ୍ଷରୁ ନୂତନ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ଭବନ ଠାରେ ଆୟୋଜିତ ଉତ୍ସବରେ ଓବ୍‌ରାୟ ହୋଟେଲର ମାନବ ସମ୍ବଳ ମୁଖ୍ୟ ଯଶୋବନ୍ତ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନୂତନ ଛାତ୍ରଛାତ୍ରୀଙ୍କୁ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ। ମୁଖ୍ୟବକ୍ତା ଭାବେ ଇପିକଲର ବରିଷ୍ଠ ପରିଚାଳକ ଦୀପକ ସିଂ ଯୋଗ ଦେଇ ଏହି ହୋଟେଲ ଶିଳ୍ପର କଳେବର ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏହାର ବ୍ୟାପକ ସୁଯୋଗ ରହିଛି ବୋଲି ମତପ୍ରକାଶ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଇନଫୋସିସର ଫାସିଲିଟି ମ୍ୟାନେଜର ବିଭୁ ପ୍ରସାଦ ଦାସ ଯୋଗ ଦେଇ ହୋଟେଲ ମ୍ୟାନେଜମେଣ୍ଟର ଛାତ୍ର ଛାତ୍ରୀଙ୍କ ପାଇ ପୂରାବିଶ୍ୱରେ ନିଯୁକ୍ତି ସୁଯୋଗ ରହିଥିବା ସହ ସମସ୍ତେ ଜଣେ ଜଣେ ସଫଳ ଉଦ୍ୟୋଗୀ ହୋଇପାରିବେ ବୋଲି ମତ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସମାଜସେବୀ ସୁବାସ ପାଣି, ଅନୁଷ୍ଠାନର ଡାଇରେକ୍ଟର ସୂର୍ଯ୍ୟକାନ୍ତ ସେଠୀ ଓ ଚେୟାରମ୍ୟାନ ଜ୍ୟୋତ୍ସ୍ନା ଜେନା, ପ୍ରଫେସର ସୁନିଲ ରାଉତ ଯୋଗ ଦେଇ ବିଗତ ଦିନ ମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିବା ସହିତ ପୁରାତନ ଛାତ୍ରଛାତ୍ରୀଙ୍କ ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କଲେଜର ପ୍ରିନ୍ସିପାଲ ସୌମ୍ୟରଞ୍ଜନ ପତିଙ୍କ ସଂଯୋଜନାରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ଅଭିଭାବକ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ।

# ଘର କାନ୍ଥ ଭୁଶୁଡ଼ି ଜଣେ ଆହତ



**ସୁକିନ୍ଦା, ୨୩।୮ (ସମିସ):** ଲଘୁଚାପଜନିତ ଲଗାଣ ବର୍ଷାରେ ସୁକିନ୍ଦା ଥାନା ଅନ୍ତର୍ଗତ ଦାମୋଦରପୁର୍ ଗ୍ରାମର ନଣ୍ଡା ଖୁଣ୍ଟିଆଙ୍କ ପୁଅ ସୁଦାମ ଖୁଣ୍ଟିଆ ଓ ଉତ୍ତମ ଖୁଣ୍ଟିଆଙ୍କ ରହିବା ଘର ଭାଙ୍ଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଶନିବାର ସକାଳୁ ଉଭୟ ପରିବାର ଘରେ ଶୋଇଥିବା ସମୟରେ କାନ୍ଥ ଧସି ପଡ଼ିଥିଲା। ସୌଭାଗ୍ୟ ବଶତଃ କୌଣସି ପରିବାର ଲୋକଙ୍କ କ୍ଷତି ଘଟିନାହିଁ। ଉଭୟ ପରିବାର ଏବେ ବାସହରା ହୋଇପଡ଼ିଛନ୍ତି। ଉଭୟ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାସହ ସରକାରୀ ଆବାସ ଯୋଗାଇ ଦେବାକୁ ଦାବି ହେଉଛି। ସୂଚନା ପାଇ ସୁକିନ୍ଦା ଅତିରିକ୍ତ ତହସିଲଦାର ନିର୍ମଳ କୁମାର ଦାସ ଓ ଆର ଆଇ ବାସହରା ପରିବାର ନିକଟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

## ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟରେ ଅବହେଳା ଅଭିଯୋଗ

# ତୁରନ୍ତ କାର୍ଯ୍ୟ କରିବାକୁ ଓଏମ୍‌ସିକୁ ଚେତାବନୀ



ଦାବିପତ୍ର ଗ୍ରହଣ କଲେନି ଅଧିକାରୀ

**ବ୍ୟାସନଗର, ୨୩।୮ (ସମିସ):** ବ୍ୟାସନଗର ସହରରେ ଦୀର୍ଘ ବର୍ଷ ହେବ କାରଖାନା କରିଛି ଇପିକଲ। କାରଖାନାରେ ନିଯୁକ୍ତି ତ ଏବେ ସାତସପନ ହୋଇଥିବା ବେଳେ କାରଖାନା ଯୋଗୁଁ ସହର ବାସୀଙ୍କ ଦୁର୍ଦ୍ଦଶା ନ କହିବା ଭଲ। ବର୍ତ୍ତମାନ ପରିସ୍ଥିତି ଏପରି ହୋଇଛି ଯେ କାରଖାନା ଚଳାଇବା ନିମନ୍ତେ ରହିଥିବା ପ୍ରାଥମିକ ନିୟମ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟରେ ମଧ୍ୟ ଇପିକଲ ଏବଂ ବର୍ତ୍ତମାନ ସତ୍ତ୍ୱାଧିକାର ଓଏମସି ଜମା ବି ଧ୍ୟାନ ଦେଉନି। ଫଳରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦିନକୁ ଦିନ ପୁଞ୍ଜିଭୂତ ହୋଇ ଜନ ଅକ୍ରୋଶ ଆଡ଼କୁ ଗତି କଲାଣି। ଏପରି ସ୍ଥିତିରେ ଶନିବାର ବ୍ୟାସନଗର ମ୍ୟୁନିସିପାଲିଟିର ପାରିଷଦମାନେ ଏକତ୍ରିତ ହୋଇ ଓଏମସି କାର୍ଯ୍ୟାଳୟରେ ପହଞ୍ଚି ଏନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ପ୍ରାଥମିକ ଭାବେ ସେଠାରେ କାର୍ଯ୍ୟରତ ଜନୈକ ଅଧିକାରୀ ଅଭିଯୋଗପତ୍ର ଗ୍ରହଣ କରିଥିଲେ ମଧ୍ୟ ପରେ ଏହାକୁ ଫେରାଇ ଦେଇଥିଲେ। ତେବେ ପାରିଷଦମାନେ ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଏନେଇ ପ୍ରତିକ୍ରିୟାଶୀଳ ହେବାରୁ ଅନ୍ୟ ଅଧିକାରୀମାନେ ପହଞ୍ଚି ଭୂଲ ମାଗିବା ସହିତ ମାମଲାକୁ ଦଫା ଦଫା କରିଥିଲେ। ଶନିବାର ପାରିଷଦ ମାନେ ଧବଳଗିରିଠାରୁ ପ୍ଲାଣ୍ଟ ପଛ ପଟ ଗେଟ୍, ଜାଭିୟର ସ୍କୁଲ ରାସ୍ତା ଏବଂ ପନାସିଆ ମୁଖ୍ୟ ରାସ୍ତା ଦୀର୍ଘ ବର୍ଷ ହେବ ଖଣ୍ଡିଆ ଖାବରା ହୋଇ ପଡ଼ିଥିବାରୁ ଏହାକୁ କାରଖାନା କର୍ତ୍ତୃପକ୍ଷ ତୁରନ୍ତ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରେ ମରାମତି କରିବାକୁ ଦାବି କରିଥିଲେ। ତେବେ ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆନ୍ଦୋଳନ ଧମକ ଦେବା ସହିତ ଆଗାମୀ ଦିନରେ କାରଖାନାରେ ସ୍ଥାନୀୟ ନିଯୁକ୍ତିକୁ ନେଇ ଦାବି ପତ୍ର ଦିଆଯିବ ବୋଲି ପାରିଷଦମାନେ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ୧ ନଂ ପାରିଷଦ ବିଜୟ ଜେନା, ୨ ନଂ କୁନି ହାଁସଦା, ୩ ନଂ.ଙ୍କ ପ୍ରତିନିଧି ଅନୁପ କୁମାର ନାୟକ, ୪ ନଂ.ଙ୍କ ପ୍ରତିନିଧି ପ୍ରଶାନ୍ତ ଖୁଣ୍ଟିଆ, ୫ ନଂ. ପାରିଷଦ ମୋନାଲିସା ସାହୁ ଉପସ୍ଥିତ ରହି ତୁରନ୍ତ ଦାବି ପୂରଣ କରି ସହରବାସୀଙ୍କ ମୌଳିକ ଆବଶ୍ୟକତା ପୂରଣ କରିବାକୁ ଦାବି କରିଥିଲେ।

# ଇନୋଭେସନ ଓ ଷ୍ଟାଟ୍‌ଅପ୍ କାର୍ଯ୍ୟକ୍ରମ ଶୁଭାରମ୍ଭ



**ଧର୍ମଶାଳା, ୨୩।୮ (ସମିସ):** ଧର୍ମଶାଳା ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଇନୋଭେସନ ଓ ଷ୍ଟାଟ୍‌ଅପ୍ କାର୍ଯ୍ୟକ୍ରମ ଶୁଭାରମ୍ଭ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ମହିଳା ମହାବିଦ୍ୟାଳୟର ଅଧକ୍ଷା ଡ. ଇନ୍ଦୁପ୍ରଭା ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଗୋକର୍ଣ୍ଣିକା ସାହିତ୍ୟ ସମାଜର ସଭାପତି ଡ. ରମାକାନ୍ତ ଜେନା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ଓ କବି ଡ. ତୁହିନାଂସୁ ରଥ ଯୋଗଦେଇ ଲକ୍ଷ୍ୟ, ସଂକଳ୍ପ, ସାଧନା ଓ ସିଦ୍ଧି ସହିତ କାର୍ଯ୍ୟସ୍ଥଳୀର ସକାର୍ରାକ ଦୃଷ୍ଟି ଭଙ୍ଗୀ ବିଷୟରେ ନିଜ ନିଜର ଦୃଷ୍ଟିକୋଣକୁ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସାମଗ୍ରୀକ ଭାବେ ରାଷ୍ଟ୍ର ଗଠନରେ ସୁସ୍ଥ କର୍ମ ସମ୍ପାଦନା ନିର୍ଭରଶୀଳ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀମାନେ ଯୋଗ ଦେଇଥିବା ବେଳେ ଅଧ୍ୟାପକ ଡ.ସୁନାକର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରଯାଇଥିଲା। ସର୍ବଶେଷରେ ଅଧ୍ୟାପକ ସଚ୍ଚିଦାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଜେନାପୁର-ରାମଚନ୍ଦ୍ରପୁର ରାସ୍ତା

# ତାରିଣୀ ଛକ ଅବସ୍ଥା ଶୋଚନୀୟ

**କବାଟବନ୍ଧ, ୨୩।୮ (ସମିସ)**



ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର- ରାମଚନ୍ଦ୍ରପୁର ତାରିଣୀ ଛକ ଭାୟା ବରମୁଣ୍ଡୁଳି କୃଷ୍ଣଚନ୍ଦ୍ରପୁର ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି। ଦୀର୍ଘ ପ୍ରାୟ ୧୦ କିଲୋମିଟର ପର୍ଯ୍ୟନ୍ତ ଲମ୍ବା ରାସ୍ତାର ଜେନାପୁର ଠାରୁ ଲେବୁଲ କ୍ରସିଂ ପର୍ଯ୍ୟନ୍ତ ଅତି ଶୋଚନୀୟ ଅବସ୍ଥା ଦେଖିବାକୁ ମିଳିଛି। ଯାହା ଫଳରେ ହଜାର ହଜାର ଜନ ସାଧାରଣ ନାହିଁ ନ ଥିବା ଅସୁବିଧା ଭୋଗ କରିବା ସହିତ ଅସୁରକ୍ଷିତ ଭାବେ ଯାତାୟାତ କରୁଛନ୍ତି। ଏହି ରାସ୍ତାଟି ଦୀର୍ଘ ଦିନ ଧରି ମରାମତି ହୋଇନଥିବାରୁ ଏବେ ଶୋଚନୀୟ ହୋଇ ପଡ଼ିଛି। ବର୍ତ୍ତମାନ ବର୍ଷା ଋତୁ ହୋଇଥିବାରୁ ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇ ପାଣି ଜମି ରହିଛି। ଯାହା ଫଳରେ ଦୁର୍ଘଟଣା ବୃଦ୍ଧି ପାଉଛି। ଏହା ଛଡ଼ା ଏହି ରାସ୍ତା ଦେଇ ଭାରୀଯାନ ଚଳାଚଳ ରାସ୍ତା ଖରାପର ମୁଖ୍ୟ କାରଣ ସାଜିଛି।

ଜେନାପୁର ସ୍ଥାନୀୟ ଅଞ୍ଚଳର ଏକ ପ୍ରମୁଖ ସ୍ଥାନ ଅଟେ। ଦୈନିକ ହଜାର ହଜାର ଲୋକ ଏହି ରାସ୍ତା ଉପରେ ନିର୍ଭରଶୀଳ। ଜେନାପୁର ରେଳ ଷ୍ଟେସନ, ଜେନାପୁର ଥାନା, ପୋଷ୍ଟ ଅଫିସ, ଜେନାପୁର ମେଡ଼ିକାଲ, ଜେନାପୁର ହାଇସ୍କୁଲ ସମେତ ବିଭିନ୍ନ ବ୍ୟାଙ୍କ ଏବଂ ପ୍ରାୟ ପାଞ୍ଚ ଗୋଟି ଘରୋଇ ସ୍କୁଲ ରହିଛି। ତେବେ ଏମିତି ଏକ ପ୍ରମୁଖ ସ୍ଥାନକୁ ଯିବା ଆସିବାରେ ଅସୁବିଧା ହେଉଥିବା ଅଭିଯୋଗ ହେଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ସଚେତନ ହେଉ ନାହାଁନ୍ତି। ଜେନାପୁର ରେଳ ଷ୍ଟେସନ ଲେବୁଲ କ୍ରସିଂ ନିକଟରେ ଏହି ରାସ୍ତାରେ ଏକ ବିରାଟ ଗାଡ଼ ସୃଷ୍ଟି ହୋଇଛି। ଯାହାକି ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ଯାଉଥିବା ଅଟୋ ଏବଂ ଅନ୍ୟାନ୍ୟ ଯାନ ଗୁଡ଼ିକ ଅସୁରକ୍ଷିତ ଅବସ୍ଥାରେ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ଦେଇ ସ୍ଥାନୀୟ ସାହାଣୀଡ଼ିହ ପଞ୍ଚାୟତର ରାମଚନ୍ଦ୍ରପୁର, କୃଷ୍ଣଚନ୍ଦ୍ର ପୁର, ଭେଜିଗୋଠ, ଗୋଡ଼ି ପଟିଆ, ଦଣ୍ଡାଘାଟି, ପୁରୁଣା ବଉଳମାଳ ପଞ୍ଚାୟତର ବରମୁଣ୍ଡୁଳି, ସାତମାଣ, ଖଜୁରୀବାଟି, ଇଚ୍ଛାପୁର, ବୃନ୍ଦାଦେଇପୁର ପଞ୍ଚାୟତର ରଘୁନାଥପୁର, ତରାସ, ଡିହକଷ୍ଟି, ଅଞ୍ଜିରା ପଞ୍ଚାୟତର ବାଲିସାହି, ଶ୍ୟାମସୁନ୍ଦରପୁର, ମୁରାଲୀପୁର, ଅଞ୍ଜିରା, କୋଟସାହି, ଢଙ୍କୁଣିଆ, ଚକ୍ରଧରପୁର ପଞ୍ଚାୟତର ମୁକୁନ୍ଦପୁର, ମଧୁସୂଦନ ଆଦି ଅଞ୍ଚଳର ହଜାର ହଜାର ଜନସାଧାରଣ ଗମନାଗମନ ଅସୁବିଧାରେ ପ୍ରତ୍ୟେକ ଦିନ ସାମନା କରୁଛନ୍ତି। ଏହାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ମରାମତି ଅଭାବରୁ ଏହା ଯାତାୟାତ ଅନୁପଯୋଗୀ ହୋଇଥିଲେ ମଧ୍ୟ ଅନ୍ୟ କୌଣସି ବିକଳ୍ପ ରାସ୍ତା ନ ଥିବାରୁ ବାଧ୍ୟ ହୋଇ ଲୋକମାନେ ଏହି ରାସ୍ତାରେ ଯିବା ଆସିବା କରୁଛନ୍ତି। ଜେନାପୁର ଲେବୁଲ କ୍ରସିଂ ନିକଟରେ ରାସ୍ତାରେ ଖାଲ ହୋଇଥିବା ଗଭୀରତାକୁ ଜାଣି ନ ପାରି ଦୈନିକ ଛୋଟ ବଡ଼ ଅନେକ ଦୁର୍ଘଟଣା ଘଟୁଛି। ବିଶେଷ କରି ରାତି ସମୟରେ ଦୁର୍ଘଟଣା ଆଶଙ୍କା ଅଧିକ ରହିଛି। ସାଧାରଣ ଲୋକ ମାନେ ବିଭିନ୍ନ କାମକୁ ଦିନରେ ସାରି ଫେରି ଆସୁଥିବା ବେଳେ ଟ୍ରେନ ଯୋଗେ ବିଭିନ୍ନ ସ୍ଥାନରୁ ରାତିରେ ଫେରିବା ଲୋକ ମାନେ ବେଶୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସେହିପରି ଜେନାପୁର ଷ୍ଟେସନ ନିକଟରୁ ଜେନାପୁର ମେଡ଼ିକାଲ ଯିବା ରାସ୍ତା ଅବସ୍ଥା ନ କହିବା ଭଲ। ଯଦି ଏମିତି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଅବସ୍ଥା ଏମିତି ତେବେ ବିଭାଗୀୟ ଅଧିକାରୀ ମାନେ କି ପ୍ରକାର ତଦାରଖ କରୁଛନ୍ତି ତାହା ସ୍ପଷ୍ଟ ପ୍ରମାଣିତ ହେଉଛି। ଜାରକା-ଜେନାପୁର ନଦୀ ବନ୍ଧ ରାସ୍ତାର ଜେନାପୁର ଠାରୁ ସାହାଣୀଡ଼ିହ ଏବଂ କୃଷ୍ଣଚନ୍ଦ୍ରପୁର ଦେଇ ୫୩ ନାମ୍ବର ଜାତୀୟ ରାଜପଥକୁ ତାରିଣୀ ଛକ ନିକଟରେ ସଂଯୋଗ କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି। ବିଭାଗୀୟ ଅଧିକାରୀ ଯଥାଶୀଘ୍ର ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ରାସ୍ତାକୁ ମରାମତି କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିବା ସହିତ ଗମନାଗମନ ଉପଯୋଗୀ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

୨୩/୮/୨୦୨୫ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୮୫,୮୭୯/-
ସୁନା: ୦୦.-୦୦୦ ଗ୍ରାମ୍
ରୁପା: ୩୭.୩୫୦ ଗ୍ରାମ୍



# ମହାପ୍ରଭୁଙ୍କୁ ଲାଗିହେଲା ସାତପୁରୀ ପିଠା

ପୁରୀ,୨୩।୮ (ସମିସ)



ସପ୍ତପୁରୀ ଅମାବାସ୍ୟାରେ ଶନିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଲାଗି ହୋଇଛି ସାତପୁରୀ ପିଠା। ଅମାବାସ୍ୟା ଯୋଗୁଁ ନାରାୟଣ ସାଗର ବିଜେ କରିଛନ୍ତି। ଏଥିସହ ଶ୍ରୀମନ୍ଦିରରେ ଚାଲିଥିବା ଶ୍ରୀକୃଷ୍ଣ ଲୀଳାରେ ବସ୍ତ୍ରହରଣ ନୀତି ମଧ୍ୟ ଅନୁଷ୍ଠିତ ହୋଇଛି।

ଅବକାଶ ନୀତି ସମ୍ପନ୍ନ ପରେ ତିନିବାଡ଼ରେ ବେଶ ବଢ଼ି ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲେ। ସାତପୁରୀ ରୋଷରେ ରୋଷ ହୋମ ସମ୍ପନ୍ନ ହୋଇ ସେଠାରେ ସାତପୁରୀ ପିଠା ପ୍ରସ୍ତୁତ କରାଯାଇଥିଲା। ସକାଳ ଧୂପରେ ସାତପୁରୀ ଭୋଗ ଟାଟ ରୋଷରୁ ମହାପ୍ରଭୁଙ୍କ ନିକଟକୁ ଅଣାଯାଇଥିଲା। ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ମଣୋହି କରିଥିଲେ। ଭିତର ଆଳତି ବଢ଼ିବା ପରେ ପୂଜପଣ୍ଡା, ମୁଦିରସ୍ତ ଏବଂ ପତିମହାପାତ୍ର ତିନିବାଡ଼ରେ ବନ୍ଦାପନା କରିଥିଲେ।

### ବସ୍ତ୍ରହରଣ ଲୀଳା

ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ନୀତି ବଢ଼ିବା ପରେ ମଦନମୋହନ ସିଂହାସନ ଉପରକୁ ବିଜେ କରିଥିଲେ। ସେଠାରୁ ଆଜ୍ଞାମାଳ ପାଇ ନାଟପା ମନ୍ଦିରରେ ପଡ଼ିଥିବା ଖଟ ଉପରକୁ ବିଜେ ହୋଇଥିଲେ। ସେଠାରେ ବସ୍ତ୍ରହରଣ ଲୀଳା ଅନୁଷ୍ଠିତ ହୋଇଥିଲା। ଦ୍ୱାପର ଯୁଗରେ ଗୋପପୁରରେ ଗୋପୀମାନେ ଗାଧୋଉଥିବାବେଳେ ତାଙ୍କ ବସ୍ତ୍ରକୁ ଶ୍ରୀକୃଷ୍ଣ ହରଣ କରି ନେଇଥିଲେ। ସେହି ସ୍ମୃତିରେ ଶ୍ରୀମନ୍ଦିରରେ ଏହି ଲୀଳା ଅନୁଷ୍ଠିତ ହେଉଛି। ଏହି ନୀତି ସମ୍ପନ୍ନ ପରେ ଶୀତଳଭୋଗ ବନ୍ଦାପନା ହୋଇଥିଲା। ଏହାପରେ ମଦନମୋହନ ଦକ୍ଷିଣଘରକୁ ବିଜେ କରିଥିଲେ।

## ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ

ମହୋଦଧି ତଥା ସମୁଦ୍ର ହେଉଛନ୍ତି ମହାପ୍ରଭୁଙ୍କ ଶଶୁର ଘର। ପ୍ରତି ଅମାବାସ୍ୟାରେ ଅମାବାସ୍ୟା ନାରାୟଣ ସାଗର (ସମୁଦ୍ର) ବିଜେ କରିଥା'ନ୍ତି। ଶ୍ରୀମନ୍ଦିରରେ ସକାଳଧୂପ ପରେ ଦକ୍ଷିଣୀଘରୁ ଅମାବାସ୍ୟା ନାରାୟଣ ରତ୍ନସିଂହାସନକୁ ବିଜେ କରିଥିଲେ। ସେଠାରେ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ନାରାୟଣ ବଟ ମୂଳେ ଥିବା ପାଲିଙ୍କିରେ ବିଜେ କରିଥିଲେ। ବିମାନବଡୁମାନେ ପାଲିଙ୍କିକୁ ସମୁଦ୍ରକୂଳକୁ ବିଜେ କରାଇଥିଲେ। ଏହାପରେ ଗରାବଡୁ ସେବକ ରୁପା ପିଙ୍ଗଣରେ ସମୁଦ୍ର ଜଳ ଆଣିଥିଲେ। ଏହି ଜଳକୁ ପୂଜାପଣ୍ଡା ସାମନ୍ତ ସଂସ୍କାର କରି ନାରାୟଣଙ୍କ ପାଦ ଧୌତ କରିଥିଲେ। ସାବତ ନିଯୋଗ ପକ୍ଷରୁ ପଣାଭୋଗ ସମର୍ପଣ କରାଯାଇଥିଲା। ଏହାପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

## ସାକ୍ଷୀଗୋପାଳ ମନ୍ଦିରରେ ସପ୍ତପୁରୀ ଅମାବାସ୍ୟା ନୀତି

ସାକ୍ଷୀଗୋପାଳ,୨୩।୮ (ସମିସ): ଶନିବାର ଭାଦ୍ରବ ମାସ କୃଷ୍ଣପକ୍ଷ ଅମାବାସ୍ୟା ତିଥି ପବିତ୍ର ସପ୍ତପୁରୀ ଅମାବାସ୍ୟା। ଏହି ଅବସରରେ ଶ୍ରୀଶ୍ରୀ ଗୋପାଳଜୀଉଙ୍କ ବୀରକେଶରୀ ବଲ୍ଲଭ ପରେ ଠାକୁର ଶ୍ରୀଶ୍ରୀ ଗୋପାଳଜୀଉ ଓ ଠାକୁରାଣୀ ଶ୍ରୀଶ୍ରୀ ରାଧାରାଣୀ ନୂତନ ବସ୍ତ୍ର ପରିଧାନ କରିଥିଲେ। ଦ୍ୱିପହର ଧୂପ ଓ ପାଣି ପଡ଼ି ସାରିଲା ପରେ ସପ୍ତପୁରୀ ଟାଟ ସାତ ସୁଆର, ପ୍ରତିହାରୀ, ଘଣ୍ଟୁଆ, ଛତ୍ରୀ ଓ ଛାମୁ ଖୁଣ୍ଟିଆଙ୍କ ଗହଣରେ ସପ୍ତପୁରୀ ଟାଟ ମନ୍ଦିର ବେଢ଼ା ପରିକ୍ରମା କରିଥିଲେ। ଶ୍ରୀଜୀଉଙ୍କର ଆଳତି ଓ ଉପଚାର ଅନୁଷ୍ଠିତ ହୋଇଥିଲା। ପ୍ରସାଦ ବଣ୍ଟନ ପରେ ଠାକୁରଙ୍କ ପହୁଡ଼ ପଡ଼ିଥିଲା।

## ପୁରୀରେ ହେବ ନୂଆଖାଇ ଭେଟଘାଟ୍



ପୁରୀ,୨୩।୮ (ସମିସ): ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଖାଇ ଭେଟ୍‌ଘାଟ୍ ପ୍ରଥମ କରି ଶ୍ରୀକ୍ଷେତ୍ର ପୁରୀରେ ଅନୁଷ୍ଠିତ ହେବ। ଏ ନେଇ ଶନିବାର ସୁବର୍ଣ୍ଣପୁରର ଏକ ସାଂସ୍କୃତିକ ଅନୁଷ୍ଠାନ ରୁମ୍‌କୁଝୁମାନାର ସଭାପତି ଶାଶ୍ୱତ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ତାଙ୍କ କହିବାନୁଯାୟୀ, ଆସନ୍ତା ୩୧ ତାରିଖ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସିଟିରୋଡ୍‌ସ୍ଥିତ ସଂସ୍କୃତି ଭବନ ପରିସରରେ ଏହି ମନୋଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ପଶ୍ଚିମ ଓଡ଼ିଶାର ଲୋକକଳା, ଲୋକନୃତ୍ୟ ଓ ସଙ୍ଗୀତକୁ କଳାକାରମାନେ ଅଭିନୟ ଜରିଆରେ ପରିବେଷଣ କରିବେ। ସେହିଭଳି ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ କବି ଓ କଳାକାରମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ଆବାହକ ଶ୍ରୀମନ୍ତ କୁମାର ଦାଶ ଓ ଗଣମାଧ୍ୟମ ସଂଯୋଜକ ତଥା ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ସୁଦାମ ପ୍ରଧାନ ଏକ ପ୍ରେସ୍ ଇସ୍ତାହାର ଜରିଆରେ ଜଣାଇଛନ୍ତି। ଏହି ସମୟରେ ରୁମ୍‌କୁଝୁମାନାର କଳାକାରମାନେ ଉପସ୍ଥିତ ଥିଲେ।

● ପୁରୀ ସମୁଦ୍ରରେ ଅଘଟଣ

## ସ୍ତ୍ରୀ, ପୁଅ ଆଖି ଆଗରେ ଭାସିଗଲେ

ପୁରୀ,୨୩।୮ (ସମିସ): ପୁରୀ ସମୁଦ୍ରରେ ଅଘଟଣ। ଗାଧୋଇବାବେଳେ ବୁଡ଼ିଯାଇ ନିଖୋଜ ହୋଇଯାଇଛନ୍ତି ଜଣେ ପର୍ଯ୍ୟଟକ। ଚୈତନ୍ୟ ଛକ ବେଳାଭୂମି ସେକ୍ଟର ୯ରେ ସ୍ନାନ କରୁଥିବା ସମୟରେ ସ୍ତ୍ରୀ ଓ ପୁଅ ଆଖି ଆଗରେ ଭାସି ଯାଇଛନ୍ତି ହାଇଦରାବାଦର ବିକାଶ ଚାନ୍ଦ। ଉଦ୍ଧାର କରିବା ପାଇଁ ସ୍ତ୍ରୀ ଓ ପୁଅ ଡାକ ପକାଇଥିଲେ। ସେଠାରେ ଉପସ୍ଥିତ ଲାଇଫ୍‌ଗାର୍ଡ ସମୁଦ୍ରକୁ ଯାଇ ଖୋଜାଖୋଜି କରିଥିଲେ। ପରେ ଅଗ୍ନିଶମ ବାହିନୀ କର୍ମଚାରୀମାନେ ପହଞ୍ଚି ଖୋଜାଖୋଜିରେ ଲାଗିଥିଲେ। ହେଲେ ବିକାଶଙ୍କର କୌଣସି ସୂଚନା ମିଳି ନ ଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ବିକାଶ ତାଙ୍କ ପରିବାର ସହ ପୁରୀ ବୁଲିବାକୁ ଆସିଥିଲେ। ଶନିବାର ଚୈତନ୍ୟ ଛକ ନିକଟ ସମୁଦ୍ରରେ ସ୍ନାନ କରୁଥିବାବେଳେ ଏକ ବଡ଼ ଲହଡ଼ି ତାଙ୍କୁ ସମୁଦ୍ର ଭିତରକୁ ଟାଣି ନେଇଥିଲା। ପୁଅ ଓ ସ୍ତ୍ରୀ ସାମ୍ନାରେ ବିକାଶ ଭାସି ଯାଉଥିବାବେଳେ ପରିବାର ଲୋକେ ଚିତ୍କାର କରିଥିଲେ। ଲାଇଫ୍‌ଗାର୍ଡ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଏ ନେଇ ପରିବାର ପକ୍ଷରୁ ସମୁଦ୍ରକୂଳ ଥାନାରେ ଏକ ନିଖୋଜ ମାମଲା ରୁଜୁ କରିଛି ପୁଲିସ।

● ଛାତ୍ରଛାତ୍ରୀଙ୍କ ପାଇଁ ଭବିଷ୍ୟତ ଉଦ୍ୟୋଗୀ କର୍ମଶାଳା

## ନିଯୁକ୍ତି ପଛରେ ଧାଆଁ ନାହିଁ; ନିଯୁକ୍ତିଦାତା ହୁଅ

ପୁରୀ,୨୩।୮ (ସମିସ): ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ବିବିଏ, ଏମ୍‌ବିଏ ଏବଂ ଏମ୍‌କମ୍ (ଫାଇନାନ୍ସ ଓ କଣ୍ଟ୍ରୋଲ) ବିଭାଗରେ ମ୍ୟାନେଜମେଣ୍ଟ ଛାତ୍ରଛାତ୍ରୀଙ୍କ ପାଇଁ ଭବିଷ୍ୟତ ଉଦ୍ୟୋଗୀ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ ଉପସ୍ଥିତ ପ୍ରତିଷ୍ଠିତ ଉଦ୍ୟୋଗୀମାନଙ୍କୁ ସ୍ୱାଗତ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ନିଯୁକ୍ତି ପଛରେ ନ ଧାଇଁ ନିଯୁକ୍ତିଦାତା ହେବା ପାଇଁ ପରାମର୍ଶ ଦେଇଥିଲେ। ବିଭାଗୀୟ ମୁଖ୍ୟ ଡ. ସତ୍ୟ ପ୍ରକାଶ ମିଶ୍ର ଛାତ୍ରଛାତ୍ରୀମାନଙ୍କୁ ଉଜ୍ଜ୍ୱଳ ଉଦ୍ୟୋଗୀ ଜୀବନର କାମନା କରିଥିଲେ। ବିଭାଗୀୟ ବରିଷ୍ଠ ଅଧ୍ୟାପକ ଶିବପ୍ରସନ୍ନ ପଟ୍ଟନାୟକ ଉଦ୍ୟୋଗୀମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏଥିରେ ଯୋଗଦେଇ ହୋଟେଲ ହଲିଡେ ରେସର୍ଟର ନିର୍ଦ୍ଦେଶକ ଜୟ ଜଗଦୀଶ ପାତ୍ର, ମାତୃଭୂମି ପାଇଁ ଉଦ୍ୟୋଗୀ ଭାବେ କିଛି କରିବାର ଅଦମ୍ୟ ଇଚ୍ଛା, କିପରି ତାଙ୍କୁ ସୁଦୂର ଆମେରିକାରୁ ଓଡ଼ିଶା ଟାଣି ଆଣିଥିଲା ତାହା ବର୍ଣ୍ଣନା କରିଥିଲେ। ଅନ୍ୟତମ ଉଦ୍ୟୋଗୀ ଡା. ସିତଲ କୋଟନି, ମହିଳା ଉଦ୍ୟୋଗୀ ଓ ନାରୀ ସଶକ୍ତୀକରଣ ଉପରେ ଉପଯୋଗୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ପ୍ରତିଷ୍ଠିତ ଉଦ୍ୟୋଗୀ ଶ୍ୟାମା ଦାସ ମହାପାତ୍ର, ଜ୍ୟୋତି ଗ୍ରୁପ୍ ଅଫ୍ ହୋଟେଲ୍‌ସର ପରିଚାଳନା ନିର୍ଦ୍ଦେଶକ ରମା ବଲ୍ଲଭ ମହାପାତ୍ର ଓ ନିଶାନ୍ତ ଅଟୋ ମୋବାଇଲ୍‌ସର ପ୍ରତିଷ୍ଠାତା ନିଶାନ୍ତ ସାହୁ, ଛାତ୍ରଛାତ୍ରୀମାନଙ୍କୁ ସଫଳ ଉଦ୍ୟୋଗୀ ହେବା ପାଇଁ ସରଳ ଜୀବନ ଶୈଳୀ, ସକାରାତ୍ମକ ଚିନ୍ତାଧାରା, ବ୍ୟବସାୟରେ ଲାଭର ପୁନଃ ବିନିଯୋଗ ଓ ତ୍ରୁଟିରୁ ଶିଖିବାର ମନୋବୃତ୍ତି ଉପରେ ଜୋର୍ ଦେଇଥିଲେ। ବିଭାଗୀୟ ବରିଷ୍ଠ ଅଧ୍ୟାପକ ଡ. ଅଭିଷେକ ଶତପଥୀ, ପ୍ୟାରୀମୋହନ ଜେନା, ବିଷ୍ଣୁ ପ୍ରସାଦ ସାମନ୍ତରାୟ, ବରିଷ୍ଠ ଅଧ୍ୟାପିକା ବିଜୟଲକ୍ଷ୍ମୀ ଭୋଳ, ସୌମ୍ୟା ମହାନ୍ତି ଓ ମଧୁସ୍ମିତା ଦାସ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସମ୍ପୂର୍ଣ୍ଣ ସହଯୋଗିତା ପ୍ରଦାନ କରିଥିଲେ।

■ ଷ୍ଟର୍ଲିଂ ମୁହାଣରେ ଯୁବକଙ୍କୁ ହତ୍ୟା ଘଟଣା

## ୨ ଜଣଙ୍କୁ ବାନ୍ଧିଲା ପୁଲିସ, ଛୁରୀ ଜବତ

ପୁରୀ,୨୩।୮ (ସମିସ): ବଳିଆପଣ୍ଡା ଥାନା ଅନ୍ତର୍ଗତ ହୋଟେଲ ଷ୍ଟର୍ଲିଂ ମଙ୍ଗଳା ମୁହାଣ ନିକଟରେ ରାଜେଶ ଓଝାଙ୍କୁ ହତ୍ୟା ଘଟଣାରେ ବଳିଆପଣ୍ଡା ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଚକ୍ରକୋଟ ଲେନ୍‌ର ବିଶ୍ୱନାଥ ମହାରଣା (୨୦) ଓ ଗଞ୍ଜାମ ବେଗୁନିଆପଡ଼ାର ଉଲ୍ଲାସ ରାଉତ (୨୦)। ୨୧ ତାରିଖ ଅପରାହ୍ନରେ ଅଭିଯୁକ୍ତ ବିଶ୍ୱନାଥ ଓ ଉଲ୍ଲାସ ଏକ ସ୍କୁଟି ଯୋଗେ ରାଜେଶଙ୍କ ଘରକୁ ଯାଇଥିଲେ। ସେଠାରୁ ତାଙ୍କୁ ଆଣି ମଙ୍ଗଳା ନଦୀ ମୁହାଣ ନିକଟକୁ ଆସିଥିଲେ। ସେଠାରେ ୩ ଜଣ ମଦ୍ୟପାନ କରିଥିଲେ। ଏହା ପରେ ବିଶ୍ୱନାଥ ଟଙ୍କା ଫେରାଇବାକୁ ରାଜେଶଙ୍କୁ କହିଥିଲେ। ସେ ମନା କରିବା ପରେ ଉଲ୍ଲାସ ଟଙ୍କା ଫେରାଇବାକୁ ବିଶ୍ୱନାଥଙ୍କୁ ଉସୁକାଇଥିଲା। ଏହାକୁ ନେଇ ବଚସା ହୋଇଥିଲା। ପରେ ବିଶ୍ୱନାଥ ଛୁରୀ ଦ୍ୱାରା ରାଜେଶଙ୍କୁ ହତ୍ୟା କରିଥିବା ପୁଲିସ ସୂଚନା ଦେଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ଛୁରୀ ପୁଲିସ ଜବତ କରିଥିବାବେଳେ ଶନିବାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ଟୁର୍ ଆଣ୍ଡ ଟ୍ରାଭେଲ୍ ଏଜେନ୍ସିରେ ଚଢ଼ଉ

## ବିନା ନୋଟିସ୍‌ରେ ଚଢ଼ଉକୁ ଆପ୍‌ର ବିରୋଧ

ପୁରୀ,୨୩।୮ (ସମିସ)

ଗତ ମଙ୍ଗଳବାର ପୁରୀ ସହରର ବିଭିନ୍ନ ଟୁର୍ ଆଣ୍ଡ ଟ୍ରାଭେଲ୍ ଏଜେନ୍ସି ଉପରେ ଚଢ଼ଉ କରିଥିଲା ପୁଲିସ। କିଛି ଅପରେଟର ବେଆଇନ କାର୍ଯ୍ୟ କରୁଥିବା ନେଇ ପୁଲିସର ଦୃଷ୍ଟିଗୋଚର ହୋଇଥିଲା। ପୁରୀକୁ ଆସୁଥିବା ପର୍ଯ୍ୟଟକ, ଭକ୍ତମାନଙ୍କୁ ଟୁର୍ ଏବଂ ଟ୍ରାଭେଲ୍ ଅପରେଟରମାନେ ହଇରାଣ କରୁଛନ୍ତି। ଏପରି ଅନେକ ଏଜେନ୍ସି କୌଣସି ପଞ୍ଜୀକରଣ କରି ନ ଥିବା ଖବର ପାଇବା ପରେ ପୁଲିସ ଅଚାନକ ଚଢ଼ଉ କରିଥିଲା। ବିନା ନୋଟିସ୍‌ରେ ପୁଲିସର ଚଢ଼ଉକୁ ବିରୋଧ କରିଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ଏ ନେଇ ଶନିବାର ଜିଲ୍ଲା ଆପ୍ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଥିଲେ, କାହା ନିର୍ଦ୍ଦେଶରେ ଏସ୍‌ପି ଟ୍ରାଭେଲ୍ ଏଜେନ୍ସି ଉପରେ ଚଢ଼ଉ କରିଥିଲେ। ଏହି ନିଷ୍ପତ୍ତି ତାଙ୍କର ବ୍ୟକ୍ତିଗତ ଥିଲା ନା ସରକାରୀ ଆଦେଶ ଥିଲା। ଉପମୁଖ୍ୟମନ୍ତ୍ରୀ ଶୁକ୍ରବାର ସର୍ବଭାରତୀୟ ଟୁର୍ ଅପେରଟେରଙ୍କ ସମ୍ମିଳନୀରେ ଯୋଗଦେବାକୁ ପୁରୀ ଆସିଥିଲେ। ସେ ଏହି ବିଷୟରେ କୌଣସି ଆଲୋଚନା କରି ନ ଥିଲେ। ପୁରୀ ପର୍ଯ୍ୟଟନକୁ ଆଗେଇ ନେବାରେ ଟ୍ରାଭେଲ୍ସ ମାଲିକମାନଙ୍କ ବଡ଼ ଭୂମିକା ରହିଛି। ତାଙ୍କ ଉପରେ ମନମୁଖୀ କାର୍ଯ୍ୟାନୁଷ୍ଠାନ ପ୍ରାୟ ୧ ଲକ୍ଷ ଲୋକଙ୍କ ଜୀବନ ଓ ଅର୍ଥନୀତିକୁ ପ୍ରଭାବିତ କରିପାରେ। ପ୍ରଶାସନର ଏ ତରବରିଆ କାର୍ଯ୍ୟାନୁଷ୍ଠାନ ସାଧାରଣରେ ଗରିବ ମାରଣ ନିଷ୍ପତ୍ତି ବୋଲି ଆଲୋଚନା ହେଉଛି। ବିନା ନୋଟିସ୍ ଏବଂ ଆଲୋଚନାରେ ବ୍ୟବସାୟ ବନ୍ଦ ହେବାରୁ ସାଧାରଣ ଲୋକ ବହୁତ ହଇରାଣ ହେଉଛନ୍ତି। ଯଦି ଏହି ୬୩ ଜଣଙ୍କ ବ୍ୟବସାୟ ବନ୍ଦ ତେବେ ହୋଟେଲମାନଙ୍କରେ ଥିବା ଟ୍ରାଭେଲ୍ସ ଏଜେନ୍ସିଗୁଡ଼ିକ କିପରି ବେପାର କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ସଞ୍ଜୀବ।

ସେ କହିଛନ୍ତି, ହୋଟେଲରେ ଯେଉଁମାନେ ଏହି ବ୍ୟବସାୟ କରୁଛନ୍ତି ସେମାନେ ତ ପଞ୍ଜିକୃତ ନୁହନ୍ତି। ତେଣୁ ପୁଲିସର ଭୂମିକା ଏ କ୍ଷେତ୍ରରେ ସନ୍ଦେହ ଭିତରକୁ ଠେଲି ହୋଇଯାଉଛି। ଆଗକୁ ପାର୍ବଣ ଋତୁ। ବେପାର ନ କଲେ ଭୋକ ଉପାସରେ କାଳାତିପାତ କରିବାକୁ ପଡ଼ିବ ବୋଲି ଟ୍ରାଭେଲ୍ ଅପରେଟରଙ୍କ ମଧ୍ୟରେ ଆଲୋଚନା ହେଉଛି। ଯଦି ଖୋଦ୍ ସରକାର ଉଠାଦୋକାନୀ ପାଇଁ ୧୦୦ରୁ ୧୨୦ ଫୁଟ୍ ଦୋକାନ ସ୍ଥିର କରିପାରୁଛି ତେବେ ସର୍ଭିସ୍ ପ୍ରୋଭାଇଡରଙ୍କୁ ସେମାନଙ୍କ ପଞ୍ଜୀକରଣ ପାଇଁ ୧୫୦ ବର୍ଗଫୁଟ୍ କାହିଁକି ମାପଦଣ୍ଡ ରଖାଯାଇଛି ବୋଲି ପ୍ରଶ୍ନ କରିଛନ୍ତି ନଗର ସଭାପତି ରମାକାନ୍ତ ସ୍ୱାଇଁ। ପ୍ରଶାସନ ଆଗ ଟ୍ରାଭେଲ୍ ଏଜେନ୍ସିଙ୍କ ସହିତ ଆଲୋଚନା କରୁ। ସେମାନଙ୍କୁ ସବୁ ମାପଦଣ୍ଡ ପୂରଣ ପାଇଁ ଅତି କମ୍‌ରେ ୩ ମାସ ସମୟ ଦିଆଯାଉ। ଏଥିସହ ସେମାନଙ୍କୁ ବେପାର ପାଇଁ ଅନୁମତି ଦିଆଯାଉ ବୋଲି ଦାବି କରିଛନ୍ତି ଜିଲ୍ଲା ସଭାପତି ଶ୍ରୀ ମହାନ୍ତି। ଏହି ଦାବି ପୂରଣ ନ ହେଲେ ଆପ୍ କର୍ମୀ ବାଧ୍ୟ ହେଇ ରାଜରାସ୍ତାରେ ବିରୋଧ କରିବେ ବୋଲି ଚେତାବନୀ ଦେଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଆପ୍ କୃଷକ ନେତା ଦେବ ପ୍ରଧାନଙ୍କ ସମେତ ଟ୍ରାଭେଲ୍ସ ମାଲିକ ଓ କର୍ମଚାରୀ ଉପସ୍ଥିତ ଥିଲେ।

## କିରାନା ଦୋକାନରେ ଅଗ୍ନିକାଣ୍ଡ

ପୁରୀ,୨୩।୮ (ସମିସ): ପୁରୁଣା ସଦର ଥାନା ଛକ ନିକଟରେ ଥିବା ଚନ୍ଦ୍ରଶେଖର ତ୍ରିପାଠୀଙ୍କ ଏକ ସରକାରୀ କିରାନା ଦୋକାନରେ ଘଟିଯାଇଛି ଅଗ୍ନିକାଣ୍ଡ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଖବର ପାଇ ଅଗ୍ନିଶମ ବିଭାଗ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଆଶଙ୍କା।



ସର୍ବଭାରତୀୟ ରେଲ୍‌ୱେ ଠିକା କର୍ମଚାରୀ ସଂଘ ବୈଠକ

## ସ୍ଥାୟୀ ନିଯୁକ୍ତି ଦିଅ, ଘରୋଇକରଣ ବନ୍ଦ କର

ପୁରୀ,୨୩।୮ (ସମିସ)




ସମଗ୍ର ଭାରତବର୍ଷରେ ପୂର୍ବରୁ ରେଳବାଇରେ ୧୮ ଲକ୍ଷ ଶ୍ରମିକ ନିୟମିତ ଭାବେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିଲେ। ନିୟମିତ ଶ୍ରମିକଙ୍କ ସଂଖ୍ୟା ହ୍ରାସ ପାଇ ଏବେ ୧୩ ଲକ୍ଷରେ ପହଞ୍ଚିଥିବାବେଳେ ୬.୫ ଲକ୍ଷ ଜଣ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ନା ଅଛି ସେମାନଙ୍କ ଚାକିରିର ସ୍ଥାୟିତ୍ୱ ନା ଅଛି ସାମାଜିକ ସୁରକ୍ଷା। ଏଭଳି କି ବିଭିନ୍ନ ଠିକା କମ୍ପାନୀ ମନଇଚ୍ଛା ମୋଟା ଅଙ୍କର ଟଙ୍କା ନେଇ ଠିକା ଶ୍ରମିକ ନିଯୋଜିତ କରୁଛନ୍ତି। ଠିକା ଶ୍ରମିକ ସେମାନଙ୍କ ହକ୍ ନେଇ ସ୍ୱର ଉଠାଇଲେ ସେମାନଙ୍କୁ ଚାକିରି ହରାଇବାକୁ ପଡୁଛି। ଏହାର ପ୍ରତିବାଦରେ ଶନିବାର ସ୍ଥାନୀୟ ସର୍କିଟ୍ ହାଉସରେ ସର୍ବଭାରତୀୟ ରେଲ୍‌ୱେ ଠିକା କର୍ମଚାରୀ ସଂଘର କେନ୍ଦ୍ରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଟୁର ସର୍ବଭାରତୀୟ ସଭାପତି ଡ. ହେମଲତା ସଭାପତିତ୍ୱ କରିଥିଲେ। ବୈଠକରେ ୧୩ଟି ରାଜ୍ୟର ରେଲ୍‌ୱେ ଶ୍ରମିକ ନେତୃତ୍ୱମାନେ ଯୋଗଦେଇଥିଲେ। ଠିକା ଶ୍ରମିକମାନଙ୍କୁ ରେଳ ବିଭାଗରେ ସ୍ଥାୟୀ ନିଯୁକ୍ତି ଦେବା, ଠିକାଦାରୀ ବ୍ୟବସ୍ଥା ଉଚ୍ଛେଦ କରିବା, ଠିକା କର୍ମଚାରୀଙ୍କୁ ସର୍ବନିମ୍ନ ମଜୁରୀ ପ୍ରଦାନ, ରେଳବାଇରେ ଘରୋଇକରଣ ବନ୍ଦ, ସମାନ କାମକୁ ସମାନ ଦରମା ପ୍ରଦାନ, ନୂତନ ଶ୍ରମ ଆଇନ ବାତିଲ୍, ବେଆଇନ ଛଟେଇ ବନ୍ଦ କରିବା ଇତ୍ୟାଦି ଦାବି ନେଇ ବିଭିନ୍ନ ରାଜ୍ୟରେ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବା ଲାଗି ନିଷ୍ପତ୍ତି ହୋଇଛି। ୬ ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ଠିକା ଶ୍ରମିକଙ୍କୁ କରାଯାଉଥିବା ଶୋଷଣ ବନ୍ଦ କରିବା ନିମନ୍ତେ ରେଲ୍‌ୱେ ବୋର୍ଡ ଚେୟାରମ୍ୟାନ୍‌ଙ୍କୁ ଦାବିପତ୍ର ପ୍ରଦାନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆସନ୍ତା ସେପ୍ଟେମ୍ବର ୧୬ରେ ଦିଲ୍ଲୀରେ ଏକ ଶ୍ରମିକ କନ୍‌ଭେନ୍‌ସନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି।

ଏହି ବୈଠକରେ ରେଲ୍‌ୱେ ଠିକା କର୍ମଚାରୀ ସଂଘର ସର୍ବଭାରତୀୟ ଆବାହକ କମ୍ରେଡ୍ ରମେଶ ବାବୁ, ସିଟୁ ସର୍ବଭାରତୀୟ ଉପସଭାପତି ବିଷ୍ଣୁ ମହାନ୍ତି, ସର୍ବଭାରତୀୟ କୋଷାଧ୍ୟକ୍ଷ କମ୍ରେଡ୍ ସାଇବାବୁ ବକ୍ତବ୍ୟ ରଖି ଭାରତର ଅର୍ଥନୈତିକ ସଙ୍କଟ ସମ୍ପର୍କରେ ଆଲୋଚନା କରିଥିଲେ। କେନ୍ଦ୍ର ସରକାର ଶ୍ରମିକମାନଙ୍କ ସମସ୍ୟା ସମାଧାନ କରିବା ବଦଳରେ ଏସ୍‌ଆଇଆର୍ ନାଁରେ ଭାରତବର୍ଷରେ ଶ୍ରମିକ ଆନ୍ଦୋଳନକୁ ବିଭାଜନ କରିବା ସହ ଦେଶରେ ଅସ୍ଥିରତା ସୃଷ୍ଟି କରୁଛନ୍ତି ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ବୈଠକରେ ଇଷ୍ଟକୋଷ୍ଟ କଣ୍ଟ୍ରାକ୍ଟ ଶ୍ରମିକ ୟୁନିୟନର ପୁରୀ ଜିଲ୍ଲା ସଭାପତି ଆଡ୍‌ଭୋକେଟ ଶ୍ରୀକାନ୍ତ ପରିଜା, ସମ୍ପାଦକ ଦେବାଶିଷ ସାମଲ ପୁରୀରେ ରେଲ୍‌ୱେ ଠିକା କର୍ମଚାରୀଙ୍କ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ। କର୍ମଚାରୀଙ୍କ ଇପିଏଫ୍ ଓ ଇଏସ୍‌ଆଇ ନ ଦେବା, ବକେୟା ପ୍ରାପ୍ୟ ମାସ ମାସ ଧରି ପ୍ରଦାନ ନ କରିବା ସହ ଶ୍ରମିକମାନଙ୍କୁ ମନଇଚ୍ଛା ଛଟେଇ କରାଯାଉଥିବା ଅଭିଯୋଗ କରିଥିଲେ। ଓଡ଼ିଶା ବାହାରୁ ଆସିଥିବା ଶ୍ରମିକ ପ୍ରତିନିଧିମାନଙ୍କ ସହ ଆଲୋଚନା, ସ୍ୱାଗତ ଓ ଆତିଥ୍ୟ ପ୍ରଦାନ ସହ ସଭାକୁ ସୁପରିଚାଳନା କରିବାରେ ଠିକା କର୍ମଚାରୀ ବିଜୟ କୁମାର ଭୋଇ, ପବିତ୍ର ମୋହନ ପ୍ରଧାନ, କାହ୍ନୁ ଚରଣ ମଲ୍ଲିକ, ଈଶ୍ୱର ସାହୁ, ନୃସିଂହ ବେହେରା, ସୁଶାନ୍ତ ବିଶ୍ୱାଳ ଓ ଜୟରାମ ଜେନା ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଦେବୀ ନଦୀ ବନ୍ଧରେ କୃତ୍ରିମ ହ୍ରଦ

● ଯାତାୟାତ ବାଧାପ୍ରାପ୍ତ; ମରାମତି ଦାବି
● ରାସ୍ତାକୁ ମାଡ଼ି ଆସିଲାଣି ଅନାବନା ଗଛ
● ବାରମ୍ବାର ଅଭିଯୋଗ ସତ୍ତ୍ୱେ ତତ୍ପରତା ଦେଖାଉନି ଜଳସେଚନ ବିଭାଗ



କାକଟପୁର,୨୩।୮ (ସମିସ)

ଦେବୀ ନଦୀରେ ବନ୍ୟାଜଳ ପ୍ରବାହିତ ହେବା ମାତ୍ରକେ ପୁରୀ ଜିଲ୍ଲାର କାକଟପୁର, ଅସ୍ତରଙ୍ଗ ୨ଟି ବ୍ଲକ୍‌ର ଜନସାଧାରଣ ଯେଉଁ ନଦୀ ବନ୍ଧ କଥା ମନେପକାଇ ଆତଙ୍କିତ ହୋଇପଡ଼ନ୍ତି ସେହି ସ୍ଥାନର ନାଁ ହେଲା ବାଉରିଆକଣ ନଦୀ ବନ୍ଧ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହି ନଦୀ ବନ୍ଧର ଆର୍‌ଡି ୭୮ କି.ମି. ୫୩୦ ମିଟରରୁ ଆର୍‌ଡି ୭୮ କି.ମି. ୯୮୦ ମିଟର ନଦୀ ବନ୍ଧର ମଧ୍ୟଭାଗରେ ଏକାଧିକ ବଡବଡ଼ ଖାଲଖମା ସୃଷ୍ଟି ହୋଇଛି। ଉକ୍ତ ଖାଲରେ ବର୍ଷାଜଳ ଏତେ ପରିମାଣରେ ଜମିରହୁଛି ଯେ ଦୂରରୁ ଦେଖିଲେ କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରୁଛି ବୋଲି ବାଉରିଆକଣ ଗ୍ରାମବାସୀଙ୍କ ସହ ବହୁ ପଥଚାରୀ କହୁଛନ୍ତି। ବର୍ଷା ଜଳରେ ବୁଡ଼ି ରହିଥିବା ଏହି ଖାଲକୁ ସହଜରେ ଜାଣି ନ ପାରି ଅଧିକାଂଶ ସମୟ ପଥଚାରୀ ଓ ଗାଡ଼ି ଚାଳକମାନଙ୍କୁ ଦୁର୍ଘଟଣାର ଶିକାର ହେବାକୁ ପଡୁଛି ବୋଲି ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ନଦୀ ବନ୍ଧରେ ସୃଷ୍ଟି ହୋଇଥିବା ଏହି ଖାଲଖମାକୁ ମରାମତି କରିବାକୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବନ୍ଧକୁ ମରାମତି କରିବା ଦିଗରେ କାକଟପୁର ଜଳସେଚନ ବିଭାଗ ତତ୍ପରତା ପ୍ରକାଶ କରୁନାହିଁ ବୋଲି ସ୍ଥାନୀୟ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

ବାଉରିଆକଣ ଗ୍ରାମର କେତେକ ବୟୋଜ୍ୟେଷ୍ଠ ଗ୍ରାମବାସୀ କୁହନ୍ତି, ତାଙ୍କ ପିଲାଦିନୁ ଦେଖି ଆସୁଛନ୍ତି କାକଟପୁର ଜଳସେଚନ ବିଭାଗ ପ୍ରତ୍ୟେକ ବର୍ଷ ଏଠାରେ ନଦୀ ବନ୍ଧର ସୁରକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଆସୁଛି। କିନ୍ତୁ ଏଯାବତ୍ ନଦୀ ବନ୍ଧର ସ୍ଥାୟୀ ସୁରକ୍ଷା ହୋଇପାରିଲା ନାହିଁ। ଦେବୀ ନଦୀରେ ବନ୍ୟାଜଳ ପ୍ରବାହିତ ହେବା ମାତ୍ରକେ କାକଟପୁର ଜଳସେଚନ ବିଭାଗ ଏଠାରେ ବନ୍ୟା ମୁକାବିଲା ପାଇଁ ତତ୍ପର ହୋଇଉଠେ। ନଦୀ ବନ୍ଧ କଡ଼ରେ ଥିବା ବିଭାଗର ବିଶ୍ରାମ ଗୃହ ସଫାସୁତରା ହୁଏ। ସନ୍ଧ୍ୟା ହେଲେ ନଦୀ ବନ୍ଧରେ ଲାଇଟ୍ ଲାଗେ, ବନ୍ଧ ଜଗିବାକୁ କର୍ମଚାରୀ ନିୟୋଜିତ ହୁଅନ୍ତି। ଆଉ ବିଭାଗୀୟ ଅଧିକାରୀମାନେ ଅଞ୍ଚଳକୁ ଘନ ଘନ ଗସ୍ତ ବି କରନ୍ତି। କିନ୍ତୁ ବନ୍ୟା ମୁକାବିଲା ଆଳରେ ବିଭାଗ ଏଠାରେ ଲକ୍ଷ ଲକ୍ଷ ଟଙ୍କାର ବ୍ୟୟ ଦେଖାଇ ବିଲ୍ କରେ ବୋଲି କେତେକ ଠିକାଦାର ନିଜ ନାମକୁ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି। ଏମିତିକି ବିଗତ ୩ ବର୍ଷ ମଧ୍ୟରେ ଦେବୀ ନଦୀରେ ବଡ଼ ଧରଣର ବନ୍ୟା ହୋଇ ନ ଥିଲେ ମଧ୍ୟ ବିଭାଗ ବନ୍ୟା ମୁକାବିଲା ଆଳରେ ଲକ୍ଷ ଲକ୍ଷ ଟଙ୍କାର ବିଲ୍ କରିଛି ବୋଲି ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ଦେବୀ ନଦୀର ଦକ୍ଷିଣପାଶ୍ୱର୍ ନଦୀ ବନ୍ଧ ବନାଖଣ୍ଡିଠାରୁ ଅସନ ପର୍ଯ୍ୟନ୍ତ ଯାଇଥିବା ନଦୀ ବନ୍ଧ ମରାମତି ଏବଂ ନଦୀର ତଟକ୍ଷୟରୁ ଗ୍ରାମ ଓ ଜମିକୁ ରକ୍ଷା କରିବାକୁ କାକଟପୁର ଜଳସେଚନ ବିଭାଗ ବିଗତ ୩ ବର୍ଷ ମଧ୍ୟରେ କୋଟି କୋଟି ଟଙ୍କା ବ୍ୟୟରେ ନଦୀ ବନ୍ଧ ମରାମତି ସହିତ ନଦୀରେ ପଥର ପ୍ୟାକିଙ୍ଗ୍, ଲଟିଂ, ସ୍ପର୍ ନିର୍ମାଣ ଓ ମରାମତି କାର୍ଯ୍ୟ ସହିତ ନଦୀ ବନ୍ଧରେ ମାଟି, ମୋରମ୍, ମେଣ୍ଟାଲିଂ ଓ ପିଚୁ ରାସ୍ତା ନିର୍ମାଣ କରିଛି। କିନ୍ତୁ ନଦୀ ବନ୍ଧ ଏବେ କେଉଁଠି ଦବିଗଲାଣି ତ ଆଉ କେଉଁଠି ପିଚୁ ରାସ୍ତା ମଝିରୁ ଫାଟିଗଲାଣି। ନଦୀ ବନ୍ଧର ଉଭୟ ପାର୍ଶ୍ୱରେ ଅନାବନା ଗଛର ଘଞ୍ଚ ଜଙ୍ଗଲ ରାସ୍ତା ମଝିକୁ ମାଡ଼ି ଆସିଥିଲେ ସୁଦ୍ଧା ସେଗୁଡ଼ିକ ସଫା କରିବାକୁ ବିଭାଗ ନାଁ ଧରୁନି।

ପ୍ରତି ବର୍ଷ ଏହି ସବ୍‌ଡିଭିଜନକୁ ଏମ୍‌ଆର୍ ଯୋଜନାରେ ନଦୀ ବନ୍ଧର ଛୋଟ ଛୋଟ କାର୍ଯ୍ୟର ମରାମତି ସହ ନଦୀ ଓ କେନାଲ ବନ୍ଧରେ ସୃଷ୍ଟି ହୋଇଥିବା ଅନାବନା ଗଛର ଜଙ୍ଗଲ ସଫା ପାଇଁ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ରାଶି ମିଳୁଥିବାବେଳେ ଏସବୁ କାର୍ଯ୍ୟ ନ ହୋଇ ଉକ୍ତ ଅନୁଦାନ ଅର୍ଥକୁ ବିଭାଗୀୟ ଅଧିକାରୀମାନେ କେଉଁ କାର୍ଯ୍ୟରେ ବିନିଯୋଗ କରୁଛନ୍ତି ତାହାର ଭିଜିଲାନ୍ସ ତଦନ୍ତ ପାଇଁ ନଦୀ ତଟବର୍ତ୍ତୀ ଗ୍ରାମର ଜନସାଧାରଣ ଦାବି କରିଛନ୍ତି। ଏହା ସହିତ ନଦୀ ବନ୍ଧର ଉଭୟ ପାର୍ଶ୍ୱରେ ସୃଷ୍ଟି ହୋଇଥିବା ଅନାବନା ଗଛର ଘଞ୍ଚ ଜଙ୍ଗଲ ସଫା ସହ ବାଉରିଆକଣ ନଦୀ ବନ୍ଧରେ ସୃଷ୍ଟି ହୋଇଥିବା ଖାଲଖମା ତୁରନ୍ତ ମରାମତି ପାଇଁ ବାଉରିଆକଣ ଗ୍ରାମର କେଦାର ନାଥ ସ୍ୱାଇଁଙ୍କ ସମେତ ଗ୍ରାମର ଶତାଧିକ ବ୍ୟକ୍ତି ଦାବି କରିଛନ୍ତି।

## ସ୍ତ୍ରୀର ପ୍ରେମିକକୁ ଗୋଡ଼ାଇ ଗୋଡ଼ାଇ ହାଣିଲା

ଜଟଣୀ,୨୩।୮ (ସମିସ): ଜନୈକା ମହିଳାଙ୍କ ସହ ଅବୈଧ ସମ୍ପର୍କ ରଖି ତାଙ୍କ ସ୍ୱାମୀଠାରୁ ହଣାଖାଇଲା ପ୍ରେମିକ। ବିଚ୍ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ହାଣିଲେ ଉତ୍ୟକ୍ତ ସ୍ୱାମୀ। ଦୌଡ଼ି ଦୌଡ଼ି ଥାନା ଭିତରେ ପଶିଗଲେ ପ୍ରେମିକ। ଆକ୍ରମଣକାରୀ ମଧ୍ୟ ଥାନା ଭିତରକୁ ପଶିଯାଇଥିଲେ। ଫଳରେ ପୁଲିସ ତାଙ୍କୁ କାବୁ କରିନେଇଛି। ଘଟଣା ଅନୁଯାୟୀ, ଜଟଣୀ ବାଛରା ଅଞ୍ଚଳର ଚନ୍ଦନ ନାଏକ ନାମକ ଜଣେ ଯୁବକ ଗଞ୍ଜାମ ଜିଲ୍ଲା ରମ୍ଭା ଅଞ୍ଚଳର ଜନୈକା ବିବାହିତା ମହିଳାଙ୍କୁ ପ୍ରେମ କରି ନିଜ ପାଖରେ ରଖିଥିଲେ। ମହିଳା ଜଣକ ଗତ ୪ ବର୍ଷ ହେବ ନିଜ ସ୍ୱାମୀ ସୁଶାନ୍ତ ନାଏକଙ୍କୁ ଧୋକା ଦେଇ ଚନ୍ଦନ ସାଥିରେ ରହୁଥିଲେ। ସ୍ୱାମୀ ସୁଶାନ୍ତ ଏହା ଜାଣିବା ପରେ ବିଭିନ୍ନ ସମୟରେ ଜଟଣୀ ଆସି ଚନ୍ଦନଙ୍କୁ ଆକ୍ରମଣ କରିବାକୁ ଯୋଜନା କରୁଥିଲେ। ଶନିବାର ସୁଯୋଗ ପାଇ ଦ୍ୱିପହର ସମୟରେ ସୁଶାନ୍ତ ଜଟଣୀ ଥାନାଠାରୁ ମାତ୍ର ଅଳ୍ପ ଦୂରରେ ପୋଷ୍ଟ ଅଫିସ ଛକଠାରେ ଏକ ଚାପଡ଼ ଦ୍ୱାରା ଚନ୍ଦନଙ୍କୁ ଗୋଡ଼ାଇ ଗୋଡ଼ାଇ ଚୋଟ ମାରିଥିଲେ। ଜୀବନ ବଞ୍ଚାଇବାକୁ ଯାଇ ଚନ୍ଦନ ଥାନା ଭିତରକୁ ପଶି ଯାଇଥିଲେ। ଉତ୍ୟକ୍ତ ସ୍ୱାମୀ ସୁଶାନ୍ତ ମଧ୍ୟ ଥାନା ଭିତରକୁ ଗୋଡ଼ାଇ ଗୋଡ଼ାଇ ଯାଇଥିଲେ। ପୁଲିସ ଅଭିଯୁକ୍ତ ସୁଶାନ୍ତଙ୍କୁ କାବୁ କରିବା ସହ ଗୁରୁତର ଅବସ୍ଥାରେ ଚନ୍ଦନଙ୍କୁ ପ୍ରଥମେ ଜଟଣୀ ହସ୍ପିଟାଲ ଓ ପରେ ଏମ୍‌ସକୁ ସ୍ଥାନାନ୍ତର କରିଛି। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ଏତଲା ଦିଆଯାଇ ନ ଥିବା ଜଣାପଡ଼ିଛି।

## ଗୋରୁବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ; ୧୨ ଗୋରୁ ଉଦ୍ଧାର

ଖୋର୍ଦ୍ଧା,୨୩।୮ (ସମିସ): ସ୍ଥାନୀୟ ମୁକୁନ୍ଦପ୍ରସାଦ ଅଞ୍ଚଳରୁ ପୁଲିସ ଗୋରୁବୋଝେଇ ଏକ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରିଛି। ଗାଡ଼ି ଭିତରୁ ପୁଲିସ ୧୨ଟି ଗୋରୁ ଉଦ୍ଧାର କରିଥିବାବେଳେ ସମସ୍ତ ଗୋରୁଙ୍କୁ ଜଟଣୀ ଗୋଶାଳାରେ ଛଡ଼ାଯାଇଥିବା ପୁଲିସ ସୂଚନା ଦେଇଛି। ପ୍ରକାଶ ଥାଉକି, ବେଗୁନିଆ ଜାମୁସାହିରୁ ଗୋରୁବୋଝେଇ ହୋଇ ଏକ ପିକ୍‌ଅପ୍ ଭ୍ୟାନ୍ ଭୁବନେଶ୍ୱର ଅଭିମୁଖେ ଆସୁଥିବା ବଜରଙ୍ଗ ଦଳ ସଦସ୍ୟ ଖବର ପାଇ ରାସ୍ତାର ବିଭିନ୍ନ ସ୍ଥାନରେ ଜଗିରହିଥିଲେ। ରାସ୍ତାରେ ଗାଡ଼ି ଅଟକାଇବାବେଳେ ଡ୍ରାଇଭର ସେମାନଙ୍କ ଉପରେ ଗାଡ଼ି ଚଢ଼ାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ବଜରଙ୍ଗ ଦଳ ସଦସ୍ୟ ସେମାନଙ୍କୁ ଗୋଡ଼ାଇବାରେ ଡ୍ରାଇଭର ଗାଡ଼ିକୁ ମୁକୁନ୍ଦପ୍ରସାଦ ଗାଁ ଭିତରକୁ ପୂରାଇ ଗାଡ଼ି ଛାଡ଼ି ପଳାଇଥିଲା। ଖବର ପାଇ ଶିଳ୍ପାଞ୍ଚଳ ପୁଲିସ ପହଞ୍ଚି ଗାଡ଼ିକୁ ଜବତ କରିଥିଲା। ଗାଡ଼ି ମଧ୍ୟରେ ଥିବା ଗୋରୁଙ୍କୁ ଉଦ୍ଧାର କରିବା ସହ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ଅଭିଯୋଗ କ୍ରମେ ପୁଲିସ ୧୯୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ୨୧୨ ଲିଟର ଦେଶୀ ମଦ ଜବତ, ୪ ଗିରଫ

ବେଗୁନିଆ,୨୩।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୨୧୨ ଲିଟର ଦେଶୀ ମଦ ଜବତ ସହ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ସୁବୁଦ୍ଧିଙ୍କ ସୂଚନା ଅନୁଯାୟୀ, ଜାମୁସାହି ଗ୍ରାମର ତପନ ଜେନା, ନିରଞ୍ଜନ ପରିଡ଼ା, ଶାମୁକା ପାଟଣା ଗ୍ରାମର ସଞ୍ଜୁ ପରିଡ଼ା ଓ ଭବାନୀପୁର ଗ୍ରାମର ପଡିଆ ସ୍ୱାଇଁ ସହ ଏକଡାଲିଆ କାଜୁ ଜଙ୍ଗଲରୁ ଦେଶୀ ମଦ ପୋଚ ନଷ୍ଟ କରିଛି। ଏଥିରେ ପୁଲିସ କର୍ମଚାରୀ ପୁରୁଷୋତ୍ତମ ନାୟକ ଓ ବିଦ୍ୟୁତ୍‌ପ୍ରଭା ସାହୁ ସାମିଲ ହୋଇଥିଲେ।

## ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଯୁବକ ମୃତ

ବାଣପୁର,୨୩।୮ (ସମିସ): ନାଚୁଣୀ ଥାନା ଅଞ୍ଚଳରେ ଶନିବାର ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ନାଚୁଣୀ ଥାନା ଅଧୀନ ସୁନାଖଳା ଗ୍ରାମର ଅଶୋକ ବେହେରାଙ୍କ ପୁଅ ଆଶିଷ ବେହେରା (୨୬)। ସୂଚନା ମୁତାବକ, ଆଶିଷ ଏକ ବାଇକ୍ ଯୋଗେ ବାଲୁଗାଁରୁ କାମ ସାରି ଶନିବାର ମଧ୍ୟାହ୍ନରେ ଘରକୁ ଫେରୁଥିବା ସମୟରେ ୧୬ ନମ୍ବର ଜାତୀୟ ରାଜପଥର କହ୍ନେଇପୁର ଛକ ନିକଟରେ ଏକ ପିକ୍‌ଅପ୍ ଭ୍ୟାନ୍ ତାଙ୍କ ବାଇକ୍‌ର ପଛ ପାର୍ଶ୍ୱକୁ ଶକ୍ତ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟିବା ପରେ ପିକ୍‌ଅପ୍ ଭ୍ୟାନ୍‌ଟି ଦ୍ରୁତ ଗତିରେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ଦୁର୍ଘଟଣାରେ ଆଶିଷ ରାସ୍ତାରେ ଛିଟିକି ପଡ଼ି ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବାବେଳେ ସ୍ଥାନୀୟ ଲୋକେ ଦେଖି ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ନାଚୁଣୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆଶିଷଙ୍କୁ ଟାଙ୍ଗୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଜାରି ରଖିଛି।

## ରେଳ ଧାରଣାରୁ ଅଜଣା ବ୍ୟକ୍ତିଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଉଦ୍ଧାର

ବାଲୁଗାଁ,୨୩।୮ (ସମିସ): ଖୋର୍ଦ୍ଧା ରେଳ ଡିଭିଜନ ଅଧୀନ ବାଲୁଗାଁ ରେଳ ଷ୍ଟେସନ ଓ ଚିଲିକା ରେଳ ଷ୍ଟେସନ ମଧ୍ୟବର୍ତ୍ତୀ ଅଞ୍ଚଳର ରେଳ ଧାରଣାରୁ ଶନିବାର ଜଣେ ଅଜଣା ବ୍ୟକ୍ତିଙ୍କ ଖଣ୍ଡବିଖଣ୍ଡିତ ମୃତଦେହକୁ ରେଳବାଇ ପୁଲିସ ଉଦ୍ଧାର କରିଛି। ସୂଚନା ମୁତାବକ, ବାଲୁଗାଁ ରେଳ ଷ୍ଟେସନ ଓ ଚିଲିକା ରେଳ ଷ୍ଟେସନ ମଧ୍ୟରେ ଥିବା ୫୨୮ ନମ୍ବର ପୋଲ ନିକଟ ରେଳ ଧାରଣା ମଧ୍ୟରେ ଶନିବାର ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହର ଗଣ୍ଡି ପଡ଼ି ରହିଥିବାବେଳେ ଅନତି ଦୂରରେ ମୁଣ୍ଡ ପଡ଼ିଥିବାର କିଛି ସ୍ଥାନୀୟ ଲୋକେ ଦେଖି ବାଲୁଗାଁ ରେଳବାଇ ପୁଲିସକୁ ଏ ସମ୍ପର୍କରେ ସୂଚନା ଦେଇଥିଲେ। ଖବର ପାଇ ଜିଆରପି ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଜାରି ରଖିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ, ଟ୍ରେନ୍ ଧକ୍କାରେ ମୃତ୍ୟୁ ହୋଇଥିବା ନେଇ ଅନୁମାନ କରାଯାଉଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନ ଥିବାବେଳେ ରେଳବାଇ ପୁଲିସ ତଦନ୍ତ ଜାରି ରଖିଛି।

**୩ ଦିନ ପରେ ଗଣେଶ ପୂଜା**

# ମୂର୍ତ୍ତି ପ୍ରସ୍ତୁତିରେ ନିମଗ୍ନ କାରିଗର

ଖୋର୍ଦ୍ଧା,୨୩।୮ (ସମିସ): ପାର୍ବଣ ପ୍ରସ୍ତୁତିର ପ୍ରଥମପର୍ବ ମୂର୍ତ୍ତି ଗଢ଼ାରୁ ଆରମ୍ଭ ହୋଇଥାଏ। ଗଜାନନଙ୍କ ପୂଜାକୁ ଆଉ ମାତ୍ର ୩ ଦିନ। ଏହାକୁ ନେଇ ବିଭିନ୍ନ ପୂଜାମଣ୍ଡପଠାରୁ ଆରମ୍ଭ କରି ଧାର୍ମିକ ପୀଠଗୁଡ଼ିକରେ ପ୍ରସ୍ତୁତି ଜୋର୍‌ଦାର୍ ଚାଲିଛି। ଚଳିତବର୍ଷ ପୂଜାକୁ ଅତି ଆଡ଼ମ୍ବର ସହିତ ପାଳନ କରିବା ନେଇ ଖୋର୍ଦ୍ଧା ଓ ଜଟଣୀ ସହରର ବିଭିନ୍ନ ପୂଜା ମଣ୍ଡପଗୁଡ଼ିକ ଚଳଚଞ୍ଚଳ ହେବାରେ ଲାଗିଛି। ଏହା ବ୍ୟତୀତ ବିଭିନ୍ନ ଆକର୍ଷଣୀୟ ତୋରଣ ଓ ମୂର୍ତ୍ତିକୁ ନେଇ ପୂଜା କମିଟିଗୁଡ଼ିକ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଛି। ବିଭିନ୍ନ ସ୍ଥାନରେ ପ୍ରାୟ ୨ଫୁଟ୍‌ର ମୂର୍ତ୍ତିଠାରୁ ଆରମ୍ଭ କରି ୨୨ ଫୁଟ୍ ପର୍ଯ୍ୟନ୍ତ ମୂର୍ତ୍ତି ପ୍ରସ୍ତୁତ କରିବାରେ ଶିଳ୍ପୀ ଏବେ ମଗ୍ନ। ମୂର୍ତ୍ତିର ଦର ପ୍ରାୟ ୨୦୦ରୁ ଆରମ୍ଭ କରି ୪୩ ହଜାର ଟଙ୍କା ଯାଏଁ ରହିଥିବା ଦେଖାଯାଇଛି।

ଖୋର୍ଦ୍ଧା ଗୁରୁଜଙ୍ଗସ୍ଥିତ ମାଳିସାହିର ଅଭିଜ୍ଞ ମୂର୍ତ୍ତି କାରିଗର ଦେବାଶିଷ ରଣା(୨୮) ଶ୍ରୀଗଜାନନଙ୍କ ମୂର୍ତ୍ତି ତିଆରି କରିବାରେ ଦିନ ରାତି ଏକ କରିଦେଇଛନ୍ତି। ତାଙ୍କୁ ତାଙ୍କ ବଡ଼ଭାଇ ଆଶିଷ ରଣା (୩୨), ସାନ ଭାଇ ଶୁଭାଶିଷ ରଣା ସହଯୋଗ କରୁଥିବାବେଳେ ମୂର୍ତ୍ତି ପ୍ରସ୍ତୁତିର ଶ୍ରେୟ କିନ୍ତୁ ସେ ତାଙ୍କ ବାପା ଜଟାଧାରୀ ରଣାଙ୍କୁ ଦେଇଛନ୍ତି। ଦେବାଶିଷଙ୍କ କହିବା କଥା, ଆଜକୁ ୩୧ବର୍ଷ ହେବ ତାଙ୍କ ବାପା ଗଜାନନଙ୍କ ମୂର୍ତ୍ତି ପ୍ରସ୍ତୁତ କରୁଥିଲେ। ସେହିପରି ବର୍ଷବ୍ୟାପୀ ଅନୁଷ୍ଠିତ ପର୍ବର ଦେବଦେବୀଙ୍କ ପ୍ରତିମୂର୍ତ୍ତିକୁ ମଧ୍ୟ ସେ ପ୍ରସ୍ତୁତ କରୁଥିଲେ। ତେଣୁ ତାଙ୍କରି ପ୍ରେରଣାରେ ସେ ମୂର୍ତ୍ତି କାମ ଶିଖିଥିବାବେଳେ ଏବେ କିନ୍ତୁ ବାପା କାମ ସମୟରେ ସହଯୋଗ କରୁଛନ୍ତି। ଗଣେଶ ମୂର୍ତ୍ତି ପ୍ରସ୍ତୁତି ଲାଗି ଅକ୍ଷୟ ତୃତୀୟାଠାରୁ ମାଟି ପୂଜା ଆରମ୍ଭ ହୋଇଥାଏ। ଉକ୍ତ ମାଟି ସେ ଖୋର୍ଦ୍ଧା ନିକଟସ୍ଥ ପାଇକ ତିଗିରିଆ, ମଧୁପୁର ପ୍ରମୁଖ ଅଞ୍ଚଳରୁ ଆଣିଥା'ନ୍ତି। ଗୋଟିଏ ଟ୍ରିପ୍ ମାଟି ବାବଦ ୮ରୁ ୧୦ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିବାବେଳେ ଗୋଟିଏ ଟ୍ରିପ୍ ମାଟିରେ ୧୨ଫୁଟ୍ ଉଚ୍ଚା ବିଶିଷ୍ଟ ୧୫ରୁ ୧୮ଟି ମୂର୍ତ୍ତି ତିଆରି ହୋଇଥାଏ। ମାତ୍ର ବର୍ତ୍ତମାନ ମୂର୍ତ୍ତି ପ୍ରସ୍ତୁତି ନିମନ୍ତେ ଆବଶ୍ୟକୀୟ ମାଟିର କୃତ୍ରିମ ଅଭାବ ଦେଖାଯାଇଥିବାବେଳେ ତାହା ଯୋଗାଡ଼ କରିବା ତାଙ୍କ ପାଇଁ ଏବେ କଷ୍ଟସାଧ୍ୟ ହୋଇପଡ଼ିଛି। ମୂର୍ତ୍ତି ପ୍ରସ୍ତୁତ ନିମନ୍ତେ କାଠ, ପଟା, ସୁତୁଲି, ନଡ଼ା ବା ଛଣ ଏବଂ ଖୋଟଅଖାର ଅହେତୁକ ଦରବୃଦ୍ଧି ମୂର୍ତ୍ତି ପ୍ରସ୍ତୁତ କରିବାରେ ଏବେ ବାଧକ ସାଜୁଛି। ସେହିପରି କାଠ ଆଣିବା କ୍ଷେତ୍ରରେ ଜଙ୍ଗଲ ବିଭାଗର କଟକଣା ପ୍ରତିବନ୍ଧକ ସାଜିଥିବାବେଳେ ବାଧ୍ୟ ହୋଇ ଦୁଇଗୁଣା ଦର ଦେଇ ସ'ମିଲ୍‌ରୁ ପଟା କିଣିବାକୁ ପଡୁଥିବା ସେ କହିଛନ୍ତି। ଦୀର୍ଘ ୬ ମାସ ଧରି ଭାଇ ଦୁଇଜଣଙ୍କ ସମେତ ରଜନୀକାନ୍ତ କଅଁର, ସନାତନ ସାହୁ, ସୁଶିଲ ସ୍ୱାଇଁ, ଆଦିତ୍ୟ ଦାସ, କୁମୁଦ ଚନ୍ଦ୍ର ମଲ୍ଲିକ, ଶୁଭମ୍ ଦାସ ପ୍ରମୁଖ ୧୦ଜଣ କାରିଗର ତାଙ୍କୁ ମୂର୍ତ୍ତି ପ୍ରସ୍ତୁତିରେ ସହଯୋଗ କରୁଥିବା ପ୍ରକାଶ କରିଛନ୍ତି।



୧୨ଫୁଟ୍ ଉଚ୍ଚତା ବିଶିଷ୍ଟ ଏକ ମୂର୍ତ୍ତି ତିଆରି ଲାଗି ପାରିଶ୍ରମିକକୁ ବାଦ୍ ଦେଇ ୮ରୁ ୧୦ ହଜାର ଟଙ୍କା ଖର୍ଚ୍ଚ ହେଉଥିବାବେଳେ ମୂର୍ତ୍ତି ସଜାଇବା ଲାଗି କଟକରୁ ବିଭିନ୍ନ ପ୍ରକାର ରଙ୍ଗ ଓ କୋଲକାତାରୁ ମୁକୁଟ ଆଣୁଥିବା ସେ କହିଛନ୍ତି। ୩ ଫୁଟ୍ ଉଚ୍ଚତାରୁ ଆରମ୍ଭ କରି ୧୯ ଫୁଟ୍ ଉଚ୍ଚତା ପର୍ଯ୍ୟନ୍ତ ମୂର୍ତ୍ତି ଚଳିତ ବର୍ଷ ତିଆରି ଚାଲିଥିବା କହିଥିବାବେଳେ ୫ହଜାରରୁ ଆରମ୍ଭ କରି ୪୩ ହଜାର ଟଙ୍କା ମୂଲ୍ୟରେ ଏହା ବିକ୍ରି ହେଉଥିବା ସେ ପ୍ରକାଶ କରିଛନ୍ତି।

### ସୋମବାରଠାରୁ ମୂର୍ତ୍ତି ପାଇଁ ଜମିବ ଭିଡ଼

ମୂର୍ତ୍ତି ନେବା ଲାଗି ସୋମବାରଠାରୁ ଗୁରୁଜଙ୍ଗ ଧବଳେଶ୍ୱରଙ୍କ ପଡ଼ିଆରେ ଖୋର୍ଦ୍ଧା ସହର ସମେତ ନିରାକାରପୁର, ଜଙ୍କିଆ, ମଳିପଡ଼ା, ଜଟଣୀ, ଯାଆଁଳା, ତମାଣ୍ଡୋ, ପାତ୍ରପଡ଼ା, ଗେଡ଼ିଆପଲ୍ଲୀ, କଳାପଥର ଓ ବାଙ୍କୀର ଗ୍ରାହକମାନଙ୍କ ଭିଡ଼ ଜମିବ। ସେହିଭଳି ଜିଲ୍ଲା ବାହାରର ଗଞ୍ଜାମ, ନୟାଗଡ଼ ପ୍ରଭୃତି ଅଞ୍ଚଳରୁ ଗ୍ରାହକମାନେ ମଧ୍ୟ ଏକାଠି ହେବେ। ଚଳିତ ବର୍ଷ ବିକୃତ ଗଣେଶ ମୂର୍ତ୍ତିକୁ ବାଦ୍ ଦିଆଯାଇ ବାଲ୍ ଗଣେଶ, ସପ୍ତଫେଣୀ, ପଞ୍ଚଫେଣୀ ଗଣେଶ, ଶିବ ଅବତାର, ଗଛ ଗଣେଶ, ହଂସାରୂଢ଼ ଗଣେଶ ସମେତ ବମ୍ବେ ଡିଜାଇନ୍‌ର ମୂର୍ତ୍ତିର ଅଧିକ ଚାହିଦା ରହିଥିବା କହିଛନ୍ତି।

## 'ସହଯୋଗ' ପକ୍ଷରୁ ବୃଦ୍ଧାଶ୍ରମରେ ଶୁଖିଲା ଖାଦ୍ୟ ବଣ୍ଟନ



ନିରାକାରପୁର,୨୩।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର 'ସହଯୋଗ' ପରିବାର ତରଫରୁ ଶନିବାର ବରିଷ୍ଠ ଉପଦେଷ୍ଟା ତଥା ସମାଜସେବୀ ରବି ନାରାୟଣ ବେହେରାଙ୍କ ଭାଇ ଅନିରୁଦ୍ଧ ବେହେରାଙ୍କ ଶ୍ରାଦ୍ଧ ଦିବସ ଅବସରରେ ଖୋର୍ଦ୍ଧା ଜିଲ୍ଲା ମୋଟାସ୍ଥିତ ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କୁ ପାଉଁରୁଟି, ବିସ୍କୁଟ, ମୁଢ଼ି, ଚୁଡ଼ା ଓ ପାଣି ବୋତଲ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସକ୍ରିୟ ସଭ୍ୟ ଶ୍ୟାମ ସୁନ୍ଦର ପଟ୍ଟନାୟକ, ସାମ୍ବାଦିକ ମାନସ ଚନ୍ଦ୍ର ପଟ୍ଟନାୟକ, ପଲ୍ଲବୀ ପ୍ରିୟଦର୍ଶିନୀ ପଟ୍ଟନାୟକ ଓ ପ୍ରଭାକର ଜୟସିଂହ ପ୍ରମୁଖ ସହଯୋଗ କରିଥିଲେ। ଆବାହକ ହିମାଂଶୁ ଭୂଷଣ ଚମ୍ପତିରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଏହି ଅବସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସହଯୋଗ ସଭ୍ୟ ଅଧ୍ୟାପକ ଅଭିରାମ ପଣ୍ଡା, ବିଦ୍ୟାଧର ବିଶ୍ୱାଳ, ବାସୁଦେବ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାଗ୍ରସ୍ତ ଯୁବକଙ୍କ ମିଳିଲାନି ପରିଚୟ

ବେଗୁନିଆ,୨୩।୮ (ସମିସ): ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥରେ ଗତ ଦୁଇ ମାସ ତଳେ ଜଣେ ଯୁବକ ଦୁର୍ଘଟଣାଗ୍ରସ୍ତ ହୋଇ ଆହତ ହୋଇଥିଲା। ଏଥିରେ ବାଘମାରୀ ଥାନା ଅଟ୍ରି ଗ୍ରାମର କରୁଣାକର ଚମ୍ପତି ପହଞ୍ଚି ଆହତ ଯୁବକଙ୍କର ଚିକିତ୍ସା ଆରମ୍ଭ କରିଥିଲେ। ବର୍ତ୍ତମାନ ଯୁବକ



ଜଣକ ସୁସ୍ଥ ହୋଇଥିବାବେଳେ ଲେଖାପଢ଼ା ଓ କଥାବାର୍ତ୍ତା କରିପାରୁ ନ ଥିବାରୁ ତାଙ୍କ ପରିଚୟ ମିଳିବା ସମ୍ଭବପର ହୋଇପାରୁ ନାହିଁ ବୋଲି ଶ୍ରୀ ଚମ୍ପତି କହିଛନ୍ତି। ତେବେ ଯୁବକଟିର ପରିଚୟ ନିମନ୍ତେ ବାଘମାରୀ ଥାନା କିମ୍ବା ୮୭୫୮୦୨୩୪୪୩ରେ ଯୋଗାଯୋଗ କରିବାକୁ ଅନୁରୋଧ କରିଛନ୍ତି।

## ସମାଜସେବୀ ଉପେନ୍ଦ୍ରଙ୍କ ପରଲୋକ

ଟାଙ୍ଗୀ,୨୩।୮ (ସମିସ): ଶୁକ୍ରବାର ବିଳମ୍ବିତ ରାତିରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ ମଙ୍ଗଳାଯୋଡ଼ିର ବିଶିଷ୍ଟ ସମାଜସେବୀ ଉପେନ୍ଦ୍ର ପଟ୍ଟନାୟକ(୯୪)ଙ୍କ ପରଲୋକ ଘଟିଛି। ହଠାତ ପରିସ୍ରା ବନ୍ଦ ହେବା ଯୋଗୁଁ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥାରେ ପରିବର୍ତ୍ତନ ନ ହେବାରୁ ଭୁବନେଶ୍ୱର ଏମ୍‌ସ, ସେଠାରୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ଶନିବାର ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ଜଣାପଡ଼ିଛି। ଉପେନ୍ଦ୍ର ଅଞ୍ଚଳରେ ଜଣେ ଜଣାଶୁଣା, ପରୋପକାରୀ ବ୍ୟକ୍ତି ଥିଲେ। ମଙ୍ଗଳାଯୋଡ଼ି ସରପଞ୍ଚ ମାନସ ରଞ୍ଜନ ସାମନ୍ତରାୟ, ସର୍ବେଶ୍ୱର ସାହୁ, ପ୍ରଭାତ ସାମନ୍ତରାୟ, ମାନସ ପ୍ରଧାନ ପ୍ରମୁଖ ଅଞ୍ଚଳର ଶତାଧିକ ଶୁଭେଚ୍ଛୁ ଶୋକବ୍ୟକ୍ତ କରିବା ସହ ଅନ୍ତିମ ଦର୍ଶନ କରିଥିଲେ। ପୁତ୍ର ଉମେଶ ମୁଖାଗ୍ନି ଦେଇଥିଲେ।



## ମା' ସନ୍ତୋଷୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ନିରାକାରପୁର,୨୩।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ପଞ୍ଚାୟତ ପଦ୍ମପୁର ଗ୍ରାମରେ ମା' ସନ୍ତୋଷୀଙ୍କ ପୀଠରେ ସପ୍ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ପୀଠରେ ଦୁଇ ଦିନ ଧରି ହୋମଯଜ୍ଞ, ନାମ ସଙ୍କୀର୍ତ୍ତନ ସହିତ ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଶୁକ୍ରବାର ପୂର୍ଣ୍ଣାହୁତି ଅବସରରେ ବହୁ ସଂଖ୍ୟାରେ ଭକ୍ତ ଯୋଗଦେଇ ମା'ଙ୍କ ଆଶିଷଲାଭ କରିଥିଲେ।

## ଫୁଟ୍‌ବଲ ଲିଗ୍: ମର୍ଣ୍ଣିଂ କ୍ଲବ୍ ଖୋର୍ଦ୍ଧା-ପୋଡ଼ପୋଡ଼ା ମ୍ୟାଚ୍ ଡ୍ର

ଖୋର୍ଦ୍ଧା,୨୩।୮ (ସମିସ): ଶରଧାପୁର ସ୍ପୋର୍ଟ୍ସ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ଶରଧାପୁର ଫୁଟ୍‌ବଲ୍ ଲିଗ୍ ୫ମ ଦିବସ ମ୍ୟାଚ୍ ଡ୍ର ରହିଛି। ଶନିବାର ସ୍ଥାନୀୟ ଖେଳପଡ଼ିଆରେ ୨ ଭେଟେରାନ୍ ଦଳ ମର୍ଣ୍ଣିଂ କ୍ଲବ୍ ଖୋର୍ଦ୍ଧା ବନାମ ପୋଡ଼ପୋଡ଼ା ଦଳ ଅନୁଷ୍ଠିତ ହୋଇଥିଲା। ଖେଳ ଶେଷ ହେବା ସୁଦ୍ଧା ଉଭୟ ଦଳ ୩-୩ ବ୍ୟବଧାନରେ ରହିଥିଲା। ଫଳରେ ମ୍ୟାଚ୍‌କୁ ଡ୍ର କରାଯାଇଥିବା କମିଟି ପକ୍ଷରୁ କୁହାଯାଇଛି। ମ୍ୟାଚ୍‌ରେ ରେଫେରୀ ସାଗିର ଅହେମ୍ମଦଙ୍କୁ ସହଯୋଗ କରିଥିଲେ ଇଜାଜ ହୁସେନ, ସୈକତ ଅହେମ୍ମଦ ଏବଂ ଅମ୍‌ଜଦ ଖାଁ। ରବିବାର ମ୍ୟାଚ୍ ଆୟୋଜକ ଟିମ୍ ସହ ଯୋଗମାୟା କ୍ଲବ୍ ତରତୁଆ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କମିଟି ସମ୍ପାଦକ ଏସ୍.ଇ ହୁଦା ସୂଚନା ଦେଇଛନ୍ତି। ସଂଘ ସଭାପତି ମହମ୍ମଦ ଜମିବୁର ରେହମାନ, ଲକ୍ଷ୍ମୀଧର ବଡ଼ଜେନା, ଏସ୍.କେ ସମ୍‌ସର ଅଲ୍ଲୀ, ଲକ୍ଷ୍ମୀଧର ଘଡ଼େଇ, ମୀନକେତନ ବଡ଼ଜେନା ଏବଂ ଅନ୍ୟ ସଦସ୍ୟ ଉଭୟ ଦଳ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ବିପଦସଙ୍କୁଳ ଅବସ୍ଥାରେ ଟ୍ରାନ୍ସଫର୍ମର

● ନାଚୁଣୀ ବିଦ୍ୟୁତ୍ ବିଭାଗର ଭାଙ୍ଗୁନି ନିଦ

ଗମ୍ଭାରୀମୁଣ୍ଡା,୨୩।୮ (ସମିସ): ନାଚୁଣୀ ବିଦ୍ୟୁତ୍ ବିଭାଗ ଅଧୀନରେ ସୁନାଖଳାରୁ ଆୟତପୁର୍ ମଧ୍ୟରେ ଥିବା ଦଧିବାମନପୁରରେ ଥିବା ଗୋଟିଏ ଅସୁରକ୍ଷିତ ମୁକୁଳା ଟ୍ରାନ୍ସଫର୍ମର ବର୍ତ୍ତମାନ ବିପଦକୁ ନିମନ୍ତ୍ରଣ କରୁଛି। ଟ୍ରାନ୍ସଫର୍ମରର ଫ୍ୟୁଜ୍ ଷ୍ଟାଣ୍ଡ ଲୁହା ଆଙ୍ଗେଲ୍ ଲୁଣିଖାଇ ଭାଙ୍ଗି ଓହଳିବା ସହ ମୁକୁଳା ପଡ଼ିଛି। ଏଥିସହ ଟ୍ରାନ୍ସଫର୍ମରରେ ଗଛଲତା ମାଡ଼ି ରହିଛି। ଫ୍ୟୁଜ୍ ଷ୍ଟାଣ୍ଡଟି ତଳୁଆ ଥିବାରୁ ମଣିଷ ଓ ଗୃହପାଳିତ ପଶୁଙ୍କ ପାଇଁ ବିପଦ ସୃଷ୍ଟି ହୋଇଛି। ଏହା ସଂସ୍ପର୍ଶରେ ଆସି



କୌଣସି ବଡ଼ ଅଘଟଣ ଘଟିବା ପୂର୍ବରୁ ବିଦ୍ୟୁତ୍ ବିଭାଗ ଟ୍ରାନ୍ସଫର୍ମର ଚାରିପଟେ ପାଚେରି ନିର୍ମାଣ କରିବା ସହିତ ନଷ୍ଟ ହୋଇଯାଇଥିବା ଲୁହା ଆଙ୍ଗେଲ୍‌କୁ ତୁରନ୍ତ ବଦଳେଇବା ନିହାତି ଜରୁରୀ ହୋଇପଡ଼ିଛି। ଟ୍ରାନ୍ସଫର୍ମରଟି ମୁଖ୍ୟ ଛକ କଡ଼ରେ ଥିବାବେଳେ ନିକଟରେ ଗୋଟିଏ ମହାବିଦ୍ୟାଳୟ ରହିଛି। ସେହି ବାଟ ଦେଇ ଛୋଟ ପିଲା, ବାଟୋଇ, ବ୍ୟବସାୟୀ, ସାଧାରଣ ଜନତା ଯାତାୟାତ କରୁଛନ୍ତି। ସେମାନଙ୍କ ସୁରକ୍ଷା ଦୃଷ୍ଟିରୁ ଟ୍ରାନ୍ସଫର୍ମର ଚାରିପଟେ ପାଚେରି କିମ୍ବା ତାରବାଡ଼ ବୁଲାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ସମ୍ପୂର୍ଣ୍ଣ ଗାଁର ବିଦ୍ୟୁତ୍‌ଦେୟ ବନ୍ଦ କରିବେ ବୋଲି ଗଣମାଧ୍ୟମକୁ ଜଣାଇଛନ୍ତି।

## ଟାଙ୍ଗୀକୁ ଏନ୍‌ଏସି ମାନ୍ୟତା ଦାବି; ୨୫ରେ ଆନ୍ଦୋଳନ



ଟାଙ୍ଗୀ,୨୩।୮ (ସମିସ): ଖୋର୍ଦ୍ଧା ଜିଲ୍ଲାର ପ୍ରମୁଖ ଟାଙ୍ଗୀକୁ ଏନ୍‌ଏସି ମାନ୍ୟତା ଦାବିରେ ଶନିବାର ସ୍ଥାନୀୟ ରତ୍ନମାଳୀଙ୍କ ମନ୍ଦିର ପରିସରରେ ପୂର୍ବତନ ଖୋର୍ଦ୍ଧା ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୂର୍ବତନ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ, ପ୍ରଦୀପ ମହାପାତ୍ର, ଆଡ୍‌ଭୋକେଟ୍ ରମେଶ କୁମାର ବେହେରା, ଅଶୋକ ମହାପାତ୍ର, ବ୍ରଜବନ୍ଧୁ ଦାସ, ମାନସ ରଞ୍ଜନ ବଳିୟାରସିଂହ, ଉପେନ୍ଦ୍ର କୁମାର ସାହୁ, ବୁଲୁ ରାଉତ, କଳିଙ୍ଗ ବିଶ୍ୱାଳ, ମଣ୍ଟୁ ମହାନ୍ତି, ନୀଳକଣ୍ଠ ବେହେରା ପ୍ରମୁଖ ବିଜୁ ଜନତା ଦଳର ଛାମୁଆ ନେତାମାନେ ଯୋଗଦେଇ ନିଜ ନିଜର ମତ ରଖିଥିଲେ। ଆସନ୍ତା ୨୫ ତାରିଖରେ ଟାଙ୍ଗୀ ମଧୁମଙ୍ଗଳ ପଡ଼ିଆଠାରୁ ଏକ ଶୋଭାଯାତ୍ରା ବାହାରି ବ୍ଲକ୍ ଅଫିସ ପର୍ଯ୍ୟନ୍ତ ଆସିବା ପରେ ବିଡିଓଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ଏଥିରେ ଟାଙ୍ଗୀର ସମସ୍ତ ଜନସାଧାରଣ ଓ ସାମ୍ବାଦିକ, ଓକିଲ ସଂଘ, ଅବସରପ୍ରାପ୍ତ କର୍ମଚାରୀ ସଂଘ, ଯୁବକ ସଂଘଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଟାଙ୍ଗୀର ନ୍ୟାଯ୍ୟ ଦାବିକୁ ଉପସ୍ଥାପିତ କରିବେ ବୋଲି ଆବାହକ ଶ୍ରୀ ମହାପାତ୍ର ସମସ୍ତଙ୍କୁ ନିବେଦନ କରିଛନ୍ତି।

## ୬ ଦିନରେ ବେସରକାରୀ ଅଧ୍ୟାପକ, କର୍ମଚାରୀଙ୍କ ଆନ୍ଦୋଳନ



ଖୋର୍ଦ୍ଧା,୨୩।୮ (ସମିସ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ଭୁବନେଶ୍ୱରର ଖୋର୍ଦ୍ଧା ଖଣ୍ଡ ଆନୁକୁଲ୍ୟରେ ସଂଘର ସଭାପତି ବିଶ୍ୱରଞ୍ଜନ ଦାସଙ୍କ ଆହ୍ୱାନକ୍ରମେ ସ୍ଥାନୀୟ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ସଂଘର ଖୋର୍ଦ୍ଧା ଜିଲ୍ଲା ସଂଯୋଜକ ଅଜୟ କୁମାର ସାହୁ ଓ ଖୋର୍ଦ୍ଧା ଖଣ୍ଡ ସଂଯୋଜକ ପ୍ରମୋଦ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଚାଲିଥିବା ଅଧ୍ୟାପକ ଓ କର୍ମଚାରୀଙ୍କ ଆନ୍ଦୋଳନ ଷଷ୍ଠ ଦିନରେ ପହଞ୍ଚିଛି। ସଙ୍ଘର ଦାବି ପୂରଣ ନ ହେବା ଯାଏଁ ଏ ଆନ୍ଦୋଳନ ଜାରି ରହିବ ବୋଲି ସଂଘର ସଦସ୍ୟମାନେ ପ୍ରକାଶ କରିଛନ୍ତି। ଏଠାରେ ୫୨ଜଣ ଆଧ୍ୟାପକ-ଅଧ୍ୟାପିକା ଓ କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଫଳରେ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଛି।

# 'ତ୍ରିକଳିଙ୍ଗ' ଉନ୍ମୋଚିତ ଓ ପାଇକ ବିଦ୍ରୋହ ସମ୍ପର୍କିତ ସମ୍ମାନ

**ସତ୍ୟବାଦୀ ବଳିୟାରସିଂହଙ୍କୁ ତ୍ରିକଳିଙ୍ଗ ଇତିହାସ ସମ୍ମାନ**

**ଲକ୍ଷ୍ମୀଧର ବଡ଼ଜେନାଙ୍କୁ ତ୍ରିକଳିଙ୍ଗ ସଂସ୍କୃତି ସମ୍ମାନ ପ୍ରଦାନ**

ଖୋର୍ଦ୍ଧା,୨୩।୮ (ସମିସ): ସ୍ଥାନୀୟ ମହିଳା ମହାବିଦ୍ୟାଳୟ ପରିସରରେ ଐତିହାସିକ ଜର୍ଣ୍ଣାଲ ତ୍ରିକଳିଙ୍ଗର ଷୋଡ଼ଶ ସଂଖ୍ୟାର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗ ଓ ତ୍ରିକଳିଙ୍ଗର ମିଳିତ ଉଦ୍ୟମରେ 'ଭାରତୀୟ ଜାତୀୟ ମୁକ୍ତି ସଂଗ୍ରାମରେ ପାଇକ ବିଦ୍ରୋହର ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ପ୍ରାଧ୍ୟାପକ ଗବେଷକ ଗୋପାଳକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଏହି ଆଲୋଚନାଚକ୍ରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳସଚିବ ପ୍ରଫେସର ନାରାୟଣ ରାଓ ମୁଖ୍ୟ ଅତିଥି, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳସଚିବ ପ୍ରଫେସର ପ୍ରସନ୍ନ ଜେନା ମୁଖ୍ୟବକ୍ତା ଓ ସମାଜସେବୀ ଦିଲ୍ଲୀପ ପଟ୍ଟନାୟକ ସମ୍ମାନିତ ଅତିଥିରୂପେ ଯୋଗଦେଇ ଭାରତର ବିଭିନ୍ନ ପ୍ରଦେଶରେ ହୋଇଥିବା ସଂଗ୍ରାମ ସହ ପାଇକ ବିଦ୍ରୋହର ତୁଳନାତ୍ମକ ଆଲୋଚନା ଓ ଏହାର ବୈଶିଷ୍ଟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବରିଷ୍ଠ ଗବେଷକ ସତ୍ୟବାଦୀ ବଳିୟାରସିଂହ ଓ ଗବେଷକ ଲକ୍ଷ୍ମୀଧର ବଡ଼ଜେନାଙ୍କୁ ଯଥାକ୍ରମେ ତ୍ରିକଳିଙ୍ଗ ଇତିହାସ ସମ୍ମାନ ଏବଂ ତ୍ରିକଳିଙ୍ଗ ସଂସ୍କୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସମାଜସେବୀ ନରେନ୍ଦ୍ର ପୃଷ୍ଟିଙ୍କୁ କଳାବିନୋଦ ସମାଜସେବା ସମ୍ମାନ ଓ ସାହିତ୍ୟ ସାଧକ ଶିବସୁନ୍ଦର ପଟ୍ଟନାୟକଙ୍କୁ କଳାବିନୋଦ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା।



ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ଡ. ମୌସୁମୀ ପଟେଲଙ୍କ ସଂଯୋଜନାରେ ତ୍ରିକଳିଙ୍ଗର ମୁଖ୍ୟ ସମ୍ପାଦକ ବୈକୁଣ୍ଠନାଥ ରାଜଗୁରୁ ପତ୍ରିକାର ଲକ୍ଷ୍ୟ, ଗବେଷଣା ଓ ପ୍ରକାଶନ ସମ୍ପର୍କରେ ଆଲୋକପାତ କରିଥିଲେ। ତ୍ରିକଳିଙ୍ଗର ପ୍ରତିଷ୍ଠାତା ସମ୍ବିତ୍ ପଟ୍ଟନାୟକ ଆଲୋଚନାଚକ୍ରର ଆଭିମୁଖ୍ୟ ଓ ଜାତୀୟ ମୁକ୍ତି ସଂଗ୍ରାମରେ ପାଇକ ବିଦ୍ରୋହର ସ୍ଥାନ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଅଧକ୍ଷା ପୁଷ୍ପାଞ୍ଜଳି ଶ୍ରୀଚନ୍ଦନ, ପ୍ରାକ୍ତନ ଇତିହାସ ବିଭାଗ ମୁଖ୍ୟ କବିତା କୁମାରୀ ସ୍ୱାଇଁ ପାଇକ ବିଦ୍ରୋହର ଦିଗଦିଗନ୍ତ ସମ୍ପର୍କରେ ସଦୃଷ୍ଟାନ୍ତ ତଥ୍ୟ ଉପସ୍ଥାପନା କରିଥିଲେ। ରାଜ୍ୟ ପୁରସ୍କାରପ୍ରାପ୍ତ ବୃତ୍ତଚଳଚ୍ଚିତ୍ର ପାଇକ ବିଦ୍ରୋହ ପ୍ରଦର୍ଶିତ ହୋଇଥିଲା। ଏହି ଉତ୍ସବକୁ ପରିଷଦର ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ଓ ଇତିହାସ ବିଭାଗ ଅଧ୍ୟାପକ ରମାକାନ୍ତ ପ୍ରଧାନ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପାଇକ ବିଦ୍ରୋହ ସମ୍ପର୍କିତ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଅଧ୍ୟାପିକା କଳ୍ପନା ରଣା ଧନ୍ୟବାଦ ଦେଇଥିଲେ।